
ପଣ୍ଡିତ ନୀଳକଂଠଙ୍କ

# ଅପ୍ରକାଶିତ ରଚନାବଳୀ

ଓଡ଼ିଆ ସାହିତ୍ୟର କ୍ରମପରିଣାମ

୩ୟ ଭାଗ



ଓଡ଼ିଆ ଭାଷା ଓ ଲିପିର କ୍ରମବିକାଶ

ପଣ୍ଡିତ ନୀଳକଂଠ ସ୍ମୃତି ସମିତି

Digitized by PPRACHIN, SOA

# ପଣ୍ଡିତ ନୀଳକଂଠଙ୍କ ଅପ୍ରକାଶିତ ରଚନାବଳୀ


୧ । ଓଡ଼ିଶା ସାହିତ୍ୟର କ୍ରମ ପରିଣାମ- ତୃତୀୟ ଭାଗ

୨ । ଓଡ଼ିଆ ଭାଷା ଓ ଲିପିର କ୍ରମ ବିକାଶ

୩ । ପରିଶିଷ୍ଟ



ପଣ୍ଡିତ ନୀଳକଂଠ ସ୍ମୃତି ସମିତି

୩୦୩, ଖାରବେଲନଗର

ଭୁବନେଶ୍ୱର- ୧


Digitized by PPRACHIN, SOA

# ପଣ୍ଡିତ ନୀଳକଂଠଙ୍କ ଅପ୍ରକାଶିତ ରଚନାବଳୀ

୧ମ : ଓଡ଼ିଆ ସାହିତ୍ୟର କ୍ରମ ପରିଣାମ– ୩ୟ ଭାଗ
୨ୟ : ଓଡ଼ିଆ ଭାଷା ଓ ଲିପିର କ୍ରମବିକାଶ
ସଂଗ୍ରାହକ : ଇଂ ମଧୁସୂଦନ ଦାଶ, ଭୁବନେଶ୍ୱର
ସଂକଳକ : ଡଃ ମହେନ୍ଦ୍ର କୁମାର ମିଶ୍ର, ଖଡ଼ିଆଳ
ପ୍ରକାଶକ : ପଣ୍ଡିତ ନୀଳକଂଠ ସ୍ମୃତିସମିତି
୩୦୩, ଖାରବେଳ ନଗର
ଭୁବନେଶ୍ୱର–୭୫୧୦୦୧
ମୁଦ୍ରାକର : କ୍ୱାଲିଟି ପ୍ରେସ୍ (ପ୍ରା) ଲିମିଟେଡ
ଇଣ୍ଡଷ୍ଟ୍ରିଆଲ ଏରିଆ
ଭୁବନେଶ୍ୱର– ୭୫୧୦୦୧
ପ୍ରଥମ ସଂସ୍କରଣ : ୧୯୯୦
ମୂଲ୍ୟ : ସାଧା ସିଲାଇ– ଟ ୨୦–୦୦
ବୋର୍ଡ ବଂଧାଇ– ଟ ୨୫–୦୦

**UNPUBLISHED WRITINGS OF PANDIT NILAKANTHA**

1st. Part
**Oriya Bhasa ~O~ Sahityara Krama Parinama~ Vol III**

2nd Part
**Oriya Bhasa -O- Lipira Krama Bikash**

Collection
**Eng. Madhu Sudan Das**
Editior
**Dr. Mahendra Kumar Misra,** Khadial
Publisher
**Pandit Nilakantha Smruti Samiti**
303, Kharabela Nagar
Bhubaneswar–751001

Printed at
**Kwality Press (P) Ltd.**
Bhubaneswar-751001
1st Edition-1990

Price
Rs 20.00 (Paper Pack)
Rs 25.00 (Board Bound)

Digitized by PPRACHIN, SOA

# ସୂଚୀ ପତ୍ର

(କ) ପ୍ରକାଶନ ସଂପର୍କରେ ସ୍ମୃତି ସମିତି ତରଫରୁ

(ଖ) ପ୍ରକାଶନ ସଂପର୍କରେ ବିଶିଷ୍ଟ ଅଧ୍ୟାପକମାନଙ୍କର ମତାମତ

(ଗ) ନୀଳକଂଠଂଙ୍କ ଅପ୍ରକାଶିତ ରଚନାବଳୀ ସଂକଳନ ସଂପର୍କରେ-

## ଓଡ଼ିଆ ସାହିତ୍ୟର କ୍ରମ ପରିଣାମ- ୩ୟ ଭାଗ

ପ୍ରଥମ ଅଧ୍ୟାୟ-

**ପରଂପରାର କଳନା ଓ ପ୍ରଭାବ** ପୃ ୧

ଦ୍ୱିତୀୟ ଅଧ୍ୟାୟ-

**ଓଡ଼ିଆ ଭାଷା ଓ ଲିପିର କ୍ରମବିକାଶ** ପୃ ୩୦

୧ । ପ୍ରସ୍ତାବନା ପୃ ୩୦

୨ । ଓଡ଼ିଆ ଭଷା ଓ ବ୍ୟାକରଣ ପୃ ୩୫

୩ । ଓଡ଼ିଆ ଭଷା ଓ ଲିପି ସଂକେତ ପୃ ୬୦

ପରିଶିଷ୍ଟ ପୃ ୭୪

୧ । ବିଶ୍ୱ ସଂସ୍କୃତିକୁ ଓଡ଼ିଶାର ଦାନ ପୃ ୭୫

୨ । ଭରତୀୟ ସଂସ୍କୃତିକୁ ଓଡ଼ିଶାର ଦାନ ପୃ ୮୯

୩ । ଓଡ଼ିଶାରେ ଜୈନ ଧର୍ମ ପୃ ୧୦୪

Digitized by PPRACHIN, SOA

# ପ୍ରକାଶନ ସଂପର୍କରେ
## ସ୍ମୃତି ସମିତି ତରଫରୁ

ପଣ୍ଡିତ ନୀଳକଂଠ ରଚନା କରିବାର ୩୦ ବର୍ଷ ଓ ତାଙ୍କ ତିରୋଧାନର ୨୨ ବର୍ଷ ପରେ ଆଜି ଏଇ ଯେଉଁ "ପଣ୍ଡିତ ନୀଳକଂଠଙ୍କ ଅପ୍ରକାଶିତ ରଚନାବଳୀ" ଭବରେ "ଓଡ଼ିଆ ସାହିତ୍ୟର କ୍ରମପରିଣାମ—୩ୟ ଭଗ" ପ୍ରକାଶ ପାଉଚି, ତାହା ଆମ ପକ୍ଷରେ ତଥା ଓଡ଼ିଶାର ବିଜ୍ଞ ସାହିତ୍ୟିକ ମଣ୍ଡଳୀଙ୍କ ପକ୍ଷରେ ନିଶ୍ଚୟ ଆନନ୍ଦର କଥା ।

ପୁସ୍ତକଟି ୨ ଭଗରେ ବିଭକ୍ତ, ଯଥା :—

୧) ଓଡ଼ିଆ ସାହିତ୍ୟ ଓ ସଂସ୍କୃତିର କ୍ରମପରିଣାମ—୩ୟ ଭଗ

୨) ଓଡ଼ିଆ ଭଷା ଓ ଲିପିର କ୍ରମ ବିକାଶ

ଏ ଭିତରେ ଦୀର୍ଘ ସମୟ ବିତିଯାଇଥିବା ହେତୁ ପ୍ରଥମେ ବୋଧହୁଏ ଏହାର ଟିକିଏ ହୈତୁକ ବିଶ୍ଳେଷଣ ଦରକାର ।

ପଣ୍ଡିତ ନୀଳକଂଠ ମୋର ପରମ ପୂଜ୍ୟ ଶ୍ୱଶୁର । ମୁଁ ଯେତେ-ବେଳେ ୧୯୫୩ ମସିହାରେ ବିଦ୍ୟୁତ୍ ବିଭଗର ନିର୍ବାହୀ ଯନ୍ତ୍ରୀ ରୂପେ ପ୍ରମୋଶନ ପାଇ ଭୁବନେଶ୍ୱରରେ ଅବସ୍ଥାପିତ ହେଲି, ସେତେବେଳେ ଓଡ଼ିଶା ବିଧାନସଭର ସଭ୍ୟ ପଣ୍ଡିତ ନୀଳକଂଠ ମୋ ପାଖେ ଆସି ରହିଲେ । ପରେ ପୁଣି ଯେତେବେଳେ ୧୯୫୭ ରେ ସେ ବିଧାନସଭର ବାଚସ୍ପତିର ଆସନ ଅଳଂକୃତ କରି ସରକାରୀ ବାସଭବନ ପାଇଲେ, ମୁଁ ଯାଇ ତାଙ୍କ ପାଖେ ରହିଲି । ସେଠାରୁ ୧୯୬୦ ମସିହା ଫେବୃୟାରୀରେ ମୁଁ ବର୍ଷକ ଲଗି ବିଲତ ଗ୍ଲଲିଗଲି । ଏହି ସମୟ ଭିତରେ ସେ ଅବଶ୍ୟ ପକ୍ଷାଘାତ ରୋଗରେ ପୀଡ଼ିତ ହୋଇ ପଡ଼ିଥିଲେ । ତେବେ ଯେତେବେଳେ ସେ ଯେଉଁ ତାତ୍ତ୍ୱିକ ରଚନା ସୃଷ୍ଟି ଲଗି ଆଗ୍ରହୀ ହେଉଥିଲେ, ମୁଁ ପ୍ରାୟ ତାହା ଶ୍ରୁତ ଲିଖନ ଆକାରରେ ଲେଖୁଥିଲି— ସେ କହୁଥିଲେ, "ମଧୁ ଲେଖୁଲେ ମତେ ସୁଖ ଲଗେ ।" କାରଣ,

Digitized by PPRACHIN, SOA

ଏଇ ଅଗାଧ ପାଣ୍ଡିତ୍ୟର ଅଧିକାରୀ ମନୀଷୀଙ୍କର କେତେକ କ୍ଷେତ୍ରରେ ଦ୍ୱିରୁକ୍ତି ହୁଏ ଓ ପୂର୍ବରୁ ଲେଖା ଯାଇଥିବା ବିଷୟରେ କ'ଣ କୁହାଯାଇଛି ବୋଲି ସେ ପ୍ରଶ୍ନ କରନ୍ତି । ତେଣୁ ତାଙ୍କର ନିଜ ଷ୍ଟେନୋର ଅକ୍ଷର ସୁନ୍ଦର ହେଲେ ମଧ୍ୟ, ସେ ଏ କାର୍ଯ୍ୟ ଲାଗି ଅପାରଗ ହେଉଥିବାରୁ, ମୁଁ ପ୍ରାୟଶଃ ଏଥିପାଇଁ ଲୋଡ଼ା ପଡ଼େ ଓ ମୁଁ ଅଫିସରୁ ଫେରିବା ପାଇଁ ସେ ଯେପରିକି ଚାହିଁ ବସିଥାନ୍ତି । "ଓଡ଼ିଆ ସାହିତ୍ୟର କ୍ରମପରିଣାମ, ୧ମ ଓ ୨ୟ ଭାଗର" ଅନେକ ଅଂଶର ମଧ୍ୟ ଶ୍ରୁତ ଲିଖନ ମୁଁ କରିଚି ।

ମୁଁ ଲେଖୁଥିବା ବହୁ ଅଂଶ ପ୍ରକାଶ ପାଇବା ପରେ ମୁଁ ଯେତେବେଳେ ବିଲାତ ଚାଲିଗଲି, ମୋ ପାଖରେ ରହିଥିବା ଲେଖାର ଅବଶିଷ୍ଟ ଅଂଶ କଥା ମୁଁ ଲକ୍ଷ୍ୟ କରି ପାରି ନଥିଲି । ବିଲାତରୁ ଫେରିବା ବେଳକୁ ମହତାବ ମନ୍ତ୍ରୀମଣ୍ଡଳ ଭାଜି ଯାଇଥିବା ହେତୁ ପଣ୍ଡିତ ନୀଳକଂଠ ବାଚସ୍ପତି ଭବନଟି ଛାଡ଼ି ଦେବାକୁ ଚାହିଁଲେ– ତତ୍‌କାଳୀନ ରାଜ୍ୟପାଳ ଶ୍ରୀଯୁକ୍ତ ସୁକଠନ୍‌କର ଓ ଚିଫ୍ ସେକ୍ରେଟାରୀ ଶ୍ରୀଯୁକ୍ତ ରାମନାଥନ୍‌ଙ୍କ ବ୍ୟକ୍ତିଗତ ସାକ୍ଷାତ ଅନୁରୋଧ ସତ୍ତ୍ୱେ ସେ ଏ ବସା ଛାଡ଼ି ଅନ୍ୟତ୍ର ଚାଲିଗଲେ । ମୁଁ ପରେ ନିର୍ବାହୀ ଯନ୍ତ୍ରୀ ରୂପେ ଅନ୍ୟ ବାସଗୃହ ପାଇ ସେଠିଯାଇ ରହିଲି । ଏହାପରେ ପଣ୍ଡିତଜୀ ପ୍ରାୟ କଟକରେ ରହିଲେ– ଅସୁସ୍ଥ ହୋଇ ପଡ଼ିଲେ । ପରେ ୧୯୬୭ ରେ ଦେହ ତ୍ୟାଗ କଲେ । ମୋର ମଧ୍ୟ ପୁରୀ, ସମ୍ବଲପୁର ଓ ଶେଷରେ ଭୁବନେଶ୍ୱରକୁ ଏ ମଧ୍ୟରେ ବଦଳି ହୋଇଥିଲା ।

୧୯୮୩ ଡିସେମ୍ବରରେ ପଣ୍ଡିତଜୀଙ୍କ ଜନ୍ମଶତବାର୍ଷିକୀ ପାଳନ ଉପଲକ୍ଷେ ଉତ୍କଳ ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗ ଦ୍ୱାରା ନୀଳକଂଠଙ୍କ ସାହିତ୍ୟିକ କୃତି ଉପରେ ଯେଉଁ ପାଠଚକ୍ର ଅନୁଷ୍ଠିତ ହୋଇଥିଲା, ସେଥିରେ ଅଧ୍ୟାପକ ଡଃ ଦାଶରଥି ଦାସ, ଆଲୋଚନା ପ୍ରସଙ୍ଗରେ କହିଲେ– "ପଣ୍ଡିତ ନୀଳକଂଠଙ୍କ ଓଡ଼ିଆ ସାହିତ୍ୟର କ୍ରମ-ପରିଣାମ"ର କ୍ରମ ନାହିଁ କି ପରିଣାମ ମଧ୍ୟ ନାହିଁ ।" ମନ୍ତବ୍ୟଟି ବଡ଼ ବାଧିଲା– ଏ ମଧ୍ୟରେ ମୋର ଉପରୋକ୍ତ ସ୍ଥାନ ଗୁଡ଼ିକୁ ବଦଳି ହୋଇଥିବା ଭିତରେ, କାଗଜ ପତ୍ର ଓ ଫାଇଲ-ମାନ ଯାହା ଯେଉଁଠି ଥିଲା, ଘାଣ୍ଟି ଉପରୋକ୍ତ ଲେଖାଟକ ପାଇଲି ଓ ଡଃ ଦାଶରଥି ଦାସ, ଡଃ ବାଉରିବନ୍ଧୁ କର ଓ ନୀଳକଂଠଙ୍କ ସହଯୋଗୀ ଅଧ୍ୟାପକ ଶ୍ରୀ ବନମାଳୀ ମିଶ୍ରଙ୍କୁ ଏ ସଂପର୍କରେ ଏକ ଆଲୋଚନା ଲାଗି

Digitized by PPRACHIN, SOA

ନିମନ୍ତ୍ରିତ କଲି । ସେ ମହାଶୟମାନଙ୍କ ମତାମତ ଏଥିସହ ପ୍ରକାଶ ପାଉଚି ଓ ଏଥିପାଇଁ ମୁଁ ସମିତି ତରଫରୁ ତଥା ମୋ ତରଫରୁ ପ୍ରଥମେ ସେମାନଙ୍କୁ ଗଭୀର କୃତଜ୍ଞତା ଜ୍ଞାପନ କରୁଚି ।

ଏ ସମ୍ବନ୍ଧରେ ଅଧ୍ୟାପକ ବନମାଳୀ ମିଶ୍ର ପୁସ୍ତକର ନାମ "ଓଡ଼ିଆ ସାହିତ୍ୟର କ୍ରମ-ପରିଣାମ— ୩ୟ ଭଗ" ହେବାର ଯୁକ୍ତିଯୁକ୍ତତା ନେଇ ଯେଉଁ ବିବୃତି ଦେଇଚନ୍ତି ତାର ଆବଶ୍ୟକୀୟ ଅଂଶ ମଧ୍ୟ ନିମ୍ନରେ ଉଦ୍ଧୃତ କରୁଚି । ସେ ଲେଖୁଚନ୍ତି—

"ଓଡ଼ିଆ ସାହିତ୍ୟର କ୍ରମ-ପରିଣାମ" ପ୍ରଥମେ ୧ମ ଭଗ ଓ ୨ୟ ଭଗ ଅଲଗା ଅଲଗା ହୋଇ ଛପା ହୋଇଥିଲା । ତା'ପରେ ଏକତ୍ର କରି ଏହା "ଓଡ଼ିଆ ସାହିତ୍ୟର କ୍ରମ-ପରିଣାମ" ରୂପେ ଛପାଗଲା ଓ "ନୀଳକଂଠ ଗ୍ରଂଥାବଳୀ" ୩ୟ ଖଣ୍ଡରେ ମଧ୍ୟ ୧୯୭୭ ସେଇ ଅନୁକ୍ରମରେ ଛପା ଯାଇଚି । 'ଓଡିଆ ସାହିତ୍ୟର କ୍ରମ-ପରିଣାମ' ଲେଖା ଯାଉଥିବା ବେଳେ "ଓଡ଼ିଶାରେ ଜୈନଧର୍ମ" ଉପରେ ପଣ୍ଡିତଜୀ ଏକ ଲେଖା ଲେଖାଇ ଥିଲେ ଓ ତାହା ଡଃ ଲକ୍ଷ୍ମୀ ନାରାୟଣ ସାହୁଙ୍କ ଲିଖିତ "ଓଡ଼ିଶାରେ ଜୈନଧର୍ମ" ପୁସ୍ତକର 'ମୁଖବନ୍ଧ' ରୂପେ ପ୍ରକାଶ ପାଇବା ପାଇଁ ତାଙ୍କ ଅନୁରୋଧ କ୍ରମେ ଲେଖା ଯାଇଥିଲା । ଡଃ ସାହୁ ମଧ୍ୟ ତାହା ପୁସ୍ତକର "ଗ୍ରନ୍ଥ ପ୍ରବେଶ" ରୂପେ ପ୍ରକାଶ କରିଥିଲେ । ଏହା "ଓଡ଼ିଆ ସାହିତ୍ୟର କ୍ରମ ପରିଣାମ, ୩ୟ ଭଗ"ର ପରିଶିଷ୍ଟ ରୂପେ ପ୍ରକାଶ ବେଳେ ରହିବ ବୋଲି ପଣ୍ଡିତଜୀ ତାଙ୍କ ମୃତ୍ୟୁର କେତେ ମାସ ପୂର୍ବରୁ ମତେ କହିଥିଲେ । ଏକଥା ମଧ୍ୟ ମୁଁ "ନିଉ ଷ୍ଟୁଡେଣ୍ଟସ୍ ଷ୍ଟୋର୍ସ"ର ପ୍ରକାଶକ ଶ୍ରୀ ଭିଖାରି ଦାସକୁ କହିଥିଲି । ଦୁଃଖର କଥା, ଭିଖାରି ବାବୁ ଏହି କ୍ଷୁଦ୍ର ଲେଖାଟିକୁ "ଓଡ଼ିଆ ସାହିତ୍ୟର କ୍ରମ-ପରିଣାମ" ୩ୟ ଭଗ ରୂପେ ୧୯୭୭ ରେ ଛାପିଦେଲେ । ମୁଁ କିଂକର୍ତ୍ତବ୍ୟ ବିମୁଢ଼ ହୋଇ ପଡ଼ିଲି । "ଏହା ଏବେ ଓଡ଼ିଆ ସାହତ୍ୟର କ୍ରମ ପରିଣାମ ଲାଗି ଯେଉଁ ଲେଖାତକ ମିଳିଚି, ତାହା ସହିତ ୩ୟ ଭଗ ରୂପେ ପ୍ରକାଶ ପାଉ ଓ ତହିଁର ପରିଶିଷ୍ଟରେ "ଓଡ଼ିଶାରେ ଜୈନଧର୍ମ" ବୋଲି ଏକ ଅଧ୍ୟାୟ ରହୁ ।"

ପରିଶେଷରେ ମୋର ଏତିକି କହିବାର କଥା ଯେ ବାସ୍ତବରେ ମୁଁ ୧୯୫୮ ମସିହାରେ ୨୫ ପୃଷ୍ଠା ସମ୍ବଳିତ "ଓଡ଼ିଶାରେ ଜୈନଧର୍ମ" ନାମରେ

Digitized by PPRACHIN, SOA

ନୀଳକଂଠଙ୍କ ଶ୍ରୁତ ଲିଖନ ଲେଖିଥିଲି । ବର୍ତ୍ତମାନ ଅଧ୍ୟାପକ ବନମାଳୀ ମିଶ୍ରଙ୍କ ଉପରୋକ୍ତ ପରାମର୍ଶ ମତେ 'ଓଡ଼ିଆ ସାହିତ୍ୟର କ୍ରମ-ପରିଣାମ— ୩ୟ ଭାଗ'ରେ ତାହା ପରିଶିଷ୍ଟ ଅଧ୍ୟାୟରେ ସନ୍ନିବେଶିତ କରି ମୋର ଶ୍ରମ ସାର୍ଥକ ହେଲା ବୋଲି ମନେ କରୁଛି ।

ତେବେ, "ବୌଦ୍ଧଗାନ ଓ ଦୋହା" ଉପରେ ଯେଉଁ ୨ଟି ଅଧ୍ୟାୟ ପଣ୍ଡିତଜୀ ରଚନା କରିଥିଲେ, ସେ ସମସ୍ତର ମଧ୍ୟ ବହୁ ଶ୍ରମ ସ୍ୱୀକାର-ପୂର୍ବକ ମୁଁ ଶ୍ରୁତ ଲିଖନ କରିଥିଲି— ସେ ଗୁଡ଼ିକର ସନ୍ଧାନ ଏ ପର୍ଯ୍ୟନ୍ତ ବହୁ ବ୍ୟକ୍ତି ବିଶେଷଙ୍କ ପାଖେ ଅନୁସନ୍ଧାନ କରି ପାଉନାଇ । ପରକାଳରେ କେବେ କେଉଁଠି ମିଳିଲେ ଓ ପ୍ରକାଶ ପାଇଲେ ଆମ୍ଭେମାନେ କୃତାର୍ଥ ହେବୁ ।

କହିବା ନିଷ୍ପ୍ରୟୋଜନ ଯେ ଖଡ଼ିଆଳର ସ୍ୱନାମଧନ୍ୟ ସାହିତ୍ୟିକ ଉତ୍ସାହୀ ବନ୍ଧୁ ଡଃ ମହେନ୍ଦ୍ର କୁମାର ମିଶ୍ର ପାଣ୍ଡୁଲିପିଟି ପାଠକରି, ତା'ର ସଂକଳନର ଭାର ଅଯାଚିତ ଭାବରେ ଗ୍ରହଣ କରି ଆମକୁ କୃତଜ୍ଞତାପାଶରେ ଆବଦ୍ଧ କରିଚନ୍ତି । ତାଙ୍କର ଉତ୍ତରୋତ୍ତର ଶ୍ରୀବୃଦ୍ଧି କାମନା କରୁଚୁ ।

ପ୍ରକାଶ ଆଉକି ପୁସ୍ତକର ବିକ୍ରିଲବ୍ଧ ଅର୍ଥରେ ମୋର କୌଣସି ଦାବି ନାହିଁ ।

**ମଧୁସୂଦନ ଦାଶ**
ସାଧାରଣ ସଂପାଦକ
ପଣ୍ଡିତ ନୀଳକଂଠ ସ୍ମୃତି ସମିତି,
ଭୁବନେଶ୍ୱର—୧

Digitized by PPRACHIN, SOA

# ପ୍ରକାଶନ ସଂପର୍କରେ ବିଶିଷ୍ଟ ଅଧ୍ୟାପକମାନଙ୍କର ମତାମତ

ପଣ୍ଡିତ ନୀଳକଂଠ ସ୍ମୃତି ସମିତିର ସଂପାଦକ ଶ୍ରୀ ମଧୁସୂଦନ ଦାଶ ତାଙ୍କ ନିକଟରେ ପଣ୍ଡିତ ମହୋଦୟଙ୍କର ଦୁଇଟି ଅପ୍ରକାଶିତ ଅସଂପୂର୍ଣ୍ଣ ପ୍ରବନ୍ଧ ରହିଥିବାର ଜଣାଇ ସେ ଦୁଇଟି ପ୍ରବନ୍ଧ ସଂପର୍କରେ ଆଲୋଚନା କରିବା ଓ ତା'ର ପ୍ରକାଶଯୋଗ୍ୟତା ନିରୂପଣ କରିବା ନିମନ୍ତେ ଆମ୍ଭମାନଙ୍କୁ ଅନୁରୋଧ କରିଥିଲେ । ଆମେମାନେ ସ୍ମୃତି ସମିତି ଅଫିସରେ ଉପସ୍ଥିତ ହୋଇ ତା ୬ । ୧୦ । ୮୫ ରିଖରେ ଅଧ୍ୟାପକ ଶ୍ରୀଯୁକ୍ତ ବନମାଳୀ ମିଶ୍ରଙ୍କ ଅଧ୍ୟକ୍ଷତାରେ ବିସ୍ତୃତ ଆଲୋଚନା କଲୁ । ଏଠାରେ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ହେଲା ଯେ ପ୍ରବନ୍ଧ ଦୁଇଟି ଏକତ୍ର ପ୍ରକାଶ କରାଯିବା ଆବଶ୍ୟକ । ଏହି ଗ୍ରନ୍ଥର ନାମ ହେବ, 'ପଣ୍ଡିତ ନୀଳକଂଠଂକ ଅପ୍ରକାଶିତ ରଚନାବଳୀ' । ଗ୍ରନ୍ଥଟି ଦୁଇ ଭାଗରେ ବିଭକ୍ତ ହେବ । ପ୍ରଥମ ଭାଗର ନାମ ହେବ, 'ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତିର କ୍ରମ ପରିଣାମ', ଦ୍ୱିତୀୟ ଭାଗର ନାମ ହେବ, 'ଓଡ଼ିଆ ସଂସ୍କୃତିର କ୍ରମ ବିକାଶ' ।

## ୧) ଓଡ଼ିଆ ସାହିତ୍ୟ ଓ ସଂସ୍କୃତିର କ୍ରମ-ପରିଣାମ :

'ପରଂପରାର କଳନା ଓ ପ୍ରଭାବ' ନାମରେ ଏକ ପରିକଳ୍ପନାର ଯେଉଁ ଅଧ୍ୟାୟଟି ସ୍ମୃତି ସମିତିର ହସ୍ତଗତ ହୋଇଅଛି, ତାହା ଅତିଶୀଘ୍ର ପ୍ରକାଶଯୋଗ୍ୟ । ଅଧ୍ୟାୟଟିର ଅନୁଚ୍ଛେଦ ଗୁଡ଼ିକର ଶିରୋନାମାରୁ ପ୍ରତିପନ୍ନ ହୁଏ ଯେ ପ୍ରାଚୀନ ଓଡ଼ିଆ ସଂସ୍କୃତିର ବିଶେଷତଃ, ଧର୍ମଧାରାର ପରଂପରା କଳନା କରିବା ଉଦ୍ଦେଶ୍ୟରେ ପଣ୍ଡିତଜୀ କୌଣସି ଏକ ଗ୍ରନ୍ଥ ପରିକଳ୍ପନା କରିଥିଲେ । ଏହାଥିଲା ତା'ର ପ୍ରଥମ ଅଧ୍ୟାୟ । ଏହା 'ଓଡ଼ିଆ ସାହିତ୍ୟର କ୍ରମ-ପରିଣାମ' ଶୈଳୀରେ ଲିଖିତ ଏବଂ ଆଭିମୁଖ୍ୟରେ ମଧ୍ୟ ଓଡ଼ିଆ ସଂସ୍କୃତିର କ୍ରମ ପରିଣାମ ପ୍ରଦର୍ଶନ କରିବାକୁ ଉଦ୍ଦିଷ୍ଟ ।



Digitized by PPRACHIN, SOA

ଓଡ଼ିଶାର କିଂବଦନ୍ତୀ, ଇତିହାସ, ଶିଳ୍ପ-ସାହିତ୍ୟ ଓ ଧର୍ମ—ପରଂପରାକୁ ଅବଲଂବନ କରି ପଣ୍ଡିତ ମହାଶୟ ତାଙ୍କର ନିଜସ୍ୱ ଶୈଳୀରେ ଏ ଯେଉଁ ଗ୍ରନ୍ଥର ଆରମ୍ଭ କରିଥିଲେ, ତାହାର ଅନ୍ୟ ଅଂଶ ଗୁଡ଼ିକ ସୁଲଭ ହେଲେ ଓଡ଼ିଆ ସଂସ୍କୃତିର ଇତିହାସ ପରିପୂର୍ଣ୍ଣ ଭବରେ ପ୍ରକଟିତ ହୋଇ ପାରିଥାନ୍ତା । ଦୁର୍ଭାଗ୍ୟ ବଶତଃ ଅନ୍ୟ ଅଧ୍ୟାୟ ଗୁଡ଼ିକର ଅସ୍ତିତ୍ୱ ସଂପର୍କରେ କୌଣସି ପ୍ରମାଣ ନାହିଁ । ତଥାପି ଏଇ ପ୍ରଥମ ଅଧ୍ୟାୟଟିର ଗୁରୁତ୍ୱ କିଛି କମ୍ ନୁହେଁ । ଏହାକୁ ଶୀଘ୍ର ପ୍ରକାଶ କରାଯିବା ଉଚିତ । ଏହାର ବିଷୟବସ୍ତୁରେ ଠାଏ ଠାଏ 'ଓଡ଼ିଆ ସାହିତ୍ୟର କ୍ରମ-ପରିଣାମ'ର ପୁନରୁକ୍ତି ଅଛି, ମାତ୍ର ବିସ୍ତାର ଓ ବିଶ୍ଳେଷଣରେ ଏହାର ସ୍ୱାତନ୍ତ୍ର୍ୟ ଲକ୍ଷ୍ୟ କରାଯାଇପାରେ । ଏହା ହୁଏତ ତାଙ୍କ ସାହିତ୍ୟ ସୃଷ୍ଟିର ବ୍ୟାପକତା ଅଧିକ ବଢ଼ାଇ ନ ପାରେ, ତେବେ ଦୃଷ୍ଟିଭଙ୍ଗୀର ପ୍ରସାର ଓ ବିଭିନ୍ନତା ଦୃଷ୍ଟିରୁ ତା'ର ପରିପୂରକ ରୂପେ କାର୍ଯ୍ୟ କରିବା ନିଶ୍ଚିତ ।

## ୨) ଓଡ଼ିଆ ଭାଷା ଓ ଲିପିର କ୍ରମବିକାଶ :

ଓଡ଼ିଶାର ଧର୍ମଧାରା ଭାଷା ଓ ସଭ୍ୟତାର ବିକାଶ ଘେନି କାଳ ଓ ଘଟନାକ୍ରମେ କିପରି ଆତ୍ମପ୍ରକାଶ କରିଛି, ତାହା ଆଲୋଚନା କରିବାକୁ ଯାଇ ପଣ୍ଡିତ ନୀଳକଂଠ ୧୯୫୯ ମସିହାରେ ଏକ ବିରାଟ ଗ୍ରନ୍ଥର ପରିକଳ୍ପନା କରିଥିଲେ । ତାହାର ପ୍ରସ୍ତାବନା ଓ ପାଞ୍ଚୋଟି ଅଧ୍ୟାୟ ଲେଖିଥିବାର ସ୍ପଷ୍ଟ ପ୍ରମାଣ ମିଳୁଅଛି । 'ଧର୍ମ ସାଧନା ଓ ସଂକେତ', 'ବୌଦ୍ଧଗାନ ଓ ଦୋହାଁ—ତାହାର ସାଧନା ଓ ଭାଷା', ଏବଂ 'ବୌଦ୍ଧଗାନ ଓ ଦୋହାଁ ସେକାଳ ଓଡ଼ିଆରେ ଲେଖା' ଆଦି ତିନୋଟି ଅଧ୍ୟାୟ ବର୍ତ୍ତମାନ ପର୍ଯ୍ୟନ୍ତ ମିଳୁନାହିଁ । ଏହା ବ୍ୟତୀତ ଅନ୍ୟ ଅଧ୍ୟାୟ ଗୁଡ଼ିକ ଲେଖା ଯାଇଥିଲା କି ନାହିଁ, ତାହା ଜାଣିବାର କୌଣସି ଉପାୟ ନାହିଁ । ମିଳୁଥିବା 'ପ୍ରସ୍ତାବନା' ଓ ଅନ୍ୟ ଦୁଇଟି ଅଧ୍ୟାୟ ଯଥା, 'ଓଡ଼ିଆ ଭାଷା ଓ ବ୍ୟାକରଣ' ଏବଂ ଓଡ଼ିଆ-ଭାଷା ଓ ଲିପି ସଂକେତ' ଯେ ଏକ ବିରାଟ ପରିକଳ୍ପନାର ନାନ୍ଦୀମୁଖ ତାହା ଏ ସବୁଥିରୁ ଅବୁଝା ରହୁନାହିଁ । ଏ ଗୁଡ଼ିକ ଅବଶ୍ୟ ସ୍ୱୟଂ ସଂପୂର୍ଣ୍ଣ ନୁହନ୍ତି । ଏକ ବିରାଟ ଗ୍ରନ୍ଥର ପ୍ରବେଶ ସୋପାନ ମାତ୍ର । ଏ ମଧ୍ୟରେ କେତେକାଳ ବିତି ଯାଇଥିଲେ ମଧ୍ୟ ଏ ଗୁଡ଼ିକ ପାଠଯୋଗ୍ୟତା କି ବିସ୍ତାର— ଗୁରୁତ୍ୱ



Digitized by PPRACHIN, SOA

ହରଇ ନାହାନ୍ତି । ପଣ୍ଡିତ ନୀଳକଂଠଂକ ମୌଳିକତା, ସୁନିପୁଣ ବିଶ୍ଳେଷଣ ଭଙ୍ଗୀ ଓ ଇତିହାସବୋଧ ଏଥିରୁ ବେଶ୍ ଉପଲବ୍ଧି କରଯାଇପାରେ । ଏଣୁ ଏ ଗୁଡ଼ିକ ଏକତ୍ର 'ଓଡ଼ିଆ ଭଷା ଓ ଲିପିର କ୍ରମ ବିକାଶ' ନାମରେ ପ୍ରକାଶ କରଯିବା ଆବଶ୍ୟକ । ଏହାକୁ ସେଇ ବିରଟ ପରିକଳ୍ପନାର ମୁଖବନ୍ଧ ରୂପେ ଗ୍ରହଣ କରଗଲେ, ଏହାର ମର୍ଯ୍ୟାଦା ପ୍ରତି ସୁବିଗ୍ଭର ହେବ । ଅନ୍ୟ ଅଧ୍ୟାୟ ଗୁଡ଼ିକ ଯେବେ କାହା ପାଖରେ ରହି ଯାଇଥାଏ, ତେବେ ସେ ଗୁଡ଼ିକୁ ପଣ୍ଡିତ ନୀଳକଂଠ ସ୍ମୃତି ସମିତି ହାତରେ ଅର୍ପଣ କରିବାକୁ ତାଙ୍କୁ ଏତଦ୍ୱାର ଅନୁରୋଧ କରଯାଉଛି । ପରବର୍ତ୍ତୀ କାଳରେ ସେଗୁଡ଼ିକୁ ପ୍ରକାଶ କରଗଲେ ପଣ୍ଡିତ ମହୋଦୟଙ୍କ ପରିକଳ୍ପନାଟି ଚରିତାର୍ଥ ହୋଇ ପାରିବ ।

ବନମାଳୀ ମିଶ୍ର, ତା ୬ । ୧୦ । ୧୯୮୫
ଦାଶରଥି ଦାସ, ତା ୬ । ୧୦ । ୧୯୮୫
ବାଉରୀ ବନ୍ଧୁ କର, ତା ୬ । ୧୦ । ୮୫



Digitized by PPRACHIN, SOA

# 'ନୀଳକଂଠଂକ ଅପ୍ରକାଶିତ ରଚନାବଳୀ' ସଂକଳନ ସଂପର୍କରେ

ଓଡ଼ିଆ ସଂସ୍କୃତି ଓ ସାହିତ୍ୟର ଆନ୍ତଃଶୃଙ୍ଖଳିତ ଅଧ୍ୟୟନ କ୍ଷେତ୍ରରେ ପଣ୍ଡିତ ନୀଳକଂଠଂକ ଭୂମିକା ଉଲ୍ଲେଖନୀୟ । ସାହିତ୍ୟାଲୋଚନାର ଗତାନୁଗତିକ ଧାର ବଦଳରେ ସେ ଓଡ଼ିଆ ସାହିତ୍ୟର ସାଂସ୍କୃତିକ ଅଧ୍ୟୟନକୁ ଯେପରି ଗୁରୁତ୍ୱ ଦେଇ ଏହା ସମାଜ-ସଭ୍ୟତା ଓ ମାନବ ଗୋଷ୍ଠୀର ସକଳ ଚିନ୍ତା ଓ କର୍ମର ସଂସ୍କାରିତ ପ୍ରକାଶ ବୋଲି ସାହିତ୍ୟର ଯେଉଁ ସ୍ୱରୂପ ଆମ ସମ୍ମୁଖରେ ଦେଖାଇଛନ୍ତି, ଓଡ଼ିଆ ସାହିତ୍ୟ ଆଲୋଚକଙ୍କ ପାଇଁ ତାହା ଏବେ ସୁଦ୍ଧା ଅନତିକ୍ରମଣୀୟ ହୋଇ ରହିଅଛି । ଓଡ଼ିଆ ସାହିତ୍ୟ କହିଲେ ସେ ଓଡ଼ିଶାର ସାମୂହିକ ମାନବ ଗୋଷ୍ଠୀ ଜୀବନ ତଥା ସେମାନଙ୍କର ଭାଷା, ଧର୍ମ, ଅର୍ଥନୀତି, ସାମାଜିକ-ରାଜନୈତିକ ଚଳଣି, ଇତିହାସ, ସାହିତ୍ୟ, ଶିଳ୍ପ, ସଂଗୀତ ଓ ନାଟକ ସମେତ ଜୀବନର ସର୍ବଦିଗବ୍ୟାପୀ ଆଶୟ ମାନଙ୍କର ଶୃଙ୍ଖଳିତ ଓ ସୁସଂହତ ମୂଲ୍ୟବୋଧକୁ ବୁଝିଥିଲେ । ଓଡ଼ିଆ ଭୂମିରେ ଆଦିମ କାଳରୁ ମାନବ ସଭ୍ୟତାର କ୍ରମବିକାଶ ଓ ବିବର୍ତ୍ତନର ଇତିହାସକୁ ଶବର, ଦ୍ରାବିଡ଼, ଆର୍ଯ୍ୟ ଭାଷା, ଧର୍ମ ଚଳଣି, ଦର୍ଶନ, ପରଂପରା ଓ କଳା ମଧ୍ୟରେ ସ୍ୱାତନ୍ତ୍ର୍ୟ ବାରି ଦେଖାଇବା ସଂଗେ ସଂଗେ ଏହିମାନଙ୍କ ସାଂସ୍କୃତିକ ଆନ୍ତଃକ୍ରିୟା ସାଧନରେ ଓଡ଼ିଆ ସଂସ୍କୃତି କିପରି ରୂପବନ୍ତ ଓ ପ୍ରାଣବନ୍ତ ହୋଇ ଉଠିଛି ତାହା ସେ ଏହି ଭୂମିର ଐତିହାସିକ ଅଧ୍ୟୟନ କରି ଦେଖାଇ ଛନ୍ତି । ପୁନଶ୍ଚ ବିଶ୍ୱ ଓ ଭାରତୀୟ ସଂସ୍କୃତିର ସମତୁଳନାରେ ଏହାର ମଧ୍ୟ ତୁଳନାତ୍ମକ ଅଧ୍ୟୟନ କରି ଦେଖାଇଛନ୍ତି । ଅତୀତ ଓଡ଼ିଶାର ସଂସ୍କୃତିର ଶଙ୍କୁ ଓ ସଂକେତ କିପରି ଏବର ବିଭିନ୍ନ ଜାତି ପ୍ରଜାତିର ଚଳଣି, ପ୍ରଥା ଓ ପରଂପରା ମଧ୍ୟରେ ଜୀବନ୍ତ ରହିଅଛି, ତାହା ଦେଖାଇବା ପାଇଁ ସେ ଉଭୟ



Digitized by PPRACHIN, SOA

ଐତିହ୍ୟ ତଥା ଚଳନ୍ତି ସମାଜର ପରଂପରା ମଧ୍ୟରେ ଖୋଜି ବାହାର କରିଛନ୍ତି । ଏଣୁ ତାଙ୍କ ଅନୁଶୀଳନ ମଧ୍ୟରେ ଯେତିକି ଗତିଶୀଳ ଐତିହ୍ୟର ସୂଚନା ମିଳେ, ସେତିକି ସାମାଜିକ ମାନବ ବିଜ୍ଞାନ ଭିତ୍ତିକ ଅନୁଶୀଳନର ବି ସୂଚନା ମିଳେ । ଏଣୁ ତାଙ୍କ ଅଧ୍ୟୟନ ଐତିହାସିକ ପୁନର୍ଗଠନ ମୂଳକ (historical reconstructional) ତଥା ଦ୍ୱିକାଳିକ (Diachronic) । ତାଙ୍କର 'ଓଡ଼ିଆ ସାହିତ୍ୟର କ୍ରମ ପରିଣାମ' ପ୍ରଥମ ଭାଗ (୧୯୪୮)ରେ ଓଡ଼ିଆ ସଂସ୍କୃତିର ମୂଳଭିତ୍ତି ଦେଖାଇ ସେଇ ସଂରଚନା ଭୂମିରେ କିପରି ସାହିତ୍ୟ, ଧର୍ମ ଓ କଳାର ଉପସୌଧ ନିର୍ମିତ ହୋଇଛି, ତାହା ଦେଖାଇବାକୁ ସେ ବହୁ ଓଡ଼ିଆ ପୁରାଣ ଓ କିଂବଦନ୍ତୀ ଅଧ୍ୟୟନ କରିଛନ୍ତି । ତେଣୁ ଓଡ଼ିଆ ସାହିତ୍ୟର କ୍ରମପରିଣାମର ପ୍ରଥମ ଭାଗକୁ ଓଡ଼ିଆ ଜାତିର ପ୍ରାକୃତିକ ଓ ଆଦର୍ଶ ଭିତ୍ତିକ କ୍ରମ ବିକାଶର ସମ୍ବାହକ ବୋଲି ଧରାଗଲେ, ଏହି ପୁସ୍ତକର ୨ୟ ଭାଗ ସେହି ଜାତି-ମାନସିକତାର ପ୍ରତୀକାତ୍ମକ ଓ କଳାତ୍ମକ ପରିପ୍ରକାଶ ବୋଲି ଧରାଯାଇ ପାରେ । ଏହି ହେତୁ ସେ ସାରଳା-ମହାଭାରତର ପୁରାଣ ସମେତ ଓଡ଼ିଆ ଲୋକ ପରଂପରା ମଧ୍ୟରୁ ଓଡ଼ିଆ ସଂସ୍କୃତିର 'ମୂଳ ପ୍ରକୃତି' ନିର୍ଣ୍ଣୟ କରିଛନ୍ତି ।

ନୀଳକଂଠ ଉଭୟ ପ୍ରାଚ୍ୟ ବିଦ୍ୟା ଓ ପାଶ୍ଚାତ୍ୟ ବିଦ୍ୟା ସହ ସୁପରିଚିତ ଥିଲେ । ମାକସ୍‌ମୁଲ୍ଲଇ ଓ ବେନର୍ଫି ପ୍ରମୁଖ ପଣ୍ଡିତଙ୍କ ଐତିହାସିକ ତୁଳନାତ୍ମକ ଅଧ୍ୟୟନ ତଥା ବିଶ୍ୱର ପରସ୍ପର ଅସମ୍ବନ୍ଧାନ୍ୱିତ ଅଞ୍ଚଳର ସାଂସ୍କୃତିକ ସାମଞ୍ଜସ୍ୟ ଦେଖି ଏହାର ମୂଳ ଉତ୍ସ ସନ୍ଧାନ (search of origin) କରି ଭାରତ-ବିଦ୍ୟା ପର୍ଯ୍ୟନ୍ତ ଅନୁଶୀଳନ ନୀଳକଂଠଙ୍କ ଗବେଷଣା ଦୃଷ୍ଟିକୁ ପ୍ରଖର କରିଥିଲା । ସେହି ଧାରାର ଅନୁବର୍ତ୍ତନରେ ନୀଳକଂଠ ଓଡ଼ିଆ ସଂସ୍କୃତି ଓ ସାହିତ୍ୟର ମୂଳ ଉତ୍ସର ସନ୍ଧାନ ପାଇଁ ଉଦ୍ୟମ ଓ ଅଧ୍ୟୟନ କରିଥିବେ । ତାଙ୍କ ନିଜ ଭାଷାରେ—"ସଂସ୍କୃତିର ପାଠ ସଙ୍ଗେ ପୂର୍ବାପର ସଂଗତିକୁ କଳନାରେ ଆଣି ବିଗ୍ଭର ନ କଲେ ପରିଣାମରେ ଗତି ସ୍ପଷ୍ଟ ହେବ ନାହିଁ । × × ଓଡ଼ିଆ ସାହିତ୍ୟର ମୂଳ ପ୍ରକୃତି ଓ ପରିଣାମ ଧାରା ଠିକ୍ ନ କଲେ ଏ ସବୁ କସରତ ଅବାନ୍ତର ।" (ଓ.ସା.କ୍ର.ପ: ୨ୟ ଭାଗ ଆଦ୍ୟକଥନୀ) ।



Digitized by PPRACHIN, SOA

କିନ୍ତୁ ଓଡ଼ିଆ ସଂସ୍କୃତିକୁ ବିଶ୍ୱ ସସ୍କୃତି ପରିପ୍ରେକ୍ଷିରେ ଚିହ୍ନି ଚିହ୍ନାଇବା ପାଇଁ ସେ ଯେତିକି ଅନ୍ତର୍ଦୃଷ୍ଟି ସହିତ ଉପଲବ୍ଧି କରିଛନ୍ତି ; ବିଷୟଟିର ଉପକଳ୍ପନା ବିଧିବଦ୍ଧ ଓ ଆନ୍ତର୍ବିଦ୍ୟା ଭିତ୍ତିକ ହୋଇ ଥିଲେ ସୁଦ୍ଧା, ଏହାର ମୂଳ ଧାର ପର୍ଯ୍ୟନ୍ତ ପ୍ରକାଶ କରିବା ପାଇଁ ସେ ସମୟ ଓ ସୁବିଧା ପାଇ ପାରି ନାହାନ୍ତି ବୋଲି ମନେ ହୁଏ । ଅନେକତ୍ର ବହୁ କଥା ବିସ୍ତର ବିଶ୍ଳେଷଣ କରି କହିବା ପାଇଁ ଗୃହି ସୁଦ୍ଧା ସେ କହି ପାରି ନାହାନ୍ତି । ତାଙ୍କ ଉପକଳ୍ପନା (hypothesis) ଟି ସଂସ୍କୃତିର ବହୁ ଆୟାମକୁ ଧରି ଏତେ ବ୍ୟାପକ ଓ ବହୁମୁଖୀ ଯେ ତାଙ୍କ ସକଳ ଶ୍ରଦ୍ଧା ଓ ସାଧନା ସତ୍ତ୍ୱେ ତାକୁ ସେ ପରିପୂର୍ଣ୍ଣ ରୂପେ ପ୍ରସ୍ତୁତ କରି ନ ପାରି ଭବିଷ୍ୟତରେ ଏହି କାର୍ଯ୍ୟକୁ ସଂପନ୍ନ କରିବାର ଯୋଜନା ରଖିଥିଲେ । ଲିଖିତ 'ଓଡ଼ିଆ ସାହିତ୍ୟର କ୍ରମ ପରିଣାମ' ପ୍ରଥମ ଓ ଦ୍ୱିତୀୟ ଭାଗ (୧୯୪୮-୧୯୫୩) ସଂସ୍କୃତ ଓ ସଂସ୍କୃତି (୧୯୫୧) ଓଡ଼ିଆ ଭାଷା ଓ ସାହିତ୍ୟ (୧୯୫୩) ତଥା କତିପୟ ପ୍ରକାଶିତ ପ୍ରବନ୍ଧାବଳୀ ବ୍ୟତୀତ ଆମେ ତାଙ୍କର ଆଉ କୌଣସି ବିଧିବଦ୍ଧ ରଚନା ଦେଖି-ବାକୁ ପାଉନା । କିନ୍ତୁ ସଂପ୍ରତି ତାଙ୍କର ଲିଖିତ କେତେକ ଅପ୍ରକାଶିତ ରଚନାବଳୀ ତଦୀୟ ଜାମାତା ଇଂ ମଧୁସୂଦନ ଦାଶ, ସଂପାଦକ, ପଣ୍ଡିତ ନୀଳକଂଠ ସ୍ମୃତି ସମିତିଙ୍କ ଠାରେ ଗଚ୍ଛିତ ଅଛି । ସେ ଗୁଡ଼ିକ ହେଲା— (୧) ପରଂପରାର କଳନା ଓ ପ୍ରଭବ (୨) ପ୍ରସ୍ତାବନା (୩) ଓଡ଼ିଆ ଭାଷା ଓ ବ୍ୟାକରଣ (୪) ଓଡ଼ିଆ ଭାଷା ଓ ଲିପିର ସଂକେତ ।

## ୧ । ପରଂପରାର କଳନା ଓ ପ୍ରଭବ

ଏହି ପାଣ୍ଡୁଲିପିରେ ନୀଳକଣ୍ଠ ପ୍ରାଚୀନ ଓଡ଼ିଆ ସଂସ୍କୃତିର ଆଲୋଚନା କରିଛନ୍ତି । ଓଡ଼ିଶାର ମୈତ୍ରୀଦେବ ଜଗନ୍ନାଥଙ୍କ ସାମ୍ୟଧର୍ମର ମହତ୍ତ୍ୱ ପ୍ରତିପାଦନ କରିବାକୁ ଯାଇ ସଂପୃକ୍ତ କିମ୍ବଦନ୍ତୀ କଳାପାହାଡ଼—ରାମଚନ୍ଦ୍ର ଦେବ କାଶିଆ, କପିଳା ଆଦିର ପରିଚର୍ଚ୍ଚା କରି ସେଥି ସଙ୍ଗେ ଗୌଡ଼ୀୟ ବୈଷ୍ଣବ ଧର୍ମର ତୁଳନା କରିଛନ୍ତି । ଓଡ଼ିଆ ପ୍ରସ୍ତର ସ୍ଥାପତ୍ୟ ଓ ଶିଳ୍ପର ସମତୁଳନାରେ ଓଡ଼ିଆ ସାହିତ୍ୟର ବିକାଶସ୍ତର ଦେଖାଇବା ସଙ୍ଗେ ସଙ୍ଗେ ଓଡ଼ିଆ ସଂସ୍କୃତିରେ



Digitized by PPRACHIN, SOA

ଗମ, କୃଷ୍ଣ ତଥା ତନ୍ତ୍ରର ପ୍ରୟୋଗ ଦେଖାଇ ଉପେନ୍ଦ୍ରଭଞ୍ଜ ଓ ବିଶି ଖୁଣ୍ଟିଆଙ୍କ ସାହିତ୍ୟରେ ଏହାର ଉତ୍କର୍ଷ ଦେଖାଇଛନ୍ତି ।

ଏହି ପାଣ୍ଡୁଲିପିକୁ 'ଓଡ଼ିଆ ସାହିତ୍ୟର କ୍ରମ ପରିଣାମ'ର ତୃତୀୟ ଭାଗର ପ୍ରଥମ ଅଧ୍ୟାୟ ବୋଲି କୁହାଯାଇପାରେ । ଅଭିମୁଖ୍ୟ ଦୃଷ୍ଟିରୁ ଓଡିଶାର ଧର୍ମ, ଇତିହାସ, କିମ୍ବଦନ୍ତୀ, ଶିଳ୍ପ, ସାହିତ୍ୟ ଆଦିର ଆଲୋଚନା କରି ସବୁ ଭିତରେ ଜଗନ୍ନାଥଙ୍କୁ ସାମ୍ୟ ଓ ମୈତ୍ରୀଦେବ ବୋଲି ସେ ତାଙ୍କୁ ବିଶ୍ୱଦେବ ରୂପେ ପ୍ରତିଷ୍ଠା କରିଛନ୍ତି । ସେ ତାଙ୍କ 'ଓଡ଼ିଆ ସାହିତ୍ୟର ଦ୍ୱିତୀୟ ଭାଗର ଆଦ୍ୟ କଥନୀରେ ଲେଖିଛନ୍ତି–

"ଓଡ଼ିଆ ସଂସ୍କୃତିର ସାହିତ୍ୟ ମଞ୍ଚ ରୂପେ ସେଇ ଦର୍ଶନ ଧର୍ମପୀଠ ଅତି କ୍ଷୀଣ ହେଲେ ମଧ୍ୟ ଜୀବନ୍ତ ଅଛି । ସେଇ ଦୃଷ୍ଟିରେ ଆମ ସାହିତ୍ୟର ପରିଣାମରେ ଗତି ଫିଟାଇ ନ ଦେଖିଲେ ବିଷୟାଂଶ ମାନଙ୍କର ଆଲୋଚନା ଭିତ୍ତିହୀନ ହୋଇ ଭ୍ରଷ୍ଟ ହେବ । × × ×"

ସେଇ ଦୃଷ୍ଟିରେ ସାହିତ୍ୟ କ୍ରମ ପରିଣାମର ଏ ଭାଗଟି ଲେଖାଯାଇଚି; ମାତ୍ର ଏଥିରେ ସଂସ୍କୃତିର ମୂଳଟି ପ୍ରତି ବରାବର ସଙ୍କେତ ଥିଲେ ମଧ୍ୟ ସାଙ୍ଗୋପାଙ୍ଗ ଭାବରେ ସେ ମୂଳଟିର ଇତିହାସ ଓ କ୍ରମପରିଣାମ ଆଲୋଚନା କରାଯାଇନାଇ । ପୁଣି ସେଇ ସାହିତ୍ୟ ଓ ଶିଳ୍ପକୁ ମଧ୍ୟ ଆଉ ଥରେ ଧାରାବାହିକ ଭାବେ ସ୍ତରକୁ ସ୍ତର ଉଦାହରଣ ସହିତ ଫିଟାଇ ଦେଖିବାର ଅଛି । ଏ ଦୁଇଟି ପାଇଁ ଆଉ ଦୁଇଟି ଭାଗ ଲେଖିବାର କଳ୍ପନା ଅଛି । ଏହାପର ଭାଗଟି ସେଥିପାଇଁ ହେବ ପୃଥିବୀର ଧର୍ମ ଓ ତହିଁରେ ଜଗନ୍ନାଥ ଧର୍ମର ଗତି ଓ ପରିଣତି, ତାପରେ ସେଇ ଦୃଷ୍ଟିରେ ଲିଖିତ "ସାହିତ୍ୟ ଓ ଶିଳ୍ପାଦି ସ୍ତରମାନଙ୍କର ଆଲୋଚନା" ପୃ ୨୪୧ (ଆଦ୍ୟକଥନୀ)

'ପରମ୍ପରାର କଳନା ଓ ପ୍ରଭାବ' ପାଣ୍ଡୁଲିପିରେ ବିସ୍ତୃତ ଭାବରେ ନହେଲେ ହେଁ ସଂକ୍ଷେପରେ ନୀଳକଂଠଙ୍କ ପରିକଳ୍ପିତ ଜଗନ୍ନାଥ ଧର୍ମର ଗତି ଓ ପରିଣତି ତଥା ସାହିତ୍ୟ ଓ ଶିଳ୍ପର ସ୍ତରଭେଦ ବର୍ଣ୍ଣିତ । ପୁଣି ପ୍ରାଚୀନ ଓଡିଆ ସଂସ୍କୃତିର କଥା କହିବାକୁ ହେବ ବୋଲି ସେ ଲେଖିଛନ୍ତି । ତେଣୁ ଏହି ପାଣ୍ଡୁଲିପିକୁ 'ଓଡ଼ିଆ ସାହିତ୍ୟର କ୍ରମ ପରିଣାମ'ର ତୃତୀୟ ଭାଗ



Digitized by PPRACHIN, SOA

ରୂପେ ଗ୍ରହଣ କରଯାଇପାରେ । ସମ୍ଭବତଃ ନୀଳକଂଠ ଏହାକୁ ଆରମ୍ଭ କରିଥିଲେ କିନ୍ତୁ ସମୟ ଅଭାବରୁ ଓ ଜୀବନରେ ଅନ୍ୟ ସାଧନାରେ ମାତି ଏ କାର୍ଯ୍ୟ ସମ୍ପୂର୍ଣ୍ଣ କରିପାରି ନାହାନ୍ତି ।

ଉଲ୍ଲେଖଯୋଗ୍ୟ ଯେ, କଟକର ନିଉଷ୍ଟୁଡ଼େସ୍ ଷ୍ଟୋର୍ସ, ଓଡ଼ିଆ ସାହିତ୍ୟର କ୍ରମପରିଣାମର ଦ୍ୱିତୀୟ ସଂସ୍କରଣ ୧୯୭୭ ମସିହାରେ ପ୍ରକାଶ କରିଛନ୍ତି । ଏହି ପୁସ୍ତକରେ ପୃ ୬୪୯ରୁ ୬୬୭ ଓଡ଼ିଆ ସାହିତ୍ୟର କ୍ରମପରିଣାମ, ତୃତୀୟ ଭାଗ ବୋଲି ଲେଖା ଯାଇଅଛି । ଏହି ଲେଖାର ଶୀର୍ଷକ 'ଓଡ଼ିଶାରେ ଜୈନଧର୍ମ' ବୋଲି ନାମିତ । ଏହି ଲେଖା 'ଓଡ଼ିଆ ସାହିତ୍ୟର କ୍ରମପରିଣାମ'ର ତୃତୀୟ ଭାଗ ନୁହେଁ । ପଦ୍ମଶ୍ରୀ ଲକ୍ଷ୍ମୀନାରାୟଣ ସାହୁ "ଓଡ଼ିଶାରେ ଜୈନଧର୍ମ" ଶୀର୍ଷକ ଏକ ଗ୍ରନ୍ଥ ସାତବର୍ଷ ପରିଶ୍ରମ କରି ଗବେଷଣା କରି ଉତ୍କଳ ବିଶ୍ୱବିଦ୍ୟାଳୟରୁ ଡକ୍ଟର ଉପାଧି ପାଇଥିଲେ । ଏହି ଗ୍ରନ୍ଥର ମୁଖବନ୍ଧ ଲେଖିବାକୁ ସେ ପଣ୍ଡିତ ନୀଳକଂଠଙ୍କୁ ଅନୁରୋଧ କରିଥିଲେ । ନୀଳକଂଠ ଏହି ଗ୍ରନ୍ଥ ପଢି ମୁଖବନ୍ଧ ସ୍ୱରୂପ 'ଗ୍ରନ୍ଥ ପ୍ରବେଶ' ଶୀର୍ଷକ ଏକ ଆଲୋଚନା ଲେଖି ଲେଖା ଶେଷରେ ନିଜ ସନ୍ତକ ଦେଇ ତା ୯ । ୯ । ୫୮ ବୋଲି ତାରିଖ ଦେଇଛନ୍ତି । ଏହି ମୁଖବନ୍ଧରେ ସେ ଶ୍ରୀ ସାହୁଙ୍କ ଚର୍ଚ୍ଚିତ ଜୈନଧର୍ମ ସମ୍ପର୍କରେ ଥିବା କେତେକ ତଥ୍ୟ ସମ୍ପର୍କରେ ଏକମତ ନହୋଇ ଅଧିକ ତଥ୍ୟ ବି ପ୍ରଦାନ କରିଛନ୍ତି । ଓଡ଼ିଶା, ଭାରତ ତଥା ପ୍ରାଚୀନ ଦକ୍ଷିଣ ପୂର୍ବ ଏସିଆରେ ଜୈନଧର୍ମର ସ୍ଥିତି ଓ ଗତି ଦେଖାଇ ଏହା ବିଶ୍ୱର ଏକ ପ୍ରାଚୀନ ମାନବଧର୍ମ ବୋଲି କହିଛନ୍ତି । ଏଣୁ ନୀଳକଂଠଙ୍କ ଲିଖିତ ଏହି ମୁଖବନ୍ଧ ଓଡ଼ିଆ ସାହିତ୍ୟର କ୍ରମପରିଣାମର ତୃତୀୟଭାଗ ନୁହେଁ ବରଂ ପଦ୍ମଶ୍ରୀ ସାହୁଙ୍କ ଓଡ଼ିଶାରେ ଜୈନଧର୍ମ ସନ୍ଦର୍ଭର ମୁଖବନ୍ଧ ମାତ୍ର ।

ନୀଳକଂଠଙ୍କ ଅପ୍ରକାଶିତ ଅନ୍ୟ ତିନୋଟି ପ୍ରବନ୍ଧ ହେଉଛି– ୧–ପ୍ରସ୍ତାବନା, ୨–ଓଡ଼ିଆ ଭାଷା ଓ ବ୍ୟାକରଣ, ୩–ଓଡ଼ିଆ ଭାଷା ଓ ଲିପି ସଙ୍କେତ । ମନେହୁଏ "ଓଡ଼ିଆ ଭାଷା, ଲିପି ଓ ସାହିତ୍ୟର କ୍ରମବିକାଶ ଦେଖାଇବାକୁ ନୀଳକଂଠ ପରିକଳ୍ପନା କରି ଏହା ରଚନା କରିଥିଲେ । ସଂସ୍କୃତି ଚର୍ଚ୍ଚାରେ ନୀଳକଂଠଙ୍କ ଐତିହାସିକ ଚର୍ଚ୍ଚା ବିଷୟ ମୂଳକ ହେଲ



Digitized by PPRACHIN, SOA

ବେଳେ ଭାଷା ଓ ଲିପି ତଥା ବ୍ୟାକରଣ ଆଲୋଚନା ବେଳେ ଏଗୁଡ଼ିକ ଉଭୟ ଐତିହାସିକ ତୁଳନାତ୍ମକ ହେବା ସଙ୍ଗେ ସଙ୍ଗେ ଇତିହାସ ନିରପେକ୍ଷ ଓ ଏକକାଳିନ (Synchronic) ଅଧ୍ୟୟନର ଅନ୍ତର୍ଗତ ହୋଇଅଛି । ଏହି ଅପ୍ରକାଶିତ ପ୍ରବନ୍ଧାବଳୀ ରଚନା ପୂର୍ବରୁ ୧୯୫୩ରେ "ଓଡ଼ିଆ ଭାଷା ଓ ସାହିତ୍ୟ" ପୁସ୍ତକ ନୀଳକଂଠ ପ୍ରକାଶ କରିଥିଲେ । ଏହି ପୁସ୍ତକର ପ୍ରଥମ ଦଶଗୋଟି ପ୍ରବନ୍ଧରେ ସେ ଓଡ଼ିଆ ବର୍ଣ୍ଣ, ଭାଷା, ଲିପି, ଛନ୍ଦ, ବ୍ୟାକରଣ ଆଦି ସମ୍ପର୍କରେ ଲେଖି ପରବର୍ତ୍ତୀ ପ୍ରବନ୍ଧ ଗୁଡ଼ିକ ସାରଳା ଦାସଙ୍କଠାରୁ ନନ୍ଦକିଶୋରଙ୍କ ସାହିତ୍ୟ ସର୍ଜନାର ସାହିତ୍ୟିକ ବିଶ୍ଳେଷଣ କରିଛନ୍ତି । ତେଣୁ ସେ ଏକାଧାରରେ ସଂସ୍କୃତବିତ୍, ଭାଷାତତ୍ତ୍ୱବିତ୍ ଓ ସାହିତ୍ୟବିତ୍ ଥିଲେ । ଓଡ଼ିଆ ଭାଷା ଓ ଲିପି ତଥା ବ୍ୟାକରଣ ସମ୍ପର୍କରେ ସେ ୧୯୫୩ରେ ଯାହା ପ୍ରକାଶ କରିଥିଲେ ତାହା ଓଡ଼ିଆ ଭାଷା ଅଧ୍ୟୟନର ସୂଚନାମାତ୍ର । ତେଣୁ ସେ ଏହାର ଭାଷା ବୈଜ୍ଞାନିକ ଅଧ୍ୟୟନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । (ଦେଖନ୍ତୁ—ଓଡ଼ିଆ ଭାଷା ଓ ସାହିତ୍ୟ—୧୯୫୩—ଗ୍ରନ୍ଥପ୍ରବେଶ) ଓଡିଆ ଭାଷା, ଓ ଲିପି ତଥା ବ୍ୟାକରଣ ଓ ସାହିତ୍ୟର କ୍ରମବିକାଶ ତଥା ଏଗୁଡ଼ିକର ବିଷୟଗତ ଅଧ୍ୟୟନ ପାଇଁ ଯେଉଁ ପରିକଳ୍ପନା ସେ କରିଥିଲେ ତହିଁର, କ) ପ୍ରସ୍ତାବନା, ଖ) ଓଡ଼ିଆ ଭାଷା ଓ ବ୍ୟାକରଣ, ଗ) ଓଡ଼ିଆ ଭାଷା ଓ ଲିପି ସଙ୍କେତ ପ୍ରବନ୍ଧ ବ୍ୟତୀତ ଆହୁରି କେତୋଟି ପ୍ରବନ୍ଧ ଲେଖିଥିଲେ ବୋଲି ପଣ୍ଡିତ ବନମାଳୀ ମିଶ୍ର, ଡଃ ଦାଶରଥି ଦାଶ ଓ ଡଃ ବାଉରୀବନ୍ଧୁ କର ମତ ଦେଇଛନ୍ତି । ଏହି ପ୍ରବନ୍ଧ ଗୁଡ଼ିକ ହେଲା— 'ଧର୍ମ ସାଧନା ଓ ସଙ୍କେତ', 'ବୌଦ୍ଧଗାନ ଓ ଦୋହାଁ—ତାହାର ସାଧନା ଓ ଭାଷା, ତଥା ବୌଦ୍ଧଗାନ ଓ ଦୋହାଁ—ସେକାଳର ଓଡ଼ିଆ ଲେଖା' । କିନ୍ତୁ ଏହି ଅଧ୍ୟାୟ ଗୁଡିକ ସମ୍ପ୍ରତି ଉପଲବ୍‌ଧ ନୁହେଁ । ତେଣୁ ପୂର୍ବୋକ୍ତ ତିନୋଟି ଅପ୍ରକାଶିତ ଲେଖାକୁ 'ଓଡ଼ିଆ ଭାଷା ଓ ଲିପିର କ୍ରମବିକାଶ' ବୋଲ-ଯାଇପାରେ ।

ନୀଳକଂଠଂକର ଏ ସମସ୍ତ ଅପ୍ରକାଶିତ ରଚନା ପୂର୍ଣ୍ଣାଙ୍ଗ ରୂପେ ଉପଲବ୍‌ଧ ନଥିବା ହେତୁ ଓଡ଼ିଆ ସାହିତ୍ୟ ଓ ସଂସ୍କୃତି ସମାଲୋଚନା କ୍ଷେତ୍ରରେ ତାଙ୍କର ଅବଦାନ ଆମ୍ଭେ ପରିପୂର୍ଣ୍ଣ ଭାବେ ପାଇପାରିନାହୁଁ ।



Digitized by PPRACHIN, SOA

ତଥାପି ଜଣେ ପ୍ରବୁଦ୍ଧ ମାନସିକତାର ବିଦ୍ୱାନ୍ ଭବେ ତାଙ୍କ ଅସଂପୂର୍ଣ୍ଣ ରଚନା ମଧ୍ୟରୁ ସମାଲୋଚନା ପାଇଁ ଯେଉଁ ସୂତ୍ର ଓ ସଂକେତ ରହିଛି, ସେଗୁଡ଼ିକୁ ଅବଲମ୍ବନ କରି ସମ୍ୟକ୍ ଚର୍ଚ୍ଚା ବାଞ୍ଛନୀୟ ।

ନୀଳକଂଠ ନିଜ ଭୂମିରେ ଠିଆ ହୋଇ ବିଶ୍ୱସଂସ୍କୃତିକୁ ଉପଲବ୍ଧି କରିବାର ଶ୍ରଦ୍ଧା ଓ ସାଧନା ରଖିଥିଲେ । ବିଶ୍ୱର ବିଶାଳ ମାନବ ସଂସ୍କୃତିର ମଧ୍ୟରେ ଓଡ଼ିଆ ସଂସ୍କୃତିର ଚିରନ୍ତନ ମୂଲ୍ୟବୋଧର ସମାକଳନ କରିବାର ସ୍ପର୍ଦ୍ଧା ରଖିଥିଲେ । ତେଣୁ ସେ କ୍ରାନ୍ତଦ୍ରଷ୍ଟା । ଓଡିଆ ସଂସ୍କୃତିକୁ ଅତୀତଠାରୁ ବର୍ତ୍ତମାନଯାଏ ଦେଖି ଏହାକୁ ପ୍ରଚଳିତ ସମାଜର କ୍ରମୋତ୍ତରଣ ପାଇଁ ନିୟୋଜିତ କରି ଐତିହ୍ୟ ଓ ପରଂପରାର ଧାରାବାହିକତାକୁ ରକ୍ଷା କରିବା ପାଇଁ ଏକ ଜାତୀୟ ଚିନ୍ତାନାୟକ ରୂପେ ସେ ନିଜର ଭୂମିକା ତୁଲାଇଛନ୍ତି । ଏଣୁ ତାଙ୍କ ଦୃଷ୍ଟି ସ୍ୱତନ୍ତ୍ର ଅନନ୍ୟ ଓ ସେ ଆମମାନଙ୍କର ବନ୍ଦନୀୟ ।

ମହେନ୍ଦ୍ର କୁମାର ମିଶ୍ର
ତା ୩୦ । ୩ । ୯୦



Digitized by PPRACHIN, SOA

# ମୁଖବନ୍ଧ

'ପଣ୍ଡିତ ନୀଳକଣ୍ଠଙ୍କ ଅପ୍ରକାଶିତ ରଚନାବଳୀ' ବର୍ତ୍ତମାନ ପ୍ରକାଶିତ ହେବାକୁ ଯାଉଛି, ପଣ୍ଡିତ ମହାଶୟଙ୍କ ତିରୋଧାନର ବାଇଶି ବର୍ଷ ପରେ । ଏହା ଏପରି କିଛି ବଡ଼ କଥା ନୁହେଁ, ଯେତେବେଳେ ଆମେ ଦେଖୁ ଯେ ବହୁ ବିଶିଷ୍ଟ ଲେଖକଙ୍କର ଶହ ଶହ ବର୍ଷ ତଳର ପୁରାତନ ଅପ୍ରକାଶିତ ଲେଖା ପୃଥିବୀରେ ଆଜି ଅନେକତ୍ର ନିଖୁଣ ଭାବେ ପ୍ରକାଶିତ ହୋଇ ପାରୁଛି । କିନ୍ତୁ ଆମ ଦେଶରେ ସେ ପ୍ରକାରର ଶୈକ୍ଷିକ ପରିବେଶ ଓ ନିଷ୍ଠାର ଅଭାବରେ ମାତ୍ର ବାଇଶଟି ବର୍ଷ ବି ଏକ ବିରାଟ ବ୍ୟବଧାନ ହୋଇ ଠିଆ ହୋଇପାରେ ଏବଂ ହୋଇଛି ମଧ୍ୟ । ସେ ଦ୍ୱନ୍ଦ୍ୱ ଭିତରକୁ ଯିବାର ଆବଶ୍ୟକତା ନାହିଁ । ବର୍ତ୍ତମାନ ଯେଉଁ ଭାବେ ଏ ରଚନାବଳୀକୁ ସଂକଳିତ କରାଯାଇଛି, ସେଥିରେ ମାତ୍ର ଦୁଇଟି ଭାଗ ରହିଛି, (୧) ଓଡ଼ିଆ ସାହିତ୍ୟର କ୍ରମ ପରିଣାମ—୩ୟ ଭାଗ ଓ (୨) ଓଡ଼ିଆ ଭାଷା ଓ ଲିପିର କ୍ରମ ବିକାଶ । ସାଧାରଣ ବିଶ୍ୱାସରେ ସାହିତ୍ୟ, ଭାଷା ଓ ଲିପି ଗୋଟିଏ ବିଷୟର ତିନୋଟି ଦିଗ, ଏପରିକି ଏହା ଗୋଟିଏ ବିଷୟର ପ୍ରକାରଭେଦ ବି ହୋଇପାରେ । କିନ୍ତୁ ପ୍ରକୃତରେ ଏହା ଆଦୌ ସେପରି ନୁହେଁ । ସାହିତ୍ୟ, ଭାଷା ଓ ଲିପି ସଂପୂର୍ଣ୍ଣ ଭାବେ ତିନୋଟି ପୃଥକ୍ ବିଷୟ—ଖାଲି ଓଡ଼ିଆ ଭାଷା କ୍ଷେତ୍ରରେ ନୁହେଁ, ପୃଥିବୀର ସବୁ ଭାଷାକ୍ଷେତ୍ରରେ । ତେଣୁ କ୍ୱଚିତ୍ କେହି ବିଦ୍ୱାନ୍ ଏହି ତିନୋଟି ଯାକ ବିଷୟକୁ ସମାନ ଦକ୍ଷତାର ସହିତ ବିଚାର କରିବାରେ ସଫଳ ହୋଇ ଥାଆନ୍ତି; ପଣ୍ଡିତ ନୀଳକଣ୍ଠ ଯେ ଏହାର ବ୍ୟତିକ୍ରମ ଏପରି ବି କୁହାଯାଇ ପାରିବ ନାହିଁ । ବରଂ ଲକ୍ଷ୍ୟ କରିବାର କଥା ଯେ ପଣ୍ଡିତ ନୀଳକଣ୍ଠଙ୍କର ବିଚାର ଧାରା ବା କ୍ରମବିକାଶର ଧାରା କେବଳ ଭାଷା, ସାହିତ୍ୟ ଓ ଲିପିରେ ସୀମିତ ନରହି ଓଡ଼ିଆ ସମାଜର ସଂସ୍କୃତି, ଧର୍ମ, ଧାରଣା, ଚଳଣି, ଲୋକାଚାର, ଜଗଡ଼ମାଳିଠାରୁ ଆରମ୍ଭ କରି କିମ୍ବଦନ୍ତୀ ବା

Digitized by PPRACHIN, SOA

ଇତିହାସ ପର୍ଯ୍ୟନ୍ତ ବହୁ ବିଷୟକୁ ଗୋଟିଏ ପରିସରଭୁକ୍ତ କରିଛି, ଗୋଟିଏ ଚିନ୍ତାଧାର ବା ଦର୍ଶନର ଶୃଙ୍ଖଳାରେ । ସେ ଦୃଷ୍ଟିରୁ ନୀଳକଂଠଙ୍କ ଓଡ଼ିଆ ସାହିତ୍ୟର କ୍ରମପରିଣାମ ବା ଓଡ଼ିଆ ଭାଷା ଓ ଲିପିର କ୍ରମବିକାଶ ଗୋଟିଏ-ଗୋଟିଏ ନିର୍ଦ୍ଦିଷ୍ଟ ବିଷୟ ରୂପେ ହୁଏତ ଅସମ୍ପୂର୍ଣ୍ଣ, ବା ଅସଂଗତ ମନେ ହୋଇପାରେ; କିନ୍ତୁ ଏଗୁଡ଼ିକ ଏକ ନିର୍ଦ୍ଦିଷ୍ଟ ଦର୍ଶନର ବିଭିନ୍ନ ବିଭାଗ ରୂପେ ଖଞ୍ଜା ଯାଇଛନ୍ତି । ଯେଉଁ ଚଉକାଠରେ ସେଗୁଡ଼ିକ ଖଞ୍ଜା ହୋଇଛନ୍ତି, ସେ ହେଉଛି ଓଡ଼ିଆ ଜାତିର ଦର୍ଶନ, ଅର୍ଥାତ୍ ଯାହା ସବୁକୁ ନେଇ ଓଡ଼ିଆ ଜାତିର ଜାତୀୟତା । ପଣ୍ଡିତ ନୀଳକଂଠଙ୍କ ମତରେ ଏହାକୁ ଏକ 'ଜୀବନ୍ତ ବ୍ୟକ୍ତି' ରୂପେ ଦେଖିବାକୁ ପଡ଼ିବ । ଆଉ ଗୋଟିଏ 'ଜୀବନ୍ତ ବ୍ୟକ୍ତି' ଯେପରି ଅନେକ ଗୁଡ଼ିଏ ପରସ୍ପରାଶ୍ରିତ ପ୍ରଣାଳୀର ଏକ ସଂହତି, ସେହିପରି ଓଡ଼ିଆ ଜାତୀୟତା ଗୋଟିଏ ସଂହତି, ଯେଉଁଥିରେ 'ଜା' ଆଉ 'ଗଣ' ଠାରୁ ଆରମ୍ଭ କରି ନିଷାଦ ବା ଅସୁର ସଭ୍ୟତା ପର୍ଯ୍ୟନ୍ତ ବି ଅନ୍ତର୍ଭୁକ୍ତ । ଏଥିରେ ଆଶ୍ଚର୍ଯ୍ୟ ହେବାରେ କିଛି ନାହିଁ । ପଣ୍ଡିତ ନୀଳକଂଠଙ୍କ ପ୍ରଣାଳୀରେ ଖାଲି ଓଡ଼ିଆ ଭାଷା, ସାହିତ୍ୟ ଓ ଲିପି ଐକ୍ୟବଦ୍ଧ ନୁହଁନ୍ତି, ରାୟ ରାମାନନ୍ଦଙ୍କଠାରୁ ଆରମ୍ଭ କରି ଆଖଡ଼ା ପିଲା ପର୍ଯ୍ୟନ୍ତ ବି । ସେହି ଯୋଗସୂତ୍ରଟି ଧରି ନ ପାରିଲେ ପଣ୍ଡିତ ନୀଳକଂଠଙ୍କର ସଂହତି ବା Systemକୁ ବୁଝିବା ଖାଲି ଦୁଷ୍କର ନୁହେଁ, ତାଙ୍କର ଚିନ୍ତାଧାରା ଓ ପାଣ୍ଡିତ୍ୟ ପ୍ରତି ଏହା ଏକ ଅବିଚାର ହେବ । ଏହି ସଂହତିଟିର ରୂପାୟନ କରିବାକୁ ଯାଇ ପଣ୍ଡିତ ନୀଳକଂଠ ପ୍ରଥମେ ନାନା ଅସୁବିଧାର ଉଲ୍ଲେଖ କରିଛନ୍ତି; କେଉଁଠି ହୁଏତ ସାମଗ୍ରୀର ଅଭାବ ଦୃଷ୍ଟିରୁ ଓ କେଉଁଠି ବାୟୁମଣ୍ଡଳର ପ୍ରତିକୂଳତା ଦିଗରୁ । ତେଣୁ ତାଙ୍କର ଭାଷାରେ—"ଆମ ସାହିତ୍ୟର ଯାହା ବା ଆଲୋଚନା ହୋଇଚି ବା ହେଉଚି, ତାକୁ ଉପମା ଦେଇ କହିଲେ କୁହାଯିବ ଅନ୍ଧମାନେ ହାତୀ ଦେଖିବା ପରି ।" ଏହି ଏକ – ଦେଶ ଦର୍ଶିତା କେବଳ ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ପ୍ରଯୁଜ୍ୟ ନୁହେଁ । ଏହା ଓଡିଶାର ଇତିହାସ, ଧର୍ମ, ସଂସ୍କୃତି, ଭାଷା, ଲିପି, ଲୋକାଚାର, ଚଳଣି, ପୋଥିପତ୍ର, ଶିଳାଲେଖ ଇତ୍ୟାଦି ପ୍ରାୟ ପ୍ରତ୍ୟେକ କ୍ଷେତ୍ରରେ ଏକ ବିରାଟ ପ୍ରତିବନ୍ଧକ ହୋଇ ରହିଛି । ପଣ୍ଡିତ ମହାଶୟଙ୍କ ଉକ୍ତିର ଅର୍ଦ୍ଧଶତାବ୍ଦୀ ପରେ ବି ଏ ଅବସ୍ଥାରେ ବିଶେଷ ଉନ୍ନତି ହୋଇଛି ବୋଲି ଆମର ମନେ ହୁଏ ନାହିଁ । ତା ସତ୍ତ୍ୱେ ନୀଳକଂଠ ନାନା ଦିଗରୁ ଏ ଗୁଡ଼ିକୁ ଏକ ବୌଦ୍ଧିକ



Digitized by PPRACHIN, SOA

ଶୃଙ୍ଖଳା ଭିତରକୁ ଆଣିବାକୁ ଚେଷ୍ଟା କରିଚନ୍ତି ଓ ସେ ଦୃଷ୍ଟିରୁ ଏହା ବୋଧହୁଏ ଓଡ଼ିଶାରେ ଏକମାତ୍ର ପ୍ରଚେଷ୍ଟା । ଏକଥା ସତ୍ୟ ଯେ ବିଭିନ୍ନ କ୍ଷେତ୍ରରେ ପଣ୍ଡିତ ମହାଶୟ ବହୁ ସାମଗ୍ରୀକୁ ନେଇ କିଛିଟା ମନୋମୁଖୀ କରିଚନ୍ତି । ଭଷାଠାରୁ ସାହିତ୍ୟ ପର୍ଯ୍ୟନ୍ତ, ଲୋକାଗ୍ଚରଠାରୁ ଇତିହାସ ପର୍ଯ୍ୟନ୍ତ, ଧର୍ମଠାରୁ ସଂସ୍କୃତି ପର୍ଯ୍ୟନ୍ତ, ସର୍ବତ୍ର ସାମଗ୍ରୀ ବିଷୟରେ ସେ ଯଥେଷ୍ଟ ସ୍ୱାଧୀନତା ନେଇଛନ୍ତି । କେଉଁଠି ଘଟଣାକୁ ଉଡ଼ାଇ ଦେଇଛନ୍ତି ତ କେଉଁଠି ଫେଣେଇଛନ୍ତି । ଆପାତଃ ଦୃଷ୍ଟିରେ ଏହା ମନୋମୁଖୀ ମନେ ହୋଇ-ପାରେ—ତେଣୁ ପଣ୍ଡିତ ମହାଶୟଙ୍କ କ୍ଷେତ୍ରରେ ଆମକୁ କହିବାକୁ ହେବ ଯେ "ପଣ୍ଡିତଙ୍କ ପୁଅ ମାଙ୍କଡ଼ ମାଇଲେ ଦୋଷ ନାହିଁ" । କିନ୍ତୁ ନୀଳକଂଠ ଯେଉଁ ସ୍ୱାର୍ଥରେ ଘଟଣାକୁ ବଳି ଦେଇଛନ୍ତି, ସେ ହେଉଚି ଶୃଙ୍ଖଳାଗତ ବା ପ୍ରଣାଳୀ-ସିଦ୍ଧ, ଯାହା ଗବେଷଣାର ଚରମ ସାର୍ଥକତା । ଅନ୍ୟ କଥାରେ କହିଲେ,— ଘଟଣା ବା Dataର ଗୁରୁତ୍ୱ ଶୃଙ୍ଖଳା ସିଦ୍ଧତା ବା Theory ଉପରେ ନିର୍ଭର କରେ । Theory ହିଁ କହେ ଡେଟା କ'ଣ । ଶୃଙ୍ଖଳା ଦ୍ୱାରା ହିଁ ଆମେ ବୁଝୁ ତଥ୍ୟ କାହାକୁ ଓ କାହିଁକି କୁହାଯିବ ।

ଜଡ଼ ତଥ୍ୟକୁ କେବଳ ଶୃଙ୍ଖଳା ହିଁ ଜୀବନଦାନ କରିଥାଏ । ପଣ୍ଡିତ ମହାଶୟ ସେହି ଶୃଙ୍ଖଳା ବଳରେ ତଥ୍ୟର ବ୍ୟବଚ୍ଛେଦ ବା ତଥାକଥିତ 'ବ୍ୟଭିଚ୍ଚର' କରିଛନ୍ତି ଏବଂ ସେ ସ୍ୱାଧୀନତାକୁ ଯେ କୌଣସି ବୈଜ୍ଞାନିକ ଚିନ୍ତାଧାରର ଅନ୍ତର୍ଗତ ବୋଲି ସ୍ୱୀକାର କରିବାକୁ ପଡ଼ିବ । ଓଡ଼ିଆ ଦର୍ଶନର ପ୍ରବାହରେ ଓଡ଼ିଆ-ସାହିତ୍ୟର କ୍ରମ ପରିଣାମକୁ (ଏଠାରେ ସାହିତ୍ୟକୁ ଅତ୍ୟନ୍ତ ପ୍ରଶସ୍ତ ଅର୍ଥରେ ବୁଝିବାକୁ ହେବ ) ନିର୍ଦ୍ଦିଷ୍ଟ କରିବାର ଭିତ୍ତିପତନ ପଣ୍ଡିତ ନୀଳକଣ୍ଠ ଯେପରି ସୁଦକ୍ଷ ଭବେ କରିଯାଇଛନ୍ତି ତା'ର ତୁଳନା ଅନ୍ୟତ୍ର ନାହିଁ । ବସ୍ତୁତଃ, ପଣ୍ଡିତ ମହାଶୟଙ୍କ 'ଓଡ଼ିଆ ସାହିତ୍ୟର କ୍ରମ ପରିଣାମ' ଗ୍ରନ୍ଥର ବିଶେଷତ୍ୱ ହେଉଛି ଏହା ଓଡ଼ିଶାର ରାଜନୈତିକ ଇତିହାସ ଉପରେ ଆଧାରିତ ନହୋଇ ଓଡ଼ିଆ ଚିନ୍ତାର ଦାର୍ଶନିକ ପୃଷ୍ଠଭୂମି ଉପରେ ପ୍ରତିଷ୍ଠିତ ହୋଇଛି । ସେ ଦୃଷ୍ଟିରୁ ଏହା ଏକକ ସୃଷ୍ଟି ଓ ଏହାର ପରିସର ଏତେ ବଢ଼ିଯାଇଛି ଯେ ଓଡ଼ିଆ ସମାଜର ସଭ୍ୟତା, ସଂସ୍କୃତି, ଧର୍ମ, ଧାରଣା, ଗ୍ଚଲି-ଚଳଣ, ଲୋକଗ୍ଚର, ସବୁ ପ୍ରାୟ ଏହି କଷଟି ପଥରରେ କଷା-ହୋଇ ଗଚ୍ଛିତ ହୋଇଛନ୍ତି । ଓଡ଼ିଆ ସାହିତ୍ୟର ଦାର୍ଶନିକ ମେରୁଦଣ୍ଡ



Digitized by PPRACHIN, SOA

ଯାହା ଉପରେ ଭିତ୍ତି କରି ପଣ୍ଡିତ ନୀଳକଣ୍ଠ ସମଗ୍ର ଓଡ଼ିଆ ସାହିତ୍ୟର ବ୍ୟକ୍ତିତ୍ୱକୁ ବିଚାର କରିଛନ୍ତି, ସେ ମେରୁଦଣ୍ଡ କ'ଣ ? ତା' ଆଗରୁ ଦେଖିବାର କଥା ହେଉଛି ଓଡ଼ିଆ ସଭ୍ୟତା ଓ ଓଡ଼ିଆ ସଂସ୍କୃତିର ମୂଳ କ'ଣ ? ପଣ୍ଡିତ ଦାସଙ୍କ ମତରେ ଓଡ଼ିଆ ଭୂମିରେ ଆଦିମ ଓ ଆଗନ୍ତୁକ ଲୋକ ସମାଗମ ଓ ଲୋକମିଶ୍ରଣ ଅତି ପ୍ରାଚୀନ, ତେବେ ବି ଏଇ ମିଶ୍ରଣ ଭିତରେ ସଭ୍ୟତାର ଯେଉଁ ନିର୍ଦ୍ଦିଷ୍ଟ ଧାରାର ସମନ୍ୱୟ ଦେଖାଯାଏ, ସେ ତିନୋଟି ହେଉଛି ଶବର ( ମୁଣ୍ଡା ), କଳିଙ୍ଗ ( ଦ୍ରାବିଡ଼ ) ଓ ଆର୍ଯ୍ୟ । କଳିଙ୍ଗ, ଓଡ଼ ଓ ଶବର ସଭ୍ୟତା ମିଶି ଏକାକାର ହୁଏ, ଏବଂ ବହୁକାଳରୁ ଏଇ ସମସ୍ତ ସଭ୍ୟତା ଓ ସାହିତ୍ୟ ଗୋଟିଏ ସଭ୍ୟତା ଓ ସାହିତ୍ୟରେ ପରିଣତ ହୁଏ । ପଣ୍ଡିତ ନୀଳକଣ୍ଠଙ୍କ ମତରେ– ଆମ ଓଡ଼ିଆ ସଭ୍ୟତା ଓ ସାହିତ୍ୟ ସୌଧର ମୂଳଦୁଆ ଏଇଠାରେ ।

ଭାଷା ଦୃଷ୍ଟିରୁ ବିଚାର କଲେ ଶବର, କଳିଙ୍ଗ ଓ ଆର୍ଯ୍ୟ ତିନୋଟି ଭିନ୍ନ ଭିନ୍ନ ଭାଷାଗୋଷ୍ଠୀକୁ ବୁଝାଇଥାଏ, ଯଥାକ୍ରମେ– ଅଷ୍ଟ୍ରିକ୍, ଦ୍ରାବିଡ଼ ଓ ଆର୍ଯ୍ୟ । ପଣ୍ଡିତ ନୀଳକଣ୍ଠ ସେ କଥା ଅସ୍ୱୀକାର କରିନାହାନ୍ତି, ଯଦିଓ ଅନେକଙ୍କ ମତରେ ଶବରର ସ୍ଥାନ ଓଡ଼ିଆ ମୂଳଦୁଆରେ ନାହିଁ । ଉଦାହରଣ ସ୍ୱରୂପ, ଗୋପାଳ ଚନ୍ଦ୍ର ପ୍ରହରାଜଙ୍କ ମତରେ– ଓଡ଼ିଆ ଭାଷା ମାଗଧି ପ୍ରାକୃତ ଓ ଦ୍ରାବିଡ଼ୀୟ ଭାଷାର ସମ୍ମିଶ୍ରଣରେ ଉତ୍ପତ୍ତି ଲାଭ କରିଅଛି । କିନ୍ତୁ ଅଷ୍ଟ୍ରିକ୍, ବିଶେଷ କରି ଶବର ବା ମୁଣ୍ଡା ଉପଗୋଷ୍ଠୀର ଅବଦାନ ଓଡ଼ିଆ ସଭ୍ୟତା ଉପରେ ଯେ ସ୍ପଷ୍ଟ ତା' ଉପରେ ପଣ୍ଡିତ ନୀଳକଣ୍ଠ ଯଥେଷ୍ଟ ଗୁରୁତ୍ୱ ଦେଇ-ଛନ୍ତି । ଏହି ଶବରମାନଙ୍କ 'ଅତିଥି ସେବାର ପବିତ୍ର ନିଷ୍ଠା'ଠାରୁ ଆରମ୍ଭ କରି 'ସ୍ୱାଧୀନ ଗ୍ରାମ ଶାସନ' ପର୍ଯ୍ୟନ୍ତ ଏ ସଭ୍ୟତାର ବହୁ ସଂକେତ ଯେ ବର୍ତ୍ତମାନର ଓଡ଼ିଆ ଲୋକକଥା ଓ ଅନୁଷ୍ଠାନମାନଙ୍କରେ ମିଳେ ସେ ବିଷୟରେ ବିଶଦ ଆଲୋଚନା ସେ କରିଛନ୍ତି । ସେ ଯାହାହେଉ, ଓଡ଼ିଆ ସଭ୍ୟତା ସାହିତ୍ୟ ଓ ଭାଷାକୁ ଶବରମାନଙ୍କ ଦାନ କ୍ୱଚିତ୍ ଆଲୋଚନାର ବିଷୟ ହୋଇଛି, ଯଦିଓ ଓଡ଼ିଆ ସଭ୍ୟତାର ମୂଳ ପିଣ୍ଡ ସ୍ୱୟଂ ଜଗନ୍ନାଥ ଏବେ ବି ଶବର ପରମ୍ପରାର କିମ୍ବଦନ୍ତୀ ସହିତ ଘନିଷ୍ଠ ଭାବେ ଜଡ଼ିତ ହୋଇ ରହିଛନ୍ତି ଓ ରହିଥିବେ । ଏହିପରି କେତୋଟି ଶଙ୍କୁକୁ ଧରି ପଣ୍ଡିତ ନୀଳକଣ୍ଠ ଅବଶ୍ୟ ବହୁ ଦୂରକୁ ଚାଲିଯାଇଛନ୍ତି । ଓଡ଼ିଆର, କା', 'ଗଣ' ପରି କେତେକ



Digitized by PPRACHIN, SOA

ଶବ୍ଦର ଆଦି ଯେ ଇଜିପଟ୍‌ର ନିଷାଦ ସଭ୍ୟତା ବା ଅସ୍ଟ୍ରର ସଭ୍ୟତାରେ ଥାଇପାରେ ସେ ବିଷୟରେ କଳ୍ପନା ଜଳ୍ପନା କରିଛନ୍ତି । କିନ୍ତୁ ନୀଳକଣ୍ଠଙ୍କ ଏହି ଯୁକ୍ତିର ପ୍ରକୃତ ତାତ୍ପର୍ଯ୍ୟ ଏଇ ଶବ୍ଦ କେଇଟି ଭିତରେ ନାହିଁ । କହିବାର ଉଦ୍ଦେଶ୍ୟ ହେଉଛି– ପୃଥିବୀରେ ଆଦାନ ପ୍ରଦାନ ସୂତ୍ରରେ ଅନେକ ଶବ୍ଦ ବ୍ୟବହାରରେ ନିଜର ମୂଳ ପରିଚୟ ହରାଇଛନ୍ତି । ଏଭଳି ଶବ୍ଦ ଓ ଅନୁଷ୍ଠାନମାନଙ୍କର ମୂଳ କେଉଁଠାରେ, ଆଦାନ ପ୍ରଦାନର କି ସୂତ୍ରରେ, କେଉଁ ସାହିତ୍ୟ ପ୍ରଭାବରେ କେଉଁ ସାହିତ୍ୟକୁ ବ୍ୟାପିଛି, ତା' କହିବା କଷ୍ଟ । ଏହି ଅବଲୁପ୍ତ ଆଦାନ ପ୍ରଦାନର ଧାରାକୁ ଚିହ୍ନିତ କରିବାକୁ ହେଲେ ସେ ଦିଗରେ ସଂହତି ଗବେଷଣାର ପ୍ରୟୋଜନୀୟତା ଅଛି । ଏହି ଇତିହାସ ଏତେ ଆଚ୍ଛନ୍ନ ଯେ କେଉଁ ସୂତ୍ରଟି କେଉଁ ଶବ୍ଦର ମୂଳ, ଆପାତତଃ ତାହା ନିର୍ଦ୍ଦିଷ୍ଟ କରିବା ସମ୍ଭବ ନୁହେଁ । କିନ୍ତୁ ଯେତେବେଳେ ଶବ୍ଦ ଦୃଷ୍ଟିରୁ ଓଡ଼ିଆ ଭାଷାର ଅନ୍ୟାନ୍ୟ ଭାଷା ସହିତ ତୁଲ୍ୟତା ଦେଖାଯାଏ, ସେତେବେଳେ ଓଡ଼ିଆ ସଭ୍ୟତା ଯେ ଉକ୍ତ ସଭ୍ୟତାର ସଂସର୍ଗରେ ଆସିଥିଲା, ଅନୁମାନ କରିବା ଆଦୌ ଅସମ୍ଭବ ନୁହେଁ । ଏ ସମ୍ପର୍କ ଦୁଇଟି ଉପାୟରେ ଖୋଜାଯାଇ– ପାରେ– ଗୋଟିଏ ହେଉଛି ବାହ୍ୟିକ ଓ ଅନ୍ୟଟି ଆନ୍ତରିକ । ଆରବୀ, ପାର୍ସୀ-ମୂଳକ ବା ଇଂରାଜୀ, ପର୍ତ୍ତୁଗୀଜ-ମୂଳକ ବହୁ ଶବ୍ଦ ଓଡ଼ିଆରେ ଚଳେ । ମୁସଲମାନ ବା ଇଂରାଜୀ ସହିତ ମାତ୍ର ଦୁଇ ତିନିଶହ ବର୍ଷର ସମ୍ପର୍କ ଭିତରେ ଆମ ଭାଷା ଉପରେ ବା ଚାଲିଚଳଣ ଉପରେ ଏଗୁଡ଼ିକର ପ୍ରଭାବ କିଛି କମ୍ ନୁହେଁ । ଏହି ପ୍ରଭାବ ଯେତେ ବ୍ୟାପକ ହେଉନା କାହିଁକି, ଏହାକୁ ଆନ୍ତରିକ କୁହାଯାଇ ପାରିବ ନାହିଁ । ମୁସଲମାନୀ ଓ ଇଂରେଜୀର ପ୍ରଭାବ ବା ଉପାଦାନକୁ ନେଇ ଆମର ମୂଳ ପିଣ୍ଡ ତିଆରି ହୋଇନାହିଁ– ଅର୍ଥାତ୍ ଏହା ଆମ 'ଧାତୁ'ରେ ନାହିଁ– ଏହା ଏବେ ବି ବାହ୍ୟିକ । ଅପରପକ୍ଷେ, ଅନ୍ୟ କେତେକ ଭାଷାର ଉପାଦାନ ଓଡ଼ିଆ ଭିତରେ ଦେଖିବାକୁ ମିଳେ ଯାହାକୁ ଆମର ପ୍ରାଣ-ପ୍ରତିଷ୍ଠାର ମୃତ୍ତିକା ଭାବେ ଧରାଯାଇପାରେ । ଏହି ଉପାଦାନ ବାହ୍ୟିକ ନହୋଇ ଆନ୍ତରିକ, ଅର୍ଥାତ୍ ଆମର ମୂଳ ପିଣ୍ଡ ବା sub-stratum । ଯେଉଁ କେତୋଟି ଆଦି ସୂତ୍ର ଧରି ଓଡ଼ିଆ ଭାଷାର ଜନ୍ମ, ସେଇ ମଞ୍ଜ ଭିତରେ ରହିଛି ଏଇ ଉପାଦାନ । ଏଇ sub-stratum ବା 'ଧାତୁ' ଦୃଷ୍ଟିରୁ ବିଚାର କଲେ ପଣ୍ଡିତ ନୀଳକଣ୍ଠଙ୍କ ଶବର ଓ ଦ୍ରାବିଡ଼



Digitized by PPRACHIN, SOA

ସଭ୍ୟତାର ଗୁରୁତ୍ୱ ଅବଶ୍ୟ ରହିଛି । ପ୍ରଚଳିତ ଓଡ଼ିଆରେ ଯେଉଁ ଶବର ଓ ଦ୍ରାବିଡ଼ ମୂଳକ ଶବ୍ଦଗୁଡ଼ିକର ସନ୍ଧାନ ମିଳେ ସେଗୁଡ଼ିକ ଆରବୀ-ପାର୍ସୀ ବା ଇଂରେଜୀ-ପର୍ତ୍ତୁଗୀଜ ପରି କରଜ କର ହୋଇ ଆସି ଆମର ବାହ୍ୟିକ ଶୋଭବର୍ଦ୍ଧନ କରୁନାହାଁନ୍ତି– ସେଗୁଡ଼ିକ ଆମ ମୂଳପିଣ୍ଡର ବସ୍ତୁ । ତାଙ୍କରି ଉପାଦାନରେ ଆମର ଶରୀର ଗଠିତ ହୋଇଛି । ଗୋଟିଏ ଅଷ୍ଟଧାତୁ ପ୍ରତିମାକୁ ହୀରର ଆଭରଣରେ ଭୂଷିତ କଲେ ହୀର ଧାତୁ ହୁଏ ନାହିଁ– ଏହା ଆଭରଣ ମାତ୍ର । କିନ୍ତୁ ତମ୍ବା, ପିତଳ, ସୁନା ବା ଲୁହା– ଯାହାକୁ ନେଇ ମୂର୍ତ୍ତିଟି ତିଆରି ସେ ସବୁ ମୂର୍ତ୍ତିଟିର ମୌଳିକ ଉପାଦାନ । ଶବର ଓ ଦ୍ରାବିଡ଼ sub-strata ବା ଧାତୁ ଆମ ଭଷାର ମଜ୍ଜ ଭିତରେ ଅଛି କି ନାହିଁ ଓ କେଉଁ କେଉଁ ସ୍ତରରେ ଅଛି ସେ ବିଷୟରେ ନିର୍ଦ୍ଦିଷ୍ଟ ଭବେ କହିବା ବର୍ତ୍ତମାନ ସମ୍ଭବ ନହେଲେ ମଧ୍ୟ ପଣ୍ଡିତ ନୀଳକଂଠଂକ ଯୁକ୍ତି ସପକ୍ଷରେ ଯେ ବହୁ ଭଷାତାତ୍ତ୍ୱିକ ତଥ୍ୟ ରହିଛି ତାହା ଅନସ୍ୱୀକାର୍ଯ୍ୟ । ଆଉ ଓଡ଼ିଆ ଭଷାର ମୂଳପିଣ୍ଡ ଯଦି ଶବର, ଦ୍ରାବିଡ଼ ଓ ଆର୍ଯ୍ୟ ଉପାଦାନର ମିଶ୍ରଣରେ ଗଢ଼ା, ତାହେଲେ ସାହିତ୍ୟ, ଧର୍ମ, ଲୋକାଚାର ସଂସ୍କୃତିରେ ଏହା ଉପଲବ୍ଧ ନହେବା ଆଶ୍ଚର୍ଯ୍ୟକର ହେବ । ଏତିକି ହେଉଛି ପଣ୍ଡିତ ନୀଳକଂଠଙ୍କ ଓଡ଼ିଆ-ଦର୍ଶନର ମୂଳଧାର, ଅନ୍ୟାନ୍ୟ ବହୁ ଭରତୀୟ ସଭ୍ୟତା, ଯେଉଁମାନେ ନିଜର ତଥାକଥିତ ପବିତ୍ରତା ଦେଖାଇବେ ବୋଲି ନିଜର ପରମ୍ପରା ଭିତରୁ ଅନ୍ୟ ସବୁ ସ୍ରୋତଗୁଡ଼ିକୁ ବହିଷ୍କାର କରିଛନ୍ତି, ପଣ୍ଡିତ ନୀଳକଂଠ କରିଛନ୍ତି ଠିକ୍ ତାର ବିପରୀତ । ଆଜକୁ ପଚାଶ ବର୍ଷ ତଳେ ବି, ଯେତେବେଳେ ଭରତୀୟ ସଂସ୍କୃତି ସଭ୍ୟତାର ଡିଣ୍ଡିମ ଚତୁର୍ଦ୍ଦିଗକୁ ପ୍ଲାବିତ କରୁଥିଲା ଏବଂ ଏକ ଜୋର ଜବରଦସ୍ତ ଶୁଦ୍ଧି-କରଣରେ ମୁଖର ହୋଇ ଉଠିଥିଲା, ସେହି ଘଡ଼ିସନ୍ଧିରେ ଠିଆହୋଇ ପଣ୍ଡିତ ନୀଳକଂଠ ଗଢ଼ିଥିଲେ ଓଡ଼ିଶାର ଜାତୀୟ ଦର୍ଶନ । ଚିନ୍ତାର, ଭୂୟୋଦର୍ଶନର ଏ ଉଦାରତାକୁ ଦେଖିଲେ ଆଜି ଆମକୁ ବିସ୍ମିତ ହେବାକୁ ହୁଏ । ଏ ଉଦାରତା ଐକ୍ୟ ସମଗ୍ର ଓଡ଼ିଆ ସାମଗ୍ରୀକୁ ଆୟତ୍ତରେ ଆଣିଛି । ତେଣୁ ତାଙ୍କ ଓଡ଼ିଆ ସାହିତ୍ୟର କ୍ରମ ପରିଣାମ ଖାଲି ସାହିତ୍ୟର ପରିଣାମ ନୁହେଁ । ତାଙ୍କ ସାହିତ୍ୟକୁ ବୁଝାଇବାକୁ ଯାଇ ନୀଳକଂଠ କହିଛନ୍ତି– "ସମାଜର ଚଳଣିଠାରୁ କଳା, କବିତା, ଆଲୋଚନା, ବିଜ୍ଞାନ, ବ୍ୟବହାର, ଚିତ୍ର, ସ୍ଥାପତ୍ୟ ପ୍ରଭୃତି ସବୁ ସାହିତ୍ୟର ଅନ୍ତର୍ଗତ ।



Digitized by PPRACHIN, SOA

ସେପରି ବୁଝିଲେ, ଧଉଳିଗିରିର ଅଶ୍ୱତ୍ଥାମା ହାତୀଠାରୁ ଉଦୟଗିରି ଗୁମ୍ଫା, ଭୁବନେଶ୍ୱର, ଖିଚିଙ୍ଗ୍, ଜଗନ୍ନାଥ, କୋଣାର୍କ ପ୍ରଭୃତିର ମନ୍ଦିର, କାଠଯୋଡ଼ିର ପଥରବନ୍ଧ ପ୍ରଭୃତିର ପୂର୍ତ୍ତ କର୍ମ, ଏପରିକି କଣ୍ଟିଲୋର ବାସନ, କଟକର ତାରକସୀ କାମ ପ୍ରଭୃତି ବାଟେ ସାମାଜିକ ଅନୁଷ୍ଠାନ, ବ୍ୟବହାର, କଥା, କିମ୍ବଦନ୍ତୀ ପୁଣି ଶାରଳା ଦାସଙ୍କ ମହାଭାରତାଦି ସମେତ ଏବର ଲିଖିତ କବିତା ଓ ଉପନ୍ୟାସ ପର୍ଯ୍ୟନ୍ତ ସବୁ ସାହିତ୍ୟ ବୋଲି ଧରାଯିବ । ଏ ଉକ୍ତିରୁ କି ସ୍ପଷ୍ଟ ନୁହେଁ ପଣ୍ଡିତ ନୀଳକଂଠ କେଉଁ ଦୃଷ୍ଟିରୁ ଓଡ଼ିଆ ସାହିତ୍ୟର ସଂଜ୍ଞା ନିରୂପଣ କରିଥିଲେ ? ତାହା ପୁଣି ଖାଲି ଲିଖିତ ହେବା ଦରକାର ନାହିଁ । ଲେଖାରେ ପ୍ରକାଶ ନପାଇ କଥାରେ ବା ପରମ୍ପରାରେ ଶୁଣି ଗୀତ, ଗପ ଓ କାହାଣୀରେ ଲେଖା-ସାହିତ୍ୟ ଭଳି, କିମ୍ବା ତା'ଠାରୁ ଅଧିକ ସରସ ଓ ଜୀବନ୍ତ ସାହିତ୍ୟ ଥାଇପାରେ । ସେ କାଳରେ ଅକ୍ଷର ନଥିଲା, ତେଣୁ ଲେଖା ନଥିଲା, ଅକ୍ଷର ଥିବା କାଳରେ ମଧ୍ୟ ବ୍ରତକଥା, ଲୋକକଥା ବା ରୂପକଥା– ଶିଶୁବୁଝା ବା ଶିଶୁସମ୍ଭଳା ଗୀତ, ପୁରାଣ, କାହାଣୀ ଓ ସେଇ ଭଳି ବିଷୟର ଗୀତ ପ୍ରଭୃତି ଶୁଣିବାର ପରମ୍ପରା ଚାଲୁଥିଲା । ଏବେ ବି ତା' କେତେକ ଚଳେ । ଏ ସବୁ ଏବେ ବି ଓଡ଼ିଆ ସାହିତ୍ୟ ହୋଇ ରହିଛି । ଅତଏବ, ପଣ୍ଡିତ ନୀଳକଂଠଂକ 'ସାହିତ୍ୟ'କୁ ବୁଝିବାକୁ ଗଲେ, ମୂଲ୍ୟାୟନ ତ ପରର କଥା, ପ୍ରଥମେ ଆମକୁ ତାଙ୍କ ସାହିତ୍ୟର ସଂଜ୍ଞାଟିକୁ ବୁଝିବାକୁ ପଡ଼ିବ । ପଣ୍ଡିତ ନୀଳକଂଠଂକ ଦର୍ଶନରେ ସେହି ସମନ୍ୱୟର ଧାରା ସାହିତ୍ୟର ସବୁ ବିଭାଗରେ ପ୍ରସ୍ଫୁଟିତ ହୋଇଛି । ସେହି ଧାରାଟିକୁ ନପାଇଲେ ବା ଯେଉଁଠି ସେ ଧାରା ଭାଙ୍ଗିଯାଇଛି ସେ ସୃଷ୍ଟି ଆମର ଯେତେ ପ୍ରିୟ ହେଉନା କାହିଁକି ତା' ପ୍ରତି ସନ୍ଦେହ ପ୍ରକାଶ କରିବାରେ ସେ କୌଣସିଠାରେ କୁଣ୍ଠିତ ନୁହନ୍ତି । ଫଳରେ ସେ ଜୟଦେବ ହୁଅନ୍ତୁ, କି ଦାର୍ଢ୍ୟତା ଭକ୍ତି ହେଉ, ଇନ୍ଦ୍ରଭୂତି ଲକ୍ଷ୍ମୀଙ୍କର ହୁଅନ୍ତୁ କି କେଳାକେଳୁଣୀ ହୁଅନ୍ତୁ, ସେ ସବୁ ଅପାଂକ୍ତେୟ ହୋଇପଡ଼ିଛନ୍ତି । ଏ ଜାତିର ଇତିହାସରୁ ସେମାନଙ୍କ ଚୂଲୀ-ଗୃହ ବି ଉଠିଯାଇଛି । ଯେପରି ରାମଦାସଙ୍କ ଦାର୍ଢ୍ୟତା ଭକ୍ତି ବିଷୟରେ ପଣ୍ଡିତ ମହାଶୟ କହନ୍ତି–" ଏ ପୋଥିର ଭାଷା ଓଡ଼ିଆ କିନ୍ତୁ ଏହା ଓଡ଼ିଆ ସାହିତ୍ୟ ନୁହେଁ । ଭାଷାରେ ହେଲେ ବି ଚିନ୍ତାରେ ଓ ଭାବରେ କଦାପି ନୁହେଁ । ଏହା 'ଅପସାହିତ୍ୟ' ।"



Digitized by PPRACHIN, SOA

ପଣ୍ଡିତ ମହାଶୟଙ୍କର ଏପରି ମନ୍ତବ୍ୟ ନିତାନ୍ତ ଖାମଖିଆଲି ମନେ ହୋଇପାରେ । କିନ୍ତୁ ଆମକୁ ମନେ ରଖିବାକୁ ହେବ ଯେ ତତ୍ତ୍ୱ ଦୃଷ୍ଟିରୁ ସେତିକି ଠିକ୍ କରିବା ହିଁ ସାହିତ୍ୟ-ଇତିହାସର ଲକ୍ଷ୍ୟ । ଭାଷା, ଶୈଳୀ, ଦର୍ଶନ, ସଂସ୍କୃତି, କଳା ପ୍ରତ୍ୟେକଟି ପରମ୍ପରା କ୍ଷେତ୍ରରେ ଏହି ବିଚାରବୋଧର ଗୁରୁତ୍ୱ ରହିଛି । ପ୍ରକୃତରେ ମୂଳ କଣ ଓ ପରେ କେଉଁଟି କରଜ କରା ହୋଇ ମିଶିଛି ବା ମାଗି ଅଣା ହୋଇଛି ସେତିକି ଠିକ୍ କରି ନପାରିଲେ ସବୁ ପ୍ରକାରର ତାର୍କିକ ଆଲୋଚନା ଏକ ନିଷ୍ଫଳ କସରତ୍ । ଯାହା ମଗା ହୋଇ ଆସେ, ଯାହା ପରମ୍ପରାରୁ ଉଦ୍ଭୂତ ନୁହେଁ, ଯାହାର ମୂଳ ଆମ ମାଟିରେ ନାହିଁ, ଯାହା ନକଲି, ଯାହା ବାହ୍ୟିକ, ସେ ଏକ ଅକାଳ ଗଳଗଣ୍ଡ ପରି ଅସ୍ଥାନରେ ମେଦବୃଦ୍ଧି କରେ ସିନା, ଶରୀରର ସୌଷ୍ଠବ ବଢ଼ାଏ ନାହିଁ । ଶରୀରର ସ୍ୱାଭାବିକ ମାଂସପେଶୀ କାହାକୁ କୁହାଯିବ ଓ ଅସ୍ୱାଭାବିକ ଆବୁ କାହାକୁ କୁହାଯିବ, ତାହା କେବଳ ଶରୀରର ଗଠନ ଶୃଙ୍ଖଳାକୁ ଧରି ହିଁ ନିର୍ଣ୍ଣୟ କରାଯାଇ ପାରେ ।

ପଣ୍ଡିତ ମହାଶୟଙ୍କ ଦୃଷ୍ଟିରୁ ଦେଖିଲେ, ପ୍ରତ୍ୟେକ ଜାତୀୟ ପରମ୍ପରା ଗୋଟିଏ ପ୍ରଣାଳୀ ବା System । ଏହି ପ୍ରଣାଳୀର ପ୍ରାଣ ହେଉଛି ଏହାର ସଂହତି । ଅନ୍ୟ ଯେ କୌଣସି ଜୈବିକ ସଂହତି ପରି ଉପାଦେୟ ପଦାର୍ଥକୁ ନିଜର ଗଠନମୂଳକ କାର୍ଯ୍ୟରେ ଲଗାଇବାର, ହଜମ କରିବାର ଶକ୍ତି ଏହାର ଯେପରି ଅଛି, ନିଜର ପ୍ରଣାଳୀ ଭିତରୁ ବହିଷ୍କାର କରିବାର ଶକ୍ତି ବି ସେହି ପରିମାଣରେ ଅଛି । ଏହି ଶକ୍ତିରୁ ହିଁ ଜୀବନର, ସ୍ୱାସ୍ଥ୍ୟର ସୂଚନା ଆମକୁ ମିଳିଥାଏ । ଯେତେବେଳେ ଏ ଶକ୍ତି ଲୋପପାଏ, ଅର୍ଥାତ୍ ନିଜର ସାର-ଅସାର ବୁଝିବାର ଜ୍ଞାନ ରୁହେନାହିଁ, ସେ ସଂହତି ମରଣୋନ୍ମୁଖ ବା ମୃତ । ଏହି ଦିଗରୁ ଦେଖିଲେ ପଣ୍ଡିତ ନୀଳକଂଠଂକ ସାହିତ୍ୟର ଜୈବିକ ଶକ୍ତିର ବିଶେଷତ୍ୱ ଉପଲବ୍ଧ ହୁଏ । ଏହି ଶକ୍ତି ଯେ ଓଡ଼ିଆ ସାହିତ୍ୟର ଥିଲା, ଅନ୍ୟ କଥାରେ ଓଡ଼ିଆ ସାହିତ୍ୟ ଯେ ନିଜକୁ ଗୋଟିଏ ସଂହତିର ପ୍ରାଣ ପ୍ରାଚୁର୍ଯ୍ୟରେ ଜୀବନ୍ତ କରି ରଖିଥିଲା, ସେୟା ହିଁ ପଣ୍ଡିତ ନୀଳକଣ୍ଠ "ଓଡ଼ିଆ ସାହିତ୍ୟର କ୍ରମ ପରିଣାମ"ର ଛତ୍ରେ ଛତ୍ରେ ପ୍ରତିଷ୍ଠିତ କରି ଯାଇଛନ୍ତି । ସେତିକି ହିଁ ତାଙ୍କର ଅବିସ୍ମରଣୀୟ ଦାନ । ଆଉ ସେହି ସିଦ୍ଧି ବଳରେ ସେ ଓଡ଼ିଆ ସାହିତ୍ୟର କଳେବର ଉପରେ ବେଳେ



Digitized by PPRACHIN, SOA

ବେଳେ ଯେଉଁ ଅତ୍ୟନ୍ତ ନିଦାରୁଣ ଅପ୍ରୋପଗ୍ଣର କରିଛନ୍ତି ତା'ର ଯଥେଷ୍ଟ ମହତ୍ୱ ଅଛି ବୋଲି ଆମର ଧାରଣା ।

ଯେତେବେଳେ ସାହିତ୍ୟ ଗୋଟିଏ ଶୃଙ୍ଖଳାରେ ନରହି, ଯଥେଚ୍ଛାଗ୍ଣରୀତାକୁ ପ୍ରଶୟ ଦିଏ, ଜୈବିକ ସହତି ଉତ୍ପାଦନ ନିଷ୍ଠାକୁ ରଖି ନପାରି ସୃଷ୍ଟିରେ ପ୍ରବୃତ୍ତ ହୁଏ, ତାହା ଅବୈଧ ହୁଏ, ଅପସାହିତ୍ୟ ହୁଏ । ତା' ଉପରୁ ସଭ୍ୟତାର ମୁଦ୍ରାଙ୍କ ବାରିହୁଏ ନାହିଁ । କିନ୍ତୁ ଏହି ମୁଦ୍ରାଙ୍କ ଯେତେବେଳେ ସ୍ପଷ୍ଟ, ତାହା ଜାତି ପକ୍ଷରେ ଦିଗ୍‌ଦର୍ଶନର ଭୂମିକା ଦିଏ । ସଂସ୍କୃତିର ମେରୁଦଣ୍ଡ ହୋଇ ରହେ ଓ ବ୍ୟକ୍ତିକୁ ବିହ୍ୱଳ କରେ । ଏହି ସାହିତ୍ୟକୁ ନୀଳକଂଠ ନାମ ଦେଇଛନ୍ତି 'ଜାତୀୟ ସାହିତ୍ୟ' । ଅପର ପକ୍ଷେ ପଣ୍ଡିତ ମହାଶୟ ଚୈତନ୍ୟ, ଜୟଦେବ, ରାୟ ରାମାନନ୍ଦ, କୋଣାର୍କର ବନ୍ଧମୂର୍ତ୍ତି, କେଶବ କୋଇଲି, ଗୋପୀଭଷା, ମାହାରୀ, କେଳାକେଳୁଣୀ, ପାଲା, ତ୍ରିନାଥ ମେଳା, ମନ୍ତ୍ରଦିଆ, କାଙ୍ଗାଳି ଭୋଜନ, ସାକ୍ଷୀଗୋପାଳଙ୍କ ଲକ୍ଷ୍ମୀ, ମାଣିକି ଗଉଡୁଣୀ, ଦଶହରାର ମୃଣ୍ମୟ ପ୍ରତିମା, ସରହପା, ଲୁଇପା, ଛନ୍ଦ, ଓଡ଼ିଶୀ ସଙ୍ଗୀତ, ଗୋଟି ପୁଅଙ୍କୁ ଅପସଂସ୍କୃତି କରି ଦେଇ ବସିଛନ୍ତି । ଗୋଟିଏ ଉଦାହରଣ ଦେଲେ ଯଥେଷ୍ଟ ହେବ । ହୋଇପାରେ, ଜୟଦେବ ହୁଏତ ଓଡ଼ିଆ ଘରେ ଜନ୍ମିଥିଲେ ଓ ଓଡ଼ିଆ-ପ୍ରାକୃତ-ରୀତି ଧରି ସଂସ୍କୃତରେ ଜାତି-ନିବଦ୍ଧ ସଙ୍ଗୀତ ଲେଖିଥିଲେ । ମାତ୍ର ତାଙ୍କ ବୈଷ୍ଣବୀ (ମାତା) ପଦ୍ମାବତୀ ଓଡ଼ିଆ ଥିବା କଦାପି ତାଙ୍କ ନିଜ ଓଡ଼ିଆତ୍ୱର ପ୍ରମାଣ ହୋଇ ନପାରେ । ପୁଣି ଲେଖନ ଶୈଳୀରେ ଯେତେ ଓଡ଼ିଆ ହେଲେ ବି, ଗୀତଗୋବିନ୍ଦର ରାଧାକୃଷ୍ଣ ପ୍ରୀତିଜନିତ ଲଳିତ ରସମାଧୁରୀ ଯେ କଦାପି ଓଡ଼ିଆ ହୋଇ ନପାରେ, ଏହା ଚିନ୍ତା ଓ ବିଗ୍ଣର କରିବାର ଅବକାଶ ଖୋଜିବା ପର୍ଯ୍ୟନ୍ତ ଓଡ଼ିଆ ସାହିତ୍ୟ ବିଗ୍ଣରକଙ୍କୁ ଦିଶୁନାହିଁ । ରାଧାକୃଷ୍ଣଙ୍କ ପରକୀୟା-ରତିରଙ୍ଗ ଯେତେ ରସୁଆଳ ହେଲେ ମଧ୍ୟ ତା' କଦାପି ବ୍ରହ୍ମଚର୍ଯ୍ୟ-ନିବଦ୍ଧ ଓଡ଼ିଆ ସାହିତ୍ୟର ପ୍ରାଣ-ପ୍ରକାଶ କରୁନାଇ । ଏହା ଏକା ବେଳକେ ଆଗନ୍ତୁକ ଓ ଓଡ଼ିଆ ସାହିତ୍ୟରେ ଭ୍ରଷ୍ଟାଗ୍ଣର ।

ଏତିକି କହିଲେ ଯଥେଷ୍ଟ ହେବ । ତେବେ ଓଡ଼ିଶାର ଯୌନ କଳା ବିଷୟରେ ପଣ୍ଡିତ ମହାଶୟଙ୍କର ଯାହା ଧାରଣା ଆଉନା କାହିଁକି, ଏହା ଗୌଡ଼ୀୟଙ୍କର ପରଦାର-ମୂଳକ ପରକୀୟା ହେଉ କି ଭଞ୍ଜୀୟ ସ୍ୱଦାର



Digitized by PPRACHIN, SOA

ସହିତ ଓଡ଼ିଆ ଗୃହସ୍ଥର ନିଭୃତ କେଳିସଦନର ନିବେଦନ ହେଉ, ଯୌନ-ଚର୍ଚ୍ଚାର ଓଡ଼ିଆତ୍ୱକୁ ଏକ ସ୍ୱତନ୍ତ୍ର ବିଷୟ ଭାବେ ଗଭୀର ଅନୁଧ୍ୟାନର ସହିତ ବିଚାର କରିବାକୁ ହେବ । ଜୟଦେବଙ୍କ ମାଧ୍ୟମରେ ଗୌଡ଼ୀୟମାନେ 'ବନମାଳୀ'ଙ୍କୁ ଓଡ଼ିଆ ସଂସ୍କୃତି ଭିତରେ ପୂରାଇଥିଲେ ବୋଲି ନୀଳକଣ୍ଠ ଆକ୍ଷେପ କରିଛନ୍ତି । ହୋଇଥାଇ ପାରେ 'ବନମାଳୀ' ଓଡ଼ିଆ ସଂସ୍କୃତିରେ ଏକ 'ଆଗନ୍ତୁକ', କିନ୍ତୁ ତା' ବୋଲି 'ପୀନ ପୟୋଧର ପରିସର ମର୍ଦ୍ଦନ' ଓଡ଼ିଆଙ୍କ ପାଇଁ ଭ୍ରଷ୍ଟାଚାର ହେବ କାହିଁକି ? ଏହା ଗୌଡ଼ୀୟ ଅପ୍ରାକୃତ ପ୍ରେମାବେଶ ନୁହେଁ, ଓଡ଼ିଆର ପ୍ରତ୍ୟକ୍ଷ ପ୍ରାକୃତ 'ସମ୍ଭୋଗ' । ଏହା 'ଶ୍ରୀକୃଷ୍ଣ–କୀର୍ତ୍ତନ'ର ବାୟବୀୟ କୋଳାକୋଳି ନୁହେଁ– ଏହା ଏକା ବେଳକେ 'ତ୍ରିଭଙ୍ଗକେଳି'– ନିଛକ କାମାଚାର । ସେଇ ଏକ ମୁଦ୍ରାରେ, ଏକ ବନ୍ଧରେ କୋଣାର୍କଠାରୁ ଭୁବନେଶ୍ୱର ପର୍ଯ୍ୟନ୍ତ ଆମର ମନ୍ଦିର ଦେବାଳୟର ବେଢ଼ା ଘେରି ନାରୀ-ପୁରୁଷ ସମ୍ଭୋଗର ଚିରନ୍ତନ ସତ୍ୟ ପ୍ରତିଭାତ ହୋଇଛି । ଏହା ସତ୍ୟ ନରହି ହୋଇଛି ପରସତ୍ୟ– କଳା । ଯୌନ ପ୍ରସ୍ଥାପନାରେ ସେ ସ୍ଥାପତ୍ୟରେ ହେଉ କି ସାହିତ୍ୟରେ ହେଉ, ଓଡ଼ିଆ ଜାତୀୟ ଚେତନା କେବେ ସଙ୍କୁଚିତ ହୋଇନାହିଁ । ଜଗନ୍ନାଥ ଖାଲି କଠୋର ସଂଯମର ଦେବତା ନୁହନ୍ତି, ସେ ବି ଭୋଗର ଦେବତା । ଏ ଦେଉଳରେ ବୃନ୍ଦାବନରେ ଶୃଙ୍ଖଳ ଛତୁଗୁଣ୍ଡ ଚଳେନାହିଁ ନା ଦକ୍ଷିଣର ଦହିଭାତ । ଷୋଡ଼ଶୋପଚାରରେ ଛପନକୋଟି ଭୋଗର ବ୍ୟବସ୍ଥା ଏହି ମନ୍ଦିରରେ ଯୁଗ ଯୁଗ ଧରି ପ୍ରବର୍ତ୍ତିତ ହୋଇଛି । 'ରଜାଭେଶ'ଠାରୁ ଆରମ୍ଭ କରି ସୁନା-ଥାଳୀରେ 'ଅମୃତ ମଣୋହି' ପର୍ଯ୍ୟନ୍ତ ଯାହା ଆବ୍ରାହ୍ମଣ ଚଣ୍ଡାଳ ସମସ୍ତଙ୍କର ପ୍ରାପ୍ୟ, ସମସ୍ତଙ୍କର ଭୋଗ୍ୟ, ସେଇ ସତ୍ୟକୁ ଅସ୍ୱୀକାର କରିବା ଆତ୍ମଘାତୀ । ବସ୍ତୁତଃ ଓଡ଼ିଆ ସଭ୍ୟତାରେ, ଓଡ଼ିଆ ସଂସ୍କୃତିରେ ଏଇ 'ଭୋଗ' ଶବ୍ଦଟିର ଏକ ବିଶେଷ ସ୍ଥାନ ରହିଛି । ଆମ ଦିଅଁ 'ଭୋଗ' ହୁଅନ୍ତି, ଆମ ଲୋକେ ବି ଭୋଗ କରନ୍ତି । ଆମେ ଯେପରି ରୋଗରେ ପଡ଼ି ଭୋଗୁ । ଆମ ରଜା-ମାନେ ସେପରି ରାଜ୍ୟ ଭୋଗ କରୁଥିଲେ । ଏହି ଭୋଗ ଶରୀରର, ସଂସାରର, ଯାହା ମନୁଷ୍ୟ ଓ ଦେବତା ଉଭୟଙ୍କ କ୍ଷେତ୍ରରେ ପ୍ରଯୁଜ୍ୟ । ଶରୀର ସଂଯମକୁ ଓଡ଼ିଆଏ କେବେ ଅସ୍ୱୀକାର କରି ନାହାନ୍ତି ନା ଏହାର ଭୋଗକୁ । ମରିଗଲେ ପାଣି ପତ୍ରିରେ ପାଇବୁ ଏ ସୁଖ ପାଇବୁ କାହିଁ ? ଦେହର



Digitized by PPRACHIN, SOA

ଆନନ୍ଦମୟ ଅନୁଭୂତି ଓଡ଼ିଆଙ୍କ ପାଇଁ ଭୃଷ୍ଟାଗ୍ରର ନଥିଲା । ଅପ୍ରାକୃତ ପ୍ରେମର ସ୍ଥାନ ଓଡ଼ିଆ ସାହିତ୍ୟରେ ପ୍ରାୟ ନାହିଁ କହିଲେ ଚଳେ, ଏପରିକି ଭଞ୍ଜ ସାହିତ୍ୟରେ ମଧ୍ୟ ନାହିଁ, ଅଭିମନ୍ୟୁଙ୍କ ପର୍ଯ୍ୟନ୍ତ ନ ଆସିବା ଯାଏ । କିନ୍ତୁ ଦୈହିକ 'ସମ୍ଭୋଗ' ବା 'କାମ' ଚିରକାଳ ଆମ ସଂସ୍କୃତିରେ, ସାହିତ୍ୟରେ ରହିଛି– ଏହି ଭୋଗର ପରିସର ଭିତରେ । ଏହାର ପରିପ୍ରକାଶରେ କଦାପି ଆମର ଜାତୀୟ ଚେତନା ସଂକୁଚିତ ହୋଇନାହିଁ । ଏହାର ହୃଦ୍‌ବୋଧ ବିନା ପଣ୍ଡିତ ମହାଶୟ ଆମକୁ ଶୁକୁଟା କ୍ଷୀଣ ସନ୍ୟାସୀ କରି ଥୋଇ ଦେଇ ଯାଇଛନ୍ତି । ଆମର ଶାବରୀ ବର୍ବରତା ଆଉ ଲମ୍ପଟ୍ୟ, ଆମର ଦ୍ରାବିଡ଼ୀ ଦୁର୍ଦ୍ଧର୍ଷତା ଆଉ କାମୁକତା ଆମ ରକ୍ତରେ ଆଉ ମଧ୍ୟ ନାହିଁ । ବ୍ରହ୍ମଚର୍ଯ୍ୟର ବିଡ଼ମ୍ବନା ଭିତରେ ଆମ ସଭ୍ୟତାର ଏହି 'ଭୋଗ' ଦିଗଟିକୁ ପଣ୍ଡିତ ମହାଶୟ ଯେପରି ଅସ୍ୱୀକାର କରିଛନ୍ତି ସେଥିରେ ଆମର ଜାତୀୟ ଚରିତ୍ର ବ୍ୟାହତ ହୋଇଛି ବୋଲି ଆମର ଧାରଣା ।

ପଣ୍ଡିତ ମହାଶୟ ଏ ଦିଗଟିକୁ ସଂପୂର୍ଣ୍ଣ ଅବହେଳା କରିଥିବା ସତ୍ତ୍ୱେ ତାଙ୍କୁ ହୁଏତ ସେଥିପାଇଁ ଦାୟୀ କରିହେବ ନାହିଁ । ପ୍ରତ୍ୟେକ ଶୃଙ୍ଖଳାଶ୍ରିତ ଦର୍ଶନର ଏହି ଗୋଟିଏ ବିପଦ । ଥରେ ଗୋଟିଏ ଶୃଙ୍ଖଳା ବା systemକୁ ମାନିନେଲେ ବା ପଣ୍ଡିତ ମହାଶୟଙ୍କ ଭଷାରେ 'ନଳ' କରିଦେଲେ, ତଥ୍ୟକୁ ମାପିବା ଏକ ଯାନ୍ତ୍ରିକ ବ୍ୟାୟାମ । ଓଡ଼ିଆ ସାହିତ୍ୟ କ୍ରମ ପରିଣାମର ବିରାଟ ପ୍ରଚ୍ଛଦପଟ ଉପରେ ପଣ୍ଡିତ ନୀଳକଂଠ ଓଡ଼ିଆ ସଂସ୍କୃତିର ଯଥେଷ୍ଟ ଘଟଣାକୁ ଏକା ନିଶ୍ୱାସକେ ବିଛାଇ ଦେଇଛନ୍ତି । ଖୁର୍ଣ୍ଣିନାର୍ଣ୍ଣି ଠାରୁ ଆରମ୍ଭ କରି ପାହାଡ଼ ପାହାଡ଼ ତଥ୍ୟ ବା data ଖୁନ୍ଦାଖୁନ୍ଦି ଛନ୍ଦାଛନ୍ଦି ହୋଇ ଏକାସାଙ୍ଗରେ ବୁଲ୍‌ଡୋଜର୍ ହୋଇଛନ୍ତି । ଏଥିରୁ ଅନ୍ତତଃ କେତେକଙ୍କର ଧାରଣା ହୋଇପାରେ ଯେ ପଣ୍ଡିତ ମହାଶୟ ମନମୁଖୀ କରିଛନ୍ତି । କଞ୍ଚା ଭଷାରେ–ଓଡ଼ିଆଙ୍କ ଶର୍ଙ୍ଗିରେ ବାଉଁଶ ମଡ଼ାଇ ଦେଇଛନ୍ତି । ଏ ଆକ୍ଷେପ ଅତ୍ୟନ୍ତ ଅମୂଳକ । ବସ୍ତୁତଃ ଓଡ଼ିଆ ସାହିତ୍ୟ ଓ ସଂସ୍କୃତି ମୂଲ୍ୟାୟନର ଏପରି ସଜଡ଼ା ସଜଡ଼ି ଗ୍ରନ୍ଥ, ଶୃଙ୍ଖଳିତ, ସଂହତି ଆଲୋଚନା ଏକାନ୍ତ ବିରଳ । ବରଂ ବର୍ତ୍ତମାନ କାଳରେ ସାହିତ୍ୟରେ ଯେଉଁ ସବୁ ବ୍ୟାଜ ବୈଜ୍ଞାନିକ, କପୋଳ-କଳ୍ପିତ, ବିଶୃଙ୍ଖଳ ଗବେଷଣାର ପରିଚୟ ମିଳେ ତା'ର ସଂପୂର୍ଣ୍ଣ ଅଭବ ଏଠି ପରିଲକ୍ଷିତ ହୁଏ । ପଣ୍ଡିତ ମହାଶୟ ବାରମ୍ବାର କହିଛନ୍ତି–ଓଡ଼ିଆ ସାହିତ୍ୟର



Digitized by PPRACHIN, SOA

ଧାର ବା ପ୍ରଣାଳୀ ଠିକ୍ କରିବା ହିଁ ତାଙ୍କର ଏକମାତ୍ର ଉଦ୍ଦେଶ୍ୟ । କିଏ ପୂର୍ବ କିଏ ପର, କିଏ ଦଶମ କିଏ ଦ୍ୱାଦଶ ଖ୍ରୀଷ୍ଟାବ୍ଦର, କେଉଁଟି ସରସ କେଉଁଟି ନିରସ, କାହାର ଲେଖକ ଦୀନକୃଷ୍ଣ ଦାସ କାହାର ଭକ୍ତବତ୍ସଳ, ସେ ସବୁ ଏ ଧାର ଦୃଷ୍ଟିରୁ ଅତ୍ୟନ୍ତ ଗୌଣ । ସେ ସବୁର ବିଗ୍ଭର ପରର କଥା । ଯାହା ନିଶ୍ଚିତ କରିବାକୁ ପଡ଼ିବ—ସେ ହେଉଛି ଓଡ଼ିଆ ସାହିତ୍ୟର ମେରୁଦଣ୍ଡ । କେଉଁ ଶୃଙ୍ଖଳା, କେଉଁ ଦର୍ଶନ, କେଉଁ ପରମ୍ପରାକୁ ଆଶ୍ରୟ କରି ଏ ଭିତ୍ତି ନିର୍ମିତ ହୋଇଥିଲା, କେତେ କାଳରୁ କେଉଁ ସ୍ରୋତରୁ—ତାହାର ବିସ୍ତୃତ ପଟ୍ଟଭୂମି ସେ ପ୍ରସ୍ତୁତ କରିଯାଇଛନ୍ତି । ଏହି ମାନଦଣ୍ଡର ଛକକଟା ଶୃଙ୍ଖଳା ଭିତରେ ବହୁ ଗ୍ରେର ଧରପଡ଼ିଛନ୍ତି, ଆହୁରି ଧରପଡ଼ିଛି ଯେତେ ଭଣ୍ଡାମୀ । ସେ ସବୁକୁ ଅପସାହିତ୍ୟ, ଅପସଂସ୍କୃତି, ଅବିଦ୍ୟା କହି ପଣ୍ଡିତ ମହାଶୟ ସେ ଗୁଡ଼ିକୁ ମୂଳପୋଛ କରିବାରେ କୌଣସି ଅବହେଳା ଦେଖାଇ ନାହାନ୍ତି । ସେହିପରି ଓଡ଼ିଆ ସାହିତ୍ୟ କହିଲେ କ'ଣ ବୁଝିବାକୁ ହେବ ତାହାର ରୂପରେଖ ନିର୍ଦ୍ଦିଷ୍ଟ କରିଛନ୍ତି । ଏ ବିଗ୍ଭର ଧାରରେ ଧୂଳିମଳି ନାହିଁ । ଏହା ସ୍ପଷ୍ଟ ଆଉ ପ୍ରାମାଣିକ । ଏ ବିଷୟରେ ଓଡ଼ିଆ ସାହିତ୍ୟରେ ପୁଣି ହୁଏତ ଆଲୋଚନାର ସୂତ୍ରପାତ ହେବ । ତେବେ, ପଣ୍ଡିତ ମହାଶୟଙ୍କ ଓଡ଼ିଆ ସାହିତ୍ୟ କ୍ରମବିକାଶର ଧାରକୁ ପରିପୁଷ୍ଟ କରିବାକୁ ହେଲେ ଅନୁରୂପ ବୈଜ୍ଞାନିକ ସଂହତି ଓ ଭୂୟୋଦର୍ଶନର ଆବଶ୍ୟକତା ଅଛି । ଚିନ୍ତାଧାରର ମୌଳିକତା ଓ ତଥ୍ୟ ପ୍ରତି ପ୍ରଗାଢ଼ତାର ପ୍ରୟୋଜନୀୟତା ଅଛି । ଏ ଗ୍ରନ୍ଥଟିର ବିଶେଷତ୍ୱ ହେଉଛି ଓଡ଼ିଆ ଚିନ୍ତାଧାରରେ ସାହିତ୍ୟର ପରିଣାମ । ଏହାର ବିଗ୍ଭର ମଧ୍ୟ ସେହି ଦୃଷ୍ଟିରୁ ହେବା ବିଧେୟ । ଏହାର ବୈଜ୍ଞାନିକ ନିଷ୍ଠାକୁ ଲଙ୍ଘନ କରିବା ପ୍ରାୟ ଦୁଃସାଧ୍ୟ କହିଲେ ଚଳେ । ତେବେ ଏହି ଆଲୋଚନାର ସୂତ୍ର ଧରି ଏହାର ମୌଳିକ ଶୃଙ୍ଖଳାର ସ୍ତରଗୁଡ଼ିକ ବଜାୟ ରଖି କେତେଗୁଡ଼ିଏ ଉପଧାର ବା sub-system ବି ଠିକ୍ କରିବାକୁ ପଡ଼ିପାରେ, ଯେଉଁ ଦିଗଟି ପ୍ରତି ପଣ୍ଡିତ ମହାଶୟ ଯଥେଷ୍ଟ ଧ୍ୟାନ ଦେଇ ପାରି ନାହାନ୍ତି— ଦେବା ସମ୍ଭବ ନଥିଲା ମଧ୍ୟ । ଫଳରେ ଶୃଙ୍ଖଳାଟି ଏକପିଣ୍ଡିକ ବା monolithic ହୋଇ ପଡ଼ିଛି । ପ୍ରଚେଷ୍ଟା ଓ ପରିବର୍ତ୍ତନକୁ ବାଧ୍ୟ କରିବାର ସହଜତା ନାହିଁ । କିନ୍ତୁ ପ୍ରତ୍ୟେକ ଶୃଙ୍ଖଳାରେ ସେଥିପାଇଁ ବ୍ୟବସ୍ଥା ରହିଥିବା ଉଚିତ । ପୁରତନ ଓ ପ୍ରଚଳିତ ପ୍ରଣାଳୀର



Digitized by PPRACHIN, SOA

'କାଠ'କୁ ଯୋଡ଼ି ପରିବର୍ତ୍ତନର ଚକ୍ରରେ ପୁଣ ନୂଆ ଦୃଶ୍ୟର ଉଦ୍‌ଭବ ହୁଏ, କାଲଇଡ୍‌ସ୍କୋପର କାଚ ଯୋଡ଼ି ହୋଇ ଯେପରି ନବ୍ୟ ନୂତନ ନକ୍ସାର ଆବିର୍ଭାବ ଘଟେ । ତେଣୁ ଏହି ପ୍ରସଙ୍ଗରେ ଉପଧାର ଗୁଡ଼ିକର ଯଥେଷ୍ଟ ବୈଶିଷ୍ଟ୍ୟ ଅଛି । ଏହି ଉପଧାର ଗୁଡ଼ିକ ମାଧ୍ୟମରେ ନୂଆ ଉପାଦାନ ଆମଦାନୀ ହୋଇ ବା ଉଦ୍‌ଭୂତ ହୋଇ ପୁରୁଣାକୁ ନୂଆ କରେ । ଏହି ଶୃଙ୍ଖଳାଗତ ସଜୀବତା ବା dynamismର ଅଭାବରେ ନୀଳକଣ୍ଠ ବହୁ ଓଡ଼ିଆ ସାମଗ୍ରୀକୁ ଓଡ଼ିଆତ୍ୱ ଦେଇପାରି ନାହାନ୍ତି, ଯେପରି ଓଡ଼ିଆର ପ୍ରକାଣ୍ଡ ଶୂନ୍ୟବାଦ ଯାହା ଚର୍ଯ୍ୟା ଯୁଗରୁ ଭୀମଭୋଇଙ୍କ ପର୍ଯ୍ୟନ୍ତ ଅନାହତ ଭାବେ ଗଡ଼ି ଆସିଛି, ତା'ର ନିର୍ଦ୍ଦିଷ୍ଟ ସ୍ଥାନ ନୀଳକଣ୍ଠଙ୍କ ଓଡ଼ିଆ ସାହିତ୍ୟର କ୍ରମ-ବିକାଶରେ ସ୍ଥିର ହୋଇପାରି ନାହିଁ । ଶୂନ୍ୟ ଦର୍ଶନ, ଗୁରୁ ଉପାସନା, ସାନ୍ଧ୍ୟ ବା ରହସ୍ୟବାଦ ଏ ସବୁ ଗୋଟିଏ ଧାରାର ବିଭିନ୍ନ ବିଭବ । ଏହାର ବିପୁଳତା ଓ ନିବିଡ଼ତା ସତ୍ତ୍ୱେ ଓଡ଼ିଆ ସାହିତ୍ୟର ଏକ ଉପଧାର ରୂପେ ଏହାକୁ ଧରିବାର ଗୋଟିଏ କାରଣ ହେଉଛି ଯେ ଏହା ଅନ୍ତଃ ସଲିଳା ଓଡ଼ିଆର ମୁଖ୍ୟ ସାହିତ୍ୟିକ ଧାରାର ସ୍ରୋତ ବେଗରେ ବାରବାର ନିଶ୍ଚିହ୍ନ ହୋଇ ଯାଇଥିବା ପରି ମନେ ହେଉଥିଲେ ବି ଏକାଧିକ ବାର, ଏକାଧିକ ଯୁଗରେ ପ୍ରତିଭାତ ହୋଇ ଅପ୍ରତିହତ ପ୍ରବାହର ପ୍ରମାଣ ରଖିଯାଇଛି । ଏ ସାହିତ୍ୟ ଲେଖା ହୋଇଛି କ୍ୱଚିତ୍ । କାଁ ଭାଁ ଭଜନଟିଏ ବା ଜଣାଣଟିଏରେ, ଅଣାକାର ଉପାସକ ଗୀତିକାରଠାରୁ ଅସ୍ପୃଶ୍ୟ, ଅଶିକ୍ଷିତ କୁମ୍ଭିପଟିଆ ବା ମହିମାଧର୍ମୀର ଅବୋଧ୍ୟ ଅଲେଖ ଦର୍ଶନର ଆଢୁଆଳରେ ଦୁର୍ବାର ମୁଣ୍ଡ ଟେକିଛି । ଏହି ଭଜନ ସାହିତ୍ୟର ଯଥାଯଥ ବିଗ୍ରହ ଓଡ଼ିଆ ସାହିତ୍ୟର କ୍ରମ ପରିଣାମରେ ହୋଇପାରିନାହିଁ, ସେହିପରି ସହଜିଆ ଦର୍ଶନ-ସାହିତ୍ୟର ବି। ଏହି ଦର୍ଶନକୁ ପଣ୍ଡିତ ନୀଳକଣ୍ଠ ଓଡ଼ିଆ ଗ୍ରହାଣୀରୁ ସମ୍ପୂର୍ଣ୍ଣ ବହିଷ୍କାର କରି-ଛନ୍ତି, ଯଦିଓ ଚର୍ଯ୍ୟାପଦଠାରୁ ମହିମାଧର୍ମ ପର୍ଯ୍ୟନ୍ତ ସାହିତ୍ୟକୁ ସହଜ ଦର୍ଶନ ପ୍ରଣୋଦିତ କୁହାଯିବ କି ନାହିଁ ଦେଖିବା ଉଚିତ ଥିଲା । ସେହିପରି ଗୁରୁବାଦକୁ ବି । ଆମ ଦର୍ଶନରେ ଅଣାକାର ଓ ଶୂନ୍ୟବାଦର ସ୍ଥାନ ଅନେକଟା ଦର ଦର ଖଣ୍ଡିଆ କରି ପଣ୍ଡିତ ମହାଶୟ ଛାଡ଼ିଯାଇଛନ୍ତି, ଅଥଚ ଶୂନ୍ୟଦର୍ଶନର ପରମ୍ପରା ଓଡ଼ିଆରେ ଅତି ପ୍ରାଚୀନ ଯାହା କେତେକଙ୍କ ମତରେ ଓଡ଼ିଶାର ଏକମାତ୍ର ମୌଳିକ ଧର୍ମ । ଖାଲି ଧର୍ମ ତ ନୁହେଁ,



Digitized by PPRACHIN, SOA

ଏହା ଏକ ଜୀବନ-ପଦ୍ଧତି । ଏହି ଦର୍ଶନକୁ ଧରି ଓଡ଼ିଆର ଅନ୍ୟ ଏକ ସାହିତ୍ୟିକ ଦୃଷ୍ଟି ହେଉଛି ସାନ୍ଧ୍ୟଭଷା ଓ ତତ୍‌ସଂଲଗ୍ନ ରହସ୍ୟବାଦ । ହୁଏତ ଏ ରୀତିର ପ୍ରାରମ୍ଭିକ, ଅପୁଷ୍ଟ ସ୍ୱରୂପ ଦୋହାଯୁଗରୁ ସୃଷ୍ଟି ହୋଇ ଏକ ମହାଦାରୁ ରୂପେ ପରବର୍ତ୍ତୀ ଯୁଗରେ ପଲ୍ଲବିତ ହୋଇଛି । ପଣ୍ଡିତ ମହାଶୟଙ୍କ ଅନୁଶୀଳନରେ ଶୂନ୍ୟ ଦର୍ଶନ, ଗୁରୁ ପୂଜା ଓ ସାନ୍ଧ୍ୟଭଷା ଭିତରେ ଥିବା ଯୋଗସୂତ୍ରଟି ପ୍ରତିଷ୍ଠିତ ହୋଇ ପାରି ନାହିଁ ଏବଂ ଫଳତଃ କେଉଁଠି ଗୋଟିକ ଉପରେ ତ ଅନ୍ୟ କେଉଁଠି ଆଉ ଗୋଟିକ ଉପରେ କାଁ ଭାଁ ମନ୍ତବ୍ୟ କରି ଏ ଧାରଗୁଡ଼ିକର ପ୍ରକୃତ ସ୍ୱରୂପର ବିଗ୍ଚର କରଯାଇ ପାରିନାହିଁ । ସେଥିପାଇଁ ଓଡ଼ିଆ ସଂସ୍କୃତି ଓ ସାହିତ୍ୟର କେତୋଟି ବିଶିଷ୍ଟ ରୀତି ଓ ପରିପ୍ରକାଶ ଖାପଛଡ଼ା ହୋଇ ରହିଯାଇଛନ୍ତି । ଏପରିକି କ୍ଷେତ୍ର ବିଶେଷରେ ପଣ୍ଡିତ ମହାଶୟ ସେମାନଙ୍କ ଓଡ଼ିଆତ୍ୱକୁ ପ୍ରତିଷ୍ଠିତ କରି-ନପାରି ସମୂଳେ ବହିଷ୍କାର କରିଛନ୍ତି । ଏହି ଦର୍ଶନ କ୍ୱଚିତ୍ ପ୍ରବୃତ୍ତିର ସାଧନା ଦ୍ୱାର କଳୁଷିତ ହୋଇଛି ବରଂ କଠୋର ସଂଯମ, ସାଧନା, ଆମ୍‌ତ୍ୟାଗ ଓ ବିଶ୍ୱପ୍ରାଣତା ହିଁ ଏହାର ଓଡ଼ିଆତ୍ୱକୁ ପ୍ରାଞ୍ଜଳ କରୁଛି । ଏପରିକି ବଜ୍ରଯାନ, ସହଜଯାନ ଇତ୍ୟାଦିର ତଥାକଥିତ ସ୍ଖଳନ ପୂର୍ଣ୍ଣତଃ ଅନୁଶାସିତ ହୋଇ ଜ୍ଞାନର ମହିମାରେ ଉଦ୍‌ଭାସିତ ହୋଇଛି । ଏହି ଦୃଷ୍ଟିରୁ ହୁଏତ, ସରହପା, ଲୁଇପା, ଗୋରେଖଙ୍କ ଠାରୁ ଆରମ୍ଭ କରି ଅଚ୍ୟୁତ, ଯଶୋବନ୍ତ, ଭୀମଭୋଇଙ୍କ ପର୍ଯ୍ୟନ୍ତ ଓଡ଼ିଆ ଦର୍ଶନର, ଓଡ଼ିଆ ସାହିତ୍ୟର ଏହା ଗୋଟିଏ ନିରବଚ୍ଛିନ୍ନ ଧାର ଯାହାର ଅପରପାର୍ଶ୍ୱ ହେଉଛି ଓଡ଼ିଆ କାବ୍ୟ ବା ରସ-ସାହିତ୍ୟ । ଏ ଧାର ଆମ ସାହିତ୍ୟ ଇତିହାସର ମୁଖ୍ୟ ଧାରକୁ ବି ବହୁବାର ପ୍ରଭବିତ କରିଛି, ଯଦିଓ ବିହ୍ୱଳ କରିନାହିଁ । ସହସ୍ରାଧିକ ବର୍ଷ ଧରି ଏହି ଦର୍ଶନ ଅନ୍ତଃସଲିଳା ଫଲ୍‌ଗୁ ପରି ଉତ୍କଳର ଏ ପ୍ରାନ୍ତରୁ ସେ ପ୍ରାନ୍ତ ପର୍ଯ୍ୟନ୍ତ ଜନଜୀବନକୁ ଉଦ୍‌ବେଳିତ କରି ପ୍ରବାହିତ ହୋଇ ଆସିଛି । ସେତିକି ହିଁ କେବଳ କ'ଣ ଏହାର ଓଡ଼ିଆତ୍ୱର ପ୍ରମାଣ ନୁହେଁ ?

ଅତଏବ, ପ୍ରତିଟି ସାମଗ୍ରୀକୁ ଆମ ସାହିତ୍ୟର ମୂଳସ୍ରୋତ ସହିତ ଖଞ୍ଜିବା ପୂର୍ବରୁ ବା ସେଠୁ ଉପାଡ଼ିବା ପୂର୍ବରୁ ଏକ ପ୍ରବାହ ରୂପେ ଏହାର ପ୍ରକୃତ ସୂତ୍ରଟିକୁ ବା ଧାରଟିକୁ ନିର୍ଣ୍ଣୟ କରିବାକୁ ହେବ । ଏହାଦ୍ୱାର ମୂଳ ସଂସ୍କୃତି ଭ୍ରଷ୍ଟ ହେବନାହିଁ, ପୁଷ୍ଟ ହେବ । ଏହି ସଜୀବତା, ସଚଳତା ବା



Digitized by PPRACHIN, SOA

dynamism ନ ରହିଲେ ଶୃଙ୍ଖଳା ସ୍ଥାଣୁ ବା static ହୋଇଯିବ, ଯାହା ସ୍ୱାଭାବିକ ସମାଜ-ଜୀବନର ପରିପନ୍ଥୀ । କହିବା ବାହୁଲ୍ୟ, ଓଡ଼ିଆ ସାହିତ୍ୟର ଜୀବନୋଚ୍ଛ୍ୱାସକୁ ଦେଖାଇବାକୁ ହେଲେ ଶୃଙ୍ଖଳାର ସଜୀବତା ଦିଗଟି ପ୍ରତି ଧ୍ୟାନ ଦେବାକୁ ପଡ଼ିବ ।

'ଓଡ଼ିଆ ସାହିତ୍ୟ କ୍ରମ ପରିଣାମ'ର ପ୍ରଥମ ଓ ଦ୍ୱିତୀୟ ଭାଗର ଏହି ପରିପ୍ରେକ୍ଷୀରେ ବର୍ତ୍ତମାନ ଆମକୁ ତୃତୀୟ ଭାଗଟିକୁ ଦେଖିବାକୁ ପଡ଼ିବ । ଓଡ଼ିଆ ସାହିତ୍ୟର ଇତିହାସର ଯେଉଁ ଧାରା ପଣ୍ଡିତ ମହାଶୟ ସ୍ଥିର କରି-ଯାଇଥିଲେ, ସେଥିରେ ରହିଯାଉଥିବା ଶୂନ୍ୟ ଯାଗା ଗୁଡ଼ିକ ପ୍ରତି, ଏପରିକି ଦ୍ୱନ୍ଦ୍ୱ ବା contradictions ପ୍ରତି ସେ ଯେପରି ହଠାତ୍ ସଚେତନ ହୋଇ ପଡ଼ିଛନ୍ତି, ଆଉ ସେହି ଦ୍ୱନ୍ଦ୍ୱ ଗୁଡ଼ିକର ସମାଧାନ ପାଇଁ ସେ ଯେପରି ନୂତନ ସାମଗ୍ରୀର ସନ୍ଧାନରେ ନିବିଷ୍ଟ ହୋଇଛନ୍ତି । ଏହି ନିବିଷ୍ଟତା ଧାରାବାହିକ ନହୋଇ ନିର୍ଦ୍ଦିଷ୍ଟ ଘଟଣାଗତ । ସେ ଘଟଣା ହୁଏତ ହୋଇପାରେ 'ଜଗନ୍ନାଥଙ୍କ ଗଙ୍ଗାଯାତ୍ରା କାହିଁକି ?' ବା 'ଦାରୀ ନାଚ ଓ ଆଖଡ଼ା ପିଲା କଥା' । ଏ ସାମଗ୍ରୀଗୁଡ଼ିକ କୌଣସି ନିର୍ଦ୍ଦିଷ୍ଟ ଧାରାରେ ଗ୍ରଥିତ ହୋଇ-ନାହାନ୍ତି, ବରଂ ଯେଉଁ ଶୃଙ୍ଖଳାର ସୃଷ୍ଟି ନୀଳକଣ୍ଠ କରିଯାଇଛନ୍ତି ତା'ରି ପରିପ୍ରେକ୍ଷୀରେ ସେଗୁଡ଼ିକୁ ବୁଝିବାକୁ ହେବ । ଓଡ଼ିଆ ସାହିତ୍ୟ କ୍ରମ-ପରିଣାମର ତୃତୀୟ ଭାଗରେ ସ୍ଥାନ ପାଇଥିବା ସାମଗ୍ରୀ ଗୁଡ଼ିକର ଏହା ହିଁ ବିଶେଷତ୍ୱ । ଏଗୁଡ଼ିକ କ୍ରମ-ପରିଣାମ ଶୃଙ୍ଖଳାର ଅନ୍ତର୍ନିହିତ ଦ୍ୱନ୍ଦ୍ୱଗୁଡ଼ିକ ଉପରେ ସାମୟିକ ଟିପ୍‌ପଣୀ; କିଛିଟା ନିର୍ଦ୍ଦିଷ୍ଟ ଓ କିଛିଟା ଅସଂଯୁକ୍ତ । ତେବେ ଏହି ଟିପ୍‌ପଣୀଗୁଡ଼ିକ ଯେ ପଣ୍ଡିତ ମହାଶୟଙ୍କ ଚିନ୍ତାଧାରାକୁ ସ୍ପଷ୍ଟତର କରୁଛି, ସେ ବିଷୟରେ ତିଳେ ହେଲେ ସନ୍ଦେହ ନାହିଁ ।

ଏହାପରେ ଭାଷା ଭାଗଟି । ପଣ୍ଡିତ ନୀଳକଂଠଙ୍କ ସମୟରେ ଓଡ଼ିଆ ଭାଷା ଉପରେ ବହୁ ଉପାଦେୟ ଚର୍ଚ୍ଚା ଆରମ୍ଭ ହୋଇଥିଲା, ଯାହା ସହିତ ସେ ନିଜେ ନାନା ଭାବେ ସଂଶ୍ଳିଷ୍ଟ ଥିଲେ । ଗୋପାଳ ଚନ୍ଦ୍ର ପ୍ରହରାଜ, ଓ ଗୋପୀନାଥ ନନ୍ଦ ଏକପ୍ରକାର ସମସାମୟିକ କହିଲେ ଚଳେ । ତେବେ ଅନ୍ୟାନ୍ୟ ଓଡ଼ିଆ ଭାଷାତତ୍ତ୍ୱବିଦ୍‌ମାନଙ୍କ ତୁଳନାରେ ପଣ୍ଡିତ ନୀଳକଂଠଙ୍କର ଯାହା ବୈଶିଷ୍ଟ୍ୟ ଥିଲା ତାହା ଭାଷାତାତ୍ତ୍ୱିକ ଜ୍ଞାନର । ସେ ହୁଏତ ଭାଷାତତ୍ତ୍ୱ ବା ଭାଷାକୋଷ ପରି ପ୍ରକାଣ୍ଡ କୃତି ଛାଡ଼ିଯାଇ ନାହାନ୍ତି କିନ୍ତୁ ଏସବୁ କାର୍ଯ୍ୟ



Digitized by PPRACHIN, SOA

ଗୁଡ଼ିକ ଉପରେ ତାଙ୍କର ଯେଉଁ ମୂଲ୍ୟାୟନ ରହିଛି ସେ ଅତ୍ୟନ୍ତ ମୌଳିକ । ବଙ୍ଗଳା ପରି ତତ୍କାଳୀନ ଓଡ଼ିଶାରେ ଭାଷାତତ୍ତ୍ୱ ଆଲୋଚନାର ସମ୍ପୂର୍ଣ୍ଣ ଅଭାବ ଥିବା ସତ୍ତ୍ୱେ, ପଣ୍ଡିତ ନୀଳକଣ୍ଠ ଯେପରି କି ସେ ଯୁଗ ପାଇଁ ପ୍ରସ୍ତୁତ ହୋଇ ଆସିଥିଲେ ଓ ବିନା କୌଣସି ଭୂମିକାରେ ଓଡ଼ିଆ ଭାଷା-ଦର୍ଶନ ତିଆରି କରିଗଲେ । ଓଡ଼ିଆ ଭାଷାର ଦର୍ଶନ କଣ ? ତେବେ ଓଡ଼ିଆ ଭାଷା-ଦର୍ଶନ ଉପରେ ଆଲୋଚନା କରିବା ପୂର୍ବରୁ ପଣ୍ଡିତ ନୀଳକଣ୍ଠଙ୍କ ଲିପି—ବିଗ୍ରହକୁ ମଧ୍ୟ ଦେଖିବାକୁ ପଡ଼ିବ, ଯଦିଓ ପୂର୍ବରୁ ଆମେ କହି ରଖିଛୁ ଯେ ଲିପି ଓ ଭାଷା ଦୁଇଟି ସମ୍ପୂର୍ଣ୍ଣ ଭିନ୍ନ ବସ୍ତୁ । ଭାଷାକୁ ନେଇ ଲିପିର ସୃଷ୍ଟି, ହେଲେ ଓଡ଼ିଆ ଭାଷା ବୋଧହୁଏ ସୃଷ୍ଟି ହେବାର ବହୁ ପୂର୍ବରୁ ଭାରତରେ ବିଭିନ୍ନ ଲିପିର ପ୍ରଚଳନ ଥିଲା, ଯାହାର ଏକ ଧାରା ଓଡ଼ିଆ ଲିପିରେ ପରିଣତ ହୋଇଥିଲା । ଏହି ଲିପି ବ୍ରାହ୍ମିମୂଳକ । ଯାହାର ବଙ୍ଗଳା ଓ ଦେବନାଗରୀ ସହିତ ସମ୍ବନ୍ଧ ଥିଲା ବୋଲି ନୀଳକଣ୍ଠ କହି ରଖିଛନ୍ତି । ତେବେ ପଣ୍ଡିତ ମହାଶୟ ଯାହା ଆଲୋଚନା ଭିତରକୁ ଆଣିନାହାନ୍ତି ସେ ହେଉଛି ଏହି ପୂର୍ବାଞ୍ଚଳୀୟ ଲିପି ସହିତ ଦ୍ରାବିଡ଼ ଲିପିର ସମ୍ବନ୍ଧ, ବିଶେଷ କରି ତାମିଲ୍ ଲିପିର ସମ୍ବନ୍ଧ । ଯେ କୌଣସି କାରଣରୁ ହେଉ, ଏଇ ପୂର୍ବାଞ୍ଚଳୀୟ ଲିପି ଏକଦା ବହୁଳ ଭାବେ ପ୍ରଚାରିତ ହୋଇ ଏକ ଦିଗରେ ତିବ୍ବତ ଓ ଅନ୍ୟ ଦିଗରେ ଦ୍ରାବିଡ଼ ଅଞ୍ଚଳକୁ ମଧ୍ୟ ଯାଇଥିଲା । ଅନ୍ୟାନ୍ୟ ଦିଗଗୁଡ଼ିକୁ ଛାଡ଼ି-ଦେଲେ ମଧ୍ୟ ଏହି ପୂର୍ବାଞ୍ଚଳୀୟ ଲିପିର, ବିଶେଷ କରି ଓଡ଼ିଆ ଓ ବଙ୍ଗଳାର ଯେଉଁ ବୈଶିଷ୍ଟ୍ୟ ହଠାତ୍ ଆଖିରେ ପଡ଼େ ସେ ହେଉଛି ଓଡ଼ିଆ-ବଙ୍ଗଳାର ଏ-କାର ଓ ଓ-କାର ମାତ୍ରା ଚିହ୍ନ । ଏହି ଏ-କାର, ଓ-କାର ଅନ୍ୟାନ୍ୟ ଅଞ୍ଚଳ ଗୁଡ଼ିକରେ ଭିନ୍ନ ଭାବେ ବିବର୍ତ୍ତିତ ହୋଇଛନ୍ତି—ଦ୍ରାବିଡ଼ୀୟ ତାମିଲ୍-ଲିପି ଛଡ଼ା; ଅର୍ଥାତ୍ ଓଡ଼ିଆ, ବଙ୍ଗଳା ଓ ତାମିଲ୍ ଲିପିରେ ଏ-କାର, ଓ-କାର ମାତ୍ରା ସମ୍ପୂର୍ଣ୍ଣ ଭାବେ ଏକ ରକମର, ଯାହା ଏହି ତିନୋଟି ଲିପି ମଧ୍ୟରେ ଥିବା ସମ୍ପର୍କର ଏକ ସ୍ପଷ୍ଟ ସଙ୍କେତ । ଏ ସମ୍ପର୍କ ପୁନଶ୍ଚ ପଣ୍ଡିତ ନୀଳକଣ୍ଠଙ୍କ ସମନ୍ୱୟ ମୂଳକ ଦର୍ଶନର ଅନ୍ୟ ଏକ ଦୃଷ୍ଟାନ୍ତ । ଏହି କାରଣରୁ ଆମକୁ ସ୍ୱୀକାର କରିବାକୁ ପଡ଼ିବ ଯେ କୌଣସି କାରଣରୁ ଓଡ଼ିଆ-ବଙ୍ଗଳା ଓ ତାମିଲ ମଧ୍ୟରେ ଲିପିଗତ ସମ୍ପର୍କ ଥିଲା, ବା ସେମାନେ ଏକ ନିର୍ଦ୍ଦିଷ୍ଟ ଉପଧାରାରୁ ଉଦ୍ଭୂତ ହୋଇଥିଲେ । ଏହା ଛଡ଼ା ଲିପି ଦିଗରୁ ଓଡ଼ିଆ ଲିପିର



Digitized by PPRACHIN, SOA

ବୈଶିଷ୍ଟ୍ୟ ହେଉଛି ଯେ ଓଡ଼ିଆ ଲିପି ଗଠନ ଦୃଷ୍ଟିରୁ ଦୁଇ ଭାଗରେ ବିଭକ୍ତ—ଗୋଟିଏ ଅଂଶ ସାର୍ଥକ ବା distinctive ଓ ଅନ୍ୟ ଭାଗଟି ଆଳଙ୍କାରିକ ବା decorative. ତେଣୁ ଓଡ଼ିଆ ଅକ୍ଷରକୁ ଚିହ୍ନିବାକୁ ହେଲେ ଆମକୁ ଅକ୍ଷରର ଦୁଇଟି ଭାଗ ପ୍ରତି ଦୃଷ୍ଟି ଦେବାକୁ ପଡ଼ିଥାଏ, ଏହାର ସାର୍ଥକ ଅଂଶକୁ ଓ ଏହାର ଆଳଙ୍କାରିକ ଅଂଶକୁ । ଯଦି ଏ ଦୁଇଟିଯାକ ଅଂଶ ପ୍ରତି ଧ୍ୟାନ ଦିଆ ନ ଯାଏ ଅ/ଥ ଭିତରେ, ଲ/ର ଭିତରେ, ଚ/ଗ ଭିତରେ, ସ/ମ ଭିତରେ ବା ଡ/ଭ ଭିତରେ ପାର୍ଥକ୍ୟ ଦେଖିବା ଅସମ୍ଭବ ହୋଇ ପଡ଼ିବ । ଏହି ଗଠନ ଦୃଷ୍ଟିରୁ ଓଡ଼ିଆ ଲିପିମାନଙ୍କର ଆଳଙ୍କାରିକ ପ୍ରକାର ହେଉଛି ଗୁଟେଟି :—ଊର୍ଦ୍ଧ୍ୱ ଅର୍ଦ୍ଧଚନ୍ଦ୍ର—ତ, ନ, ଚ, ଦ, ହ, ଡ଼, ଇତ୍ୟାଦି; ଅର୍ଦ୍ଧଚନ୍ଦ୍ର ପାର୍ଶ୍ୱ ବାଡ଼ି—ସ, ମ, ଣ, ଗ, ଶ, ପ, ଇତ୍ୟାଦି; ଅର୍ଦ୍ଧଚନ୍ଦ୍ର ନିମ୍ନ ଲଙ୍ଗ—ହ, ର, ଲ, ଉ, ଇତ୍ୟାଦି; ନିମ୍ନ ଅର୍ଦ୍ଧଚନ୍ଦ୍ର ବାଡ଼ି—ଅ, ଥ, ଧ, ଇତ୍ୟାଦି ଓ ଆଉ ଦୁଇ ଗୁଟେଟି ଭିନ୍ନ ଅକ୍ଷର । ଏହି ଆଳଙ୍କାରିକ ଭାଗକୁ ନେଇ ବିଭିନ୍ନ ତୁଳନୀୟ ଅକ୍ଷରର ସୃଷ୍ଟି, ଏବଂ ଓଡ଼ିଆର ଏହି ଆଳଙ୍କାରିକ ଅଂଶଟିରୁ ଅକ୍ଷରଟିକୁ ମୁକ୍ତ କଲେ ଅନ୍ୟାନ୍ୟ ବ୍ରାହ୍ମୀ-ମୂଳକ ଅକ୍ଷର ସହିତ ଏହାର ଘନିଷ୍ଠ ସମ୍ବନ୍ଧ ତତ୍‌କ୍ଷଣାତ୍ ସ୍ପଷ୍ଟ ହୋଇଥାଏ । ଏହାହିଁ ହେଉଛି ଓଡ଼ିଆ ଅକ୍ଷରର ବିଶେଷତ୍ୱ । ପୁଣି ଉଚ୍ଚାରଣ ଦିଗରୁ ଓଡ଼ିଆରେ ଯେତେଗୁଡ଼ିଏ ଅକ୍ଷର ଚଳେ, ଯାହା ହୁଏତ ସିଧା ସଳଖ ଦେବନାଗରୀ ଧାରରୁ ଆସିଛି, ସେ ତୁଳନାରେ ଓଡ଼ିଆର ଏତେ ଗୁଡ଼ିଏ ଅକ୍ଷରର ଆବଶ୍ୟକତା ନାହିଁ । ବନାନ୍ ଦୃଷ୍ଟିରୁ ଆବଶ୍ୟକତା ପଡ଼ିଲେ ବି ଓଡ଼ିଆ ଭାଷାର ଉଚ୍ଚାରଣ ଦୃଷ୍ଟିରୁ ଆବଶ୍ୟକତା ନାହିଁ, ଯଥା :—ହ୍ରସ୍ୱ ଓ ଦୀର୍ଘ ସ୍ୱର ବା ତିନୋଟି ସ ବା ଦୁଇଟି ଜ ଇତ୍ୟାଦି । ତେଣୁ ଓଡ଼ିଆ ବର୍ଣ୍ଣମାଳାରେ ଓଡ଼ିଆ ଭାଷା ପାଇଁ ବେଶୀ ଅକ୍ଷର ସିନା ଅଛି, ଅଭାବ ନାହିଁ । ଯାହା ବି ଅଭାବ ବୋଧ ହେଉଛି ତାହା ଆସ୍ତେ ଆସ୍ତେ ବର୍ଣ୍ଣମାଳାରେ ପ୍ରବେଶ କରୁଛି । ବର୍ତ୍ତମାନ ଓ୍ୱ ଅକ୍ଷର ଓଡ଼ିଆରେ ବେଶ୍ ପ୍ରଚଳିତ ବା ଅନ୍ୟ ଗୋଟିଏ ନୂତନ ସ୍ୱରବର୍ଣ୍ଣ ପାଇଁ ଯ-ଫଳାରେ ଆକାର ଦେଇ କାମ ଚଳାଯାଉଛି, ଯଥା :—bat=ବ୍ୟାଟ୍, cancer—କ୍ୟାନ୍‌ସର୍, ଇତ୍ୟାଦି । ସେ ଯାହାହେଉ, ଏସବୁ ସାମଗ୍ରୀର ବିଷୟ । ଓଡ଼ିଆ ଅକ୍ଷରର ପ୍ରଣାଳୀ ଦୃଷ୍ଟିରୁ ଏହା ନୀଳକଂଠଙ୍କ ପ୍ରଣାଳୀର ପରିପନ୍ଥୀ ନୁହେଁ ଏବଂ ଏହାହିଁ ଓଡ଼ିଆ ଲିପିର ବିଶେଷତ୍ୱ ।



Digitized by PPRACHIN, SOA

ବର୍ତ୍ତମାନ ଦେଖିବାକୁ ପଡ଼ିବ ଓଡ଼ିଆ ଭାଷାର କ୍ରମବିକାଶ ବା ଓଡ଼ିଆ ଭାଷାର ଦର୍ଶନ । ଏହା ପୂର୍ବରୁ ମନେ ରଖିବାକୁ ହେବ ଯେ ବିଂଶ-ଶତକର ଆଦ୍ୟ ଚରଣରେ ଓଡ଼ିଆ ଭାଷା ଇତିହାସର ସ୍ୱାତନ୍ତ୍ର୍ୟ ନିର୍ଣ୍ଣୟ କରିବା ଆଲୋଚନାର ଯେଉଁ ସୂତ୍ରପାତ ହୋଇଥିଲା, ବିଶେଷ କରି ପଣ୍ଡିତ ନୀଳକଂଠ ମାର୍ଗଦର୍ଶନର ଯେଉଁ ଭୂମିକା ନେଇଥିଲେ, ତା'ର ମୂଲ୍ୟାୟନ ଆଧୁନିକ ଭାଷାବିଜ୍ଞାନର ପରିପ୍ରେକ୍ଷୀରେ ବର୍ତ୍ତମାନ କରିବାକୁ ଗଲାବେଳେ ଆମେ ଦେଖୁଛୁ ଯେ, ଓଡ଼ିଆ ଭାଷା ଇତିହାସର ଦାର୍ଶନିକ ଭିତ୍ତି ଅତ୍ୟନ୍ତ ଦୂରଦୃଷ୍ଟିର ସହିତ କରାଯାଇଥିଲା ଏବଂ ସେହି ମାର୍ଗଦର୍ଶନର ସ୍ୱରୂପ ଏ ପର୍ଯ୍ୟନ୍ତ ବି ଅନେକଙ୍କ ନିକଟରେ ସ୍ପଷ୍ଟ ନୁହେଁ । ଦୀର୍ଘ ପଚୁରୀ ବର୍ଷ ତଳେ ବା ୧୯୨୭ ମସିହାରେ ଯେତେବେଳେ ସ୍ୱର୍ଗତ ପଣ୍ଡିତ ଗୋପୀନାଥ ନନ୍ଦଙ୍କ 'ଓଡ଼ିଆ ଭାଷାତତ୍ତ୍ୱ' ପ୍ରକାଶିତ ହୁଏ, ସେହି ଗ୍ରନ୍ଥର ଭୂମିକା ଲେଖିବା ଅବସରରେ ପଣ୍ଡିତ ନୀଳକଂଠ କେତୋଟି ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନର ଅବତାରଣା କରନ୍ତି, ଯାହା ତାଙ୍କ ମତରେ ଓଡ଼ିଆ ଭାଷା ଇତିହାସର ମୂଳପ୍ରଶ୍ନ । ପ୍ରଥମତଃ ଓଡ଼ିଆ ଭାଷାର ଅସଲ ପ୍ରକୃତି କ'ଣ ଓ କାହିଁରେ ଏ ଭାଷାର ବୈଶିଷ୍ଟ ବିଦ୍ୟମାନ । ଏ ପ୍ରଶ୍ନର ଉତ୍ତର ପରବର୍ତ୍ତୀ ସମୟରେ ବିଶଦ ଭାବେ ବ୍ୟାଖ୍ୟା କରି ସେ କୁହନ୍ତି– ହଠାତ୍ ଦେଖିବା ପାଇଁ ଓଡ଼ିଆ ସଭ୍ୟତା ଆର୍ଯ୍ୟ ସଭ୍ୟତା । ତାହାର ଓଡ଼ିଆର ଭାଷା ଓ ସାହିତ୍ୟ । କିନ୍ତୁ ପଣ୍ଡିତ ନୀଳକଂଠ କୁହନ୍ତି ସେଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ । ଭାରତର ବହୁ ଅନ୍ୟାନ୍ୟ ସଭ୍ୟତା ବି ଆର୍ଯ୍ୟ ସଭ୍ୟତା ଏଥିଭିତରୁ ଓଡ଼ିଆର ବୈଶିଷ୍ଟ୍ୟ କେଉଁଠି ଖୋଜିବାକୁ ପଡ଼ିବ ? ଏ ପ୍ରଶ୍ନର ଉତ୍ତରରେ ନୀଳକଂଠ କୁହନ୍ତି ଯେ, ଓଡ଼ିଆ ସଭ୍ୟତା ତିନୋଟି ସ୍ରୋତର ସଙ୍ଗମରୁ ସୃଷ୍ଟ– ଓଡ଼ିଆ ଭୂମିରେ ଆଦିମ ଓ ଆଗନ୍ତୁକ ଲୋକ ସମାଗମ ଓ ଲୋକମିଶ୍ରଣ କଥା କୁହାଯାଇଚି । ସେ ସବୁ ଭିତରେ ତିନୋଟି ଧାରା ମୋଟାମୋଟି ଦେଖାଯାଏ । ସେ ତିନୋଟି ହେଉଛି, ଶବର, କଳିଙ୍ଗ, ଆର୍ଯ୍ୟ । ନୀଳକଂଠଙ୍କ ଏହି ତିନୋଟି ଧାରାକୁ ଓଡ଼ିଆର ତିନୋଟି ମୁଖ୍ୟ ଭାଷା ପରିବାର ଆଷ୍ଟ୍ରିକ୍, ଦ୍ରାବିଡ଼ ଓ ଆର୍ଯ୍ୟ ସଙ୍ଗେ ଚିହ୍ନିତ କରିବା କଷ୍ଟ ସାଧ୍ୟ ନୁହେଁ । ଭାରତୀୟ ଭାଷାତାତ୍ତ୍ୱିକ ଚିନ୍ତାଧାରାର ତତ୍କାଳୀନ ବାୟୁମଣ୍ଡଳରେ ଓଡ଼ିଆ ପରି ଏକ ଆର୍ଯ୍ୟ ଭାଷାର ପ୍ରକୃତି ବିଷୟରେ ପଣ୍ଡିତ ନୀଳକଣ୍ଠଙ୍କର ଏ ମନ୍ତବ୍ୟ ବା hypothesisର



Digitized by PPRACHIN, SOA

ଖାଲି ମୌଳିକତା ନୁହେଁ, ଯେଉଁ ଦାର୍ଶନିକତା ରହିଛି, ତାହା ଅବଶ୍ୟ ଲକ୍ଷ୍ୟ କରିବାର କଥା । ସଗୋତ୍ର ଏବଂ ଓଡ଼ିଆର ଜାତି ନିକଟ ସମ୍ପର୍କୀୟ ବଙ୍ଗଳା ଭଷା କ୍ଷେତ୍ରରେ ବି ଶୁଦ୍ଧତା ପ୍ରତିପାଦିତ କରିବାକୁ ଯାଇ ଅଧ୍ୟାପକ ସୁନୀତି କୁମାର ଚଟାର୍ଜୀ ଓ ପରେ ଅଧ୍ୟାପକ ସୁକୁମାର ସେନ ବଙ୍ଗଳା ଭଷା କ୍ଷେତ୍ରରୁ ଅନ୍ୟସବୁ ସ୍ରୋତକୁ ବାଦ ଦେଇ କୁହନ୍ତି– ଭରତୀୟ ଆର୍ଯ୍ୟ ଭଷା ଗୁଡ଼ିକର ଭଷାତାତ୍ତ୍ୱିକ ଅଧ୍ୟୟନ ଗୁଡ଼ିକରେ ଦ୍ରାବିଡ଼ୀୟ ସମ୍ବନ୍ଧ ଦେଖାଇବା ଏବେ ଅତି ସାଧାରଣ ହୋଇ ପଡ଼ିଛି । ବଙ୍ଗଳା ଭଷା କ୍ଷେତ୍ରରେ ମୁଁ ତାହା କରିନାହିଁ, କାରଣ ମୋର ବିଶ୍ୱାସ ଗୋଟିଏ ଦୁଇଟି ଶବ୍ଦକୁ ଛାଡ଼ିଦେଲେ ( ଯଥା :– ନାମ ହିସାବରେ ବଲ୍ଲାଳ ), ପ୍ରାଚୀନ ବଙ୍ଗ ଭଷାର କ୍ୱଚିତ୍ ଶବ୍ଦ ସିଧାସଳଖ ଦ୍ରାବିଡ଼ରୁ ଆସିଛନ୍ତି । ବଙ୍ଗଳାର ସବୁ ଶବ୍ଦ ପ୍ରାକୃତରୁ ଆସିଛନ୍ତି । ଏପରିକି ଯେଉଁ ଶବ୍ଦକୁ ମୂଳତଃ ଦ୍ରାବିଡ଼ ବୋଲି କୁହାଯାଇଥାଏ ସେ ସବୁ ବି ପ୍ରାକୃତ ମାଧ୍ୟମରେ ଶୁଦ୍ଧ ହୋଇ ଏପରିକି ଉଚ୍ଚାରଣ ଦୃଷ୍ଟିରୁ ମାର୍ଜିତ ହୋଇ ବଙ୍ଗଳାରେ ପ୍ରବେଶ କରିଛନ୍ତି । ସେହି ଏକ କଥା ବି ଅଷ୍ଟ୍ରିକ୍ ଶବ୍ଦ କ୍ଷେତ୍ରରେ ପ୍ରଯୁଜ୍ୟ । ବଙ୍ଗଳାର ଏହି ଭଷା ବ୍ୟୁତ୍ପତ୍ତିବାଦର ସମ୍ପୂର୍ଣ୍ଣ ବିପରୀତ ହେଉଛି ପଣ୍ଡିତ ନୀଳକଂଠଙ୍କ ଓଡ଼ିଆ ଭଷା ବ୍ୟୁତ୍ପତ୍ତିବାଦ, ଯାହାର ରେଖାଙ୍କନ କରିବା ଭିତରେ ପଣ୍ଡିତ ଗୋପୀନାଥ ନନ୍ଦ, ପଣ୍ଡିତ ନୀଳକଣ୍ଠଙ୍କର ଶରବ୍ୟ ହୋଇଛନ୍ତି—କୌଣସି ଠାରେ ସେ (ଗୋପୀନାଥ ନନ୍ଦ) ହଠାତ୍ ସଂସ୍କୃତକୁ ଯିବା ପାଇଁ ଲୋଡ଼ିନାହାନ୍ତି ସତ; ମାତ୍ର ସ୍ୱୀକାର କରିବାକୁ ହେବ, ଏହିଠାରେ ସେ କେତେକ ପରିମାଣରେ ଭିନ୍ନ ଦ୍ୱାରରେ ଗତାନୁଗତିକ ପନ୍ଥାରେ ପ୍ରବେଶ କରିଅଛନ୍ତି । ପ୍ରାକୃତକୁ ସର୍ବଦା ସଂସ୍କୃତର ବିକୃତି ବୋଲି ସ୍ଥିର କରି ସେ ପ୍ରାକୃତର ଜୀବନ୍ତ ସରସତା ଫୁଟାଇ ପାରିନାହାନ୍ତି । ଶବ୍ଦାଦିର ପ୍ରକୃତି ନିର୍ଣ୍ଣୟ କରିବାରେ, ସେ ପ୍ରାକୃତ ବାଟେ ଗଲେ ମଧ୍ୟ ଏବଂ 'ଗୋଡ଼' ପ୍ରଭୃତିରେ କେବଳ ପ୍ରାକୃତ ମୂଳ ସ୍ୱୀକାର କଲେ ହେଁ ଯଥାସାଧ୍ୟ ସବୁ ସଂସ୍କୃତରୁ ବାହାର କରିବାର ପ୍ରୟାସ କରିଛନ୍ତି । ସଂସ୍କୃତ ଯେ କେବଳ ପ୍ରାକୃତର ବିକୃତି ଏହା ସେ ସ୍ୱୀକାର କରିନାହାନ୍ତି । ଉଦାହରଣ ସ୍ୱରୂପ ଦ୍ରାବିଡ଼ 'ପେଦା'ରୁ ବଡ଼୍ତ (ବଡ଼) ହୋଇ ପରେ ସଂସ୍କୃତ ଶବ୍ଦାନୁକୃତିରେ 'ବଟ୍ର' ହୋଇଅଛି । ଛଇଲ୍ଲ, ବଇଲ୍ଲ ପ୍ରଭୃତି ପ୍ରାକୃତ ଶବ୍ଦର ସଂସ୍କୃତ ଏ ପର୍ଯ୍ୟନ୍ତ ବ୍ୟବହାରରେ ଆସିନାହିଁ ।



Digitized by PPRACHIN, SOA

ଏ ସବୁ କଥା ପ୍ରତି ନନ୍ଦଙ୍କର ତାଦୃଶ ଦୃଷ୍ଟି ଯାଇନାହିଁ । ସେଥିପାଇଁ ସେ ସଂସ୍କୃତ 'ବଲୀବର୍ଦ୍ଦ' ଶବ୍ଦରୁ ରୂପାନ୍ତରିତ ପ୍ରାକୃତ 'ବଇଲ୍ଲ' ଶବ୍ଦରୁ ଓଡ଼ିଆ 'ବଇଲ' (ବଅଲ) ହୋଇଥିବାର ସ୍ଥିର କରିଅଛନ୍ତି । ପ୍ରାକୃତ ଓ ଓଡ଼ିଆର 'ଜିଣା' ଶବ୍ଦକୁ ସଂସ୍କୃତ 'ଜୟ'ରୁ ବାହାର କରିଛନ୍ତି; ପ୍ରାକୃତ 'ପେଗ୍ଧସୀ' (ସଂସ୍କୃତ–ପିଶାଚୀ) ଶବ୍ଦରୁ ଓଡ଼ିଆ 'ପେତାସୁଣୀ' (ପିତାସୁଣୀ) ବାହାର ନକରି, 'ପ୍ରେତାଶିନୀ' ବୋଲି ସଂସ୍କୃତରେ ଏକ ଶବ୍ଦ ସୃଷ୍ଟି କରି, ସେଥିରୁ ପ୍ରାକୃତ ବାଟେ ପୁଣି ଓଡ଼ିଆ 'ପେତାସୁଣୀ' ଶବ୍ଦ କାଢ଼ିଛନ୍ତି । ଦ୍ରାବିଡ଼ 'ଚେନ୍ନା' ଶବ୍ଦରୁ ଓଡ଼ିଆ 'ସାନ' ନକାଢ଼ି, ସେ ସଂସ୍କୃତର 'ସାମାନ୍ୟ' ଶବ୍ଦରେ ତାହାର ମୂଳ ଖୋଜିଅଛନ୍ତି । ସେହିପରି 'ବିସା'ର ମୂଳ 'ବିଶ୍ୱା'ରେ ଓ 'ସଅଳ' (ସକାଳ, ସସ୍କାଳ)ର ମୂଳ ସଂସ୍କୃତ 'ସଦ୍ୟକାଳ'ରେ ଖୋଜିବା ପ୍ରଭୃତିରେ କେତେ ଠିକ୍ ହୋଇଛନ୍ତି, ତାହା ଅନୁସନ୍ଧାନ ସାପେକ୍ଷ । ବିଭକ୍ତି ବିଗ୍ରରରେ ମଧ୍ୟ ଚତୁର୍ଥୀ 'କୁ' ବିଭକ୍ତି ମୂଳ ଦ୍ରାବିଡ଼ ଭଷାରେ ନଖୋଜି ଦୀର୍ଘସୂତ୍ର ଅବଲମ୍ବନ କରି ତା'କୁ ସଂସ୍କୃତ 'କୃତେ'ରୁ ବାହାର କରିବାର ପ୍ରୟାସ ଏଠାରେ ଉଲ୍ଲେଖଯୋଗ୍ୟ । ଏହି ଅଳ୍ପ କେତୋଟି ବିଗ୍ରରରେ ପଣ୍ଡିତ ନୀଳକଂଠଙ୍କର ଓଡ଼ିଆ ବ୍ୟୁତ୍ପତିବାଦର ସ୍ପଷ୍ଟ ସଙ୍କେତ ରହିଛି, ଯଦିଓ ଅନ୍ୟତ୍ର ସେ ପୁଙ୍ଖାନୁପୁଙ୍ଖ ଭବେ ଏ ବିଷୟରେ ନିଜର ବିଗ୍ରରଧାରକୁ ବ୍ୟାଖ୍ୟାନ କରିଛନ୍ତି, ଯାହାକୁ ଭିତ୍ତି କରି ଓଡ଼ିଆ ଭଷା ବ୍ୟୁତ୍ପତ୍ତିର ଦର୍ଶନକୁ ପ୍ରତିଷ୍ଠିତ କରିବା ଅସମ୍ଭବ ନୁହେଁ । ଏହି ଦର୍ଶନ କେବଳ ଭଷାକୁ ନୁହେଁ, ଓଡ଼ିଆ ଧର୍ମ, ସଂସ୍କୃତି, କଳା, କୃଷ୍ଟି, ସାହିତ୍ୟ, ପରମ୍ପରା, ପ୍ରବାଦ, ଐତିହ୍ୟକୁ ଏକା ନିଶ୍ୱାସରେ କବଳିତ କରିଛି । ଏହା ହେଉଛି ସମଗ୍ର ଓଡ଼ିଆ ଜାତୀୟ ଦର୍ଶନ । ଏହି ଦର୍ଶନରେ ଓଡ଼ିଆ ଭଷାର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି, ଯାହା ଫଳରେ ନୀଳକଂଠ ବାର ବାର ବିଭିନ୍ନ ଭଷାତାତ୍ତ୍ୱିକ ଘଟଣା ସମୂହର ଆଲୋଚନାରେ ବ୍ୟାପୃତ ହୋଇଛନ୍ତି । ବହୁ କ୍ଷେତ୍ରରେ ଓଡ଼ିଆ ଭଷାର ସାମଗ୍ରୀ ତାଙ୍କୁ ବାଟ କଢ଼ାଇଛି ବା ଦିଗ୍‌ଦର୍ଶନର ଭୂମିକା ଦେଇଛି । ଓଡ଼ିଆ ଦର୍ଶନରେ ଓଡ଼ିଆ ଭଷା କେତେବେଳେ ସାହିତ୍ୟ ଓ ସଂସ୍କୃତିର ସହଗମନ କରିଛି ତ କେତେବେଳେ ମାର୍ଗ ଦର୍ଶନର ଭୂମିକା ନେଇଛି । ଏହିପରି ଓଡ଼ିଆ ଭଷାର ବହୁ ସାମଗ୍ରୀ ବିଷୟରେ ସେ କହିଛନ୍ତି ଯେ–ଓଡ଼ିଆ ଶବ୍ଦମାନଙ୍କର ଆଲୋଚନା–ଉତ୍ପତ୍ତି,



Digitized by PPRACHIN, SOA

ବ୍ୟୁତ୍ପତ୍ତି ଓ ପରିଣତି ସମ୍ବନ୍ଧୀୟ ବିଗ୍ରହ ହୋଇନାହିଁ । ଅନେକ ଶବ୍ଦର ମୌଳିକ ବ୍ୟୁତ୍ପତ୍ତିଗତ ଅର୍ଥ ଆମକୁ ଏବେ ଛାଡ଼ି ଦେବାକୁ ହେଉଛି, କିମ୍ବା ଅନୁମାନରେ ଯାହାକୁ କହନ୍ତି ଠାସୁକ ମାରି ଧରିନେବାକୁ ହେଉଛି । ପୁଣି ବହୁକାଳରୁ ପରମ୍ପରା ପଡ଼ିଯାଇଛି, ସବୁ ଶବ୍ଦର ଯେପରି କି କିଛି ନା କିଛି ସଂସ୍କୃତ ମୂଳ ନିଶ୍ଚେ ଅଛି । ଯାହା ଲକ୍ଷ୍ୟ କରିବାର କଥା, ଯେ ଦତ୍ତ ବଙ୍ଗଳା ବ୍ୟୁତ୍ପତ୍ତିବାଦ ପରି ପଣ୍ଡିତ ନୀଳକଂଠଂକ ଓଡ଼ିଆ ବ୍ୟୁତ୍ପତ୍ତିବାଦ କେବଳ ସଂସ୍କୃତ ମୁଖାପେକ୍ଷୀ ନୁହେଁ; ଦ୍ରାବିଡ଼, ଶବର, ପ୍ରାକୃତ, ସବୁ ଦିଗକୁ ଗ୍ରହିବାର ଯଥେଷ୍ଟ ଅବସର ସେଥିରେ ଅଛି । ବସ୍ତୁତଃ, ଏହା ହିଁ ହେଉଛି ନୀଳକଂଠ ଭଷାଦର୍ଶନର ମୁଖ୍ୟ ବୈଶିଷ୍ଟ୍ୟ ଏବଂ ଏହି ମୂଳ କଥାଟି ସ୍ପଷ୍ଟ ହେଲେ ଓଡ଼ିଆ ଭଷାର ଇତିହାସ ନିର୍ଣ୍ଣୟ କରିବାର ପଥ ଉନ୍ମୋଚିତ ହେବ । ତା'ପରେ ଓଡ଼ିଆ ଭଷାର ଚତୁର୍ଥ କୁ/କି, ବହୁବଚନ ଗୁଡ଼ା/ଗୁଡ଼ି, ପ୍ରଥମ ପୁରୁଷ ବହୁବଚନ କ୍ରିୟା ପଦରେ ଶ୍ରୋତା ଅନ୍ତର୍ଗତ/ବହିର୍ଭୂତ ପାର୍ଥକ୍ୟକୁ ସଂସ୍କୃତରେ ଖୋଜାଯିବ ନା ଦ୍ରାବିଡ଼, ଶବର ବା ପ୍ରକୃତରେ, ତାହା ଏକ ସାମାନ୍ୟ ପ୍ରଶ୍ନ । ଏହା ଦ୍ୱାରା ଓଡ଼ିଆ ବ୍ୟୁତ୍ପତ୍ତି ସଂସ୍କୃତ ବା ମିଥ୍ୟା-ସଂସ୍କୃତର ଆଶ୍ରୟ ନନେଇ ନୂତନ ଦିଗନ୍ତର ସୂଚନା ଦେବ, ଯାହା କେବଳ ଓଡ଼ିଆ ଭଷା ପାଇଁ ନୁହେଁ, ଓଡ଼ିଆ ସଂସ୍କୃତି ଓ ସାହିତ୍ୟ କ୍ଷେତ୍ରରେ ମଧ୍ୟ ଏକାଧାରରେ ପ୍ରଯୁଜ୍ୟ । ପଣ୍ଡିତ ନୀଳକଂଠ ଏକାଧିକ ବାର ଦାବୀ କରିଛନ୍ତି ଯେ, ଯଦି ଓଡ଼ିଆ ବଙ୍ଗଳା ଭଷାର ଶବ୍ଦାବଳୀକୁ ପରୀକ୍ଷା କରାଯାଏ ଅର୍ଦ୍ଧାଧିକ ଶବ୍ଦ ଦ୍ରାବିଡ଼ମୂଳକ । କିନ୍ତୁ ଆମେ ଦେଖୁଛୁ ଯେ, ବଙ୍ଗଳା ଭଷାତତ୍ତ୍ୱବିଦ୍‌ମାନେ ଦ୍ରାବିଡ଼ମୂଳକୁ ସମ୍ପୂର୍ଣ୍ଣ ଅସ୍ୱୀକାର କରିଛନ୍ତି । ତା'ର କାରଣ ହେଉଛି ଓଡ଼ିଆ ଭଷାଠାରୁ ସ୍ୱତନ୍ତ୍ର ରହି ବଙ୍ଗଳା ଭଷା ପକ୍ଷରେ ଦ୍ରାବିଡ଼ ସମ୍ପର୍କ ଦେଖାଇବା ଅସମ୍ଭବ । ବସ୍ତୁତଃ ବଙ୍ଗଳା ଭଷାପାଇଁ ଦ୍ରାବିଡ଼ ସମ୍ପର୍କ ଏକ ପ୍ରକାର ଆତ୍ମଘାତୀ କହିଲେ ଚଳେ । ଓଡ଼ିଆ ପାଇଁ କିନ୍ତୁ ସେ ଭୟ ନାହିଁ, ବରଂ ଓଡ଼ିଆର ଦ୍ରାବିଡ଼ ସମ୍ପର୍କ ଭଷାତାତ୍ତ୍ୱିକ ଦୃଷ୍ଟିରୁ ଏକାନ୍ତ ସ୍ୱାଭବିକ । ସ୍ଥୂଳ ଦୃଷ୍ଟିରେ ବି ଦ୍ରାବିଡ଼ରୁ ଶହ ଶହ ଶବ୍ଦ ଓଡ଼ିଆକୁ ଆସିଛନ୍ତି, ଯେଉଁମାନଙ୍କୁ ମିଥ୍ୟା-ସଂସ୍କୃତରେ ଖୋଜିବା ବା 'ଦେଶୀ' ବୋଲି ଘୋଡ଼ାଇ ପକାଇବାର କୌଣସି ଆବଶ୍ୟକତା ଅନ୍ତତଃ ଓଡ଼ିଆ ଭଷା ପାଇଁ ନାହିଁ । ଯେଉଁମାନେ ଏହା କରନ୍ତି, ସେମାନଙ୍କର ଓଡ଼ିଆ ଭଷାର ପ୍ରକୃତି



Digitized by PPRACHIN, SOA

ବିଷୟରେ ଆଦୌ ଧାରଣା ନାହିଁ ଏବଂ ସେମାନେ ଅଜ୍ଞାତସାରରେ ଖାଲି ଓଡ଼ିଆ ଭାଷାକୁ ନୁହେଁ ସମଗ୍ର ଓଡ଼ିଆ ଜାତୀୟତାକୁ ବି କଳୁଷିତ କରୁଛନ୍ତି ।

ନୀଳକଂଠଂଙ୍କ ଅନ୍ୟ ଧାରଟି ହେଲା ଶବର । ଏପରିକି ଓଡ଼ିଆ ଜାତିର ନାମକରଣ ଏହି ସୂତ୍ରରୁ ଆସି ପାରିଥାଏ । ଶବର ଭାଷାରେ 'ଓରର-ମରନ୍'ର ଅର୍ଥ ଚାଷୀ, ଯାହା ଓଡ଼, ଓଡ଼ିଆ ଜାମର ମୂଳ ବି ହୋଇପାରେ । ଯଦିବା ଅଧ୍ୟାପକ ସୁକୁମାର ସେନଙ୍କ ଦାବୀକୁ ମାନି ନିଆ ଯାଏ ଯେ, ବହୁ ଶବ୍ଦ ପ୍ରାକୃତ ମାଧ୍ୟମରେ ପଶି, ଶୁଦ୍ଧ ହୋଇ, ସଂସ୍କୃତ ହୋଇ ଓଡ଼ିଆ ଓ ବଙ୍ଗଳା ଭିତରେ ପଶିଥିଲେ, ତେବେ ବି ପଣ୍ଡିତ ନୀଳକଂଠଂଙ୍କ ଯୁକ୍ତିର ସାରବତ୍ତା ଆଦୌ ଲଘବ ହେଉନାହିଁ, କାରଣ ନୀଳକଂଠ ଦାବୀ କରନ୍ତି ଯେ ସବୁ ଓଡ଼ିଆ ଶବ୍ଦ ସଂସ୍କୃତରୁ ନଆସି କିଛି ଓଡ଼ିଆ ପ୍ରାକୃତର ଶବ୍ଦ ସଂସ୍କୃତ ହୋଇଛନ୍ତି, ଅର୍ଥାତ୍ ସଂସ୍କୃତ ଏଗୁଡ଼ିକୁ ନିଜସ୍ୱ କରିଛି । ତେଣୁ ବହୁ କ୍ଷେତ୍ରରେ ବ୍ୟୁତ୍ପତ୍ତିର ଧାରକୁ ଅନ୍ଧ ଭାବେ ସଂସ୍କୃତରୁ ଓଡ଼ିଆକୁ ନଆଣି ଉଜାଣି ଧାରଟି ପ୍ରତି ମଧ୍ୟ ଦୃଷ୍ଟି ଦେବାକୁ ପଡ଼ିବ । ଆଜି ନୀଳକଂଠଂଙ୍କ ଓଡ଼ିଆ ଭାଷା-ଦର୍ଶନକୁ ବିଚାରକୁ ନେଲାବେଳେ ତାଙ୍କ ଯୁକ୍ତିର ଗୁରୁତ୍ୱ ଆମେ ଅବଶ୍ୟ ଉପଲବ୍ଧି କରୁଛୁ । ତେବେ ମନେ ରଖିବାକୁ ହେବ ଯେ ଦ୍ରାବିଡ଼ ଓ ଶବର ସମ୍ବନ୍ଧରେ ଓଡ଼ିଆ ଭାଷାର ଇତିହାସ ଶେଷ ନୁହେଁ । ଅନ୍ୟାନ୍ୟ ଅନେକ ଗୁଡ଼ିଏ ସ୍ରୋତର ଅବଦାନ ଏ ଭାଷାର ବିବର୍ତ୍ତନରେ ଅଙ୍କିତ ହୋଇ ରହିଛି । ଏହି ସ୍ରୋତଗୁଡ଼ିକ ଓଡ଼ିଆର ସମଗୋତ୍ରୀ ମଧ୍ୟପ୍ରଦେଶର ଛତିଶଗଡ଼ୀ, ହାଲବି ହୋଇ ପାରନ୍ତି, ଔପଭାଷିକ ସମ୍ବଲପୁରୀ, ଭୂୟାଁଠାର ହୋଇ ପାରନ୍ତି ବା ହୋଇପାରନ୍ତି କ୍ଷୁଦ୍ରାତିକ୍ଷୁଦ୍ର ଅନାର୍ଯ୍ୟ ଆଦିବାସୀ ଭାଷା ।

ବର୍ତ୍ତମାନ ଓଡ଼ିଆ ଭାଷାର ଏହି ଚାରିତ୍ରିକ ବୈଶିଷ୍ଟ୍ୟକୁ ଆଲୋଚନା କରିବାକୁ ଯାଇ ପଣ୍ଡିତ ନୀଳକଣ୍ଠ ପଚାରିଛନ୍ତି—ଭାଷାର ପ୍ରକୃତି କାହିଁରେ ? ଶବ୍ଦର ଆଦାନ ପ୍ରଦାନରେ ଭାଷାର ପ୍ରକୃତି ବଦଳି ଯାଏ ନାହିଁ ?' ଏହି ମନ୍ତବ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନର ଅବତାରଣା କରାଯାଇଛି । ଆମକୁ ସିଦ୍ଧ କରିବାକୁ ହେବ ଓଡ଼ିଆ ଭାଷାର ତା'ହେଲେ ପ୍ରକୃତି କ'ଣ ଓ ସେହି ପ୍ରକୃତି କେବେ ପ୍ରତିଷ୍ଠିତ ହେଲା । ଭାଷାର ପ୍ରକୃତି କହିଲେ ଏହାର ସ୍ୱତନ୍ତ୍ର



Digitized by PPRACHIN, SOA

ଶୃଙ୍ଖଳାକୁ ବୁଝିବାକୁ ହେବ, ଅର୍ଥାତ୍ ଏହାର ଗଠନଗତ ସ୍ୱତନ୍ତ୍ରତାକୁ । ସଂସ୍କୃତ ବା କୌଣସି ଏକ ପ୍ରାକୃତରୁ ଓଡ଼ିଆ ଜନ୍ମ ହୋଇଥିବା ଧରି ନିଆଗଲେ ବି କେବେ ଏହି ଭାଷା ଓଡ଼ିଆ ନାମରେ ନିଜର ବିଶେଷତ୍ୱ ଜାହିର କରିବାର କ୍ଷମତା ହାସଲ କଲା ? କେଉଁ ସୂତ୍ର ଗୁଡ଼ିକ ଦ୍ୱାରା ଓଡ଼ିଆ ହେଲା ଓଡ଼ିଆ । ଭାଷାର ଏହି ପ୍ରକୃତିକୁ ନୀଳକଣ୍ଠ ଦୁଇ ଭାଗରେ ବ୍ୟକ୍ତ କରିଛନ୍ତି–ଓଡ଼ିଆ ଭାଷାର ସାର୍ବଜନୀନତା ବା universality ଓ ସ୍ୱତନ୍ତ୍ରତା ବା individuality. ପଣ୍ଡିତ ନୀଳକଣ୍ଠଙ୍କର ଏହି ସାର୍ବଜନୀନତା ଓ ସ୍ୱତନ୍ତ୍ରତାକୁ ବୁଝିବାକୁ ହେଲେ ଆମକୁ ଗୋଟିଏ ଉଦାହରଣ ଦେବାକୁ ପଡ଼ିପାରେ, ଯଥା :– ଓଡ଼ିଆର ବହୁବଚନ– ମାନେ । ଅଧ୍ୟାପକ ସୁନୀତି କୁମାର ଚଟାର୍ଜୀ ଓଡ଼ିଆର ଏହି ବହୁବଚନଟିକୁ ସଂସ୍କୃତ 'ମାନବ' ଶବ୍ଦରୁ ଅପଭ୍ରଂଶ 'ମାଣଓ୍' ଶବ୍ଦ ଦେଇ ବ୍ୟୁତ୍ପନ୍ନ କରିଛନ୍ତି । ଏହା କରି ଅଧ୍ୟାପକ ଚଟାର୍ଜୀ ଓଡ଼ିଆର ସାଧାରଣତ୍ୱକୁ ରକ୍ଷା କରିଛନ୍ତି ସତ, ଅର୍ଥାତ୍ ଓଡ଼ିଆ ଗୋଟିଏ ସଂସ୍କୃତ ମୂଳକ ମାଗଧୀ ଭାଷା, କିନ୍ତୁ ଏହି ଭାଷାର ସ୍ୱତନ୍ତ୍ରତା ଦିଗଟି ପ୍ରତି ଲକ୍ଷ୍ୟ ଦେଇ ପାରି ନାହାନ୍ତି । ଦେଇଥିଲେ ସେ ଅବଶ୍ୟ ଉପଲବ୍‌ଧି କରିଥାନ୍ତେ ଯେ ସଂସ୍କୃତ 'ମାନବ' ଶବ୍ଦରୁ ଅପଭ୍ରଂଶ 'ମାଣଓ୍' ଓଡ଼ିଆରେ ମାନେ ହେବା ଅବିଧେୟ । ସଂସ୍କୃତର ମଧ୍ୟବର୍ତ୍ତୀ -ନ- ଓଡ଼ିଆର ସ୍ୱାତନ୍ତ୍ର୍ୟ ଦୃଷ୍ଟିରୁ ଣ ହେବାର କଥା । ଅଧ୍ୟାପକ ଚଟାର୍ଜୀଙ୍କ ବ୍ୟୁତ୍ପତ୍ତିଟି ଠିକ୍ ହୋଇଥିଲେ ବହୁବଚନଟି ଓଡ଼ିଆରେ ହୋଇଥାନ୍ତା –ମାଣେ କିନ୍ତୁ ଓଡ଼ିଆ ପ୍ରତ୍ୟୟଟି ହେଉଛି–ମାନେ । ଏପରି କ୍ଷେତ୍ରରେ, ଉକ୍ତ ବ୍ୟୁତ୍ପତ୍ତିଟିକୁ ଆମକୁ ସମୂଳେ ବହିଷ୍କାର କରିବାକୁ ପଡ଼ିବ ଏବଂ ଯାହା ଫଳରେ–ମାନେ ବହୁବଚନଟିକୁ ଆମକୁ ଛତିଶଗଡ଼ୀ ବା ହାଲ୍‌ବି ଇତ୍ୟାଦି ଭାଷାଞ୍ଚଳରୁ ପ୍ରକ୍ଷିପ୍ତ ବୋଲି ସ୍ୱୀକାର କରିବାକୁ ପଡ଼ିପାରେ–ଯେଉଁ ସବୁ ଅଞ୍ଚଳରେ–ମନ୍ ବହୁବଚନ ଚଳେ । ସେ ଆଉ ଏକ ବିପତ୍ତି । ତେଣୁ ଏ ସମ୍ଭାବନା ଯଦି ବା ଅଭାବନୀୟ ମନେ ହୁଏ ଏବଂ ହେବା ଆଦୌ ଅଯଥାର୍ଥ ନୁହେଁ, ତା ହେଲେ –ମାନେ ବହୁବଚନର ଯଥାଯଥ ବ୍ୟୁତ୍ପତ୍ତି ପାଇଁ ଆମକୁ ଗବେଷଣାର ଅପେକ୍ଷା ରଖିବାକୁ ହେବ । ଅତଏବ ଓଡ଼ିଆ ଭାଷାର ଇତିହାସ ଦୃଷ୍ଟିରୁ, ପ୍ରଥମେ ବୁଝିବାକୁ ହେବ ପଣ୍ଡିତ ନୀଳକଣ୍ଠଙ୍କର ଭାଷାର ସାର୍ବଜନୀନତା ଓ ସ୍ୱତନ୍ତ୍ରତା କ'ଣ ? ଭାଷାର ସାର୍ବଜନୀନତା ଦୃଷ୍ଟିରୁ



Digitized by PPRACHIN, SOA

ଓଡ଼ିଆ ଭାଷା ଭାରତର ଅନ୍ୟାନ୍ୟ ଆର୍ଯ୍ୟ ଭାଷା ଗୁଡ଼ିକ ମଧ୍ୟରୁ ଅନ୍ୟତମ ଓ ସ୍ୱତନ୍ତ୍ରତା ଦୃଷ୍ଟିକୁ ଏହା ଭାରତୀୟ ଭାଷାମାନଙ୍କ ଭିତରେ ଏକକ, ଅର୍ଥାତ୍ ଅନ୍ୟ ସମସ୍ତଙ୍କଠାରୁ ଏହା ପୃଥକ୍ । ତେଣୁ ଓଡ଼ିଆ ଭାଷାର କ୍ରମବିକାଶକୁ ଦେଖିବାକୁ ହେଲେ ଏହାର ସାର୍ବଜନୀନତା ପ୍ରତି ଯେପରି ଦୃଷ୍ଟି ଦେବାକୁ ପଡ଼ିବ, ଏହାର ସ୍ୱତନ୍ତ୍ରତା ପ୍ରତି ବି ସେହି ପରିମାଣରେ ଦୃଷ୍ଟି ଦେବାକୁ ପଡ଼ିବ । ଓଡ଼ିଆ ଭାଷାର ଗଠନ ଦୃଷ୍ଟିରୁ ଏହାର ସାଧାରଣତ୍ୱ ସଙ୍ଗେ ସଙ୍ଗେ ଏହାର ମୌଳିକତାକୁ ବି ଦେଖିବାକୁ ପଡ଼ିବ, ଅର୍ଥାତ୍ ଏକ ଦିଗରୁ ଏହା ଯେପରି ଅନ୍ୟାନ୍ୟ ସବୁ ଭାଷାଙ୍କ ପରି, ଅନ୍ୟ ଦିଗରୁ ସେହିପରି ଏହା ଅନ୍ୟ କୌଣସି ଭାଷା ପରି ନୁହେଁ ।

କିଛିଟା ଜାଣି ଶୁଣି ଏହି ଗ୍ରନ୍ଥରେ ସ୍ଥାନ ପାଇଥିବା ସାହିତ୍ୟର, ନିଜର ବା ଭାଷାର କୌଣସି ସାମଗ୍ରୀ ଉପରେ ନିର୍ଦ୍ଦିଷ୍ଟ ମନ୍ତବ୍ୟ ଦେବାର ଚେଷ୍ଟାରୁ ଆମେ ବିରତ ହୋଇଛୁ । ତା'ର କାରଣ ହେଉଛି, ସାମଗ୍ରୀର କୌଣସି ନିର୍ଦ୍ଦିଷ୍ଟ ମୂଲ୍ୟ ନାହିଁ । ଶୃଙ୍ଖଳାକୁ ଧରି ସାମଗ୍ରୀର ମୂଲ୍ୟାୟନ କରାଯାଇ ଥାଏ । ଯେଉଁ ଘଟଣାକୁ ଆଜି ଆମେ ଏଇ ପ୍ରକାରେ ଭାବିଛୁ, କାଲି ହୁଏତ ନୂତନ ସମ୍ଭାବନାରେ ସେ ସାମଗ୍ରୀର ଭିନ୍ନ ମୂଲ୍ୟାୟନ ହୋଇ-ପାରେ । ନୂତନ ସାମଗ୍ରୀ ମିଳିପାରେ ବା ପୁରାତନ ସାମଗ୍ରୀ ଯଥେଷ୍ଟ ମନେ ହୋଇ ନ ପାରେ । ପ୍ରତ୍ୟେକ କ୍ଷେତ୍ରରେ ଗବେଷଣାର ବିଷୟ ଯେପରି ତୀବ୍ର ଗତିରେ ବଦଳିବାରେ ଲାଗିଛି, ସେ ଦୃଷ୍ଟିରୁ ସାମଗ୍ରୀର ବା ଉପା-ଦାନର ନାନା ପରିବର୍ତ୍ତନ ହୋଇପାରେ । ଯାହା ଆଜି ଏକ ପ୍ରକାର ଦିଶୁଛି ସେ କାଲି ଆଉ ପ୍ରକାରେ ଦିଶିପାରେ । ପଣ୍ଡିତ ନୀଳକଣ୍ଠ ଯାହାକୁ ଏକ ପ୍ରକାର ଦେଖୁଛନ୍ତି ସେ ଅନ୍ୟ କାହାକୁ ଅନ୍ୟ ଭାବେ ଦେଖା ଯାଇ-ପାରେ । ଅତଏବ, ଯାହା ମୁଖ୍ୟ, ସେ ହେଉଛି ଦେଖିବାର ବା ମୂଲ୍ୟାୟନର ପ୍ରଣାଳୀ । ପଣ୍ଡିତ ନୀଳକଣ୍ଠଙ୍କର ଓଡ଼ିଆ ଚିନ୍ତା ଜଗତକୁ ଯେଉଁ ଅବଦାନ, ସେ ସବୁର ସାମଗ୍ରୀଗତ ମୂଲ୍ୟ ଥାଉ ବା ନ ଥାଉ, ସେ ସବୁ ଯଥେଷ୍ଟ ମନେ ହେଉ ବା ନ ହେଉ, ଚିନ୍ତାର ବା ଦର୍ଶନର ଯେଉଁ ପ୍ରଣାଳୀଟି ସେ ଠିଆ କରାଇ ଦେଇ ଯାଉଛନ୍ତି ଏ ପର୍ଯ୍ୟନ୍ତ ତାହା ଅଦ୍ୱିତୀୟ ଏବଂ ଏହି ପ୍ରଣାଳୀର ଶକ୍ତିରେ ହିଁ ପଣ୍ଡିତ ନୀଳକଣ୍ଠ ଗୋପାଳ ପ୍ରହରାଜଙ୍କ ଭାଷାକୋଷ ଓ ଗୋପୀନାଥ ନନ୍ଦଙ୍କ ଓଡ଼ିଆ ଭାଷା ତତ୍ତ୍ୱ ପରି ପ୍ରକାଣ୍ଡ



Digitized by PPRACHIN, SOA

(ସାମଗ୍ରୀବହୁଳ ଅର୍ଥରେ ବିଶାଳ) ଗ୍ରନ୍ଥ ଗୁଡ଼ିକ ଉପରେ ନିର୍ଭୀକ ମନ୍ତବ୍ୟ ଦେବାରେ କୌଣସି ଦ୍ୱିଧା କରି ନାହାନ୍ତି । ଦର୍ଶନ ପ୍ରଣାଳୀକୁ ନେଇ ହିଁ ଏହା ସମ୍ଭବ ହୋଇଛି ଓ ଏହି ସମ୍ଭାବନାର ଆପାତତଃ ଅନ୍ୟ କୌଣସି ବିକଳ୍ପ ଓଡ଼ିଆରେ ନାହିଁ । ସେ ବିକଳ୍ପ ସୃଷ୍ଟି ନ ହେବା ପର୍ଯ୍ୟନ୍ତ ପଣ୍ଡିତ ନୀଳକଣ୍ଠଙ୍କ ଚିନ୍ତାଧାରା ଓଡ଼ିଆ ସାହିତ୍ୟର ଏକକ ଓ ଏକମାତ୍ର ଉପାୟ ହୋଇ ରହିଥିବ, ସେୟା ହିଁ ନୀଳକଣ୍ଠ ସାହିତ୍ୟର ବିଶେଷତ୍ୱ—ଏହାର ସାମଗ୍ରୀଗତ ନିର୍ଭୁଲତା ନୁହେଁ, ଏହାର ପ୍ରଣାଳୀଗତ ଐକିକତା ।

•

ଡଃ ବିଜୟ ପ୍ରସାଦ ମହାପାତ୍ର
ଲିଙ୍ଗୁଇଜ୍ ଡିଭିଜନ୍
୨୩୪/୪, ଆଚାର୍ଯ୍ୟ ଜଗଦୀଶ ବୋଷ ରୋଡ଼ (୧୭ ତାଲା)
ନିଜାମ୍ ପ୍ୟାଲେସ୍, କଲିକତା-୭୦୦୦୨୦
ଅଗଷ୍ଟ, ୧୯୯୦

Digitized by PPRACHIN, SOA

# ପଣ୍ଡିତ ନୀଳକଣ୍ଠ

" 'କୋଣାର୍କେ'ର ରଚୟିତା ପଣ୍ଡିତ ନୀଳକଣ୍ଠଙ୍କର ମୃତ୍ୟୁ ନାହିଁ"

—ମାୟାଧର ମାନସିଂହ

ମୁଁ ଏ କାବ୍ୟ ବାରମ୍ବାର ପଢ଼ିଛି । କାବ୍ୟ ହିସାବରେ ସେପରି ମନୋଜ୍ଞ ହୋଇ ନ ଥିଲେ ଏ ପୁସ୍ତକକୁ ଏତେଥର ପଢ଼ିବା ମୋ ପକ୍ଷରେ ସମ୍ଭବ ହୋଇ ନ ଥା'ନ୍ତା । ସଂବୃଦ୍ଧ ବଙ୍ଗଳା ଭାଷାରେ ମଧ୍ୟ ଏପରି ଖଣ୍ଡିଏ କାବ୍ୟ ଏ ପର୍ଯ୍ୟନ୍ତ ମୋ ଆଖିରେ ପଡ଼ି ନାହିଁ ।

"I have toured the whole of India, but I have not come across a Pandit like Pandit Nilakantha Das."

—Acharya Binoha Vabe

"Pandit Nilakantha Das, is the veritable father of Orissa."

Prof. N. G. Ranga, M.P. ( Dy. Leader of Congress Party in Loksabha )

"Pandit Nilakantha Das, one of the MAKERS OF THE MODERN INDIA"

Prof. Nurul Hasan, Minister Education,
Govt. of India.

"You are not only my guru, but the guru of all Utkal —UTKAL GURU

(Netaji) Subhash Ch. Bose

'ନୀଳକଣ୍ଠଙ୍କ ଅବଦାନ ସମ୍ବନ୍ଧରେ ଜଣା ଯେତେ ଅଜଣା ତା' ଠାରୁ ଅଧିକ'

—ଡଃ ଗୋପୀନାଥ ମହାନ୍ତି

ଏଇ ମହାମନୀଷୀ ପଣ୍ଡିତ ନୀଳକଣ୍ଠଙ୍କ ସ୍ମୃତି ରକ୍ଷାରେ

## ପଣ୍ଡିତ ନୀଳକଣ୍ଠ ସ୍ମୃତି ସମିତି

## ୩୦୩, ଖାରବେଳ ନଗର, ଭୁବନେଶ୍ୱର

Digitized by PPRACHIN, SOA

# ଓଡ଼ିଆ ସାହିତ୍ୟର କ୍ରମ ପରିଣାମ

## ତୃତୀୟ ଭାଗ

ପଣ୍ଡିତ ନୀଳକଂଠ ଦାସ

### ପ୍ରଥମ ଅଧ୍ୟାୟ :

### ପରଂପରାର କଳନା ଓ ପ୍ରଭାବ

ଆଲୋଚନାର ମାର୍ଗ—ଇଂରଜୀ ଶିକ୍ଷାର ଭିତ୍ତି ଓ ପ୍ରସାର, ଜଗନ୍ନାଥର ସାମ୍ୟଧର୍ମ ଠିକ୍ ସହନଶୀଳତା ନୁହେଁ—ଗୌଣତ୍ୱ ମନୋବୃତ୍ତିର ସ୍ପର୍ଦ୍ଧା, ସେଇ ସ୍ପର୍ଦ୍ଧାର ପରିସ୍ଥିତି—କଳାପାହାଡ଼ ଓ ଜଗନ୍ନାଥ—କିମ୍ବଦନ୍ତୀଟିର ଆଲୋଚନା—ଆଉ ଗୋଟିଏ କିମ୍ବଦନ୍ତୀର କଥା—ସେ କିମ୍ବଦନ୍ତୀର ଅର୍ଥ—ରାମଚନ୍ଦ୍ର ଦେବ—ଜଗନ୍ନାଥଙ୍କ ଗଙ୍ଗାଯାତ୍ରା କାହିଁକି ?—ଏବେ ସତ୍ୟଟି ଦେଖାଯାଉ—ଜଗନ୍ନାଥେ ବୃନ୍ଦାବନର କୃଷ୍ଣ ନୁହଁନ୍ତି—ପୁରୀସ୍ଥ ଗୌଡ଼ୀୟ ବୈଷ୍ଣବଙ୍କ କାର୍ଯ୍ୟ—କଳାପାହାଡ଼ ପରେ ରାମଚନ୍ଦ୍ରଙ୍କ ସତ୍ତ୍ୱେ ଆମ ଅବସ୍ଥା,—ପୂର୍ବ ଅବସ୍ଥା ସଙ୍ଗେ ତୁଳନା, କପିଳେନ୍ଦ୍ର ଦେବଙ୍କ ଚରିତ୍ର ଓ ଚଳଣି—ଶିବାଜୀଙ୍କ ସଙ୍ଗେ ତୁଳନା, ଚୈତନ୍ୟଙ୍କ ଆଗମନ—ଗୋପୀନାଥ ବଡ଼ଜେନା—ରାୟ ରାମାନନ୍ଦ—ଦାରୀନାଚ ଓ ଆଖଡ଼ା ପିଲା କଥା—ଏଥିରେ ଆମ ସଭ୍ୟତାର ଗତି—ପ୍ରକ୍ଷେପରେ ସ୍ପର୍ଦ୍ଧାର ଉଦାହରଣ—ତୁଳନାରେ ବୁଝିବା ପାଇଁ ଚାରିଆଡ଼କୁ ଚାହିଁ ଆଉ ଟିକିଏ ପଛକୁ ଦେଖ—କାଶିଆ କପିଳା କଥାରେ ସଂସ୍କୃତିର ସଙ୍କେତ—ଛେରାପହଁରା ସେବା—ଶିଳ୍ପକଳାରେ ଦେଖ—ସେଇ କଳାର ଗତି—ସାହିତ୍ୟରେ ସେଇଆ—ଛାନ୍ଦ ସାହିତ୍ୟ—ସଙ୍ଗୀତ ଓ ଦାଣ୍ଡିବୃତ୍ତ, ଗଲା ଚାରିଶହ ବର୍ଷର ସାହିତ୍ୟ—ପ୍ରତାପରୁଦ୍ର ଓ ପଞ୍ଚସଖା, ମୁସଲମାନ ଅତ୍ୟାଚାର,

Digitized by PPRACHIN, SOA

ତନ୍ତ୍ର ସାଧନା, ଏହାର ପୂର୍ବ ପରଂପରା, ଏହାର ବ୍ୟାପ୍ତି, ରାମନାମର ପ୍ରୟୋଗ, ଏଇ ପ୍ରୟୋଗରେ ଉପେନ୍ଦ୍ର ଭଞ୍ଜ ଓ ବିଶି ଖୁଣ୍ଟିଆ,—ପୁରୀ ଶାସନୀ ବ୍ରାହ୍ମଣଙ୍କ ସଂସ୍କୃତ ଚର୍ଚ୍ଚା ଓ ମହାରାଷ୍ଟ୍ରୀ ସମନ୍ୱୟ—ରାମ ଉପାସନା ଓ ମହାରାଷ୍ଟ୍ର—ସାରା ଭାରତରେ ମୋଗଲ ଓ ମୁସଲମାନ କାଳରେ ଜଗନ୍ନାଥ—ରାଘୁଖୁଣ୍ଟିଆ ବା ଚନ୍ଦନ ହଜୁରୀ—ସବୁ ଭିତରେ ଜଗନ୍ନାଥ—ଏଇ ଜଗନ୍ନାଥ ସେବା ହିଁ ପନ୍ଥା ।

—୧—

## ପରଂପରାର କଳନା ଓ ପ୍ରଭାବ

### ଆଲୋଚନାର ମାର୍ଗ :

ପ୍ରାଚୀନ ଓଡ଼ିଆ ସଂସ୍କୃତି କଥା କହିବାକୁ ହବ । କେଉଁଠାରେ ଧରିବ, କେଉଁବାଟେ ଯିବ, କେଉଁଠାରେ ସାରିବ, କିଛି ଜାଣି ହେଉନାଇ । ବର୍ତ୍ତମାନରୁ ପରଂପରା ସୂତ୍ରଧରି ସେଥିରୁ ଆଭାସ ପାଇ ମୂଳକୁ ଯିବା, ଏ କ୍ଷେତ୍ରରେ ଗୋଟିଏ ପ୍ରକାର ଆଲୋଚନା । ସେଇଟି ଗୋଟିଏ ପ୍ରତିଷ୍ଠିତ ସଭ୍ୟତାକୁ ବିଚାର କରିବାରେ ମୁଖ୍ୟପନ୍ଥା, ବରଂ ଏକମାତ୍ର ପନ୍ଥା ବୋଲି କୁହାଯାଇପାରେ । ଦିନେ ଗୋଟିଏ ପ୍ରକାରରେ ଆମେ ସେଇଆ ଦେଖୁଥିଲୁ । ଉଦୟଗିରିର ଜୈନ ଗୁମ୍ଫାଠାରୁ ଭୁବନେଶ୍ୱର, ଜଗନ୍ନାଥ, କୋଣାର୍କ ବାଟେ ଆସି ଶିଖରଶ୍ରେଣୀ ମଣ୍ଡିତ ଅତି ଅର୍ବାଚୀନ ସତ୍ୟବାଦୀ ବା ସାକ୍ଷୀଗୋପାଳ ମନ୍ଦିରରେ ଆସି ପହଞ୍ଚୁଥିଲୁ । କାଠଯୋଡ଼ିର ପଥରବନ୍ଧ, ପୁରୀ ଯାଜପୁରର ଅଠରନଳା ପ୍ରଭୃତିର ଗଠନଶିଳ୍ପ, ଏହି ବିକାଶଧାରାର ଅନ୍ତର୍ଭୁକ୍ତ ରହୁଥିଲା । ତାପରେ ଧର୍ମ । କୁଆଡୁ କିପରି କଥାଟା ଆମର ମନେଥିଲା ଜଗନ୍ନାଥ ଧର୍ମଟା ସାମ୍ୟଧର୍ମ । ଏ ସାମ୍ୟଧର୍ମ କଥାଟାର ଯଥାର୍ଥ ଅର୍ଥ ବୁଝିବାକୁ ଆମର ବିଦ୍ୟା ନଥିଲା, ଶକ୍ତି ନଥିଲା, କି ବୁଝିବା ପାଇଁ ପରିସ୍ଥିତି ନଥିଲା । ଏଇ ସେଦିନ ମନେ ହେଉଚି, ଖ୍ରୀଷ୍ଟିୟାନ ଧର୍ମ ପ୍ରତି ଆମ ଅନ୍ତରାତ୍ମାର ଗୂଢ଼-ଦେଶରେ କି ଆନ୍ତରିକ ଶ୍ରଦ୍ଧା ବା ଥିଲା । ଯାହାଥିଲା, ସେ ଶ୍ରଦ୍ଧାର କାରଣ ଯଥାର୍ଥ ଧର୍ମ ବିଶ୍ୱାସ ନୁହେଁ । ଇଂରେଜ ଥିଲେ, ରଜା । ତାଙ୍କର ଧର୍ମ ବୋଲି ଆମେ ଇଂରେଜ ଧର୍ମକୁ ଘେନିଥିଲୁ । ମୋର ମନେ ଅଛି, ଜଣେ ଶିକ୍ଷିତ, ଭାରତୀୟ ଖ୍ରୀଷ୍ଟାନ ନର୍ସ ପିଲଦିନେ ମୋ ସଙ୍ଗେ ଯୁକ୍ତି କରିଥିଲେ ପାଦ୍ରୀଙ୍କ ଖ୍ରୀଷ୍ଟାନ ଧର୍ମର ପ୍ରତିଷ୍ଠାତା ଓ ପ୍ରଚାରକ ହେଉଚନ୍ତି ସ୍ୱୟଂ ଶ୍ରୀମତୀ



Digitized by PPRACHIN, SOA

ମହାରଣୀ, ଅର୍ଥାତ୍ ମହାରଣୀ ଭିକ୍ଟୋରିଆ । ଯୀଶୁଖ୍ରୀଷ୍ଟଙ୍କ କଥା ସେଇ ମହାରଣୀ ତିଆରି କରିଛନ୍ତି । ପାଦ୍ରୀମାନେ ସେଇ ଶ୍ରୀମତୀ ମହାରଣୀଙ୍କ ଧର୍ମ ବୁଝାଉଛନ୍ତି । ସ୍ୱୟଂ ଖୀରସ୍ତାନ ଶିଷ୍ଟ ମହିଳାମାନେ ଯେତେବେଳେ ଏହା ବୁଝୁଥିଲେ, ସେତେବେଳେ ଅଖ୍ରୀଷ୍ଟିଆନ (most obedient servent—ଘୋର ଆଜ୍ଞାବହଭୃତ୍ୟ) ମାନଙ୍କ ଓ ତାଙ୍କ ଆଶ୍ରିତ ପ୍ରଭବିତଙ୍କ କଥା କହିବା ଦରକାର ନାଇ ।

## ଇଂରେଜୀ ଶିକ୍ଷାର ଭିତ୍ତି ଓ ପ୍ରସାର :

ତା’ ଛଡ଼ା ପହିଲେ ପହିଲେ ବହୁଦିନ ଯାଏ ପାଦ୍ରୀ ପ୍ରଭବିତ ଇଂରେଜ ଶାସକମାନଙ୍କର ଉଦ୍ଦେଶ୍ୟ ଥିଲ, ଦେବୋପାସକ ବା କାଷ୍ଟ-ପାଷାଣମୟ ପ୍ରତିମା ପୂଜକ ହିନ୍ଦୁଙ୍କୁ ଖ୍ରୀଷ୍ଟିୟାନ କରି ସ୍ୱର୍ଗ ଆଡ଼କୁ ବାଟ ଦେଖାଇଦେବା । ଏ ବିଷୟରେ ପ୍ରମାଣ ସହ ନିର୍ଦ୍ଦିଷ୍ଟ ଭବରେ ବିଶେଷ କରି ଦେଖିବା ପାଇଁ ପାଠକମାନେ ଅନ୍ତତଃ Major B. D. Boseଙ୍କର ଭରତରେ ଖ୍ରୀଷ୍ଟିୟାନ କ୍ଷମତାର ବିକାଶ (Rise of Christian Power in India) ପୁସ୍ତକ ଖଣ୍ଡି ପଢ଼ିପାରନ୍ତି । ସେଇ ସମ୍ପର୍କରେ ମ୍ୟାକ୍‌ଲେ ସାହେବଙ୍କର ପ୍ରବର୍ତ୍ତିତ ଇଂରେଜୀ ଶିକ୍ଷା ପଦ୍ଧତିର କଥା ମନେପଡ଼େ । ସେଥିରୁ କାଳକ୍ରମେ ବାହାରିଥିଲ, ଆମ ବିଶ୍ୱବିଦ୍ୟାଳୟ ମାନ । ଏ ସବୁଥିରେ ଶିକ୍ଷାର ଉଦ୍ଦେଶ୍ୟ ଯାହାଥାଉ, ମୂଳଥିଲ, ୟୁରୋପୀୟ ଶିକ୍ଷା-ପଦ୍ଧତି । ୟୁରୋପର ଶିକ୍ଷାପଦ୍ଧତିର—ତଥା ବଡ଼ ବଡ଼ ଶିକ୍ଷାନୁଷ୍ଠାନମାନଙ୍କ ମୂଳରେ ଥିଲେ, ଖ୍ରୀଷ୍ଟିୟାନ ଧର୍ମ ସମ୍ପ୍ରଦାୟ ବା ଚର୍ଚ୍ଚ ଓ ମିସନାରୀମାନେ । ବିଶେଷରେ ରୋମାନ୍‌କାଥଲିକ୍ ଇଂଲିଶ୍ ନ୍ୟାସନାଲ ଚର୍ଚ୍ଚ ଏ କ୍ଷେତ୍ରରେ ଉଲ୍ଲେଖଯୋଗ୍ୟ ।

## ଜଗନ୍ନାଥର ସାମ୍ୟଧର୍ମ ଠିକ୍ ସହନଶୀଳତା ନୁହେଁ :

ଏଇଥିରେ ପ୍ରଭବିତ ହୋଇ ଆମ୍ଭେମାନେ ନିଜର ଐତିହ୍ୟ ଓ ପରଂପରା ଦେଖୁଥିଲୁ । ସାମ୍ୟ କଥାଟି ବୁଝିବା ପାଇଁ ଇଂଲିଶ ଶବ୍ଦଟି ହେଉଚି Brother-hood, ଅର୍ଥାତ୍ ସମସ୍ତଙ୍କ ପ୍ରତି ଭ୍ରାତୃଭବ । ଏହି ଭ୍ରାତୃଭବର ମୂଳ ହେଉଚି, ଇଂରେଜୀରେ tolerance ବା ସହନଶୀଳତା ଅର୍ଥାତ୍ ସବୁ ସହିଯିବା ଭବ, ସର୍ବ ସହନ-କ୍ଷମତା । ସାମ୍ୟ ବୋଇଲେ



Digitized by PPRACHIN, SOA

ଆମେ ଏହାଇ ବୁଝୁଥିଲୁ । ଜଗନ୍ନାଥଙ୍କ ସାମ୍ୟକୁ ଏଇ ଛାଞ୍ଚରେ ପକାଇବା ପାଇଁ ଚେଷ୍ଟା କରୁଥିଲୁ । ସେଥିପାଇଁ ଜଗନ୍ନାଥଙ୍କ ଇତିହାସର ବି ଆଲୋଚନାରେ ବାଟ ଧରିଥିଲୁ । ଏହାକୁ ଆପଣାର କରିବାକୁ ବୌଦ୍ଧ ଆସିଚନ୍ତି, ଶୈବ ଆସିଚନ୍ତି, ଦେବୀଭକ୍ତ ଆସିଚନ୍ତି, ବୈଷ୍ଣବ ଆସିଚନ୍ତି– ଏପରିକି ଆକ୍ରମଣ ସୂତ୍ରରେ ମୁସଲମାନ, ଖ୍ରୀସ୍ତାନ ବି ଆସିଚନ୍ତି; ଆମେ ସମସ୍ତଙ୍କୁ ସହିଯାଇଚୁ ଓ ଆପଣାର ବି କରି ନେଇଚୁ । ତେଣୁ ଜଗନ୍ନାଥରେ ଧର୍ମଭେଦ ନାଇ । ଯେ ଯେଉଁ ଧର୍ମ ମାନିଲେ ମାନୁ, ସମସ୍ତେ ଆମର ସମାନ । କୁହାଯାଇପାରେ, ବର୍ତ୍ତମାନ ପୃଥିବୀର ଭକ୍ତିଧର୍ମ ମାନଙ୍କରୁ ସାର ଛାଣି ଆମେ ଏବେ ଯେଉଁ ଧର୍ମ ନିରପେକ୍ଷତାର ଦ୍ୱାହି ଉଠାଇ ପୃଥିବୀରେ ଭାରତର ଧର୍ମ ମହତ୍ୱ ଟେକି ଦେଖାଇବାର ଉଦ୍ୟମ କରୁଛୁ, ଏ ହେଉଚି, ସେଇଭଳି କିଛି ।

## ଗୌଣତ୍ୱ ମନୋବୃତ୍ତିର ସ୍ପର୍ଦ୍ଧା

ସାହିତ୍ୟରେ ମଧ୍ୟ ଆମର ସବୁବେଳେ ଗୌଣତ୍ୱ ମନୋବୃତ୍ତି ଥିଲା, ସ୍ପର୍ଦ୍ଧା । ବଜ୍ରଯାନୀ ଓ ସହଜଯାନୀଙ୍କ 'ଚର୍ଯ୍ୟାପଦ'ର ମୂଳ ଆଦିମ 'ଏକାଭିଷ୍ପାୟୀ'ଙ୍କ ଗୁପ୍ତ 'ନୈଶମିଳନ' ଓ ସେଇଥିରୁ ବାହାରିଥିବା ସେକାଳ ମଗଧର 'ଗୁହ୍ୟସମାଜ' ସାଧନାରୁ ହେଲେ ମଧ୍ୟ ଆମେ ସେଥିରେ ଓଡ଼ିଆଙ୍କ କୃତିତ୍ୱ ଦେଖି ଦେଖାଇବା ପାଇଁ ପ୍ରଯତ୍ନ କରୁଥିଲୁ, କହୁଥିଲୁ, ଏ କେହି ବଙ୍ଗାଳୀ ବା ବିହାରୀ ନୁହନ୍ତି; ହେଲେହେଁ, ଏସବୁ ତାଙ୍କର ନୁହେଁ, ଏସବୁ ଆମର । ଏସବୁ ଭାବରେ ଓଡ଼ିଆ, ଭାଷାରେ ବି ଓଡ଼ିଆ । ସହଜିଆ ବୈଷ୍ଣବ ଜୟଦେବ ଓଡ଼ିଆ ଥିଲେ ଓ ଗୀତଗୋବିନ୍ଦରେ ସେ ଯେଉଁ ପରକୀୟା ପ୍ରେମର ତଥାକଥିତ ରସଧାର ଢାଳିଚନ୍ତି, ତାହା ଓଡ଼ିଆ ଓ ଓଡ଼ିଆଙ୍କଠାରୁ ବଙ୍ଗାଳିଏ ଓ ତାଙ୍କଠାରୁ ଆଉ ସମସ୍ତେ ଶିଖିଥିଲେ ।

ସେଇ ସୂତ୍ରରେ ଆମ୍ଭେମାନେ ପଞ୍ଚସଖା ସାହିତ୍ୟରେ ଗୌଡ଼ୀୟ ବୈଷ୍ଣବ ଧର୍ମର ଏକ ନୂତନ ପ୍ରତିକାଶ ଦେଖି ଦେଖାଉଥିଲୁ ଓ ଆମ ଗାଦି ଗୋସାଇଁ ମାନଙ୍କ ଅବୁଝା ସଙ୍କେତରେ ବଙ୍ଗାଳୀ ବୌଦ୍ଧ ଓ ହିନ୍ଦୁ ତନ୍ତ୍ରର ମୂଳ ଦେଖି ଗୋରଖନାଥ ପ୍ରଭୃତି ଚୌରଅଶୀ ସିଦ୍ଧଯାକ ଆମରି ବୋଲି ସ୍ପର୍ଦ୍ଧା କରୁଥିଲେ ।



Digitized by PPRACHIN, SOA

## ସେଇସ୍ପର୍ଦ୍ଧାର ପରସ୍ଥିତି :-

ଏ ସବୁ ସ୍ପର୍ଦ୍ଧା ଓ ପ୍ରତିସ୍ପର୍ଦ୍ଧାର ମୂଳ ହେଉଚି ଆମର କୂପ-ମଣ୍ଡୁକତା । ଖାଲି ଘର ଗ୍ରରିପାଖ କାନ୍ଥ ଛଡ଼ା ଆମକୁ ଯେପରିକି ଆଉ କିଛି ଦିଶୁ ନ ଥିଲା । ଜଗତର ବିଶାଳ ବାୟୁମଣ୍ଡଳ ଭିତରେ ଆମେ ନିଜର ଐତିହ୍ୟ, ପରଂପରା ଓ ପରିସ୍ଥିତି ଦେଖିବାକୁ ଯାଉନଥିଲୁ– ଯାଇପାରୁ ନଥିଲୁ । ଗତ ଗ୍ରରିଶହ ବର୍ଷ ଭିତରେ ଆମ ଇତିହାସର ଯେ କ୍ରୂର ପରିସ୍ଥିତି ଫୁଟିଥିଲା, ସେଥିରେ ବାହାରକୁ ଗ୍ରହିଁବାର ଉପାୟ ନଥିଲା । କଳାପାହାଡ଼ ବିଜୟ ବୋଲି ଯାହାକୁ କହନ୍ତି, କିମ୍ବଦନ୍ତୀ–ପ୍ରସିଦ୍ଧ ସେଇ କଥାଟି ଆମ ଇତିହାସରେ ଗୋଟିଏ ସ୍ମାରକ ଶଙ୍କୁ– ଇଂରେଜୀରେ ଯାହାକୁ କହନ୍ତି, Land-mark.

## କଳାପାହାଡ଼ :-

କଳାପାହାଡ଼ ବୋଲି ସତରେ କେହି ଥିଲା କି ନା, ପଣ୍ଡିତମାନେ ସେ ବିଷୟରେ ସନ୍ଦୀହାନ୍ ଥିଲେ । କାହିଁକି ନା ସମ୍ବଲପୁର ଠାରୁ କଳାହାଣ୍ଡି ପର୍ଯ୍ୟନ୍ତ ସର୍ବତ୍ର ମୁସଲମାନ ବିଜୟ ଓ ମନ୍ଦିର ଧ୍ୱଂସ ପ୍ରଭୃତି କଳାପାହାଡ଼ର କାର୍ଯ୍ୟ ବୋଲି କୁହାଯାଉଚି । ଏବେ ସେମାନେ ସ୍ଥିର କରନ୍ତି, ବଙ୍ଗଳାର ମୁସଲମାନ ସେନା ଭିତରେ ଜଣେ କେହି କଳାପାହାଡ଼ ଥିଲେ– ହୁଏତ ଜଗନ୍ନାଥ ମନ୍ଦିରକୁ ସେଇ ପ୍ରଥମେ ଅପବିତ୍ର କରି କେତେକ ମୂର୍ତ୍ତି ଭାଙ୍ଗି ଅସ୍ତବ୍ୟସ୍ତ କରିଥିଲେ । ତା'ପରେ ଓଡ଼ିଶାର ଜଗନ୍ନାଥ ତଥା ଅନ୍ୟାନ୍ୟ ମୂର୍ତ୍ତି ଅପବିତ୍ର କରି ଧ୍ୱଂସ କରିବା ବହୁବାର ହୋଇଚି– ବହୁ ମୁସଲମାନ ତାହା କରିଚନ୍ତି– ତେଣୁ ଆମେ କଳାପାହାଡ଼ ବୋଇଲେ ବୁଝୁ, ଧ୍ୱଂସକାରୀ ମୁସଲମାନ । କଳାପାହାଡ଼ ପାହାଡ଼ ଖାଁ ପରି ଗୋଟିଏ ପାରସୀ ନାମ । କାଲଗ୍ରନ୍ଦ ଗ୍ରୟ ବୋଲି ଜଣେ ବଙ୍ଗୀୟ ବ୍ରାହ୍ମଣ ଯୁବତୀ ଲୋଭରେ ମୁସଲ-ମାନ ହୋଇ ସାରି ପୁଣି ଜାତିରେ ମିଶିବା ପାଇଁ ଆସି ପୁରୀ-ମୁକ୍ତିମଣ୍ଡପରେ ପ୍ରାର୍ଥନା କରି ଅକୃତ କାର୍ଯ୍ୟ ହୋଇ ତାପରେ ହିନ୍ଦୁ ମନ୍ଦିର ଦେବଦେବୀ ଭାଙ୍ଗିବା ବ୍ରତ ଗ୍ରହଣ କରି କଳାପାହାଡ଼ ନାମରେ ପରିଚିତ ହୋଇ ଥିଲେ ବୋଲି ଇତିହାସ କରିବା ପାଇଁ ଏବେ ଚେଷ୍ଟା ହୋଇଚି, ତାହା ବିଲକୁଲ ମିଥ୍ୟା ଓ ପୁରାପୁରି କପୋଳ କଳ୍ପିତ । ସେଥିରେ ନାଟକୀୟ ଛଟା ହୁଏତ ଥାଇପାରେ । କିନ୍ତୁ ଇତିହାସ ବୋଲି କିଛି ନାହିଁ ।



Digitized by PPRACHIN, SOA

## କଳାପାହାଡ଼ ଓ ଜଗନ୍ନାଥ—

ସେ ଯାହାହେଉ, ମନେହୁଏ ତେଲେଙ୍ଗା ମୁକୁନ୍ଦ ଦେବଙ୍କୁ ଜିଣି ଓ ମାରି ଯେଉଁ ମୁସଲମାନ ନେତା ଖ୍ରୀ ୧୫୬୮ରେ ଓଡ଼ିଶା ଜିଣିଥିଲେ, ତାଙ୍କ ନାମ କଳାପାହାଡ଼ ହେଉ ବା ନହେଉ, ଲୋକେ କଳାପାହାଡ଼ ନାମରେ କହନ୍ତି । ସେଇ କଳାପାହାଡ଼ଙ୍କ ସମ୍ବନ୍ଧରେ ଜଗନ୍ନାଥଙ୍କୁ ଘେନି ଯେଉଁ ଘଟଣାଟି କିମ୍ବଦନ୍ତୀ ପରି ସମସ୍ତେ କହନ୍ତି ଓ ଜାଣନ୍ତି, ପୁଣି ଯାହା ସେହି ଘଟଣାର ପଚିଶ, ତିରିଶ ବର୍ଷ ପରେ ମାଦଳା ପାଞ୍ଜିରେ ଲେଖା ହୋଇଚି, ତା ବି ଅଜଣା ନୁହେଁ ।

କଳାପାହାଡ଼ ପୁରୀର ବଡ଼ଦେଉଳ ଆକ୍ରମଣ କଲେ । ଆଗରୁ ସାବଧାନ ହୋଇ ପୁରୀର ନିଯୋଗ ଓ ବ୍ରାହ୍ମଣମାନେ ବିଗ୍ରହ ତିନୋଟିକୁ ନେଇ ଚିଲିକା କୂଳେ କୌଣସି ଅଜ୍ଞାତ ଯାଗାରେ ବଣଭିତରେ 'ପାତାଳୀ' କରିଥିଲେ । କଳାପାହାଡ଼ ସେ ସମ୍ବାଦ ପାଇ ସେଠାକୁ ଯାଇ ଖୋଳି ବିଗ୍ରହମାନଙ୍କୁ ବାହାର କରି ହାତୀରେ ଲଦି ସାଙ୍ଗରେ ଘେନିଗଲେ । ଗଙ୍ଗା କୂଳରେ ନିଆଁ ଜାଳି ବିଗ୍ରହ ତିନୋଟିକୁ ସେଇ ନିଆଁରେ ପକାଇ ଦେଇ ଦରପୋଡ଼ା ଅବସ୍ଥାରେ କାଢ଼ି ଗଙ୍ଗାରେ ମେଲି ଦେଇ ଚାଲିଗଲେ । କଥାରେ ଅଛି, ବିଶାର ମହାନ୍ତି ବୋଲି ଜଣେ ଭକ୍ତ ଗଙ୍ଗା କୂଳେ କୂଳେ ଯାଇ ସେହି ଅର୍ଦ୍ଧଦଗ୍ଧ ବିଶାଳ ମୂର୍ତ୍ତି ତିନୋଟି ଭସିଯାଉଥିଲା ବେଳେ ତା'ପାଖେ ପହଞ୍ଚି ବିଗ୍ରହମାନଙ୍କ ପେଟରୁ ଦାରୁବ୍ରହ୍ମର ସନ୍ତକ ରୂପୀ ପଦାର୍ଥ ତିନୋଟି ଘେନି ଆସି କୁଜଙ୍ଗରେ ମୂର୍ତ୍ତି କରାଇ ରଖିଥିଲେ । ଖ୍ରୀଷ୍ଟ ୧୫୯୨ ରେ ଭୋଇବଂଶୀ ରାମଚନ୍ଦ୍ର ଦେବ ଆକବରଙ୍କ ସୁବେଦାର ମାନସିଂହଙ୍କ ଦ୍ୱାରା ଓଡ଼ିଶାର ଗଜପତି ରଜା ରୂପେ ଖୋରଧାରେ ଅଧିଷ୍ଠିତ ହେଲାପରେ କୁଜଙ୍ଗରୁ ତାହା ଅଣାଇ ଶ୍ରୀମନ୍ଦିରରେ ନୂଆ ବିଗ୍ରହ ପ୍ରତିଷ୍ଠା କଲେ ।

## କିମ୍ବଦନ୍ତୀଟିର ଆଲୋଚନା :—

ଏକଥାଟି ହୁଏତ ଆଦୌ ସତ୍ୟ ନୁହେଁ । କିମ୍ବା ଏଥିରେ ଯାହା ସତ୍ୟଥିଲା, ତାକୁ ପ୍ରକାଶ କରିବା ପାଇଁ ଏହା ଲେଖା ହୋଇ ନାଇ । ବିଶେଷତ ଘଟଣାରେ ଭକ୍ତ ବରବର ମିଥ୍ୟା କହନ୍ତି । ସାକ୍ଷୀଗୋପାଳଙ୍କ ରାଧାଙ୍କୁ ଘେନି ୨୫।୩୦ ବର୍ଷ ଭିତରେ କିପରି ଘୋର ମିଥ୍ୟା ଭକ୍ତମାନେ



Digitized by PPRACHIN, SOA

ତିଆରି କରି ସତ୍ୟବୋଲି ପ୍ରଚାର କରିଥିଲେ, ତା' ପୁଣି ଲୋକରେ ସତ୍ୟ ବୋଲି ପ୍ରତିଷ୍ଠା ପାଇଥିଲା ତାହା ଓଡ଼ିଆ ସାହିତ୍ୟର କ୍ରମପରିଣାମ (୨ୟଭାଗ ୧୩ ପୃଷ୍ଠା ଠାରୁ ଦେଖ) ରେ କୁହାଯାଇଚି । ଏହି କଳାପାହାଡ଼– ଜଗନ୍ନାଥ ସମ୍ବନ୍ଧରେ ଯଥାର୍ଥ କଥାଟିର ସଙ୍କେତ କିମ୍ବଦନ୍ତୀରେ ଥିଲା । ଏବେ ହୁଏତ ଖୋଜିଲେ ମିଳିପାରେ ।

## ଆଉ ଗୋଟିଏ କିମ୍ବଦନ୍ତୀର କଥା :

ଏଇ ବିଷୟ ଘେନି ଓଡ଼ିଆ ଶିଷ୍ଟମାଇପଙ୍କ ଭିତରେ ଗୋଟିଏ ମୁହଁରୁ ମୁହଁକୁ ଦେବା ଚଳୁଥିବା ଗୀତରେ ମୁଁ ଯଥାର୍ଥ କଥାଟି ମୋର ପିତାମହୀ, ମା'ଙ୍କଠାରୁ ଓ ତାଙ୍କଠାରୁ ଗୀତ ନେଇଥିବା କେତେକ ମହିଳାଙ୍କଠାରୁ ଶୁଣିଥିଲି–ଲେଖି ରଖିନାଇ । ମୋର ସେତେବେଳେ ତାହା ଲେଖି ରଖିବା ବୟସ ହୋଇନଥିଲା । ଏବେ ହୁଏତ ସେପରି ଗୀତମାନ ଚଳୁଚି କି ନାଇ, ତା ଜାଣେନାଇ । ନୂତନ ବାଳିକା ଶିକ୍ଷାର ପ୍ରଭବରେ ତା' ହୁଏତ ଲୋପ ପାଇବଣି । ଆମ ଭିତରେ ସେ ସବୁ ଲୋକମୁଖର ଗୀତ ଓ କଥା ସଂଗ୍ରହ କରିବାର କୌଣସି ଉଦ୍ୟମ କେବେ ହୋଇ ନାଇ । ମୋର ଗୋଟିଏ ମାତ୍ର ଧାଡ଼ି ମନେ ପଡୁଚି–"ଭଗତେ ପାଇଲେ ଆଶ୍ୱାସ" ।

## ସେ କିମ୍ବଦନ୍ତୀର ଅର୍ଥ :

ସେ ଗୀତରେ ଥିବା କଥାଟି ମୋଟାମୋଟି ହେଉଚି ଏହି । ଜଗନ୍ନାଥଙ୍କର ଗୌଡ଼ୀୟ ବୈଷ୍ଣବ ଭକ୍ତମାନେ ଚୈତନ୍ୟଙ୍କ ଜନ୍ମଭୂମି ନବଦ୍ୱୀପକୁ ଯିବା ପାଇଁ ଜଣାଣ କରି ଜଗନ୍ନାଥଙ୍କ ପାଖେ ଧାରଣା ଦେଲେ–ଅର୍ଥାତ୍ ଅଧିଆ ପଡ଼ିଲେ । ଜଗନ୍ନାଥଙ୍କଠାରୁ 'ଭଗତେ ପାଇଲେ ଆଶ୍ୱାସ' । ଅର୍ଥାତ୍ ଜଗନ୍ନାଥ ହଁ କଲେ । କଳାପାହାଡ଼ ଆସିବେ ବୋଲି ଜଣାପଡ଼ିବାରୁ ନିଯୋଗ ଓ ବ୍ରାହ୍ମଣମାନେ ଜଗନ୍ନାଥଙ୍କୁ (ସୁଦର୍ଶନ, ବଡ଼ଠାକୁରେ, ସୁଭଦ୍ରା, ଜଗନ୍ନାଥ, ଏଇ ଚତୁର୍ଦ୍ଧାମୂର୍ତ୍ତିଙ୍କୁ) ଚିଲିକା କୂଳ ଜଙ୍ଗଲ ଭିତରେ କାହିଁ ଅଜ୍ଞାତ ସ୍ଥାନରେ 'ପାତାଳୀ' କରିଥିଲେ । କଥାଅଛି, କଳାପାହାଡ଼ ଚିଲିକା କୂଳରେ ସେଇ ସ୍ଥାନକୁ ଯାଇ ମୂର୍ତ୍ତିମାନଙ୍କୁ 'ପାତାଳୀ'ରୁ କାଢ଼ି ହାତୀରେ ଲଦି ଘେନି ଯାଉଁ ଯାଉଁ କେଜାଣି କାହିଁକି ମୂର୍ତ୍ତିମାନଙ୍କୁ ଗଙ୍ଗାକୂଳେ ହାତୀରୁ କାଢ଼ି ନିଆଁରେ ପକାଇଦେଲେ । ନିଆଁରୁ କାଢ଼ି



Digitized by PPRACHIN, SOA

ପୁଣି ଗଙ୍ଗାରେ ଭସାଇ ଦେଇ ଚାଲିଗଲେ । ବିଶାର ମହାନ୍ତି ଉଣ୍ଡି ଉଣ୍ଡି ଗଙ୍ଗା କୂଳେ କୂଳେ ଯାଇ ଦୂରରେ କୌଣସି ଜାଗାରେ ତିନିମୂର୍ତ୍ତିଙ୍କ (ଚାରିମୂର୍ତ୍ତି ନୁହେଁ) ପେଟ ଚିରି ପେଟରୁ ବ୍ରହ୍ମ ପଦାର୍ଥ କାଢି ନେଲେ । ସୁଦର୍ଶନଙ୍କ କଥା ଏଠି ଲେଖାନାଇ–ପରେ ଯାହା ହେଲା, ତାହା କୁହା-ଯାଇଚି । ତାହାପରେ, ଯେତେଦୂର ମନେ ହେଉଚି, ବିଶାର ମହାନ୍ତି ସେ ବ୍ରହ୍ମପଦାର୍ଥ ଆଣି କୁଜଙ୍ଗ ରଜାଙ୍କୁ ଦେଲେ । କୁଜଙ୍ଗ ରଜା ହୁଏତ ରାମଚନ୍ଦ୍ର ଦେବଙ୍କର ବନ୍ଧୁଥିଲେ । ପରେ ରାମଚନ୍ଦ୍ର ତାଙ୍କଠାରୁ ସେ ବ୍ରହ୍ମ ପଦାର୍ଥମାନ ଆଣି ପୁରୀରେ ନୂତନ ମୂର୍ତ୍ତି ପ୍ରତିଷ୍ଠା କଲେ ।

## ରାମଚନ୍ଦ୍ର ଦେବ :

ଟିକିଏ ଅବାନ୍ତର ପରି ଜଣାପଡ଼ିଲେ ମଧ୍ୟ ଏଠାରେ ଏଇ ଗଜପତି ରାମଚନ୍ଦ୍ରଙ୍କ କଥା ଟିକିଏ କହି ଦେବାର ଅଛି । ଓଡ଼ିଆ ସଂସ୍କୃତିର ବିପତ୍-ବେଳେ ଏ ଯଥାର୍ଥରେ ଜଣେ ଜାତୀୟ ମହାପୁରୁଷର କାର୍ଯ୍ୟ କରିଥିଲେ । ମୁକୁନ୍ଦ ଦେବଙ୍କ ପରେ ୧୫୬୮ରୁ ୧୫୯୦ ଯାଏ ଏଇ ବାଇଶ ବର୍ଷ ଭିତରେ ଓଡ଼ିଶାରେ ଆଫଗାନ ଓ ମୋଗଲଙ୍କ ଭିତରେ ଯେ ସଂଘର୍ଷ ଓ ଉପଦ୍ରବ ଲାଗିଥିଲା, ସେତେବେଳେ ଏଇ ଯଶସ୍ବୀ ମହାପୁରୁଷ ରାମଚନ୍ଦ୍ର ଜଗନ୍ନାଥ ଧର୍ମ ଓ ସଂସ୍କୃତିର ପୁନଃ ପ୍ରତିଷ୍ଠାରେ ଲାଗିଯାଇଥିଲେ । ସେଥିପାଇଁ ପୁରୀ, ଗଞ୍ଜାମ ଏକତ୍ର କରି ସେଥିରେ ନିଜର ପୂର୍ଣ୍ଣ ଆଧିପତ୍ୟ ବିସ୍ତାର କରିଥିଲେ । ଇତିହାସକୁ ତଳେଇ କରି ଦେଖିଲେ ଦେଖାଯିବ, ଏଇ ରାମଚନ୍ଦ୍ରଙ୍କ ଘୋର କର୍ମଠତା ଓ ନିଷ୍ଠା ପ୍ରକାଶ ପାଇନଥିଲେ, ଆଜି ଓଡ଼ିଶାର ଜଗନ୍ନାଥ ନଥାନ୍ତେ, ଥିଲେ ହୁଏତ ଏଇ ଚକ୍ରକ୍ଷେତ୍ର କୋଣାର୍କର ଅର୍କକ୍ଷେତ୍ର ପରି ପରିତ୍ୟକ୍ତ ହୋଇ ପଡ଼ିଥାନ୍ତା ଓ ଭାରତରେ ଜଗନ୍ନାଥ ଧର୍ମ ବୋଲି କିଛି ନଥାନ୍ତା । ଓଡ଼ିଆ ସଂସ୍କୃତି ଓ ସାହିତ୍ୟ ସଙ୍ଗେ ଭାରତଧର୍ମ ଓ ସଂସ୍କୃତିର ବହୁ ଶଙ୍କୁ ସଙ୍କେତ ଲୋପ ପାଇଥାନ୍ତା । ଏ ରାମଚନ୍ଦ୍ର ଖାଲି ଜଗନ୍ନାଥଙ୍କ ମୂର୍ତ୍ତି ପ୍ରତିଷ୍ଠା କରି ନଥିଲେ । ମନେହୁଏ, ଛତିଶା ନିଯୋଗଠାରୁ ମୁକ୍ତିମଣ୍ଡପ ପର୍ଯ୍ୟନ୍ତ ଅନୁଷ୍ଠାନଟିର ସାଙ୍ଗୋପାଙ୍ଗ ନୂତନ ସଂସ୍କରଣ ଏହାଙ୍କର କାମ । ମାଦଳାପାଞ୍ଜି ମଧ୍ୟ ନୂଆ କରି ଲେଖାଇଥିଲେ । ଏଇ ରାମଚନ୍ଦ୍ରଙ୍କୁ ଆକବର ବା ମାନସିଂହ କିଛି ଅନୁଗ୍ରହ କରି ଏହାଙ୍କୁ ଗଜପତି ବୋଲି ସ୍ବୀକାର କରି ନଥିଲେ,



Digitized by PPRACHIN, SOA

୧୮୯୦/୯୧ ବେଳକୁ ଯାଙ୍କୁ ଗଜପତି ବୋଲି ସ୍ୱୀକାର ନକରିବାର ଉପାୟ ନଥିଲା ।

## ଜଗନ୍ନାଥଙ୍କ ଗଙ୍ଗାଯାତ୍ରା କାହିଁକି ?

ସେକଥା ଛାଡ଼ି, ପୁଣି ଜଗନ୍ନାଥଙ୍କ ତଥାକଥିତ ଗଙ୍ଗାଯାତ୍ରାକୁ ଆସ । ଆଚ୍ଛା, ବିଚାର କର, ଜଗନ୍ନାଥ ମୂର୍ତ୍ତି ଗୁଡ଼ିକ ବହୁବାର ଏଇପରି ମୁସଲମାନ ଆକ୍ରମଣ ବେଳେ ଦୂର ଜଙ୍ଗଲରେ ଅଜଣା ସ୍ଥାନରେ 'ପାତାଳୀ' ହୋଇଛି । କିନ୍ତୁ କୌଣସି ମୁସଲମାନ ଆକ୍ରମଣକାରୀ ତାହା ଜାଣିପାରି ନାହାନ୍ତି । ଏଥର ଜାଣିଲେ କିପରି ? କାହିଁକି ? ପୁଣି, କଳାପାହାଡ଼ ଯେ ହୁଅନ୍ତୁ, ସେ ଭଳି ଧର୍ମାନ୍ଧ ମୁସଲମାନ ମୂର୍ତ୍ତିଗୁଡ଼ିକୁ ପାଇଲାମାତ୍ରେ ତତ୍‌କ୍ଷଣାତ୍ ଧ୍ୱଂସ ନକରି ବା ଅନ୍ୟଥା ଅପବିତ୍ର କରି ଫିଙ୍ଗି ନଦେଇ ହାତୀରେ ଲଦି ଗଂଗା କୂଳ ଆଡ଼କୁ ନେଲେ କିଆଁ ? ମୂର୍ତ୍ତିଙ୍କୁ 'ଗଙ୍ଗାପ୍ରାପ୍ତି' କରଇବା ଭଳି ଧାର୍ମିକତା ଅବଶ୍ୟ ତାଙ୍କଠାରେ କେହି ଆରୋପ କରିବେ ନାଇ । ତା'ପରେ ଅର୍ଦ୍ଧଦଗ୍‌ଧ ବା ଅଳ୍ପଦଗ୍‌ଧ ମୂର୍ତ୍ତି ଗୁଡ଼ିକ ଗଂଗା ସ୍ରୋତରେ ମେଲିଦେବାର କାରଣ ବା କଣ ? ଏ ସବୁ ବିଚାର କରି ସତ୍ୟଟି ଅନୁମାନ କରିବାରେ ଏଠି ବିଶେଷ ଅସୁବିଧା କିଛି ନାଇ ? ସେଥିପାଇଁ ପୁଣି 'ଭଗତେ ପାଇଲେ ଆଶ୍ୱାସ' ଯେଉଁ କିମ୍ବଦନ୍ତୀଟି ମାଇପଙ୍କ ଗୀତରେ ଚଳୁଥିଲା, ସେ ମଧ୍ୟ ସତ୍ୟ ନିର୍ଦ୍ଦେଶରେ ସାହାଯ୍ୟ କରିବ ।

ଏବେ ସତ୍ୟଟି ଦେଖାଯାଉ ।

## ଜଗନ୍ନାଥେ ବୃନ୍ଦାବନର କୃଷ୍ଣ ନୁହନ୍ତ :

କିମ୍ବଦନ୍ତୀ ମାଦଳାପାଞ୍ଜି ସବୁ ମିଶାଇ ଏବେ ସତ୍ୟଟି ଦେଖାଯାଉ । ଜୟଦେବଙ୍କ କାଳରୁ ଜଗନ୍ନାଥଙ୍କୁ ଗୌଡ଼ୀୟ ବୈଷ୍ଣବଙ୍କ ବୃନ୍ଦାବନର ରାଧା-ପ୍ରେମୀ କୃଷ୍ଣ କରିବା ପାଇଁ ବହୁ ଉଦ୍ୟମ ହୋଇଥିଲା । ଶେଷକୁ ଭକ୍ତମାନଙ୍କ ବର୍ଣ୍ଣନାରେ ସ୍ୱୟଂ ଚୈତନ୍ୟ ଆସି ତାଙ୍କୁ ଚାହିଁଦେବା ମାତ୍ରକେ କାଳେନ୍ଦି କୂଳରେ ପ୍ରମୋଦରେ ଗଉଡ଼ୁଣୀମାନଙ୍କ ମୁହଁରେ ଚୁମ୍ବନ ଦେଇ ଦେଇ ବୁଲୁଥିବା 'ସଙ୍ଗୀତକବର' 'ଜଗନ୍ନାଥ ସ୍ୱାମୀ' ବୋଲି କୁହାଗଲେ ମଧ୍ୟ



Digitized by PPRACHIN, SOA

ଓ ସେଇ ଭକ୍ତମାନେ ଅନ୍ୟାନ୍ୟ ବହୁ ଭବରେ ଜଗନ୍ନାଥଙ୍କୁ ସେଇ କୃଷ୍ଣ ବୋଲି ଲୋକରେ ମନାଇ ଓ କୁହାଇ ନେବାର ବହୁ ଉଦ୍ୟମ କରିଥିଲେ ମଧ୍ୟ ଜଗନ୍ନାଥେ ରାଧାବଲ୍ଲଭ, ଗୋପୀ-ବଲ୍ଲଭ କୃଷ୍ଣ ହେଲେ ନାଇ — ଏବେ ବି ତାଙ୍କ ନୈବେଦ୍ୟ ମନ୍ତ୍ରରେ, 'କୃଷ୍ଣାୟ ଗୋବିନ୍ଦାୟ ଗୋପୀଜନ ବଲ୍ଲଭାୟ ସ୍ୱାହା' ବୋଲି ଭର୍ତ୍ତି କରା ହୋଇଥିଲେ ମଧ୍ୟ ଲୋକଙ୍କ ଦୃଷ୍ଟିରେ ସେ 'ଗୋପୀଜନ ବଲ୍ଲଭ କୃଷ୍ଣ' ହୋଇ ନାହାନ୍ତି । ତଥାପି ଗୌଡ଼ୀୟ ବୈଷ୍ଣବଙ୍କ ବାବାଜି ମାତା ଓ ସହଜିଆଙ୍କ 'ନେଡ଼ାନେଡ଼ୀ' ତାଙ୍କୁ ଯୌନ ଅନୁରାଗର ପ୍ରତୀକ ପରକୀୟା— ପ୍ରେମ ଉନ୍ମତ୍ତ ବୃନ୍ଦାବନର କୃଷ୍ଣ କରିବାରେ କାଳେ କାଳେ ଏବେ ମଧ୍ୟ 'ତଦ୍‌ଗତ ଚିତ୍ତ' । ଥରେ ଏଇ କଥାକୁ ଲକ୍ଷ୍ୟକରି ପୁରୀରେ ଗୋଟିଏ ବକ୍ତୃତାରେ ମୁଁ କହିଥିଲି, ହରିଜନ ବା କୌଣସି ତଥାକଥିତ ଅସ୍ପୃଶ୍ୟ ଜାତି ଜଗନ୍ନାଥଙ୍କ ପାଖେ ପତିତ ନୁହନ୍ତି । ସେ ସମସ୍ତଙ୍କର ମନ୍ଦିର—ପ୍ରବେଶ ଅଧିକାର ରହିଛି । ସେ ଅଧିକାର ତାଙ୍କୁ ଦେବାପାଇଁ ଉଦ୍ୟମ କରିବାକୁ ପଡ଼ିବ ନାଇ । ( ଏହା ୧୯୪୯ର ବହୁ ପୂର୍ବର କଥା ) କିନ୍ତୁ ମନ୍ଦିର ପ୍ରବେଶରେ ଯଦି କାହାକୁ ମନା କରଯାଏ ଓ କେହି ଯଦି ଅସ୍ପୃଶ୍ୟ ଥାଆନ୍ତି, ତେବେ ସେ ହେଉଚନ୍ତି, 'ନେଡ଼ା ନେଡ଼ୀ' ବା ତାଙ୍କରି ପରବର୍ତ୍ତୀ ସଂସ୍କରଣ, 'ବାବାଜି, ମାତା' — ଗୌଡ଼ୀୟଙ୍କ 'ବୈଷ୍ଣବ, ବୈଷ୍ଣବୀ' । ଯଥାର୍ଥରେ ଓଡ଼ିଆ ସମାଜ ଓ ନିଜ ବଳିଷ୍ଠ ମୌଳିକତାରେ ଜଗନ୍ନାଥଙ୍କୁ ବୃନ୍ଦାବନର କୃଷ୍ଣ କରି ଦେଇ ନାଇ କିଂବା ବାବାଜି, ମାତାଙ୍କୁ ସମାଜ ଚଳଣି ଭିତରେ ଗ୍ରହଣ ବି କରି ନାଇ । ଓଡ଼ିଆ ଓଡ଼ିଆଣୀଏ ଏବେ ଶିଷ୍ଟାନୁମୋଦିତ ଭବରେ କଦାପି ବାବାଜି, ମାତା ହୁଅନ୍ତି ନାଇ ।

## ପୁରୀସ୍ଥ ଗୌଡ଼ୀୟ ବୈଷ୍ଣବଙ୍କ କାର୍ଯ୍ୟ—

ମାତ୍ର ସେଇ ସହଜିଆ ଧର୍ମର ଚଳଣି ଜଗନ୍ନାଥରେ ପୁରାଇବା ପାଇଁ ଜୟଦେବଙ୍କ କାଳରୁ ଉଦ୍ୟମର ସୂଚନା ମିଳୁଥିଲେ ମଧ୍ୟ ଅନ୍ତତଃ ଚୈତନ୍ୟଙ୍କ ପରବର୍ତ୍ତୀ କାଳରୁ ସ୍ପଷ୍ଟ ପ୍ରଯତ୍ନ ଆରମ୍ଭ ହୋଇଥିଲା । ପଞ୍ଚସଖାଙ୍କ କାଳରେ ହୁଏତ ଏ ଉଦ୍ୟମର ଫଳବତ୍ତାରେ ହତାଶା ନ ହେଲେ ମଧ୍ୟ ସନ୍ଦେହ ଆସିଥିବ । ଏବେ ବଙ୍ଗୀୟମାନଙ୍କ ଓଡ଼ିଶା ଆକ୍ରମଣ ବେଳେ



Digitized by PPRACHIN, SOA

ସେମାନେ ନିଜ କଳ୍ପନାକୁ କାର୍ଯ୍ୟରେ ପରିଣତ କରିବାରେ ଲାଗିବା ଆଦୌ ଅସଂଭବ ନୁହେ । ସେତେବେଳେ ବଙ୍ଗର ମୁସଲମାନ ରାଜ ଦରବାରରେ ହିନ୍ଦୁ, ମୁସଲମାନ ଉଭୟେ ପ୍ରତିଷ୍ଠାବନ୍ତ ଥିଲେ – ସେନାରେ ମଧ୍ୟ ସେଇ-ପରି ଥିଲେ । ଏଣେ ପୁରୀରେ ବହୁ ବଙ୍ଗୀୟ ବୈଷ୍ଣବ ରୁଣ୍ଡ ହୋଇଥିଲେ । ସେମାନଙ୍କ ମଧ୍ୟରୁ ଅନେକେ ଜଗନ୍ନାଥରେ ନାନା ସେବା ପର୍ଯ୍ୟନ୍ତ ପାଇ-ଥିଲେ । କଲିକତା ବିଶ୍ୱ ବିଦ୍ୟାଳୟର ଭୂତ-କୁଳପତି ଦେବପ୍ରସାଦ ସର୍ବାଧିକାରୀ କହୁଥିଲେ, "ସେହିକାଳୁ ତାଙ୍କ ବଂଶର ଚାମର ସେବା ଏବେ ବି ଅଛି । ସେ ବଂଶୀୟ ଲୋକେ ଏବେ ବି ଆସି ଜଗନ୍ନାଥଙ୍କ ପାଖେ ଚାମର ସେବା କରିପାରନ୍ତି ।" ଖୁବ୍ ସମ୍ଭବ ପୁରୀରେ ଥିବା ଏଇ ଭକ୍ତମାନେ କଳାପାହାଡ଼କୁ ବା ମତାନ୍ଧ ମୁସଲମାନମାନଙ୍କୁ ଅନ୍ୟବାଟେ ଉପକୂଳ ଭୂମିରେ ଥିବା ସମ୍ରାଟ ମୁକୁନ୍ଦଦେବଙ୍କୁ ଏଡ଼ି ଗଡ଼ଜାତବାଟେ ଘେନି ଆସିବା ପାଇଁ ବଙ୍ଗ ନବାବଙ୍କ ସେନାରେ ଥିବା ବୈଷ୍ଣବମାନଙ୍କୁ ସମ୍ବାଦ ଦେଇଥିଲେ । ହୁଏତ ଗଡ଼ଜାତ ବାଟ ଜାଣିଥିବା ଓ ଗଡ଼ଜାତ ବାଟେ ନବାବ ସେନାଙ୍କୁ ବାଟ ଦେଖାଇ ଆଣିଥିବା ଯେଉଁ ଶିଖୁ ମନାଇଙ୍କ କଥା କିମ୍ବଦନ୍ତୀରେ ଅଛି, ସେମାନେ ଏଇ ପୁରୀରେ ଥିବା ଭକ୍ତମାନଙ୍କ ଗୁପ୍ତଚର ଥିଲେ । ଏଇ ଭକ୍ତ-ମାନେ ସେଇ ସେନାରେ ଥିବା ବୈଷ୍ଣବମାନଙ୍କୁ ଜଗନ୍ନାଥଙ୍କ 'ପାତାଳୀ' ସ୍ଥାନର ସଙ୍କେତ ହୁଏତ ଦେଇଥିଲେ ଓ ସେଇମାନଙ୍କ ଇଙ୍ଗିତରେ ସେଇ ବୈଷ୍ଣବମାନେ ମୂର୍ତ୍ତିମାନଙ୍କୁ ସେନାରେ ଥିବା ମତାନ୍ଧ ମୁସଲମାନଙ୍କ ଅଜ୍ଞା-ତରେ ହାତୀରେ ଲଦାଇ କୌଶଳରେ ନବଦ୍ୱୀପ ଆଡ଼କୁ ଘେନି ଯାଉଥିଲେ । ବାଟରେ କୌଣସି ଠାରେ ସେଇ ମୁସଲମାନମାନେ ଜାଣିପାରି, ମୂର୍ତ୍ତିଗୁଡ଼ିକ ନିଆଁରେ ପକାଇ ପୋଡ଼ି ଦେଇଥିଲେ । ଗଙ୍ଗା କୂଳରେ ତା' ହୋଇ ନାଇ— କିମ୍ବା ବିଶାର ମହାନ୍ତି କୁଉର୍ଦ୍ଧି ଧରି ପହଁରି ପହଁରି ମୂର୍ତ୍ତିଙ୍କ ପେଟ ଚିରି ନାହାନ୍ତି ।

## କଳାପାହାଡ଼ ପରେ, ରାମଚନ୍ଦ୍ରଙ୍କ ସତ୍ତ୍ୱେ ଆମ ଅବସ୍ଥା–

ଏବ ପରାଧୀନ ଓଡ଼ିଶାରେ ଏଇ କଳାପାହାଡ଼ ଉପାଖ୍ୟାନରେ ଥିବା ସତ୍ୟରୁ ଯେ ଅବସ୍ଥା ଆରମ୍ଭ ହୋଇ ଆସିଚି, ସେଥିରେ ଆମର ଘୋର ଗୌଣତ୍ୱ ମନୋବୃତ୍ତି ଛଡ଼ା ଆଉ କଣ ଫୁଟି ପାରେ ? ସେଇ ଗୌଣତ୍ୱ



Digitized by PPRACHIN, SOA

ମନୋବୃତ୍ତିର ଉତ୍ତରୋତ୍ତର ପରିଣାମ ପ୍ରାୟ ଚାରିଶହ ବର୍ଷ ବରାବର ଚାଲି ଆସିଛି । ସେଥିରେ କୂଅ ବେଙ୍ଗ ଯେ ବାହାର ବେଙ୍ଗକୁ ପଚାରି ଥିଲା, "ତୁମର କ'ଣ ଏହାଠାରୁ ଆଉରି ବଡ଼ ଜାଗା ଅଛି ? କୂଅ ଭିତରେ ଚାହିଁଲେ ଉପରେ ଯେ ଆକାଶ ଦିଶୁଚି, ତା'ଠାରୁ କଣ ବଡ଼ ଆକାଶ ଅଛି ?" ଆମର ମନୋବୃତ୍ତି ସେଇଆ ହେବାର କଥା, ସେଇଆ ହେଇ ଆସିଚି । ଗତ ଚାରିଶହ ବର୍ଷ ଭିତରେ ଆମର ଫୁଟିଚି ଭକ୍ତି ଧର୍ମ ସଙ୍ଗେ ସ୍ପର୍ଦ୍ଧା । ସ୍ପର୍ଦ୍ଧା କଥାଟି ଏଠାରେ ଭଲ କରି ବୁଝି ରଖିବାର ଅଛି । ସମସ୍ତେ ଜାଣନ୍ତି, ବଡ଼ ଘର ଭାଙ୍ଗିଗଲେ ସେ ଘରର ଦାୟାଦମାନେ ସବୁବେଳେ ମନେ କରନ୍ତି, ଲୋକେ ଆମକୁ ଗୌରବ ଦେଉ ନାହାନ୍ତି କି ? ଏହା ବିଚାରି ନିଜ ଗୌରବ ଥିଲା ପରି ଦେଖାଇ ହୁଅନ୍ତି । ଆଉ କେହି ଭେଜିଟାଏ ଯାକଜମକରେ କଲେ ନିଜ ଘର ଦ୍ୱାର, ଅଳଙ୍କାର ବିକି କରି ମଧ୍ୟ ସେହିଭଳି ଭେଜିଟାଏ କରି ମହତ୍ୱର ସ୍ପର୍ଦ୍ଧା କରନ୍ତି । ଓଡ଼ିଆଙ୍କ ନିଜ ଧର୍ମ, ସାହିତ୍ୟ ଓ ସଂସ୍କୃତି ଆଲୋଚନାରେ ଏହାଇ ହୋଇ ଆସିଚି ।

## ପୂର୍ବ ଅବସ୍ଥା ସଙ୍ଗେ ତୁଳନା :

ସେ କଥା ଉଦାହରଣ ସହିତ ଆଲୋଚନା କରିବାକୁ ହେଲେ, ପୂର୍ବ ଅବସ୍ଥା କଣ ଥିଲା, ସେ ପ୍ରତି ଆଗ ଟିକିଏ ଦୃଷ୍ଟି ଦେବା ସୁବିଧା ଜନକ । ସେଥିପାଇଁ ଏଇ ଦେଖ ସାରଳା ଦାସ । *

## କପିଳେନ୍ଦ୍ରଙ୍କ ଚରିତ୍ର ଓ ଚଳଣି, ଶିବାଜୀଙ୍କ ସଙ୍ଗେ ତୁଳନା

ଓଡ଼ିଶାର ଏଇ ସଂସ୍କୃତିର ବିକାଶ ସଙ୍ଗେ ସମ୍ରାଟ କପିଳେନ୍ଦ୍ରଙ୍କ ଚଳଣି ଓ ଚରିତ୍ର ତାଙ୍କ ଲେଖମାନଙ୍କରେ ସ୍ପଷ୍ଟ । (୧)

---

ଓ.ସା.କ୍ର.ପ. : ୨ୟ ଭାଗର ୨ୟ ଅଧ୍ୟାୟ 'କପିଳେନ୍ଦ୍ର ଦେବ' ପ୍ରସଙ୍ଗର ପୁନରବୃତ୍ତି "ପୂର୍ବ ଅବସ୍ଥା ସଂଗେ ତୁଳନା" ଉପଶୀର୍ଷକରେ ହୋଇ-ଥିବାରୁ ସଂପୃକ୍ତ ଅଂଶଟିକୁ ଏଠି ବାଦ୍ ଦିଆ ଯାଇଚି । ଓ.ସା.କ୍ର.ପ. : (୧୯୭୭) ପୃ ୨୯୭-୩୦୮ରେ କପିଳେନ୍ଦ୍ର ଦେବଙ୍କ ସଂପର୍କରେ ନୀଳକଂଠଙ୍କ ଆଲୋଚନା ଦେଖନ୍ତୁ । —ସଂକଳକ

(୧) ପୁରୀ ମନ୍ଦିରର ଗୋଟିଏ ଲେଖରେ ଅଛି – ଶ୍ରୀ ଜଗନ୍ନାଥ, ମୋହର ବାହ୍ୟ-ଅଭ୍ୟନ୍ତର........କେବେ ନୁହେଁ ।" ( ଖ୍ରୀ ୧୪୬୬ର ଲିପି ) ଓ.ସା.କ୍ର.ପ. : ୨ୟ ଭାଗ ପୃ ୩୩୩ ।



Digitized by PPRACHIN, SOA

ପ୍ରାୟ ଦୁଇ ଶହ ବର୍ଷ ପରେ ଶିବାଜୀଙ୍କ ସମ୍ବନ୍ଧରେ ଏଇପରି ଗୋଟିଏ କିମ୍ବଦନ୍ତୀ କଥା ଜଣାଶୁଣା । ଶିବାଜୀ ସମସ୍ତ ରାଜ୍ୟଟି ଦୃଢ଼ କରି ସାରି ଦିନେ ଯାଇ ସନ୍ନ୍ୟାସୀ ରାମ ଦାସଙ୍କୁ ତାହା ଅର୍ପଣ କରିଦେଲେ । ସନ୍ନ୍ୟାସୀ ତାହା ଗ୍ରହଣ କଲେ ଓ ଶିବାଜୀଙ୍କୁ ଫେରାଇ ଦେଇ କହିଲେ, "ଏ ମୋର ହେଲା । ମୋ ପାଇଁ ତୁ ଏ ରାଜ୍ୟ ବୁଝୁ ।"

## ଚୈତନ୍ୟଙ୍କ ଆଗମନ-(୨)

## ଗୋପୀନାଥ ବଡ଼ଜେନା—

ଭବାନନ୍ଦ ପଟ୍ଟନାୟକଙ୍କ ଦୁଇପୁଅ ହେଉଚନ୍ତି, ଜଣେ ଗୋପୀନାଥ ବଡ଼ ଜେନା, ଆଉ ଜଣେ ରାୟ ରାମାନନ୍ଦ । ସାମ୍ରାଜ୍ୟର ସେତେବେଳେ ଚାରୋଟି କେନ୍ଦ୍ର ଥିଲା । ଗୋଟିଏ କଟକ (ସେତେବେଳର ବାରଣସୀ କଟକ), ଆଉ ତିନୋଟି ହେଉଚି—ଉତ୍ତରରେ ମେଦିନୀପୁର, ଦକ୍ଷିଣରେ ଗୋଦାବରୀ କୂଳେ ରାଜ ମହେନ୍ଦ୍ରୀ ଓ କାବେରୀ ଆଡ଼କୁ ଉଦୟଗିରି । ଚୈତନ୍ୟ ଆସିଲାବେଳକୁ ମେଦିନୀପୁରର ନାଏବ ସମ୍ରାଟ ସ୍ଥାନୀୟ (viceroy) ଥିଲେ ଗୋପୀନାଥ ବଡ଼ଜେନା ଓ ରାଜ ମହେନ୍ଦ୍ରୀର ନାଏବ ସମ୍ରାଟ ଥିଲେ ରାୟ ରାମାନନ୍ଦ ରାୟ । ଭକ୍ତମାନଙ୍କ ଲେଖାରୁ ଜଣାଯାଏ ଗୋପୀନାଥ ବଡ଼ଜେନା ରାଜସ୍ୱରୁ ବିସ୍ତର ଟଙ୍କା ଆତ୍ମସାତ୍ କରି ବିଧି ଅନୁସାରେ ବିଚାରିତ ହୋଇ ପ୍ରାଣ ଦଣ୍ଡରେ ଦଣ୍ଡିତ ହୋଇଥିଲେ । କିନ୍ତୁ ଏଇ ଭବାନନ୍ଦ ବଂଶଟି ଚୈତନ୍ୟଙ୍କ ପୂର୍ବରୁ ମଧ୍ୟ ଓଡ଼ିଶାରେ ଥିଲେ ଗୋଟିଏ ବିଶିଷ୍ଟ ଗୌଡ଼ୀୟ ବୈଷ୍ଣବ ବଂଶ । ମେଦିନୀପୁର ବାଟେ ଶିଷ୍ୟ, ଉପଶିଷ୍ୟଙ୍କୁ ସଙ୍ଗରେ ଘେନି ଆସିଲା ବେଳେ ଦଣ୍ଡିତ ଗୋପୀନାଥ ବଡ଼ଜେନାଙ୍କ ସଙ୍ଗେ ସେମାନଙ୍କର ଦେଖା ହୋଇଥିଲା । ସେମାନେ ସମସ୍ତେ ବଡ଼ଜେନାଙ୍କ ଆତିଥେୟତାରେ ଥିଲେ । ଚୈତନ୍ୟ କଟକ ଆସିବା ସଙ୍ଗେ ସଙ୍ଗେ ଆଗ ଭକ୍ତ ହେଲେ, ସ୍ୱୟଂ ସମ୍ରାଟ ପ୍ରତାପରୁଦ୍ର ଦେବ । "ଭକ୍ତିର ଫଳ ସ୍ୱରୂପ ବିଭୁ କୃପାହି କେବଳଂ"ର ଯେଉଁ କରୁଣାଧର୍ମ, ତାହାର ପ୍ରଭାବ ପଡ଼ିଲା ପ୍ରତାପରୁଦ୍ରଙ୍କ ଉପରେ । ତାହାର ପ୍ରଥମ ପ୍ରକାଶ ହେଉଚି,

୨ । ଓ.ସା.କ୍ର.ପ୍ର. ରେ ଏହା ଉଲ୍ଲେଖ ଅଛି ।



Digitized by PPRACHIN, SOA

ଗୋପୀନାଥ ବଡ଼ଜେନାଙ୍କୁ ଦଣ୍ଡରୁ ମୁକ୍ତି ଦେବା । ସେତିକି ନୁହ, ସମସ୍ତ ଦୋଷ ସତ୍ତ୍ୱେ ତାଙ୍କୁ ସେଇ ମେଦିନୀ ପୁରେ ନାଏବ ସମ୍ରାଟ କରି ରଖାଇବା । ବୈଷ୍ଣବ ସେବାରେ ଲଗାଇବା ପାଇଁ ଖାଲି ଚୋରି, ଡକାୟତି କରିବା କାହିଁକି, ନିଜ ପତ୍ନୀର ସତୀତ୍ୱ ବିକି ଟଙ୍କା ଆଣିବା ଅତି ସାଧୁ । ଏକଥାର ଉଦାହରଣ, ଓଡ଼ିଶାର ପରବର୍ତ୍ତୀ ଗୌଡ଼ୀୟ ବୈଷ୍ଣବଙ୍କ ସାହିତ୍ୟରେ ଖୁବ୍ ଅଛି । ଏଥିପାଇଁ ଦାର୍ଢ଼ତା ଭକ୍ତି ରସାମୃତର ରଘୁ ଅରକ୍ଷିତ କଥା ଓ ସେଇ ଭଳି ସାହିତ୍ୟିକ ଉପାଖ୍ୟାନ ମାନ ଯେ କେହି ଦୃଷ୍ଟାନ୍ତ ସ୍ୱରୂପ ଦେଖି ପାରନ୍ତି ।

## ରାୟ ରାମାନନ୍ଦ—

ତାପରେ ରାୟ ରାମାନନ୍ଦଙ୍କ ଚଳଣି ଓ ଚରିତ୍ର ଦେଖ । ରାୟ ରାମାନନ୍ଦ ରାଜ ମହେନ୍ଦ୍ରୀରେ ଶାସକ ଥିଲ ବେଳେ ପାଖରେ ଗୋଲକୁଣ୍ଡା ଥିଲ ପ୍ରବଳ ଶତ୍ରୁ; ଦକ୍ଷିଣରେ ରୁହିଁ ବସିଥିଲ ପ୍ରବଳ ପ୍ରତାପୀ ବିଜୟ ନଗର । କପିଳେନ୍ଦ୍ର ଓ ପୁରୁଷୋତ୍ତମଙ୍କ ଶାସନ ଶୃଙ୍ଖଳାକୁ ଏମାନେ ଡରି ରହିଥିଲେ । ଚୈତନ୍ୟ ସଂକୀର୍ତ୍ତନ କରି କରି ରାଜ ମହେନ୍ଦ୍ରୀର ସମ୍ରାଟ ସ୍ଥାନୀୟ ରାୟ ରାମାନନ୍ଦଙ୍କ ପାଖେ ପହଂଚିଲେ । ସଙ୍ଗେ ସଙ୍ଗେ ରାଧାକୃଷ୍ଣ ପ୍ରେମରେ ରାମାନନ୍ଦ ବିହ୍ୱଳ ହୋଇ ଶାସନ ଛାଡ଼ି ସଂକୀର୍ତ୍ତନ ବାଟ ଧଇଲେ । ମନ୍ତ୍ରୀ, ସେନାପତିମାନେ ଆସି ପଚାରିଥିଲେ । "ଆପଣ ଏପରି ସଂକୀର୍ତ୍ତନରେ ବିହ୍ୱଳ ହେଲେ, ସାମ୍ରାଜ୍ୟର ହେବ କଅଣ ?" ଶୁଣିବାରେ ରାୟ ରାମାନନ୍ଦ ସଂକୀର୍ତ୍ତନରେ "ହରେ କୃଷ୍ଣ ହରେ କୃଷ୍ଣ, କୃଷ୍ଣ କୃଷ୍ଣ ହରେ ହରେ" ବୋଲି ଉତ୍ତରରେ କହି ସେହି ମନ୍ତ୍ରୀ, ସେନାପତି ମାନଙ୍କୁ ବୁଝାଇ ପକାଇଥିଲେ ।

## ଦାରୀ ନାଚ ଓ ଆଖଡ଼ା ପିଲା କଥା-

ଏହି ନାଏବ ସମ୍ରାଟଙ୍କ କୃଷ୍ଣ ସେବା ଚଳଣି କଥା ଅନେକେ ଜାଣିଥିବେ । ଇୟେ ଦକ୍ଷିଣୀ ନାରୀ ବା ଦେବଦାସୀମାନଙ୍କୁ 'ଖଟଣୀ'ରେ ଲଗାଇ ପ୍ରତି ରତିରେ କୃଷ୍ଣ ସେବାରେ ନିରତ ରହୁଥିଲେ । ସଂଗୀତ ଓ ନାରୀନୃତ୍ୟ ନ ହେଲେ ତାଙ୍କର କୃଷ୍ଣ ସେବା ହେଉ ନ ଥିଲ । ଚୈତନ୍ୟ, ବ୍ୟକ୍ତିଗତ ଜୀବନରେ ଦାରୀ ଓ ପରଦାର ପ୍ରଭୃତିର ସଂପର୍କ ସୁଖ ପାଉ-ନ ଥିବା କଥା ଅଜଣା ନୁହେଁ । ଦାରୀମାନଙ୍କ ସଙ୍ଗେ ଏପରି ଭକ୍ତିରେ



Digitized by PPRACHIN, SOA

ଲଟପଟ ହେବା ପାଇଁ ତାଙ୍କୁ ମନା କଲେ । ସେଠାରୁ ସେ ଦାରୀ ଛାଡ଼ି ଅବୋଧ ଟୋକାଙ୍କୁ ଦାରୀ ବେଶ କରି ତାଙ୍କୁଇ ନଗ୍ରଇ କୃଷ୍ଣ ସେବା କାମ ଚଳାଇଲେ । ସେଇ ହେଲା ଓଡ଼ିଶାରେ 'ଗୋଟିପୋ ନାଚ' ବା 'ଆଖେଡ଼ା' ପିଲା ନାଚ ।

## ଏଥିରେ ଆମ ସଭ୍ୟତାର ଗନ୍ତ :-

ଏ ପରିସ୍ଥିତିରେ ଓଡ଼ିଆ ସଂସ୍କୃତିର ଅବସ୍ଥା ଯାହା ହେଲା, ସେଥିରୁ ଓଡ଼ିଶା ଆଉ ଉଦ୍ଧାର ପାଇ ନାଇ । ଏକେ ଇନ୍ଦ୍ରିୟ ସେବା, ସ୍ୱାଦ୍ୟ । ସେଥିରେ ପୁଣି ଯୌନରସ ମିଶି ତା'ର ଚର୍ଚ୍ଚା ଓ ଚର୍ଯ୍ୟା ଯେବେ ଧର୍ମ ନାମ ପାଇଲା, ତେବେ ଯେଡ଼େ ବିରାଟ ସଭ୍ୟତା ହେଉନା କାହିଁକି, ତା ପୋଥି ପେଡ଼ି ଉଇ ହୁଙ୍କା ହେଲା ପରି ମାଟି ହୋଇ ଯିବାର କଥା । ସେଥିରେ ଆମ ସଭ୍ୟତା ଯଦି ତଥାପି ଆଭାସ ଓ ସଙ୍କେତରେ ବଂଚି ରହିଥାଏ । ତାହା ଆମ ସୌଭାଗ୍ୟ ଓ ଆମ ପୂର୍ବ ସୂରି ମାନଙ୍କର ଦୃଢ଼କୀର୍ତ୍ତି ଓ କୃତିତ୍ୱର ଫଳ ।

## ପ୍ରକ୍ଷେପରେ ସ୍ପର୍ଦ୍ଧାର ଉଦାହରଣ- (୧)

ଖନିକାର ଜନ୍ମ ବୃତ୍ତାନ୍ତ ତୁଳନାରେ ବୁଝିବା ପାଇଁ ଗ୍ରରିଆଡ଼କୁ ଗ୍ରହିଁ ଆଉଟିକିଏ ପଛକୁ ଦେଖ :

ଏ ସବୁ ସଂସ୍କୃତିର ପ୍ରକାଶ ଓ ପରିଚ୍ଛେଦ ଦେଖି ଓଡ଼ିଆର ପରଂପରା ବାରି ବୁଝିବା ବଡ଼ ସହଜ ହୋଇ ନ ପାରେ, ମାତ୍ର ଏହି ବାଟ ଧରି ଅନୁସନ୍ଧାନ ନ କଲେ ଆଉ ବୁଝିବାର ଉପାୟ ନାଇ । କହିଚି, କପିଳେନ୍ଦ୍ର– ସାରଳା ଦାସଙ୍କ ବେଳେ ଏକ ଉଦ୍‌ବୋଧ ଫୁଟି ଉଠିଥିଲା । ଅବଶ୍ୟ ଉଦ୍‌ବୋଧରେ ଗୌଣତ୍ୱର ସ୍ପର୍ଦ୍ଧା ନ ଥାଏ । ତଥାପି ଏ ଉଦ୍‌ବୋଧ କାହିଁକି ?

---

(୧) ଓ.ସା.କ୍ର.ପ. ପୃ ୫୪୪ରେ ଅନ୍ୟାନ୍ୟ ସାଧାରଣ ପ୍ରକ୍ଷେପର ଉଦାହରଣ- ଖନିକାର ଜନ୍ମ ବୃତ୍ତାନ୍ତ–ସିଂଧୁ ଓ ପରଦାର ଉପଶୀର୍ଷକ (୫୪୪ରୁ ୫୫୧) ପର୍ଯ୍ୟନ୍ତ ବର୍ଣ୍ଣିତ । ଏଣୁ ଏଠି ତାହାର ପୁନରାବୃତ୍ତି କରାଗଲା ନାହିଁ । –ସଂକଳକ



Digitized by PPRACHIN, SOA

ମିଶରର ପିରମିଡ଼ରେ ଫାରଓ ଈଶ୍ୱର ହୋଇଥିଲେ କିନ୍ତୁ ଆମ ଦେଉଳ ଥିଲା economic, ପରିସ୍ଥିତି ଫୁଟିଥିଲା । ତେଣୁ ସ୍ପର୍ଦ୍ଧା ନ ଥିଲା, ତା'ର କାରଣ, ଯଥାର୍ଥ ନିର୍ମଳ ପରଂପରର ପ୍ରାଣପୀଡ଼ା ଆଉରି ଆଗରୁ ଆରମ୍ଭ ହୋଇଥିଲା ଓ ଗ୍ଲଲିଥିଲା । ଶିଳ୍ପରେ ତାହାର ପ୍ରକାଶ ସମସ୍ତେ ଦେଖି ପାରିବା ଭଳି ସ୍ପଷ୍ଟ । ଗଠନ ଶିଳ୍ପ ଆମର ଗୌରବ । କିନ୍ତୁ ଗଠନ ଶିଳ୍ପର ବିଶାଳତା ଏକା ଆମରି ଗୌରବ ନୁହେଁ । ଉତ୍ତର ଭାରତର ସେ କଳା କୌଶଳ ଆଜି ଦେଖି ମାପିବାର ଉପାୟ ନାଇ । ଦେବଦାସୀ ସଙ୍କୁଳ ବିଶାଳ ଗୋପୁର ଚିହ୍ନିତ ଦ୍ରାବିଡ଼ ଶିଳ୍ପରେ ତା କେତେକ ଅଛି । କିନ୍ତୁ ସବୁଠାରୁ ବେଶୀ ଅଛି, ମିଶରର ପିରମିଡ଼ରେ । ସେଠାରେ ସେ ସବୁର ଖୋଦିତ ଇତିହାସ ମିଳୁଛି । ଯେଉଁମାନେ ସେ ବିଷୟରେ କିଛି ପଢ଼ିଥିବେ, ସେମାନେ ଜାଣିଥିବେ, ସେଇ ପିରମିଡ଼୍ ଓ ତହିଁରେ ବିସ୍ତୀର୍ଣ୍ଣ ଓ ବିଚିତ୍ର କଳା କୌଶଳ ଦେଖି ଆମେ ଯାହାକୁ ଆଜି ତୁଙ୍ଗ ପ୍ରାଚୀନ ସଭ୍ୟତାର ଅବଶେଷ ବୋଲି ଗୌରବ ମନେ କରୁଚୁ, ତା ସଙ୍ଗେ ଲୋକଶକ୍ତି ଓ ଲୋକ-ସ୍ୱାଧୀନତାର କି ପରିସ୍ଥିତି ଥିଲା ? ଆଜି ପୃଥିବୀରେ ମହା ବ୍ୟାପୀ ଭକ୍ତି ଧର୍ମର ଆଦି ସ୍ଥାନ ହୁଏତ ସେଇଠାରେ । ଫାରଓ ବା ସମ୍ରାଟ ହେଉଚନ୍ତି, ସେଠାରେ ସ୍ୱୟଂ ଈଶ୍ୱର । ତାଙ୍କରି ସ୍ତୁତି ଓ ତାଙ୍କରି ସନ୍ତୋଷ ପାଇଁ ଜନତାର ସବୁ କର୍ମ; ସତରେ 'କୃଷ୍ଣାର୍ପଣମସ୍ତୁ' ବୋଲି କରଯାଉଥିଲା । ମାନବ-ଦାସତ୍ୱ କି ମୂଲ୍ୟରେ ସେ ସବୁ ପିରମିଡ଼୍ ଏପରି ଉତ୍ତୁଙ୍ଗ ଚୂଡ଼ାରେ ଛିଡ଼ା ହୋଇଥିଲା, ତା' ଆଜିର ପୃଥିବୀରେ କଳ୍ପନା କଲେ ସେଇ କାଳର ମୃତ ଜନତା ଯେପରି କି ଜୀବନ୍ତ ହୋଇ ଆମକୁ କରୁଣ ଆବେଦନ କରୁଚି । ମନୁଷ୍ୟର ଦାସ୍ୟ ଓ ସମ୍ରାଟଙ୍କ ବିଭୁତ୍ୱ, ଏହି ଦୁଇଟିର ଜୀବନ୍ତ ସଙ୍କେତ ପରି ଆଜି ସେ ପିରମିଡ଼୍ ସବୁ ଛିଡ଼ା ହୋଇଚି । ଓଡ଼ିଶା ଗଠନ ଶିଳ୍ପର ଶୀଳା ସ୍ତୁପ, ତା' ଠାରୁ ଭିନ୍ନ ବୋଲି କହିବାର କି ପ୍ରମାଣ ଅଛି ? *

---

* ଏଠୁ କିମ୍ବଦନ୍ତୀ—ବାରଶ ବଢ଼େଇରେ ଦାୟ କି ପୁଅରେ ଦାୟ, କାଣିଆ କପିଳା କଥାରେ ସଂସ୍କୃତିର ସଙ୍କେତ, ଛେର ପହର ସେବା, ଆଦି ଚର୍ଚ୍ଚିତ । ଏ ଗୁଡ଼ିକ ଓ.ସା.କ୍ର.ପ. ରେ ଚର୍ଚ୍ଚିତ ହେତୁ ଏଠାରୁ ବାଦ୍ ଦିଆଗଲା । ଦେଖନ୍ତୁ ଓ.ସା.କ୍ର.ପ. : ଦ୍ୱିତୀୟ ଭାଗ ଦ୍ୱିତୀୟ ଅଧ୍ୟାୟ—ଶୀର୍ଷକ କଥା କିମ୍ବଦନ୍ତୀ ପ୍ରଭୃତିର ସଙ୍କେତ—ପୃ ୨୮୪-୩୨୪ ।



Digitized by PPRACHIN, SOA

## ଶିଳ୍ପକଳାରେ ଦେଖ :

ପୁଣି ଶିଳ୍ପକଳାରେ ଦେଖ । ଗଙ୍ଗ କାଳର ଟିକିଏ ପୂର୍ବରୁ ନ ହେଲେ ମଧ୍ୟ ସେଇ କାଳର ଆରମ୍ଭରୁ ଓଡ଼ିଆ ଶିଳ୍ପରେ ପଶିଥିଲା, ବିରାଟ ଗଠନ କଳା ସଙ୍ଗେ ଖୋଦନ କଳାରେ ତାନ୍ତ୍ରିକ ବୀଭତ୍ସତା । ଆଜି ଓଡ଼ିଆ ଶିଳ୍ପୀ ସେ ପ୍ରଭାବର ଛାପ ଭୁଲି ନାହାନ୍ତି ।

## ସେଇ କଳାର ଗତି :

ଏଣେ ଲେଖା ସାହିତ୍ୟରେ ଦେଖ । ସେଥିରେ ମଧ୍ୟ ମତି ଗତି ଭିନ୍ନ ନୁହେ । ଶିଳ୍ପର ଖୋଦନକଳା ବିରାଟ ମନ୍ଦିର ଦେହରେ ଆରମ୍ଭ ହୋଇଥିଲା । ଓଡ଼ିଶାର ବିଶାଳ ଜନ-ସାହିତ୍ୟ ଗଠନ-କଳାରେ ପୁଷ୍ଟ ହୋଇ ନଥିଲା, ସତ, କିନ୍ତୁ ତାହାରି ଦେହରେ ଫୁଟିଥିଲା, ଛାନ୍ଦ ସାହିତ୍ୟର ଶବ୍ଦାଳଙ୍କାର ଗାରିମା । ଠିକ୍ ଦେଖି ବସିଲେ, ଶିଳ୍ପ ସାହିତ୍ୟ ଓ ଲେଖା ସାହିତ୍ୟର ଧାରା ଏକାପରି ଚାଲି ଆସିଚି । ପ୍ରଥମେ ଉଦୟ ଗିରି ପ୍ରଭୃତିର ଖୋଦିତ ଜୈନ ବିହାର, ସେଥିରେ ଜୈନ–ଜାତକ ଚିତ୍ର । କି ସରଳ, କି ସୁନ୍ଦର ! ତା'ପରେ ଆସ, ଭୁବନେଶ୍ୱରର ପରଶୁରାମେଶ୍ୱର, ମୁକ୍ତେଶ୍ୱରକୁ । ଚାଲଘରର ଛାଞ୍ଚରେ ଏହା ପ୍ରଥମେ ଉଠି କ୍ଷୁଦ୍ର ରେଖ ବା ଶିଖରରେ ମଣ୍ଡିତ ହୋଇଥିଲା । ଅବଶ୍ୟ ଏଇ ରେଖ ବା ଶିଖର ( ରେଖ, ଶିଖର–ଦୁଇଟି ଏକାକଥା । ଶିଖର ଶବ୍ଦ=ଇଖର=ରଇଖ=ରେଖ ) ଖୁବ ସମ୍ଭବ ଏ ଦେଶରେ ବହୁ ପ୍ରାଚୀନ । ତଥାପି ଏଇପରି ଭାବରେ ଏହା ପରଶୁରାମେଶ୍ୱର ମନ୍ଦିରରେ ପ୍ରଥମେ ଫୁଟିଥିବାର ଦେଖାଯାଏ । ତା ପୂର୍ବରୁ ଉଦୟଗିରି ପ୍ରଭୃତିରେ ଏହାର ସଙ୍କେତ ଥିଲା । କିନ୍ତୁ ତା ସ୍ପଷ୍ଟ ବାରି ହେଉ ନାଇ । ହେଲେ ହେଁ, ପର୍ଶୁରାମେଶ୍ୱର ଓ ମୁକ୍ତେଶ୍ୱର ମନ୍ଦିରରେ ଚିତ୍ର ବଡ଼ ସରଳ ଓ ସୁନ୍ଦର, ଯଥା ସ୍ଥାନାବସ୍ଥିତ । ଦେଖିବା ଲୋକର ଆଖି ସେଥିରେ କ୍ଳାନ୍ତ ହୁଏ ନାଇ । ଲିଙ୍ଗରାଜ ମନ୍ଦିରରେ ଖୋଦନ ଶିଳ୍ପରେ ଶୃଙ୍ଖଳା ଅଛି । ସେ ଶୃଙ୍ଖଳାରେ ଏକରେ ବହୁ ଓ ବହୁରେ ଏକ, ଯେପରି ଭାବରେ ଫୁଟାଇ ଦିଆଯାଇଚି, ତା ବହୁ ହେଲେ ହେଁ, ଦୃଶ୍ୟ ଭାରକ୍ରାନ୍ତ ନୁହେ । ଏହାପରେ ସ୍ପଷ୍ଟ ଭାବରେ ପଶିଲା, ତାନ୍ତ୍ରିକର ଯୌନକଳା । କୋଣାର୍କକୁ ଆସିଲା ବେଳକୁ ଶିଳ୍ପ ସେଇ



Digitized by PPRACHIN, SOA

ଯୌନ ଅଳଙ୍କାରରେ ଏପରି ପୁରି ରହିଚି ଯେ, ଦର୍ଶକର ଆନନ୍ଦର ହେତୁ ସେଥିରେ କେବଳ ଯୌନକଳା । ଚକ୍ଷୁର ଅବକାଶ ନାଇ । ଦେଖିବାରେ ବିଶ୍ରାମ ନାଇ । ଖୋଦନ ଅତି ଭଗକ୍ରାନ୍ତ, ଦୁର୍ବହ । ଅନୁପାତ ସୌଷ୍ଠବ ଓ ବିଭିନ୍ନତାର ବହୁରେ ଏକତ୍ୱ ସେ ଖୋଦନ କଳାରେ ଖୋଜି କାଢ଼ିବାକୁ ହୁଏ ।

## ସାହିତ୍ୟରେ ସେଇଆ :

ଆମ ଲିଖିତ ସାହିତ୍ୟର ଧାର ଠିକ୍ ସେହିପରି । ସେଥିରେ ପ୍ରବେଶ କରିଥିଲା, ଗଙ୍ଗକାଳରେ ଛାନ୍ଦସାହିତ୍ୟ ସଙ୍ଗେ ଅଳଙ୍କାର, ସେ ଅଳଙ୍କାର ଖୁବ୍ ସମ୍ଭବ, ଶବ୍ଦାଳଙ୍କାର । ସେ କାଳର ସଂସ୍କୃତ ଅଳଙ୍କାର ସାହିତ୍ୟର ଛାଞ୍ଚରେ ଯୌନ ଚର୍ଯାର ସଙ୍କେତରେ — ହୁଏତ ବର୍ଣ୍ଣନରେ — ପ୍ରକାଶ ପାଇଥିବ ।

ତାପରେ ବିଶାଳ ଦାଣ୍ଡିବୃତ୍ତର ସାହିତ୍ୟ । ତା'ପରେ ଆସି ଆସି କଳସା ଓ କୋଇଲି ବାଟେ କ୍ରମେ କ୍ରମେ କୋଣାର୍କର ଅତି ଭଗକ୍ରାନ୍ତ ଯୌନଚିତ୍ରର ଖୋଦନ କଳାପରି ଛାନ୍ଦ ସାହିତ୍ୟର ନଗ୍ନରୂପ । ସେଥିରେ ଶବ୍ଦାଳଙ୍କାର ଭିତରେ ଖାଲି ଯୌନବର୍ଣ୍ଣନା । ଖୋଦନ ଶିଳ୍ପ ଓ ଲିଖିତ ସାହିତ୍ୟର ଏ ସମାନ୍ତର ଧାର, ଓଡ଼ିଆ ସଂସ୍କୃତିରେ ଲକ୍ଷ୍ୟ କରିବାର ବସ୍ତୁ ।

## ଛାନ୍ଦସାହିତ୍ୟ-ସଙ୍ଗୀତ ଓ ଦାଣ୍ଡିବୃତ୍ତ :

ଏଠାରେ ଓଡ଼ିଆର ଲିଖିତ ସାହିତ୍ୟ ସମ୍ବନ୍ଧରେ ଟିକିଏ ଆଉରି ବିଶେଷ କରି କହୁଚି । ଓଡ଼ିଆର ଛାନ୍ଦ ସାହିତ୍ୟ ଭରତର ଭଷାମାନଙ୍କରେ ଅନନ୍ୟ ସାଧାରଣ ସତ, କିନ୍ତୁ ସଙ୍ଗୀତର ସ୍ୱର-ଗତିରେ ପଦ-ପଦାର୍ଥ-ବୋଧର ସଂଗତି ଯଥାର୍ଥ ଫୁଟେ ନାଇ । ଆମ ସଙ୍ଗୀତ ହେଉଚି, ଏବେ ମଧ୍ୟ କର୍ଣ୍ଣାଟୀ । ଓଡ଼ିଆ ସଙ୍ଗୀତ ଓ କର୍ଣ୍ଣାଟୀ ସଙ୍ଗୀତ ମଧ୍ୟରେ ମୂଳତଃ ବିଶେଷ ଭେଦନାଇ ବୋଲି ମନେହୁଏ । ଏଇ କର୍ଣ୍ଣାଟୀ ସଙ୍ଗୀତ ଗଙ୍ଗମାନଙ୍କ ସଙ୍ଗେ ଖୁବ୍ ସମ୍ଭବ ଓଡ଼ିଶାକୁ ଆସିଥିଲା । ସ୍ପଷ୍ଟ କଥାରେ କହିବାକୁ ଗଲେ, ଏହା ଆସିଥିଲା, ଦେବଦାସୀଙ୍କ ସଙ୍ଗେ । ଦେବଦାସୀ ଆସିଥିଲେ କାହିଁକି ? କେଉଁଠାକୁ ? ସେ ଆସିଥିଲେ 'ପ୍ରପତ୍ତିପରାୟଣ' ଆଲବାର ଶ୍ରୀ ବୈଷ୍ଣବ



Digitized by PPRACHIN, SOA

ଗମାନୁଜଙ୍କ ସଙ୍ଗେ ବା ତାଙ୍କରି ପ୍ରଭାବରେ ଶ୍ରୀମନ୍ଦିରକୁ । ସେଇକାଳୁ ସଙ୍ଗୀତ ହୋଇ ଆସିଚି ଏ ଦେଶରେ ଅନାହୃତ କଳା । ଏହା ଦାରୀର, ଭଦ୍ର ଲୋକଙ୍କର ନୁହେଁ । ଏ ଧାରଣା ଏବେ ମଧ୍ୟ ଅନେକ ଓଡ଼ିଆ ଶିଷ୍ଟଙ୍କ ଭିତରୁ ଯାଇ ନାଇ । ଓଡ଼ିଆ ସଂସ୍କୃତିରେ ଦାରୀ କେବେ ଆଦର ପାଇ ନାଇ । ତେଣୁ ସଙ୍ଗୀତ ବି ପାଇ ନାଇ । ସେଇ ସଙ୍ଗୀତ ପିଠରେ ଫୁଟିଥିଲା, ଆମ ଛାନ୍ଦ ସାହିତ୍ୟ । ରାଜଦରବାରରେ ଶିଷ୍ଟ ବିଶିଷ୍ଟମାନେ ଏଥିରେ ଖୁବ୍ ମାତିଥିଲେ । ଲୋକଙ୍କ ଭିତରେ ଏହା ପଶିପାରୁ ନଥିଲା । ସେଥିପାଇଁ ପ୍ରାକୃତ ଲୋକନୃତ୍ୟ ଓ ଲୋକଗୀତର ବାଗ ବା ସ୍ୱରକଂପକୁ ଧରି ଛାନ୍ଦର ଚର୍ଚ୍ଚା କରା ହେଉଥିଲା । ସେଥିରେ ସଙ୍ଗୀତର ନିବନ୍ଧ ପ୍ରବନ୍ଧ ବୋଲି ପଣ୍ଡିତମାନେ ଗ୍ରନ୍ଥ ଲେଖୁଥିଲେ । ଏଥିପାଇଁ ଶ୍ରୀ କରଣାଧିପତି ନିଃଶଙ୍କ ସାରଙ୍ଗ ଦେବଙ୍କ 'ସଙ୍ଗୀତ ରତ୍ନାକର' ଯେ କେହି ଉଦାହରଣ ସ୍ୱରୂପ ଦେଖି ପାରନ୍ତି । ❊ ତଥାପି ଛାନ୍ଦ ଲୋକଭିତରେ ଗଙ୍ଗକାଳରେ ମଧ୍ୟ ପ୍ରତିଷ୍ଠା ପାଇଥିଲା ବୋଲି ମନେ ହେଉ ନାଇ । ଫଳରେ କପିଳେନ୍ଦ୍ରଙ୍କ କାଳରେ ବାହାରିଲା, ବିଶାଳ ଓ ପୁଷ୍କଳ ଦାଣ୍ଡିବୃତ୍ତ । କଥାକୁ ଲୋକଗୀତର ସ୍ୱର କମ୍ପରେ ପକାଇ ଏହା ଯେପରି ବୋଲାହୁଏ, ତାହା ଶୁଣିବା ଲୋକ ଛଡ଼ା ଆଉ କାହାକୁ ବୁଝାଇ ହେବ ନାହିଁ । ତା'ପରେ ନାନା ଭାବରେ ସେଇ ଦାଣ୍ଡିବୃତ୍ତରୁ କ୍ରମେ ଛାନ୍ଦମାନଙ୍କର ପ୍ରସ୍ୱର ବଢ଼ିଥିଲା । ସେ ସ୍ୱତନ୍ତ୍ର କଥା । କିନ୍ତୁ ଦାଣ୍ଡିବୃତ୍ତ ଏପରି ବିରାଟ ଆକାରରେ ବାହାରିବା ଉଦ୍‌ବୋଧର ଲକ୍ଷଣ, ସନ୍ଦେହ ନାଇ । ଏହା କୁହାଯାଇଚି ।

## ଗଲା ଚୌଦଶହ ବର୍ଷର ସାହିତ୍ୟ :

କିନ୍ତୁ ଏ ଉଦ୍‌ବୋଧନକୁ ଧରି ତା ପୂର୍ବରୁ ସାହିତ୍ୟ ଧାରା ଗଙ୍ଗ କାଳ ଡେଇଁ ଆହୁରି ଦୂରକୁ ଖୋଜା ଯାଇ ପାରେ । ହେଲେହେଁ ତା

---

❊ ଏହି ଶ୍ରୀକରଣାଧିପତି ସାରଙ୍ଗ ଦେବ ଓଡ଼ିଆ ବୋଲି ମୁଁ ପୂର୍ବେ ଠିକ୍ କରିଥିଲି । ମୋ ଓ.ସା.କ୍ର.ପ. : ୨ୟ ଭାଗ, ଷଷ୍ଠ ଅଧ୍ୟାୟ ପରିଶିଷ୍ଟ ୩୧୦ ପୃ. ଠାରୁ ଦେଖ । ଏବେ ମନେ ହେଉଚି ସେ ଥିଲେ କର୍ଣ୍ଣାଟ ରାଜାଙ୍କ ଶ୍ରୀକରଣାଧିପତି ।



Digitized by PPRACHIN, SOA

ଏବେ ଥାଉ । କାହିଁକି ନା, ତା ଏବେ ବହୁ ଦୂରରେ । କେବଳ କାଳରେ ଦୂରରେ ନୁହେ—ପ୍ରକାରରେ ମଧ୍ୟ । ଆମର ସଂସ୍କୃତି ପୁଣି ବିକାଶ ପାଇବାର ସ୍ୱାଧୀନ ବାଟ ହରଇ ବସିଚି । ଗଲା ଚାରିଶହ ବର୍ଷର ରାଜନୀତିକ ଓ ତହିଁ ସଂଗେ ସାଂସ୍କୃତିକ ପରାଧୀନତା ଭିତରେ, ଆମେ ଯେପରିକି ବାଟ ବଣା ହୋଇଚୁ । ସ୍ମୃତିକୁ ଉଠାଇଲେ ମଧ୍ୟ ଆମର ହୁଏତ ପ୍ରତୀତି ଆସୁନାଇ— ସ୍ମୃତିରେ ପ୍ରତୀତି ନମିଶିଲେ ବ୍ୟକ୍ତିତ୍ୱକୁ ବାରି ଦେଖିବା ସହଜ ନୁହେଁ— ଏପରିକି ସମ୍ଭବ ବି ନୁହେଁ । ଗଲା ଚାରିଶହ ବର୍ଷ ଭିତରେ ଅବସ୍ଥା କ'ଣ ହୋଇଚି ? ହଠାତ୍ ଆଖିରେ ପଡ଼ିବା ଭଳି ଦେଖିଲେ ଦେଖାଯିବ, ଅତି ପ୍ରାକୃତ ଜନ ସୁଲଭ ଗୌଡ଼ୀୟ ଭକ୍ତି ଧର୍ମର ପ୍ରଭବ ଓ ପ୍ରଚାର ଲୋକ-ସଭ୍ୟତାର ସ୍ୱରୂପକୁ ଆବୃତ କରି ସବୁଆଡ଼େ ଯେପରିକି ଆଖି ଝଲସାଇ ଦେଉଚି । ସେଥିରେ ପୁଣି ଆମର ସବୁ ଛାନ୍ଦ କଳା ଓ କାବ୍ୟ ସାହିତ୍ୟର ପ୍ରକାଶ । ଭକ୍ତି ଧର୍ମର କର୍ମରେ ଦାୟିତ୍ୱ ହୀନତା ଓ ତା ସଙ୍ଗେ ଯୌନ ଚର୍ଯ୍ୟାର ମୋହନ ସଙ୍କେତ ଓ ସମ୍ଭୋଗ, ଏହା ହିଁ ମୋଟା ମୋଟି ସେକାଳର ସାହିତ୍ୟ । କଥାକେ କହି ଦେଲେ କୁହାଯିବ, ସେ ସବୁ ଓଡ଼ିଆ ସାହିତ୍ୟ ନୁହେଁ । ଦୀନକୃଷ୍ଣ, ସାମନ୍ତ ସିଂହାରଙ୍କଠାରୁ ରାମ ଦାସଙ୍କ ଦାର୍ଢ୍ୟତାଭକ୍ତି ଯାଏ ସବୁ ଓଡ଼ିଆ ଭାଷାରେ ଲେଖା ହୋଇଚି, ଗୌଡ଼ୀୟ ବୈଷ୍ଣବ ସାହିତ୍ୟ ବା ମଧ୍ୟ ଯୁଗର ବଙ୍ଗ ସାହିତ୍ୟ । ଯୌନ ସଙ୍କେତ ଓ ସଂଭୋଗର ବ୍ୟଞ୍ଜନା ଓ ବର୍ଣ୍ଣନା ଥିବାରୁ ଭଂଜୀୟ ସାହିତ୍ୟକୁ ମଧ୍ୟ ସେହି ଶ୍ରେଣୀରେ ପକାଇ ଦେଇ, ଅନେକେ ନିରବଚ୍ଛିନ୍ନ ସାହିତ୍ୟ ବିକାଶର ଧାରା ଦେଖି ଦେଖାଇବାକୁ ଲୋଡ଼ନ୍ତି । ଏଥି ଭିତରେ ପୁଣି ସମାଲୋଚନା କରିବାକୁ ଗଲେ, ଭବ ରାଜ୍ୟରେ ତଥା ସାହିତ୍ୟରେ ସ୍ପର୍ଦ୍ଧା ଓ ପ୍ରତି ସ୍ପର୍ଦ୍ଧାର ଘୋର ପ୍ରକାଶ । × × × *

ଏ ସବୁ ଭିତରେ ମନୁଷ୍ୟ ଦିଗ୍‌ଦର୍ଶନ ଭୁଲିଯିବାର କଥା । ଆମର ତାହା ହିଁ ପ୍ରାୟଶଃ ହୋଇଥାଏ । ତେଣୁ ଏଇ ଚାରିଶହ ବର୍ଷ ଭିତରେ

* ଉଦାହରଣ ବଳରାମ ଦାସଙ୍କ ଅଲୌକିକ କ୍ରିୟା—ଖନିକାର ଜନ୍ମ ଆଦି କଥା ଓ.ସା.କ୍ର.ପ.ରେ ଆଲୋଚିତ ହୋଇଥିବାରୁ ଏଠି ତାହା ବାଦ୍ ଦିଆଗଲା । ଦେଖନ୍ତୁ ଓ.ସା.କ୍ର.ପ. : ପୃ ୪୦୧ ଓ ୪୪୫ ।



Digitized by PPRACHIN, SOA

ବିଶେଷତଃ ଇଂରେଜଙ୍କ ଓଡ଼ିଶା ଆଗମନ ପୂର୍ବର ତିନିଶହ ବର୍ଷ ଭିତରେ ଆମ ସାହିତ୍ୟର ଗତି ଖୋଜି ବାରି ଦେଖିବା ବଡ଼ କଷ୍ଟ । ତେଣୁ ତାହାର ଟିକିଏ ଯଥାର୍ଥ ଆଲୋଚନାର ସଙ୍କେତ ଦେଇ ଏ ପ୍ରକରଣ ଶେଷ କରିବି ।

## ପ୍ରତାପରୁଦ୍ର ଓ ପଞ୍ଚସଖା

ଏଇ ଚାରିଶହ ବର୍ଷ ଆମର ଘୋର ରାଜନୀତିକ ପରାଧୀନତାର କାଳ । ବଚନ ଅଛି, 'ରାଜାନୁଗତୋ ଧର୍ମଃ ।' ତେଣୁ ସାହିତ୍ୟ ରାଜନୀତିର ଅନୁକରଣ କରେ । ପ୍ରତାପରୁଦ୍ର ଗୌଡ଼ୀୟ ବୈଷ୍ଣବଙ୍କ ଭକ୍ତି ଓ ଭାବାବେଶରେ ପ୍ରଭାବିତ ହୋଇ ରାଜନୀତିଭ୍ରଷ୍ଟ କରିଥିବା କଥା କୁହାଯାଇଚି । ସେଇ ଯୁଗରେ ପଞ୍ଚସଖାଙ୍କ ସ୍ପର୍ଦ୍ଧିତ ସାହିତ୍ୟ ପ୍ରକାଶ ପାଇଥିଲା । ତେଣୁ ଆମ ଦେହ ଭିତରେ ଗଙ୍ଗା ଯମୁନା ସରସ୍ୱତୀର ତ୍ରିବେଣୀ ଗୋଲହାଟ ଓ ଶ୍ରୀହଟ୍ଟ ରାଧାକୃଷ୍ଣଙ୍କ ଚିର ରାସଲୀଳା ପ୍ରଭୃତି ଏଇ ସ୍ପର୍ଦ୍ଧାର ସଙ୍କେତ । ସେ କଥା ମଧ୍ୟ ସୂଚାଇ ଦିଆ ଯାଇଚି ।

## ମୁସଲମାନ ଅତ୍ୟାଚାର

ତା'ପରେ ସେଇ ଗୌଡ଼ୀୟଙ୍କ ସଙ୍ଗେ ଯେଉଁ ବଙ୍ଗାଳୀମାନେ ଆସିଥିଲେ, ସେମାନଙ୍କର ଜଗନ୍ନାଥଙ୍କୁ ନବଦ୍ୱୀପକୁ ଘେନିଯିବା ଉଦ୍ୟମରେ ମାଡ଼ି ଆସିଲା କଳାପାହାଡ଼ ତଥା ଅନ୍ୟାନ୍ୟ ମୁସଲମାନମାନଙ୍କ ଧ୍ୱଂସଲୀଳା । ଜଗନ୍ନାଥଙ୍କୁ ବାରମ୍ବାର ଅପବିତ୍ର କରାହେଲା—ଜଗନ୍ନାଥଙ୍କ କୋଠ ଭଣ୍ଡାର ଲୁଟି ହେଲା । ଜଗନ୍ନାଥ ମୂର୍ତ୍ତିମାନ ଥରକୁ ଥର ଦେଉଳରୁ ଯାଇ ବଣ ଜଙ୍ଗଲରେ 'ପାତାଳୀ' ହେଲେ । ଖୋରଧା ରାଜଧାନୀ ମଧ୍ୟ ବାରମ୍ବାର ଆକ୍ରାନ୍ତ ଓ ଲୁଣ୍ଠିତ ହେଲା—ଗଜପତି ରାଜା ହତମାନ ହେଲେ—ଏପରିକି ସନ୍ଧିରେ ସ୍ୱୀକାର କରି ଲକ୍ଷ ଲକ୍ଷ ଟଙ୍କା ସଙ୍ଗେ ନିଜ ଜେମାଙ୍କୁ ମୋଗଲ ସମ୍ରାଟଙ୍କ ଜନାନାକୁ ପଠାଇବା ଯାଏ ଗଲେ । ଏ ସବୁ ଭିତରେ ଧର୍ମ, ସଭ୍ୟତା, ସାହିତ୍ୟ ବିକାଶ ପାଇବାର କି ପରିସ୍ଥିତି ଥିଲା, ତାହା ସହଜରେ ଅନୁମେୟ । ପ୍ରତିସ୍ପର୍ଦ୍ଧାର ଅନୁକରଣ ଏତିକି ବେଳେ ଭୀଷଣ ଭାବରେ ଜାତିକୁ ଯେ ଘାରୁଥିଲା, ଏଥିରେ ନାଇ କରିବାର ନାଇ ।



Digitized by PPRACHIN, SOA

## ସେଥିରେ ପ୍ରତିକ୍ରିୟା

ଅଥଚ ଯଥାର୍ଥ ଶିକ୍ଷମାନେ ଏ ପରିସ୍ଥିତିରେ କି ପ୍ରାଣପୀଡ଼ା ଭୋଗ କରୁ ନ ଥିବେ ? ସେମାନେ ମୁସଲମାନର ରାଜତ୍ୱ ସଙ୍ଗେ ପ୍ରାକୃତ ଜନ-ସୁଲଭ ଅଗତ୍ୟା-ଭକ୍ତି-ସର୍ବସ୍ୱ କବି ଓ ଲେଖକ ମାନଙ୍କ ଲେଖା ଦେଖି ଜାତିର ଅତୀତ ପରଂପରା ଖାଲି ମନେ ପକାଇ ବ୍ୟଥିତ ହେଉଥିବେ, ସନ୍ଦେହ ନାଇ । ଚାରିଆଡ଼େ ଆଖି ବୁଲାଇ ଚାହୁଁଥିବେ, କିପରି କେଉଁଆଡୁ ଏ ଯନ୍ତ୍ରଣାରୁ ମୁକ୍ତି ମିଳିବ । ତାହା ହିଁ ଯଥାର୍ଥରେ ହୋଇଥିଲା । ତାହାର ଗୋଟିଏ ଉଦାହରଣର ସଂକେତ ହେଉଚି ଆମ ବ୍ରାହ୍ମଣଙ୍କ ତନ୍ତ୍ର ସାଧନା ।

## ତନ୍ତ୍ର ସାଧନା

ସେଦିନ ଯାଏ ସାରଳା ଦାସଂକ ଲିଖିତ ମହାଭାରତ ଯୁଦ୍ଧରେ ଅର୍ଜୁନ ବ୍ୟବହାର କରିଥିବା' 'ନୀଳବାଣ' ଓ 'ଭୁଜବାଣ' ଦେବୀଙ୍କଠାରୁ ପାଇ ଇଂରେଜଙ୍କୁ ତହିଁରେ ଧ୍ୱଂସ କରିବା ଉଦ୍ଦେଶ୍ୟରେ ଶ୍ମଶାନରେ ଶବ-ସାଧନା କରି ପାଗଳ ହୋଇ ଯାଇଥିବା ବୃଦ୍ଧ ତାନ୍ତ୍ରିକ ବ୍ରାହ୍ମଣ ଶିବ ନନ୍ଦଙ୍କୁ ମୁଁ ଆମ ନିଜ ଗାଁରେ ଦେଖିଚି । ଏହାର ଗୋଟିଏ ପରଂପରା ଅଛି । ସେ ପରଂପରାଟି ଆରମ୍ଭ ହୋଇଥିଲା, ସପ୍ତଦଶ ଶତାବ୍ଦୀର ମଧ୍ୟ ଭାଗରେ – ଖୋରଧାର ଗଜପତି ରାଜାମାନଙ୍କ ଦ୍ୱାରା ପ୍ରତିଷ୍ଠିତ ପୁରୀର ବ୍ରାହ୍ମଣ ଶାସନ ମାନଙ୍କରେ । ଶେଷ ପର୍ଯ୍ୟନ୍ତ ସେଇ ପରିସରରେ ତାହା ଏକ ପ୍ରକାର ସୀମାବଦ୍ଧ ରହିଥିଲା । ଏବେ ବି ଚଳଣିରେ ତାହାର ସ୍ପଷ୍ଟ ଛାପ ଅଛି ।

## ଏହାର ପୂର୍ବ ପରଂପରା :

ଦେବୀ ଉପାସନା ପୃଥିବୀରେ ଅତି ପ୍ରାଚୀନ – ମନେହୁଏ ଏହା ହିଁ ମାନବର ଆଦିମ ଉପାସନା ଅନ୍ୟାନ୍ୟ ସ୍ଥାନପରି ଓଡ଼ିଶାରେ ବନଦେବୀ ଓ ଗ୍ରାମ ଦେବତୀ ମାନ ଅଛନ୍ତି – ତାଙ୍କର ପରମ୍ପରା ବି ଅଛି । ଓଡ଼ିଶାରେ ଅତି ପ୍ରାଚୀନ କାଳରୁ ଯେଉଁ ଶରୀର ସାଧନା ଯୋଗ ଫୁଟିଥିଲା, ତାହା କେବେ ଦେବୀ ଉପାସନା ସଙ୍ଗେ ଯୋଡ଼ା ଯାଇଥିଲା କି ନା – ଯୋଡ଼ା ଯାଇଥିଲେ କେବେ, କିପରି ଯୋଡ଼ା ଯାଇଥିଲା, ଏବେ ଠିକ୍ କହି ହେଉ ନାଇ । କିନ୍ତୁ ବଙ୍ଗ, ଆସାମ, ନେପାଳରେ ବଜ୍ରଯାନ ତନ୍ତ୍ର ଓ କାଶ୍ମୀର ଓ



Digitized by PPRACHIN, SOA

ହିମାଳୟ ତଟ ଭୂମି ତଥା ତିବ୍ବତରୁ ଆସିଥିବା ଦେବୀ ତନ୍ତ୍ର ସଙ୍ଗେ ମିଶିଯାଇ କାଳକ୍ରମେ ହିନ୍ଦୁତନ୍ତ୍ରରେ ଆତ୍ମପ୍ରଦାନ କରିଥିଲା । ସେଇ ତନ୍ତ୍ରରେ ପଞ୍ଚମକାର ଉପାସନା ଅର୍ଥାତ୍ ଯୋନି ଜିହ୍ୱାର ସ୍ୱଚ୍ଛନ୍ଦ ସେବା ସଙ୍ଗେ ଦେବୀ ପ୍ରସାଦରେ ଅତି ଅଦ୍ଭୁତ କର୍ମ ସାଧିତ ହୁଏ ବୋଲି ଗୋଟାଏ ପରଂପରା ଫୁଟିଥିଲା । ଏଇ ପରଂପରା ସଙ୍ଗେ ବଜ୍ରଯାନରୁ ବାହାରିଥିବା ସହଜିଆ ବା ଗୌଡ଼ୀୟ ବୈଷ୍ଣବଙ୍କର ଶ୍ରେଷ୍ଠ ଭକ୍ତ ବା ଗୁରୁମାନଙ୍କର ସିଦ୍ଧିର ପରଂପରା ମଧ୍ୟ ଏଠାରେ ଉଲ୍ଲେଖ ଯୋଗ୍ୟ । ବଙ୍ଗ ଦେଶରେ ଏଇ ତାନ୍ତ୍ରିକମାନଙ୍କର ସିଦ୍ଧି ଓ ଅଦ୍ଭୁତ କ୍ରିୟାର ପରମ୍ପରା ବିଶେଷତଃ ମୁସଲମାନ କାଳରେ– ଖ୍ରୀ ୧୨୦୦ ଠାରୁ ଖୁବ୍ ଅତିକାୟ ରୂପେ ବିଶେଷରେ ଶିଷ୍ଟ ବ୍ରାହ୍ମଣଙ୍କ ଦ୍ୱାରା ଅଭ୍ୟସ୍ତ ଓ ପ୍ରଚ୍ଛରିତ ହୋଇଥିବା କଥା ଜଣାଶୁଣା ।

## ଏହାର ବ୍ୟାପ୍ତି—

ଓଡ଼ିଶାରେ ଶିଷ୍ଟ ଶାସନୀ ବ୍ରାହ୍ମଣମାନଙ୍କ ଭିତରେ ବଙ୍ଗଳାର ଶିଷ୍ଟ ବ୍ରାହ୍ମଣମାନଙ୍କ ଅନୁକରଣରେ ଏଇ ତନ୍ତ୍ରଗତ ଦେବୀପୂଜାର ପଂରପରା ଫିଟିଥିଲା । ସେଇ ସଂଗେ ମଧ୍ୟ ବଂଗଳାର ଚିର ପ୍ରତିଷ୍ଠିତ ବ୍ରାହ୍ମଣଙ୍କ କୌଳୀନ୍ୟ ଓଡ଼ିଶାରେ ପ୍ରବେଶ କରିଥିଲା । ଏଇ କୁଳୀନମାନଙ୍କୁ ଓଡ଼ିଶାରେ କହନ୍ତି 'ସାମନ୍ତ' । ୧୬୩୦ ରୁ ୧୬୫୦ ଖ୍ରୀଷ୍ଟାବ୍ଦ ମଧ୍ୟରେ ଓଡ଼ିଆ ବ୍ରାହ୍ମଣଙ୍କ ଭିତରେ ବସ୍ତୁସ ସାମନ୍ତ ନାମରେ ତତ୍କାଳୀନ ଖୋରଧା ଗଜପତି ରଜା ନରସିଂହ ଦେବଙ୍କର ବୀର ନରସିଂହ ପୁର ଶାସନ ଦାନବେଳେ ଏହାର ଅୟମାରମ୍ଭ ହୋଇଥିଲା ।

ଏଇ ଅଳ୍ପକାଳ ଭିତରେ ସେଇ ସାମନ୍ତମାନଙ୍କ ମଲ୍ଲମଣିଷ ଓ ଜନ୍ତୁଙ୍କୁ ବଞ୍ଚାଇ ଦେବାଠାରୁ ପବନରେ ଉଡ଼ିବା, ଗଛରେ ଚଢ଼ି ସେଇ ଗଛକୁ ଆକାଶରେ ଉଡ଼ାଇ ଚ୍ଛଲିବା, ଦିନକୁ ଗତି କରିବା, ଶତ୍ରୁକୁ ଇଚ୍ଛା ମାତ୍ରକେ ଧ୍ୱଂସ କରିବା ପ୍ରଭୃତି ଦେବୀ ସାହାଯ୍ୟରେ ଯେଉଁସବୁ ଅଦ୍ଭୁତ କର୍ମ ପରଂପରାର କିମ୍ବଦନ୍ତୀ ଫୁଟିଛି, ତାହା ଏକ ଆଡ଼େ ବଂଗୀୟ ସିଦ୍ଧ ଓ ତାନ୍ତ୍ରିକ ମାନଙ୍କର ପ୍ରତିସ୍ପର୍ଧା ଛଡ଼ା ଆଉ କିଛି ନୁହେ, ଅନ୍ୟ ଆଡ଼େ ଏଥିରେ ପୁଣି ଧର୍ମଦ୍ରୋହୀ, ଦେବଦେବୀ ଧ୍ୱଂସକାରୀ ମୁସଲମାନ ତଥା ତତ୍ପରବର୍ତ୍ତୀ



Digitized by PPRACHIN, SOA

ଖୀରସ୍ତାନ ମାନଙ୍କୁ ଇଛାମାତ୍ରକେ ନିଜ ଅଦ୍ଭୁତ ଶକ୍ତିବଳରେ ମାରି ଧ୍ୱଂସ କରି ଦେବାର କାମନାଟି କ୍ରିୟାରୂପେ ପ୍ରକାଶ ପାଇବାର କଳ୍ପନା ସ୍ପଷ୍ଟ ଜଡ଼ିତ ରହିଚି ।

## ରାମନାମର ପ୍ରୟୋଗ–

ଏତିକି ବେଳେ ଓଡ଼ିଆଙ୍କ ଭିତରେ ବୃନ୍ଦାବନର କୃଷ୍ଣଙ୍କୁ ଏଡ଼ି କଥା କହିବାର ଆଉ କେତୋଟି ଚଳଣି ପ୍ରତି ଲକ୍ଷ କରଯାଇ ପାରେ । ଶବକୁ ଶ୍ମଶାନକୁ ନେଲା ବେଳେ ଓଡ଼ିଶାର କେତେକ ବୈଷ୍ଣବ ବଙ୍ଗାଳୀ ବୈଷ୍ଣବଙ୍କ ପରି 'ହରି' ନାମ କରନ୍ତି, 'ରାମ' ନାମ କରନ୍ତି ନାଇ । କହନ୍ତି 'ବୋଲ ହରି, ହରିବୋଲ' । କିନ୍ତୁ ଓଡ଼ିଆମାନେ ସାଧାରଣତଃ ହିନ୍ଦୀରେ କହନ୍ତି 'ରାମନାମ ସତ୍ୟ ହେ' । ଏହାର ମୂଳ କ'ଣ ତାହା ଅନୁସନ୍ଧାନ କରିବାର ଜିନିଷ । କାଳର ପ୍ରତି ଲେମରେ ଆଉ ଟିକିଏ ଗଲେ ଏଇ କଥାର ଅନ୍ୟ ସଂକେତ ବି ଦେଖିବାକୁ ମିଳେ । ପଞ୍ଚସଖାଙ୍କର ଗୌଡ଼ୀୟ ବୈଷ୍ଣବଙ୍କ ସଙ୍ଗେ ଯେଉଁ ଭେଦଟି ଥିଲା ତା'ର ବାହ୍ୟ ସଙ୍କେତ ହେଉଚି ଗୌଡ଼ୀୟ ବୈଷ୍ଣବମାନେ ହରିଙ୍କୁ କୃଷ୍ଣ ବୋଲି କହି, ପ୍ରଥମସ୍ଥାନ ଦେଉଥିଲା ବେଳେ ପଞ୍ଚସଖାଏ ସେଇ ହରିଙ୍କୁ ରାମନାମ ଦେଇ ପ୍ରଥମ ସ୍ଥାନ ଦେଉଥିଲେ । ଗୌଡ଼ୀୟଙ୍କର ବତିଶ ଅକ୍ଷରୀ ମନ୍ତ୍ରଥିଲା–

ହରେ କୃଷ୍ଣ ହରେ କୃଷ୍ଣ କୃଷ୍ଣ କୃଷ୍ଣ ହରେ ହରେ,
ହରେ ରାମ ହରେ ରାମ ରାମ ରାମ ହରେ ହରେ ।

କିନ୍ତୁ ପଞ୍ଚସଖାଙ୍କର ମନ୍ତ୍ରଟି ହେଉଚି–

ହରେ ରାମ ହରେ ରାମ ରାମ ରାମ ହରେ ହରେ,
ହରେ କୃଷ୍ଣ ହରେ କୃଷ୍ଣ କୃଷ୍ଣ କୃଷ୍ଣ ହରେ ହରେ ।

( ଏ ବିଷୟରେ ବିଶେଷ ଜାଣିବା ପାଇଁ ଦିବାକର ଦାସଙ୍କ ଜଗନ୍ନାଥ ଚରିତାମୃତ ଦେଖ । )

ଏବେ ମଧ୍ୟ ଜନତା ଭିତରେ କଥା କହିଲା ବେଳେ ଲୋକେ ଶପଥର ସଙ୍କେତରେ କହନ୍ତି, 'ହରେରାମ', ଓ 'ରାମରାମ', ଯଥା– "ହରେ ରାମ, ମୁଁ ଏକଥା କହିନାଇ,"–"ରାମ ରାମ, ମୁଁ ଏକଥା କହିନାଇ ।" କିନ୍ତୁ ସ୍ପଷ୍ଟ ମାଳି ତିଳକ ଛାପା ନାମାବଳୀ ଧାରୀ ଗୌଡ଼ୀୟ ବୈଷ୍ଣବମାନେ ଠିକ୍ ଏଇ କଥାଟି ଜାଗାରେ କହନ୍ତି, 'ହରେକୃଷ୍ଣ' ।



Digitized by PPRACHIN, SOA

## ଏହି ପ୍ରୟୋଗରେ ଉପେନ୍ଦ୍ର ଭଞ୍ଜ ଓ ବଶି ଖୁଣ୍ଟିଆ–

କିନ୍ତୁ ଉପେନ୍ଦ୍ର ଭଞ୍ଜଙ୍କଠାରେ ଯେଉଁ ରାମ ଉପାସନା ହଠାତ୍ ଫୁଟି ଉଠିଥିବାର ଦେଖାଯାଏ, ତାହାର କାରଣ କ'ଣ ? ଉପେନ୍ଦ୍ର ଭଞ୍ଜ ନିଜେ ଲେଖି ଯାଇଛନ୍ତି, ସେ 'ରାମ ତାରକ' ମନ୍ତ୍ର ଜପ କରି ସେଇ ଜପ ଫଳରେ ନିଜର କବିତ୍ୱ ଶକ୍ତି ଲାଭ କରିଥିଲେ । ବୈଷ୍ଣବ ସାହିତ୍ୟର ଘୋର ପ୍ରଭାବ ଭିତରେ ଭଂଜୀୟ କାବ୍ୟମାନଙ୍କର ଆବିର୍ଭାବ ଓ ତହିଁରେ ରାଗମାନଙ୍କ କାଳରେ ଆବିଷ୍କୃତ ଛାନ୍ଦବଳୀ କେବଳ ପଣ୍ଡିତ ମାନଙ୍କର ବୋଧବ୍ୟ ଶବ୍ଦାଳଙ୍କାରର ବିଶାଳ ଛଟା ସଙ୍ଗେ ପ୍ରକାଶ ପାଇଥିବାର ହେତୁ ମଧ୍ୟ ଏଥି ସଙ୍ଗେ ଲକ୍ଷ କରିବାର ଅଛି । ଭଞ୍ଜ ପୁଣି ନିଜେ ନିଜର କାବ୍ୟ ଲେଖିବାରେ ଶୁଭ ଦେଇଥିଲେ, 'ବୈଦେହୀଶ ବିଳାସ'ରେ । ଭଂଜୀୟ ସାହିତ୍ୟରେ ଅନ୍ୟତ୍ର ମଧ୍ୟ ରାମଙ୍କର ପ୍ରତିପତ୍ତି, ସେତିକି ବେଳେ ପୁଣି ଆଉ ଗୋଟିଏ ଦିଗରେ ଯେପରି କି ଅଜ୍ଞାତ ବିରୋଧରେ ଉଦ୍‌ବୋଧ ପରି ପ୍ରକାଶ ପାଇଥିଲା, ବିଶ୍ୱନାଥ ଖୁଣ୍ଟିଆଙ୍କ 'ବିଚିତ୍ର ରାମାୟଣ' । ସେପରି ସୁନ୍ଦର ସରଳ କାବ୍ୟକଳା ତା' ପୁଣି ସ୍ୱଷ୍ଟ ରାମ ଚରିତ ଘେନି, ଓଡ଼ିଆ ସାହିତ୍ୟରେ ଅନ୍ୟତ୍ର ପ୍ରକାଶ ପାଇଚି ବୋଲି ମନେହୁଏ ନାଇ । ଏ ସବୁର ପ୍ରକାଶ ସପ୍ତଦଶ ଶତାବ୍ଦୀର ଶେଷ ଓ ଅଷ୍ଟାଦଶ ଶତାବ୍ଦୀର ଆଦ୍ୟ ଭାଗ । ଭୂପତି ପଣ୍ଡିତଙ୍କର 'ପ୍ରେମ ପଂଚାମୃତ' ପରି ବିଭସ୍ୱ ଯୌନରସାଶ୍ରିତ ବୈଷ୍ଣବ କାବ୍ୟ ଏଇ ସମୟର ହେଲେ ମଧ୍ୟ ଦକ୍ଷିଣ ଓଡ଼ିଶାର ବା ଜଗନ୍ନାଥଙ୍କୁ ଅବଧରି ରହିଥିବା ଓ ଅଞ୍ଚଳରେ ବିଦ୍ରୋହର ସ୍ୱଭାବ ଉଚ୍ଛ୍ୱାସ ପରି, ଜାତୀୟ ସାହିତ୍ୟର ଏ ପ୍ରକାଶ ପୁରା ଅନୁସନ୍ଧାନରେ ଆସି ନାଇ । ତଥାପି ଏହାର ପୁରା ଅର୍ଥ ଓ ଉପଯୋଗିତା ଅଛି ।

## ପୁରୀ ଶାସନୀ ବ୍ରାହ୍ମଣଙ୍କ ସଂସ୍କୃତ ଚର୍ଚ୍ଚା ଓ ମହାରାଷ୍ଟ୍ରୀ ସମ୍ବନ୍ଧ :–

ଏତିକି ବେଳର ଆଉ ଗୋଟିଏ ଘଟଣା ଦେଖି ବୁଝିବାର ଅଛି । ମନେହୁଏ, ପୁରୀ ପାଖ ବୀର ପ୍ରତାପ ପୁର ଗ୍ରାମର 'ମାର୍କଣ୍ଡେଶ କବୀନ୍ଦ୍ର' ନିଜର 'ପ୍ରାକୃତ ସର୍ବସ୍ୱ' ଗ୍ରନ୍ଥ ଏଇ ସମୟରେ ଲେଖିଥିଲେ । ପରଂପରାରୁ ଜଣାପଡ଼େ, କୁଳୀନ ମାନଙ୍କ ପ୍ରତିଷ୍ଠାର ଅବ୍ୟବହିତ ପରେ ବିଶେଷତଃ



Digitized by PPRACHIN, SOA

ବୀର ନରସିଂହ ପୁରିଆ କୁଳୀନ ମାନଙ୍କ ଭିତରେ ସଂସ୍କୃତର ଶାସ୍ତ୍ର ଓ ଦର୍ଶନ ଚର୍ଚ୍ଚା ଓ ତହିଁ ସଙ୍ଗେ ନାଟକ ଲେଖା ଖୁବ୍ ପ୍ରକାଶ ପାଇଥିଲା । ସେମାନଙ୍କ ବିଦ୍ୟା ବିଭବ ପ୍ରକାଶ କରିବାର ସ୍ଥାନ ଥିଲା, ମହାରାଷ୍ଟ୍ର ରାଜ୍ୟ–ବିଶେଷତଃ ପୁନାରେ ପେଶବାଙ୍କ ଦରବାର । ସେକାଳ ସାମନ୍ତ, ଗୁନ୍ଦୁ ରାଇଗୁରୁ ବିଶି ପାତ୍ରୁଣୀଙ୍କ ନାଟକମାନଙ୍କ ଭିତରୁ କେତେକ ଏବେ ମିଳିଚି । କିମ୍ବଦନ୍ତୀ କହେ, ସେମାନଙ୍କ ମାଆଙ୍କର ଚକ୍ଷୁରୋଗ ହେବାରୁ ଭସ୍ମ ପାଇଁ ମୁକ୍ତା ଦରକାର ହେଲା–ଗଜପତି ରଜା ମୁକ୍ତା ଦେଲେ ନାହିଁ । ତହୁଁ ସେ ପୁନାକୁ ଯାଇ ସେଠାରୁ ଅଠର ବଳକ ( ଗୁଆପରି ଏହା ବୋଧହୁଏ ମୁକ୍ତାଗଣନାର ଗୋଟିଏ ମାପ ) ମୁକ୍ତାଆଣି, ସର୍ବ ସମକ୍ଷରେ ନିଜ ଦାଣ୍ଡ ଦୁଆରେ ପୋଡ଼ି ଭସ୍ମ କରିଥିଲେ ।

ଏହି ନାଟକ ଲେଖା ସେଇ ସାମନ୍ତମାନଙ୍କ ଭିତରେ ଗୋଟିଏ ବଂଶ ପରଂପରରେ ପରିଣତ ହୋଇ ଯାଇଥିଲା । ସେଇ ପରଂପରର ଶେଷ ପ୍ରକାଶିତ ନାଟକ ଖଣ୍ଡି ହେଉଚି– ଏଇ ପୁରୀ ସଂସ୍କୃତ କଲେଜର ପ୍ରଥମ ପ୍ରିନ୍ସପାଲ, ସାମନ୍ତ ବିଶ୍ୱନାଥ ମହାପାତ୍ରଙ୍କ 'ସାବିତ୍ରୀ ପରିଣୟାଖ୍ୟଂ ନାଟକଂ' । ଗତ ଊନବିଂଶ ଶତାବ୍ଦୀର ଶେଷବର୍ଷ ମାନଙ୍କରେ ଏଇ ନାଟକଟିକୁ ସଂସ୍କୃତରେ ଲେଖିସାରି, ପ୍ରାକୃତ ବ୍ୟାକରଣ ଧରି ଛାତ୍ରମାନଙ୍କୁ ଲଗାଇ ତାର ପ୍ରାକୃତ ଅଂଶ ସବୁ ସଂସ୍କୃତରୁ ଭିନ୍ନ ଭିନ୍ନ ପ୍ରକାର ଭାଷା ଓ ବିଭାଷାରେ ପରିଣତ କରିଥିବାର ମୁଁ ଦେଖିଚି । ପୁରୀର ପୁଣ୍ୟଶ୍ଳୋକ ମୁକ୍ତିଆର ସ୍ୱର୍ଗତ ରାମଚନ୍ଦ୍ର ଦାଶ ସେଇ ନାଟକଟିକୁ ଓଡ଼ିଆ ଅକ୍ଷରରେ ଛପାଇଥିଲେ । ଏବେ ତାହା କାହାରି କାହାରି ପାଖରେ ଥାଇ ପାରେ । ନାଟକ ପାଇଁ ପ୍ରାକୃତ ଭାଷା ଓ ବିଭାଷା ମାନଙ୍କର ଆଲୋଚନା ଦରକାର । ମାର୍କଣ୍ଡେୟ କବୀନ୍ଦ୍ରଙ୍କ 'ପ୍ରାକୃତ ସର୍ବସ୍ୱ' ପୁଣି ଏକ ବୃହତ୍, ବୋଧହୁଏ ଶେଷ ପ୍ରାକୃତ ବ୍ୟାକରଣ । ମାର୍କଣ୍ଡେୟ ନିଜେ କହିଛନ୍ତି, ସେ ମୁକୁନ୍ଦଦେବଙ୍କ କାଳରେ ବୀର ପ୍ରତାପପୁରେ ଏହା ଶେଷ କରିଥିଲେ । ଏଇ ମୁକୁନ୍ଦ ଦେବ ହେଉଚନ୍ତି, ଖୋରଧାର ଗଜପତି ପ୍ରଥମ ମୁକୁନ୍ଦ ଦେବ ଖ୍ରୀ (୧୬୬୪-୧୬୯୨) । ଖୁବ୍ ସମ୍ଭବ ପୁନାରେ ଏହା ଆରମ୍ଭ ହୋଇଥିଲା । ଆଉରି ବିଶେଷ କଥା, ଏଥିରେ ପ୍ରାକୃତ ଭାଷାର ମୂଳ ଧରଯାଇଚି ମହାରାଷ୍ଟ୍ରୀରୁ ।



Digitized by PPRACHIN, SOA

## ରାମ ଉପାସନା ଓ ମହାରାଷ୍ଟ୍ର

ପୁଣି କୃଷ୍ଣଙ୍କ ପରିବର୍ତ୍ତେ ଓଡ଼ିଶାରେ ଯେଉଁ ରାମର ପ୍ରଭାବ କଥା କୁହାଗଲା, ତାହା ହୁଏତ ମହାରାଷ୍ଟ୍ରୀ ପ୍ରଭାବର ଫଳ । ନଚେତ୍ ଅନ୍ତତଃ ଏହା ମହାରାଷ୍ଟ୍ରର ପ୍ରଭାବରେ ଦୃଢ଼ୀଭୂତ ହୋଇଥିଲା । ଉପେନ୍ଦ୍ର ଭଞ୍ଜଙ୍କ ଛାନ୍ଦ ସାହିତ୍ୟ ସାଙ୍ଗକୁ 'ରାମ ତାରକ' ମନ୍ତ୍ର ଓ ଅନ୍ୟଥା କୃଷ୍ଣ ପରିବର୍ତ୍ତରେ ରାମଙ୍କୁ ଉପାସ୍ୟ କରି ଧରିବାଟା ମଧ୍ୟ ସଂପୂର୍ଣ୍ଣ ଏଇ ମହାରାଷ୍ଟ୍ର ପ୍ରଭାବର ଫଳ ହୋଇପାରେ । କାହିଁକିନା ତ୍ରୟୋଦଶ ଶତାବ୍ଦୀ ଠାରୁ ଉତ୍ତର ଭାରତ ଓ ଓ ପଶ୍ଚିମ ଭାରତରେ ଯେଉଁ ରାମ ଉପାସନା କ୍ରମେ ପ୍ରତିଷ୍ଠା ପାଇ ଆସିଥିଲା, ଶିବାଜୀଙ୍କ କାଳରୁ ତାହାର ଗୋଟିଏ ମୁଖ୍ୟ ସ୍ଥାନ ହୋଇଥିଲା ମହାରାଷ୍ଟ୍ର । ଶିବାଜୀଙ୍କ ଗୁରୁ ରାମ ଦାସ ଥିଲେ ସ୍ୱଷ୍ଟ ରାମ ଉପାସକ ।

## ସାରା ଭାରତର ମୋଗଲ ଓ ମୁସଲମାନ କାଳରେ ଜଗନ୍ନାଥ

ମାନସିଂହଙ୍କ ସମୟର ଖୋରଧାର ଗଜପତି ମହାରାଜ ରାମଚନ୍ଦ୍ର ଦେବଙ୍କ କଥା ଟିକିଏ କୁହାଯାଇଚି । ସେ ମନସ୍ୱୀ ମହାପୁରୁଷ ଭାରତ ବ୍ୟାପୀ ଜଗନ୍ନାଥଙ୍କ ପ୍ରତିଷ୍ଠାକୁ ବଢ଼ାଇ ଚିରନ୍ତନ ଜୀବନ୍ତ ପ୍ରଚାରରେ ଜାଗ୍ରତ ରଖିବାର ଯେ ଉଦ୍ୟମ କରି ଯାଇଥିଲେ, ତାହାର ଉପମା ନାଇ । ଛତିଶା ନିଯୋଗ ଓ ମୁକ୍ତି ମଣ୍ଡପକୁ ଶୃଙ୍ଖଳିତ କରି ସେ ଏଇ କଳ୍ପନାକୁ କାର୍ଯ୍ୟରେ ପରିଣତ କରିଥିଲେ ।

ଏବେ ମଧ୍ୟ ପୁରୀ ପଣ୍ଡା ଓ ପଣ୍ଡାଙ୍କ ପ୍ରେରିତ ଗୁମାସ୍ତାମାନେ ଭାରତର ସମସ୍ତ ପଲ୍ଲୀରେ ପ୍ରତିଦିନ ବୁଲୁଛନ୍ତି; ପାଦପୂଜା ପାଉଚନ୍ତି । ପୁରୀ ପଣ୍ଡାଙ୍କର ଯାତ୍ରୀଙ୍କ ପ୍ରତି ଅତୁଳନୀୟ ଆତିଥେୟତା ଓ 'ଆଟିକାଭେଟ'ର ବାକୀ ଟଙ୍କା ଆଦାୟ କରିବା ସୂତ୍ରରେ ଆଜି ମଧ୍ୟ ଏ ପ୍ରଚାର ଓ ତହିଁ ସଂଗେ ପୁରୀ ପଣ୍ଡା ଓ ଜଗନ୍ନାଥଙ୍କ ପ୍ରତିଷ୍ଠା ଓ ପ୍ରତିପତ୍ତି ଅକ୍ଷୁର୍ଣ୍ଣ ରହିଛି । ଏଇ ସୂତ୍ରରେ ଆଜି ହୁଏତ ଅନ୍ତତଃ ପାଂଚ ହଜାରରୁ ଅଧିକ ଲୋକ ସମସ୍ତ ଭାରତର ପୁରପଲ୍ଲୀରେ ଏଇ ଅଜ୍ଞାତ ଅଥଚ ଜୀବନ୍ତ ପ୍ରଚାର କାର୍ଯ୍ୟରେ ବୁଲୁଥିବେ । ବହୁଳ ମୁସଲମାନ ଅଧ୍ୟୁସିତ ପୂର୍ବବଂଗ ଓ ପଶ୍ଚିମ ପଞ୍ଜାବରେ ପୁରୀ ପଣ୍ଡା ଓ ଗୁମାସ୍ତାଙ୍କର ଏ ପ୍ରତିଷ୍ଠା ଓ ପ୍ରତିପତ୍ତିର



Digitized by PPRACHIN, SOA

କଥା ଅନେକଙ୍କର କାଲିପରି ମନେଥିବ– ଏବେ କ'ଣ ହୋଇଚି, ଅବଶ୍ୟ କହି ହେଉନାଇ । ସେଇ ସବୁ ଅଂଚଳରେ ଏଇମାନେ ଥିଲେ ସାକ୍ଷାତ୍ ଜଗନ୍ନାଥ । ଏବେ ବି ଭରତର ଦୂର ପଲ୍ଲୀମାନଙ୍କରେ ଅବସ୍ଥା ଠିକ୍ ସେଇଆ ।

## ଗୁଖି ଖୁଣ୍ଟିଆ ବା ଚନ୍ଦନ ହଜୁରୀ —

ସପ୍ତଦଶ ଶତାବ୍ଦୀର ଆଦ୍ୟ ଭଗର ଶେଷାର୍ଦ୍ଧ ବେଳକୁ ଏ ପ୍ରଗ୍ରକ୍ରିୟା ଭରତରେ ବ୍ୟାପକ ମୋଗଲ ରଜତ୍ୱ ତଥା ଅନ୍ୟତ୍ର ମୁସଲମାନ ରଜତ୍ୱ ସତ୍ତ୍ୱେ ଖୁବ୍ ପ୍ରତିଷ୍ଠିତ ହୋଇ ସାରିଥିଲ । ପଣ୍ଡା ଓ ବ୍ରାହ୍ମଣମାନେ ଭିତରେ ଭିତରେ ହିନ୍ଦୁଙ୍କର ଅଭ୍ୟୁତ୍‌ଥାନ ଲୋଡୁଥିଲେ ଓ ଲକ୍ଷ କରୁଥିଲେ । ମହାରଷ୍ଟ୍ର ଓ ରଜସ୍ଥାନ ଏପରିକି ପଞ୍ଜାବର ତତ୍‌କାଳୀନ ଶିଖମାନଙ୍କ ସଙ୍ଗେ ଜଗନ୍ନାଥ ଭୂମିର ତଥା ଜଗନ୍ନାଥର ପଣ୍ଡା ଓ ବ୍ରାହ୍ମଣମାନଙ୍କର ପବିତ୍ର ସମ୍ବନ୍ଧ ସ୍ଥାପିତ ହୋଇଥିଲ । ତହିଁର ଗୋଟିଏ ସ୍ପଷ୍ଟ ଓ ଶ୍ରେଷ୍ଠ ସଂକେତ ହେଉଚି, ପୁରୀର ଗୁଖି ଖୁଣ୍ଟିଆ ବା ଚନ୍ଦନ ହଜୁରୀ । ୧୮୫୭ରେ ଦେଶରେ ଇଂରେଜମାନଙ୍କ ବିରୁଦ୍ଧରେ ଯେଉଁ ସ୍ୱାଧୀନତାର ସଂଗ୍ରାମ ଆରମ୍ଭ ହୋଇଥିଲ, ସେଥିରେ ଏଇ ଚନ୍ଦନ ହଜୁରୀ ଥିଲେ ନାନା ସାହେବଙ୍କ ହିନ୍ଦୁସେନାର ଏକ ପ୍ରକାର ଉପଦେଷ୍ଟା–ଧର୍ମନେତା । ଝାନ୍‌ସୀ ରଣୀ ଲକ୍ଷ୍ମୀବାଈଙ୍କ ରଜ୍ୟର ସେନା ଓ ଲୋକଙ୍କ ସଂଗେ ଏହାଙ୍କର ସମ୍ବନ୍ଧ ଓ ସେଇ ସୂତ୍ରରେ ସିପାହୀମାନଙ୍କ ଭିତରେ ପ୍ରତିପତ୍ତିର କଥା ଏବେ ମଧ୍ୟ ପୁରୀର ଘରେ ଘରେ ଜଣାଶୁଣା । ତାଙ୍କରି ହିନ୍ଦୁ ସେନାଙ୍କୁ ଏଇ ପ୍ରଥମ ଜାତୀୟ ସଂଗ୍ରାମରେ ଉଦ୍‌ବୁଦ୍ଧ କରି ରଖିବା ଥିଲ ତାଙ୍କରି କାମ । ସେଥିସଂଗେ ସେହି ଉଦାର ମନସ୍ୱୀ ଧର୍ମ, କର୍ମବୀର ମୁସଲମାନ ସେନା ଓ ଅଧିପତିମାନଙ୍କୁ ଏଇ ହିନ୍ଦୁ ସଂଗେ ବାଂଧି ରଖିବାରେ ଖୁବ୍ ସହାୟତା କରିଥିଲେ । ଅବଶ୍ୟ ଏହାର ଇତିହାସ, ଏବେ ସୁଦ୍ଧା ପୁରପୁରି ସଂଗୃହୀତ ହୋଇ ଲେଖା ହୋଇନାଇ । ତଥାପି କଳ୍ପନାରେ ଏହାର ପୃଷ୍ଠପଟକୁ ଗ୍ହିଁଲେ, ବେଶ୍ ବୁଝାଯାଉଚି, ସପ୍ତଦଶ ଶତାବ୍ଦୀର ଶେଷାର୍ଦ୍ଧଠାରୁ ଓଡ଼ିଶା ଓ ମହାରଷ୍ଟ୍ର ଭିତରେ କିପରି ସଂବଂଧ ଜାଗ୍ରତ ହୋଇ ଉଠିଥିଲ ଓ ସେଇ କାଳରେ ଓଡ଼ିଆ ସାହିତ୍ୟରେ ଭଂଜ ଓ ବିଶି ଖୁଣ୍ଟିଆ ପ୍ରଭୃତି ଯେଉଁ



Digitized by PPRACHIN, SOA

ଉଦ୍‌ବୋଧ ପ୍ରକାଶ କରିଥିଲେ, ତାହା ମୂଳରେ ମହାରାଷ୍ଟ୍ର ତଥା ମହାରାଷ୍ଟ୍ରରେ ହିନ୍ଦୁ ଅଭ୍ୟୁଦୟର କି ପ୍ରଭାବ ଓ ପ୍ରେରଣା ଥିଲା ।

## ଏସବୁ ଭିତରେ ଜଗନ୍ନାଥ–

ଏଇସବୁ ଘଟଣା ଗଣି ଏକତ୍ର କରି ବୁଝି ବସିଲେ, ଏଥିରୁ ବେଶ୍ ବୁଝାଯାଇ ପାରେ, ଜଗନ୍ନାଥଙ୍କୁ ଅବଧରି ରହିଥିବା ଓଡ଼ିଆମାନେ, ମୁସଲମାନ ମାନଙ୍କ ଅତ୍ୟାଚାରରେ ତ୍ରାହି ତ୍ରାହି ଡାକିବା ଭଳି ଅବସ୍ଥାରେ ପଡ଼ିବା ବେଳେ ମଧ୍ୟ ଭାରତରେ ହିନ୍ଦୁତ୍ୱ ଓ ହିନ୍ଦୁ ପ୍ରତିଷ୍ଠାର କି ପ୍ରାଣ ଓ ପ୍ରେରଣା ଉଠାଇ-ଥିଲେ । ଏତେବେଳେ ଯେଉଁମାନେ ଗୌଡ଼ୀୟ ବୈଷ୍ଣବଙ୍କର ପରକୀୟା ପ୍ରେମରୁ ଯଥେଷ୍ଟ ଯୌନରସ ଆସ୍ୱାଦନ କରି 'ପ୍ରେମ ସଂଗ୍ରାମୃତ' ଠାରୁ 'ବିଦଗ୍ଧ ଚିନ୍ତାମଣି' ପର୍ଯ୍ୟନ୍ତ ଗ୍ରନ୍ଥ ଲେଖୁଥିଲେ, ସେମାନଙ୍କ ଓ ତହିଁସଙ୍ଗେ କବିସୂର୍ଯ୍ୟ ବ୍ରହ୍ମାଙ୍କ 'ସଙ୍ଗୀତ ରସାବଳୀ'ରୁ ଉଭାରତି ପର୍ଯ୍ୟନ୍ତ ଆସ୍ୱାଦନ କରୁଥିଲେ, ସେମାନଙ୍କ କଥା କହିବା ଦରକାର ନାଇ । ସେମାନେ ଜାତିକୁ ଟେକୁଥିଲେ, ଧୋଇ ଶୁଖାଇ ଖାଉଥିଲେ, କି ଜାଣିଶୁଣି ଧ୍ୱଂସ ଆଡ଼କୁ ନେବାରେ ନିଜ କୃତିତ୍ୱର ବିଳାସ ଚରିତାର୍ଥ କରୁଥିଲେ, ତା ଆଲୋଚନା କରିବାରେ ଆମର କୃତିତ୍ୱ କିଛିନାଇ । କିନ୍ତୁ ପ୍ରାଣପୀଡାରେ ଗ୍ରସ୍ତ ହୋଇ, ଧର୍ମ ଓ ସଂସ୍କୃତି ରକ୍ଷାର ଅଭିଳାଷ ଘେନି ସଂଖ୍ୟାଏ ଭ୍ରାନ୍ତ ହୁଏତ ତନ୍ତ୍ରରେ ମାତିଥିଲେ । ଆଉ ସଂଖ୍ୟାଏ ବରାବର ଅପେକ୍ଷା କରିଥିଲେ କୌଣସିଠାରେ ମୁସଲମାନ ପରାକ୍ରମ ବିଧ୍ୱଂସୀ ହିନ୍ଦୁ ଶକ୍ତିର ଅଭ୍ୟୁତ୍‌ଥାନ ପାଇଁ ।

## ଏଇ ଜଗନ୍ନାଥ ସେବାର ପନ୍ଥା–

ଏଇମାନେ ଯଥାର୍ଥରେ ପୁରାଣ ପ୍ରସିଦ୍ଧ ମୈତ୍ରୀଦେବ ଜଗନ୍ନାଥଙ୍କୁ ଅବଲମ୍ବନ କରି ବିଶାଳ ଭାରତୀୟ ସଂସ୍କୃତି ସଙ୍ଗେ ଓଡ଼ିଶାର ସଂସ୍କୃତିକୁ ଅଙ୍ଗାଙ୍ଗୀ ଭାବେ ଉପଲବ୍‌ଧି କରୁଥିଲେ ଓ ସେଇ ସଂସ୍କୃତିରେ ନିୟତି ଓ ଭବିଷ୍ୟତ ପାଇଁ ଅପେକ୍ଷା କରି ରହି ପ୍ରାଣ ପ୍ରାଚୁର୍ଯ୍ୟରେ ଜୀବନ୍ତ ଓ କର୍ମବନ୍ତ ଥିଲେ । ଏକଥା ଯଥାର୍ଥ ଅବବୋଧରେ ଆଜି ଆଣିଲେ ସେ କାଳର ଓଡ଼ିଆ



Digitized by PPRACHIN, SOA

ସାହିତ୍ୟ ଚର୍ଚ୍ଚାରେ ଆମକୁ ଯଥାର୍ଥ ବାଟ ଦେଖାଯିବ । ଅନ୍ୟଥା ଆମ ଭଙ୍ଗେ ବଡ଼, ଆମ ଭଷା ବେଶି ଯୌନ ରସବନ୍ତ ଓ ମଧୁର, ପରକୀୟା ପ୍ରେମର ଦର୍ଶନ ବା ଅପଦର୍ଶନ ମୁସଲମାନ କାଳର ଆମରି କବିମାନେ ଭଲ କରି ବୁଝି ପ୍ରକାଶ କରିଥିଲେ । ଏହିପରି ଗୁଡ଼ାଏ ପୃଷ୍ଠପଟ କଳ୍ପନାରେ ଧରି ତା ଉପରେ ଓଡ଼ିଆ ସାହିତ୍ୟ ଆଲୋଚନାର ଚିତ୍ର ଆଙ୍କିଲେ, ସେ ଚିତ୍ର ଯେତେ ରଙ୍ଗରେ ଚକୀ ହେଉନା କାହିଁକି, ତା ଏ କ୍ଷେତ୍ରରେ ସଙ୍ଗତ ଓ ସମିଚୀନ ନୁହେ । ଓଡ଼ିଆ ଆଜି ଯେ ପୃଥିବୀରେ ଓ ଭାରତରେ ବିଂଚିଚି, ତାର କାରଣ ଅଛି ଓ ନୈଷର୍ଗିକ ନିୟମରେ ଏ ବଂଚିବାର ଯଥାର୍ଥ ଉପଯୋଗିତା ମଧ୍ୟ ଅଛି । ସେ ଉପଯୋଗିତାର ଭିତ୍ତି ଓ ପ୍ରସାର ଫେଡ଼ି ସେଇ ପୃଷ୍ଠପଟ ଉପରେ ସାହିତ୍ୟାଲୋଚନାର ଚିତ୍ର ଫୁଟାଇବାକୁ ହେବ । ଅତି ଦୁଃଖର କଥା ବେଳେ, ଏଇ ଭିତ୍ତି ଓ ଏଇ ପ୍ରସାର ଦେଖି ଦେଖାଇବା ଉଦ୍ୟମ ଏଠି କମ ହୋଇଚି । ଏତିକି ବୁଝାଗଲେ ଯଥେଷ୍ଟ ହେବ ।

●



Digitized by PPRACHIN, SOA

ଦ୍ୱିତୀୟ ଅଧ୍ୟାୟ –

# ଓଡ଼ିଆ ଭାଷା ଓ ଲିପିର କ୍ରମ ବିକାଶ

ପଣ୍ଡିତ ନୀଳକଣ୍ଠ ଦାସ

## ୧. ପ୍ରସ୍ତାବନା

ଭାଷା ସଙ୍ଗେ ଓଡ଼ିଆ ସାହିତ୍ୟର ଆଦି-ପ୍ରକାଶ ଓ ଅଭିବୃଦ୍ଧି ବିଚାର କରିବାକୁ ହେଲେ, ପ୍ରଥମେ ଏ ସମ୍ବନ୍ଧରେ ଭାରତୀୟ ପରିସ୍ଥିତି ପ୍ରତି ପଦେ ପଦେ ଲକ୍ଷ୍ୟ କରିବାର ଅଛି । ଭାରତୀୟ ଜାତି ମିଶ୍ରଣ ଓ ଭାବଧାରା ସହିତ ଓଡ଼ିଶାର ଅଙ୍ଗାଙ୍ଗୀ ସମ୍ବନ୍ଧ । ଓଡ଼ିଶାର କେତେକ ବିଶେଷତ୍ୱ ଓ ସ୍ଥଳ ବିଶେଷରେ ସ୍ପଷ୍ଟ ବାରି ହେବା ଭଳି ସଙ୍କେତ ଓ ଉପାଦାନ ମାନ ଥିଲେ ମଧ୍ୟ ଭାରତୀୟ ସାହିତ୍ୟ ବିକାଶ ସଙ୍ଗେ ଏହାର ଆଲୋଚନା ଏକାନ୍ତ ଆବଶ୍ୟକ ।

ପଣ୍ଡିତମାନେ ସ୍ଥିର କରନ୍ତି, ମାନବ ଜାତିର କ୍ରମ ପ୍ରକାଶ ହିସାବରେ ଅତି ଆଦିମ ଭାରତୀୟ ଥିଲେ ଏବଂ ଆଫ୍ରିକୀୟ ନିଗ୍ରୋଙ୍କ ପୂର୍ବ ପୁରୁଷ ଭଳି । ସେମାନଙ୍କର ଅବଶେଷ ଭାରତରେ ବାରି ହେବା ଭଳି ଆଉ କିଛି ନାହିଁ । ଆଣ୍ଡାମାନ ଓ ନିକୋବରର ଆଦିମ ଅଧିବାସୀ ମାନେ ଏହି ଜାତିର ଲୋକ । ଦ୍ୱିତୀୟ ପ୍ରସ୍ତର ଭାରତୀୟ ଅଧିବାସୀ ହେଉଛନ୍ତି କୋଲ ବା ଅଷ୍ଟ୍ରିକ ଜାତିର ଲୋକ । ପଣ୍ଡିତମାନେ ଗବେଷଣା ଫଳରେ ସିଦ୍ଧାନ୍ତ କରୁଛନ୍ତି, ଏମାନେ ଉତ୍ତର ପଶ୍ଚିମ ପଟୁ ଭାରତକୁ ଆସିଥିଲେ ।

ନିଷାଦ ଜାତିର ଏକ ମିଶ୍ରିତ ପରିଣତି ହେଉଛନ୍ତି 'ଶବର' । ଏବେ ଜଣା ପଡ଼ୁଛି, ପଶୁପତି ମହାଦେବଙ୍କ ପୂଜା ଏହିମାନେ ପ୍ରଥମେ

Digitized by PPRACHIN, SOA

ଭାରତରେ ପ୍ରଚାର କରିଥିଲେ । ତାପରେ ଆସିଥିଲେ ଦ୍ରାବିଡ଼ ମାନେ ; ପଣ୍ଡିତମାନେ ସିଦ୍ଧାନ୍ତ କରନ୍ତି, ଏମାନେ ଆସିଥିଲେ ଭୂମଧ୍ୟ ସାଗର କୂଳ ଆଡୁ । ଦେବ ଦାସୀ ଭଳି ଅନୁଷ୍ଠାନମାନ ଏଇ ଦ୍ରାବିଡ଼ ମାନଙ୍କ ମଧ୍ୟରେ ପ୍ରକାଶ ପାଇଥିଲା । ପ୍ରାଚୀନ ମେସୋପଟାମିଆର ସୁମେରୀୟମାନେ ଏଇ ଦ୍ରାବିଡ଼ମାନଙ୍କର ଏକ ଶାଖା ବା ସମ ଜାତି ଥିଲେ ବୋଲି ପୁଣି ପଣ୍ଡିତ ମାନେ ଅନୁମାନ କରନ୍ତି । କାପାଡ଼ୋସିୟା ବା ଏବର ମଧ୍ୟ ଏସିଆ-ମାଇନରରେ ଚାରି ହଜାର ପାଞ୍ଚ ଶହ ବର୍ଷ ତଳର ତଥା କ୍ରାଦିଆ ବା କ୍ରୀଟ୍ ଦ୍ୱୀପରେ ଯେଉଁ ସିଂହ ବାହିନୀ ସମ୍ଭବତଃ ସେଇ କାଳର ପର୍ବତ ଶୃଙ୍ଗାସୀନା ବା ପାର୍ବତୀ ଦେବୀ ମୂର୍ତ୍ତିମାନ ଏବେ ଖୋଳା ହୋଇ ବାହାରୁଛନ୍ତି, ସେଇ ସବୁ ଏଇ ଦ୍ରାବିଡ଼ ମାନଙ୍କର ଆଦି କୀର୍ତ୍ତିର ବିକାଶ ବୋଲି ଧରା ଯାଉଛି । ଭାରତରେ ହିମାଳୟ ସମ୍ପର୍କରେ ଏଇ ଦେବୀ ହେଉଛନ୍ତି ଅତି ପ୍ରାଚୀନ । କେନୋପନିଷଦରେ ଏହାଙ୍କର ନାମ 'ଉମା-ହୈମବତୀ' କାପାଡ଼ୋସିୟା ତଥା ପ୍ରାଚୀନ ବାବିଲିନ୍ ବା ସୁମେରୁରେ ଏହାଙ୍କର ନାମ ହେଉଛି 'ମା', 'ମାମୀ', 'ବୋଉ' ଓ 'ଆମ୍ମା' । 'ଅମ୍ମା' ଶବ୍ଦଟି ଦ୍ରାବିଡ଼ । ସେଇଥିରୁ ପରେ 'ଉମା' ଓ 'ଅମ୍ବା' ଶବ୍ଦର ବ୍ୟବହାର ସଂସ୍କୃତରେ ଚଳି ଯାଇଛି । 'ଅମ୍ବିକା' ଶବ୍ଦଟି ଅମ୍ବାର ଅନ୍ୟ ରୂପ । ମା ଅର୍ଥରେ ବୋଉ ଶବ୍ଦ ଏବେ ବି ଓଡ଼ିଆ ତଥା ଅସାମିଆରେ ଚଳେ । କ୍ରୀଟ ଦ୍ୱୀପରେ ଯେ ମାତୃଦେବୀଙ୍କ ପୂଜା ଅତି ପ୍ରସିଦ୍ଧ ଓ ପ୍ରଚଳିତ ଥିଲା, ଏହା ଖୋଦିତ ପ୍ରତ୍ନ ପ୍ରମାଣରୁ ସ୍ପଷ୍ଟ ହେଉଛି । ମାତ୍ର ସେ ଦେଶରେ ନାମ ବି କ'ଣ ଥିଲା ଜାଣି ହେଉ ନାହିଁ । କାରଣ ସେ ଦେଶର ସେ କାଳର ଖୋଦିତ ଲିପି ପଢ଼ା ହୋଇ ନାହିଁ । ବେଦ ଏଇ ଆର୍ଯ୍ୟ ମାନଙ୍କର ବୋଲି କୁହାଯାଏ । କ୍ରମେ ଯେପରି ଭାରତର ସବୁ ଧର୍ମ ସାହିତ୍ୟ ଓ ସଭ୍ୟତା ଆର୍ଯ୍ୟ ନାମରେ ଅଭିହିତ ହୋଇଗଲା ସେ ବିଷୟରେ ଏଠି ବିଶେଷ କହିବାର ଦରକାର ନାହିଁ ।

ଏହା ମଧ୍ୟରେ ଏହି ଶବର, ଦ୍ରାବିଡ଼ ଆର୍ଯ୍ୟ ସଭ୍ୟତାରେ ବୃହତ୍ତର ଭାରତରେ ମିଶି ଯାଇଥିଲା, ତିବ୍ବତୀୟ ସଭ୍ୟତା ଓ ଜାତି । ଏଇ ତିବ୍ବତୀୟ ଓ ବ୍ରହ୍ମଚିନ ମାନଙ୍କୁ ଆମ ଶାସ୍ତ୍ରୀୟ ଭାଷାରେ କହନ୍ତି କିରାତ । ଏମାନେ ଯେଉଁଠାରୁ ଆସିଥିଲେ, ସେଇ ଚିନ, ତିବ୍ବତୀୟ ଭୂମି ଭାଗକୁ ଆମେ କହୁଥିଲୁ



Digitized by PPRACHIN, SOA

ଭୋଟ ଦେଶ । ଏଇ ଭୋଟ ଦେଶର ଲୋକ ବୋଲି ପରେ ଭୁଟୀୟା ଶବ୍ଦଟି ତିଆରି ହୋଇଥିଲା ଓ ସେ ଭୁଟୀୟା କଥାଟିରୁ ଆଧୁନିକ 'ଭୁଟାନ' ଶବ୍ଦଟି ବାହାରିଛି ।

ଯେପରି ଜଣାଯାଏ, ହିମାଳୟ ପ୍ରଦେଶର ଉତ୍ତର ଓ ଦକ୍ଷିଣରେ ଏଇ ଭୋଟ ଭୂମିର ଏକ ପ୍ରକାର ସମାଜ ସାଧନା ତନ୍ତ୍ର ନାମ ଧରି ପଞ୍ଚମକାର ସେବା ଅର୍ଥାତ୍ ଯୋନି – ଜିହ୍ୱାର ସ୍ୱାଦ୍ୟ ସେବାରେ ମାନବକୁ ବହୁ ଯୁଗ ଧରି ଉଦ୍‌ଭ୍ରାନ୍ତ କରି ରଖିଥିଲା । ତାହାରି ଫଳରେ ଆଜି ଭାରତୀୟ ଦେବୀ ତନ୍ତ୍ର ଓ ବୃନ୍ଦାବନର ରାଧାକୃଷ୍ଣ ଭକ୍ତି ଧର୍ମ ନାନା ଭାବରେ ଭାରତ ସାହିତ୍ୟ, ସଭ୍ୟତା ଓ ଧର୍ମକୁ ଘାରୁ ଅଛି । ଏଇ ସୂତ୍ରରେ ମଧ୍ୟ ପୂର୍ବୋତ୍ତର ଭାରତ ତଥା ହିମାଳୟର ଦକ୍ଷିଣ ତଟ ଭୂମି ସଙ୍ଗେ ଦିନେ ଏଇ ଭୋଟ ଜାତି ଓ ଭୋଟ ସଭ୍ୟତାର ଘନିଷ୍ଠ ସମ୍ପର୍କ ଥିଲା । ପଣ୍ଡିତ ବିନୟ ତୋଷ ଭଟ୍ଟାଚାର୍ଯ୍ୟ କହନ୍ତି–

"It is difficult to suggest the exact place where transition originated The introduction of Shakti worship in religion is so un-Indian that we are constrained to admit it as an external or foreign influence. ( Sadhana Mala-Vol II—Gaekwads oriental Series Vol. X L I—Introduction, page xxxvl ).

ଏଇଠାରେ ସେ ପୁଣି କହିଛନ୍ତି–

"M. M. Haraprasad Sastri informed us that he had discovercd a Tantra, where Siva gives Instruction to Parvati —

"ଗଚ୍ଛତ୍ୱଂ ଭାରତେବର୍ଷେ ଅଧିକାରାୟ ସର୍ବତଃ"

and asks her to preach the Tantra to all & then return". ଏହାର ଅର୍ଥ ହେଉଛି–

ତନ୍ତ୍ର ସାଧନା (ବଜ୍ରଯାନ, ସହଜଯାନ ଓ ହିନ୍ଦୁତନ୍ତ୍ର ପ୍ରଭୃତି)ର ମୂଳ ଯଥାର୍ଥରେ କେଉଁଠି ତାହାର ସୂଚନା ଦେବା ବଡ଼ କଷ୍ଟ । ଧର୍ମରେ ଶକ୍ତି ପୂଜାର ପ୍ରବେଶ ଏତେ ଅ–ଭାରତୀୟ ଯେ ସେ ପୂଜାକୁ କୌଣସି ଭାରତ ବାହାର ପ୍ରଭାବରୁ ଉତ୍ପନ୍ନ ବୋଲି ସ୍ୱୀକାର କରିବାକୁ ବାଧ୍ୟ ହେବାକୁ



Digitized by PPRACHIN, SOA

ପଡ଼େ । କେତେକ ତନ୍ତ୍ର ମଧ୍ୟ ଏଇ ମତ ସମର୍ଥନ କରନ୍ତି । ହରପ୍ରସାଦ ଶାସ୍ତ୍ରୀ ଗୋଟିଏ ତନ୍ତ୍ର ପାଇଥିଲେ ନେପାଳରୁ, ଯେଉଁଥିରେ କି ଶିବ ପାର୍ବତୀଙ୍କୁ କହୁଛନ୍ତି–

–"ତୁମେ ଭାରତବର୍ଷକୁ ଯାଇ ତନ୍ତ୍ର ପ୍ରଚାର କର । ତାହାହେଲେ ଯାଇ ତମର ସର୍ବତ୍ର ଅଧିକାର ହେବ ।" ପୁଣି ତାଙ୍କୁ କହିଛନ୍ତି–

–"ତମେ ଏଇପରି ସମସ୍ତଙ୍କ ଭିତରେ ତନ୍ତ୍ର ପ୍ରଚାର କରିସାରି ତେବେ ଯାଇ ଫେରି ଆସିବ ।" ଏଇ ତନ୍ତ୍ର ବା ତଦ୍‌ଗତ ବ୍ରଜଯାନ, ସହଜ ଯାନ ସଙ୍ଗେ ବୃନ୍ଦାବନର ରାଧାକୃଷ୍ଣ ପ୍ରେମଲୀଳା ସମ୍ବଳିତ ବୈଷ୍ଣବ ଧର୍ମର ସମ୍ବନ୍ଧ– ଏଠାରେ ବିଶେଷ କହିବାର ଦରକାର ନାହିଁ । ପଣ୍ଡିତମାନଙ୍କ ଭିତରେ ଏହା ଏକ ଜଣାଶୁଣା କଥା ।

ଏଇ ଜାତିମାନଙ୍କ ସଙ୍ଗେ ନାନା ସମ୍ମିଶ୍ରଣରେ ଭାରତୀୟ ସଭ୍ୟତା ଓ ଭାଷା କ୍ରମବିକାଶରେ ଫୁଟିଛି । ଭାଷାରେ ମଧ୍ୟ ଏ ସବୁର ସଙ୍କେତ ଖୋଜିଲେ ଖୁବ୍ ମିଳିବ । ଉଦାହରଣ ସ୍ୱରୂପ "ପଶୁପତି ମହାଦେବ" କ୍ରମେ ଶିବ ଲିଙ୍ଗରେ ପରିଣତ ହୋଇ ଶକ୍ତି ଏବଂ ଯୋନି ପଢ ଉପରେ ପୂଜିତ ହେଲେ । ଏହାର ଦର୍ଶନ କ୍ରମେ କିରତ ବା ଦେବୀ ଉପାସକ ମାନଙ୍କ ମକାର ସେବାରେ ମିଶି ଏକ ନୂତନ ତଥାକଥିତ ଦର୍ଶନରେ ପରିଣତ ହେଲା । ତେଣେ ବୈଦିକ ଯାଗ ଯଜ୍ଞର କ୍ରିୟାକାଣ୍ଡ ଓ ଇନ୍ଦ୍ରାଦି ଦେବତାଙ୍କ ପୂଜା, ବିଷ୍ଣୁ ବା ସୂର୍ଯ୍ୟଙ୍କ ଭକ୍ତି ଦର୍ଶନରେ ପରିଣତ ହୋଇ କାଳକ୍ରମେ ଆଗନ୍ତୁକ ନାରାୟଣିୟ ଧର୍ମରେ ଆତ୍ମଦାନ କରିଥିଲା । ସେଠାରୁ ବାସୁଦେବ କୃଷ୍ଣଙ୍କ ଭକ୍ତି ଧର୍ମରେ ପ୍ରତିଷ୍ଠିତ ହୋଇ କିପରି ଭୋଟ ପ୍ରଭାବିତ ତନ୍ତ୍ର ଧର୍ମରେ ଆତ୍ମଦାନ କରି ବୃନ୍ଦାବନର ଗୋପୀ ଓ ରାଧାଙ୍କୁ ଘେନି ଭୋଳ ହୋଇ ରହିଥିବା କୃଷ୍ଣଙ୍କୁ ବାହାର କରି ଶେଷରେ ଗୌଡ଼ୀୟ ବୈଷ୍ଣବ ଧର୍ମରେ ପରିଣତ ହେଲା, ତାହା ବୁଝିବା କଷ୍ଟ କଥା ନୁହେଁ । ମାତ୍ର ଏସବୁ ଏଠାରେ ବିଶେଷ ନ କହି, ଭାଷା ଓ ସଭ୍ୟତାର ବିକାଶ ଘେନି ଓଡ଼ିଆ ସାହିତ୍ୟର ଧାରାରେ ଏହା କାଳ ଓ ଘଟଣା କ୍ରମେ କିପରି ଆତ୍ମ ପ୍ରକାଶ କରିଛି, ତାହାହିଁ ମୁଖ୍ୟତଃ ଆମକୁ ଆଲୋଚନା କରିବାକୁ ହେବ ।



Digitized by PPRACHIN, SOA

# ୬- ଓଡ଼ିଆ ଭାଷା ଓ ବ୍ୟାକରଣ

## ଆମ ଚର୍ଚ୍ଚାର ପ୍ରକାର ଓ ପରଂପରା -

ଭାଷାରେ ତଥା ସାହିତ୍ୟରେ ଗତ ଶତାବ୍ଦୀ ଭିତରେ ଓଡ଼ିଶାରେ ଆଖିରେ ପଡ଼ିବାଭଳି ନୂଆ ଦୃଷ୍ଟିଭଙ୍ଗୀ ଫୁଟିନାଇ । ସଂସ୍କୃତ ଭାଷା ଓ ସାହିତ୍ୟର ପ୍ରାଣ ପ୍ରତିଷ୍ଠା ହେଉଛି ବ୍ୟାକରଣ ତଥା ଶବ୍ଦତତ୍ତ୍ୱ ଆଲୋଚନାରେ । ବେଦର ପ୍ରାତିସାଖ୍ୟ କାଳରୁ ଏ ଆଲୋଚନା ଚାଲି ଆସିଥିଲା । ମାତ୍ର ମଧ୍ୟଯୁଗରୁ ଅର୍ଥାତ୍ ମୁସଲମାନ ବିଜୟ କାଳରୁ ପରାଧୀନତା ଭିତରେ ଜାତୀୟ ସାହିତ୍ୟର ଯେଉଁ ନୀରସ ରୋମନ୍ଥନ ପ୍ରକାଶ ପାଇଲା, ସେଥିରେ ଅଳଙ୍କାର ଶାସ୍ତ୍ରର ପୁଙ୍ଖାନୁପୁଙ୍ଖ ଆଲୋଚନା ଓ ତହିଁରେ ନିବଦ୍ଧ କାବ୍ୟ ସୃଷ୍ଟିଠାରୁ ବହୁ ତର୍କ, ଯୁକ୍ତି, ଭାଷ୍ୟ ଓ ଟୀକାର ଆଲୋଚନା ସତ୍ତ୍ୱେ ସଂସ୍କୃତ ଭାଷା ଓ ସାହିତ୍ୟର ଜୀବନ୍ତତା ଆଉ ରହିଲା ନାଇ । ପଣ୍ଡିତମାନେ ବିଶ୍ୱାସ କଲେ, ତଥା ପ୍ରଚାର କଲେ,

> "ରଘୁରପି କାବ୍ୟଂ ତଦପିଚ ପାଠ୍ୟଂ
> ତଦୁପରି ଟୀକା, ସାପିଚ ଭବ୍ୟା" ?

ପୁଣି ମତ ପ୍ରକାଶ ପାଇଲା—

> "ଭାର ବେର୍ଭାର ବେର୍ଭାତି ଯାବନ୍ ମାଘସ୍ୟ ନୋଦୟଃ
> ଉଦିତେ ନୈଷଧେ କାବ୍ୟେ କ୍ୱମାଘ କ୍ୱଚ ଭାରବିଃ" ।

ଏହାର ମୋଟାମୋଟି ଅର୍ଥ ହେଉଛି, ରଘୁ ହୋଇ କାବ୍ୟ, ତାକୁ ପୁଣି ପଢ଼ିବ ? ତା ଉପରେ ଟିକା, ସେଥିରେ ପୁଣି ଭବିବ ? ଅର୍ଥାତ୍ ସେଥିରେ କବିତା କ'ଣ ଅଛି, ଚିନ୍ତା କରିବାର ବା କ'ଣ ଅଛି ? ଦ୍ୱିତୀୟଟିର ଅର୍ଥ



Digitized by PPRACHIN, SOA

ଧୋଉଛି, ଭରବି ରବି ପରି ଦୀପ୍ତି ପ୍ରକାଶ କରୁଥିଲେ, ମାଘ ଉଦୟ ନ ହେବାଯାଏ, ମାତ୍ର ନୈଷଧ କାବ୍ୟ ପ୍ରକାଶିତ ହେଲପରେ, ଆଉ ଭରବି କେଉଁଠି, ମାଘ ବା କେଉଁଠି ?

## ୟୁରୋପୀୟଙ୍କର ଏ କ୍ଷେତ୍ରରେ କାର୍ଯ୍ୟ —

ଏ ମତ ବେଳକୁ ସଂସ୍କୃତ ସାହିତ୍ୟିକଙ୍କ ଦୃଷ୍ଟି ଭଙ୍ଗୀରେ ସରସତା ଓ ମୌଳିକତା ଯେ ନ ଥିଲା, ତାହା କହି ବୁଝାଇବା ଦରକାର ନାହିଁ । ଭଷା ଓ ଲେଖନ-ଶୈଳୀ ମଧ୍ୟ ସଂଗତି (Convention) ରେ ଅତ୍ୟନ୍ତ ଗତାନୁଗତିକ ଓ ଧରାବନ୍ଧା ହୋଇ ପଡ଼ିଥିଲା । ପ୍ରାତିସାଖ୍ୟ ଯାସ୍କ, ପାଣିନି, ପତଞ୍ଜଳି ପ୍ରଭୃତିଙ୍କ ମନୀଷା ଓ ମୌଳିକତା ଆଉ ପ୍ରକାଶ ପାଇ ନ ଥିଲା ; ଗତ ଶତାବ୍ଦୀରେ ୟୁରୋପୀୟ ମାନେ ପାଣିନି ଅଧ୍ୟୟନ କରି ସଂସ୍କୃତ ଭଷା ଓ ତହିଁ ସଙ୍ଗେ କ୍ରମେ ସଂସ୍କୃତ ସାହିତ୍ୟର ଗୌରବ ବୁଝିଲେ । ମାତ୍ର ପରାଧୀନ ଭରତରେ ୟୁରୋପୀୟ ମାନଙ୍କର ଏଇ ଆଦର ହେଉଛି, ଏକ ପ୍ରକାର ଆମ ଆତ୍ମଶ୍ଳାଘାର ସମ୍ବଳ । ଯେଉଁ ଗତାନୁଗତିକ ଧରାବନ୍ଧା ସଂସ୍କୃତ ବ୍ୟାକରଣ ଆମେ ଦେଢ଼ ହଜାର ବର୍ଷରୁ ଅଧିକ କାଳ ଚର୍ବିତ ଚର୍ବଣ ମାତ୍ରାରେ ଧରି ରଖିଥିଲୁ, ଭରତର ସବୁ ସଂସ୍କୃତ ମୂଳକ ପ୍ରାକୃତ ଭଷାରେ ସେଇ ରୀତିରେ ଲେଖା ଓ ପଢ଼ା ହେଉଥିବା ବ୍ୟାକରଣ ନ୍ୟୂନାଧିକ ଏବେ ବି ଚ୍ଲିଛି ।

ପ୍ରଭେଦ ଭିତରେ କେବଳ ସନ୍ଧି, ସମାସ, ପ୍ରତ୍ୟୟ, କୃଦନ୍ତ, ତଦ୍ଧିତ ନାମରେ ଯେଉଁସବୁ ବ୍ୟାକରଣର ବିଭଗ ବାହାରି ଥିଲା, ତାକୁ ଛାଡ଼ି ଆମ ପ୍ରାକୃତମାନେ Orthography (ବର୍ଣ୍ଣ ବିଚ୍ଚର), Etimology (ଶବ୍ଦ ବିଚ୍ଚର), Syntax(ପଦ ବିଚ୍ଚର), Prosody(ଛନ୍ଦ ବିଚ୍ଚର) ଏଇ ଚ୍ଚରି ଇଂରେଜି ବ୍ୟାକରଣକୁ ଧରି ଟିକିଏ ପ୍ରକାର ଭେଦରେ ବ୍ୟାକରଣ ଆଲୋଚନା ଆରମ୍ଭ କରିଥିଲେ, ଇଂରେଜ ପାଦ୍ରୀମାନେ—ସେଇମାନେ ଇଂରେଜ ରୀତିରେ ପ୍ରଥମେ ବ୍ୟାକରଣ ପ୍ରଚ୍ଚର କଲେ । ଓଡ଼ିଶାରେ ଓ ବଙ୍ଗଳାରେ ଏ କ୍ଷେତ୍ରରେ ଉନବିଂଶ ଶତାବ୍ଦିର ପୂର୍ବାର୍ଦ୍ଧରେ ମାର୍ସମାନ (Marsman) ଓ Carey (କେରି) ପ୍ରଭୃତି ମିଶନାରୀ ମାନଙ୍କର ନାମ ଉଲ୍ଲେଖ ଯୋଗ୍ୟ । ସେଇ



Digitized by PPRACHIN, SOA

ରୀତିରେ ଏବେ ସ୍କୁଲ କଲେଜରେ ପଢ଼ା ହେଉଥିବା ବ୍ୟାକରଣ ଲେଖା ହୋଇ ଆସୁଛି ।

## ସଂସ୍କୃତ ବ୍ୟାକରଣର ପ୍ରାକୃତ ମୂଳ –

ପ୍ରାକୃତ ଭଷାରେ ବ୍ୟାକରଣ ଲେଖା ଭରତରେ ଅତି ପ୍ରଚୀନ । ମନେହୁଏ, ଅତି ଆଦିମ କାଳରେ ବ୍ୟାକରଣର ଚର୍ଚ୍ଚା ଆରମ୍ଭ ହୋଇଥିଲ, ସେ କାଳର କଥିତ ଭଷା ଘେନି । ଯାସ୍କ, ପାଣିନି ପ୍ରଭୃତି ବୟାକରଣ ମାନେ ଏଇ କଥିତ ଭଷା ମାନଙ୍କୁ ଏକ କରିବା ଉଦ୍ୟମରେ ସଂସ୍କୃତ ଭଷା ବା ଭଷା ସଂସ୍କୃତ ଉପରେ ଜୋର ଦେଇଥିଲେ ଓ ଏହା କ୍ରମେ ଭରତର ଶାସ୍ତ୍ରୀୟ ଓ ଜାତୀୟ ଭଷାରେ ପରିଣତ ହୋଇଥିଲ । ପାଣିନିଙ୍କ ଲେଖାରୁ ଜଣାଯାଏ, ସେତବେଳକୁ ଭଷା କ୍ରମେ ଭିନ୍ନଭିନ୍ନ ଅଞ୍ଚଳରେ ଭିନ୍ନଭିନ୍ନ ହେବାର ଆରମ୍ଭ ହୋଇଥିଲ । ଭିନ୍ନଭିନ୍ନ ବୟାକରଣ ମାନେ ମଧ୍ୟ ଭଷାର ଭିନ୍ନଭିନ୍ନ ଭଙ୍ଗୀ ଓ ଉଚ୍ଚାରଣ ନିଜନିଜ ବିଗ୍ରହରେ ଆଣିଥିଲେ । ଉଦାହରଣ ସ୍ୱରୂପ, ପାଣିନି ଲେଖିଛନ୍ତି "ଇତି ପ୍ରାଚ୍ୟାଃ–(ଏହା ପ୍ରାଚ୍ୟ ବା ପୂର୍ବାଞ୍ଚଳର ଲେକଙ୍କ ଭିତରେ ଚଳେ); ଇତି ଉଦୀଚ୍ୟାଃ–(ଉତ୍ତରାଞ୍ଚଳର ଲେକେ ଏଇପରି କହନ୍ତି) । ପୁଣି ତାଙ୍କ ପୂର୍ବ ବୟାକରଣ ମାନେ ଭିନ୍ନଭିନ୍ନ ପ୍ରକାର ଉଚ୍ଚାରଣ ଭଙ୍ଗୀର ନିର୍ଦ୍ଦେଶ କରିଥିବା କଥା ପାଣିନି କହନ୍ତି । ଉଦାହରଣ ସ୍ୱରୂପ ପାଣିନିରେ ସୂତ୍ରଅଛି ବୟାକରଣ ଭଗୁରି କହନ୍ତି, 'ଅପି' 'ଅବ' ଉପସର୍ଗର 'ଅ' କାର ମଧ୍ୟ ଲେପପାଏ – 'ପିଧାନ' ହୁଏ, 'ଅପିଧାନ' ମଧ୍ୟ ହୁଏ;' ଅବଗୁଣ୍ଠନ ହୁଏ, 'ବଗୁଣ୍ଠନ' ମଧ୍ୟ ହୁଏ, ଶାକଲ୍ୟଙ୍କ ମତରେ ଐ ପ୍ରଭୃତିରୁ ହେଉଥିବା 'ଆୟ' ପ୍ରଭୃତିର 'ୟ' ପ୍ରଭୃତି ମଧ୍ୟ ଲେପ ହୁଏ, ଯଥା– ଆମ୍ରା ବୈଅରେ ଦ୍ରଷ୍ଟବ୍ୟଃ– ଆମ୍ରା ବାଅରେ ଦ୍ରଷ୍ଟବ୍ୟ; ଆମ୍ରା ବାୟରେ ଦ୍ରଷ୍ଟବ୍ୟ । ଏଥିରୁ ଜଣାଯାଏ, ପ୍ରାକୃତ ବା ଲେକଙ୍କ ଭିତରେ ଚଳୁଥିବା ଭଷାରୁ ସଂସ୍କୃତ ବ୍ୟାକରଣ ତଥା ଶୁଦ୍ଧ ସଂସ୍କୃତ ଭଷା ଆରମ୍ଭ ହୋଇଥିଲ ।

## ପ୍ରାକୃତ ଭଷା –

ପ୍ରାକୃତ ବୋଇଲେ ଆମେ ବୁଝୁ ପ୍ରକୃତି ବା ପ୍ରଜା, ଅର୍ଥାତ୍ ଜନସାଧାରଣଙ୍କ ସମ୍ବନ୍ଧୀୟ । ତେଣୁ ପ୍ରାକୃତ ଭଷା ବୋଇଲେ, ଜନସାଧାରଣଙ୍କ ଭଷା । ଓଡ଼ିଆ ଲେଖାରେ କହନ୍ତି 'ପରକୃତ' ଜଗନ୍ନାଥ ଦାସ ପ୍ରଭୃତି 'ଓଡ଼ିଆ



Digitized by PPRACHIN, SOA

ଭଷା' ନ କହି କହୁଥିଲେ 'ପରକୃତ' । ଯେଉଁ ପ୍ରାକୃତରୁ ସଂସ୍କୃତ ବାହାରି ଥିଲା, ତାହା ସେ କାଳର ଲୋକଙ୍କର ଭଷା ଥିଲେ ମଧ୍ୟ, ସଂସ୍କୃତ ଶାସ୍ତ୍ରୀୟ ଓ ଜାତୀୟ ଭଷା ହେଲା ପରେ ପ୍ରାକୃତ ବୋଇଲେ ବୁଝାଗଲା, ସଂସ୍କୃତ ହେଉଚି ପ୍ରକୃତି ବା ମୂଳ; ସେଥିରୁ ଯାହା ବାହାରିଲା, ବା ଯେଉଁ ବିକୃତି ହେଲା, ସେଇ ହେଲା, ପ୍ରାକୃତ—('ପ୍ରକୃତିଃ ସଂସ୍କୃତଂ, ତତ୍ର ଭବଂ ପ୍ରାକୃତମ୍) ପ୍ରାକୃତ ସର୍ବସ୍ୱ—୧-୧ ।

ପ୍ରାକୃତର ଏଇ ଅର୍ଥ ଅତି ଆଦିମ କାଳରୁ ମଧ୍ୟ ହୋଇ ଆସିଛି । ପୁଣି ସଂସ୍କୃତ ସେବୀମାନେ ବା ବୈଦିକ ଆର୍ଯ୍ୟମାନେ, ପ୍ରାକୃତ ବୋଇଲେ ଯାହା ବୁଝି ଆସିଛନ୍ତି, ତାହାକୁ ସେମାନେ କହିଛନ୍ତି 'ସଂସ୍କୃତର ବିକୃତି' । ଏ ବିକୃତିର ହେତୁ ଥିଲା, ଭିନ୍ନ ଭିନ୍ନ ଅଞ୍ଚଳର ଭଷା । ଅବଶ୍ୟ, ସେଇ ସେଇ ଅଞ୍ଚଳର ପୁର ଲୋକ କଥିତ ଭଷାକୁ ସେମାନେ ପ୍ରାକୃତ ବୋଲି ବୁଝୁ ନ ଥିଲେ । ବୈଦିକ ଆର୍ଯ୍ୟମାନେ ସେମାନଙ୍କ ଭିତରେ ରହି, ନିଜ ଭଷାକୁ ଯେ ଉଚ୍ଚାରଣରେ ଯେପରି କହୁଥିଲେ, ସେଇଆ ଥିଲା ସେମାନଙ୍କ ପ୍ରାକୃତ । ସେଥିପାଇଁ କ୍ରମେ ମହାରଷ୍ଟ୍ରୀ, ଶୌରସେନୀ, ପ୍ରାଚ୍ୟା, ଆବନ୍ତୀ, ମାଗଧୀ ପ୍ରଭୃତିରୁ ବିକାଶ ପାଇଥିଲା, ସାକାରୀ, ଗୁଣ୍ଡାଳୀ, ସାବରୀ, ଆଭୀରୀ ,ଟାକ୍‌କୀ,—ତା'ପରେ ଅପଭ୍ରଂଶ ଓ ପୈଶାଚୀ ଭଷାମାନ । ଏଇଥିରୁ ପୁଣି ଅଳ୍ପ ଭେଦ ଘେନି ପ୍ରକାଶ ପାଇଥିବା ବର୍ବର, ମାଳବ, କୈକୟ କୌଡ଼, ଔଡ୍ର, ପାଶ୍ଚାତ୍ୟ, ପାଣ୍ଡ୍ୟ, କୌନ୍ତଳ, ସୈଂହଳ, କାଳିଙ୍ଗ୍ୟ, କାର୍ଣ୍ଣାଟ, କାଞ୍ଚ୍ୟ, ଦ୍ରାବିଡ଼୍ୟ, ଗୌର୍ଜ୍ଜର ପ୍ରଭୃତି ଭଷାର ନାମ ଦେଖିବାକୁ ମିଳେ । (ପ୍ରାକୃତ ସର୍ବସ୍ୱ ଦେଖ) । ପାଣ୍ଡ୍ୟ, କାଞ୍ଚ୍ୟ, କାର୍ଣ୍ଣାଟ ପ୍ରଭୃତି ସଂସ୍କୃତ ମୂଳକ ପ୍ରାକୃତ ନୁହେଁ । ତେବେ ଉପର ନାମ ଗୁଡ଼ିକରୁ ଜଣା ପଡ଼ୁଚି, ସେଇ ସେଇ ଅଞ୍ଚଳରେ ଅଧିବାସ କରିଥିବା ସଂସ୍କୃତ ମୂଳକ ଭଷାଭଷୀ ମାନଙ୍କର କଥାରେ ଯେ ସ୍ୱର ବା ଧାତୁ ବିକୃତି ପ୍ରକାଶ ପାଇଥିଲା, ସେତିକି ମାତ୍ର ସେ ସବୁ ପ୍ରାକୃତର ଲକ୍ଷଣ ବୋଲି ବୁଝା ଯାଉଥିଲା ।

## ନାଟକ ଓ ପ୍ରାକୃତ :

ଅତି ଆଦିମ କାଳରୁ ଯାତ୍ରା ଓ ନାଟକର ନାଟୁଆ ଓ ଅଭିନେତା-ମାନେ ପ୍ରାକୃତରେ କଥା କହୁଥିଲେ । କ୍ରମେ ଏହା ଗୋଟିଏ ରୀତି ବା



Digitized by PPRACHIN, SOA

'ସଂଗତି'ରେ ପର୍ଯ୍ୟବସିତ ହେଲା । କଥାଟି ବୁଝାଇ ଦିଏଁ । ଆଜି ସ୍ଥପତିର ସ୍ଥାପତ୍ୟ ଓ ଚିତ୍ରକାରର ଚିତ୍ରରେ ଲତା, ପତ୍ର, ପଦ୍ମ, ସିଂହ ପ୍ରଭୃତି ଅନେକେ ଦେଖିଥିବେ । ସେଥିରେ କୌଣସିଟି ଠିକ୍ ପ୍ରକୃତିରେ ହେଲା ପରି ନୁହେଁ । ଦେଉଳ ଦୁଆର ସିଂହର ନାକ, ଆଖି, ଚୂଳ, ଶଟା ପ୍ରଭୃତି ପ୍ରାକୃତିକ ନୁହେଁ । ତା'ପରେ ସିଂହର ମୁକୁଟ ଓ ଚୂଳ ମଧ୍ୟ ଥାଏ । ଆଖି ଦୁଇଟା ଗୋଲ ଗୋଲ, ଦାନ୍ତ ମଝିରେ ସରୁ ଜିଭଟା ଦୋହଲିଲା ପରି, ଏଇ ସବୁ ହେଉଚି ରୀତି ବା 'ସଂଗତି' । କବିତାରେ ମଧ୍ୟ ସେଇପରି । ପବନ କଥା କହିଲେଇ ଗନ୍ଧ, ମାନ୍ଦ୍ୟ ଓ ଶୈତ୍ୟର ବର୍ଣ୍ଣନା କରିବାକୁ ହେବ । ମୁହଁ ଚନ୍ଦ୍ରପରି ହେବ, ନାକ ରଶିଫୁଲ ପରି ହେବ, ଆଖି ପଦ୍ମ ପାଖୁଡ଼ା ପରି ହେବ ବା କେରଣ୍ଡି ମାଛ ପରି ହେବ, ପ୍ରଭୃତି. ସେଇପରି ସଂଗତି । କାଳକ୍ରମେ ନାଟୁଆ ଓ ଅଭିନେତାମାନଙ୍କୁ ଘେନି ପ୍ରାକୃତ ଭଷା ହେଲା ସେଇ ପରି । ଉଦାହରଣ ସ୍ୱରୂପ : ମାର୍କଣ୍ଡେୟ କବୀନ୍ଦ୍ର ନିଜ 'ପ୍ରାକୃତ ସର୍ବସ୍ୱ'ରେ ଭରତ, ଭମହ ପ୍ରଭୃତିଙ୍କୁ ଉଦ୍ଧାର କରି କହିଚନ୍ତି,"ପ୍ରାଚ୍ୟା" ହେଉଚି ବିଦୂଷକ, ଵୀଟ ପ୍ରଭୃତି ହାସ୍ୟ ପାତ୍ରମାନଙ୍କର ଭଷା—(ପ୍ରାକୃତ ସର୍ବସ୍ୱ—୧୦ମ ପାଦମୂଳ) । ରଜପତ୍ନୀଙ୍କ ଭଷା ହେବ ଶୌରଶେନୀ (ଏଜନ୍ ୯-୧୫୮) ନଗରଧିପ ଓ ଦାଣ୍ଡପାଶିକ ପରି ମଧ୍ୟମ ପାତ୍ରମାନେ କହିବେ, ଆବନ୍ତୀ ଭଷାରେ'—(ଏଜନ୍ ୧୧-୧) । 'ରକ୍ଷସ, ଭିକ୍ଷୁ, କ୍ଷପଣକ, ଚେଟ ପ୍ରଭୃତି କହିବେ ମାଗଧୀ'—(ଏଜନ୍—୧୨-୧) । ରଜାଙ୍କ ଅବିବାହିତ ଭଇ, ଧନ ଥିବା ଶଳା, ମଦମୂର୍ଖତାଭିମାନୀ ଦୁଷ୍କୁଳୀନମାନେ ହେଉଚନ୍ତି, 'ସକାର' ଓ ସେମାନଙ୍କ ଭଷା ହେବ 'ସାକାରୀ'—(ଏଜନ୍—୧୩-୧) । ଜୁଆ ଖେଳିବା ଲେକେ ଓ ବେପାରୀମାନେ କହିବେ ଟାକ୍କୀ (ଟକ୍କ=ପଶ୍ଚିମ ପଞ୍ଜାବ ବା ସାଗଳ ଦ୍ୱୀପ, ଏଜନ୍—୧୬-୧)

ଏଇପରି ନାଟକରେ ବ୍ୟବହାର କରିବା ପାଇଁ, ଭଷା ତିଆରି କରିବାକୁ ପ୍ରାକୃତ ବ୍ୟାକରଣ ମାନ ତିଆରି ହୋଇଥିଲା । ମୂଳରୁ ମାର୍କଣ୍ଡେୟ କବୀନ୍ଦ୍ର କହିଚନ୍ତି—"ସିଦ୍ଧଂ ପାଣିନ୍ୟା ଦେ"—ପ୍ରାକୃତ ସର୍ବସ୍ୱ—୧-୧ । ଅର୍ଥାତ୍ ପାଣିନି ପ୍ରଭୃତି ବୟାକରଣ ମାନେ ଧାତୁନାମ, ଲିଙ୍ଗକାରକାଦି ଯେପରି ସାଧିଚନ୍ତି, ପ୍ରାକୃତରେ ମଧ୍ୟ ଠିକ୍ ସେଇଆ । କେବଳ ପରିଣତି ବା ବିକୃତିରେ



Digitized by PPRACHIN, SOA

ଏହାର ଟିକିଏ ଟିକିଏ ଭେଦ ଅଛି । ଏଥିରେ ତଦ୍‌ଭବର ସ୍ୱରଭେଦ ଛଡ଼ା ଧାତ୍ୱା ଦେଶରେ ଅର୍ଥାତ୍ ସଂସ୍କୃତ ଧାତୁଠାରେ ହୋଇଥିବା ଅନ୍ୟ ଧାତୁରେ ଠାଏ ଠାଏ ଯାହା ଦେଶ୍ୟ ଧାତୁର ସଂପର୍କ ଅଛି; ଯେପରିକି 'ବିଦଗ୍ଧ' ଶବ୍ଦ ଠାରେ ଆଦେଶ ହୋଇଛି 'ଛଇଲା' ।

## ପାଲି –

ଅତି ଆଦିମ କାଳର ସାମାନ୍ୟ ଭେଦ ଉପରେ ନିର୍ଭର କରି ନାଟକର ପାତ୍ରମାନଙ୍କର ବ୍ୟବହାର ନିମନ୍ତେ ପ୍ରାକୃତ ତିଆରି କରିବା ଉଦ୍ଦେଶ୍ୟରେ ପ୍ରାକୃତ ବ୍ୟାକରଣ ମାନ ଲେଖା ହୋଇଥିଲା । ଏଇ ମୂଳ ଭେଦରୁ ଆଜିର ଲୋକ ପ୍ରଚଳିତ ପ୍ରାକୃତରେ ଥିବା ଭେଦ କେତେ ଧରି ହେବ ଓ ତାହା କିପରି ହେବ, ଠିକ୍ କରିବା ଏକ ପ୍ରକାର ଦୁଷ୍କର । ହେଲେ ହେଁ, ଅତି ପ୍ରାଚୀନ କାଳରେ ଲୋକ ପ୍ରଚଳିତ ଯଥାର୍ଥ ପ୍ରାକୃତର ଖୁବ୍ ବ୍ୟବହାର ମଧ୍ୟ ଥିଲା । ଶାକ୍ୟମୁନି ବୁଦ୍ଧ ଓ ବର୍ଦ୍ଧମାନ ମହାବୀର ପ୍ରାକୃତରେ ନିଜ ନିଜର ଧର୍ମ ପ୍ରଚାର କରିଥିଲେ । ଶାକ୍ୟମୁନିଙ୍କ ନିଜ ଭାଷା ଥିଲା, ପ୍ରାଚୀନ ମାଗଧୀ ଓ ମହାବୀରଙ୍କ ଭାଷାଥିଲା ଅର୍ଦ୍ଧମାଗଧୀ । ପରବର୍ତ୍ତୀ କାଳରେ ବୌଦ୍ଧ ଓ ଜୈନ୍ୟର ସାହିତ୍ୟ ସବୁ ସଂସ୍କୃତରେ ଲେଖାହେଲା ସତ, କିନ୍ତୁ ସିଂହଳରେ ପରେ ସଂସ୍କୃତରେ ଲେଖା ହୋଇଥିଲେ ମଧ୍ୟ ପାଲୀ ଭାଷାର ବ୍ୟବହାର ରହିଗଲା । ଅବଶ୍ୟ ଏହା ଶାକ୍ୟମୁନିଙ୍କ ବ୍ୟବହୃତ ବିଶୁଦ୍ଧ ପ୍ରାଚୀନ ମାଗଧୀ ନୁହେଁ । ପଣ୍ଡିତମାନେ କହୁଛନ୍ତି ଏହା କଳିଙ୍ଗ ଓ ଆନ୍ଧ୍ରରେ ଚଳୁଥିବା ଅଶୋକଙ୍କ କାଳର ପ୍ରାକୃତ । ଧର୍ମର ଭାଷା ପୃଥିବୀରେ ସହଜରେ ବଦଳେ ନାଇ । ସେଇ ଅଶୋକଙ୍କ କାଳର କଳିଙ୍ଗ ମଗଧର ପ୍ରାକୃତ, ସିଂହଳର ଧର୍ମ ସାହିତ୍ୟରେ ଆଜିଯାଏ ଅପରିବର୍ତ୍ତିତ ରହିଚି । ବ୍ରହ୍ମ ଓ ପୂର୍ବ ଉପ-ଦ୍ୱୀପରେ ମଧ୍ୟ ସେଇ ପାଳୀ ହେଉଛି ବୌଦ୍ଧ ମାନଙ୍କର ଧର୍ମ ଭାଷା, କଳିଙ୍ଗ ସଙ୍ଗେ ପୁଣି ସିଂହଳର ବହୁକାଳ ଯାଏ ନାନା ସାମାଜିକ ଓ ଧାର୍ମିକ ଆଦାନ ପ୍ରଦାନ ଚଳୁଥିଲା । ଖ୍ରୀଷ୍ଟ ୧୩ଶ ଶତାବ୍ଦୀ ପର୍ଯ୍ୟନ୍ତ ରୀତିଥିଲା ସିଂହଳର ରାଜ ପରିବାର ଅପୁତ୍ରିକ ହେଲେ କଳିଙ୍ଗର ରାଜ ପରିବାରରୁ ଏକା ପୋଷ୍ୟପୁତ୍ର ଖୋଜିବେ । ସେଇ ସୂତ୍ରରେ ଏକ ଦିଗରେ କଳିଙ୍ଗ ଓ ତତ୍ ସନ୍ନିହିତ ସାବରୀ ଓ ଔଡ୍ରୀ ଭାଷା ଓ ଅନ୍ୟ ଦିଗରେ ସୈଂହଳୀ, ପାଳୀ । ଏ



Digitized by PPRACHIN, SOA

ଦୁହିଁଙ୍କ ମଧ୍ୟରେ ଆଦାନ ପ୍ରଦାନ ଓ ପରସ୍ପର ପ୍ରଭାବ କ'ଣ ଥିଲା ଓ କିପରି ଭାବରେ ତାହା ବିକାଶ ପାଇଥିଲା, ଏ ସବୁର ଇତିହାସ ଅଦ୍ୟାପି ଅଜ୍ଞାତ ଥିଲେ ମଧ୍ୟ, ଏବର ସିଂହଳୀ ଭାଷା ସଙ୍ଗେ ଓଡ଼ିଆର ଯେ ସାମ୍ୟ ଓ ସାମଞ୍ଜସ୍ୟ ଦେଖାଯାଏ, ତାହା ଏଇ ସମ୍ପର୍କର ଫଳ ବୋଲି ଅନୁମାନ କରିବାରେ ଆପତ୍ତି କରିବାର କିଛି ନାଇ । କିନ୍ତୁ ଏସବୁ ସତ୍ତ୍ୱେ ପାଳୀ ବୋଲି ଯେଉଁ ଧର୍ମଭାଷା, କାଳର ବିକାଶ ସଙ୍ଗେ ତାହାର ପରିବର୍ତ୍ତନ ହୋଇ ନାଇ । ଏବେ ମଧ୍ୟ ପାଳୀ ଭାଷା ଅଧ୍ୟୟନ କରାହୁଏ—କିନ୍ତୁ ତାହା କୌଣସି ଏବ ପ୍ରଚଳିତ ଭାଷା ସଙ୍ଗେ ସମାନ ନୁହେଁ ।

## ହେମଚନ୍ଦ୍ର ଓ ମାର୍କଣ୍ଡେୟ –

ଜୈନମାନଙ୍କ ଅର୍ଧମାଗଧୀ ମଧ୍ୟ ଧର୍ମ ଭାଷା ରୂପେ ଖ୍ରୀଷ୍ଟ: ୫ମ ଶତାବ୍ଦୀ ବେଳକୁ ବଲ୍ଲଭୀ ପୁରରେ ପୁଣି ମୁଣ୍ଡଟେକି ଉଠିଥିଲା । ଖ୍ରୀଷ୍ଟ ୧୩ଶ ଶତାବ୍ଦୀ ପର୍ଯ୍ୟନ୍ତ ସେଇ ଗୁଜୁରାଟ ଅଞ୍ଚଳରେ ଜୈନ ଧର୍ମର ସମୃଦ୍ଧି ଓ ପ୍ରତିଷ୍ଠା ଖୁବ୍ ଦେଖାଯାଏ । ସେତିକିବେଳେ ଖ୍ରୀଷ୍ଟ ୧୨ଶ ଶତାବ୍ଦୀର ପ୍ରାରମ୍ଭରେ ବାହାରି ଥିଲେ, ଇତିହାସ ପ୍ରସିଦ୍ଧ ହେମଚନ୍ଦ୍ର । ସଂସ୍କୃତ ଓ ପ୍ରାକୃତ ତଥା ଜୈନଧର୍ମ ଓ ସାହିତ୍ୟରେ ସେ ଥିଲେ ମହାପଣ୍ଡିତ । ସେ ଏକ ବିରାଟ ପ୍ରାକୃତ ବ୍ୟାକରଣ ଲେଖିଥିଲେ । ପ୍ରାଚୀନ ଅର୍ଦ୍ଧମାଗଧୀ ଛାଞ୍ଚରେ ଗୁଜୁରାଟ ପ୍ରାକୃତରେ ଏହା ଲେଖା ହୋଇଥିଲା । ଭାରତୀୟ ଭାଷାବିତ୍ ସ୍ୱର୍ଗତ ଗ୍ରୀୟରସନ୍ ସାହେବ (Sir George Abraham Grierson) 'ପ୍ରାକୃତ ଧାତ୍ୱା ଦେଶ' ସମ୍ବନ୍ଧରେ ଗୋଟିଏ ପ୍ରବନ୍ଧ ଲେଖିଛନ୍ତି – (Memoirs of the Asiatic society of Bengal Vol. VIII-No. 2, P.P. 77-170 ଦେଖ) । ଏହା ତାଙ୍କ ପରି ପଣ୍ଡିତଙ୍କ ବହୁ ଗବେଷଣାର ଫଳ । ସେଥିରେ ସେ ହେମଚନ୍ଦ୍ରଙ୍କ ବ୍ୟାକରଣ 'ସିଦ୍ଧ ହେମଚନ୍ଦ୍ର' ଠାରୁ ଆରମ୍ଭ କରି ମାର୍କଣ୍ଡେୟ କବୀନ୍ଦ୍ରଙ୍କ 'ପ୍ରାକୃତ ସର୍ବସ୍ୱ' ପର୍ଯ୍ୟନ୍ତ ୫ଟି ପ୍ରାକୃତ ବ୍ୟାକରଣର ଆଲୋଚନା କରିଛନ୍ତି । ଆଉ ତିନୋଟି ହେଉଛି—

୧— ବରରୁଚିଙ୍କ 'ପ୍ରାକୃତ ପ୍ରକାଶ'

୨— କ୍ରମଦିଶ୍ୱରଙ୍କ 'ସଂକ୍ଷିପ୍ତ ସାରର ପ୍ରାକୃତ ଭାଗ'

୩— ରାମଶର୍ମଣ ତର୍କ ବାଗୀଶଙ୍କ 'ପ୍ରାକୃତ କଳ୍ପତରୁ'



Digitized by PPRACHIN, SOA

ପ୍ରଥମ ଦୁଇଟି ମଧ୍ୟରେ 'ସିଦ୍ଧ ହେମଚନ୍ଦ୍ର'ଟି ସବୁଠାରୁ ବଡ଼ଗ୍ରନ୍ଥ – ତା'ତଳକୁ ହେଉଚି, 'ପ୍ରାକୃତ ସର୍ବସ୍ୱ' । ଏଇ ଦୁଇଟି ଗ୍ରନ୍ଥରେ ବହୁତ ବେଶି ଧାତ୍ୱା-ଦେଶ – ଅର୍ଥାତ୍ ସଂସ୍କୃତ ଶବ୍ଦରେ ପ୍ରାକୃତ ଆଦେଶ, ଦିଆ ଯାଇଚି । ୫ଟି ଯାକ ଗ୍ରନ୍ଥରେ ଗଣି ଗଣି ସେ ଦେଖାଇଚନ୍ତି, ମୋଟରେ ଆଦେଶ ହେଉଚି ୧୫୯୦ । ତା ଭିତରୁ ହେମଚନ୍ଦ୍ର ଓ ମାର୍କଣ୍ଡେୟ ଦୁହିଁଙ୍କର ମିଶି ୧୫୪୮ – ହେମଚନ୍ଦ୍ର ୯୩୦, ମାର୍କଣ୍ଡେୟ ୬୧୮ । ତଥାପି ହେମଚନ୍ଦ୍ରଙ୍କ ୭୦୭ଟି ଆଦେଶ ମାର୍କଣ୍ଡେୟଙ୍କ ଗ୍ରନ୍ଥରେ ମିଳେ ନାଇ ଓ ସେଇପରି ମାର୍କଣ୍ଡେୟଙ୍କର ୩୯୫ଟି ହେମଚନ୍ଦ୍ର ଦେଇ ନାହାଁନ୍ତି । ହେମଚନ୍ଦ୍ର ବହୁତ ଦେଶ୍ୟ ଆଦେଶର ଉଲ୍ଲେଖ କରିଛନ୍ତି – ୯୩୦ ରୁ ୩୮୮ଟି ଦେଶ୍ୟ, କିନ୍ତୁ ମାର୍କଣ୍ଡେୟ ୬୧୮ ରୁ ମୋଟେ ୬୫ ଦେଶ୍ୟ ଆଦେଶର ଉଲ୍ଲେଖ କରିଚନ୍ତି – ବାକୀସବୁ ସଂସ୍କୃତର ଆଦେଶ ବା ବିକୃତି । ଗ୍ରୀୟରସନ ହେମଚନ୍ଦ୍ରଙ୍କୁ ପାଶ୍ଚାତ୍ୟ ପ୍ରାକୃତମାନଙ୍କର ଓ ମାର୍କଣ୍ଡେୟ ପ୍ରଭୃତିଙ୍କୁ ପ୍ରାଚ୍ୟ ପ୍ରାକୃତମାନଙ୍କର ପ୍ରତୀକ ବୋଲି କହିଛନ୍ତି । କିନ୍ତୁ ଏଠାରେ ଦେଖିବାର ଅଛି– ମାର୍କଣ୍ଡେୟଙ୍କ ଛଡ଼ା ଅନ୍ୟ ୩ ଜଣ ପ୍ରାଚ୍ୟଙ୍କର ଦେଶ୍ୟ ଶବ୍ଦ ସଙ୍ଗେ ବିଶେଷ ସଂପର୍କ ନାଇ । ମାର୍କଣ୍ଡେୟଙ୍କର ଯାହା କିଛି ହେଲେ ଅଛି, ତା'ର କାରଣ ହେଉଛି–ସେ ସମସ୍ତଙ୍କ ପରବର୍ତ୍ତୀ କାଳର ଲୋକ ଓ ଓଡ଼ିଶାର ଲୋକ । ଯେ କଥା କୁହାଯାଉଛି । ସେତେବେଳକୁ ଓଡ଼ିଆ ସାହିତ୍ୟରେ ସାରଳା ଦାସଙ୍କ ମହାଭାରତ, ବଳରାମ ଦାସଙ୍କ ରାମାୟଣ ଓ ଜଗନ୍ନାଥ ଦାସଙ୍କ ଭାଗବତ ପରି ଗ୍ରନ୍ଥ ମାନ ଏପରିକି ହୁଏତ ପରବର୍ତ୍ତୀ କାଳର ଓଡ଼ିଆ କାବ୍ୟ ସାହିତ୍ୟର ଅନେକ ଗ୍ରନ୍ଥ ଲେଖା ସରିଥିଲା । ତଥାପି ସେ ୬୫ଟିରୁ ବେଶି ଦେଶ୍ୟ ଶବ୍ଦ ଦେଇ ନାହାନ୍ତି । ପୁଣି ଅନ୍ୟଥା, ଏଇ ପ୍ରାଚ୍ୟମାନଙ୍କ ଭିତରେ କେବଳ ପ୍ରାକୃତରେ ସେତେବେଳକୁ 'ରାଜଶେଖର'ଙ୍କ ପରି ଲୋକ ବାହାରି ସାରିଥିଲେ । କିନ୍ତୁ ମାର୍କଣ୍ଡେୟ ଗତାନୁଗତିକ ନାଟକ ବ୍ୟବହାରର ରୀତି ଧରି ଯେଉଁ ପ୍ରାକୃତ ବ୍ୟାକରଣ ଲେଖିଥିଲେ, ସେଥିରେ ବୋଧହୁଏ ତାଙ୍କୁ ରାଜଶେଖରଙ୍କ ଲେଖା ଭଳି ପ୍ରାକୃତ ଲେଖା ପସନ୍ଦକୁ ଆସି ନ ଥିଲା । ରାଜଶେଖରଙ୍କୁ ଲକ୍ଷ୍ୟ କରି ସେ ଠାଏ ଲେଖିଛନ୍ତି–

'ତସ୍ୟୈବାବିମୃଷ୍ୟକାରିତ୍ୱଂ' (ତାଙ୍କର ଅବିମୃଷ୍ୟକାରିତା) । ହେମଚନ୍ଦ୍ରଙ୍କ ବ୍ୟାକରଣ କିନ୍ତୁ ସେ କାଳର ଗୁର୍ଜରଟୀ ପ୍ରାକୃତ ଖୁବ୍ ସୁନ୍ଦର



Digitized by PPRACHIN, SOA

ଭାଷାରେ ପ୍ରକାଶ କରିଥିଲେ ମଧ୍ୟ ଓ ନାଟକର ବ୍ୟବହାର ପାଇଁ ଲେଖା ନ ହୋଇଥିଲେ ମଧ୍ୟ ଏହା ଲେଖା ହୋଇଥିଲା, ଜୈନର ଧର୍ମ ଭାଷା ପାଇଁ । ଏବେ ମଧ୍ୟ ସେଇ ପ୍ରାକୃତ, ଜୈନମାନଙ୍କର ଧର୍ମ ଭାଷା ରୂପେ ଚଳେ । ତେଣୁ ପ୍ରାକୃତର କ୍ରାମିକ ବିକାଶ ଧାରା ଦେଖି ବସିଲେ, ସେଥିରୁ ମଧ୍ୟ ମିଳିବ ନାହିଁ ।

## ମାର୍କଣ୍ଡେୟ କବୀନ୍ଦ୍ର ଓଡ଼ିଆ—

କୁହା ଯାଇଚି, ମାର୍କଣ୍ଡେୟ କବୀନ୍ଦ୍ର, ସାରଳା, ବଳରାମ, ଜଗନ୍ନାଥଙ୍କ ପରବର୍ତ୍ତୀ କାଳର ଲୋକ ଓ ସେ ଥିଲେ ଓଡ଼ିଆ । ଗ୍ରୀୟରସନ୍ ମାର୍କଣ୍ଡେୟଙ୍କ 'ପ୍ରାକୃତ ସର୍ବସ୍ୱ'ର ଯେଉଁ ସବୁ ଭିନ୍ନ ଭିନ୍ନ ଲିପିର ହାତ ଲେଖା ବହିମାନ ବ୍ୟବହାର କରିଛନ୍ତି, ସେଥି ମଧ୍ୟରେ ଖଣ୍ଡେ ଥିଲା ଓଡ଼ିଆ ଲିପିରେ ଲେଖା । ସେ ଲେଖିଛନ୍ତି ପୁରୀର ସ୍ୱର୍ଗତ ମହାମହୋପାଧ୍ୟାୟ ସଦାଶିବ ମିଶ୍ର, ସେ ପୋଥିଖଣ୍ଡ ଗ୍ରୀୟରସନ୍‌ଙ୍କୁ ବ୍ୟବହାର କରିବା ପାଇଁ ଦେଇଥିଲେ । ସେ ଅନ୍ୟାନ୍ୟ ସ୍ଥାନରୁ ହିନ୍ଦି, ବଙ୍ଗଳା ଓ ଅନ୍ୟାନ୍ୟ ଲିପିରେ ଏଇ ପ୍ରାକୃତ ସର୍ବସ୍ୱର ଆଉ ୫ ଖଣ୍ଡି ପୋଥି ଓ ଖଣ୍ଡିଏ ଛପା ପୁସ୍ତକ (Seringahatam Granth Prakasini series) । କିନ୍ତୁ ସେ ଲେଖିଛନ୍ତି, ଓଡ଼ିଆ ଲିପିରେ ଲେଖା ହୋଇଥିବା ପୋଥିଟିର ପାଠ ସବୁଠାରୁ ବେଶୀ ଶୁଦ୍ଧ ।* ତା ପରେ ମାର୍କଣ୍ଡେୟ ନିଜ 'ପ୍ରାକୃତ ସର୍ବସ୍ୱ' ଗ୍ରନ୍ଥ ଶେଷରେ ଲେଖିଛନ୍ତି—

"ଶ୍ରୀମଦ୍ ବୀର ମୁକୁନ୍ଦଦେବ ନୃପତୌ ଦୋଃ ସମ୍ଭକୁମ୍ଭୀନସ
କ୍ରୀଡ଼ା ଗୁପ୍ତ ସମସ୍ତ ଶାତ୍ରବକୁଳ ପ୍ରାଣାନିଳେ ଧର୍ମତଃ ।

ଶାସତ୍ୟୁତ୍କଳ ମେଦିନୀଂ ରଘୁପତୌ ସାକ୍ଷାଦ୍ ଯୋଧ୍ୟାମିବ,
ଗ୍ରାମେ ବୀରବର ପ୍ରତାପ ନୃପତେଃ ପୂର୍ଣ୍ଣୋ ନିବନ୍ଧୋ ନବଃ ।"

---

* ଏଜନ Page 80, Foot note 3 । ଏ ସମ୍ପର୍କରେ ପୂର୍ବ ଅଧ୍ୟାୟ 'ପରଂପରାର କଳନା ଓ ପ୍ରଭାବ' ଦେଖ ।

(୧୮୪୮ ଶକ ଖ୍ରୀ: ୧୯୨୭) ବିଶାଖାପାଟଣା ପ୍ରକାଶିତ ପ୍ରାକୃତ ସର୍ବସ୍ୱ ଗ୍ରନ୍ଥରୁ ଗୃହୀତ)



Digitized by PPRACHIN, SOA

ଏହାର ଅର୍ଥ ହେଉଚି, ଯେଉଁ ଶ୍ରୀମଦ୍ ବୀର ମୁକୁନ୍ଦ ଦେବ ନୃପତିଙ୍କ ବାହୁ ସ୍ତମ୍ଭ ରୂପ ସର୍ପର କ୍ରୀଡ଼ାରେ ସବୁ ଶତ୍ରୁ ଓ ତାଙ୍କ ଲୋକେ, ଗ୍ରସ୍ତ ହୋଇ ନିଜ ନିଜର ପ୍ରାଣବାୟୁ ହରଇ ଥିଲେ, ସେଇ ନୃପତି ଧର୍ମରେ ସାକ୍ଷାତ୍ ରଘୁପତି ଅଯୋଧ୍ୟାକୁ ଶାସନ କଲାପରି, ଉତ୍କଳ ମେଦିନୀକୁ ଶାସନ କରୁଥିବା ବେଳେ, ବୀରବର ପ୍ରତାପ ନୃପତିଙ୍କ ଗ୍ରାମରେ ଏ ନୂତନ ଗ୍ରନ୍ଥ ପୂର୍ଣ୍ଣ ହେଲା ।

## ବୀର ପ୍ରତାପପୁର ଶାସନ ଓ ପ୍ରତାପଦେବ—

ଏଥିରୁ ଜଣାଯାଏ, ମାର୍କଣ୍ଡେୟ କବୀନ୍ଦ୍ର ପୁରୀ ପାଖ ବୀର ପ୍ରତାପ ପୁର ଶାସନର ଲୋକ— ସେ ଉତ୍କଳର ରାଜା ମୁକୁନ୍ଦ ଦେବଙ୍କ ସମୟରେ ଏଇ 'ପ୍ରାକୃତ ସର୍ବସ୍ୱ' ଗ୍ରନ୍ଥ ପୂର୍ଣ୍ଣ କରିଥିଲେ । ବୀର ପ୍ରତାପପୁର ଶାସନ ବସାଇ ଥିଲେ, 'ପ୍ରତାପ' ନାମକ ଓଡ଼ିଶାର ଜଣେ ସ୍ୱାଧୀନ ରାଜା । ପ୍ରତାପ ନାମଟି ହେତୁ, ଅନେକେ କହନ୍ତି, ଏ ହେଉଚନ୍ତି ପ୍ରତାପରୁଦ୍ରଦେବ । କିନ୍ତୁ ପ୍ରଥମ କଥା— ତା ହୋଇଥିଲେ, ଗ୍ରାମର ନାମ ପ୍ରତାପ ପୁର ନ ହୋଇ ପ୍ରତାପରୁଦ୍ରପୁର ହୋଇଥାନ୍ତା, କପିଳେଶ୍ୱରପୁର—କପିଳପୁର ନୁହେଁ । ପୁଣି ପ୍ରତାପରୁଦ୍ରଙ୍କ ବେଳକୁ ରାଜାଙ୍କ ନାମ ମୂଳରେ ବୀର କିମ୍ବା ଶ୍ରୀ ଲଗାଇ ଗ୍ରାମ ବସାଇବା ଆରମ୍ଭ ହୋଇ ନ ଥିଲା । ଏହା ପ୍ରଥମେ ଆରମ୍ଭ କରିଥିଲେ ଭୋଇବଂଶର ପ୍ରଥମ ରାଜା, ଗୋବିନ୍ଦ ବିଦ୍ୟାଧର । (ଖ୍ରୀ : ୧୫୪୨-୧୫୪୯) । ତାଙ୍କ ବସାଇ ଥିବା ଶାସନଟିର ନାମ 'ବୀର ଗୋବିନ୍ଦପୁର' । ଏଇଠାରୁ ରାଜାମାନେ ଯେଉଁ ଶାସନମାନ ବସାଇଲେ (ବୀର ଶ୍ରୀ ଗଜପତି ଗୌଡ଼େଶ୍ୱର ନବକୋଟି କର୍ଣ୍ଣାଟ କଳବର୍ଗେଶ୍ୱର ପ୍ରତାପ ଶ୍ରୀ..............) । ଉପାଧି ଅନୁସରଣରେ ସେମାନେ ପ୍ରାୟଶଃ ପ୍ରଥମେ ବସାଇ ଥିବା ଶାସନର ନାମରେ ନିଜ ନାମ ପୂର୍ବେ ଦେଲେ 'ବୀର';— ୨ୟ ଶାସନର ନାମରେ ନିଜ ନାମ ପୂର୍ବେ ଦେଲେ 'ଶ୍ରୀ'— ଯଥା, ବୀର ରାମଚନ୍ଦ୍ରପୁର—ଶ୍ରୀରାମଚନ୍ଦ୍ରପୁର, ପ୍ରତାପ ରାମଚନ୍ଦ୍ରପୁର (ରାମଚନ୍ଦ୍ର-ଦେବ, ୧୫୯୨-୧୬୦୭) । ବୀରପୁରୁଷୋତ୍ତମପୁର, ଶ୍ରୀ ପୁରୁଷୋତ୍ତମପୁର (ପୁରୁଷୋତ୍ତମଦେବ—ଖ୍ରୀ ୧୬୦୭-୧୬୩୦) । ପ୍ରତାପ ପୁରୁଷୋତ୍ତମପୁର



Digitized by PPRACHIN, SOA

(ପରେ ପ୍ରକ୍ଷିପ୍ତ); ନରସିଂହଦେବ (ଖ୍ରୀ. ୧୬୩୦–୧୬୫୫), କେବଳ ଗୋଟିଏ ଶାସନ ବସାଇଥିଲେ–ବୀରନରସିଂହପୁର । ଏଇପରି ନାମ ନାମିତ ସବୁ ଶାସନ ଭୋଇବଂଶୀୟ ରଜାମାନଙ୍କ ଦ୍ୱାରା ପ୍ରତିଷ୍ଠିତ । ଗୋବିନ୍ଦ ବିଦ୍ୟାଧରଙ୍କ ପୁତ୍ର ହେଉଛନ୍ତି 'ପ୍ରତାପଦେବ' । ତାଙ୍କୁ ଲୋକେ କହୁଥିଲେ 'ଚକାପ୍ରତାପ' । ତାଙ୍କର ପିଲାଦିନେ ନାମ ଥିଲା 'ଚକା' । ସେ ୮ ବର୍ଷ କିମ୍ବା ୧୨ ବର୍ଷ (ଖ୍ରୀ. ୧୫୪୯-୧୫୫୭ କିମ୍ବା ୧୫୬୧) ରାଜତ୍ୱ କରିଥିଲେ । ସମ୍ରାଟ ପଦରେ ବସିବା ପରେ ତାଙ୍କ ନାମ ହୋଇଥିଲା, ପ୍ରତାପଦେବ । ଗୋବିନ୍ଦ ବିଦ୍ୟାଧରଙ୍କ ପୂର୍ବରୁ ଏଇ ସମ୍ପର୍କରେ ଦେଖିବାର ଅଛି, ପ୍ରତାପରୁଦ୍ରଙ୍କର ଯେଉଁ ଦୁଇଜଣ ପୁଅ ରଜା ହୋଇ ଏକପରେ ଅପର ରାଜଗାଦିରେ ବସୁ ବସୁ ଗୋବିନ୍ଦ ବିଦ୍ୟାଧରଙ୍କ ଦ୍ୱାରା ନିହତ ହୋଇଥିବାର ମାଦଳା-ପାଞ୍ଜିରେ ଲେଖାଅଛି, ସୂର୍ଯ୍ୟବଂଶର ସେଇ ଦୁଇଜଣ ନୃପତିଙ୍କ ନାମ ହେଉଚି, କାଲୁଆଦେବ ଓ କଖାରୁଆଦେବ । ମାଦଳାପାଞ୍ଜିରୁ ଜଣାଯାଏ, ଏହାଙ୍କ ଏଇ ଡାକନାମ ଛଡ଼ା ଅନ୍ୟନାମ ପ୍ରକାଶ ପାଇବା ପାଇଁ କାଳ ସହି ନାଇ । ଚକା ନାମଟି ସେଇପରି । ଏଇ ଚକାପ୍ରତାପ ବା ପ୍ରତାପଦେବ ବୀର ପ୍ରତାପପୁର ଶାସନ ବସାଇଥିଲେ । ଏଇ ବୀର ପ୍ରତାପପୁର ପୁଣି ବୀର ଗୋବିନ୍ଦପୁରକୁ ଲାଗିଚି ।

## ମୁକୁନ୍ଦଦେବ—କେଉଁ ମୁକୁନ୍ଦଦେବ ? –

ବୀର ପ୍ରତାପପୁରର ଏଇ 'ପ୍ରାକୃତସର୍ବସ୍ୱ' ଗ୍ରନ୍ଥକାର ମାର୍କଣ୍ଡେୟ କବୀନ୍ଦ୍ର ପୁଣି କେଉଁ ମୁକୁନ୍ଦଦେବଙ୍କ କାଳରେ ଏହା ଲେଖିଥିଲେ ? ଚକାପ୍ରତାପଙ୍କ ପରେ ଆଜିଯାଏଁ ଭୋଇ ବଂଶରେ ହେଉଛନ୍ତି ୪ଟି ମୁକୁନ୍ଦଦେବ । ସେଥିରୁ ଗୋଟିଏ ହେଉଛନ୍ତି ଏବେ ଥିବା ରାମଚନ୍ଦ୍ରଦେବଙ୍କ ବାପ, (ଖ୍ରୀ: ୧୮୮୩ ରୁ ୧୯୨୫) । ତାଙ୍କର ପୂର୍ବ ମୁକୁନ୍ଦଦେବ ହେଉଛନ୍ତି, ଯାହାଙ୍କ ସମୟରେ ଇଂରେଜମାନେ ଓଡ଼ିଶା ଅଧିକାର କରି କୌଶଳରେ ପୁରୀ ମନ୍ଦିରଟି କାଢ଼ି ନେଇଥିଲେ (ଖ୍ରୀ: ୧୭୯୮-୧୮୨୦) । ଏ ହେଉଚନ୍ତି ଖୋରଧାର ଶେଷ ରଜା । ତା'ପରେ ରଜାମାନେ ରହିଲେ ପୁରୀରେ । ଏଇ ମୁକୁନ୍ଦଦେବ ୧୮୦୪ରୁ୧୮୨୦ ପର୍ଯ୍ୟନ୍ତ ଇଂରେଜମାନଙ୍କର ବନ୍ଦୀ ଥିଲେ । 'ପ୍ରାକୃତ ସର୍ବସ୍ୱ'ରେ ଯେଉଁ ମୁକୁନ୍ଦଦେବଙ୍କ ବର୍ଣ୍ଣନା ଅଛି, ସେ ଏ ଦୁଇଜଣଙ୍କ



Digitized by PPRACHIN, SOA

ଭିତରୁ ପ୍ରଥମଟି ତ ନୁହଁନ୍ତି, ଦ୍ୱିତୀୟଟି ହେବା ମଧ୍ୟ ସମ୍ଭବ ନୁହେଁ । ଏଥିପୂର୍ବରୁ ଆଉ ୨ଜଣ ମୁକୁନ୍ଦଦେବ ରାଜତ୍ୱ କରିଥିଲେ । ଜଣେ ହେଉଛନ୍ତି (ଖ୍ରୀ: ୧୬୬୦/୧୬୬୪ ରୁ ୧୬୯୨) । ଏ ଜଣେ ଖୋରଧାର ରାଜା । ଏ ମୁକୁନ୍ଦଦେବ 'ସିରାଇ' ପ୍ରଗନାର ଶ୍ରୀମୁକୁନ୍ଦପୁର ଶାସନ ବସାଇଥିଲେ । ଅବଶ୍ୟ ସେତେବେଳେ ଓଡ଼ିଶାର ମୁସଲମାନ ସୁବାଦାର ଖାନାଇ ଦୌଲତ ଏହାଙ୍କ ରାଜତ୍ୱର ଆଦି କାଳରେ ଏହାଙ୍କୁ ଆକ୍ରମଣ କରି ଥରେ ନ ବତ କରିଥିଲେ । ଯେଉଁ ଶ୍ରୀମୁକୁନ୍ଦପୁର ଗ୍ରାମ କଥା କୁହାଗଲା, ସେଇ ଗ୍ରାମର ପ୍ରତିଷ୍ଠା ସମ୍ବନ୍ଧରେ ଥିବା କିମ୍ବଦନ୍ତୀଟି ଏଠାରେ ପ୍ରସଙ୍ଗତଃ ଉଲ୍ଲେଖଯୋଗ୍ୟ । କଥା ଅଛି, ଏଇ ଶ୍ରୀମୁକୁନ୍ଦପୁର ଥିବା ସ୍ଥାନରେ ନିକଟବର୍ତ୍ତୀ ମୁସଲମାନ-ମାନେ ପାର୍ଶ୍ୱବର୍ତ୍ତୀ ଲୋକମାନଙ୍କ ଉପରେ ବଡ଼ ଅତ୍ୟାଚାର କରୁଥିଲେ । ସେଥିରେ ଖୋରଧାର ରାଜା ମୁକୁନ୍ଦଦେବ ବଡ଼ ବିବ୍ରତ ହେଲେ ମଧ୍ୟ ଲୋକଙ୍କୁ ଶାନ୍ତିସୁଖ ଦେବା ପାଇଁ କିଛି କରିପାରୁ ନ ଥିଲେ । ଏତିକିବେଳେ ଜଣେ ନନ୍ଦ ବ୍ରାହ୍ମଣ ଆସି ମୁକୁନ୍ଦଦେବଙ୍କ ସଙ୍ଗେ ଦେଖାକରି ଶାସନ ଦାନ ଲୋଡ଼ିଲେ । କଥା ଅଛି ସେ ନନ୍ଦେ କାଶୀରୁ ଆସିଥିଲେ । ହୋଇପାରେ, ଏ ନନ୍ଦଙ୍କ ବଂଶ ଆଗରୁ ଓଡ଼ିଶାରୁ ଯାଇ କାଶୀରେ ଥିଲେ । ପୁଣି ହୋଇପାରେ, ଏ କାଶୀ ଅଞ୍ଚଳରେ ଗୋଟିଏ ବ୍ରାହ୍ମଣ ବଂଶର ଲୋକ । କଥାବାର୍ତ୍ତାରେ ପ୍ରକାଶ ପାଇଲା, ସେଇ ମୁସଲମାନ ବସତି ଲୋକମାନଙ୍କର କ୍ରିୟାକଳାପରେ ମୁକୁନ୍ଦଦେବ ବଡ଼ ବିବ୍ରତ ହେଲେ । କଥା ହେଲା, ନନ୍ଦେ ସେଇ ଅଞ୍ଚଳରେ ଯଦି ମୁସଲମାନମାନଙ୍କୁ ଆୟତ୍ତ ବା ଆପଣାର କରିପାରିବେ ତେବେ ସେଇ ସ୍ଥାନରେ ଶାସନ ଦାନ ପାଇବେ । ନନ୍ଦେ ସ୍ଥାନୀୟ ଲୋକଙ୍କୁ—ବିଶେଷରେ—ବ୍ରାହ୍ମଣଙ୍କୁ ଏକାଠି କରି ମୁସଲମାନମାନଙ୍କୁ ଜବତ କରିବାରେ ନିଜର ସାହସ ଦେଖାଇ ଦାନାଧ୍ୟକ୍ଷ ରୂପେ ଏବ ଶ୍ରୀମୁକୁନ୍ଦପୁର ଶାସନଟି ଦାନ ପାଇଥିଲେ । ସେଇ 'ନନ୍ଦ ସାମନ୍ତ' ମାନେ ସେଇ ଦିନଠାରୁ ମହାପାତ୍ର ଉପାଧି ଧରି ଏବେ ଶ୍ରୀମୁକୁନ୍ଦ ପୁରେ ଅଛନ୍ତି । ସେମାନଙ୍କର ଦାନାଧ୍ୟକ୍ଷ ସ୍ମୃତିର ସଙ୍କେତ ଏବେ ମଧ୍ୟ ଅଛି । ଅର୍ଥାତ୍ ଆଶର୍ବାଦ ସଭା ପ୍ରଭୃତିରେ ସେଇମାନେ ଦାନାଧ୍ୟକ୍ଷ ବୋଲି ଅଧିକା ଦକ୍ଷିଣା ପା'ନ୍ତି ।

ଅବଶ୍ୟ ଏଠାରେ ପ୍ରଶ୍ନ ଉଠିପାରେ, ଏ ଗ୍ରାମର ନାମ ଯଦି ଶ୍ରୀମୁକୁନ୍ଦପୁର ହେଲା, ଏହା ଆଗରୁ ସେଇ ମୁକୁନ୍ଦଦେବ ବୀରମୁକୁନ୍ଦପୁର



Digitized by PPRACHIN, SOA

ବୋଲି ଗ୍ରାମ ବସାଇ ଥିବେ । ଏଇ ଶ୍ରୀମୁକୁନ୍ଦପୁର ଠାରୁ ପ୍ରାୟ ୫/୭ ମାଇଲ ଦୂରରେ କଣାସ ଅଞ୍ଚଳରେ ବୀରମୁକୁନ୍ଦ ପୁର ବୋଲି ଗୋଟିଏ ଗାଁ ଅଛି । କିନ୍ତୁ ଏଇ ଗ୍ରାମରେ ଏବେ ବ୍ରାହ୍ମଣ ନାହାଁନ୍ତି । ଏହା କେବଳ ଚାଷୀମାନଙ୍କ ଗ୍ରାମ । ଅନୁସନ୍ଧାନରେ ଦେଖାଗଲ, ଏଇ ଗ୍ରାମରେ 'ବ୍ରାହ୍ମଣପୀଢ଼' ବୋଲି ଗୋଟିଏ ବସତି ହୋଇପାରିବା ଭଳି ଉଚ୍ଚସ୍ଥାନ ଅଛି । ଅନୁମାନ ହୁଏ, ଏଇ ପୀଢ଼ ଉପରେ ବୀରମୁକୁନ୍ଦପୁର ଦାନ ନେଇଥିବା ବ୍ରାହ୍ମଣମାନଙ୍କର ଘର ସବୁ ଥିଲ । ଏସବୁଥିରୁ ଜଣାଯାଏ ମୁକୁନ୍ଦଦେବ ବାଲ୍ୟକାଳରୁ ମୁସଲମାନଙ୍କ ଦ୍ୱାରା ଜବତ ହୋଇଥିଲେ ମଧ୍ୟ, ତାଙ୍କର ରାଜୋଚିତ ପ୍ରଜା ପ୍ରୀତି ଓ ବିଦ୍ୟାନୁରାଗ ଖୁବ୍ ଥିଲ । ପ୍ରଜାମାନଙ୍କ ଉପରେ ମୁସଲମାନ ମାନଙ୍କ ପୀଡ଼ା ତାଙ୍କୁ ବଡ଼ ବାଧୁଥିଲ । ପୁଣି ଆଉ ଗୋଟିଏ କଥା ପ୍ରତି ଏଠି ଲକ୍ଷ୍ୟ କରିବାର ଅଛି । ସେଇ କାଳରେ ଓଡ଼ିଆମାନେ ବଙ୍ଗୀୟ ସହଜିଆ ବୈଷ୍ଣବମାନଙ୍କ ପରକୀୟା ପ୍ରେମଧର୍ମରେ ଉତ୍ପୀଡ଼ିତ ହୋଇ ପୁରୀ, ଗଞ୍ଜାମ ଓ ଏବର ଗଡ଼ଜାତ ଅଞ୍ଚଳରେ ସାହିତ୍ୟରେ ସ୍ପଷ୍ଟ ବିଦ୍ରୋହ ଉଠାଇଥିଲେ । ପୁରୀର ବିଶ୍ୱନାଥ ଖୁଣ୍ଟିଆଙ୍କ 'ବିଚିତ୍ର ରାମାୟଣ' ଠାରୁ ଗଞ୍ଜାମ, କେନ୍ଦୁଝର ଓ ମୟୂରଭଞ୍ଜରୁ ଏବେ ମିଳୁଥିବା କାବ୍ୟ ସାହିତ୍ୟ ପର୍ଯ୍ୟନ୍ତ ସବୁ ସ୍ପଷ୍ଟତଃ ଏହି ବିଦ୍ରୋହର ଫଳ । ଏଇ ବିଦ୍ରୋହ ଏ କାଳର ଗୋଟିଏ ଉଦ୍‌ବୋଧ । ପୁଣି ଏଇ ସହଜିଆ ବୈଷ୍ଣବ ଧର୍ମ ବଙ୍ଗଦେଶରେ ସେକାଳେ ମୁସଲମାନ ଧର୍ମକୁ ଆଗ୍ରହରେ ବହୁ ପରିମାଣରେ ଓ ବହୁ ଭାବରେ ପ୍ରଭାବିତ ଥିଲ । ଏସବୁ କଥା ପ୍ରସଙ୍ଗାନ୍ତରେ କୁହାଯାଇଛି ଓ ପରେ କୁହାଯାଉଛି ।

ଏଇ ଉଦ୍‌ବୋଧ ସଙ୍ଗେ ଭାରତୀୟ ସାମାଜିକ ପରିସ୍ଥିତିକୁ ମିଳାଇ ଦେଖିବା ନିମନ୍ତେ ଆଉ ଗୋଟିଏ ବିଷୟ ପ୍ରତି ମଧ୍ୟ ଲକ୍ଷ୍ୟ କରାଯାଇ ପାରେ । ଅକବରଙ୍କ ସେନାପତି ମାନସିଂହ ଖ୍ରୀ: ୧୫୯୦ରେ ଯେଉଁ ରାମଚନ୍ଦ୍ରଙ୍କୁ ଓଡ଼ିଶାର ରାଜା ରୂପେ ବସାଇ ଯାଇଥିଲେ, ଠିକ୍ ତାଙ୍କ ପରେ ପରେ ଓଡ଼ିଶାରେ ମୁସଲମାନଙ୍କର ଅତ୍ୟାଚାରର ସ୍ରୋତ ଫିଟିଲ, ତାହା ଅନେକ ଜାଣିଥିବେ । ଏ ଅତ୍ୟାଚାରର ବିଶେଷ ରୂପ ପଡ଼ିଲ, ଜଗନ୍ନାଥ ମନ୍ଦିର ଓ ଜଗନ୍ନାଥଙ୍କ ଉପରେ, ତଥା ଧର୍ମ ଉପରେ । ସେଥିରେ ଲୋକେ



Digitized by PPRACHIN, SOA

ଉତ୍ପୀଡନରେ ବିବ୍ରତ ହୋଇ ହିନ୍ଦୁ ଧର୍ମର ପୁନରୁଦ୍ଧାର ଓ ପୁନଃ-ପ୍ରତିଷ୍ଠା ପାଇଁ କିପରି ଗୁହିଁ ବସିଥିଲେ ତାହା ଅନୁମାନଗମ୍ୟ । ଭାରତରେ ବିଶେଷତଃ ଓଡ଼ିଶା ପରି ଦକ୍ଷିଣ ଭାରତରେ ମରହଟ୍ଟାଙ୍କର ଆବିର୍ଭାବ ଏକାଳ ଇତିହାସର ଗୋଟିଏ ସ୍ମରଣୀୟ ଘଟଣା । ଏଇ ମୁକୁନ୍ଦଦେବଙ୍କ ବେଳକୁ ଶିବାଜୀଙ୍କ କାଳ ଯାଇ ପେଶବାଙ୍କ କାଳ ଆରମ୍ଭ ହୋଇ ସାରିଥିଲା । ଏଇ ପେଶବାଙ୍କର ଆର୍ବିଭବ ମଧ୍ୟ ଓଡ଼ିଶାରେ ଏ ଉଦ୍‌ବୋଧର ଏକ କାରଣ ହୋଇପାରେ । ଅତି କ୍ଷୀଣ ହେଲେ ମଧ୍ୟ ମୁସଲମାନଙ୍କୁ ଜବତ କରି ବ୍ରାହ୍ମଣ ଶାସନ ବସାଇବାରେ ଏଇ ଉଦ୍‌ବୋଧ ପ୍ରକାଶ ପାଇଥିଲା ।

ଏଇ କାଳରେ ପୁରୀ ଶାସନମାନଙ୍କ ସଙ୍ଗେ ମରହଟ୍ଟା ପେଶବା ମାନଙ୍କର ଖୁବ୍ ସଂପର୍କ ରହିଥିବାର ବହୁ କିମ୍ବଦନ୍ତୀ ଅଛି । ବୀରନରସିଂହପୁର ଶାସନ ୧୬୩୦ ଖ୍ରୀ: ବା ତାର ଅଳ୍ପଦିନ ପରେ ବସିଥିଲା । ସେଇ ଗ୍ରାମର ଦାନାଧ୍ୟକ୍ଷ ସାମନ୍ତବଂଶୀୟ ଗୃନ୍ଦୁଗଇଗୁରୁ, ବିଶି ପାଡୁଶୀଙ୍କ ସମ୍ବନ୍ଧରେ ଗୋଟିଏ କଥା ଏବେ ବି ସେ ଅଞ୍ଚଳରେ ପ୍ରଚଳିତ । ସେ ଗଳ୍ପଟି ହେଉଚି– ଗୃନ୍ଦୁଗଇଗୁରୁ, ବିଶିପାଡୁଶୀ ଦୁହେଁ ସଂସ୍କୃତ ଅଳଙ୍କାର ଶାସ୍ତ୍ରରେ ବଡ଼ ପଣ୍ଡିତ ଥିଲେ । ସେଇ ପଣ୍ଡିତ ହିସାବରେ ପୁନା ପେଶବାଙ୍କ ଦରବାରରେ ତାଙ୍କର ଭାରି ପ୍ରତିଷ୍ଠା ଥିଲା । କଥା ଅଛି, ତାଙ୍କ ମା'ଙ୍କର କୌଣସି ଚକ୍ଷୁରୋଗ ଚିକିତ୍ସା ପାଇଁ ମୁକ୍ତା ଭସ୍ମର ଦରକାର ହେବାରୁ ସେ ତତ୍‌କାଳୀନ ଖୋରଧା ରଜା (ଖୁବ୍ ସମ୍ଭବ ଏଇ ମୁକୁନ୍ଦଦେବ)ଙ୍କୁ ଭସ୍ମ ତିଆରି କରିବା ପାଇଁ ମୁକ୍ତା ମାଗିଲେ । ଶୁଣାଯାଏ, ରଜା ତା' ଦେଲେନାଇ । ଯଥାର୍ଥରେ ହୁଏତ ରଜାଙ୍କର ଦେବାର କ୍ଷମତା ନ ଥିଲା । ତହୁଁ ପଣ୍ଡିତ ଦୁଇଭାଇ ଯାକ ପେଶବାଙ୍କଠାକୁ ଯାଇ ସେଠାରୁ ୧୮ ବଳଦ ମୁକ୍ତା ଆଣି, ତାକୁ ନିଜ ଦାଣ୍ଡଦୁଆରେ ପୋଡ଼ି ମା'ଙ୍କ ପାଇଁ ମୁକ୍ତା ଭସ୍ମ ସଂଗ୍ରହ କଲେ । ଲୋକେ କହନ୍ତି, ୧୮ ବଳଦ ବୋଇଲେ, ୧୮ଟି ବଳଦରେ ଲଦି ମୁକ୍ତା ଆଣିଥିଲେ । କିନ୍ତୁ ତାହା ସମ୍ଭବ ନୁହେଁ । ମୁକ୍ତାର ଗୋଟିଏ ଗଣନା ବା ମାପକୁ ଏକ ବଳଦ ବୋଲି କହୁଥିବାର ଅନୁମାନ ହୁଏ–ଯେପରି କି ୧୧ଟା ଗୁଆରେ ଗାଈଏ ଗୁଆ । ସେଇପରି ବଳଦେ ପାନ । ଯୋଡ଼େ ନଡ଼ିଆ (୯ପଣ ନଡ଼ିଆ ଇତ୍ୟାଦି) । ଆଉରି ମଧ୍ୟ, ମାର୍କଣ୍ଡେୟ କବୀନ୍ଦ୍ରଙ୍କ ଶ୍ଳୋକରେ ଯେଉଁ ଗଜ



Digitized by PPRACHIN, SOA

ପ୍ରଶସ୍ତି ଅଛି, ତାହା ସେକାଳ ପଣ୍ଡିତଙ୍କ ଲେଖା ହିସାବରେ ଏଇ ମୁକୁନ୍ଦଦେବଙ୍କ ପ୍ରତି ପ୍ରଯୁକ୍ତ ହୋଇ ଥିବାର ସଙ୍ଗତ ବୋଲି ମନେହୁଏ । ଯଦି ସେ ନ ହୁଅନ୍ତି, ପ୍ରଶସ୍ତିର ଏ ମୁକୁନ୍ଦଦେବ ହେଉଛନ୍ତି, ଚକାପ୍ରତାପଙ୍କ ପୁଅ ନରସିଂହ ଜେନାଙ୍କୁ ହତ୍ୟା କରି ସମ୍ରାଟ ହୋଇଥିବା, ଓଡ଼ିଶାର ଶେଷ ସ୍ୱାଧୀନ ରଜା ତେଲେଙ୍ଗା ମୁକୁନ୍ଦଦେବ । କିନ୍ତୁ ଆଉ ଗୋଟିଏ କାରଣରୁ ମନେ ହୁଏ ତେଲେଙ୍ଗା ମୁକୁନ୍ଦଦେବଙ୍କ କାଳରେ 'ପ୍ରାକୃତ ସର୍ବସ୍ୱ' ଲେଖା ହୋଇନାଇ । ଏହା ତାଙ୍କ ପର ମୁକୁନ୍ଦଦେବଙ୍କ କାଳରେ ଖ୍ରୀଷ୍ଟ ସପ୍ତଦଶ ଶତାବ୍ଦୀର ଶେଷ ଆଡ଼କୁ ଲେଖା ହୋଇଚି ।

ଗ୍ରୀୟରସନ ସାହେବ ମଧ୍ୟ ଏଇ ମାର୍କଣ୍ଡେୟ କବୀନ୍ଦ୍ରଙ୍କୁ ଖ୍ରୀ:୧୭ଶ ଶତାବ୍ଦୀର ଲୋକ ବୋଲି ସ୍ଥିର କରିଚନ୍ତି ।

ସଂସ୍କୃତରେ ନାଟକ ଲେଖିବା ଓଡ଼ିଶାରେ ପରମ୍ପରା ପ୍ରସିଦ୍ଧ । ଏବେ ଜଣା ପଡ଼ିଚି, ପଣ୍ଡିତ କେଦାରନାଥ ମହାପାତ୍ର ସ୍ପଷ୍ଟ ପ୍ରମାଣ ପାଇଚନ୍ତି, ସାହିତ୍ୟ ଦର୍ପଣକାର ବିଶ୍ୱନାଥ କବିରାଜ ମହାପାତ୍ର ପଞ୍ଚଦଶ ଶତାବ୍ଦୀର ଲୋକ । ସେ 'ପ୍ରେମକଳା' ପ୍ରଭୃତି ନାଟକମାନ ଲେଖିଥିଲେ । କପିଳେନ୍ଦ୍ର ଓ ପୁରୁଷୋତ୍ତମ ଦେବଙ୍କ ନାମରେ ଲେଖା ନାଟକମାନ ମିଳିଚି । ଅତି ହୀନ ସ୍ତରର ହେଲେ ମଧ୍ୟ ରାୟ ରାମାନନ୍ଦଙ୍କ ନାମରେ ଲିଖିତ "ଜଗନ୍ନାଥ-ବଲ୍ଲଭ" ନାଟକ ମଧ୍ୟ ପ୍ରତାପରୁଦ୍ର ଦେବଙ୍କ କାଳର । ଅନ୍ୟ ନାଟକମାନ ମୁଁ ନିଜେ ଦେଖିନାଇ । କିନ୍ତୁ "ଜଗନ୍ନାଥ ବଲ୍ଲଭ" ନାଟକ ଦେଖିଲେ ବୁଝାଯାଏ ଭରତ, ବରରୁଚି କାଳରୁ ପ୍ରତିଷ୍ଠିତଥିବା ନାଟକଗତ ପ୍ରାକୃତ ପରମ୍ପରାର ଯଥାଯଥ ଜ୍ଞାନ ରାୟ ରାମାନନ୍ଦଙ୍କର ନ ଥିଲା । ତେଣୁ ଓଡ଼ିଶାରେ ନାଟକ-ପାତ୍ରମାନଙ୍କର ସଙ୍ଗତିବଦ୍ଧ ପ୍ରାକୃତ ଠିକ୍ କରିବା ପାଇଁ ଯଥାର୍ଥ ପ୍ରୟୋଜନ ପଡ଼ିଥିଲା । ମାର୍କଣ୍ଡେୟ କବୀନ୍ଦ୍ରଙ୍କ ଭଳି ଗ୍ରନ୍ଥକାର ଏତିକିବେଳେ ଆବଶ୍ୟକ ଥିଲେ ।

କିନ୍ତୁ ଏଇଠି କହିବାର ଅଛି, କୌଣସି କାରଣରୁ ଦେଖାଯାଏ ଶାସନୀ ବ୍ରାହ୍ମଣମାନଙ୍କ ଭିତରେ ବିଶେଷତଃ ବୀରନରସିଂହପୁର ପ୍ରତିଷ୍ଠା ସଙ୍ଗେ ତିଆରି ହୋଇଥିବା ସାମନ୍ତ (କୁଳୀନ) ବ୍ରାହ୍ମଣମାନଙ୍କ ଭିତରେ,



Digitized by PPRACHIN, SOA

ନାଟକ ଲେଖିବାର ପରଂପରଟି ଟିକିଏ ବିଶେଷ ଭାବରେ ପ୍ରତିଷ୍ଠିତ ଓ ପ୍ରଚଳିତ ଥିଲା । ଏଇ ବୀରନରସିଂହପୁରର ବତ୍ସ-ସ ଗୋତ୍ର ସାମନ୍ତ "ଗୁନ୍ଦରାୟ ଗୁରୁ" ଲେଖିଥିବା ନାଟକମାନଙ୍କ କଥା ସେ ଅଞ୍ଚଳରେ କିମ୍ବଦନ୍ତୀ ପ୍ରସିଦ୍ଧ । ସ୍ୱର୍ଗତ ପଣ୍ଡିତ ବିଶ୍ୱନାଥ ରଥଙ୍କ ଠାରୁ ଶୁଣିଥିଲି, ତାଳପତ୍ର ପୋଥି ଖୋଜା-ହେଲାବେଳେ ତାଙ୍କ ଲେଖା ଖଣ୍ଡେ କି ଦୁଇଖଣ୍ଡ ସଂସ୍କୃତ ନାଟକ ନରସିଂହ-ପୁରରୁ ମିଳିଥିଲା । ବଙ୍ଗୀୟ Asiatic Societyଙ୍କ ନିଯୁକ୍ତିରେ ଉକ୍ତ ପଣ୍ଡିତ ତାହା ସଂଗ୍ରହ କରିଥିଲେ । ଏଇ ପରଂପରାର ଶେଷ ବ୍ୟକ୍ତି ହେଉଚନ୍ତି, ପୁରୀ ସଂସ୍କୃତ କଲେଜର ପ୍ରଥମ ପ୍ରିନ୍ସିପାଲ ପଣ୍ଡିତ ସାମନ୍ତ ବିଶ୍ୱନାଥ ମହାପାତ୍ର । ତାଙ୍କ ଲିଖିତ ଓ ପୁରୀର ସ୍ୱର୍ଗତ ମୁକ୍ତାର ରାମଚନ୍ଦ୍ର ଦାସଙ୍କ ପ୍ରକାଶିତ 'ସାବିତ୍ରୀ ପରିଣୟାଖ୍ୟଂ ନାଟକଂ' ଅନେକେ ଦେଖିଥିବେ । ତାକୁ ସଂସ୍କୃତରେ ଲେଖିସାରି ଛାତ୍ରମାନଙ୍କୁ ଧରି ପ୍ରାକୃତ ବ୍ୟାକରଣ ସୂତ୍ର ସାହାଯ୍ୟରେ ଭିନ୍ନ ଭିନ୍ନ ଛାତ୍ରମାନଙ୍କର କଥାକୁ ପ୍ରାକୃତରେ ପରିଣତ କରୁଥିବାର ମୁଁ ଦେଖିଚି । ଏହା ଖ୍ରୀ: ୧୮୯୯/୧୯୦୦ର କଥା । ତେଣୁ ବୀର ପ୍ରତାପପୁରର ମାର୍କଣ୍ଡେୟ କବୀନ୍ଦ୍ର ଏଇ ଖୋରଧା ରାଜା ପ୍ରଥମ ମୁକୁନ୍ଦ ଦେବଙ୍କ ସମୟରେ 'ପ୍ରାକୃତ ସର୍ବସ୍ୱ' ଲେଖିଥିବାର ସମ୍ଭବ ; ଓଡ଼ିଶାର ପ୍ରତ୍ନତତ୍ତ୍ୱ ବିଶାରଦ ପଣ୍ଡିତ ପରମାନନ୍ଦ ଆଚାର୍ଯ୍ୟ ଏଇ ପ୍ରାକୃତ ସର୍ବସ୍ୱକାର ମାର୍କଣ୍ଡେୟ କବୀନ୍ଦ୍ରଙ୍କ ସମ୍ବନ୍ଧରେ ଆଲୋଚନା କରିଥିଲେ । (ମାସିକ ସହକାର ୨୩ଶ ଭାଗ, ୧୦ମ ସଂଖ୍ୟା, ଓଡ଼ିଆ ସାହିତ୍ୟର ଐତିହ୍ୟ—ପୃ ୪୦୨), ତାଙ୍କ ମତରେ ଏହାଙ୍କ ଗ୍ରନ୍ଥ ବର୍ଣ୍ଣିତ ମୁକୁନ୍ଦ ଦେବ ହେଉଛନ୍ତି ଓଡ଼ିଶାର ଶେଷ ସ୍ୱାଧୀନ ରାଜା ତେଲେଙ୍ଗା ମୁକୁନ୍ଦ ଦେବ (ଖ୍ରୀ: ୧୫୫୯-୧୫୬୮) । ଯଦି ବର୍ଣ୍ଣନାରେ ମୁକୁନ୍ଦ ଦେବଙ୍କର ଯେଉଁ ପ୍ରତାପ ଓ ବିଜୟାଦି ପ୍ରତି ଲକ୍ଷ କରାହୋଇଚି, ତାହା କଥାର ଛଟା ମାତ୍ର ନ ହୋଇ, ସେଥିରେ କୌଣସି ସତ୍ୟତା ଥାଏ, ତେବେ ତାହା ଏଇ ତେଲେଙ୍ଗା ମୁକୁନ୍ଦ ଦେବଙ୍କ ପ୍ରତି ପ୍ରଯୁଜ୍ୟ ବୋଲି କୁହାଯାଇ ପାରେ । ପଣ୍ଡିତ କେଦାରନାଥ ମହାପାତ୍ରଙ୍କ ଆବିଷ୍କ୍ରିୟାକୁ ଲକ୍ଷ କରି ପୁଣି କୁହାଯାଇଚି, ସଂସ୍କୃତରେ ନାଟକ ଲେଖିବା ପରଂପରା ଅନ୍ତତଃ ଖ୍ରୀଷ୍ଟ ପଞ୍ଚଦଶ ଶତାବ୍ଦୀ ବେଳକୁ ଓଡ଼ିଶାରେ ପ୍ରତିଷ୍ଠିତ ହୋଇ ସାରିଥିଲା । ସାହିତ୍ୟ ଦର୍ପଣକାର ବିଶ୍ୱନାଥ କବିରାଜ ନିଜେ



Digitized by PPRACHIN, SOA

'ପ୍ରେମକଳା ନାଟକ' ଓ ତାଙ୍କ ପୁତ୍ର ଅନନ୍ତ ଦାସ ଅନ୍ୟଏକ ନାଟକ ଲେଖିଥିଲେ । ଏମାନଙ୍କ ମଧ୍ୟରୁ କେହି ଖ୍ରୀଷ୍ଟ ପଞ୍ଚଦଶ ଶତାବ୍ଦୀର ଏପାଖ ଲୋକ ନୁହନ୍ତି । ପୁଣି ସେଇ ଗବେଷକ ପଣ୍ଡିତ କେଦାର ନାଥ ମହାପାତ୍ର ଏବେ ପ୍ରମାଣ କରିବାକୁ ପ୍ରୟାସ କରିଚନ୍ତି ଯେ (The Orissa Historical Research Journal Vol. III No 1 pp 36), ଏଇ ମାର୍କଣ୍ଡେୟ କବୀନ୍ଦ୍ର ହେଉଚନ୍ତି "ଦଶଗ୍ରୀବ ବଧ" ମହା କାବ୍ୟର କବି କବିରାଜ ଚକ୍ର-ଚକ୍ରବର୍ତ୍ତୀ କାଶ୍ୟପ ଗୋତ୍ରୀୟ ମଙ୍ଗଳ ଦେବଙ୍କ ପୁତ୍ର ମାର୍କଣ୍ଡେୟ ମିଶ୍ର । ଏଇ ମାର୍କଣ୍ଡେୟ ପ୍ରତାପରୁଦ୍ରଦେବଙ୍କ ରାଜତ୍ୱ କାଳରେ ଏଇ ମହାକାବ୍ୟ ଲେଖିଥିଲେ । ଏଇ କବି ମାର୍କଣ୍ଡେୟ ଯଦି ତେଲେଙ୍ଗା ମୁକୁନ୍ଦ ଦେବଙ୍କ କାଳର ମାର୍କଣ୍ଡେୟ ହୁଅନ୍ତି, ତେବେ ଅନ୍ତତଃ ସେ ୯୦ ବର୍ଷରୁ କମ୍ ବଂଚି ନଥିଲେ ବୋଲି ପଣ୍ଡିତ ମହାପାତ୍ର ସ୍ଥିର କରିଚନ୍ତି ।

ମାତ୍ର ପଣ୍ଡିତ ମହାପାତ୍ର ମନେହୁଏ, ଗୋଟିଏ ଭୁଲ କରିଚନ୍ତି । ସେ କହିଚନ୍ତି, ବୀର ପ୍ରତାପପୁର ଶାସନଟି ପ୍ରତାପରୁଦ୍ର ଦେବଙ୍କ ଦ୍ୱାରା ପ୍ରତିଷ୍ଠିତ । କିନ୍ତୁ ତାହା ନୁହେଁ । ଏଇ ତେଲେଙ୍ଗା ମୁକୁନ୍ଦ ଦେବଙ୍କ ପ୍ରାୟ ଅବ୍ୟବହିତ ପୂର୍ବବର୍ତ୍ତୀ ପ୍ରତାପ ଦେବଙ୍କ ଦ୍ୱାରା ପ୍ରତିଷ୍ଠିତ । ତେଣୁ ପଣ୍ଡିତ ମହାପାତ୍ରଙ୍କ ମତ ଯଦି ଠିକ୍ ହୁଏ, ତେବେ ଏଇ ମାର୍କଣ୍ଡେୟ କବୀନ୍ଦ୍ର ଅତି ବୃଦ୍ଧ କାଳରେ ଆସି ବୀର ପ୍ରତାପପୁରରେ ଦାନ ଗ୍ରହଣ କରି ରହିଥିବେ ।

ପଣ୍ଡିତ ମହାପାତ୍ରଙ୍କ ହିସାବ ଅନୁସାରେ ଏଇ ମାର୍କଣ୍ଡେୟ ମିଶ୍ର ବା କବୀନ୍ଦ୍ରଙ୍କ ଜନ୍ମକାଳ ୧୪୬୫ରୁ ଏ ପାଖ ନୁହେଁ । ତେଣୁ ପ୍ରତାପଦେବଙ୍କ ରାଜତ୍ୱ ଆରମ୍ଭ ବେଳକୁ ତାଙ୍କୁ ହୋଇଥିବ ୮୪ ବର୍ଷ । ତାପରେ ଧର ୬ ବର୍ଷ ପରେ ସେ ବୀର ପ୍ରତାପ ପୁର ଶାସନ ଦାନ କରିଥିବେ । ଏଣୁ ନବେ ବର୍ଷ ବୟସରେ ମାର୍କଣ୍ଡେୟ ଆସି ପ୍ରତାପପୁର ଦାନ ଗ୍ରହଣ କରିଥିବେ, ତାପରେ ଅନ୍ତତଃ ଦୁଇ, ଚାରି ବର୍ଷ ପରେ ପ୍ରାକୃତ ସର୍ବସ୍ୱ ନାମକ ତାଙ୍କର ଏଇ ନବ ନିବନ୍ଧ ପୂର୍ଣ୍ଣ ହୋଇଥିବ । ଏହା କିନ୍ତୁ ପୁରାପୁରି ପସନ୍ଦକୁ ଆସୁନାଇ ।

ଏବେ ମଧ୍ୟ ପୁଣି ଅନୁସନ୍ଧାନ କରିବାର ଅଛି, ବୀର ପ୍ରତାପପୁର ଗ୍ରାମରେ କାଶ୍ୟପ ମିଶ୍ର ବୋଲି କେହି ଦାନ ଗ୍ରହଣ କରିଥିଲେ କି ନା,



Digitized by PPRACHIN, SOA

କାରଣ 'ଦଶଗ୍ରୀବ ବଧ' ମହାକାବ୍ୟର କବି ମାର୍କଣ୍ଡେୟ ମିଶ୍ର, କାଶ୍ୟପ ମିଶ୍ର ଥିଲେ । ମାତ୍ର ମାର୍କଣ୍ଡେୟ କବୀନ୍ଦ୍ର କାଶ୍ୟପ ମିଶ୍ର ଥିବାର ପ୍ରମାଣ ନାଇ ।

ଏଇ ସମ୍ପର୍କରେ ପୁଣି ପଣ୍ଡିତ ମହାପାତ୍ର କେଶବ କୋଇଲିର କବି ମାର୍କଣ୍ଡେୟ ଦାସଙ୍କୁ ଏଇ ମାର୍କଣ୍ଡେୟ ମିଶ୍ର ବା ମାର୍କଣ୍ଡେୟ କବୀନ୍ଦ୍ର ବୋଲି ସୂଚନା ଦେବାକୁ ଯାଇଚନ୍ତି । ଏହାର ବି କୌଣସି ପ୍ରମାଣ ନାଇ ।

କିନ୍ତୁ ମାର୍କଣ୍ଡେୟ କବୀନ୍ଦ୍ର ନିଜର ପ୍ରାକୃତ ଭଷାମାନଙ୍କର ବିବେଚନା ଅନ୍ୟାନ୍ୟ ଅନେକ ପ୍ରାକୃତ-ବ୍ୟାକରଣକାରଙ୍କ ପରି ଆରମ୍ଭ କରିଛନ୍ତି ମହାରଷ୍ଟ ଭଷାରୁ । ସେଇଥିରୁ ବିକୃତି ରୂପେ ଆଉ ସମସ୍ତ ଭଷା, ବିଭଷା, ଅପଭ୍ରଂଶ, ପୈଶାଚୀ କ୍ରମେ ସାମାନ୍ୟ ସାମାନ୍ୟ ଭେଦରେ ସେ ବାହାର କରିଚନ୍ତି । 'ଔଡ୍ରୀ' ବା 'ଓଡ଼ିଶୀ'କୁ ସେ ଭଷା ନକହି ଭରତ ପ୍ରଭୃତିଙ୍କ ପ୍ରାଚୀନ ରୀତି ଧରି କହିଚନ୍ତି ଗୋଟିଏ ବିଭଷା । ନାଟକର ପାତ୍ର ମାନଙ୍କର ବ୍ୟବହାରର ରୀତି ଧରି ସେ 'ଗ୍ରଣ୍ଡାଳୀ' ବିଭଷାରୁ ବାହାର କରିଚନ୍ତି 'ସାବ୍‌ରୀ' ଓ 'ସାବରୀ'ରୁ ବାହାର କରିଚନ୍ତି 'ଔଡ୍ରୀ' । ସେ 'ପ୍ରାକୃତ ସର୍ବସ୍ୱ'ରେ କହିଚନ୍ତି—ମାଗଧୀ ଓ ଶୌରଶେନୀରୁ ସାମାନ୍ୟ ଭେଦରେ ହୁଏ 'ଗ୍ରଣ୍ଡାଳୀ' (ପାଦ ୧୪, ସୂତ୍ର ୧) । ଏଇ 'ଗ୍ରଣ୍ଡାଳୀ'ରୁ ସାମାନ୍ୟ ମାତ୍ର ଭେଦରେ ହୁଏ 'ସାବରୀ' (ଏଜନ ୧୫-୧) । ଏଇ 'ସାବରୀ'ରେ ଓଡ୍ର ଦେଶର ସାମାନ୍ୟ କେତେକ ଦେଶ୍ୟ ପଦ ଓ ଶୌର ଶେନ୍ୟାଦି ପଦ ମିଶି ଗୋଟିଏ ଶଙ୍କର ବା ମିଶ୍ରିତ ବିଭଷା ହୁଏ, ତାହା ହେଉଚି 'ଔଡ୍ରୀ' (ଏଜନ୍ ୧୫-୯) ।

ଏଥିରୁ ଓଡ଼ିଆ ଭଷାର ପ୍ରକୃତି ସମ୍ବନ୍ଧରେ ଗୋଟିଏ ସୂକ୍ଷ୍ମ ଆଭସ ନ ମିଳୁଚି ନୁହେଁ—ଏବ ଓଡ଼ିଆରେ ଅନାର୍ଯ୍ୟ ଶବର (ମୁଣ୍ଡା, ହୋ ପ୍ରଭୃତି) ଓ ଓଡ୍ (ଓରଓଡ୍, କନ୍ଧ, ଗଣ୍ଡ ପ୍ରଭୃତି)ଙ୍କର ନିଜସ୍ୱ ଦେଶ୍ୟ ଶବ୍ଦ ବହୁତ ଅଛି । ପୁଣି ଓଡ଼ିଆ ଭଷାରେ ଏକ ଆଡ଼େ ଦକ୍ଷିଣରେ ଶୌର ଶେନୀର (ଦୃଷ୍ଟାନ୍ତ ସ୍ୱରୂପ ସବୁ 'ସ' ଯାକ ଦନ୍ତ୍ୟ 'ସ') -ଓ ଯାଜପୁରର ଉତ୍ତର ମାଗଧୀର (ଉଦାହରଣ ସ୍ୱରୂପ ସବୁ 'ସ' ଯାକ ତାଲବ୍ୟ 'ଶ') ପ୍ରଭବ ସ୍ପଷ୍ଟ । ଏ କଥା ପରେ ପ୍ରସଙ୍ଗାନ୍ତରେ ଆଉରି ବୁଝାଇ କୁହାହେବ । ତଥାପି, 'ପ୍ରାକୃତ ସର୍ବସ୍ୱ' ଓଡ଼ିଶାରେ ଲେଖା ହୋଇଥିଲେ ମଧ୍ୟ ଓ ଖାଣ୍ଟି ଓଡ଼ିଆ ଲୋକ ଏହାକୁ ଲେଖିଥିଲେ ମଧ୍ୟ ଓଡ଼ିଆ ବ୍ୟାକରଣ ବା ଭଷା ତତ୍ତ୍ୱ



Digitized by PPRACHIN, SOA

ସମ୍ବନ୍ଧରେ ସେଥିରୁ ବିଶେଷ କିଛି ମିଳେ ନାଇ–ପରନ୍ତୁ କୌଣସି ପ୍ରାକୃତ ଭାଷାର ବ୍ୟାକରଣ ଯଥାର୍ଥ ପ୍ରଚଳିତ ଭାଷାର ପୂର୍ଣ୍ଣାଙ୍ଗ ବ୍ୟାକରଣ ନୁହେଁ । ବର୍ତ୍ତମାନ ଓଡ଼ିଆ ପ୍ରଭୃତି ଚଳିତ ଭାଷାରେ ଯେଉଁ ସବୁ ବ୍ୟାକରଣ ଚଳେ, ତାହାକୁ ଏଇ ପରଂପରା ଗତ ପ୍ରାକୃତ ବ୍ୟାକରଣର ଗୋଟିଏ ସମ୍ପ୍ରସାରଣ ବୋଲି କହିଲେ ହୁଏ । ଏହାର ସୂଚନା ଦିଆଯାଇଛି । ଅତଏବ, ଓଡ଼ିଆ ଭାଷା ତଥା ପ୍ରାକୃତ ଆଲୋଚନା କରିବାକୁ ହେଲେ ଦେଶର ଭୂମି ଭାଗ ଓ ସେଠା ଲୋକ ମାନଙ୍କ ଭାଷା ଓ ପ୍ରାକୃତ ଭାଷାରେ ଲେଖା ହୋଇଥିବା ବୌଦ୍ଧଗାନ ଓ ଦୋହାଁ ପରି ପଦ ଗାନ ସବୁ ବିଗ୍ଗରକୁ ଆଣିବା ଦରକାର । ତା କରିବା ଆଗରୁ ଏବେ ଆମର ଭାଷା ଆଲୋଚନା କେଉଁଠାରୁ ଆସି କେଉଁ ଅବସ୍ଥାରେ ଅଛି ଓ ଲିପିର ପ୍ରାକୃତ ସଙ୍ଗେ କି ସମ୍ବନ୍ଧ ଓ ସେ ସମ୍ବନ୍ଧର କି ଗତି ହୋଇଚି, ତାହା ଟିକିଏ ଆଗ ଦେଖିବା ଦରକାର ।

## ପ୍ରାକୃତ ସର୍ବସ୍ୱ ଓ ଓଡ଼ିଆ ଭାଷା –

ଓଡ଼ିଆ ଭାଷା ସେତବେଳକୁ ପୁଷ୍କଳ ଗ୍ରନ୍ଥ ରଚନାରେ ସମୃଦ୍ଧ । ଜଗନ୍ନାଥ ଦାସ ପ୍ରଭୃତି ଓଡ଼ିଆ ଭାଷା ବୋଲି ନ କହି, କହିଚନ୍ତି ପରାକୃତ । ଶବ୍ଦ ସାମ୍ୟର କଳ୍ପନାକୁ ଏପରି ଇତିହାସର ପ୍ରମାଣ ବୋଲି ଧରିବା ଆଡ଼କୁ ଗତି କରିବା, ଆମ ଇତିହାସର ଗବେଷଣାରେ ଲୋଭନୀୟ ହେଲେ ମଧ୍ୟ ବଡ଼ ବିପଦଜନକ ବୋଲି ମନେ ହୁଏ ।

Sir George A Grierson ଏଇ ମାର୍କଣ୍ଡେୟଙ୍କୁ ୧୭ଶ ଶତାବ୍ଦୀର ଲୋକ ବୋଲି ସ୍ଥିର କରିଛନ୍ତି । (Sir Ashutosh Mukherjee Silver jubille–Vol-III Pt-II, P-112) 'ପଣ୍ଡିତ ମହାପାତ୍ର' ସେ ମତ ଠିକ୍ ନୁହେଁ ବୋଲି କହିଚନ୍ତି । ମାତ୍ର ଏଇ ସମୟ ଠିକ୍ ଓ ସେଇ ସମୟରେ ଓଡ଼ିଶା ରଜା ମୁକୁନ୍ଦଦେବ ( ଖ୍ରୀ: ୧୬୬୦/୬୪ ରୁ ୧୬୯୨ ) ଙ୍କ କାଳରେ ମାର୍କଣ୍ଡେୟ କବୀନ୍ଦ୍ର "ପ୍ରାକୃତ ସର୍ବସ୍ୱ" ଲେଖିଥିଲେ ବୋଲି ଅନ୍ୟଥା ମଧ୍ୟ ଅନୁମାନ କରଯାଇ ପାରେ ।

ଏଇ ୧୭ଶ ଶତାବ୍ଦୀ ହେଉଚି, ମହାରାଷ୍ଟ୍ରୀୟମାନଙ୍କର ମହାପ୍ରସିଦ୍ଧିର କାଳ । ଭାରତୀୟ ସଂସ୍କୃତିରେ ଏହା ଗୋଟିଏ ଘୋର ସନ୍ଧିକ୍ଷଣ । ଭାରତ ସଂସ୍କୃତିରେ ଏଇପରି ଘଡ଼ିସନ୍ଧି କାଳରେ ଯୁଗେ ଯୁଗେ ଓଡ଼ିଶା ନିଜର



Digitized by PPRACHIN, SOA

ଜାତୀୟ ଉଦ୍‌ବୋଧରେ ଆତ୍ମ ପ୍ରତିଷ୍ଠା ସଙ୍ଗେ ଭାରତୀୟ ପ୍ରତିଷ୍ଠା ରଖି-ବାର ଉଦ୍‌ଯୋଗ ଓ ଉପଯୋଗ କରି ଆସିଚି । ଓଡ଼ିଶାର ଇତିହାସରେ ବାରମ୍ବାର ଏପରି ଘଟିଥିବାର ଏବେ ଖୁବ୍ ଅନୁସନ୍ଧାନ କରାଯାଇ ପାରେ । ଏସବୁ ଖୁବ୍ ଘଟିଥିଲା, ପ୍ରାଚୀନ ଜୈନ୍ୟ ଓ ବୌଦ୍ଧ ଯୁଗରେ । ଏ ଯୁଗର ଗୋଟିଏ ଘଟଣାରୁ ଉଦାହରଣ ଦେଲେ କଥାଟି ସ୍ପଷ୍ଟତର ହେବ ।

ଏବେ ସ୍ପଷ୍ଟ ନିଦର୍ଶନ ମିଳିଚି ଭାରତର ଉତ୍ତର, ପୂର୍ବ ଓ ଦକ୍ଷିଣ ସବୁ ଅଞ୍ଚଳ ମୁସଲମାନ ବିଜୟ ଓ ପ୍ରଭାବରେ ଅଭିଭୂତ ହୋଇଥିଲା । ସେତେ-ବେଳେ ଏକମାତ୍ର ସ୍ୱାଧୀନ ଥିବା ଓଡ଼ିଶା ନିଜର ପ୍ରାଚୀନ ଜଗନ୍ନାଥ ଧର୍ମ ଓ ସଂସ୍କୃତିକୁ ଟେକି ରଖି ଆତ୍ମରକ୍ଷା ସଙ୍ଗେ ସଙ୍ଗେ ମହାଭାରତୀୟ ସଂସ୍କୃତିକୁ ରକ୍ଷା କରିଥିଲା । ଓଡ଼ିଶାର ଜଗନ୍ନାଥ ସଂସ୍କୃତି ଯଥାର୍ଥରେ ଭକ୍ତର ଉପାସ୍ୟ 'ବିଭୁ' ରୂପରେ ସେକାଳେ ପୂଜା ପାଉ ନ ଥିଲେ । ସ୍କନ୍ଦ ପୁରାଣର 'ପୁରୁଷୋତ୍ତମ ମହାତ୍ମ୍ୟ' ବା 'କ୍ଷେତ୍ର ମହାତ୍ମ୍ୟ'ରୁ ମଧ୍ୟ ପ୍ରମାଣ ମିଳେ ଜଗନ୍ନାଥଙ୍କର ପ୍ରକୃତ ପୂଜା ହେଉଚି "ଏଇ ଜଗତହିଁ, ଜଗନ୍ନାଥ ଓ ମୁଁ ମଧ୍ୟ ସେଇ ଜଗନ୍ନାଥ" ବୋଲି ବିଶ୍ୱମୈତ୍ରୀରେ ପ୍ରାଣ ମିଶାଇ ଦେବା । (ସ୍କନ୍ଦ ପୁରାଣେ ବିଷ୍ଣୁ ଖଣ୍ଡେ ପୁରୁଷୋତ୍ତମ ମହାତ୍ମ୍ୟେ ୧୦ମ ଅଧ୍ୟାୟ ୮୪ ଶ୍ଳୋକ) ।

"ଜଗଚ୍ଛେଦଂ ଜଗନ୍ନାଥୋ ନାନ୍ୟଚ୍ଚାପି ଚ କାରଣମ୍ ।
ଅହଞ୍ଚ ତତୋ ଭିନ୍ନୋ ମତ୍ତୋଽସ୍ୟୌନ ପୃଥକ୍‌ସ୍ଥିତଃ ।"

ଅର୍ଥାତ୍ ଏଇ ଜଗତ ହେଉଚି ଜଗନ୍ନାଥ – ଏହାର ଅନ୍ୟ କୌଣସି କାରଣ ନାଇ । ମୁଁ ମଧ୍ୟ ସେଇ ଜଗନ୍ନାଥରୁ ଭିନ୍ନ ନୁହେଁ । ମୋ ଠାରୁ ସେ ଅଲଗା ହୋଇ ଅଛନ୍ତି, ଏହା ନୁହେଁ । ଏଇ ଜଗନ୍ନାଥ କିପରି ଭକ୍ତର ବିଭୁ ତଥା 'ପତିତ ପାବନ' ଜଗନ୍ନାଥରେ ପରିଣତ ହେଲେ, ସେଇ କଥାଟି ଏଠି ଉଦାହରଣରେ କୁହାଯାଉଚି ।

ଦକ୍ଷିଣର ଗଙ୍ଗ ବଂଶୀମାନେ ଥିଲେ ମହେନ୍ଦ୍ର ପର୍ବତର ଗୋକର୍ଣ୍ଣେ-ଶ୍ୱରଙ୍କ ଉପାସକ ଶୈବ । ଗଙ୍ଗ ନାମଟିର ଏଠାରେ ଗଙ୍ଗା ନାମଧେୟ ନଦୀ ସଙ୍ଗେ କୌଣସି ସମ୍ପର୍କ ନାଇ । ଗଙ୍ଗା ବୋଇଲେ, ଭାରତର ପ୍ରାକ୍‌ବୈଦିକ ନିଷାଦ ଭାଷାରେ ବୁଝାଯାଏ, ନଦୀ ବା ବୃହତ୍ ଜଳାଶୟ । ଏଇ ଗଙ୍ଗମାନେ



Digitized by PPRACHIN, SOA

ଆର୍ଦ୍ଧି କାଳରେ କୌଣସି ନଦୀ କୂଳ ବାସୀ ଥିଲେ । ଏଇ ବଂଶର ଚୋରଗଙ୍ଗଦେବ ଓଡ଼ିଶାକୁ ଜିଣି ଓଡ଼ିଶା ସମେତ କଳିଙ୍ଗର ସମ୍ରାଟ ହୋଇଥିଲେ । ସେ ବଂଶ ପରଂପର ହିସାବରେ ଶୈବ ଥିଲେ ମଧ୍ୟ, ତାମିଲ ଭୂମିର ଆଲବାରମାନଙ୍କ ବୈଷ୍ଣବ ବା ବାସୁଦେବ ଧର୍ମରେ ଖୁବ୍ ପ୍ରଭାବିତ ହୋଇଥିଲେ । ଏଇ ଆଲବାର୍ ଧର୍ମବୀର ରାମାନୁଜ ଆଚାର୍ଯ୍ୟ ଏହାଙ୍କରି କାଳର ଲୋକ । ଏହାଙ୍କରି ସମୟରେ ସେ ଓଡ଼ିଶାକୁ ଆସିଥିଲେ । ପୁରୀର ଏମାରମଠ ଓ ବ୍ରହ୍ମଗିରି ପାଖ ଅଲର ନାଥ (ଆଲବାର ନାଥ) ଏଇ ରାମାନୁଜଙ୍କ କୀର୍ତ୍ତି ବୋଲି ଏବେ ବି କଥିତ ହୁଏ । ଯେତେଦୂର ମନେହୁଏ, ଏଇ ଆଲବାର୍ ବୈଷ୍ଣବବୀର ରାମାନୁଜଙ୍କ ପ୍ରେରଣା ଓ ପ୍ରଭାବରେ ଚୋଡ଼ଗଙ୍ଗ ଦେବ ବିରାଟ ମନ୍ଦିର ତୋଳାଇ ଜଗନ୍ନାଥଙ୍କୁ ସେଥିରେ ଆଣି ନାରାୟଣୀୟ ଧର୍ମର ଉପାସ୍ୟ ବାସୁଦେବ ରୂପେ ପ୍ରତିଷ୍ଠିତ କରିଥିଲେ ।

ଏତେବେଳକୁ ମୁସଲମାନମାନଙ୍କ ଆକ୍ରମଣର ଭୀଷଣତା ସାରା ଭାରତରେ ହିନ୍ଦୁମାନେ ଖୁବ୍ ବୁଝି ସଲେଣି । ଗଜନୀର ମହମୁଦ୍‌ଙ୍କ ଆକ୍ରମଣମାନ କେବଳ ଉତ୍ତର ପଶ୍ଚିମ ଭାରତକୁ କାଲିଞ୍ଜର ଠାରୁ ଗୁଜୁରାଟ ପର୍ଯ୍ୟନ୍ତ ଧ୍ୱଂସର ଲୀଳାକ୍ଷେତ୍ର କରିଥିଲେ ମଧ୍ୟ ସମସ୍ତ ଭାରତର ହିନ୍ଦୁ ଜଗତକୁ ଥରାଇ ଦେଇଥିଲା । ଆଲବ୍‌ାର ବୀର ରାମାନୁଜ ଏଇ ମୁସଲମାନ ବିଧ୍ୱଂସ ଓ ଅତ୍ୟାଚାର ବିରୁଦ୍ଧରେ ଯେପରିକି ମନକୁ ବାହାରି ପଡ଼ିଥିଲେ । ଏଇଠାରେ ଗୋଟିଏ କଥା ଦେଖାଇ ଦିଆଯାଇପାରେ । ଅଷ୍ଟମ ଶତାବ୍ଦୀର ପ୍ରାରମ୍ଭରେ ସିନ୍ଧୁର ମୁସଲମାନ ଆକ୍ରମଣଠାରୁ କ୍ରମେ ଉତ୍ତର ଓ ପଶ୍ଚିମର ଭାରତଖଣ୍ଡ ବହୁ ଭାବରେ ମୁସଲମାନ ଧର୍ମ, ସଭ୍ୟତା ଓ ରାଜ୍ୟ ବିଜୟ ଆଡ଼କୁ ଚାହିଁ ରହିଥିଲା । ସେଇକାଳରୁ ଶଙ୍କରାଚାର୍ଯ୍ୟଙ୍କ ଠାରୁ ଆରମ୍ଭ କରି ରାମାନୁଜ ମାଧ୍ୱାଚାର୍ଯ୍ୟ, ବଲ୍ଲଭାଚାରୀ, ନିମ୍ବାର୍କ ପ୍ରଭୃତି ଦ୍ୱୈତବାଦୀମାନେ ଦାକ୍ଷିଣାତ୍ୟରୁ ବାହାରିଥିଲେ । ତାପରେ ରାମାନନ୍ଦ, କବୀର, ନାନକ, ଚୈତନ୍ୟ ପ୍ରଭୃତି ଯେ ସନ୍ଥ ଭକ୍ତମାନେ ଉତ୍ତର ଭାରତରୁ ବାହାରିଥିଲେ ସେମାନଙ୍କ ଭିତରେ ଭାରତୀୟ ଧର୍ମ ଓ ସଂସ୍କୃତିଠାରୁ ମୁସଲମାନ ଭକ୍ତି ଧର୍ମର ପ୍ରଭାବ ଅଧିକ ପ୍ରକାଶ ପାଇଥିଲା । ଏହା ଭଲକରି ବୁଝି ରଖିବାର ଅଛି ।

ଏତିକିବେଳେ ଗଜନୀର ମାମୁଦଙ୍କ ପରେ ମହମ୍ମଦ ଘୋରୀଙ୍କ ପୂର୍ବରୁ ଭାରତରେ ଯେଉଁ ଘୋର ସନ୍ଧିକାଳ ଜାଗି ଉଠୁଥିଲା, ସେଇ ଅବସରରେ



Digitized by PPRACHIN, SOA

ପୁରୀରେ ରାମାନୁଜ ପ୍ରଭାବିତ ଚୋରଗଙ୍ଗଙ୍କ ଜଗନ୍ନାଥ ପ୍ରତିଷ୍ଠା କଥା କୁହା-ଯାଇଚି । ଏଇ ଜଗନ୍ନାଥ ମୂଳରୁ ଭକ୍ତର ଭଗବାନ ନ ଥିଲେ । ଏ ଜଗତର ଆମ୍ଭା ବା ପୁରୁଷ – ପୁରୁଷୋତ୍ତମ । ବରଂ ଏ ଥିଲେ, ଜୈନର କେବଳ ଜୀବରୂପୀ, କୈବଲ୍ୟ ସର୍ବସ୍ଥ ପୁରୁଷ ବୋଲି କହିଲେ ଠିକ୍ ହେବ । ପରେ ଯେତେବେଳେ ପ୍ରସିଦ୍ଧ ଓ ପ୍ରତିଷ୍ଠାପନ୍ନ ଜୀନରୂପେ ପ୍ରକାଶ ପାଇଲେ ଶାକ୍ୟ-ମୁନି ବୁଦ୍ଧ, ସେତେବେଳେ ଏହାକୁ ଜୀନ ବା ବୁଦ୍ଧ ଅଥବା ଜୀନ ଓ ବୁଦ୍ଧ ବୋଲି ଲୋକେ ଉପାସନା କରୁଥିଲେ । ଇନ୍ଦ୍ରଭୂତିଙ୍କ 'ଜ୍ଞାନସିଦ୍ଧି' ଗ୍ରନ୍ଥ ଖ୍ରୀ: ଅଷ୍ଟମ ଶତାବ୍ଦୀରୁ ପ୍ରାଚୀନ ନୁହେଁ ବୋଲି ପଣ୍ଡିତ ବିନୟତୋଷ ଭଟ୍ଟାଚାର୍ଯ୍ୟ ପ୍ରମାଣ କରିଛନ୍ତି । (ସାଧନାମାଳା Vol–II–Introduction)

ସେଥିରେ ସେ ଜଗନ୍ନାଥଙ୍କୁ ଉପାସ୍ୟ ପୁରୁଷ ଭାବରେ ପ୍ରମାଣିତ କରିଥିଲେ ମଧ୍ୟ, ତାଙ୍କୁ ବର୍ଣ୍ଣନା କରି ଲେଖିଚନ୍ତି "ପ୍ରଣିପତ୍ୟ ଜଗନ୍ନାଥଂ ସର୍ବଜିନ ବରାର୍ଚ୍ଚିତଂ, ସର୍ବ ବୁଦ୍ଧମୟଂ... ........ ।" (ଜ୍ଞାନସିଦ୍ଧି Chapter-I ଶ୍ଳୋକ-୧) । ଅର୍ଥାତ୍, ସର୍ବଜୀନବରଙ୍କ ଅର୍ଚ୍ଚିତ ସର୍ବବୁଦ୍ଧ ସ୍ୱରୂପ ଜଗନ୍ନାଥଙ୍କୁ ପ୍ରଣିପାତ କରି ..... । ଏଠାରେ ମନେ ରଖିବାର ଅଛି, ଜୈନସିଦ୍ଧଙ୍କ ନାମ ହେଉଚି ବୁଦ୍ଧ । ଶାକ୍ୟମୁନି ଯେପରି ଜଣେ ବୁଦ୍ଧ, ମହାବୀର ବର୍ଦ୍ଧମାନ ସେଇପରି ମଧ୍ୟ ଜଣେ ବୁଦ୍ଧ । ସେଥିପାଇଁ ଉପର ଶ୍ଳୋକରେ କୁହାଯାଇଚି "ସର୍ବବୁଦ୍ଧ ସ୍ୱରୂପ" ।

ଚୋରଗଙ୍ଗଦେବ ଏଇ ଜୈନ ଉପାସନାର ପ୍ରତୀକ । ଜଗତ ସ୍ୱରୂପ ଅର୍ଥାତ୍ ଦାରୁମୟ (ଋକ୍ ବେଦରେ ଋଷି ପଚାରିଚନ୍ତି "ଏ ବିଶ୍ୱ ତିଆରି କରିବା ଦାରୁ ବା କାଠ କୁଆଡ଼ୁ ଅଇଲା ?)" ତେଣୁ ବୈଦିକ ଋଷିମାନେ ନିଜର କାଠଘର ତୁଳନାରେ ସୃଷ୍ଟିର ସାମଗ୍ରୀକୁ ଦାରୁ ବୋଲି କହୁଥିଲେ । ତେଣୁ ହୁଏତ ଜଗତ୍ ସ୍ୱରୂପ ଜଗନ୍ନାଥଙ୍କ ଉପାସ୍ୟ ବ୍ୟକ୍ତି ରୂପକୁ ଦାରୁମୟ ବୋଲି କଳ୍ପନା କରାଯାଇଥିଲା । ନାଥ ଶବ୍ଦ ଏଠାରେ ଗୋଟିଏ ଜୈନ ସଂଜ୍ଞା ବା 'ସାଂଗିୟା' । ବିଶେଷରେ ଉପାସ୍ୟ ପୁରୁଷଠାରେ ଏହାର ପ୍ରୟୋଗ । (ଋଷଭନାଥ, ନେମିନାଥ, ପାର୍ଶ୍ୱନାଥ, ପ୍ରଭୃତି ଏହାର ଉଦାହରଣ ।) ଜଗନ୍ନାଥଙ୍କୁ ଆଲବାର୍‌ଙ୍କ ନାରାୟଣୀୟ ଧର୍ମର ବାସୁଦେବ ରୂପେ, ପ୍ରତିଷ୍ଠିତ କରି ଖୁବ୍ ସମ୍ଭବ ମୁସଲମାନ ଉପଦ୍ରବଗ୍ରସ୍ତ ଭାରତର ଦୃଷ୍ଟି



Digitized by PPRACHIN, SOA

ଏ ଆତ୍ମକୁ ଟାଣିବାର ପ୍ରୟାସ କରିଥିଲେ । ଠିକ୍ ଏତିକିବେଳକୁ ଆସି ପଡ଼ିଗଲା ମୁସଲମାନଙ୍କ ଆଦି ବିଜୟକାଳ, ଖ୍ରୀ: ଦ୍ୱାଦଶ ଶତାବ୍ଦୀର ଶେଷ- ବେଳକୁ ବକ୍ତିଆର ଖିଲିଜୀ ମଥୁରା, ପ୍ରୟାଗ, ବାରାଣସୀ ପ୍ରଭୃତି ତେଉଁ ବିହାର ଓ ବଙ୍ଗ ଦିନେ ଯେପରି ଭିକ୍ଷୁକୁଳ ବିନାଶ କରି ବିରାଟ ଗ୍ରନ୍ଥାଳୟ ମାନ ଧ୍ୱଂସ କରିଥିଲେ ତାହା ମୁସଲମାନ ଇତିହାସରେ ବର୍ଣ୍ଣିତ ଅଛି ।

ତା' ପରେ ପରେ ମାଲିକ କାଫୁରଙ୍କ ଦିଲ୍ଲୀଠାରୁ କୁମାରିକା ଯାଏ ସମସ୍ତ ଭାରତ ବିଜୟ । ସେଥିରେ ପୁଣି ପରାଜିତ, ଦେବଗିରି ରାଜା ରାମଦେବଙ୍କୁ ନେଇ ବିନା ଦୋଷରେ କାରାଗାରେ ଛାଡ଼ି ଦେବାର କାହାଣୀ ହିନ୍ଦୁ ପକ୍ଷରେ କି ଭୀଷଣ, କି ବିଭତ୍ସ ତା' କହି ବୁଝାଇବାର କଥା ନୁହେଁ । ସେତିକି ନୁହେଁ । ସ୍ପଷ୍ଟ ବର୍ଣ୍ଣନା ଅଛି, ମାଲିକ କାଫୁର ନିଜେ ହିନ୍ଦୁରୁ ମୁସଲମାନ ହୋଇ ହିନ୍ଦୁଙ୍କ ମୁଣ୍ଡରେ ପିରାମିଡ଼୍ ଗଢ଼ି ଦିଲ୍ଲୀରୁ କୁମାରିକା ଯାଏ ଚଢ଼ି ଯାଇଥିଲେ । ଆଉ ଗୋଟିଏ କଥା ଏଇପରି ବିଜୟ ଓ ଅତ୍ୟାଚାରକୁ ପୁଣି ସେକାଳ ମୁସଲମାନମାନେ ଧର୍ମ ବିଜୟ ନାମରେ ପ୍ରତିଷ୍ଠା ଦେଇ ପ୍ରଚାର କରୁଥିଲେ । ମୁସଲମାନ ଧର୍ମକୁ ଛୁଇଁଲେ ପୁଣି ହିନ୍ଦୁ କି ଜନ୍ତୁରେ ପରିଣତ ହୁଏ, ମାଲିକ କାଫୁରଙ୍କ ପରି ଲୋକେ ତା' ଉଦାହରଣରେ ଦେଖାଇ ଦେଇଥିଲେ ।

ଏଇ ପରିସ୍ଥିତିରେ ଏକପ୍ରକାର ଏକମାତ୍ର ସ୍ୱାଧୀନ ଓଡ଼ିଶାରେ ଉଠିଲେ ବାସୁଦେବ, ବିଷ୍ଣୁରୂପୀ ଜଗନ୍ନାଥ । ଗଙ୍ଗରାଜଙ୍କ ନାତି ଅନଙ୍ଗଭୀମଦେବ ।

## ଏବର ଭାଷା ବିଜ୍ଞାନ ଆଲୋଚନା

ଯେଉଁ ଗ୍ରୀୟରସନ ସାହେବଙ୍କ କଥା ଆଗରୁ କୁହାଗଲା ସେ ଯେ କେବଳ ପ୍ରାକୃତ–ବ୍ୟାକରଣ ମାନଙ୍କର ଧାତ୍ୱା–ଦେଶ ଆଲୋଚନା କରିଚନ୍ତି ସେତିକି ନୁହେଁ– ଭାରତୀୟ ପ୍ରଚଳିତ ଓ ପରଂପରାଗତ ଭାଷାତତ୍ତ୍ୱରେ ସେ ଜଣେ ମହା ପଣ୍ଡିତ । କୁହାଯାଇଚି, ପତଞ୍ଜଳିଙ୍କ ପରେ ସଂସ୍କୃତରେ ଏ ଆଲୋଚନାର ଉତ୍ତରାଧିକାରୀ ହେଉଚନ୍ତି ଇଉରୋପୀୟ ପଣ୍ଡିତ ମାନେ । ଗ୍ରୀୟରସନ୍ ସାହେବ ଏଇ ବିଜ୍ଞାନ ସମ୍ମତ ଆଲୋଚନାରେ ସର୍ବଶ୍ରେଷ୍ଠ ଓ ଶୀର୍ଷସ୍ଥାନୀୟ କହିଲେ ଚଳେ । ମାତ୍ର ୟୁରୋପୀୟ ପଣ୍ଡିତମାନେ ଏଭଳି



Digitized by PPRACHIN, SOA

ଆଲୋଚନା ଆରମ୍ଭ କରିବା କାଳରୁ ତାଙ୍କରି ଅନୁକ୍ରମେ ଏ ଯୁଗର ଭାରତୀୟ କେହି କେହି ପଣ୍ଡିତ ସେ ଦିଗରେ ଚିନ୍ତା ଓ ଗବେଷଣା ଚଳାଇ ଥିଲେ । ସ୍ୱର୍ଗତ ରାମକୃଷ୍ଣ ଗୋପାଳ ଭଣ୍ଡାରଙ୍କ ଠାରୁ ଶ୍ରୀଯୁକ୍ତ ସୁନୀତ କୁମାର ଚାଟାର୍ଜୀଙ୍କ ପର୍ଯ୍ୟନ୍ତ ଏହି ପ୍ରଣାଳୀରେ ପ୍ରାକୃତ ଭାଷା ଓ ଶବ୍ଦ ତତ୍ତ୍ୱ ଆଲୋଚନା କରିବାରେ ବହୁ ପ୍ରଯତ୍ନ କରି ଆସିଚନ୍ତି । ହେଲେହେଁ, ଭାରତର ପ୍ରାକୃତ ସବୁ ସେ ଆଲୋଚନାରୁ ବିଶେଷ ଲାଭବାନ ହୋଇଚନ୍ତି ବୋଲି ଏବେ ବି କହି-ହେବ ନାହିଁ । ନିଜ ନିଜ ଭାଷାକୁ ଧରି ଆମ ପ୍ରଚଳିତ ଭାଷାର ବ୍ୟାକରଣାକାର ଓ ଭାଷାତତ୍ତ୍ୱ ଆଲୋଚକମାନେ ବୈଜ୍ଞାନିକ ଆଲୋଚନାର ବାଟ ଧରି ନାହାନ୍ତି, କହିଲେ ହୁଏ । କାରଣ ଯାହା ହେଉ, ଆମ ଭିତରେ ଏ ଦିଗରେ ବଡ଼ ସହଜରେ ମୌଳିକ ମନୀଷା ଓ ତାତ୍ତ୍ୱିକ ଗବେଷଣା ପ୍ରକାଶ ପାଉ ନାଇ । ଅନେକେ ପୁଣି ଆହରଣ ଓ ଅନୁକରଣରେ ପ୍ରଭେଦ ବୁଝୁ ନାହାନ୍ତି—ଆହରଣର ପନ୍ଥା ନ ଫିଟାଇ, ଅନୁକରଣ ମାଧ୍ୟମରେ କାମ ଚଳାଇ ନେଉଚନ୍ତି ଓ ସେଇ ଅନୁକରଣକୁ ହୁଏତ ଆହରଣ ବୋଲି ବିଚାରୁଚନ୍ତି ।

ତେଣୁ ଅସ୍ଥାନ ପ୍ରଯୁକ୍ତ ପରି ଜଣାଗଲେ ମଧ୍ୟ ଏଇ ଅନୁକରଣ ସମ୍ବନ୍ଧରେ ଆମ ଓଡ଼ିଆ ସାହିତ୍ୟକୁ ଲକ୍ଷ କରି ଏଠାରେ ଦୁଇ କଥା କହି ଦେବା ଦରକାର ।

## ସାହିତ୍ୟରେ ଅନୁକରଣ :

ସାହିତ୍ୟରେ ସମାଜର ଗତି ପ୍ରକାଶ ପାଏ । ସେଥିରେ ମୌଳିକତା ଥାଏ—କିନ୍ତୁ ପରିସ୍ଥିତି ଓ ପାରିପାର୍ଶ୍ୱିକ ଅବସ୍ଥାର ପ୍ରଭାବ ଥାଏ ବେଶି । ଏଇ ପ୍ରଭାବଟା ଦୁର୍ବଳ ଓ ମେରୁଦଣ୍ଡହୀନ ସମାଜରେ ଅନୁକରଣରେ ପ୍ରକାଶ ପାଏ । ଅର୍ଥାତ୍ ସେଥିରେ ପ୍ରଭାବଟା ପରୋକ୍ଷ ବା ପ୍ରଚ୍ଛନ୍ନ ନ ଥାଏ । ଏହା ଅପ୍ରଚ୍ଛନ୍ନ ହେଲେ ସହଜରେ ଆହରଣରେ ପରିଣତ ହୁଏ ନାହିଁ । ବରଂ ସମାଜ ଏଥିରେ ଅଭିଭୂତ ହୋଇ ଆତ୍ମନାଶ ପନ୍ଥାରେ ପତିତ ହୁଏ । ଏଇ ଅନୁକରଣରେ ଗତ କେତେ ଶହ ବର୍ଷ ହେଲା ଆମେ ସଢ଼ି ଯାଇଚୁ । ସେଥିରେ ପୁଣି ମିଶିଚି, ଆମର ଅଯଥା ସ୍ପର୍ଦ୍ଧା ଓ ପ୍ରତିସ୍ପର୍ଦ୍ଧା ଭାଙ୍ଗିଗଲା ଘର ପଅକୁ 'ତୁ ଗରିବ ହୋଇ ଯାଉଚୁ' ବୋଲି କହିଲେ, ଯେପରି ବାଧେ, ସେ



Digitized by PPRACHIN, SOA

ଯେପରି ତାର ସବୁ ଅଛି ଓ କିଛି ସରି ଯାଇ ନାହିଁ ବୋଲି ସ୍ପର୍ଦ୍ଧା କରେ, ସାହିତ୍ୟରେ ଆମ ଅବସ୍ଥା ଠିକ୍ ସେଇଆ । ଗୌଡ଼ୀୟ ବୈଷ୍ଣବ ଯୁଗର ଘନାନ୍ଧକାର କଥା ଛାଡ଼ । ବର୍ତ୍ତମାନ ଯୁଗରେ, ମଧୁ ରାଧାନାଥଙ୍କ ସାହିତ୍ୟ ଟିକିଏ ଭିନ୍ନ ବେଶରେ ସଜ୍ଜିତ ହୋଇଥିଲେ ମଧ୍ୟ ତାହାର ମଜ୍ଜା ଦେଖିଲେ ଦେଖାଯିବ, ଏହା ମୂର୍ତ୍ତିମନ୍ତ ଅନୁକରଣ ଛଡ଼ା ଆଉ କିଛି ନୁହେଁ । ପରେ ପ୍ରସଙ୍ଗ କ୍ରମେ ସେ କଥା ବୁଝାଇ କୁହାହେବ । ଏଠାରେ କହିବାର କଥା, ସେଇ ମଧୁ ରାଧାନାଥଙ୍କ ପ୍ରଭାବ ଏବେ ମଧ୍ୟ ଓଡ଼ିଆ ପାଠକ ଓ ଲେଖକଙ୍କ ପକ୍ଷରେ ପୁରୁଣା ହୋଇ ନାଇ । କାହିଁକି ଏପରି ଅବସ୍ଥା ହୋଇଚି, ତାକୁ ମଧ୍ୟ ଆଜି ନୂତନ ଦୃଷ୍ଟିରେ ଓ ଯଥାଯୁକ୍ତ ଭାବରେ ଅନୁସନ୍ଧାନ କରି ଭବିଷ୍ୟତ ପାଇଁ ସଙ୍କେତ ଦେଖିବାକୁ ହେବ । ଏପରି ଆଲୋଚନାରେ ଜାତୀୟ କବି ଓ ଲେଖକମାନଙ୍କ ପ୍ରତି ଅଯଥା ଆକ୍ଷେପ କରାଯାଉଚି ବୋଲି ହୁଏତ ଅନେକେ କହିବେ, ସେଥିପାଇଁ କବି ଓ ଗ୍ରନ୍ଥକାର ମାନଙ୍କ ଠାରେ ପ୍ରାଣର ସମବେଦନା ରଖି କଥା କୁହାଯାଏ । ଆଉ ଗୋଟିଏ କଥା – ଲେଖକର ପରିସ୍ଥିତି ଅର୍ଥାତ୍ ତାଙ୍କ କାଳ ଓ ପାରିପାର୍ଶ୍ୱିକ ଅବସ୍ଥା ସେଥିରେ ଅନେକ ସମାଲୋଚକଙ୍କର ବଡ଼ ଭୁଲ ହୁଏ । ଆଜି ଆମେ ଯେ ଅବସ୍ଥାରେ ଅଛୁ, ଯେପରି ଚିନ୍ତା କରିବାକୁ ସମର୍ଥ ହୋଇଚୁ ଓ କରୁଚୁ ସେଇ ଭାବରେ ଅନ୍ୟ କାଳର ଓ ଅନ୍ୟ ପରିବେଶ ଭିତରେ ଥିବା କବି ଓ ଲେଖକଙ୍କୁ ସମାଲୋଚନା କରିବା ସଙ୍ଗତ ନୁହେଁ । ହୋଇ ପାରେ, ମଧୁ, ରାଧାନାଥ ଓ ଅନ୍ୟକେହି କବି ବା ଲେଖକ ଯାହା କରିଚନ୍ତି ତା' ଛଡ଼ା ଅନ୍ୟ କିଛି କରିବାର ତାଙ୍କ ହାତେ ନ ଥିଲା । କିନ୍ତୁ ଅନ୍ୟଥା ପୁଣି ପ୍ରଗତି ପଛାରେ ଯାହା ଆଶା କରାଯାଏ, ତା' ନ ମିଳିଲେ କବି ଓ ଲେଖକମାନେ ପରିସ୍ଥିତିର କ୍ରୀଡ଼ନକ ଭାବରେ ପ୍ରକାଶ ପା'ନ୍ତି । କବି ଓ ଲେଖକମାନଙ୍କର ଦ୍ରଷ୍ଟୁ ସୁଲଭ ପ୍ରତିଭା ଓ ମନୀଷା ପ୍ରକାଶ ପାଇବା ଆଶା କରାଯାଏ । ତା' ନ ହେଲେ ପ୍ରଗତିର ପ୍ରେରଣା ନାଇ । କବି ଓ ଲେଖକଙ୍କର ଉଦ୍ୟମ ହୁଏତ ଅପଗତି ମୂଳକ, ନ ହୁଏତ ବ୍ୟର୍ଥ । ସେଥିପାଇଁ, ସମାଲୋଚନାରେ ପ୍ରାଣର ଯେଉଁ ସମବେଦନା କଥା କୁହାଗଲା, ତା'ର ମଧ୍ୟ ସଙ୍ଗତ ଓ ନିର୍ଦ୍ଦିଷ୍ଟ ସୀମା ପରିସର ଦେଖିବାକୁ ହେବ ।

ଏବେ ଲିପି କଥାକୁ ଆସ ।



Digitized by PPRACHIN, SOA

# ୬୩-ଓଡ଼ିଆ ଭାଷା ଓ ଲିପି-ସଙ୍କେତ

## ଲିପି –

ଆମ ଭାଷାମାନଙ୍କରେ ଏବେ ଲିପି ଚଳେ । ବଙ୍ଗଳା, ଓଡ଼ିଆ ଓ ଦେବନାଗରୀର ମୂଳ ଲିପି ଏକ । ଏହା ପୁଣି ଆଜକୁ ପ୍ରାୟ ଅଢ଼େଇ ହଜାର ବର୍ଷ ତଳର ପ୍ରାକୃତ ଲେଖା ହେଉଥିବା ବ୍ରାହ୍ମୀ ଲିପିରୁ ବାହାରିଚି । ମାତ୍ର ଲିପିର ଏକତା ଦେଖି ଭାଷା ସମ୍ବନ୍ଧରେ କୌଣସି ସିଦ୍ଧାନ୍ତ କରିବା ପୂର୍ବରୁ ଏଇ ଲିପିର ପ୍ରତିଷ୍ଠା ଓ ବିକାଶ ପ୍ରତି ଆଗେ ଦୃଷ୍ଟି ଦେବା ଉଚିତ । ଏ ସଂପର୍କରେ ଅନ୍ୟତ୍ର* ସୂଚନା ଦିଆଯାଇଚି । ମୋଟ କଥା, ପାର୍ସୀ, ଆରବୀ, ଗ୍ରୀକ୍, ଇଂରଜୀ ପ୍ରଭୃତିରେ ଲିପି ଯାହା, ସଂସ୍କୃତରେ ଲିପି ତାହା ନୁହେଁ । ସ୍ୱରୋଚ୍ଚାରଣ ଧରି ମାନବର ଯେଉଁ ବର୍ଣ୍ଣମାଳା ଫୁଟେ, ସେଇ ବର୍ଣ୍ଣମାଳା ବହୁକାଳର ଗବେଷଣା ଫଳରେ ବୈଜ୍ଞାନିକ ଭାବରେ ଭାରତରେ ପ୍ରକାଶ ପାଇଥିଲା । ପରେ ତାକୁ ଲିପିରେ ପ୍ରକାଶ କରାଗଲା, ତାହା ପୁଣି ଆରମ୍ଭ କରାଯାଇଥିଲା, ଆଗ ପ୍ରାକୃତରେ – ସଂସ୍କୃତରେ ନୁହେ ।

## ଲିପି ଓ ବର୍ଣ୍ଣ –

ଲିପି ସବୁବେଳେ ଗୋଟିଏ କୃତ୍ରିମ ବସ୍ତୁ । ମାଇଲ ପଥରଟା ଯେପରି ମାଇଲ ନୁହେଁ, ଲିପିଟା ସେଇପରି ବର୍ଣ୍ଣ ନୁହେଁ । ବର୍ଣ୍ଣ ସ୍ୱର ଯନ୍ତ୍ରରେ; ଲିପିଟା ଲେଖାରେ । ୟୁରୋପୀୟ ପଣ୍ଡିତ ବ୍ୟୁଲର ସିଦ୍ଧାନ୍ତ କରି-ଚନ୍ତି, ଲିପି ଫିନିସିଆରୁ ଭାରତକୁ ଆସିଥିଲା – ଫିନିସିଆରୁ ଆନୀତ ହେଉ, ବା ନିଜର କଳ୍ପିତ ବା ଉଦ୍ଭାବିତ ହେଉ, କିମ୍ବା ଦୁଇଟା ଯାକ କାରଣରୁ ହେଉ, ସଂସ୍କୃତରେ ଏବେ ଯେଉଁ ଲିପି ଚଳେ, ତାହାର ଆୟମାରମ୍ଭ ହୋଇଥିଲା,

---

* ମୋ 'ସଂସ୍କୃତି ଓ ସଂସ୍କୃତି' ପୁସ୍ତକର 'ଲିପି' ପ୍ରକରଣ ଦେଖ ।



Digitized by PPRACHIN, SOA

ପ୍ରାକୃତରେ । ପରେ କଥିତ ଓ ଶ୍ରୁତି ପରଂପରା ଗତ ସେଇ ଲିପିରେ ପ୍ରକାଶ ପାଇଲା । ଅନେକେ ପ୍ରାକୃତ ଭାଷାର ଲିପି ବିଗ୍ରହରେ ଏବେ ବି 'କର୍ମ'କୁ 'କର୍ମ୍ମ' ଶଂକରକୁ 'ଶଙ୍କର' ବୋଲି ଲେଖିବାରେ ଔଚିତ୍ୟ ଦେଖନ୍ତି । ଆମ ଓଡ଼ିଆରେ ମଧ୍ୟ ଆର୍ଯ୍ୟ, ସୂର୍ଯ୍ୟ, କାର୍ଯ୍ୟ, ଅର୍ଜ୍ଜନ, ଚର୍ଚ୍ଚା, ଅର୍ଦ୍ଧ, ଊର୍ଦ୍ଧ୍ୱ ପ୍ରଭୃତିରେ ଏବେ ବି ଅନେକେ ରେଫଯୁକ୍ତ ବର୍ଣ୍ଣକୁ ଦ୍ୱିତ୍ୱ ଦେଇ ଲେଖିବାଟାକୁ ସାଧୁ ମନେ କରନ୍ତି । ବସ୍ତୁତଃରେ ଏ ସବୁ କିଛି ଧରାହୁଏ ନାହିଁ । ବେଦରେ ମଧ୍ୟ ଲେଖିବାରେ ଓ ଛପା ବହିରେ ହୁଏ, ଅର୍ଯ୍ୟମା, ଗଙ୍ଗା, ଅର୍ଚ୍ଚନା ଇତ୍ୟାଦି । ତାହାର କାରଣ ହେଉଛି, ପ୍ରାକୃତ ଭାଷାରେ ଲିପିଟା ଏକା ସମ୍ବଳ । ଏମାନେ ଲିପି ସଙ୍ଗେ ବର୍ଣ୍ଣର ସମ୍ବନ୍ଧ କିଛି ବୁଝନ୍ତି ନାଇ — ଲିପିକୁ 'ଇ' ବର୍ଣ୍ଣ ବୋଲି ଧରନ୍ତି । ଏପରିକି ପ୍ରାକୃତ ବ୍ୟାକରଣ ମାନଙ୍କରେ 'ଅନୁସ୍ୱାର'କୁ 'ବିନ୍ଦୁ', ରେଫ୍‌କୁ ଊର୍ଦ୍ଧ୍ୱ ବର୍ଣ୍ଣ ଓ ଫଳାକୁ ଅଧୋବର୍ଣ୍ଣ ପ୍ରଭୃତି ବୋଲି ଲେଖିବାର ଦେଖାଯାଏ । ଯଥାର୍ଥରେ ଲିପିରେ ରେଫ୍ ଯୁକ୍ତ ବର୍ଣ୍ଣକୁ ଦ୍ୱିତ୍ୱ ଦେଇ ଲେଖିବା କିମ୍ବା ଅନୁସ୍ୱାର ପୂର୍ବ ବର୍ଗୀୟ ବର୍ଣ୍ଣମାନଙ୍କୁ ଯୁକ୍ତକରି ଲେଖିବା ପ୍ରଭୃତି ଅଯଥା ଭାରକ୍ରାନ୍ତ ଲେଖା ଦରକାର ନାହିଁ । 'ଦୁର୍ଦମ' ଲେଖିଲେ ଉଚ୍ଚାରଣରେ ଯଦି 'ଦୁର୍ଦ୍ଦମ' ଦରକାର ଥାଏ, ତାହା ମନକୁ ହୋଇଯିବ । ସେହିପରି 'କଣ୍ଟ' ନ ଲେଖି 'କଂଟ' ଲେଖିଲେ ଅନୁସ୍ୱାର ସ୍ଥଳରେ 'ଟ' ବର୍ଗର ପଞ୍ଚମ ବର୍ଣ୍ଣ 'ଣ' ମନକୁ ହୋଇଯିବ । ଲିପିରେ ତାକୁ ପ୍ରକାଶ କରିବା ଲୋଡ଼ା ନାଇ । ତେବେ, କୌଣସି କୌଣସି ସ୍ଥାନରେ, ପ୍ରାକୃତ ଉଚ୍ଚାରଣରେ ଏ ନିୟମର କିଞ୍ଚିତ୍ ବ୍ୟତିକ୍ରମ ଦେଖାଯାଏ । ଯଥା 'ବାଂଛା' ଓଡ଼ିଆ ଉଚ୍ଚାରଣରେ ବାଞ୍ଛା ନ ହୋଇ ହୁଏ ବାନ୍ଛା । ଉଚ୍ଚାରଣରେ ବର୍ଣ୍ଣ ପରିଣାମ ବୁଝିଲେ ଓଡ଼ିଆରେ ଏ ସ୍ୱାତନ୍ତ୍ର୍ୟ ଅନ୍ୟଭାବରେ ବୁଝିବାକୁ ହେବ । ଓଡ଼ିଆଙ୍କ ମୁହଁରେ, ଅନ୍ତତଃ ଦକ୍ଷିଣ ଓଡିଆଙ୍କ ମୁହଁରେ ତାଲବ୍ୟ ଓ ମୂର୍ଦ୍ଧନ୍ୟ ବର୍ଣ୍ଣର ଉଚ୍ଚାରଣ ବରବର ଦନ୍ତ୍ୟ ଆଡ଼କୁ ଢଳିବାର ଦେଖାଯାଏ । ବଙ୍ଗଳା ଉଚ୍ଚାରଣଠାରୁ ଓଡିଆର ଆଦିମ ପ୍ରଭେଦ ଏଇଠାରେ ଗୋଟିଏ ଦେଖିବାର ଜିନିଷ । ସେଇ ନିୟମରେ 'ବାଂଛା'ର ଉଚ୍ଚାରଣ ହୁଏ, 'ବାନ୍ଛା' । ଏପରି ସ୍ଥଳେ ପୁଣି ସଂସ୍କୃତ ସ୍ୱର ପରିଣାମ ନିୟମକୁ ଧରି 'ବାଞ୍ଛା' ଲେଖିବା ଓଡ଼ିଆରେ ବରଂ ଗୋଟିଏ ଭ୍ରାନ୍ତି ।



Digitized by PPRACHIN, SOA

## "ଲିପି ସଂସ୍କାର"–

ଏହି କଥାକୁ ଧରି "ସତ୍ୟବାଦୀ ବିଦ୍ୟାଳୟ"ରେ ଯେଉଁ ସାହିତ୍ୟ-ଧାରା ବିକାଶ ପାଇଥିଲା–ସେଥିରେ ଲିପି ସଂସ୍କାର ବୋଲି ଗୋଟିଏ ପର୍ବ ଏବେ ବି ଅନେକଙ୍କର ମନେଥିବ । ଓଡ଼ିଶାର କୃତବିଦ୍ୟ ସାହିତ୍ୟିକଙ୍କ ଭିତରୁ ଅନେକେ ଆମ କଥା ସେତେବେଳେ ବୁଝିପାରି ନ ଥିଲେ, କି ପସନ୍ଦ କରି ନଥିଲେ । ସେତେବେଳର "ଉତ୍କଳ ସାହିତ୍ୟ" ମାସିକରେ ସ୍ୱର୍ଗତ ଗୋପାଳଚନ୍ଦ୍ର ପ୍ରହରାଜ ପ୍ରଭୃତି ଏହି ଲିପି ସଂସ୍କାରକୁ ତାଚ୍ଛଲ୍ୟ କରି ପ୍ରବନ୍ଧ-ମାନ ଲେଖିଥିଲେ । ମାତ୍ର ସ୍ୱର୍ଗତ ଗୋପୀନାଥ ନନ୍ଦ ପ୍ରମୁଖ ଭାଷାତତ୍ତ୍ୱ-ବିଦ୍‌ମାନେ ଏହାକୁ ଠିକ୍ ମନେ କରିଥିଲେ । ପରେ ପାଟନା ବିଶ୍ୱବିଦ୍ୟାଳୟ ଏହାର ଅନ୍ତତଃ ଅନୁସ୍ୱାର ସମ୍ବନ୍ଧୀୟ ଭାଗକୁ ସ୍ୱୀକାର କରି ଛାତ୍ର ଓ ଶିକ୍ଷକମାନଙ୍କୁ ଜଣାଇ ଦେଇଥିଲେ । ଏହାଛଡ଼ା ରେଫ୍‌ଯୁକ୍ତ ବର୍ଣ୍ଣର ଦ୍ୱିତ୍ୱ ଲିପିରେ ଦରକାର ନାହିଁ । ପୁଣି ଅନ୍ୟାନ୍ୟ ଅନେକ କଥା ଏହି ସମ୍ବନ୍ଧରେ ବିଚାର କରି କାର୍ଯ୍ୟରେ ପରିଣତ କରିବା ଅଛି । ସୁଖର କଥା, ଓଡ଼ିଶାର କେତେକ ସାହିତ୍ୟିକଙ୍କ ମଧ୍ୟରେ ଲିପିର ଏହା ସାମୂହିକ ସଂସ୍କାରଭାବ ଜାଗ୍ରତ ହେଉଚି । ମାତ୍ର ଏ ଜାଗରଣ ବା ଏଇଭଳି ଜାଗରଣ ସବୁ ଅଚିରେ କର୍ମଠତାରେ ପ୍ରକାଶ ପାଇବା ଦରକାର ।

## ଓଡ଼ିଆ ଲିପି, ଓଡ଼ିଆ ବଙ୍ଗଳାର ସମ୍ବନ୍ଧ –

ଓଡ଼ିଆଭାଷା ବାହାରିଲା ବେଳକୁ ବହୁକାଳ ଆଗରୁ ଲିପିର ବ୍ୟବହାର ହୋଇ ସାରିଥିଲା । କିନ୍ତୁ ସେ ଲିପି ଅବଶ୍ୟ ଏବର ଓଡ଼ିଆ ଲିପି ନୁହେ–ମୂଳତଃ ବଙ୍ଗଳା, ଓଡ଼ିଆ, ନାଗେରୀ ଲିପି ଏକ ଥିଲା । ପଣ୍ଡିତମାନେ ତାକୁ କୁଟିଳ ଲିପି ବୋଲି କହନ୍ତି । ଓଡ଼ିଶାରେ ଗଙ୍ଗକାଳ ସୁଦ୍ଧା ବଙ୍ଗଳା ଓ ଓଡ଼ିଶାର ଲିପି ପ୍ରାୟ ଏକାପରି ଥିଲା । ଏହି ଲିପି ବରଂ ବଙ୍ଗଳା ଲିପି ପରି ଥିଲା, ଓଡିଆ ବା ହିନ୍ଦି ପରି ସେତେ ନୁହେ । ଆମର ସ୍ପଷ୍ଟ ଗୋଲ ଲିପି ମିଳୁଚି ପୁରୁଷୋତ୍ତମ ଦେବଙ୍କ କାଳରୁ । ମନେହୁଏ, କପିଳେନ୍ଦ୍ର ଦେବ ତଥା ସାରଳା ଦାସଙ୍କ କାଳରେ ତାଳପତ୍ର ଲେଖାର ବନ୍ୟା ଛୁଟିଲା । ଓଡ଼ିଶାରେ ସେ ଏକ ଉଦ୍‌ବୋଧ ଯୁଗ । ସାମ୍ରାଜ୍ୟ ସେବୀ ଗଙ୍ଗମାନଙ୍କ କାଳପରେ ଓଡ଼ିଆ ପ୍ରାଣର ତଥା ସଭ୍ୟତାର ଏହା ଏକ ବିଦ୍ରୋହ ଓ ବିସ୍ଫୋରଣ ।



Digitized by PPRACHIN, SOA

ଓଡ଼ିଆ ଭଷା ଓ ଅକ୍ଷର ଏହାରି ପରେ ପୁରପୁରି ଗୋଲ ହୋଇଗଲା ।
ଏପରିକି ସାରଳା ଦାସଙ୍କ ମହାଭରତ ମଧ୍ୟ ବଙ୍ଗ ଦେଶରେ ବଙ୍ଗାଳୀଙ୍କର ଜାତୀୟ ମହାକାବ୍ୟ ରୂପେ କାଶୀରାମ ଦାସଙ୍କ ମହାଭରତ ପୂର୍ବରୁ ବ୍ୟବହାର ହେଉଥିବାର ସଙ୍କେତ ମିଳୁଚି । (ଦୀନେଶ ଚନ୍ଦ୍ରଙ୍କ 'ବଙ୍ଗ ଭଷା ଓ ସାହିତ୍ୟ' ଦେଖ ।)

## କଡ଼ଚ୍ଚ --

ଜଣାଯାଏ, ସାରଳା ଦାସଙ୍କ ପୂର୍ବରୁ ଲୋକ ନୃତ୍ୟ ଓ ଲୋକ ଗୀତର ବାଟଧରି ଓଡ଼ିଆରେ ବିଭିନ୍ନ ଛାନ୍ଦ ଓ ଆଲୋଚନାର ପ୍ରୟୋଗ ସଙ୍ଗେ ଓଡ଼ିଆ ଗୀତରେ କଳସା ବୋଲି ଗୋଟିଏ ମାର୍ଜିତ ପଦ୍ୟ ଲେଖିବାର ରୀତି ପ୍ରକାଶ ପାଇଥିଲା । ବଙ୍ଗଳାରେ ଅବଶ୍ୟ ଧର୍ମ ଓ ଧାର୍ମିକତାର ପ୍ରଗ୍ରର ଛଡ଼ା ଅନ୍ୟ-ପ୍ରକାର ସାହିତ୍ୟ ବା କବିତା ସେ କାଳେ ବିଶେଷ ପ୍ରକାଶ ପାଇ ନଥିଲା । ତଥାପି ମନେହୁଏ, ଏହି କଳସା ବା ଏହାରି ଅନୁକରଣରେ ବଙ୍ଗଳାରେ ପଦ୍ୟ ଲେଖନ ଶୈଳୀ ସେଇକାଳୁ ବିକାଶ ପାଇଥିଲା । ତାହାର ନାମ ବଙ୍ଗଳାରେ ହୋଇଥିଲା 'କଡ଼ଚ୍ଚ' । ଚୈତନ୍ୟଙ୍କ କାଳରେ ମଧ୍ୟ ଗୋବିନ୍ଦ କର୍ମକାର ପ୍ରଭୃତି ବଙ୍ଗଳାରେ ଯେଉଁ ପଦ୍ୟ ଲେଖିଥିଲେ, ତାର ନାମ ଦେଇ-ଥିଲେ 'କଡ଼ଚ୍ଚ' । ଏହିପରି ଭଷା ଓ ସାହିତ୍ୟରେ ସେ କାଳର ଅର୍ଥାତ୍ ଚୈତନ୍ୟଙ୍କ ପୂର୍ବ ଯୁଗର ଆଦାନ ପ୍ରଦାନର ବହୁ ସଙ୍କେତ ଖୋଜିଲେ ମିଳିବ ।

## ହଳାୟୁଧ ପ୍ରଭୃତ -

ଅନନ୍ତ୍ୟ ମଧ୍ୟ ଓଡିଶାର 'ପଣ୍ଡିତ ସର୍ବସ୍ବ' କାର 'ହଳାୟୁଧ' ଓ ବଙ୍ଗଳା 'ବ୍ରାହ୍ମଣ ସର୍ବସ୍ବ' କାର ହଳାୟୁଧ ସମ୍ଭବତଃ ଏକ ବ୍ୟକ୍ତି । ଏହି ହଳାୟୁଧ ପୁଣି ବଙ୍ଗଳା ରଜା ଲକ୍ଷ୍ମଣ ସେନଙ୍କ ସଭରେ କେତେକାଳ ସଭ ପଣ୍ଡିତ ଥିଲେ । ଜୟଦେବ ଓଡ଼ିଆ କି ବଙ୍ଗାଳୀ ଏ ବିଷୟକ ନିଷ୍ପଳ ଆଲୋଚନା ଏବେ ବି ଅଛିଣ୍ଡା ରହିଚି । ଖ୍ରୀଷ୍ଟ ୧୨ଶ ଶତାବ୍ଦୀ ପର୍ଯ୍ୟନ୍ତ ବଙ୍ଗଳା ଓ ଓଡ଼ିଆ ଦୁଇଭଷା ପ୍ରାୟ ଏକାପରି ଥିଲା, ଅର୍ଥାତ୍ ସେଥିରେ ବଙ୍ଗାଳୀ କି ଓଡ଼ିଆ ବାରିବା ଆଜିକାଲି ପରି ସେତେ ସହଜ ନଥିଲା । ବିଶେଷରେ ଉତ୍କଳର ବଙ୍ଗ ନିକଟବର୍ତ୍ତୀ ଭୂମିଭଗ ସମ୍ବନ୍ଧରେ ଏକଥା ଖୁବ୍ କୁହାଯାଇ ପାରେ । ବଙ୍ଗୀୟ ସାହିତ୍ୟ ପରିଷଦ ଗ୍ରନ୍ଥମାଳାରେ ପ୍ରକାଶିତ ଶ୍ରୀ ବସନ୍ତ



Digitized by PPRACHIN, SOA

ରଞ୍ଜନ ରାୟଙ୍କ 'ଚଣ୍ଡୀଦାସେର ଶ୍ରୀକୃଷ୍ଣ କୀର୍ତ୍ତନ' ପଢ଼ିଲେ ଜଣାଯାଏ, ଖ୍ରୀଷ୍ଟ ୧୪ଶ ଏପରିକି ୧୫ଶ ଶତାବ୍ଦୀ ପର୍ଯ୍ୟନ୍ତ ବାଙ୍କୁଡ଼ା ବୀରଭୂମର ଭାଷା ଅନେକ ସ୍ଥଳରେ ପ୍ରାଚୀନ ଓଡ଼ିଆ ପରି ଥିଲା । ବୌଦ୍ଧଗାନ ଓ ଦୋହାଁର ଭାଷା ଏହା ପୂର୍ବର ଭାଷା । ତେଣୁ ଖ୍ରୀଷ୍ଟ ୧୨ଶ, ୧୩ଶ ଶତାବ୍ଦୀ ପୂର୍ବରୁ ରାଢ଼ୋତ୍କଳ କୋଶଳ ଖଣ୍ଡରେ ଭାଷାର ବୈଶିଷ୍ଟ୍ୟ ଦେଖି କେଉଁ ସ୍ଥାନର କେଉଁ ଭାଷା ଏହା ଏହା ସ୍ଥିର କରିବା କାଠିକର ପାଠ । ଏବେ ସେକାଳର 'ବୌଦ୍ଧଗାନ ଓ ଦୋହାଁ'ର ଭାଷାକୁ ଧରି ଯେ ଟଣାଓଟରା ଲାଗିଚି, ସେଥିରେ ଭାଷାତତ୍ତ୍ୱ ବିଗ୍ଭରର ଆଭାସ ମାତ୍ର ଅଛି – ଯଥାର୍ଥ ତତ୍ତ୍ୱ ବିଗ୍ଭର ସେଥିରେ ନାଇ । ଏଇ 'ବୌଦ୍ଧଗାନ ଓ ଦୋହାଁ'ର କଥା ପରେ ପ୍ରସଙ୍ଗ କ୍ରମେ କୁହାଯିବ ।

## ଭାରତର ଭାଷା ଓ ଭୂମି ଭାଗ –

'ବୌଦ୍ଧଗାନ ଓ ଦୋହାଁ'ର ଭାଷିକ ଓ ସାହିତ୍ୟିକ ପରିସ୍ଥିତି ବିଗ୍ଭର କରିବା ପୂର୍ବରୁ ଆଗ ଓଡ଼ିଶା ଓ ପୂର୍ବ ଭୂଖଣ୍ଡର ଭାଷା କିପରି ଆଦିମ କାଳରୁ ବିକାଶ ପାଇ ଆସିଚି, ତାହା ଟିକିଏ ସଂକେତରେ ଆଲୋଚନା କଲେ ବିଷୟଟି ବୁଝିବାରେ ସୁବିଧା ହେବ । ଏହା ବୁଝିବା ପାଇଁ ପ୍ରଥମରୁ ଭୌଗୋଳିକ ଇତିହାସ ପ୍ରତି ଟିକିଏ ଦୃଷ୍ଟି ଦେବା ଦରକାର । ଅତିପୂର୍ବେ ବୈଦିକମାନେ ଜଙ୍ଗଲରେ ପଶି ସେଇ ଜଙ୍ଗଲର ଯେଉଁ ଅଂଶକୁ ଶୃଙ୍ଖଳିତ ସମାଜରେ ବା ଶାସନରେ ଏକ କରୁଥିଲେ, ସେ ଭୂମିକୁ କହୁଥିଲେ, ରାଟ ( ସଂସ୍କୃତ, ରାଷ୍ଟ୍ର ) । ପ୍ରାକୃତ ଭାଷାର ଲାଟ, ଲାଡ଼, ରାଢ଼ ପ୍ରଭୃତି ଶବ୍ଦ, ଏଇ 'ରାଟ' ଶବ୍ଦର ରୂପାନ୍ତର । ଉତ୍କଳ ବୋଲି ଗୋଟିଏ ଆଦିମ ଜାତି ଗାଙ୍ଗେୟ କଳିଙ୍ଗ ଉପକୂଳର ଉତ୍ତର ପଶ୍ଚିମକୁ ଥିଲେ । ଏବର ହଜାରିବାଗ, ରାଞ୍ଚି, ମାନଭୂମ, ସିଂହଭୂମ, ମୟୂରଭଞ୍ଜ ପ୍ରଭୃତିର ଭୂମି ସେଇ ଉତ୍କଳ ମାନଙ୍କ ଅଧ୍ୟୁଷିତ ଭୂମିର ଅନ୍ତର୍ଗତ ଥିଲା । କାଳକ୍ରମେ ସଂସ୍କୃତ ଭାଷା ଭାଷୀମାନେ କେତେକ ପରିମାଣରେ ସେଇ ଉତ୍କଳ ମାନଙ୍କୁ ସମାଜ ଓ ଶାସନରେ ଶୃଙ୍ଖଳିତ କଲେ । ତେଣୁ ଭୂମିଭାଗର ନାମହେଲା, ଉତ୍କଳ ରାଟ । ପରବର୍ତ୍ତୀ କାଳରେ ଏହା ଦୁଇଟି ରାଜ୍ୟରେ ବିଭକ୍ତ ହେଲା । ପଶ୍ଚିମ ଖଣ୍ଡକ ଉତ୍କଳ ଓ ପୂର୍ବ ଖଣ୍ଡକ ରାଢ (ରାଡ଼, ଲାଟ) ।



Digitized by PPRACHIN, SOA

ଏଇ ହେତୁରୁ ସେ କାଳର ବା ବଙ୍ଗ ଭଷା ଓ ଉତ୍କଳ (ଅବଶ୍ୟ ଏହା ବହୁ ପ୍ରାଚୀନ କାଳର କଥା– ଆଜକୁ ଅଢେଇ ହଜାର ବର୍ଷରୁ ଉଣା ନୁହେଁ ।) ବା ଉତ୍କଳ ଭଷା ଏକ ଥିଲ । ଏଇ ଉତ୍କଳ ସଭ୍ୟତାର ପ୍ରଥମ ସମ୍ମିଶ୍ରଣ ଓ ପ୍ରସାର ହେଇ ଦକ୍ଷିଣ କୋଶଳରେ । ଗଢର ପ୍ରଭବ କ୍ରମେ ବ୍ୟାପିଲ, ପୂର୍ବ ବଙ୍ଗ ଓ ଆସାମ ଆଡ଼କୁ । ଉତ୍କଳଙ୍କ ପାଖେ ଓଡ଼ ବୋଲି ଗୋଟିଏ ଜାତି ଥିଲେ । ଛୋଟ ନାଗପୁରରେ ଯେଉଁମାନଙ୍କୁ ୟୁରୋପୀୟ ନୃତତ୍ତ୍ୱ ସେବି ମାନେ ଓରଂ=ଓରଣ୍ (oraon) ବୋଲି କହନ୍ତି, ସମ୍ଭବତଃ ସେମାନେ ସେଇ ଆଦିମ ଓଡ଼ମାନଙ୍କର ଅବଶେଷ । ମନେହୁଏ ଏଇ ଓଡ଼-ମାନେ ଉତ୍କଳଙ୍କ ପାଖେ ଲଗିକରି ବା ମିଶି କରି ଥିବାରୁ ଏମାନଙ୍କ ଆଦିମ ଭଷା ଉତ୍କଳଙ୍କ ଭଷା ପରି ଥିଲ । ଏଣେ କୋଶଳର ଦକ୍ଷିଣ ଓ ପୂର୍ବ ଉପକୂଳର ଭୂମିରେ ଥିଲେ, ଆଦିମ ଶବରମାନେ । ଏଇ ଶବରମାନେ ପ୍ରାୟତଃ ସେକାଳ କଳିଙ୍ଗ ଓ କୋଶଳମାନଙ୍କ ସଙ୍ଗେ ମିଶିଯାଇ ଥିବାର ଅନୁମାନ ହୁଏ । ପୁଣି କେଜାଣି କାହିଁକି ଅନେକ ଓଡ଼ ଏଇ କଳିଙ୍ଗର ମଧ୍ୟଭଗ ଶବର ଭୂମିକୁ ମାଡ଼ି ଆସିଥିଲେ । ଏଇ ଅଞ୍ଚଳରେ ଜୈନଧର୍ମ ବଡ଼ ପ୍ରତିଷ୍ଠିତ ଥିଲ । ଏଇ କଳିଙ୍ଗର ଜୈନଙ୍କୁ ସେ କାଳର ସଂସ୍କୃତ ଭଷା-ଭଷୀମାନେ ମୋଟା ମୋଟି ଶବର ବୋଲି କହୁଥିବାର ସଂକେତ ମିଳେ । ତେଣୁ ସଂସ୍କୃତର ଭଷାଭଷୀମାନେ ଏଇ ଓଡ଼ ଓ କଳିଙ୍ଗ ଶବରଙ୍କୁ ଘେନି ଯେଉଁ ରାଜ୍ୟଟି ଶୃଙ୍ଖଳିତ କଲେ, ତାହାର ନାମଟି ଭିନ୍ନ ଥିଲ । କିଛି କାଳ ପରେ କଳିଙ୍ଗର ଏଇ ଓଡ଼ ଅଂଶଟିର ନାମ ହୋଇଥିଲ କଙ୍ଗୋଦ । ଏଇ ରାଜ୍ୟ ଖଣ୍ଡକ ବହୁକାଳ ଯାଏ ଏଇ ନାମରେ ପରିଚିତ ଥିଲ । ପରେ କଙ୍ଗୋଦ, ଉତ୍କଳ ଓ କୋଶଳ – ଏଇ ତିନୋଟି ମୁଖ୍ୟ ରାଜ୍ୟ ଘେନି ହୋଇଥିଲ ଓଡ଼ିଶା ।

## ଭୂମିଭଗ ଅନୁସାରେ ଭଷା –

ଉତ୍କଳ ଓ ଗଡ଼, ଦୁଇ ଭୂମିଖଣ୍ଡର ଭଷା ପ୍ରାୟ ଏକ ଥିଲ । ପୁଣି କୋଶଳର ତା' ସଙ୍ଗେ ବହୁ ସାମଞ୍ଜସ୍ୟ ଥିଲ । ଓଡ଼ ବା କଙ୍ଗୋଦର ଭଷା ବହୁକାଳରୁ ଟିକିଏ ସ୍ୱତନ୍ତ୍ର ହୋଇ ଯାଇଥିଲ । ମନେହୁଏ, ସଂସ୍କୃତ ଭଷା-



Digitized by PPRACHIN, SOA

ଭଷୀମାନେ ଅନେକେ 'ମଧ୍ୟଦେଶ'ରୁ ଶୌରଶେନୀ ଭଷାର ପ୍ରଭବ ଘେନି ସିଧା ସିଧା ଏ ଅଞ୍ଚଳକୁ ଆସି ବସତି କରିଥିଲେ । ଅନ୍ୟତଃ ମଗଧ ଓ ବଙ୍ଗ ଆଦ୍ରୁ ସଂସ୍କୃତ ଭଷାଭଷୀମାନେ ଗଡ଼ ଓ ଉତ୍କଳକୁ ଆସି ବସବାସ କଲେ । ('ପ୍ରାକୃତ ସର୍ବସ୍ୱ'ର 'ଔଡ୍ରୀ' ଭଷାର ପ୍ରକୃତି ଦେଖ ପୃ.........) । କୋଶଳ ଏଇ ଗଡୀ ଓ ଉତ୍କଳୀମାନଙ୍କ ଦ୍ୱାରା ବିଶେଷ ଭବରେ ଅଧ୍ୟୁଷିତ ଓ ପ୍ରଭ-ବିତ ହୋଇଥିଲ । ବଜ୍ରଯାନ, ତନ୍ତ୍ରଯାନ ଓ ସହଜଯାନ ପ୍ରଭୃତି ତଥାକଥିତ ବୌଦ୍ଧଧର୍ମର ପ୍ରଭବ ଖୁବ୍ ପଡ଼ିଥିଲ, ବଙ୍ଗ ଓ ଆସାମ ଆଦ୍ରୁ ଏଇ କୋଶଳ ଓ ଉତ୍କଳରେ । କଙ୍ଗୋଦ, ଓଡ୍ର ଓ ଶବରମାନେ ବହୁକାଳଯାଏ କଳିଙ୍ଗର ଜୈନ୍ୟଦେବ ଜଗନ୍ନାଥଙ୍କୁ ନିର୍ମଳ ଭବରେ ଧରି ନିଜ ସଭ୍ୟତାକୁ ସ୍ୱତନ୍ତ୍ର ରଖିବାରେ ଲଗିଥିଲେ । ତେଣୁ ତାଙ୍କ ଭଷା ମଧ୍ୟ ବହୁ ପରିମାଣରେ ସ୍ୱତନ୍ତ୍ର ହୋଇ ରହିଥିଲ । ଏଇ ସ୍ୱାତନ୍ତ୍ର୍ୟର ଗୋଟିଏ ବିଶେଷତ୍ୱ ହେଉଚି ଦନ୍ତ୍ୟ 'ସ' । ମାଗଧୀ ମୂଳକ ପ୍ରାକୃତରେ ଦନ୍ତ୍ୟ 'ସ' ର ଉଚ୍ଚାରଣ 'ତାଲବ୍ୟ' ହୋଇଯାଏ । ଅନ୍ୟଥା ତାଲବ୍ୟ ଦନ୍ତ୍ୟ ହୁଏ । (ପୂର୍ବେ 'ବାଂଛା' ଓ 'ବାଞ୍ଛା' ସମ୍ବନ୍ଧରେ ଦିଆଯାଇ ଥିବା ସୂଚନା ଦେଖ) । ମୂର୍ଦ୍ଧନ୍ୟ 'ଷ' ଓ ତାଲବ୍ୟ 'ଶ' ର ଉଚ୍ଚାରଣରେ ପ୍ରାୟ ପ୍ରଭେଦ ନାଇ । ଏଥି ସଙ୍ଗେ ଅନ୍ୟାନ୍ୟ ଉଚ୍ଚାରଣ ଓ ଭଷା ଭେଦ ମଧ୍ୟ ଅଛି । ଏବେ ମଧ୍ୟ ଓଡ଼ିଆଙ୍କ ଭଷା ଯାଜପୁରର ଉତ୍ତରକୁ ତଥା କୋଶଳ ଭୂମିରେ ଉଚ୍ଚାରଣ ଓ ସ୍ୱରଭଙ୍ଗୀରେ ବହୁ ପରିମାଣରେ ବଙ୍ଗଳା ପରି । ଶବ୍ଦ ମଧ୍ୟ ବେଳେ ବେଳେ ବଙ୍ଗଳା ପରି ତିଆରି ହୁଏ । କୋଶଳ ଉତ୍କଳରେ ଏଇ ଉଚ୍ଚାରଣ ଓ ଶବ୍ଦ ନିର୍ମାଣର ସଂକେତ ଏବେ ବି ଅଛି । କିନ୍ତୁ ଦକ୍ଷିଣରେ ତା ଭିନ୍ନ । ଏହା ଆଗରୁ କୁହାଯାଇଚି । (ପୃ...........) ଓ 'ଭଷାତତ୍ତ୍ୱ' ପ୍ରବନ୍ଧରେ ସୂଚିତ ହୋଇଚି (ପୃ..............ଦେଖ) । ଏଠି କହିଦେବାର ଅଛି, ଏଇ ଭଷାସୂତ୍ର-ଧରି ସାହିତ୍ୟ ଓ ସଭ୍ୟତାର ଆଲୋଚନା କଲେ ବହୁ ବିବାଦର ସମାଧାନ ହୋଇଯିବ ।

## ଉଦାହରଣରେ ଦୀନକୃଷ୍ଣ ଦାସ –

ଗୋଟିଏ ସାମାନ୍ୟ ଉଦାହରଣ ଏଠି କହିଦିଏ । ଓଡ଼ିଆରେ ଦୁଇ ଜଣ ଦୀନକୃଷ୍ଣ ଦାସ । ଜଣେ 'ପ୍ରସ୍ତାବ ସିନ୍ଧୁ', 'ଗୁଣସାଗର', 'ରସବିନୋଦ'



Digitized by PPRACHIN, SOA

ପ୍ରଭୃତିର ଗ୍ରନ୍ଥକର୍ତ୍ତା – ଆଉ ଜଣେ 'ରସକଲ୍ଲୋଳ'ର ସ୍ୱନାମ ପ୍ରସିଦ୍ଧ ଦୀନକୃଷ୍ଣ ଦାସ । ଅନେକେ ଏ ଦୁହିଁଙ୍କୁ ଏକା ଲୋକ ବୋଲି କହିଥାନ୍ତି । କିନ୍ତୁ ଦୁହିଁଙ୍କର ଭାଷା ଅତି ସାଧାରଣ ଭାବରେ ଦେଖି ବସିଲେ ମଧ୍ୟ ପ୍ରଥମ ଜଣକ ବାଲେଶ୍ୱର ଆଡ଼ର ଓ ଦ୍ୱିତୀୟ ଜଣକ ପୁରୀ ଆଡ଼ର ବୋଲି ଧରା ପଡ଼ିଯାଏ ।

## ଓଡ଼ିଶାର ଜଗନ୍ନାଥ —

ମନେ ରଖିବାର ଅଛି, ଉତ୍କଳ ଓ କୋଶଳ, ବଙ୍ଗ, ଆସାମ ପ୍ରଭୃତି ଭୂମିକୁ ଲାଗିକରି ଥିବାରୁ ଭାଷା ପ୍ରଭାବ .ବାଟେ ବଙ୍ଗ—ଆସାମ ଆଡ଼ର ସଭ୍ୟତା ଓ ସାହିତ୍ୟର ପ୍ରଭାବ ଏଇ ଦ୍ୱାରରେ ପ୍ରଥମେ ଧକ୍କା ଦେଇଥିଲା । କିନ୍ତୁ ସଭ୍ୟତା ଓ ସାହିତ୍ୟର ଆଦର୍ଶରେ ଉତ୍କଳ, କୋଶଳ ଓ ଉଡ୍ର ବା କଙ୍ଗୋଦ ଅତି ପ୍ରାଚୀନ କାଳରୁ ଏକ ଥିଲା ଓ ଏମାନଙ୍କର ଆଦର୍ଶ ଥିଲେ ଜଗନ୍ନାଥ । ଜଗନ୍ନାଥଙ୍କ ଉପରେ ଭିନ୍ନ ଧର୍ମୀର ଆକ୍ରମଣ ହେଲା ବେଳେ ସେ ଆତ୍ମରକ୍ଷା କରିବା ପାଇଁ କୋଶଳ ଭୂମିକୁ ଆଶ୍ରୟ କରି ରହିଥିବା କଥାଟି ପରମ୍ପରା ପ୍ରସିଦ୍ଧ । ପୁଣି ବଙ୍ଗ ଓ ଆସାମରେ ମଧ୍ୟ ଏଇ ଜଗନ୍ନାଥ ନାମକୁ ଆଶ୍ରା କରି ବଜ୍ରଯାନ ଓ ସହଜଯାନର ବିଭଙ୍ଗ ଶରୀର ସାଧନା ପ୍ରଚାରିତ ହୋଇଥିବା କଥା ମଧ୍ୟ ଅଜଣା ନୁହେଁ । ଏପରି ପ୍ରଚାରର ମୁଖ୍ୟ ହେଉଚନ୍ତି କୋଶଳ ଓ ଉତ୍କଳର ତଥା କଥିତ ସିଦ୍ଧନାମୀ ଉଡ୍‌ଡ଼ିୟାନ ରାଜା ଇନ୍ଦ୍ରଭୂତି ଓ ତାଙ୍କ ଭଉଣୀ ସମ୍ବଳ (ହୁଏତ ଏବର ସମ୍ବଲପୁର)ର ରାଣୀ ଲକ୍ଷ୍ମୀଙ୍କରା । ପୁଣି ଜାହୋର ବା କେନ୍ଦୁଝରର ରାଉତ ଶାନ୍ତିଦେବ ପ୍ରଭୃତି । ଏମାନେ ସବୁବେଳେ ବଜ୍ରଯାନ ଓ ସହଜଯାନକୁ ମଧ୍ୟ ଜଗନ୍ନାଥଙ୍କ ନାମଧରି ଉଡ୍ରଯାନ ବୋଲି ପ୍ରଚାର କରିଛନ୍ତି ଓ ନିଜକୁ ନିଜକୁ ଉଡ୍ରଯାନ ବା ଉଡ୍‌ଡ଼ିୟାନର ବୋଲି କହିଚନ୍ତି । ଇନ୍ଦ୍ରଭୂତି ହେଉଚନ୍ତି, ଉଡ୍‌ଡ଼ିୟାନ ସିଦ୍ଧ । ତାଙ୍କର ଜ୍ଞାନ ସିଦ୍ଧି ଓ କୁରୁକୁଲ୍ଲା ସାଧନା ପ୍ରଭୃତି ଗ୍ରନ୍ଥମାନଙ୍କୁ 'ଉଡ୍‌ଡ଼ିୟାନ ବିନିର୍ଗତ' ବୋଲି ସେ ଭୂମିମାନଙ୍କରେ ବରାବର ଚିହ୍ନାଇ ଦିଆ ଯାଇଚି— ହୁଏତ ସେଇମାନେ ଏପରି ଚିହ୍ନାଇ ଦେଇଚନ୍ତି । ଏ ସବୁର ବିଶେଷ ବିଚାର ପାଇଁ ଏଠି ଅବକାଶ ନାଇ । ଏ ବିଷୟରେ ପ୍ରସଙ୍ଗ କ୍ରମେ କିଞ୍ଚିତ୍ ମାତ୍ର ପରେ କୁହାଯିବ । ମାତ୍ର ଏଠାରେ ଏତିକି କେବଳ କୁହାଯାଇ ପାରେ ଯେ ଉଡ୍‌ଡ଼ିୟାନକୁ ଧରି ଉଡ୍ର,



Digitized by PPRACHIN, SOA

ଉତ୍କଳ ଓ କୋଶଳ ଏକ ସଭ୍ୟତାକୁ ଆଦର୍ଶ କରି ବଢ଼ିଥିଲେ । ଉଡ୍ରଭୂମିର ଜଗନ୍ନାଥ ଏଇ ସଭ୍ୟତାର କେନ୍ଦ୍ର ଓ ଆଦର୍ଶ ଥିଲେ ।

## ଉଡ୍ଡିୟାନ ସାଧନା —

କୋଶଳ, ଉତ୍କଳ ଓ ଉଡ୍ରକୁ ଧରି ଯେଉଁ ସଭ୍ୟତାଟି ବଢ଼ିଥିଲା, ତାହା ହେଉଚି ଜଗନ୍ନାଥ ସଭ୍ୟତା – ବଜ୍ରଯାନିମାନେ ତାକୁ ଉଡ୍ଡିୟାନ ବୋଲି କହୁଥିଲେ । ଏଠି ମନେ ରଖିବାର ଅଛି, ଜଗନ୍ନାଥଙ୍କୁ ଧରି ଏଇ ଯେଉଁ ସଭ୍ୟତାଟି ବଢ଼ିଥିଲା, ତହିଁ ସଙ୍ଗେ ଅତି ଆଦିମ କାଳରୁ ଶରୀର ସାଧନାର ତତ୍ତ୍ୱଟି ଅଙ୍ଗାଙ୍ଗୀ ଭାବରେ ଜଡ଼ିତ ଥିଲା । ଏଇ ସାଧନାର ଲକ୍ଷ୍ୟ ହେଉଚି ଜୀବ ବା ଆତ୍ମାକୁ ଅଜୀବ ବା ଜଡ଼ ପ୍ରକୃତିରୁ ଅଲଗା କରି 'କେବଳୀ' ହେବା ବା କୈବଲ୍ୟ ଲାଭ କରିବା ଅର୍ଥାତ୍ ଶରୀରରୁ ଆତ୍ମାକୁ ଅଲଗା କରିବା । ଏଇ ସାଧନା କାଳକ୍ରମେ ଏକ ଆଡ଼େ କୈବଲ୍ୟ ସାଧନା ଓ ଅନ୍ୟ ଆଡ଼େ 'ନୈରାତ୍ମ୍ୟ' ବା ଶୂନ୍ୟ ସାଧନାରେ ପରିଣତ ହୋଇଥିଲା– ସେ ସ୍ୱତନ୍ତ୍ର କଥା ।

## 'ସଙ୍କେତ' ଓ 'ଶ୍ରୁତି' —

ଏଇ ସାଧନାର ଆଶ୍ରୟ ହେଉଚି 'ସଂକେତ' ଯାହାକୁ କି ଜୈନମାନେ କହୁଚନ୍ତି 'ଶ୍ରୁତି' । ଭାଷା ବା ଲେଖାଲେଖି ଏଥିରେ ବେଶି ଦରକାର ନଥିଲା । ଏଥିରେ ସଙ୍କେତରେ ଗୁରୁଙ୍କଠାରୁ ଦୀକ୍ଷା ଓ ସାଧନା ଗ୍ରହଣ କରିବାର ଅଭ୍ୟାସ କରୁଥିଲେ । ଭାରତ ସାହିତ୍ୟରେ ଏଇ ଶ୍ରୁତି ସଙ୍କେତର ପରଂପରା ଇତିହାସରେ ବଡ଼ ପ୍ରତିଷ୍ଠିତ । ଦାର୍ଶନିକ ତତ୍ତ୍ୱ ସବୁ ଏପରି ସଙ୍କେତରେ ଶିଷ୍ୟଙ୍କୁ ଗୁରୁ ଶିକ୍ଷା ଦେଉଥିଲେ । ଏଇପରି ସଙ୍କେତରେ ମଧ୍ୟ ସାଧନାର ପ୍ରକାର ଓ ଫଳାଫଳ ସାଧକମାନେ ମନେରଖି ଧ୍ୟାନରେ ଲଗାଉଥିଲେ । ବେଦକାଳରୁ ମଧ୍ୟ ସଂକେତରେ କହିବାର ପ୍ରମାଣ ଅଛି । 'ବ୍ରାହ୍ମଣ୍ୟ' ଓ 'ଅଥର୍ବ ବେଦ'ରେ ଏଇ ପ୍ରକାର ସଙ୍କେତରେ କଥା କହିବା ଖୁବ୍ ଦେଖାଯାଏ । ଯାହା କୁହାଯାଏ, ତାହାର ଭିନ୍ନ ଅର୍ଥ ଥାଏ । ଜୈନ ଓ ବୌଦ୍ଧମାନଙ୍କ ଭିତରେ ବହୁକାଳରୁ ଏହି ସାହିତ୍ୟର ପ୍ରଚଳନ ଅଛି ।



Digitized by PPRACHIN, SOA

## ବୈନ ସାହିତ୍ୟରେ 'ସଙ୍କେତ' —

'ମୃଚ୍ଛ କଟିକ' ନାଟକରେ ୮ମ ଅଙ୍କର ଆରମ୍ଭରେ ଗାଧୋଇ ସାରି ଭିକ୍ଷୁ ଯାହା ଗୁଣୁଗୁଣି କରୁଛନ୍ତି, ସେଥିରୁ ଗୋଟିଏ ଉଦାହରଣ ଏଠି ଦିଆଯାଉଚି– "ପଞ୍ଚଜଣ ଜେଣ ମାଲିଦା ଇତ୍‌ଥିଅ ମାଳିଆ ଗାମ ଲକ୍‌ଖଦେ ଅବଳକ ଚଣ୍ଡାଳ ମାଳିକେ ଅବସଂ ବିଶେଣଲ ଶଗ୍ଗ ଗାହଦି ।"

ଓଡ଼ିଆରେ ଏହାର ଅର୍ଥ ହେଉଚି, ଯାହାଦ୍ୱାରା ପାଞ୍ଚଜଣ ମରହେଲେ, ଯେ ଏହାକୁ ମାରି ଗ୍ରାମ ରକ୍ଷା କଲ, ପୁଣି ବଳହୀନ ଚଣ୍ଡାଳକୁ କୁଠି ମାଇଲ, ସେ ଲୋକ ଅବଶ୍ୟ ହେଲେ ସ୍ୱର୍ଗକୁ ଯିବ । ଏହାର ଫଳିତାର୍ଥ ହେଉଚି, ପଞ୍ଚ ଇନ୍ଦ୍ରିୟକୁ ଜବତ କରି ଅବିଦ୍ୟାକୁ ମାରି ଯେ ଶରୀରକୁ ଠିକ୍ କଲ, ତାହାର ଅହଙ୍କାର କୁଆଡ଼େ ଦୁର୍ବଳ ହୋଇ ମରିଯିବ । ସେଇ ଏକା ଅବଶ୍ୟ ସ୍ୱର୍ଗକୁ ଯିବ । ଭିକ୍ଷୁମାନେ ଏଇପରି ଗୁଣୁଗୁଣି କରୁଥିଲେ । ଯାହାକୁ ବୌଦ୍ଧ ଧର୍ମ ବୋଲି କହନ୍ତି, ସେଥିରେ ମଧ୍ୟ ପରବର୍ତ୍ତୀ କାଳରେ ନାନା ଭାବରେ ଓ ପ୍ରକାରରେ ଏଇ ସଙ୍କେତ ଭାଷା ପ୍ରକାଶ ପାଇଚି– ସେ କଥା କୁହା ଯାଉଚି ।

## ବୈଦିକ ଓ ଭାଷା ସଂସ୍କୃତରେ —

ଋକ୍ ବେଦରେ ମଧ୍ୟ ଗୁରୁ ଶିଷ୍ୟଙ୍କୁ ଏଇପରି ସଙ୍କେତରେ କହିବାର ଉଦାହରଣ ଦେଖାଯାଏ—

ଦ୍ୱା ସୁ ପର୍ଣ୍ଣା ସଯୁଜା ସଖାୟା
ସମାନଂ ବୃକ୍ଷଂ ପରିଷସ୍ୱଜାତେ ।
ତୟୋରେକଃ ପିପ୍‌ପଳିଂ ସ୍ୱାଦ୍ୱୋତ୍ତି
ଅନଶ୍ନନ୍ ନ୍ୟୋଽଭି ଚାକଶୀତି ।

( ମୁଣ୍ଡକ ଉପନିଷଦ୍, ୩–୧ )

ଏହାର ଅର୍ଥ ହେଉଚି, ଦୁଇଟି ଚଢ଼େଇ ଏକାଠି ସାଙ୍ଗ ସୁଖ ହୋଇ ଏକା ଗଛକୁ ଆଦରି କରି ଅଛନ୍ତି । ସେଥିରୁ ଗୋଟିଏ ସେ ଗଛର ଫଳ ପତ୍ରର ସ୍ୱାଦୁ ଖାଉଚି, ଅନ୍ୟଟି ଖାଲି ଚାହିଁଛି । ଏହାର ଫଳିତାର୍ଥ ହେଉଚି,



Digitized by PPRACHIN, SOA

ଜୀବାତ୍ମା, ପରମାତ୍ମା । ଏଇ ଶରୀରକୁ ଅବଲମ୍ବନ କରି ସାଙ୍ଗସୁଖ ହୋଇ ରହିଲା ପରି ଅଛନ୍ତି । ଗୋଟିଏ ସେଥିରୁ ଇନ୍ଦ୍ରିୟ ଲବ୍ଧ ସୁଖ ଭୋଗ କରୁଚି, ଆଉ ଗୋଟିଏ ଖାଲି ଚାହିଁଚି ।

ପୁଣି ଦେଖ—

ଅଜାମେକାଂ ଲୋହିତ କୃଷ୍ଣଶୁକ୍ଳାଂ

ଏଠାରେ ରଜ, ସତ୍ତ୍ୱ, ତମ ଏଇ ତ୍ରିଗୁଣମୟୀ ପ୍ରକୃତିକୁ ସଙ୍କେତରେ କୁହାଯାଇଚି । ସମସ୍ତ ଭଗବତ୍ ଗୀତା ଗୋଟିଏ ସଙ୍କେତ ମୂଳକ ଶାସ୍ତ୍ର । ବିଭୂତି ଯୋଗ ଓ ବିଶ୍ୱଦର୍ଶନ ଯୋଗ ଏଥିରେ ମୂର୍ତ୍ତିମନ୍ତ ସଙ୍କେତର ଉଦାହରଣ । ସ୍ୱୟଂ ଉପାସ୍ୟ ଦେବ ଜଗନ୍ନାଥ ଗୋଟିଏ ସଙ୍କେତ ଛଡ଼ା ଆଉ କିଛି ନୁହଁନ୍ତି । ମହାଶୂନ୍ୟ, ଚେତନଶୂନ୍ୟ, କାମ ବା ଯୋଗମାୟା ଓ ବିଗଟ ବା ପ୍ରକାଶିତ ଇନ୍ଦ୍ରିୟ ଲବ୍ଧ ବିଶ୍ୱ ଏଇ ଚତୁର୍ଦ୍ଧା ବା ଚାରି-ପ୍ରକାରରେ ଉପାସ୍ୟ ଦେବ ଜଗନ୍ନାଥ ବା ଜଗତ୍ ରୂପ ପୁରୁଷକୁ, ଏଥିରେ ବୁଝିବାକୁ ହୁଏ ଓ ଧ୍ୟାନ କରିବାକୁ ହୁଏ । ଯଶବନ୍ତ ଦାସଙ୍କ ପ୍ରେମଭକ୍ତି (ବ୍ରହ୍ମଗୀତା ୨ୟ ଓ ୫ମ ଅଧ୍ୟାୟ ଦେଖ) । ଏଇପରି ବୈଦିକ ଓ ଅବୈଦିକ ଭରତ ସାହିତ୍ୟରୁ ଭୂରି ଭୂରି ଦୃଷ୍ଟାନ୍ତ ଦିଆଯାଇ ପାରେ ।

## ଓଡ଼ିଆ ସାହିତ୍ୟରେ –

ପାରମ୍ପରିକ ଓଡ଼ିଆ ସାହିତ୍ୟ ଏଇ ସଙ୍କେତ ବ୍ୟଞ୍ଜକ ଭଷାରେ ପୂର୍ଣ୍ଣ । ଏହାର ଗୋଟିଏ ସୁନ୍ଦର ବୁଝି ପାରିବା ଭଳି ଉଦାହରଣ ମୋ ଗୀତା ପ୍ରବେଶର 'ଗୋଟିଏ ଅଧିକା କଥା' ଶୀର୍ଷକ ପ୍ରକରଣରେ ଅଛି । ଏଠାରେ ଅତି ପ୍ରାସଙ୍ଗିକ ହେବାରୁ ପୁଣି ତାହା ବୁଝାଇ କରି କୁହାଯାଉଚି । ଅଚ୍ୟୁତା ନନ୍ଦଙ୍କ ନାମରେ ଚଳୁଥିବା ଗୋଟିଏ ମାଳିକାରେ ଅଛି,

"ତରକି ଥିବୁ ତେଅରକୁ
ଚଉଦ ପନ୍ଦରେ କେହି ନ ରହିବେ
ସତ ଉପୁଜିବ ସତରକୁ ।
ଅଠର ଉଣିଶି ସରୁ ସରୁ
ଥୋକାଏ ରହିବେ ମରୁ ମରୁ
କୋଡ଼ିଏରେ ଯାଇ ଘର କରୁ ।"



Digitized by PPRACHIN, SOA

ଏହାକୁ କେତେ ଲୋକ କେତେ ପ୍ରକାରେ ଯେ ଅର୍ଥ କରନ୍ତି, ତାହାର ଇୟତ୍ତା ନାହିଁ । ଇଂରେଜ ଥିଲାବେଳେ, ସମ୍ବତ୍ ହେଉ, ଶକାବ୍ଦ ହେଉ, ଦିଲ୍ଲୀ ଶ୍ୱରାବ୍ଦ ହେଉ, ବା ଏପରିକି ଖ୍ରୀଷ୍ଟାବ୍ଦ ମଧ୍ୟ ହେଉ, ଟଣାଟଣି କରି ସେଥିରୁ ସଂଖ୍ୟାରେ ୧୩ ଠାରୁ ୨୦ ଥିବା କୌଣସି ଅଙ୍କ ଅଙ୍କାଂଶ, ଏପରିକି ମାସ ଓ ଦିନକୁ ମଧ୍ୟ ଧରି ସେଇ ୧୩ ଠାରୁ ଆରମ୍ଭ କରି ୨୦ ଭିତରେ ଆମେ 'ଘର କରିବୁ' ବା ଆମ ଦେଶ ସ୍ୱାଧୀନ ହେବ ବୋଲି ଅର୍ଥମାନ ବହୁତ ଶୁଣାଯାଉ ଥିଲା । ଟଣାଟଣି କରି ପୁଣି ସେଥିରୁ ୧୩।୧୪ ପ୍ରଭୃତି ବାହାର କରିବା ମଧ୍ୟ କମ ସାଧନାର ସିଦ୍ଧି ନ ଥିଲା । ରାମଚନ୍ଦ୍ର ଦେବଙ୍କ ୧୩ ଅଙ୍କଠାରୁ ୧୯ ଅଙ୍କ ପର୍ଯ୍ୟନ୍ତ ଓଡ଼ିଶାର ଲୋକେ ଯେପରିକି 'ଘର କରିବେ' ବା ସ୍ୱାଧୀନ ହେବେ ବୋଲି ରହିଁ ବସିଥିଲେ । ଏଇ ସଙ୍କେତରେ ପୁଣି ୧୬ ଅଙ୍କଟା ନଥିବା ବରବର ଅଙ୍କ ଗଣନାର ସଙ୍କେତ ବୋଲି ତଥା କଥିତ ସଙ୍କେତ ବିଦ୍ୟମାନେ କହି ବୁଲୁଥିଲେ । ୨୦ ଟା କିନ୍ତୁ ଏ ସମ୍ପର୍କରେ ଦୃଷ୍ଟି ପଥକୁ ଆସୁ ନ ଥିଲା । କାରଣ ତାହା ୧୯ର ପରବର୍ତ୍ତୀ କାଳ ବୋଲି ଧରା ଯାଉଥିଲା । ଏଇପରି ଲୋକଙ୍କ ଭିତରେ ବହୁତ ଭ୍ରାନ୍ତ ଧାରଣା ଓ ବଦ୍ଧ କୁସଂସ୍କାର ଭର୍ତ୍ତି କରିବାରେ ଏଇ ସବୁ ସଙ୍କେତ ବହୁତ ବ୍ୟବହାର କରଯାଇ ଥାଏ । କିନ୍ତୁ ଏସବୁ ମଧ୍ୟରେ ଅନେକ ସଙ୍କେତର ସାଧନାରେ ଯଥାର୍ଥ ଅର୍ଥ ଅଛି । ଏବେ ମଧ୍ୟ ଖୋଜିଲେ ସେ ସବୁ ମିଳିବ । ଓଡ଼ିଆ ସାହିତ୍ୟର ଆଲୋଚନାରେ ଏ ସବୁର ସୁନ୍ଦର ଐତିହାସିକ ଓ ସାଂସ୍କୃତିକ ମୂଲ୍ୟ ମଧ୍ୟ ଅଛି । ଏସବୁ ଖୋଜା ଲୋଡ଼ା ହୋଇ ନାଇ । ସାଧାରଣ କଥାରେ ମଧ୍ୟ ଲୋକେ କହନ୍ତି "ମୁଁ ଗଲାବେଳକୁ ତାର ଅଠାଠିକ ।" ଏହାର ଅର୍ଥ ହେଉଚି ଅଷ୍ଟ ଅଙ୍ଗଯାକ ତ୍ରିକୂଟରେ ଏକ ହୋଇ ଯାଇଚି— ଅର୍ଥାତ୍ ସେ ନିର୍ବାଣ ବା ମୃତ୍ୟୁର ନିକଟକୁ ଗଲି ଯାଇଚି । "ସେ ଅସାଷ୍ଟମ ହୋଇ ପଡ଼ିଗଲା । ତାକୁ ବିଞ୍ଚାବିଞ୍ଚି କରି ସାଷ୍ଟମ କଲେ ।" (ଏଇ ପ୍ରୟୋଗ ମାନ ସାରଳା ଦାସଙ୍କ ଲେଖାରେ ବହୁତ ଦେଖିବାକୁ ମିଳେ ।) ଏଠାରେ 'ଅସାଷ୍ଟମ' ବୋଇଲେ ଆଠଟିଯାକ ଅଙ୍ଗରେ ଜୀବନ–ହୀନ ଓ 'ସାଷ୍ଟମ' ବୋଇଲେ ଅଷ୍ଟାଙ୍ଗରେ ସତେଜ । ଏଇପରି ସଙ୍କେତ ଘେନି 'ପଞ୍ଚବର୍ଣ୍ଣୀ ଫୁଲ', 'ପଞ୍ଚବର୍ଣ୍ଣୀ ମୁରୁଜ' ଏବ ତନ୍ତ୍ର ସାଧନାରେ ମଧ୍ୟ ବହୁତ ଦରକାର



Digitized by PPRACHIN, SOA

ହୁଏ । ସେଥିରେ 'ପଞ୍ଚପ୍ରାଣ', 'ପଞ୍ଚେନ୍ଦ୍ରିୟ', 'ପଞ୍ଚସ୍କନ୍ଧ'ର ଓ 'ପଞ୍ଚ ପରମେଷ୍ଠୀ' ବା 'ପଞ୍ଚ ପରମେଶ୍ବର' ପ୍ରଭୃତିର ସଙ୍କେତ ହୁଏତ ରହିଚି । ଏ ସବୁ ଯାହା ହେଉ, ଏଠି 'ତରକିଥିବୁ ତେଅରକୁ' ଶୀର୍ଷକ ବଚନର ଅର୍ଥଟି ହେଉଚି, ଏଇ—

ତେଅରକୁ ଅର୍ଥାତ୍ ତିନି ଏକରେ ରହିବାକୁ, ଇଡ଼ା, ପିଙ୍ଗଳା, ସୁଷୁମ୍ନା, ତିନି ନାଡ଼ୀର କ୍ରୀୟା, ବହ୍ମରନ୍ଧ୍ର ପାଖ ତ୍ରିକୁଟରେ ରହିବା ଅବସ୍ଥାକୁ ତରକି ଥିବୁ । ଅର୍ଥାତ୍, ସେଇଠାରୁ ତୋର ସିଦ୍ଧି ଆଡ଼କୁ ଗତି ଫିଟିବ । ତା'ପରେ 'ଚଉଦ ପନ୍ଦରେ' ଅର୍ଥାତ୍ ଚାରିଏକରେ ରହିବା, ଅର୍ଥାତ୍ ମୁଖ, ନାସିକା, ଚକ୍ଷୁ, କର୍ଣ୍ଣ ଏଇ ଚତୁର୍ଦ୍ଵାର ତ୍ରିକୁଟରେ ଏକ ହୋଇ ଓ ପନ୍ଦର ବା ପଞ୍ଚପ୍ରାଣ ତ୍ରିକୁଟରେ ଏକହେବା, ଅବସ୍ଥା ଆସିଯିବ । ସେତେବେଳେ କେହି ରହିବେ ନାଇ । ଅର୍ଥାତ୍ ବାହ୍ୟଜ୍ଞାନ ରହିବ ନାଇ । ସତରକୁ ଅର୍ଥାତ୍ ପଞ୍ଚେନ୍ଦ୍ରିୟ ମନ ଓ ଶ୍ୱାସକ୍ରୀୟା ସେଇ ତ୍ରିକୁଟରେ ରହିବା ବେଳକୁ, ସତ ଉପୁଜିବ ଅର୍ଥାତ୍ ନିର୍ବାଣର ପନ୍ଥା ଫିଟିଯିବ । ଅଠର, ଉଣିଶି ସରୁ ସରୁ, ଅର୍ଥାତ୍ ଆଠ ଏକରେ ଓ ନଅ ଏକରେ ରହୁ ରହୁ ଅଷ୍ଟାଙ୍ଗ ଓ ନବଦ୍ୱାରର କ୍ରୀୟା ବ୍ରହ୍ମରନ୍ଧ୍ର ମୂଳରେ ଏକ ହେବା ଅବସ୍ଥାରେ—ଜୀବାତ୍ମା, ପରମାତ୍ମାର ଭେଦଜ୍ଞାନ ବା ଶରୀର ବଦ୍ଧ ଆତ୍ମାର ଜ୍ଞାନ ଟିକିଏ ଟିକିଏ ଥିବ । ତା'ପରେ କୋଡ଼ିଏରେ ବା ଦୁଇଶୁନ ହୋଇଗଲେ, ଅର୍ଥାତ୍ ଜୀବାତ୍ମା ପରମ୍ଆ ଦୁହେଁ ଏକ ହୋଇ ଶୂନ୍ୟରେ ପରିଣତ ହେଲେ, 'ତୁ ଘର କରିବୁ' ବା ଦେହବଦ୍ଧ ଆତ୍ମାର ନିର୍ବାଣ ପ୍ରାପ୍ତିହେବ ।

ଏଇପରି ଅନ୍ୟ ଏକ ପ୍ରକାରର ସଂକେତମାନ 'ଓଡ଼ିଆ ସାହିତ୍ୟର କ୍ରମପରିଣାମ'ର ପ୍ରଥମ ଭାଗର ଉଦ୍ଧୃତାଂଶ ଓ ତାର ଟୀକାମାନଙ୍କରେ ବହୁତ କୁହାଯାଇଚି । ସେଥିରେ ଗୋଲହାଟ, ଶ୍ରୀହଟ ପ୍ରଭୃତିକୁ ଲକ୍ଷକରି ସାଧନ ପନ୍ଥାର ସଙ୍କେତ ବହୁତ ଅଛି । ତା'ଛଡ଼ା ବାଇଦାସ ପ୍ରଭୃତି ସାଧକ ମାନଙ୍କର ଭଜନ ମଧ୍ୟ ବହୁତ କ୍ଷୁଦ୍ର ପୁସ୍ତିକାରେ ପ୍ରକାଶିତ ହୋଇଚି । ତାହା ଠାଏ ଠାଏ ଏକାବେଳେ ସଂକେତରେ ପୂର୍ଣ୍ଣ । ଉଦାହରଣ ସ୍ୱରୂପ ବେଦର ଅଶ୍ୱତ୍ଥ ବୃକ୍ଷ (ଗୀତାର ପଞ୍ଚଦଶ ଅଧ୍ୟାୟ ପ୍ରଥମ ଶ୍ଳୋକରେ ଏଇ ସଂକେତଟି ମଧ୍ୟ ଅଛି ।)



Digitized by PPRACHIN, SOA

ସଙ୍କେତଟି ଧରି ଓଡ଼ିଆ ସାଧକ ସାଧୁଦାସ ବୋଲିଛନ୍ତି—

ଓଲଟ ବୃକ୍ଷେ ଖେଳୁଚି ଲେଟଣୀ ପାରା
ଅଠାକାଠି ପଞ୍ଜୁରୀରେ ନହିଁଏ ଧରା । ୦ ।
ସେ ପାରାଟି ପଞ୍ଚୁବର୍ଣ୍ଣୀ, ନାଇ ଇନ୍ଦ୍ରି ନାଇ ଯୋନି
ପାଞ୍ଚଗୋଟି ପୁତ୍ର ଘେନି ଖେଳୁଚି ପାରା । ୧ ।
ସେ ପାରାର ଡେଣା ନାହିଁ ଲକ୍ଷେ ଯୋଜନ ଉଡଇ
ଜଳଫଳ ନ ଭୁଞ୍ଜଇ ଅଟେ ଅମର । ୨ ।
ପାରା ଅଛି ଯେଉଁଠାରେ କେହି ତା' ଦେଖି ନ ପାରେ
ଶୀତଳ କ୍ରୋଟ ଛାୟାରେ ନ ପଡ଼େ ଧରା । ୩ ।
ପାରାଯେବେ ଯିବ ଉଡ଼ି ବୃକ୍ଷ ପଡ଼ିବ ଉପୁଡ଼ି
ଦାସ ସାଧୁ ବୋଲେ ଭଜ ଦୁଃଖ ପାସୋରା । ୪ ।

ଶୂନ୍ୟ ସାଧନାରେ ଭଜନ ଛାଡ଼ି ଯେଉଁମାନେ କୃଷ୍ଣଭକ୍ତି– ଏପରିକି ଗୌଡ଼ୀୟ କୃଷ୍ଣଭକ୍ତି ଧରିଛନ୍ତି, ସେମାନେ ମଧ୍ୟ ଏଇ ସଙ୍କେତି ଭଷା ଓ ତତ୍ ସମ୍ବନ୍ଧି ଦର୍ଶନ ଧାରା ଛାଡ଼ି ପାରି ନାହାଁନ୍ତି । ଉଦାହରଣ ସ୍ୱରୂପ ଗୌଡ଼ୀୟ ବୈଷ୍ଣବ ଭକ୍ତଚରଣ ଦାସ 'ମନବୋଧ ଚଉତିଶା'ରେ ଲେଖିଛନ୍ତି—

ଚିତ୍ର ପ୍ରତିମା ପରି ଦିଶୁ ସୁନ୍ଦର
ଚିରି ଭିତର ଦେଖ କି ନାରଖାର ।
ଚର୍ମ ବେଢ଼ିଚି ସିନା ଚଉରଶୀ କି
ଚିନ୍ତୁ ତୁ ନିଅ ନୀଳଗିରି ବାସିଙ୍କି ।

(ଓଡ଼ିଆ ସାହିତ୍ୟ କ୍ରମ ପରିଣାମ ଅଷ୍ଟମ ଅଧ୍ୟାୟ ପରିଶିଷ୍ଟ – ୨ ରେ ଏହାର ଶେଷ ଆଲୋଚନା କରଯାଇଚି । ଅତି ସୁନ୍ଦର ସ୍ୱାଭବିକ କବିତା ଭିତରେ ନିଗୁଢ଼ ଦର୍ଶନ ତତ୍ତ୍ୱ ସଙ୍ଗେ ସଙ୍କେତ ସାହିତ୍ୟର ଭଷା ଏଥିରେ ଯେପରି ପ୍ରକାଶ ପାଇଚି, ତାହା ଅନ୍ୟତ୍ର କ୍ୱଚିତ ଦେଖାଯାଏ । ଚଉରଅଶି ବୋଇଲେ ଏଠି ଚଉରଅଶି ଅଙ୍ଗୁଳି ପରିମିତ ଅଷ୍ଟାଙ୍ଗ ଶରୀର । ଏହା ଅତି ପ୍ରାଚୀନ ଜୈନ ସାହିତ୍ୟର ସଙ୍କେତ । ପରବର୍ତ୍ତୀ କାଳର ବୌଦ୍ଧ ସାହିତ୍ୟରେ ମଧ୍ୟ ଏହାର ଖୁବ୍ ପ୍ରୟୋଗ ଅଛି । ଏଇ ଚଉରଅଶି ଅଙ୍ଗୁଳ ଶରୀର ହେଉଚି, ଏଠାରେ ଚଉରଅଶି ନରକ । ନୀଳଗିରି ବାସୀ ବା ଜଗନ୍ନାଥରେ ମନଦେଲେ, ଏଇ ଚଉରଅଶି ନରକରୁ ମୁକ୍ତି ପାଇବା କଥା ଏଠାରେ ସଙ୍କେତରେ କୁହାଯାଇଛି ।



Digitized by PPRACHIN, SOA

# ପରିଶିଷ୍ଟ

୧। ବିଶ୍ୱ ସଂସ୍କୃତିକୁ ଓଡ଼ିଶାର ଦାନ

୨। ଭାରତୀୟ ସଂସ୍କୃତିକୁ ଓଡ଼ିଶାର ଦାନ

୩। ଓଡ଼ିଶାରେ ଜୈନଧର୍ମ

---

(ଉପରୋକ୍ତ ପ୍ରବନ୍ଧ ଗୁଡ଼ିକରୁ ପ୍ରଥମଟି 'ନବଭାରତ'ରେ ୧୩୫୪ ଜୁଲ ସଂଖ୍ୟାରେ ଓ ୨ୟଟି 'ଝଙ୍କାର'– ୧୦ ବର୍ଷ, ୨ୟ ସଂଖ୍ୟାରେ ପ୍ରକାଶ ପାଇଥିଲେ ହେଁ ଏ ସବୁ ପଣ୍ଡିତଜୀ ଏ ପୁସ୍ତକରେ ଦେବାପାଇଁ ସୂଚାଇ ଥିବା ଦୃଷ୍ଟିରୁ ପାଠକ ତଥା ଗବେଷକ ମାନଙ୍କର ସୁବିଧା ନିମନ୍ତେ ଏ ପୁସ୍ତକରେ ସନ୍ନିବେଶିତ କରଯାଉଚି । ୩ୟଟି ଅର୍ଥାତ୍ 'ଓଡ଼ିଶାରେ ଜୈନ-ଧର୍ମ'ର ପ୍ରକାଶନ ସମ୍ବନ୍ଧରେ ପଣ୍ଡିତଜୀଂକ ଅଭିପ୍ସା "ପ୍ରକାଶନ ସଂପର୍କରେ ସ୍ମୃତି ସମିତି ତରଫରୁ" ପ୍ରକରଣରେ ଅଧ୍ୟାପକ ବନମାଳୀ ମିଶ୍ରଙ୍କର ମନ୍ତବ୍ୟ ପୂର୍ବରୁ ଦର୍ଶାଯାଇଚି । )



Digitized by PPRACHIN, SOA

# ୧. ବିଶ୍ୱ ସଂସ୍କୃତିକୁ ଓଡ଼ିଶାର ଦାନ

ବିଶ୍ୱ ସଂସ୍କୃତିକୁ ଓଡ଼ିଶାର ଦାନ । ଏ କଥାଟି କହିଲା ବେଳେ ଅନ୍ତତଃ ମନେହୁଏ, ଓଡ଼ିଶା ବୋଇଲେ କ'ଣ । ଅବଶ୍ୟ ଓଡ଼ିଶା ବୋଇଲେ ଗୋଟିଏ ଭୂମି ଓ ସେଇ ଭୂମିରେ ବର୍ଦ୍ଧିଥିବା ସମାଜ । ଏଇ ସମାଜ ବିଶ୍ୱସଂସ୍କୃତି ବା ମାନବ ସଭ୍ୟତାକୁ ଯାହା ଦେଇଚି, ତାହାହିଁ ଆମର ଆଲୋଚନାର ବିଷୟ । ତେବେ ଏ ଭୂମି କେଉଁ ଭୂମି ? ଆଜି ଓଡ଼ିଶା ବୋଇଲେ ଆମେ ଯାହା ବୁଝୁ, ସେତିକି ଭୂମିକୁ ଧଇଲେ ଏ ବିଷୟର ବିଗ୍ରହ ହେବ ନାଇ, ହେଲେ ପୂର୍ଣ୍ଣ ହେବ ନାଇ । ଉପାନ୍ତ ଓଡ଼ିଆ ଭୂମି ମିଶାଇ ଯାହାକୁ ଆମେ ଏବେ ପୁରା ଓଡ଼ିଆ ପ୍ରଦେଶ ବା ଓଡ଼ିଶା ବୋଲି କହୁଚୁ, ତା ମଧ୍ୟ ଏ କ୍ଷେତ୍ରରେ ପୁରା ଓଡ଼ିଶା ନୁହେଁ । ତା'ଛଡ଼ା ପୁରା ଓଡ଼ିଶା କିଏ, ପୁରାତତ୍ତ୍ୱର ସୂତ୍ରଧରି ସେ କଥା ନିରୂପଣ କରିବାରେ ଅସୁବିଧା ବି ବହୁତ ଅଛି । ପ୍ରଥମ ଅସୁବିଧା, ପୁରାତତ୍ତ୍ୱ ଏ ବିଷୟରେ ପୁରା ସାହାଯ୍ୟ କଲାଭଳି ଅବସ୍ଥାକୁ ଏବେ ଆସି ନାଇ । ପୁଣି ଯାହା ବା ଜଣାଯାଇଚି, ତାହା ପ୍ରକାଶ କରି ବସିଲେ କେବଳ ସାହିତ୍ୟିକ, ଐତିହାସିକ ନୁହେଁ ରାଜନୀତିକ ଦ୍ୱନ୍ଦ୍ୱ ଭିତରେ ପଡ଼ିଯିବାର ଶଙ୍କା ରହିଚି ।

ଓଡ଼ିଶା କଥାଟା ନୂଆ । ପୁରାକାଳରେ ଓଡ଼ିଶା ବୋଲି କୌଣସି ଭୂମିର ନାଁ ନ ଥିଲା । ଗଙ୍ଗାଠାରୁ ଦକ୍ଷିଣକୁ, କାହାରି କାହାରି ମତରେ ଗୋଦାବରୀ ଯାଏ, ନହେଲେ ଅନ୍ତତଃ ବଂଶଧାରା ଯାଏ, ମୁଖଲିଙ୍ଗ ସମେତ, ଉପକୂଳ ଭୂମିର ନାମ ଥିଲା କଳିଙ୍ଗ । ତାହାହିଁ ମୁଖ୍ୟତଃ ସେ କାଳର ଓଡ଼ିଶା । ଏହାଛଡ଼ା ଭୂମି ଭିତରକୁ ମେଦିନିପୁରରୁ ଗୟାଯାଏ ଥିଲା, ସେ



Digitized by PPRACHIN, SOA

କାଳର 'ଉକ୍‌କଳ' ବା ସଂସ୍କୃତରେ 'ଉତ୍କଳ' । ଉତ୍କଳ ନାମଟି ମଧ୍ୟ ଏବେ ଓଡ଼ିଶାର ନାମ ।

ପଶ୍ଚିମବଙ୍ଗ ବା ଏବର ବର୍ଦ୍ଧମାନ ବିଭାଗକୁ ଗଡ଼ ବୋଲି କହନ୍ତି । ଏଇ ଗଡ଼ ସଙ୍ଗେ ଉତ୍କଳର ସମ୍ବନ୍ଧ ପ୍ରାଚୀନ । ପ୍ରଫେସର ଢେରିନି ଖ୍ରୀଷ୍ଟ ପ୍ରଥମ ଶତକରେ ଲେଖା ହୋଇଥିବା ଟଲେମିଙ୍କ ଭୂଗୋଳ ଉପରେ ଗୋଟିଏ ଟୀକା ଲେଖିଛନ୍ତି । ସେଥିରେ ସେ କହନ୍ତି, ଖ୍ରୀଷ୍ଟପୂର୍ବ ସପ୍ତମ ଶତକରେ ବ୍ରହ୍ମଦେଶ ଉପକୂଳରେ କଳିଙ୍ଗ ଲୋକେ କଳିଙ୍ଗରଟ ବୋଲି ଗୋଟିଏ ରାଜ୍ୟ କରିଥିଲେ । ତା ପାଖକୁ ଲାଗି ଭୂମି ଭିତରକୁ ଉତ୍କଳ ବା ଉତ୍କଳରଟ ବୋଲି ରାଜ୍ୟଟିଏ ମଧ୍ୟ କରା ହୋଇଥିଲା । ନିଜ ମାତୃଭୂମିର ନାମ ଅନୁସାରେ ବିଦେଶରେ ଉପନିବେଶ କରିବା ଲୋକେ ନିଜେ ପ୍ରତିଷ୍ଠା କରିବା ରାଜ୍ୟର ନାମ ଏଇପରି ଦେଇଥାନ୍ତି । ଏହାର ଉଦାହରଣ ଦେବା ଦରକାର ନାଇ । ଆମେରିକାର କେମ୍ବ୍ରିଜ୍ ନିଉଇଂଲଣ୍ଡ ପ୍ରଭୃତିଠାରୁ ପ୍ରଶାନ୍ତ ମହାସାଗରର ନିଉହେବ୍ରିଡ଼େଜ୍, ନିଉକାଲିଡ଼ୋନିଆ ପ୍ରଭୃତି ବହୁନାମରେ ଏହା ଦେଖାଯାଇ ପାରେ । କିନ୍ତୁ 'ରଟ' କଥାଟି ଏଠାରେ କ'ଣ ? 'ରଟ' ବୋଇଲେ ସଂସ୍କୃତରେ 'ରଷ୍ଟ' ବା ନୂଆହୋଇ ଶୃଙ୍ଖଳିତ ଶାସନକୁ ଆସିଥିବା ଦେଶ । ଭାରତରେ ଏହି ନାମଟି ଅନେକଠାରେ ଲାଟ ବା ଲାଟଦେଶ ହୋଇ ଯାଇଥିବାର ସୂଚନା ମିଳେ । ଏଇପରି ଗୁଜରାଟ ପାଖେ ସେ କାଳେ ଗୋଟିଏ 'ଲାଟ' ଥିଲା । ବିଜୟ ସିଂହ ଉପାଖ୍ୟାନକୁ ଅର୍ଥ କରିବାରେ ଏହି 'ରଟ' ଓ 'ଲାଟ' ଭିତରେ ସଂଶୟ ପଶି, ସିଂହଳକୁ ପୂର୍ବ ଗଡ଼ ଓ ପଶ୍ଚିମ ଲାଟରୁ, ବା ଦୁଇଠାରୁ ଭାରତୀୟମାନେ ଯାଇଥିଲେ ବୋଲି ଭିନ୍ନ ଭିନ୍ନ ମତ ପ୍ରକାଶ ପାଏ ।

ବହୁ ପ୍ରାଚୀନ କାଳରେ ଅନୁମାନ ହୁଏ, ଆଦିମ ଉକ୍‌କଳମାନେ ଯେତେବେଳେ ଶୃଙ୍ଖଳିତ ଶାସନକୁ ଆସିଲେ, ସେତେବେଳେ ଦେଶର ନାମ ହୋଇଥିଲା 'ଉକ୍‌କଳ-ରଟ' । କାଳକ୍ରମେ ଏହା ଉତ୍କଳ ଓ ଗଡ଼ବୋଲି ଯୋଡ଼ିଏ ରାଜ୍ୟ ହୋଇଗଲା– ପଶ୍ଚିମ ଭାଗଟି ଉତ୍କଳ ଓ ପୂର୍ବଭାଗଟି ଗଡ଼ । ସିଂହଳର ଭାରତରୁ ଉପନିବେଶ ସମ୍ବନ୍ଧରେ ଯେଉଁ ବିଜୟସିଂହ ପୁରାଣର ପରମ୍ପରା ଅଛି, ସେଥିରେ ଏଇ ବିଜୟ ସିଂହଙ୍କ ପିତୃ ମାତୃ କୁଳ ଘେନି ବଙ୍ଗ ଉତ୍କଳ



Digitized by PPRACHIN, SOA

'ରାଢ଼ (ଲଟ) ଓ ସିଂହପୁର ପ୍ରଭୃତି ଯାହା ସବୁ ମିଳେ, ସେଥିରୁ ଅନୁମାନ ହୁଏ, ସେତେବେଳକୁ ଏ ସବୁ ଦେଶ ସେତେ ଭିନ୍ନଭିନ୍ନ ହୋଇ ନଥିଲା ।

ପୁଣି ଉତ୍କଳର ପଶ୍ଚିମକୁ ଥିଲା, କୋଶଳ । ଏହା ଏବ ମଧ୍ୟପ୍ରଦେଶର ରାୟପୁର, ଜବଲପୁର ଘେନି ଦିନେ ଓଡିଶାର ଯାଜପୁରଯାଏ ବ୍ୟାପିଥିଲା । ଏଇ ତିନୋଟି ମିଶି ଦିନେ ହୋଇଥିଲା ତ୍ରିକଳିଙ୍ଗ । ଦଶମ, ଏକାଦଶ ଶତକର ଓଡିଶାର ସୋମବଂଶୀ ସମ୍ରାଟମାନେ ହୋଇଥିଲେ, ତ୍ରିକଳିଙ୍ଗାଧିପତି । ଏମାନେ ଏବ ମଧ୍ୟପ୍ରଦେଶର ତ୍ରିପୁରୀଠାରୁ ସୋନପୁର ବାଟେ ଯାଜପୁର ପର୍ଯ୍ୟନ୍ତ ରାଜଧାନୀ ବଦଳାଇ ବଦଳାଇ ସାମ୍ରାଜ୍ୟମାନ କରିଥିଲେ । ଏହାଛଡ଼ା ଏଇ ଭୂମିରେ ସୋନପୁର ପ୍ରଭୃତି ଅଞ୍ଚଳକୁ ଘେନି ସେ କାଳର ଓଡ଼ (ଉଡ୍ର) ଭୂମିଥିଲା । ପରେ ସେଇ ଓଡ଼ମାନେ ପୁରୀ ଅଞ୍ଚଳକୁ ଆସି କଳିଙ୍ଗରେ ଯେଉଁ ଖଣ୍ଡକରେ ରାଜ୍ୟ କରିଥିଲେ, ତାହାର ନାମ ହୋଇଥିଲା 'କଳିଙ୍ଗୋଡ଼' ବା 'କଙ୍ଗୋଦ' । ତୋଷଳର ଖ୍ରୀଷ୍ଟ ଅଷ୍ଟମ ଶତକର ଦଣ୍ଡି-ମହାଦେବୀଙ୍କ ତାମ୍ରଲେଖରେ ଏଇ ଭୂମିର ନାମ 'କଇଙ୍ଗୋଡ଼' (କଳିଙ୍ଗୋଡ୍ର) ବୋଲି ସ୍ପଷ୍ଟ ଲେଖାଅଛି । ଏଇ ଉଡ୍ର ବା ଓଡ଼ କଥାଟିରୁ ନାମଟି ଏବେ ହୋଇଚି, ଓଡିଶା । ମନେହୁଏ, ଉଡ୍ର ବିଷୟ ବା ଓଡ଼ବିଷ କଥାଟି ଓଡ଼ିଶାରେ ପରିଣତ ହୋଇଚି । ମାତ୍ର ପୁଣି ମନେହୁଏ, ଓଡ଼+ଈଶ, (ଜଗନ୍ନାଥ) କଥାଟିରୁ ଓଡ଼ିଶା ହୋଇଥିବା ଅସମ୍ଭବ ନୁହେଁ । ଏବେ ମଧ୍ୟ ଖୋର୍ଦ୍ଧା ଓ ଗଞ୍ଜାମର ଲୋକେ ମାତ୍ରକ ଜଗନ୍ନାଥଙ୍କ ସ୍ଥାନକୁ ଓଡ଼ିଶା ବୋଲି କହନ୍ତି । କେବଳ ପୁରୀ, ଗଞ୍ଜାମରେ ଓଡ଼ ବା ଓଡ଼ିଆ ବୋଲି ଜାତି ରହିଚନ୍ତି । ତଥାପି ସେମାନଙ୍କର ଓଡ଼ିଶା ହେଉଚି ଜଗନ୍ନାଥ କ୍ଷେତ୍ର ବା ପୁରୀ (ପୁରୁଷୋତ୍ତମ ପୁରୀ) । ପୁରୀର ଏଇ ଜଗନ୍ନାଥଙ୍କୁ ପୁଣି ସମସ୍ତେ ଶବର-ଦେବତା ବୋଲି ଜାଣନ୍ତି । ପୁରାଣ ଓ ପରମ୍ପରା ତାହାହିଁ କହେ । ଗଞ୍ଜାମ ଓ ଜୟପୁର ଏବେ ବି ଶବରମାନଙ୍କ ଭୂମି ।

ଏହା ବାଦ ମେଦିନୀପୁରର ତାମ୍ରଲିପ୍ତି ବା ତମଲୁକ୍ । ଏହାଥିଲା ପ୍ରାଚୀନ ସୁହ୍ମଦେଶର ପ୍ରଧାନ ସହର ବା ରାଜଧାନୀ । ପ୍ରାଚୀନ ଓଡ଼ିଶାର ବନ୍ଦର ଥିଲା ପୁଣି ଏଇ ତାମ୍ରଲିପ୍ତି । ଏବେ ମଧ୍ୟ ତମଲୁକ୍‌ର ରାଜବଂଶ ଓଡ଼ିଆ କୈବର୍ତ୍ତ ସେନାଙ୍କ ବଂଶଧର ଖଣ୍ଡାଏତ । ଏଇ ଓଡ଼ିଆ କୈବର୍ତ୍ତ



Digitized by PPRACHIN, SOA

ସେନାଙ୍କ ବଂଶଧରମାନେ ଏବେ ସେ ଅଞ୍ଚଳରେ ନିଜକୁ ମାହିଷ୍ୟ ବୋଲି କହନ୍ତି । ମାତ୍ର ଯଥାର୍ଥରେ ଏଇ କୈବର୍ତ୍ତ ସେନା ହେଉଚନ୍ତି, ଓଡ଼ିଶାର ନୌସେନା ବା ନାବିକସେନା । ଜଳରେ ଥାଇ ଯୁଝନ୍ତି ବୋଲି ଏମାନଙ୍କ ନାମ କୈବର୍ତ୍ତ (କେ, ଜଳେ, ବର୍ତ୍ତତେ ତିଷ୍ଠତି ଇତି, କୈବର୍ତ୍ତ–ନିପାତନ) । ସେ କାଳର ଓଡ଼ିଶା ସେନା ଦୁଇଭଗ ଥିଲେ– ୧. ଖଣ୍ଡାୟତ ସେନା, (Army); ୨. କୈବର୍ତ୍ତ ସେନା (Navy) । ଏ ଦୁହେଁ ଏକ ଜାତିର ଲେକ । ଚୀନ ପରିବ୍ରାଜକ ଫାହିୟାନ ଖ୍ରୀଷ୍ଟ ୪ର୍ଥ ଶତକ ଶେଷରେ ଏଇ କଳିଙ୍ଗ-ତାମ୍ରଲିପ୍ତିରୁ ଜାହାଜରେ ବସି ସିଂହଳକୁ ଓ ସେଇ ସିଂହଳରୁ କଳିଙ୍ଗ-ମାନଙ୍କ ଜାହାଜରେ ଚଢ଼ି ଜାଭକୁ ଯାଇଥିଲେ । ଏହାର ପ୍ରାୟ ୯୦ ବର୍ଷ ପୂର୍ବରୁ କଳିଙ୍ଗରୁ ଗଜପୁତ୍ର ଦନ୍ତ କୁମାର ନିଜ ପତ୍ନୀ କଳିଙ୍ଗ ଗଜକନ୍ୟା ଦନ୍ତକୁମୀରୀଙ୍କୁ ସଙ୍ଗରେ ଧରି ତାଙ୍କ ଜୁଡ଼ା ଭିତରେ ବୁଦ୍ଧ ଦାନ୍ତକୁ ଲୁଗ୍ଇ କୁଳେ କୁଳେ ତାମ୍ରଲିପ୍ତିକୁ ଆସି, ସେଇ ତାମ୍ରଲିପ୍ତିରୁ ଜାହାଜରେ ଚଢ଼ି ଦାନ୍ତ ଘେନି ସିଂହଳକୁ ଯାଇଥିଲେ ।

ଏଇପରି ନାନା ସୂଚନାରୁ ବୁଝାଯାଏ, ପ୍ରାଚୀନ ଓଡ଼ିଶା କହିଲେ, ବିଶେଷତଃ ସଂସ୍କୃତି ହିସାବରେ, ଏହା ସମସ୍ତ ପୂର୍ବ ଭରତର ପଶ୍ଚିମ ଖଣ୍ଡ ଘେନି ମଧ୍ୟପ୍ରଦେଶ ଓ ଗୋଦାବରୀ ପର୍ଯ୍ୟନ୍ତ ବିସ୍ତୃତ ଥିଲ । ସେତିକି ନୁହେଁ, ଗଙ୍ଗବଂଶର ଆନ୍ଧ୍ର କର୍ଣ୍ଣାଟୀ ସମ୍ରାଟ ମାନେ ଗଙ୍ଗାଠାରୁ ଗୋଦାବରୀର ଦକ୍ଷିଣ ଆଡ଼କୁ ବହୁଦୂର ଯାଏ ଓଡ଼ିଶା ସାମ୍ରାଜ୍ୟକୁ ବଢ଼ାଇ 'ତ୍ରିକଳିଙ୍ଗାଧିପତି' ହୋଇ ଗଜତ୍ୱ କରୁଥିଲେ । ଓଡ଼ିଆ ଗଉଡ଼, ସମ୍ରାଟ କପିଳେନ୍ଦ୍ର ଦେବ ଏଇ ଗଙ୍ଗମାନଙ୍କର ଉତ୍ତରାଧିକାରୀ ରୂପେ ପୁଣି ସୂର୍ଯ୍ୟବଂଶ ସ୍ଥାପନ କରି ଏବେ ମହୀଶୂରରେ ଥିବା ଉଦୟଗିରି ଡେଇଁ କାବେରୀ ପର୍ଯ୍ୟନ୍ତ ସାମ୍ରାଜ୍ୟ ବିସ୍ତାର କରିଥିବା, ମାତ୍ର ସେଦିନର କଥା । ଏହି ଏବେ ୫୦୦ ବର୍ଷ ହୋଇ ନାଇ । ଏହି ହିସାବରେ ଦ୍ରାବିଡ଼ ଭୂମିର ସଂସ୍କୃତି, କି ପରିମାଣରେ ଓଡ଼ିଆ ସଂସ୍କୃତି, ତା ମଧ୍ୟ କହିବା ମୁସ୍କିଲ । ଆଜି ବିଶ୍ୱ ସଂସ୍କୃତିକୁ ଓଡ଼ିଶାର ଦାନ କଥା କହିଲ ବେଳେ ଓଡ଼ିଶାର ଦାନ, ବଙ୍ଗ ସଭ୍ୟତା, କି କୋଶଳ ସଭ୍ୟତା, କି ଓଡ଼ ସଭ୍ୟତା, କି ଶବର ସଭ୍ୟତା, କି ଦ୍ରାବିଡ଼ ସଭ୍ୟତା, କି ଏ ସମସ୍ତର ସମନ୍ୱୟ ଓ ସଂଶ୍ଳେଷଣ, କିମ୍ବା କାହିଁରୁ କେତେ, ତା ବା



Digitized by PPRACHIN, SOA

କିଏ କହିବ ? ଆଜି ରାଜନୀତିକ ସୀମାଦ୍ୱନ୍ଦ ଭିତରେ ଏହାର ଆଲୋଚନା ପୁଣି ଅତି ସଂକୁଚିତ ଓ ବହୁ ଭାବରେ ସୀମାବଦ୍ଧ । ବଙ୍ଗଳା, ବିହାର, ମଧ୍ୟପ୍ରଦେଶ ଓ ମାନ୍ଦ୍ରାଜ ଏଇ ଚାରି ପ୍ରଦେଶର ଭିଡ଼ ଭିତରେ ଓଡ଼ିଶା ଆଜି ବହୁ କଷ୍ଟରେ ଶ୍ମଶାନରୁ ବାହୁଡ଼ା ଲୋକ ଉଠିଲା ପରି ଉଠି ନିଜର ପ୍ରାଣ ପ୍ରତିଷ୍ଠା କରି ମାତ୍ର ନିଶ୍ୱାସ ମାରୁଚି । ଏତେବେଳେ ଏ ସମ୍ବନ୍ଧରେ ଆଉ ବେଶି କହିବା ଦରକାର ନାଇ । ମାତ୍ର ଏତକ ଅନ୍ତତଃ ସୂଚନାରେ ମନେ ନ ରଖିଲେ ଆଜିର ଆଲୋଚନା ଠିକ୍ ବାଟ ଧରିବ ନାଇ ।

ସଂସ୍କୃତିର ବିକାଶ, ପ୍ରସାର ତଥା ଆଦାନ ପ୍ରଦାନ ମୋଟା ମୋଟି ଦୁଇଟି ଜଥାରେ ଦେଖିବାକୁ ହୁଏ । ଗୋଟିଏ ଭୌତିକ, ଆରଟି ଆତ୍ମିକ । ଭୌତିକ ବିକାଶଟି ଦେଖାପଡ଼େ, ଆଚାର, ବ୍ୟବହାର, ବ୍ୟବସାୟ, କଳା, କବିତା, ଲେଖା, ଖୋଦନ ସବୁ ଏଇ ବହିର୍ବିକାଶର ଅଙ୍ଗ । ଏଇ ହିସାବରେ ଓଡ଼ିଶାର ଦାନ ବା ଆଦାନ ପ୍ରଦାନରେ ସଂପର୍କ, ପ୍ରଥମେ ଇତିହାସରେ ସ୍ପଷ୍ଟ ଦେଖିବାକୁ ମିଳେ, ଫରାସୀ ପଣ୍ଡିତ ସିଲଭାନ୍ ଲେଭିଙ୍କ ଗୋଟିଏ ଆବିଷ୍କ୍ରିୟାରେ । ଚୀନ ସାହିତ୍ୟରୁ ସେ ଏହା ଆବିଷ୍କାର କରି ଦେଖାଇଥିଲେ । ଉତ୍କଳ ରାଜଧାନୀ ଗୁହେଶ୍ୱରପାଟକ (ଯାଜପୁର)ରୁ ସମ୍ରାଟ ଶିବକର କେଶରୀ ଗଣ୍ଡବ୍ୟୂହ ନାମକ ଗୋଟିଏ ଯୋଗସମ୍ବନ୍ଧୀୟ ବୌଦ୍ଧଧର୍ମ ଗ୍ରନ୍ଥ ସ୍ୱହସ୍ତରେ ଲେଖି ତତ୍‌କାଳୀନ ଚୀନ ସମ୍ରାଟଙ୍କ ପାଖକୁ ସଖ୍ୟ ଉପହାର ପଠାଇଥିଲେ । ପଣ୍ଡିତ ସିଲ୍‌ଭାନ୍ ଲେଭି ୬୧୫ ଖ୍ରୀଷ୍ଟାବ୍ଦରେ ଏହା ଘଟିଥିଲା ବୋଲି ନିର୍ଣ୍ଣୟ କରିଥିଲେ । ଏହା ଆଉ ପ୍ରାୟ ଦେଢ଼ଶ ବର୍ଷ ପରେ ଘଟିଥିଲା ବୋଲି ପଣ୍ଡିତ ବିନାୟକ ମିଶ୍ର ସିଦ୍ଧାନ୍ତ କରନ୍ତି । ଏଇ ଗ୍ରନ୍ଥ ଘେନି ଯିବା ପାଇଁ ଦୂତ ହୋଇ ପଠା ହୋଇଥିଲେ କିଏ ? ସେ ହେଉଛନ୍ତି, ଯୋଗସିଦ୍ଧ ପଣ୍ଡିତବର, ପ୍ରାଜ୍ଞ । ଜଣା ପଡ଼ିଚି, ଏହି ପ୍ରାଜ୍ଞ ଏବର ଆଫଗାନି ସ୍ଥାନରୁ ଓଡ଼ିଶାର ପୁଷ୍ପଗିରି ବିହାରକୁ ଯୋଗଶିକ୍ଷା କରିବାକୁ ଆସି, ଏଇଠାରେ ରହି ଯୋଗସିଦ୍ଧ ହୋଇଥିଲେ । ଏହାଙ୍କର ପୂର୍ବନାମ ଲୁଚିଯାଇ, ନାମ ହୋଇଥିଲା, ପ୍ରାଜ୍ଞ ।

ମଗଧର ନାଳନ୍ଦା ପରି ଓଡ଼ିଶାର ପୁଷ୍ପଗିରିରେ ସେକାଳେ ଗୋଟିଏ ପ୍ରଖ୍ୟାତ ବୌଦ୍ଧ ବିହାର ବା ବିଶ୍ୱବିଦ୍ୟାଳୟ ଥିଲା । ପୂର୍ବ ଭାରତର ପୂର୍ବ



Digitized by PPRACHIN, SOA

ଖଣ୍ଡରେ ବୌଦ୍ଧ ସାଧନା ପାଇଁ ନାଳନ୍ଦା ଯେପରି ପ୍ରସିଦ୍ଧି ଲଭ କରିଥିଲା, ଓଡ଼ିଶାର ପୁଷ୍ପଗିରି ସେଇ ପୂର୍ବ ଭରତର ପଶ୍ଚିମ ଖଣ୍ଡର ବୌଦ୍ଧ ଯୋଗ ସାଧନା ପାଇଁ ସେଇପରି ପ୍ରସିଦ୍ଧ ଥିଲା । ନାଳନ୍ଦାର ମହାଯାନ ସାଧନାରୁ ପରେ ବଜ୍ରଯାନ ଓ ସହଜଯାନ ପ୍ରଭୃତି ଲୋକରୁଚିକର ପନ୍ଥା ସବୁ ବାହାରି ବଙ୍ଗଠାରୁ ତିବ୍ବତ ଯାଏ ଘୋଟି ଯାଇଥିଲା । ସେଥିରୁ ଗୌଡ଼ୀୟ ବୈଷ୍ଣବ ଧର୍ମ ପର୍ଯ୍ୟନ୍ତ ବାହାରିଥିବାର ଇତିହାସ, ଏଠାରେ ତାହା ସେତେ ପ୍ରାସଙ୍ଗିକ ନୁହେଁ । ଓଡ଼ିଶାର ପୁଷ୍ପଗିରିରେ ମୁଖ୍ୟତଃ ହୀନଯାନ ଯୋଗ ସାଧନା ଫୁଟିଥିଲା । ଏଇ ଯୋଗ ସାଧନାରେ ଶରୀର ସାଧନାର ଯୋଗପନ୍ଥା କଠୋର ବ୍ରହ୍ମଚର୍ଯ୍ୟ ତଥା ବୀର୍ଯ୍ୟସ୍ତମ୍ଭନାଦି କ୍ରିୟା ଭିତରେ ନିର୍ବାଣ ଖୋଜି-ବାର ନୀରସ ପନ୍ଥା ଧରି ରହିଥିଲା । ଏବର କଟକ ଜିଲ୍ଲାର ରତ୍ନଗିରି, ଉଦୟଗିରି ଓ ଲଳିତଗିରି ପ୍ରଭୃତି ସ୍ଥାନମାନଙ୍କୁ ଧରି ବିରଟ ପୁଷ୍ପଗିରି ବିହାର ଥିଲା ବୋଲି ପ୍ରାତ୍ନିକ ରମା ପ୍ରସାଦ ଚନ୍ଦା ସୂଚନାରେ ଉଲ୍ଲେଖ କରିଚନ୍ତି । ଏ ଭୂମିରେ ଆଉ ବିଶେଷ ଅନୁସନ୍ଧାନ ହୋଇନାଇ । ମାତ୍ର ପ୍ରାଜ୍ଞଙ୍କ ଭଳି ମନିଷୀ ଦୂର ବିଦେଶରୁ ଯୋଗ ଶିକ୍ଷାପାଇଁ ଏଠାକୁ ଯେ ଆସିଥିଲେ, ଏଥିରୁ ହିଁ ଏହାର ପ୍ରତିଷ୍ଠା ଓ ବିଶ୍ୱ ସଂସ୍କୃତି ସଙ୍ଗେ ଏହାର ସମ୍ବନ୍ଧ, ଏବେ ମାତ୍ରକ ଅନୁମାନ କରଯାଇ ପାରେ ।

ଆଉ ଗୋଟିଏ ସ୍ପଷ୍ଟ ଇତିହାସର ସଙ୍କେତ ହେଉଚି, ବ୍ରହ୍ମଦେଶରେ । ହାର୍ଭେ (Harvey) ସାହେବଙ୍କ ଲିଖିତ ବ୍ରହ୍ମଦେଶର ଇତିହାସରେ ଏହା ଅଛି । ଖ୍ରୀଷ୍ଟ ସପ୍ତମ ଶତକରେ ୬ଜଣ ବୌଦ୍ଧ ଭିକ୍ଷୁ ଓଡ଼ିଶାରୁ ତଡ଼ାଖାଇ ବ୍ରହ୍ମଦେଶର ପେଗୁରେ ପହଞ୍ଚୁ, ସେଠାରେ ରଜାଙ୍କୁ ନିଜ ଧର୍ମରେ ଦୀକ୍ଷିତ କରି, ରଜପ୍ରତିଷ୍ଠା ଲଭ କରିଥିଲେ । ସେହିମାନଙ୍କ ଉଦ୍ୟମରେ ଉଦୟଗିରିର ଗୁମ୍ଫାମାନଙ୍କ ଅନୁକରଣରେ ସେଠାରେ ଗୁମ୍ଫା ଓ ମନ୍ଦିରମାନ ତିଆରି ହୋଇ-ଥିଲା । ସେ ସବୁ ଏବେ ସେଠାରେ ଅଛି । ସେହିଦିନ ଠାରୁ ବହୁ ଶତାବ୍ଦୀ କାଳ ଓଡ଼ିଶା ଲୋକଙ୍କ ପ୍ରତିଷ୍ଠା ସେଠାରେ ଥିଲା । ଓଡ଼ିଶାର ଲୋକେ ସେଠାରେ ରଜ୍ୟ କରି ବହୁକାଳ ରଜତ୍ୱ ମଧ୍ୟ କରିଥିଲେ । ପରେ ପେଗୁର ନାମ ହୋଇ ଯାଇଥିଲା, 'ଓସା' । ସେ ଅନୁମାନ କରନ୍ତି, ଏହା ଓଡ଼ିଶା ଶବ୍ଦର ଅପଭ୍ରଂଶ । ଏବେ ମଧ୍ୟ ଓଡ଼ିଶାର ବହୁ ରୀତି ନୀତି, ପେଗୁରେ



Digitized by PPRACHIN, SOA

ଅନୁସନ୍ଧାନ କରଯାଇ ପାରେ । ଏବେ ମଧ୍ୟ ସେଠା ଭଷାରେ ବହୁତ ଓଡ଼ିଆ ଶବ୍ଦ ଓ ଭବ ପ୍ରକାଶର ପ୍ରଣାଳୀ ଖୋଜା ଯାଇ ପାରେ ।

ସଂସ୍କୃତିର ଆଦାନ ପ୍ରଦାନରେ ଆଉ ଗୋଟିଏ ସ୍ପଷ୍ଟ ଐତିହାସିକ ସଙ୍କେତ, ସିଂହଳ । ଏହି ଓଡ଼ିଶା ବାଟେ ବୋଧିଦ୍ରୁମ ଘେନି ମହେନ୍ଦ୍ର ଓ ସଂଘମିତ୍ରା ସିଂହଳକୁ ଯାଇଥିଲେ । ଦନ୍ତକୁମାରଙ୍କ କଥା ଆଉ କହିବା ଦରକାର ନାହିଁ । ସିଂହଳ ଇତିହାସରେ ସ୍ପଷ୍ଟ ଅଛି, ସିଂହଳ ରଜା ଅପୁତ୍ରିକ ହେଲେ କଳିଙ୍ଗ ଛଡ଼ା ଆଉ କୌଣସି ରଜବଂଶରୁ ପୋଷ୍ୟପୁତ୍ର ଗ୍ରହଣ କରୁ ନ ଥିଲେ । ଖ୍ରୀଷ୍ଟ ତ୍ରୟୋଦଶ ଶତକ ପର୍ଯ୍ୟନ୍ତ ଏହି ରୀତିଟି ବିଧିପରି ପାଳିତ ହେଉଥିଲା ।

ଜାଭ ପ୍ରଭୃତି ପୂର୍ବ ଦ୍ୱୀପମାନଙ୍କରେ ପ୍ରାତ୍ନିକମାନେ ଏବେ ବହୁ ଅନୁସନ୍ଧାନ କରି ଗ୍ରନ୍ଥ, ପ୍ରବନ୍ଧମାନ ପ୍ରକାଶ କରୁଚନ୍ତି । ସେ ସବୁ ଇଂରେଜି ଭଷାରେ ନୁହେଁ । ତେଣୁ ଆମର ସଳଖ ପହଞ୍ଚ ଭିତରେ ନାହିଁ । ମାତ୍ର ସେ ସବୁଠାରୁ ପ୍ରାଚୀନ ମଠ, ମନ୍ଦିର, ପ୍ରାସାଦମାନଙ୍କରେ ଯେଉଁସବୁ ଛବିମାନ ବାହାରୁଚି, ସେଥିରୁ ଜଣାପଡ଼େ, ସେଥିରେ ଓଡ଼ିଶା ଶିଳ୍ପୀର ହାତ ଅଛି । ଓଡ଼ିଶାର ଦେଉଳତୋଳା ରୀତି ମୋଟାମୋଟି ଦୁଇ ପ୍ରକାର—ରେଖ ଓ ପୀଢ଼ । ରେଖଟି ପ୍ରାଚୀନ ମଗଧରୁ ଆସିଥିଲା ସତ, କିନ୍ତୁ ଓଡ଼ିଆ ହାତରେ ତାହାର ବିଶେଷ ସୌନ୍ଦର୍ଯ୍ୟ ଓ ସୌଷ୍ଠବ ଫୁଟିଥିଲା । ପ୍ରାଚୀନ ମଗଧର ମନ୍ଦିର କଳା ସଙ୍ଗେ ଦ୍ରାବିଡ଼ ଗୋପୁରର ବିଶାଳତା ଏଥିରେ ଫୁଟିଚି । ସେତିକି ନୁହେଁ, ଭୁବନେଶ୍ୱରର ଲିଙ୍ଗରଜଙ୍କ ମନ୍ଦିରରେ ଏହା ଯେପରି ସ୍ପଷ୍ଟ ଲମ୍ବ ଭବରେ ଉଠି ହଠାତ୍ ଅଳାଣିରିପାଖେ ମୁଦା ହୋଇଛି, ତାହା ପୁରପୁରୀ ଓଡ଼ିଆ । ମୟୁରଭଞ୍ଜର ଖିଚିଙ୍ଗଠାରୁ ବିଶାଖାପାଟଣାର ସିଂହାଚଳ ପର୍ଯ୍ୟନ୍ତ ଏହାର ପ୍ରକାର ଓ ପ୍ରକାଶ ସ୍ପଷ୍ଟ । ଭୁବନେଶ୍ୱରର ରଜାରଣୀ ମନ୍ଦିର ତଥା ପୁରୀର ଜଗନ୍ନାଥ ମନ୍ଦିରରେ ଏହା ଟିକିଏ ଭିତର ଆଡ଼କୁ କ୍ରମବକ୍ର ଥାଇ ମଗଧରୁ ଆସିଥିବାର ଲକ୍ଷଣ ଦେଖାଉଚି ମାତ୍ର । ଅନ୍ୟ ପ୍ରକାରଟି ହେଉଚି, ପୀଢ଼ । ପୁରୀ, ଭୁବନେଶ୍ୱର ପ୍ରଭୃତିର ଜଗମୋହନ ତଥା ଓଡ଼ିଶାର ଅନ୍ୟ ଅନେକ ମନ୍ଦିର ଏହି ରୀତିରେ ଗଢ଼ା ହୋଇଚି । ଏହାର ଛାଞ୍ଚ ମଉଡ଼ମରା ଘରର ଚ୍ଛଳରୁ ନିଆଯାଇଚି । ବଙ୍ଗ ଦେଶର ମନ୍ଦିର ସବୁ ମଧ୍ୟ



Digitized by PPRACHIN, SOA

ସେଠା ଗୃହର ଅନୁକରଣ । କିନ୍ତୁ ସେଠା ଗୃହ, ଆମ ଗୃହର ପ୍ରଭେଦ ସ୍ପଷ୍ଟ । ବଙ୍ଗଦେଶରେ କୁଟା ଛପର ଗୃହ । ଏହା ପୂର୍ବ ଭାରତର ପ୍ରକାର । କଟକ ଜିଲ୍ଲାରୁ ଦକ୍ଷିଣକୁ ଗୃହ ସବୁ ନଡ଼ା ଛପର । ଏହା ଦ୍ରାବିଡ଼ ରୀତି । ଏ ଗୃହରେ ନଡ଼ାର ମୂଳ ସବୁ ଛପରରେ ପାହାଚ ପରି ପୀଢ଼କୁ ପୀଢ଼ ଉପରକୁ ଉଠିଥାଏ । ଭଲ ଭଲ ଘର ଓ ଡାକବଙ୍ଗଳାମାନଙ୍କରେ ବର୍ଷାପରେ ମଧ୍ୟ ଏଇ ପୀଢ଼ମାନ ସ୍ପଷ୍ଟ ଦେଖାଯାଏ । ଆମ ପୀଢ଼ ଦେଉଳର ମୂଳ, ଏହିଠାରେ । ଏହା ବଙ୍ଗଦେଶର ଦେଉଳ ଶିଳ୍ପରୁ ଭିନ୍ନ । ଦ୍ରାବିଡ଼ର ଗୋପୁର ରୀତି ଏଥିରେ ନାହିଁ । ପୁଣି ଏକ ବିଶେଷତ୍ୱ, ଓଡ଼ିଶାର ଏହି ପୀଢ଼ ଦେଉଳରେ ସୂକ୍ଷ୍ମ ଆଭରଣର ଯୋଜନା । ଆଉ କିଛି ନ ଥିଲେ ମଧ୍ୟ ଏହି ପୀଢ଼ ଦେଉଳରେ ବରବର ନିୟମିତ ଧାରରେ 'ପାନପତ୍ରୀ' ଥାଏ । ଗୋପୁର ବା ବଙ୍ଗ ମନ୍ଦିରରେ ତାହା ନାହିଁ । ଜାଭ ଶିଳ୍ପରେ ଏହି ଓଡ଼ିଶୀ ଶିଳ୍ପର କଳା ଆପାତତଃ ସ୍ପଷ୍ଟ ଦେଖା ପଡ଼େ । ଏହାର ଅନୁସନ୍ଧାନ ଦରକାର ।

ପ୍ରାର୍ନ୍ତିକ ପଣ୍ଡିତମାନେ ଭାରତଠାରୁ ଆମେରିକା ପର୍ଯ୍ୟନ୍ତ ଲମ୍ବିଥିବା ଦ୍ୱୀପମାଳର କଳା, କିମ୍ବଦନ୍ତୀ, ପରଂପରା, ଆଚାର, ବ୍ୟବହାର ପ୍ରଭୃତି ଅନୁସନ୍ଧାନ କରି ଦେଖୁଚନ୍ତି ବେଦ ପୂର୍ବର ସଭ୍ୟତା ବୋଇତରେ ନାନା-ଭାବରେ ଏହି ଦ୍ୱୀପମାନଙ୍କ ବାଟେ ଆମେରିକା ପର୍ଯ୍ୟନ୍ତ ପ୍ରସରିଥିଲା । ସ୍ୱର୍ଗତ ରାଖାଲ ଦାସ ବନ୍ଦ୍ୟୋପାଧ୍ୟାୟ ନିଜ ଓଡ଼ିଶା ଇତିହାସର ସପ୍ତମ ଅଧ୍ୟାୟରେ ପ୍ରାଚୀନ ଓଡ଼ିଶାର ବହିର୍ବାଣିଜ୍ୟ ଓ ଉପନିବେଶ କଥା ଲେଖିଚନ୍ତି । ଜାଭ ପ୍ରଭୃତିରେ ଯେଉଁ ଶିଳ୍ପାଦିର ଆଭାସ ଦିଆଗଲା, ସେଇଧାରା ପ୍ରଶାନ୍ତ ମହା-ସାଗରର ଦ୍ୱୀପପୁଞ୍ଜ ବାଟେ ଆମେରିକାର ପେରୁ, ମେକ୍‌ସିକୋ ପର୍ଯ୍ୟନ୍ତ ଏବେ ଖୋଳା ହୋଇ ବାହାରୁଚି । ଇଷ୍ଟର ଦ୍ୱୀପ ପ୍ରଭୃତି ପ୍ରଶାନ୍ତମହା-ସାଗରର ଦ୍ୱୀପମାନଙ୍କରେ ଯେଉଁ ସବୁ ବିରାଟ ଶିଳା ଶିଳ୍ପର ଅବଶେଷ ଏବେ ମିଳୁଚି, ଇଉକାଟାନ୍‌ର ମରୁଭୂମି ପ୍ରଭୃତି ଆମେରିକାର ଦେଶମାନଙ୍କରୁ । ଅନୁସନ୍ଧାନରେ ଯାହା ପ୍ରାଚୀନ ମନ୍ଦିରାଦି ବାହାରୁଚି, ସେ ସବୁ ଦେଖିଲେ ବିସ୍ମୟ ଲାଗେ । ଏ ସବୁ କଳା କଳିଙ୍ଗରୁ ଦୂର ଆମେରିକା ପର୍ଯ୍ୟନ୍ତ ଯାଇଥିଲା ବୋଲି ରାଖାଲ ଦାସ ଅନୁମାନ କରନ୍ତି । ଯେତେବେଳେ ଏ ସବୁ କଳା



Digitized by PPRACHIN, SOA

ଯେ ସବୁ ଦେଶରେ ଫୁଟିଥିଲ, ସେତେବେଳେ ପୁଣି ସେ ସବୁ ସ୍ଥାନରେ ଲୁହାର ବ୍ୟବହାର ଥିବାର ପ୍ରମାଣ ମିଳୁନାଇ । ଦ୍ୱୀପମାନଙ୍କର ଲୋକେ ଏବେ କହନ୍ତି, ସ୍ୱର୍ଗରୁ ଦେବତାମାନେ ଓହ୍ଲାଇ ଗତି ଭିତରେ ଏ ସବୁ କରି ଦେଇ ସ୍ୱର୍ଗକୁ ଚାଲି ଯାଇଥିଲେ । କରିଥିବା ଦେବତାଙ୍କ ବଂଶଧର ଆଉ ସେଠି ନାହାନ୍ତି । ବିଶେଷ ଅନୁସନ୍ଧାନରେ ସଂସ୍କୃତିର କି ଆଦାନ, ପ୍ରଦାନ, ଏ ସବୁଥିରୁ ବାହାରି ପାରେ, ତାହା କିଏ କହିବ ?

ଆମେରିକା କଥା କିନ୍ତୁ ଟିକିଏ ସ୍ୱତନ୍ତ୍ର । ଏଠାରେ ବହୁତ ଅନୁସନ୍ଧାନ ହୋଇଚି ଓ ହେଉଚି । ଅନେକ ପୁସ୍ତକ ମଧ୍ୟରେ ଦୁଇ ତିନି ଖଣ୍ଡ ପୁସ୍ତକ ସମସ୍ତେ ସହଜରେ ଦେଖି ପାରନ୍ତି । ଭେରିଲ୍ ସାହେବଙ୍କ 'Old civilization of the New World', 'Myths and Legends' ଗ୍ରନ୍ଥମାଳାର ଆମେରିକା ଖଣ୍ଡ, ଚମନ୍ ଲଲଙ୍କର 'Hindu America' ପ୍ରଭୃତି ଗ୍ରନ୍ଥ ଏ କ୍ଷେତ୍ରରେ ଅତି ଉପାଦେୟ । ଭାରତରୁ ଏ ସବୁ ଶିଳ୍ପ ଓ ତାହା ସଙ୍ଗେ ଅନେକ ଆଚାର ବ୍ୟବହାର ଓ ଧର୍ମରୀତି ଆମେରିକାକୁ ଯାଇ-ଥିବାର ଏ ସବୁ ଗ୍ରନ୍ଥରେ ସ୍ପଷ୍ଟ । 'Hindu America' ଗ୍ରନ୍ଥର ମଲାଟ ଉପରେ ଓ ଭିତରେ ମଧ୍ୟ ଗୋଟିଏ ମେକ୍ସିକୋର ସୁନାରୀ ବଣିଆ ବିଧବା ନାତିଟିକୁ କାଖେଇ ଛିଡ଼ା ହୋଇଥିବାର ଚିତ୍ର ଦିଆ ଯାଇଚି । ଧଳା ଶୁଣ୍ଢିଆଟି ଓଢ଼ଣା ପକାଇ ପିନ୍ଧି ପିଲାଟି କାଖେଇ ଗୋଟିଏ ଓଡ଼ିଆଣୀ ଭଦ୍ର ପରିବାରର ବିଧବା ଠିକ୍ ଛିଡ଼ା ହେବାର ଚିତ୍ରପରି ଏହା ଦେଖାଯାଉଚି । ପୁଣି ମୟ ମହାଭାରତର ଶ୍ରେଷ୍ଠ ଅନାର୍ଯ୍ୟ ଶିଳ୍ପୀ । ସେଇ ମୟ, ରାଜସୂୟ ଯଜ୍ଞର କୁଣ୍ଡ, ମଣ୍ଡପ ଶାଳାଦି ତିଆରି କରିଥିବା କଥା ପ୍ରସିଦ୍ଧ । ସେଇ ମୟ-ବଂଶୀଙ୍କ ନାମ ଅନୁସାରେ ମୟଦେଶ ହୋଇଚି ବୋଲି ଚମନ୍ ଲଲ ସାହେବ କହନ୍ତି । ମୟଭୂମିର ବର୍ତ୍ତମାନ ନାମ, ଇଉକାଟାନ୍ (Yucatan)। ଏହି 'ଇଉକାଟାନ୍' କଥାଟି 'ଯୋଗସ୍ଥାନ' ଶବ୍ଦର ଅପଭ୍ରଂଶ ବୋଲି ସେ ପ୍ରମାଣ ମଧ୍ୟ ପାଇଛନ୍ତି । ଓଡ଼ିଶା ପୁଣି ପ୍ରାଚୀନ ବୌଦ୍ଧଯୋଗର ଶ୍ରେଷ୍ଠ ଭୂମି ।

ଦେଖି ଜାଣିପାରିବା ଭଳି ଓଡ଼ିଶାର ବିଶ୍ୱସଂସ୍କୃତି ସଙ୍ଗେ ଆଦାନ, ପ୍ରଦାନ ଓ ସମ୍ପର୍କ ସୂଚନାରେ ଏଇତକ ଏବେ ଯଥେଷ୍ଟ ହେବ । ଆଉ



Digitized by PPRACHIN, SOA

ବଢ଼େଇ କହିବାର ଅବକାଶ ଏବେ ନାଇ । ଏ ସବୁ ଭୌତିକ । ବିଶ୍ୱ-ସଂସ୍କୃତିକୁ ଓଡ଼ିଶାର ଆତ୍ମିକ ଦାନ ଟିକିଏ ବାହାରେ ଜଣା ନ ପଡ଼ିଲା ଭଳି ହେଲେ ହେଁ ଅତ୍ୟନ୍ତ ନିର୍ଦ୍ଦିଷ୍ଟ ଓ ସ୍ପଷ୍ଟ ।

## ଆତ୍ମିକ ବିକାଶ–

ଧର୍ମ କଥାଟିରେ ଆତ୍ମିକ ସଂସ୍କୃତି ପ୍ରକାଶ ପାଉଥିଲା । ଏଇ ଧର୍ମ କ୍ଷେତ୍ରରେ ତିନିପ୍ରକାର ପ୍ରକାଶ ଦେଖାଯାଏ । ପ୍ରଥମଟି ସେମିଟିକ (Semitic) ଅର୍ଥାତ ଆରବ ଓ ଇହୁଦୀ ପ୍ରଭୃତି ଜାତିମାନଙ୍କ ଭିତରେ ପ୍ରକାଶ ପାଏ । ଦ୍ୱିତୀୟଟି ଆର୍ଯ୍ୟଜାତିର ଧର୍ମ । ଏଇ ଆର୍ଯ୍ୟମାନେ ଭାରତରେ ଆଦିମ ନୁହନ୍ତି । ତୃତୀୟଟି ହେଉଚି ପୃଥିବୀର ପ୍ରାଚୀନତମ ସଂସ୍କୃତି । ତାହା ଭାରତର ସିନ୍ଧୁଠାରୁ ଗୋଦାବରୀ, କୃଷ୍ଣା, ମହାନଦୀ ଓ ଗଙ୍ଗା ପର୍ଯ୍ୟନ୍ତ ଉପତ୍ୟକାମାନଙ୍କରେ, ତଥା ଟାଇଗ୍ରିସ୍, ଇଉଫ୍ରେଟିସ୍ ଭୂମି, ଏବର ଦକ୍ଷିଣ ପାରସ୍ୟ ଏସିଆ ମାଇନର, ଇଜିପ୍ଟ ଓ କ୍ରୀଟ୍ ପ୍ରଭୃତି ସ୍ଥାନରେ ବିକାଶ ପାଇଥିଲା । ଏହାକୁ ଏକ କଥାରେ ଆଦିମ ଆଫ୍ରେସିଆ ସଭ୍ୟତା ବୋଲି କୁହାଯାଇପାରେ । ପୃଥିବୀର ସମସ୍ତ ସଭ୍ୟତାକୁ ଏହା ପ୍ରଭାବିତ କରିଚି । ବିଶେଷରେ ଭାରତର ବୈଦିକ ସଭ୍ୟତା ଓ ଧର୍ମ ଏଇ ସଭ୍ୟତା ସଙ୍ଗେ ନିଜର ସଂଶ୍ଳେଷଣ କରି ଆତ୍ମପ୍ରକାଶ କରିଚି । ଯଥାର୍ଥ ଅନୁସନ୍ଧାନ କଲେ ଜଣାଯାଏ, ଏହି ସଭ୍ୟତାହିଁ ବୈଦିକ ସଭ୍ୟତାକୁ ଜୀର୍ଣ୍ଣକରି ଭାରତୀୟ ବୈଦିକ ସଭ୍ୟତା ରୂପେ ପ୍ରକାଶ ପାଇଚି ।

ଏହିପରି ଧର୍ମ ରୂପେ ପ୍ରକାଶିତ ସଭ୍ୟତାର ମୂଳ ଟିକିଏ ଦେଖିବା । ମନୁଷ୍ୟ ଜୀବନଯାତ୍ରାରେ ସବୁ ବିପତ୍ତି ଓ ସଙ୍କଟର ସମାଧାନ କରିପାରେ ନାଇ । ସେଥିପାଇଁ ବାହାର ପ୍ରକୃତିରେ ଶକ୍ତିର କଳ୍ପନା କରେ । ଆମେ ଯେପରି ଆମ କାମ କରୁ, ସେଇପରି ବାହାରରେ କୌଣସି ପୁରୁଷ ବା ପୁରୁଷମାନେ କାମ କରି ବା ନିଜର ଶକ୍ତି ଚାଳନା କରି ସବୁ କରନ୍ତି ବୋଲି କ୍ରମେ ମାନବର ଧାରଣା ପଡ଼ିଯାଏ । ବାଡ଼ି, ବସନ୍ତ, ପ୍ରଭୃତି ଲାଗିଲେ ସେଇ ଆଦିମ ମାନବ ପରି ଏବେ ମଧ୍ୟ ଗ୍ରାମ୍ୟ ମାନବ ଦେବ, ଦେବୀଙ୍କର



Digitized by PPRACHIN, SOA

ଆଶ୍ରୟ ଲେଡ଼େ । ସେଇ ଦେବଦେବୀ ମନୁଷ୍ୟଠାରେ ଆବିର୍ଭୂତ ହୋଇ ପ୍ରତିକାର ବତାଇ ଦିଅନ୍ତି । ଓଡ଼ିଶାର ଅନେକ ଅଞ୍ଚଳରେ ତାକୁ କାଳେସି ଲଗିବା ବା ଦେବଦେବୀ ଉଭହେବା କହନ୍ତି । ଏଇପରି ଦେବଦେବୀ ମନୁଷ୍ୟ ଭିତରେ 'ଉଭ' ବା ଆବିର୍ଭୂତ ହେବା, କଥାଟିରୁ ଆଦିମଧର୍ମ ବିକାଶ ପାଇଥିଲା । ଏଇ ଧାରଣା ଗୋଟିଏ ଗ୍ରାମଦେବତୀ ଓ କାଳେସିରୁ ବଢ଼ାଇଦେଇ ବିଶ୍ୱ ଉପରେ ବିସ୍ତାର କରି ସେମିଟିକ୍‌ମାନେ ମୋଜେସ୍, ଯୀଶୁଖ୍ରୀଷ୍ଟ ପ୍ରଭୃତି ମହାକାଳେସୀମାନ କଳ୍ପନା କରିଥିଲେ । ଏପରିକି ମହମ୍ମଦ ସ୍ପଷ୍ଟ କହିଥିଲେ, ଏକ ଈଶ୍ୱର ଦେବତା ଛଡ଼ା ଅନ୍ୟ ଦେବତା ନାଇ । ମହମ୍ମଦ ସେଇ ଏକ ଈଶ୍ୱରଙ୍କ ବାର୍ତ୍ତାବହ ଦୂତ । ଏଥିରେ ଆଦିମ 'ଆବିର୍ଭାବ'କୁ ବିରଟ ବିଶ୍ୱବ୍ୟାପୀ ଆକାର ଦେବା ଛଡ଼ା ଅନ୍ୟ କୌଣସି ଦର୍ଶନ ବା ତତ୍ତ୍ୱ ନାଇ । ବିଶ୍ୱରୁ ବାହାରେ ଏକ ଈଶ୍ୱର, ସର୍ବ ଶକ୍ତିମୟ ହୋଇ କେଉଁଠାରେ କିପରି ବସିଚନ୍ତି; ବିଶ୍ୱଜଗତ ବା ସେଇ ଈଶ୍ୱରଙ୍କଠାରୁ ବାହାରେ କିପରି ବର୍ତ୍ତିଚି, ଏସବୁ ବିଗ୍ରର ସେଠାରେ ନାଇ । ସେ ଏକ ବିଶ୍ୱାସ । ବୁଝିରଖ, ଏଠାରେ କୌଣସି ଧର୍ମ ବା ବିଶ୍ୱାସକୁ ସମାଲୋଚନା କରାଯାଉ ନାଇ । ଯାହା ଘଟିଚି, ତାହାହିଁ ଆଲୋଚନାରେ କୁହାଯାଇଚି । କୌଣସି ଧର୍ମ ବା ସଂସ୍କୃତି, କାହାଠାରୁ ବଡ଼ ବା ସାନ, କେଉଁଟି ଉପାଦେୟ, କେଉଁଟି ହେୟ, ସେସବୁ ଏଠି କୁହାଯାଉ ନାଇ ।

ଦ୍ୱିତୀୟଟି ଆର୍ଯ୍ୟଧର୍ମ । ସେଥିରେ ବାହାର ପ୍ରକୃତିରେ ଇନ୍ଦ୍ର,, ଅଗ୍ନିଙ୍କଠାରୁ କୁବେରଙ୍କ ପର୍ଯ୍ୟନ୍ତ ସବୁର କଳ୍ପନା । ସେଇମାନଙ୍କଠାରେ ବଳିଦେବା, ସେମାନଙ୍କୁ ପୂଜା କରିବା, ଏପରିକି ସେଇ ବଳିରମାଂସ ନିଜେ ଖାଇ ସେଇ ନୈବେଦ୍ୟର ସୋମ, ସୁର ନିଜେ ପିଇ, ନିଜର ବିପତ୍ତି ନାଶ ଓ ସମ୍ପତ୍ତି ଲଭ ପାଇଁ ସେଇ କଳ୍ପିତ ଦେବତାମାନଙ୍କୁ ଭଜିବାହିଁ ଏଇ ଆର୍ଯ୍ୟଧର୍ମ । ଏଥିରେ କେତେକ ଦର୍ଶନ ପ୍ରକାଶ ପାଇଥିଲା । ସେଇ ଦର୍ଶନରେ ଏଇ ସମସ୍ତ ଶକ୍ତିର ଆଧାର ସ୍ୱରୂପ ଗୋଟିଏ ଶକ୍ତିମୟ ବିଶ୍ୱପୁରୁଷ ପର୍ଯ୍ୟନ୍ତ ଆର୍ଯ୍ୟମାନେ ହୁଏତ ଉଠିଥିଲେ । ଦେହ ଭିତରେ ପୁରୁଷର କଳ୍ପନା ଓ ଉପମାରେ ଏହାର ବିକାଶ ହୋଇଥିଲେ ମଧ୍ୟ, ମାନବ ଦେହ ଭିତରର ଦୁର୍ବଳ ପୁରୁଷ ଆଡ଼କୁ ସେମାନଙ୍କ ଆଖି ପଡ଼ି ନ ଥିଲା ।



Digitized by PPRACHIN, SOA

ଆପ୍ରେସିଆ ବା ଭରତଧର୍ମ ଏଇ ଦୁଇଟି ଭିତ୍ତିରେ, ବିଶେଷତଃ ମାନବ ଭିତରର ଜ୍ଞାନକୁ ଧରି ପ୍ରକାଶ ପାଇଥିଲା । କ୍ରମେ ଏଇ ଦର୍ଶନରେ ମାନବ ବୁଝିଥିଲା, ନିଜର ଇନ୍ଦ୍ରିୟରେ ମିଳୁଥିବା ଜ୍ଞାନଛଡ଼ା ଆଉ କିଛି ନାଇ । ସବୁ ଶୂନ୍ୟରୁ ହେଉଚି । କେତେ ଗୁଡ଼ାଏ କାମନା ବାନ୍ଧି ହୋଇ ଗୋଟାଏ ପୁରୁଷ ବା ବ୍ୟକ୍ତି ବୋଲି ନାମମାତ୍ରରେ ପ୍ରକାଶ ପାଉଚି । କୌଣସିମନ୍ତେ ଏଇ କାମନା ଗୁଡ଼ାକ ଛିଣ୍ଡାଇ ଲୋପ କରିଦେଲେ ସବୁ ଶୂନ୍ୟ । ବ୍ୟକ୍ତିପରି ଯାହା ଲଗୁଚି, ତାହା ଶୂନ୍ୟ ହୋଇଗଲେ ବିଶ୍ୱର ଜ୍ଞାନ ମଧ୍ୟ ଶୂନ୍ୟ । ଅତ-ଏବ ବିଶ୍ୱମଧ୍ୟ ଶୂନ୍ୟ । ଏହାହିଁ 'ବୁଦ୍ଧ'ର "ନିର୍ବାଣ" । ଏଥିରେ ସମ୍ଭବତଃ 'ଜୀବେ ଦୟା' ପ୍ରକାଶ ପାଇଲା । କାମନା ଛିଣ୍ଡାଇବାର ଏହାହିଁ ଗୋଡ଼ । ମତେ ଯେପରି ସୁଖଲଗୁଚି ବା କାଟୁଚି, ଅନ୍ୟକୁ ସେଇପରି ଲଗୁଥିବ ବୋଲି ବିଗ୍ଭରି ଅଭ୍ୟାସ କରିବାରେ ଏକା ଭୋଗ କରିବାର କାମନା ଶାନ୍ତ ହୋଇ ଆସିବ । ଅନ୍ୟ ଉପାୟ ନାଇ ।

ଏଇ ତତ୍ତ୍ୱ ଉପରେ ବସି କାମନାକୁ ଶୂନ୍ୟ କରିବାପାଇଁ ବହୁ ସାଧନା ବାଟ ଫିଟିଥିଲା । ଏଥିରୁହିଁ ବୀର୍ଯ୍ୟସ୍ତମ୍ଭନ ଓ ଅଷ୍ଟାଙ୍ଗ ସାଧନାର ଯୋଗ ବିକାଶ ପାଇଥିଲା । ମହେଞ୍ଜୋଦାରୋରୁ ଖୋଳାହୋଇ ୫ ହଜାର ବର୍ଷ ତଳର ଯେଉଁ ଯୋଗୀମୂର୍ତ୍ତି ଓ ଯୋଗୀର ପଦ୍ମାସନରେ ବସିଥିବା ପଶୁପତି ଚନ୍ଦ୍ରଚୂଡ଼ ବହୁମୁଖ ମହାଦେବଙ୍କ ମୂର୍ତ୍ତି ବାହାରୁଚି, ସେ ସବୁ ସେ କାଳର ସେଇ ଆପ୍ରେସିଆ ଧର୍ମର ସଙ୍କେତ । ଓଡ଼ିଶାର ଗ୍ରାମ ଗହଳରେ ଏଇ ଯୋଗ ସାଧନାର ସଙ୍କେତ, ଏବ କଥା, କବିତା, କିମ୍ବଦନ୍ତୀ, ସର୍ବତ୍ର ମିଳିବ । ଏ ନିର୍ବାଣ, ଅର୍ଥାତ୍, ନିଜକୁ ଶୂନ୍ୟ କରିଦେବାର ସାଧନା ଏକା, ଏ ସବୁ ଭିତରେ ଏବେ ଜୀବନ୍ତ ରହିଚି । ଜଗନ୍ନାଥ, ବଳରମ, ଅଚ୍ୟୁତ ପ୍ରଭୃତି ୧୬ଶ ଶତକର ଧର୍ମବୀରମାନେ ଏଇ ମୌଳିକ ବିଶ୍ୱଧର୍ମକୁ ବୈଷ୍ଣବ ଧର୍ମର ଖୋଳ ଭିତରେ ପ୍ରକାଶ କରି ଯାଇଚନ୍ତି । ପୁଷ୍ପଗିରି ବିହାରରେ ଏଇ ଯୋଗ ସାଧନା ଶିଖିବାକୁ ପଞ୍ଜାବ ସେପାଖରୁ ପ୍ରାଞ୍ଚ ପରି ଲୋକେ ଟାଣି ହୋଇ ଆସୁଥିଲେ । ପଣ୍ଡିତମାନେ ଏବେ ସ୍ଥିର କରୁଚନ୍ତି, ଏହାଇ ଏ ଦେଶର ଆଦିମ ଅସୁର ଧର୍ମ । ଦ୍ରାବିଡ଼, ଶବର ଓ ନାଗମାନେ ଏ ଦେଶରେ ଏଇ ଧର୍ମର ପାଳନ, ପୋଷଣ ଓ ସାଧନ କରି ଯାଇଚନ୍ତି । ଏଇ ଧର୍ମର



Digitized by PPRACHIN, SOA

ସମସ୍ତ ଆଫ୍ରେସିଆ ଉପତ୍ୟକା ଭୂମିରେ ସଭ୍ୟ ଜଗତର ଆଦିମ ଧର୍ମରୂପେ ପ୍ରଚରିତ ହୋଇ ପାଳିତ ହେଉଥିଲା । ଏହା ମଧ୍ୟ ଏବେ ଗବେଷଣା ଫଳରେ କ୍ରମେ ପ୍ରକାଶ ପାଉଚି ।

ପୂର୍ବ ଭରତର ବୌଦ୍ଧ ପୁଣି ଜୈନଧର୍ମ, ଏଇ ନିର୍ବାଣ ସାଧନାର ଶେଷ, ସ୍ପଷ୍ଟ ବିକାଶ । ବୁଦ୍ଧଙ୍କ ପୂର୍ବରୁ ଓଡ଼ିଶା ଏଇ ସାଧନାର ପ୍ରସିଦ୍ଧ କ୍ଷେତ୍ର ଥିବାର ପ୍ରମାଣ ମଧ୍ୟ ବୌଦ୍ଧ ପରମ୍ପରରେ ସ୍ପଷ୍ଟ । ସିଦ୍ଧାର୍ଥ 'ବୁଦ୍ଧ' ଏଇ ପରମ୍ପରରେ ଶେଷ 'ବୁଦ୍ଧ' । ସେ ନିଜେ କଳିଙ୍ଗକୁ ଆସିନଥିଲେ । ଉତ୍କଳମାନେ ମଧ୍ୟ ତାଙ୍କୁ ସାକ୍ଷାତ କରିବାର ବିଶେଷ ପ୍ରମାଣ ନାଇ । ମାତ୍ରକ ଦୁଇଜଣ ଉତ୍କଳ ସାର୍ଥବାହ ( ଯେଉଁମାନେ ବଳଦ ବା ବଳଦ ଗାଡ଼ିରେ ଜିନିଷ ବେପାର କରନ୍ତି ), ତପଶୁ ଓ ବଲ୍ଲୀକ ଗୟାହାଟରେ ସିଦ୍ଧାର୍ଥ ବୁଦ୍ଧଙ୍କ ଅପରିଣତ ଅବସ୍ଥାରେ ଦୀକ୍ଷା ଗ୍ରହଣ କରିଥିବାର ମାତ୍ର ଜଣାପଡ଼େ । କିନ୍ତୁ ଏ ସତ୍ତ୍ୱେ ବୁଦ୍ଧଙ୍କ ଚିତାଗ୍ନିରୁ ପ୍ରଧାନ ବୁଦ୍ଧ-ଶିଷ୍ୟ କ୍ଷେମ, ବୁଦ୍ଧଙ୍କ ବାଁପଟ ବିଶିଦାନ୍ତଟି କଳିଙ୍ଗରଜ ବ୍ରହ୍ମଦତ୍ତଙ୍କ ପାଖକୁ ପଠାଇ ଦେଇ ଥିଲେ । ସିଦ୍ଧାର୍ଥ ବୁଦ୍ଧଙ୍କ ପୂର୍ବରୁ କଳିଙ୍ଗ ନିର୍ବାଣ ସାଧନାର ଯେ ପ୍ରତିଷ୍ଠିତ କ୍ଷେତ୍ର ଥିଲ, ଏହା ଏ ଘଟଣାରୁ ଜଣାପଡଚି । ଏଇ ବୌଦ୍ଧ, ଜୈନ ବା ଅନ୍ୟ ଯେ ନାମରେ ଇତିହାସରେ ବା ପରମ୍ପରରେ ପ୍ରକାଶ ପାଉନା କାହିଁକି ପୂର୍ବ ତଥା ପୂର୍ବ ଉପକୂଳ ଭରତର ଏହା ପାରମ୍ପରିକ ଧର୍ମ ।

ଏଇ ଧର୍ମର ପ୍ରଭବରେ ସମସ୍ତ ବେଦର ପଶୁବଳି, ସୋମପାନ, ଯଜ୍ଞ ଭିତରୁ ଉପନିଷଦର ମହାତତ୍ତ୍ୱମାନ ବାହାରି ପଡ଼ିଚି । ଏହି ଧର୍ମରେ ବ୍ୟକ୍ତି ବା ବସ୍ତୁର 'ନାମ' ହେଉଚି ସବୁ । ବ୍ୟକ୍ତିର ଆତ୍ମା ବା ବସ୍ତୁର ବସ୍ତୁତ୍ୱ ବୋଲି ଅନ୍ୟ ତତ୍ତ୍ୱ ନାଇ । ଆତ୍ମା ପୁରୁଷର ନାମକୁ 'ଓଁ' ବୋଲି ଧରି ବୈଦିକ ସାହିତ୍ୟରେ ଅକ୍ଷର ବ୍ରହ୍ମ, ନାମରୂପୀ 'ଓଁ'ର ତତ୍ତ୍ୱ, ଫୁଟିଚି । ପରେ ବୈଷ୍ଣବ ଧର୍ମର ମହାମନ୍ତ୍ର, 'ନାମେଭକ୍ତି' ଓ 'ଜୀବେଦୟା,' ଏହି ଓଡ଼ିଶାର ଶବର ବା ଦ୍ରାବିଡ଼ ଧର୍ମରୁ ବାହାରି ବୈଷ୍ଣବର ଦ୍ୱୈତ ଭବକୁ ପ୍ରଭବିତ କରିଚି । ଏହାହିଁ ଓଡ଼ିଶାର ଯଥାର୍ଥ ଧର୍ମ, ସ୍ୱଧର୍ମ ବା ସଂସ୍କୃତି । ଏହାହିଁ ଓଡ଼ିଶାର ବିଶ୍ୱ ସଂସ୍କୃତିକୁ ମହାଦାନ । କୁହାଯାଇ ପାରେ, ଏ ଦାନ ଏବେ ବି



Digitized by PPRACHIN, SOA

ପୂର ହୋଇ ନାଇ । ଆଜିର ବିଗଟ ବିଶ୍ୱ ସଂସ୍କୃତି ଏତେ କ୍ଷୀପ୍ର ଗତିରେ ବଢ଼ିଲେ ମଧ୍ୟ, ପରମାଣୁ ବୋମାଠାରୁ ଦୂରତମ ନିହାରିକାର ସେ ପାଖେ ଥିବା ବିଶ୍ୱରଶ୍ମିରୁ ( Cosmic Rays ) ବୁଲିଆସି ଗତି ଫେରଇ ଦିନେ ପୁଣି ଭିତରକୁ ଗ୍ରହି ସମାଜର ପରିସ୍ଥିତି ଠିକ୍ କରିବ । ସେତେବେଳେ ମଧ୍ୟ ବିଶ୍ୱ ସଂସ୍କୃତିକୁ ଓଡ଼ିଶାର ଏ ଦାନ, ବିଶ୍ୱ ସମାଜର କାମରେ ଲଗିବ ।

ଏ ସବୁ କଥା ବୁଝାଇ କହିବାକୁ ଆଜି ଆଉ ବେଳ ନାଇ । ବିଶ୍ୱ ସଂସ୍କୃତିକୁ ଓଡ଼ିଶାର ଏ ମହାଦାନ, ସୂଚନାରେ ମାତ୍ର ଟିକିଏ ମନେ ରଖିଲେ ମଧ୍ୟ ମହା ବିବଦମାନ ମାନବ ସମାଜର ବିମୋହିତ ଶକ୍ତି ସମୂହ ମଧ୍ୟରେ ସମତା ଓ ସାମଞ୍ଜସ୍ୟ ଆଣିବାରେ ଏହା ଅଳ୍ପ ସାହାଯ୍ୟ କରିବ ନାଇ ।

---

('ନବଭରତ' ତୁଳ ୧୩୫୪ ସଂଖ୍ୟାରେ ପ୍ରକାଶିତ)



Digitized by PPRACHIN, SOA

# ୨. ଭାରତୀୟ ସଂସ୍କୃତିକୁ ଓଡ଼ିଶାର ଦାନ ।

ଓଡ଼ିଶାର ଜଗନ୍ନାଥ । ଏ କଥାଟି ଖାଲି ଭାରତରେ କାହିଁକି ପୃଥିବୀରେ ଜଣାଶୁଣା । ଏଇ ଭାରତରେ ମଧ୍ୟ ଓଡ଼ିଶା ବୋଲି ଭୂମିଟିଏ ବା ରାଜ୍ୟଟିଏ ଥିବା କଥା ଅନେକେ ଜାଣି ନ ଥିଲେ ଓ ଜାଣନ୍ତି ନାଇ । ଜାଣିଲେ ମଧ୍ୟ ଅନେକଙ୍କୁ ଏହାର ଅବସ୍ଥିତି ଜଣା ନାଇ । କିନ୍ତୁ ଜଗନ୍ନାଥ ବୋଇଲେ ପୂର୍ବ ସମୁଦ୍ର କୂଳରେ ଗୋଟିଏ ବିଶିଷ୍ଟ ସ୍ଥାନ ଓ ସେଠାରେ ଗୋଟିଏ ବିଶିଷ୍ଟ ଦେବାରାଧନା ପୀଠ ଅଛି, ଏ କଥା ସମଗ୍ର ଭାରତରେ ସୁବିଦିତ । ଉତ୍ତର ଓ ପଶ୍ଚିମ ଭାରତର ଯାତ୍ରୀମାନେ ମଧ୍ୟ ଓଡ଼ିଶା ଗଡ଼ଜାତ ବାଟେ ଚାଲି ଚାଲି ଆସିଲା ବେଳେ ଗୀତ ବୋଲି ବୋଲି ଆସନ୍ତି । ଆଜି-କାଲି ଏହା ହୁଏତ ବେଶି ନାଇ । ରେଳ ହେବା ପୂର୍ବରୁ ଏ ରୀତି ହୁଏତ ଖୁବ୍ ଥିଲା । ସେତେବେଳେ ସେମାନଙ୍କ ଗୀତରେ ଶୁଣାଯାଏ, "ବୌଦ୍ଧ ରୂପେ ବୈଠ୍ ରହେ ସମୁଦ୍ର କିନାରେ । × × ସାଧୁ ମାଗେ ଦରଶନ ମହା ପରସାଦ ।"

ଏ ଜଗନ୍ନାଥଙ୍କ ଦର୍ଶନ ହିସାବରେ ଓଡ଼ିଆମାନେ ହେଉଚନ୍ତି ପଣ୍ଡାଙ୍କ ନିଜ ଲୋକ । ବଙ୍ଗାଳୀ, ଆସାମୀମାନେ ତହିଁରୁ ଅଧା ଓ ଆଉ ସମସ୍ତେ ଅତିଥି । ପୁରୀ ପଣ୍ଡାମାନଙ୍କ ଚାଲିଚଳଣିରେ ଓ ଯାତ୍ରୀ ସେବାରେ ଏହାର ସ୍ପଷ୍ଟ ନିଦର୍ଶନ ହୁଏତ ଏବେ ରହିଚି । ତାହା ହେଉଚି—

ପୁରୀକୁ କୌଣସି ଯାତ୍ରୀ ଆସିଲେ ସେ ହୁଏ ପୁରୀ ପଣ୍ଡାଙ୍କର ଅତିଥି । ନିଜର ଖାଇବା ରହିବା ପାଇଁ ଯାତ୍ରୀ କିଛି ଦିଏ ନାହିଁ । ଶେଷରେ ଯେବେ ଭୋଗ ଦେବା ବା 'ଆଟିକା' କରିବାର ତାର ଇଚ୍ଛା ହୁଏ ବା ବଳ-ଥାଏ, ସେତିକି ମାତ୍ର ଯାତ୍ରୀ ପଣ୍ଡା ପାଖେ ଦିଏ । ଦେଖା ଅଛି, ମାସ ମାସ

Digitized by PPRACHIN, SOA

କାଳ ଯାତ୍ରୀ, ପୁରୀରେ ରହି ମଧ୍ୟ ଆଠ' ଅଣା ପଇସା ମାତ୍ର ଆଟିକା ଦେଇ ବିଦାୟ ନେଇ ଯାଆନ୍ତି । ଅନେକେ ମଧ୍ୟ ଏହାକୁ ପ୍ରସାରି ବାଟ ଖର୍ଚ୍ଚ ପଣ୍ଡାଠୁ ଉଧାର କରିଯାନ୍ତି ।

ମାତ୍ର ଏଇ ଯାତ୍ରୀ ସେବା ବା ଅତିଥି ସେବାରେ ଗୋଟିଏ ସ୍ୱତନ୍ତ୍ର ନୀତି ଅଛି । ତାହା ହେଉଚି :— ଓଡ଼ିଶାର ଯାତ୍ରୀମାନେ ପୁରୀକୁ ଆସିଲେ ପଣ୍ଡା ତାଙ୍କୁ ରହିବାକୁ ଦିଅନ୍ତି ନାଇ କି ଖାଇବାକୁ କିଛି ଦିଅନ୍ତି ନାଇ । ବଙ୍ଗ ବା ଆସାମରୁ କେହି ଯାତ୍ରୀ ଆସିଲେ ତାଙ୍କୁ ଦିନକ ପାଇଁ ରହିବାକୁ ଓ ଖାଇବାକୁ ଦିଅନ୍ତି । ଭାରତର ଅନ୍ୟ ଯେ କୌଣସି ସ୍ଥାନରୁ ଯାତ୍ରୀ ଆସିଲେ ତାଙ୍କୁ ପଣ୍ଡାମାନେ, ସେ ଯେତେଦିନ ରହିବେ ସେତେଦିନ ରହିବାକୁ ଓ ଖାଇବାକୁ ଦିଅନ୍ତି ।

ଏପରି ବିରାଟ ବିଶାଳ ହୃଦୟବତ୍ତା ଓ ଅତିଥି ସେବାର ରୀତି ଅନ୍ୟ କୁତ୍ରାପି ଅଛି ବୋଲି ମନେ ହେଉନାଇ । ଏ ସୂତ୍ରରେ ଓଡ଼ିଶାର ଭାରତକୁ ଯାହା ଦାନ ତାହା ବର୍ଣ୍ଣନା କରିବାର କଥା ନୁହେଁ । ଏ ଦାନରେ ଆଦିଭୌତିକ ସୁବିଧା ସୁଯୋଗଠାରୁ ଆନ୍ତରିକ ଓ ଆଧ୍ୟାତ୍ମିକ ପରିପ୍ରଶ୍ନରର ପ୍ରଭବ କଳନା କରିବାର ବସ୍ତୁ ନୁହେ ।

ଏଇ ଜଗନ୍ନାଥଙ୍କ କଥା ଘେନି ମଧ୍ୟ ଭାରତ ବହୁ ପ୍ରାଚୀନ କାଳରୁ ପୃଥିବୀରେ ପରିଚିତ ହୋଇ ଆସିଚି । ପ୍ରାଚୀନ ବ୍ୟାବିଲୋନ ତଥା ପରବର୍ତ୍ତୀ କାଳରେ ଆରବ ପାରସ୍ୟର ଖଲିଫାଙ୍କ ରାଜତ୍ୱ କାଳରେ ଅବସ୍ଥା କଣ ଥିଲା, ଏହି ଜଗନ୍ନାଥଙ୍କର ପୃଥିବୀରେ ସେତେବେଳେ କି ପରିଚୟ ଥିଲା, ତା' କହିବାର ସରଞ୍ଜାମ ବିଶେଷ ମିଳିନାଇ । ଓଡ଼ିଶାରେ କୁଷାଣ ମୁଦ୍ରାର କୃତ୍ରମାନ ପର୍ଯ୍ୟନ୍ତ ଆବିଷ୍କୃତ ହେଲଣି ସତ, କିନ୍ତୁ ସେଇ ସୂତ୍ର-ସରଞ୍ଜାମ ପ୍ରଭୃତି ସଙ୍ଗେ ଜଗନ୍ନାଥଙ୍କ ସାମାଜିକ ଆଦର୍ଶର ପ୍ରଭବ କଥା କହିବାର ବିଶେଷ ସଙ୍କେତ ମିଳିନାଇ । ଇଉରୋପୀୟମାନଙ୍କ ଆଗମନ କାଳରୁ ଖ୍ରୀଷ୍ଟୀୟାନ ମିଶନାରୀମାନଙ୍କ ଲେଖାରୁ ଜଗନ୍ନାଥ ସଙ୍ଗେ ଭାରତ ବାହାରର ସମ୍ପର୍କ ଘେନି କିଛି କିଛି କଥା କିମ୍ବଦନ୍ତୀ ମିଳେ । ପ୍ରାୟ ତିନିଶହ ବର୍ଷରୁ ଅଧିକ କାଳ ପୂର୍ବେ ମିଶନାରୀ ସୂତ୍ରରେ ଇଉରୋପୀୟମାନଙ୍କ ଭିତରେ ବଡ଼ କଦାକାର ମିଥ୍ୟା ସବୁ ସେକାଳେ ପ୍ରଚାର କରା ହୋଇଥିଲା । ସେଥି



Digitized by PPRACHIN, SOA

ମଧ୍ୟରୁ ଗୋଟିଏ କଥା ଆମେରିକାର ସେ କାଳର ଓ୍ୱେବେଷ୍ଟର ସାହେବଙ୍କ ଅଭିଧାନ (Webster's Dictionary) ପୁରୁଣା ସଂସ୍କରଣରେ 'ଜଗରନୌଟ' (Jagurnaut) ଶବ୍ଦ ତଳେ ମିଳେ । ସେଥିରେ ଜଗନ୍ନାଥଙ୍କର ଏଇପରି ଗୋଟିଏ କିମ୍ଭୂତକିମାକାର ରୂପ ଓ ବର୍ଣ୍ଣନା ଓ ସେଥି-ସଙ୍ଗେ ହିନ୍ଦୁମାନଙ୍କର 'କୁତ୍ସିତ ଜଗନ୍ନାଥ ପୂଜା' ବିଷୟ ବର୍ଣ୍ଣିତ ହୋଇଚି ।

ଏଥିରେ ଶୁଣା କଥା ବହୁତ ଅଛି । ତେବେ ବିଦେଶକୁ ଆସି ଏପରି ଶୁଣା କଥାରେ ଭୂଗୋଳ ଇତିହାସ ଓ ବିବରଣୀ ଲେଖିବା ଆଜିର କଥା ନୁହେଁ । ପୃଥିବୀରେ ବହୁ ସ୍ଥାନ ଓ ବହୁ ଘଟଣା ସମ୍ବନ୍ଧରେ ଏପରି କଥାମାନ ଥିବାର ଦେଖାଯାଏ । ଉଦାହରଣ ସ୍ୱରୂପ ଆଲେକ୍‌ଜାଣ୍ଡରଙ୍କ ସମୟର ଗ୍ରୀକ୍ ଲେଖକମାନେ ଭରତ ସମ୍ବନ୍ଧରେ ଯାହା ସବୁ ଲେଖି ଯାଇଥିଲେ, ସେଥିରେ ଅଛି, କାଶ୍ମୀର ଓ ସିନ୍ଧୁ ପ୍ରଭୃତି ଅଞ୍ଚଳରେ ପିମ୍ପୁଡ଼ିମାନେ ମାଟି ଖୋଳି ସୁନାଗୁଣ୍ଡ ସବୁ ଉପରକୁ ବାହାର କରୁଥିଲେ । ସେଇ ସୁନାଗୁଣ୍ଡ ଲୋକେ କାରବାର କରୁଥିଲେ ଓ ରଜାକୁ ମଧ୍ୟ ଗଜସ୍ୱ ସ୍ୱରୂପ ଦେଉଥିଲେ । ପୁଣି ଲେଖା ଅଛି, ଏଇ ପିମ୍ପୁଡ଼ିମାନଙ୍କର ମୁହଁ ଥିଲା ଗୋଜା ଓ ଆକାର ଥିଲା ବିଲୁଆ ବା ମୂଷା ପରି । ଆମର ପରଂପରାରେ ଚଳୁଥିବା ପୁରାଣ ଓ ଆଖ୍ୟାୟିକାମାନ ମଧ୍ୟ ଏଇପରି ଦୋଷରେ ଘୋର ଦୂଷିତ । ରାମାୟଣରେ ମାଙ୍କଡ଼ ଓ ଭାଲୁଙ୍କ କଥା ପୁଣି ମହାଭରତରେ ଜଳରେ ଭୀମ ପାତାଳକୁ ଯାଇଥିବା ଓ ସେଥି ସଙ୍ଗେ ବାସୁକୀ ସାଙ୍ଗେ ଦେଖା ଏ କ୍ଷେତ୍ରରେ ଉଲ୍ଲେଖ ଯୋଗ୍ୟ । ଏଇପରି କେତେ ମିଥ୍ୟା ପୃଥିବୀରେ ସର୍ବତ୍ର ଅନୁସନ୍ଧାନ କରଯାଇ ପାରେ ।

ମାତ୍ର ସେ ଯାହା ହେଉ, ଜଗନ୍ନାଥ କଥାଟି ଯେ ସେତେବେଳେ ଭରତ ପ୍ରସିଦ୍ଧ ଥିଲା ଓ ସେଇ ସୂତ୍ରରେ ସମସ୍ତ ପୃଥିବୀରେ ପ୍ରଚାର ଲଭିଥିଲା, ଏହା ସ୍ଥିର କଥା । ଏଇ ଜଗନ୍ନାଥ କଥାଟିରେ ଓଡ଼ିଶାର ଭରତ ପ୍ରତି କି ଦାନ କିପରି କେବଠାରୁ ରହିଚି ଓ କି ଗତିରେ ତାହାର କ୍ରମପରିଣାମ ଘଟିଚି, ସେଇକଥା ଏବେ ଦେଖାଯାଉ ।

ଅବଶ୍ୟ ଅନ୍ୟାନ୍ୟ ଦାନ ଓଡ଼ିଶାର ବହୁତ ଅଛି । ଉଦାହରଣ ସ୍ୱରୂପ ଓଡ଼ିଶାର ବଣିକ ବା ସାଧବମାନେ ଅତି ପ୍ରାଚୀନ କାଳରୁ ସମୁଦ୍ର ପାରରେ



Digitized by PPRACHIN, SOA

ଖୁବ୍ ବାଣିଜ୍ୟ ଚଳାଉଥିଲେ । ଅନୁସନ୍ଧାନରେ ଏବେ ଜଣାପଡୁଚି ସେଇ ସୂତ୍ରରେ ସେ କାଳେ ସିଂହଳ ଓ ପୂର୍ବଭରତୀୟ ଦ୍ୱୀପପୁଞ୍ଜବାଟେ ଆମେରିକାର ମେକ୍‌ସିକୋ ଓ ପେରୁ ପ୍ରଭୃତି ରଜ୍ୟ ପର୍ଯ୍ୟନ୍ତ ଏଇ ବଣିକମାନଙ୍କର ଉପନିବେଶ ସ୍ଥାପିତ ହୋଇଥିବାର ପଣ୍ଡିତମାନେ ସ୍ଥିର କରନ୍ତି । ସେଇ ସୂତ୍ରରେ ଏଇ ସାଧବମାନଙ୍କ ପ୍ରଭବ, ସେ ସବୁ ସ୍ଥାନର ବେଶଭୂଷା ଓ ସାମାଜିକ ରୀତିନୀତି ପ୍ରଭୃତିରେ ଏବେ ମଧ୍ୟ ଖୁବ୍ ଦେଖିବାକୁ ମିଳେ ।

ଏଇ ଓଡ଼ିଶାର ଶୈଳୋଦ୍ଭବ ବଂଶର ରଜାମାନେ ସେଇ ବଣିକମାନଙ୍କ ପରେ ପୂର୍ବଭରତୀୟ ଦ୍ୱୀପପୁଞ୍ଜରେ ବିଶାଳ ସାମ୍ରାଜ୍ୟ ସ୍ଥାପନ କରିଥିଲେ । ଏହା ପ୍ରାୟ ଖ୍ରୀଷ୍ଟ ୭ମ , ୮ମ ଶତାବ୍ଦୀର କଥା । ସେଇକାଳୁ ପ୍ରାୟ ୪ ଶହ ବର୍ଷରୁ ଅଧିକକାଳ ଏଇ ସାମ୍ରାଜ୍ୟ ଜୀବିତଥିଲା । ଏବେ ମଧ୍ୟ ପଣ୍ଡିତମାନେ ଦେଖୁଛନ୍ତି, ସେ ସବୁ ଦ୍ୱୀପପୁଞ୍ଜମାନଙ୍କରେ ତଥା ବ୍ରହ୍ମଦେଶ ଓ ସିଂହଳରେ ସେ କାଳ ବାଣିଜ୍ୟ ଓ ସାମ୍ରାଜ୍ୟର ସ୍ପଷ୍ଟ ନିଦର୍ଶନମାନ ରହିଚି । ଏବେମଧ୍ୟ ବ୍ରହ୍ମଦେଶ ଓ ପୂର୍ବ ଭରତୀୟ ଦ୍ୱୀପପୁଞ୍ଜରେ କ୍ଲିଙ୍ଗ୍ ବା କଳିଙ୍ଗ ବୋଲି ଜାତି ଅଛନ୍ତି । ସିଂହଳରେ ଖ୍ରୀଷ୍ଟ ୧୩ଶ ଶତାବ୍ଦୀ ପର୍ଯ୍ୟନ୍ତ ବିଧିଥିଲା, ସେଠା ରଜା ଅପୁତ୍ରିକ ହେଲେ ଓ ତାଙ୍କର ପୋଷ୍ୟପୁତ୍ର ଗ୍ରହଣ କରିବା ଦରକାର ହେଲେ, ସେ ଏକମାତ୍ର କଳିଙ୍ଗ ରଜବଂଶରୁ ପୋଷ୍ୟପୁତ୍ର ଗ୍ରହଣ କରିବେ ।

ଏପରି ବହୁତ ସୂଚନା ମିଳୁଥିଲେ ମଧ୍ୟ ସେ ସବୁ ବିଷୟରେ ଉପାଦାନ ଖୋଜି ତାକୁ ପ୍ରାଞ୍ଜଳ ଓ ଯଥାଯଥ ଭବରେ ବୁଝାଇ କହିବାର ଅବକାଶ ଏଠାରେ ଖୋଜା ଯାଉ ନାଇ । ଏଠାରେ କେବଳ ଜଗନ୍ନାଥଙ୍କ କଥା କୁହାଯିବ । ଏହାହିଁ ଭରତ ସଂସ୍କୃତିକୁ ଓଡ଼ିଶାର ମହାଦାନ ।

ଜଗନ୍ନାଥଙ୍କ ଅନ୍ୟ ନାମ ହେଉଚି ପୁରୁଷୋତ୍ତମ । ଏଇ ନାମରେ ଜଗନ୍ନାଥ ସାର ଭରତରେ ବହୁକାଳରୁ ପରିଚିତ । ଏଇ ପୁରୁଷୋତ୍ତମ କଥାଟିକୁ ଟିକିଏ ତନଖି କରି ଦେଖାଯାଉ । ପୁରୁଷ କଥାଟି ଭରତରେ ଅତି ପ୍ରାଚୀନ ଓ ସାଧାରଣ ମଧ୍ୟ । ବେଦର ମନ୍ତ୍ର ଭଗରେ ଏହାର ବ୍ୟବହାର ଅଛି । ଋଗ୍ ବେଦର ପୁରୁଷ ସୂକ୍ତ କଥାଟି ଅନେକଙ୍କୁ ଜଣାଥିବ । ସେଠାରେ ପୁରୁଷ ଶବ୍ଦଟିର ଅର୍ଥ ଅବଶ୍ୟ ଟିକିଏ ସ୍ୱତନ୍ତ୍ର ପରି ଜଣାଯାଏ ।



Digitized by PPRACHIN, SOA

ଏଠାରେ ହୋଇପାରେ, ପୁରୁଷ ବୋଇଲେ ମନୁଷ୍ୟ ଦେହବନ୍ତ ମାନବ । ବରଂ ଦେହଟି ଉପରେ ଏଠାରେ ବେଶି ଦୃଷ୍ଟି ଦିଆ ଯାଇଚି । ପଶୁକୁ ହାଣି କାଟି ଯଜ୍ଞ କଲପରି ଏଠାରେ ବିଶ୍ୱ ପୁରୁଷକୁ କାଟି ଯଜ୍ଞ କରଯାଇଚି ଓ ସେଇ ଯଜ୍ଞ ପଶୁ ପୁରୁଷରୁ ବ୍ରାହ୍ମଣ କ୍ଷତ୍ରୀୟଠାରୁ ଆରମ୍ଭ କରି ପଶୁ ଜନ୍ତୁ ଏପରିକି ଚନ୍ଦ୍ର ସୂର୍ଯ୍ୟ ପର୍ଯ୍ୟନ୍ତ ବାହାରିଚନ୍ତି । ପରେ ବେଦର ସାଂଖ୍ୟ କଳ୍ପନାରେ ପୁରୁଷର ଯେଉଁ ଆଧ୍ୟାତ୍ମ ସଙ୍କେତ ପ୍ରକାଶ ପାଇଥିଲା, ତାହା ଏଠାରେ ଅଛି କି ନା, ଠିକ୍ କହି ହେଉ ନାଇ । ସମ୍ଭବତଃ ଏଠାରେ ନାଇ ।

ସାଂଖ୍ୟ ଦର୍ଶନର ଏଇ ପୁରୁଷ କଥାଟି ଅର୍ଥରେ ସ୍ୱତନ୍ତ୍ର । ଏ ଅର୍ଥ ସ୍ପଷ୍ଟ । ଏହା ଅଧ୍ୟାତ୍ମ୍ୟ । ଏହା କେତେ ପ୍ରାଚୀନ କହି ହେଉ ନାଇ । ତେବେ ବେଦରେ ତଥା ଉପନିଷଦରେ ଅଛି—

"ଦ୍ୱାସୁପର୍ଣା ସଯୁଜା ସୁଖାୟୌ
ସମାନ ବୃକ୍ଷଂ ପରିଷସ୍ବଜାତେ" ।

(ଅର୍ଥାତ୍ ଯୋଡ଼ିଏ ପକ୍ଷୀ ଏକାଠି ସାଙ୍ଗ ସୁଖ ହୋଇ ଓ ପରସ୍ପରର ସଖା ଏକା ଗଛରେ ରହି ଅଛନ୍ତି । ଏଠାରେ ପୁରୁଷ କଥାଟି ନାଇ । କିନ୍ତୁ ଅର୍ଥରେ ବ୍ୟକ୍ତିର ଜୀବ ବା ଆତ୍ମା ଓ ସେଇ ବ୍ୟକ୍ତି ଆଶ୍ରୟରେ ଥିବା ବିଶ୍ୱାତ୍ମା ବା ପରମାତ୍ମା ଏ ଦୁଇ କଥାକୁ ଲକ୍ଷ୍ୟ କରଯାଇଚି । ପରେ ଯେଉଁ ପୁରୁଷୋତ୍ତମ ଭବ ପ୍ରକାଶ ପାଇଲା ତାହା ଏଇ ପରମାତ୍ମା । ଜୀବ ହେଉଚି ପୁରୁଷ ।)

ଦାର୍ଶନିକ ଭବରେ ଜୀବକୁ ପୁରୁଷ ଓ ଅଜୀବକୁ ପ୍ରକୃତି କରି ପ୍ରକାଶ କରିବାର ପ୍ରଥମ ଉଦ୍ୟମ ହେଉଚି ସାଂଖ୍ୟ ଦର୍ଶନରେ । ଏଇ ପୁରୁଷ ପ୍ରକୃତିର ମୂଳତତ୍ତ୍ୱ ପ୍ରକାଶ ପାଇଥିଲା ଜୈନ ଦର୍ଶନରେ । ଜୈନ ଦର୍ଶନ ବେଳକୁ ଜୀବ ଯେପରି ପ୍ରତ୍ୟେକ ଜୀବରେ ଗୋଟିଏ ଗୋଟିଏ ବୋଲି କୁହା ଯାଉଥିଲା, ଅଜୀବ ମଧ୍ୟ ସେଇପରି ନାମ ରୂପ ଭେଦରେ ଅସଂଖ୍ୟ ବୋଲି ବହୁଭବରେ କଳ୍ପନା ଓ ବର୍ଣନା କରଯାଇ ଥିଲା ।

ଏଇ ଜୈନ ଦର୍ଶନର ଜୀବାଜୀବ ଭେଦ ମୂଳକ ଦ୍ୱୈତବାଦରୁ ବିକାଶ ପାଇଥିଲା ସାଂଖ୍ୟ ଦର୍ଶନ । ଏଠାରେ କହି ରଖିବାର ଅଛି ସାଂଖ୍ୟ



Digitized by PPRACHIN, SOA

ଦର୍ଶନ ମୌଳିକ ଜୈନ ଦର୍ଶନ ଠାରୁ ଅର୍ବାଚୀନ । ଏହା ବୁଝିବାର କାରଣ ହେଉଚି, ପ୍ରକୃତିର ଅସଂଖ୍ୟ ପ୍ରକାଶକୁ ତତ୍ତ୍ୱ ହିସାବରେ ବହୁ ବୋଲି ନ'ଧରି ସାଂଖ୍ୟରେ ପ୍ରଥମେ ଏ ସମସ୍ତ ପ୍ରକୃତିକୁ ଏକ ବୋଲି ଧରଯାଇଥିଲା । ପୁରୁଷ ଠିକ୍ ଜୈନ ଦର୍ଶନର ଜୀବପରି ଅସଂଖ୍ୟ ଥିଲା । ଏ ପୁରୁଷ କଥାଟି ହୁଏତ ଆସିଥିଲା ଋଗ୍‌ବେଦର ପୁରୁଷ ଧାରଣାରୁ । ହେଲେହେଁ କୁହାଯାଇଛି, ଏଇ ଋଗ୍‌ବେଦ ପୁରୁଷରେ ପୁଣି ମନୁଷ୍ୟର ଶରୀର ଆଉ ଆତ୍ମାର ଭାବ ଖୁବ୍ ପରିସ୍ଫୁଟ ନୁହେ । ଅତଏବ ବେଦର ପୁରୁଷଭାବ ଜୈନ ଦର୍ଶନ ଠାରୁ ଅର୍ବାଚୀନ ହେଉ ବା ପ୍ରାଚୀନ ହେଉ ସାଂଖ୍ୟର ପୂର ଅଧ୍ୟାତ୍ମ୍ୟ ପୁରୁଷଭାବ ଜୀବାଜୀବଭାବରୁ ଗୃହୀତ ହୋଇଥିଲା । ଏଇ ଅଜୀବଧାରଣା ସାଂଖ୍ୟରେ ବେଶି ଶୃଙ୍ଖଳିତ ଓ ଦାର୍ଶନିକ ଭାବରେ ପ୍ରକାଶ ପାଇବାର ଦେଖାଯାଏ ।

ଏଇଠାରେ ସୂଚାଇ ଦିଆ ଯାଇପାରେ, ଜୈନ ଧର୍ମ ବୈଦିକ ଜାଗଯଜ୍ଞ ଓ ଜାତି ଭେଦ ବିରୋଧରେ ପ୍ରକାଶ ପାଇଥିଲା ବୋଲି ଯେଉଁ ଧାରଣାଟି ଅନେକ ପ୍ରାଚ୍ୟ ତତ୍ତ୍ୱବିତ୍, ବିଶେଷରେ ଇଉରୋପୀୟ ପ୍ରାଚ୍ୟ ତତ୍ତ୍ୱବିତ୍‌ଙ୍କ ଭିତରେ ରହିଚି, ତାହା ଠିକ୍ ନୁହେଁ । ଅତି ପ୍ରାଚୀନ ଉପନିଷଦର ପୁରୁଷ ପ୍ରକୃତି ଭାବ ଜୈନର ଜୀବାଜୀବ ଭାବରୁ ନିଆଯାଇ ଥିବାର ସ୍ପଷ୍ଟ ଅନୁମାନ ହୁଏ । ଆଉ ସେ ବିଷୟରେ କିଛି କହିବାର ଅବକାଶ ଏଠାରେ ନାଇ ।

ଏଠାରେ କହିବାର କଥା ମନୁଷ୍ୟର ସାଧାରଣତଃ ଅତି ଆଦିମ ମନୁଷ୍ୟ ଠାରୁ ମଧ୍ୟ ଯେ ପ୍ରଚ୍ଛନ୍ନ ଏକ ବିଶ୍ୱ ପ୍ରଭାବିନୀ ଶକ୍ତିର ଧାରଣା ଅଛି ସେଇ ଧାରଣା ପରେ ଅବଶ୍ୟ ଈଶ୍ୱର ଶବ୍ଦଟି ନାନା ଭାବରେ ପ୍ରକାଶ ପାଇଥିଲା । ସେଇଥିରୁ ଏକ ଦାର୍ଶନିକ ବିକାଶ ହେଉଛି– ଅତି ପୁରାତନ କାଳରେ ଏଇଥିରୁ ପ୍ରକାଶ ପାଇଥିଲା ଯୋଗଦର୍ଶନ ଓ ତହିଁରେ ପ୍ରଧାନ ପୁରୁଷ ବା ଯେ କୌଣସି ପୁରୁଷକୁ ପ୍ରଧାନ ବୋଲି ବିଚାରି ସେଇ ପୁରୁଷରେ ନିବିଷ୍ଟ ଭାବରେ ଆତ୍ମନିୟୋଗ କରିବା । ମୋଟ କଥା, ଏଇଠାରେ ପୁରୁଷମାନଙ୍କର ତଥା ପ୍ରକୃତିର ନିୟାମକ ଭଳି ଏକ ପ୍ରଧାନ ପୁରୁଷର କଳ୍ପନା କରଯାଇଥିଲା । ତାହାରି ନାମ ପୁରୁଷୋତ୍ତମ । ଏଇ ପୁରୁଷୋତ୍ତମ କଥାଟି ତେଣୁ ଯୋଗ ଦର୍ଶନ ଭଳି ପୁରୁଣା ।



Digitized by PPRACHIN, SOA

ପୁଣି ସାଂଖ୍ୟ ଦର୍ଶନରୁ ଯୋଗ ଦର୍ଶନ ପ୍ରକାଶ ପାଇଥିବା କାଳ ନିଶ୍ଚୟ କୌଟିଲ୍ୟ ବା ଚନ୍ଦ୍ରଗୁପ୍ତଙ୍କଠାରୁ ପ୍ରାଚୀନ । କାରଣ କୌଟିଲ୍ୟଙ୍କ ଅର୍ଥଶାସ୍ତ୍ରରେ ସାଂଖ୍ୟ ଆଉ ଯୋଗ ଏ ଦୁଇଟି କଥା ଏକ ସଙ୍ଗେ ଅଛି । ହୁଏତ ସେଇ ଦାର୍ଶନିକ ଭବରେ ପୁରୁଷୋତ୍ତମ କଥାଟି ଆଉରି 'ହେତୁମତ' ଓ 'ବିନିଶ୍ଚିତ' ରୂପେ ବୈଷ୍ଣବ ଧର୍ମରେ ପ୍ରବେଶ କରିଚି ।

ମୋଟ କଥା, ଏଇ ପୁରୁଷୋତ୍ତମ ସଙ୍ଗେ ଭରତୀୟ ବୈଷ୍ଣବ ଧର୍ମର ଏକ ପ୍ରକାର ନିତ୍ୟ ସମ୍ପର୍କ । ଯୋଗ ଦର୍ଶନର ଏଇ ପ୍ରଧାନ ପୁରୁଷ ଓ ତହିଁରୁ ବାହାରି ଥିବା ପୁରୁଷୋତ୍ତମ କଥାଟି ବୈଷ୍ଣବମାନେ କାଳକ୍ରମେ ନିଜର ଉପାସ୍ୟ ଦେବ ଈଶ୍ୱର ବା ବିଷ୍ଣୁ ବୋଲି ସେଇ ପୁରୁଷୋତ୍ତମ ନାମରେ ବିଷ୍ଣୁଙ୍କର ନାମ ଦେଇଥିଲେ । ବିଷ୍ଣୁଙ୍କର ସେଇ ନାମଟି ଏ ପର୍ଯ୍ୟନ୍ତ ଭରତରେ ପ୍ରତିଷ୍ଠିତ ରହିଅଛି । ତାହାହିଁ ବିଷ୍ଣୁଙ୍କର ପ୍ରଧାନ ନାମ ଓ ପରିଚୟ ରୂପେ ଭରତରେ ସର୍ବତ୍ର କଥିତ ହୁଏ ।

ଏଇ ବୈଷ୍ଣବଧର୍ମର ଆଦିକାଳ ଓ ଆବିର୍ଭାବ କଥା ବିଗ୍ଭର କଲେ ଜଣାଯାଏ ଏହାର ଆଦି ନାମ ହେଉଚି ବାସୁଦେବ ଧର୍ମ ଓ ବ୍ୟାକରଣକାର ପାଣିନିଙ୍କ କାଳକୁ ଏହା ପ୍ରତିଷ୍ଠିତ ହୋଇ ଯାଇଥିଲା । ଖ୍ରୀଷ୍ଟପୂର୍ବ ୨ୟ ଶତାବ୍ଦୀରୁ– ଏ ବିଷୟରେ ମଧ୍ୟ ନିର୍ଦ୍ଦିଷ୍ଟ ଶିଳାଲେଖ ଘଟିତ ସଂକେତମାନ ମିଳୁଚି । ଶ୍ରୀମଦ୍ ଭଗବତ ଗୀତାରେ ମଧ୍ୟ କୁହାଯାଇଚି–

"ବାସୁଦେବଃ ସର୍ବ ମିତି,
ସମହାତ୍ମା ସୁଦୁର୍ଲଭଃ ।"

(ବାସୁଦେବ ସବୁ ବୋଲି ବୁଝୁଥିବା ମହାପୁରୁଷ ଅତି ଦୁର୍ଲଭ) । ଏଇ ବାସୁଦେବ ଭବଟି ଭକ୍ତ କଳ୍ପିତ ଓ ପ୍ରତିଷ୍ଠିତ ଈଶ୍ୱରଙ୍କ ଅବତାର ଭବରୁ ବାହାରି ଥିଲା । ଏହା ସାଂଖ୍ୟ ବା ଯୋଗ ଦର୍ଶନର ପରବର୍ତ୍ତୀ କାଳରେ ପ୍ରକାଶ ପାଇଥିବ ବୋଲି ଅନୁମାନ ହୁଏ !

ଏଇ ବାସୁଦେବ ଖୁବ୍ ସମ୍ଭବ ହେଉଚନ୍ତି କୃଷ୍ଣ ବା ଯାଦବ କୁଳର କୃଷ୍ଣ । ଶ୍ରୀମଦ୍ ଭଗବତଗୀତା ଲେଖା ହେଲବେଳକୁ ଏଇ କୃଷ୍ଣ, ବିଷ୍ଣୁ, ଈଶ୍ୱର ଓ ପୁରୁଷୋତ୍ତମ ସମସ୍ତେ ଏକ ହୋଇ ଯାଇଥିଲେ ବୋଲି ଗୀତାରେ ୧୫ଶ ଅଧ୍ୟାୟରେ ଅଛି ।



Digitized by PPRACHIN, SOA

ଏଠାରେ କିନ୍ତୁ ପୁରୁଷୋତ୍ତମଙ୍କ ସଙ୍ଗେ ସାଂଖ୍ୟର ପୁରୁଷ ବା ଯୋଗ ଦର୍ଶନର ପ୍ରଧାନ ପୁରୁଷ, ଏକ ଅତି ସ୍ୱତନ୍ତ୍ର ଓ ନୂତନ ବ୍ୟାଖ୍ୟାରେ ପ୍ରକାଶିତ ହୋଇଚନ୍ତି । ସେ ବ୍ୟାଖ୍ୟାର କଥା ଏଠାରେ କହିବା ଦରକାର ନାଇ । ଅବଶ୍ୟ ସେଠାରେ ବିଶ୍ୱାତ୍ମା ସଙ୍ଗେ ଜୀବାତ୍ମା ବା ପ୍ରତ୍ୟଗାତ୍ମାର ସମ୍ପର୍କ ହେଉଚି—ଦୁହେଁ ଏକ । ମାତ୍ର ଗୋଟିଏ କଥା ଲକ୍ଷ୍ୟ କରିବାର ଅଛି, ଏଇ ଜଗନ୍ନାଥ ଭୂମିର କୌଣସି ପୁରୁଷୋତ୍ତମ ସେତେବେଳକୁ ଲୋକରେ ଉପାସ୍ୟ ରୂପେ ପ୍ରତିଷ୍ଠିତ ଥିଲେ । ସେଇ ପୁରୁଷୋତ୍ତମ ହେଉଚନ୍ତି କୃଷ୍ଣ ଓ ସମସ୍ତ ଅବତାରର ଅବତାରୀ । ଏଥିପାଇଁ ଗୀତାରୁ ଗୋଟିଏ ଶ୍ଲୋକାଂଶ ପ୍ରତି ଲକ୍ଷ୍ୟ କରିବାର ଅଛି । ଶ୍ଲୋକାଂଶଟି ହେଉଛି—

"ଅତୋଽହଂ ଲୋକେ ବେଦେଚ,
ପ୍ରଥିତଃ ପୁରୁଷୋତ୍ତମଃ ।"

(ଏଇ ହେତୁରୁ ମୁଁ ବେଦ ବା ଜ୍ଞାନରେ ତଥା ଲୋକେ ବା ଉପାସକ ଲୋକମାନଙ୍କ ପାଖେ ପୁରୁଷୋତ୍ତମ ବୋଲି ପ୍ରତିଷ୍ଠିତ ରହିଛି । )

ଏଠାରେ ପୁରୁଷୋତ୍ତମ ବୋଲି ଲୋକଙ୍କ ଭିତରେ କୌଣସି ଉପାସ୍ୟ ଦେବଙ୍କ ପ୍ରତି ସ୍ପଷ୍ଟ ଲକ୍ଷ୍ୟ କରାଯାଇଚି । ଏ ଅବଶ୍ୟ ବହୁକାଳର କଥା । ବର୍ତ୍ତମାନ ଗୀତା ଯେଉଁ ଆକାରରେ ଅଛି ସେ ଆକାରରେ ତାହା ରହିଲା ବେଳକୁ ଏ ପୁରୁଷୋତ୍ତମ କେଉଁଠାରେ ନା କେଉଁଠାରେ ଅଛନ୍ତି ।

ପ୍ରଥମ କଥା, ମହାଭାରତର ନାମ ପ୍ରଥମରୁ ଥିଲା ଜୟ । ତା'ପରେ ତା'ର ନାମ ହେଲା ଭାରତ । ପରେ ମହାଭାରତ ନାମରେ ତାହା ସମ୍ପାଦିତ ଓ ପ୍ରକାଶିତ ହେଲା । ପୂର୍ବରୁ ହେଉ ବା ନ ହେଉ, ମହାଭାରତ ରୂପେ ସଂପାଦିତ ହେଲାବେଳକୁ ସେ ଗ୍ରନ୍ଥରେ ବିଷ୍ଣୁ, ଅର୍ଥାତ୍ ବାସୁଦେବ—କୃଷ୍ଣ ରୂପୀ ବିଷ୍ଣୁ, ତଥା ବୈଷ୍ଣବଙ୍କର ପ୍ରତିଷ୍ଠା ଓ ପ୍ରତିପତ୍ତି ଖୁବ୍ ପ୍ରକଟିତ ହୋଇଯାଇଚି । ବୁଝିବାରେ ଅସୁବିଧା ନାଇ ଯେ ଶ୍ରୀମଦ୍-ଭଗବଦ୍‌ଗୀତା ଭଳି ଅଂଶମାନ ବିଶେଷ ଭାବରେ ତତ୍‌କାଳୀନ ବୈଷ୍ଣବ ମାନଙ୍କର କୃତି । ସେ କାଳ କେବେ ? ମନେ ହେଉଚି, ତାହା ଜୟ ବା



Digitized by PPRACHIN, SOA

ଭରତ ନାମରେ ବିଦିତଥିବା ମହାଭାରତର କାଳ ହୁଏତ ନୁହେ । ତଥାପି ତାହା ଖୁବ୍ ଅର୍ବାଚୀନ ମଧ୍ୟ ନୁହେ । ହେଲେ ହୋଇଥିବ, ଏହା ଖ୍ରୀଷ୍ଟାବ୍ଦ ୧ମ ଓ ୨ୟ ଶତାବ୍ଦୀ ଭିତରେ । କିମ୍ବା ହୁଏତ ତାହାଠାରୁ ଆଉରି ଟିକିଏ ପ୍ରାଚୀନ । କାରଣ ଭଗବଦ୍ ଗୀତା ରଚନା ବେଳକୁ ଶାକ୍ୟ ମୁନି ବୁଦ୍ଧଙ୍କ ମଧ୍ୟ ସଂଥାଗତ ଜୈନଧର୍ମର ସଂସ୍କାର ବହୁ ପ୍ରତିଷ୍ଠିତ ହୋଇ ସାରିଥିଲା । ତାହାର ସ୍ପଷ୍ଟ ସଂକେତମାନ ଗୀତାର ୬ଷ୍ଠ ଅଧ୍ୟାୟରେ ଅଙ୍ଗଗ୍ରଳନା ମୂଳକ 'ଧ୍ୟାନଯୋଗ'ର କଥା କହିସାରି ମୁକ୍ତିକୁ 'ନିର୍ବାଣ ପରମାଶାନ୍ତି' ବୋଲି କୁହାଯାଇଚି । ତାରି ଠିକ୍ ପରେ କୁହାଯାଇଚି,

"ନାତ୍ୟ ଶ୍ନତସ୍ତୁ ଯୋଗୋଽସ୍ତି ନ ଚୈକାଂତମନଶ୍ନତଃ
ନା ଗ୍ରତି ସ୍ୱପ୍ନ ଶୀଳସ୍ୟ ଜାଗ୍ରତୋ ନୈବ ଗ୍ରର୍ଜୁନ ।
ଯୁକ୍ତାହାର ବିହାରସ୍ୟ ଯୁକ୍ତ ଚେଷ୍ଟସ୍ୟ କର୍ମସୁ
ଯୁକ୍ତ ସ୍ୱପ୍ନାବ ବୋଧସ୍ୟ ଯୋଗୋ ଭବତି ଦୁଃଖହା" ।

ଅର୍ଥାତ୍, ଅତି ଭୋଜନୀ ( ପେଟୁ ବା ବିଳାସୀ ), ଏକାବେଳେକେ ଉପବାସୀ ( ଇନ୍ଦ୍ରିୟ ଭୋଗହୀନ ), ଭରି ନିଦ୍ରାଳୁ ( ବା ଅଳସୁଆ ), ଅତି ଉଜାଗର ( ବା ସବୁ କରି ପକାଇବାକୁ ଛଟପଟ ହେବା ) ଲୋକ– ଏଇପରି ଯୋଗ ସାଧିବା ଲୋକର ଯୋଗ ହୁଏ ନାଇ । ଯେ ଯେତିକି ଦରକାର ସେତିକି ଆହାର ବିହାର କରେ ଓ ସେଇପରି ଭବରେ କର୍ମଯୁକ୍ତ ହୁଏ, ପୁଣି ସେଇ ନିୟମରେ ଶୋଇବା, ଉଠିବା, ଖାଇବା ପ୍ରଭୃତି ଠିକ୍ ରଖେ, ସେଇ ଲୋକ ପକ୍ଷରେ ଏକା ଯୋଗ ଦୁଃଖ ଭଞ୍ଜକ ହୁଏ ।

ମୋଟ କଥା ହେଉଚି, ଯୋଗ ସାଧିବାରେ ବହୁ ବ୍ରତ ଉପବାସାଦି ଓ ଉର୍ଦ୍ଧ୍ୱବାହୁ, ସଂଗ୍ରଗ୍ନି ପ୍ରଭୃତିର ସାଧନା କରାଯାଇଥାଏ । ସେପରି କଲେ ମୋକ୍ଷ, ପରକର୍ମ, ସାଧନା ହୁଏ ନାଇ । ସାଧାରଣ ମନୁଷ୍ୟ ପରି ରହି ଅନାସକ୍ତହିଁ ଯୋଗୀ ହୁଏ ବୋଲି କହିଚନ୍ତି । ଗୀତାରେ କୁତ୍ରାପି ଅଦ୍ଭୁତ କର୍ମ ବା ଅତି ସାଧନାର ଉଲ୍ଲେଖ ନାଇ । ସାଧାରଣ ମାନବ ପରି ଚଳି ମୋକ୍ଷ ସାଧନା କରିବାକୁ ହୁଏ । ସାଧନା, ମନ ବା ବୁଦ୍ଧିରେ ଶାରୀରିକ



Digitized by PPRACHIN, SOA

କର୍ମାଦିରେ ନୁହେଁ । ଅବତାରୀ ବା ଯୋଗୀ ବୈରାଗୀଙ୍କ ଆଚରିତ କାର୍ଯ୍ୟ-ସବୁ ମଧ୍ୟ ଯୋଗ ବା ମୋକ୍ଷ ସାଧନାର ଅଂଗ ନୁହେ ।

ଅତଏବ ଗୀତାର ଟୀକାସବୁ ବୁଦ୍ଧଦେବଙ୍କ ପରବର୍ତ୍ତୀ କାଳର ଲେଖା । ପୁଣି ଶଙ୍କରାଚାର୍ଯ୍ୟଙ୍କ ଭାଷ୍ୟଲେଖା ବେଳକୁ ବହୁ ଶତାବ୍ଦୀ ପୂର୍ବରୁ ଗୀତା ପ୍ରତିଷ୍ଠିତ ହୋଇ ସାରିଥିଲା ବୋଲି ଅନୁମାନ କରିବାରେ ବାଧା କିଛି ନାଇ ।

ଆଉ ଗୋଟିଏ କଥା, ଗୀତାରେ ଶାକ୍ୟମୁନି ବୁଦ୍ଧଙ୍କ ମଧ୍ୟ ପନ୍ଥାର ବର୍ଣ୍ଣନା ସଂପର୍କରେ ମହାଯାନ ବୁଦ୍ଧର କୌଣସି ସଂପର୍କ ନାଇ । ମୌଳିକ ବା 'ଥେରବାଦୀ' ବୁଦ୍ଧଙ୍କର ବୁଦ୍ଧ ହେଉଚନ୍ତି ସାଧନାରେ ସିଦ୍ଧବ୍ୟକ୍ତି । ସେ ବୁଦ୍ଧ–ଭଗବାନ ନୁହନ୍ତି । ସେ ମହାଯାନୀମାନଙ୍କ ମତରେ ହୋଇଥିଲେ କରୁଣାମୟ ଭଗବାନ । ସେଠାରୁ ସେ ନାନା ଭାବରେ ଧ୍ୟାନୀବୁଦ୍ଧ ଓ ନାରୀ ସହବାସ ନିବଦ୍ଧ ବୁଦ୍ଧ ରୂପରେ ପ୍ରକାଶ ପାଇଥିଲେ । ସେ ସବୁ ପରବର୍ତ୍ତୀ କାଳର କଥା । ମାତ୍ର ମହାଯାନର ବୁଦ୍ଧ ପ୍ରାୟ ଖ୍ରୀଷ୍ଟପୂର୍ବ ୧ମ ବା ୨ୟ ଶତାବ୍ଦୀ କାଳର, ଅର୍ଥାତ୍ ଏହାଠାରୁ ପ୍ରାଚୀନ । ,

ଧରାଯାଉ, ଗୀତାର ପୁରୁଷୋତ୍ତମ କଥାଟି ଏହି ସମୟ ବା ଏହା ପୂର୍ବର କଥା । ( ଏଇ ପୁରୁଷୋତ୍ତମ ସେତେବେଳକୁ ଲୋକରେ ପ୍ରତିଷ୍ଠିତ ଥିବା କଥା କୁହାଯାଇଚି । ଭାରତରେ ପୁରୁଷୋତ୍ତମ ପୁରୀ ବା ପୁରୀ ଛଡ଼ା ଅନ୍ୟ କୁତ୍ରାପି ପୁରୁଷୋତ୍ତମ ନାମଧାରି ଉପାସ୍ୟ ଦେବତା କେବେ କେଉଁ-ଠାରେ ଥିବାର ଜଣାନାଇ ) । ଅବଶ୍ୟ ପରେ ଗତ ୪, ୫ ଶତାବ୍ଦୀ ମଧ୍ୟରେ ଜଗନ୍ନାଥ ଓ ତାଙ୍କ ରଥଯାତ୍ରା ପ୍ରଭୃତିର ଅନୁକରଣ ସ୍ୱତନ୍ତ୍ର । ଏଇ ପୁରୁଷୋତ୍ତମ ନାମଟି ବହୁ ଦେବ ବିଗ୍ରହରେ ଯୋଡ଼ା ଯାଇଥିବାର ଜଣାଯାଏ । କିନ୍ତୁ ସେ ସବୁର ସ୍ଥାନ ଏ ଆଲୋଚନାରେ ନାଇ । ସେ ସବୁ ଏଇ ପୁରୁଷୋତ୍ତମ ସଂସ୍କୃତିର ପ୍ରସାର ପ୍ରକାଶ ମାତ୍ର । ତେଣୁ ଗୀତା କାଳକୁ ପୁରୀରେ ପୁରୁଷୋତ୍ତମ ବୋଲି କୌଣସି ଉପାସ୍ୟ ବସ୍ତୁ ଥିଲା, ଏହା ନିରାପଦରେ କୁହାଯାଇ ପାରେ ।

ପୁରୀରେ ପୁରୁଷୋତ୍ତମ ଅଧିଷ୍ଠାନ ଥିବା କଥା ଅନ୍ତତଃ ଶ୍ରୀମଦ୍ଭଗବଦ୍ ଗୀତା କାଳରୁ ଅର୍ବାଚୀନ ନୁହେ । ଗୀତାର କାଳମଧ୍ୟ ମନେହୁଏ ଅନ୍ତତଃ



Digitized by PPRACHIN, SOA

ବାସୁଦେବ ଧର୍ମର ୩, ୪ ଶହ ବର୍ଷରୁ ବେଶୀ ନୂଆ ହେଲଭଳି ମନେ ହେଉ ନାଇ । ପୁଣି ଗୋଟିଏ ସ୍ୱତନ୍ତ୍ର କଥା ଏଠାରେ ଦେଖିବାର ଅଛି ଯେ ଗୀତା ବେଳକୁ ପୁରୁଷୋତ୍ତମ ପୁରୀ ବା ପୁରୁଷୋତ୍ତମ କ୍ଷେତ୍ର ମଧ୍ୟ ଭାରତରେ ସଂସ୍କୃତି ପୀଠ ରୂପେ ପ୍ରକାଶ ପାଇ ସାରିଥିଲ ।

ଏଇ ପୁରୁଷୋତ୍ତମଟି କଣ, ତାହାର ଟିକିଏ କଳନା କରଯାଉ ।

ସିଂହଳ ଦାଠା ବଂଶରେ ତଥା ମହାବଂଶ ପ୍ରଭୃତିରେ ପ୍ରବଚନ ଅଛି, ବୁଦ୍ଧଦେବଙ୍କ ପରେ ତାଙ୍କ ବାଁପଟ ବିଶି ଦାନ୍ତଟି ସଂଗ୍ରହ କରି ତାଙ୍କ ଶିଷ୍ୟମାନେ ଥେରକ୍ଷେମଙ୍କ ହାତେ ତାହା କଳିଙ୍ଗ ରଜ ବ୍ରହ୍ମଦତ୍ତଙ୍କ ପାଖକୁ ପଠାଇ ଦେଇଥିଲେ ।

ଏବେ ବ୍ରହ୍ମଦତ୍ତ କଥାଟି ବୌଦ୍ଧ ଆଖ୍ୟାୟିକା ମାନଙ୍କରେ ବହୁତ ଦେଖାଯାଏ । ଅନ୍ୟ ଅନ୍ୟ ଦେଶର ରଜାମାନଙ୍କ ନାମ ମଧ୍ୟ ସେଇ ବ୍ରହ୍ମଦତ୍ତ ବୋଲି କିମ୍ବଦନ୍ତୀରେ ଅଛି । ତା'ପରେ କଳିଙ୍ଗ ରଜ ବୌଦ୍ଧ ଧର୍ମର ବା କିଏ ଥିଲେ ? ତା' ମଧ୍ୟ ବୁଝିବାର ଅଛି । ବୁଦ୍ଧ ନିଜ ଜୀବଦ୍ଦଶାରେ କଳିଙ୍ଗ ସଙ୍ଗେ କୌଣସି ସମ୍ପର୍କ ରଖିଥିବାର ପ୍ରମାଣ ନାଇ । କିମ୍ବା ଉତ୍ତର ଭାରତର କୌଣସି କିମ୍ବଦନ୍ତୀରେ ବୁଦ୍ଧ ଶିଷ୍ୟମାନଙ୍କର ଏପରି ଦନ୍ତ ପଠାଇ ଥିବା ଉପାଖ୍ୟାନର କୌଣସି ଉଲ୍ଲେଖ ମିଳୁ ନାଇ । ଏ ଉପାଖ୍ୟାନଟି କେବଳ ସିଂହଳର ।

ସିଂହଳରେ ବିଶେଷତଃ 'ଦାଠା' ବଂଶରେ କଳିଙ୍ଗରେ ଏଇ ବୁଦ୍ଧଦେବଙ୍କର ଗୋଟିଏ ବିରଟ ଇତିହାସ ଅଛି । ସେଥିରେ ଆଠଶହ ବର୍ଷରୁ ଅଧିକ କାଳ ସମସ୍ତ ଉତ୍ତର ଭାରତ, (ବିଶେଷତଃ ମଗଧ)ର ସମ୍ରାଟ ଓ ମୁଖ୍ୟ ବ୍ୟକ୍ତିମାନେ ଏଇ ଦନ୍ତକୁ କଳିଙ୍ଗରୁ ବଳପୂର୍ବକ ଘେନିଯାଇ ନିଜର କରିବାର ଘୋର ପ୍ରଯତ୍ନମାନ କରିଥିବାର ଉଲ୍ଲେଖ ଅଛି । ସେଇ ସମ୍ପର୍କରେ ଉତ୍ତର ଭାରତରେ ତଥା ମଗଧ ପ୍ରଭୃତି ସ୍ଥାନରେ ଏଇ ଦନ୍ତର ଅଦ୍ଭୁତ ପ୍ରଭାବ ଓ ଘୋର ପ୍ରତିପତ୍ତି ବିଷୟରେ ବହୁ ଉପାଖ୍ୟାନ ଦେଖିବାକୁ ମିଳେ । ଉତ୍ତର ଭାରତକୁ ବା ସେ କାଳର ଭାରତ ବର୍ଷକୁ ଏପରି ପ୍ରଭାବିତ କରିବା ଭଳି



Digitized by PPRACHIN, SOA

ସେତେବେଳେ ଆଉ କିଛି ଥିବାର ଉଲ୍ଲେଖ ଏ ପର୍ଯ୍ୟନ୍ତ ମିଳି ନାଇ । ଏ ସବୁ ଇତିହାସର ଶେଷ ପର୍ଯ୍ୟାୟ ହେଉଚି ଏଇ କଳିଙ୍ଗ ରଜାଙ୍କ ଝିଅ ଓ ଜ୍ୱାଇଁ ଓ ଦନ୍ତକୁମାରୀଙ୍କ ସଙ୍ଗେ ଏଇ ଦନ୍ତ ଗୋପନରେ ସିଂହଳକୁ ପଠାଇ ଦିଆ ଯାଇଥିଲା । ତାହାର ନିର୍ଦ୍ଦିଷ୍ଟ ସମୟ ଜଣାଯାଉଚି । ସେ ହେଉଚି ୩୧୦ ଖ୍ରୀଷ୍ଟାବ୍ଦ । ସେଇ ଦାସ ବଂଶରୁ ସଂଗୃହୀତ ହୋଇଥିବା ଦନ୍ତର ଇତିହାସ (Story of the tooth) ନାମକ ଜଣେ ପର୍ତୁଗୀଜ ମିଶନାରୀଙ୍କ ସଂଗୃହୀତ ଗ୍ରନ୍ଥରେ ଉଲ୍ଲେଖ ଅଛି :— ଏଇ ଦନ୍ତ ନାନା ସ୍ଥାନରେ ପ୍ରତିଷ୍ଠିତ ରହି କାଳକ୍ରମେ ନାନା ଭବରେ ଅନେକ ସ୍ଥାନକୁ ପଠାଇ ଦିଆଯାଇଚି । କିନ୍ତୁ ଏ କଥା ଲୋକରେ ପ୍ରତିଷ୍ଠିତ ଯେ ଯୁଆଡ଼େ ପଠାଇ ଦେଲେ ମଧ୍ୟ ଦନ୍ତଟି ପୂର୍ବରୁ ଥିବା ସ୍ଥାନରେ ଅବିକଳ ରହିଛି ଓ କୃତ୍ରିମ ଦନ୍ତ ପଠାଇ ଦିଆଯାଇଚି ।

ଏଇ ସ୍ଥାନର ବା ପୁରୁଷୋତ୍ତମ କ୍ଷେତ୍ରର ଭରତ ବ୍ୟାପୀ ବିଭୂତି ସମ୍ବନ୍ଧରେ ଆଉ ଗୋଟିଏ ଉପାଖ୍ୟାନ ମଧ୍ୟ ଅଛି । ଖାଲି ଉପାଖ୍ୟାନ କାହିଁକି ଇତିହାସରେ ମଧ୍ୟ ଏହାର ସଂକେତ ଅଛି । ଖାରବେଳ ବୋଲି ଖ୍ରୀଷ୍ଟ ପୂର୍ବ ପ୍ରଥମ ଶତାବ୍ଦୀରେ ବା ଆଉ ଶହେ ଖଣ୍ଡେ ବର୍ଷ ଆଗରୁ କଳିଙ୍ଗରେ ଜଣେ ସମ୍ରାଟ ଥିଲେ । ତାଙ୍କ ଶିଳାଲେଖ ଭୁବନେଶ୍ୱର ଉଦୟଗିରିର ହାତୀ ଗୁମ୍ଫାରେ ମିଳୁଚି । ସେଥିରୁ ଜଣାପଡୁଚି, ଏଇ ଓଡ଼ିଶାରେ ଖୁବ୍ ସମ୍ଭବ ପୁରୁଷୋତ୍ତମ ପୁରୀରେ ଗୋଟିଏ ଜିନାସନ ଥିଲା । ସେ ଜିନାସନଟି କ'ଣ ଥିଲା, ତାହା କହି ହେଉ ନାଇ । କିନ୍ତୁ ତାକୁ ଉପାସନା କରିବା ପାଇଁ ବା ହିନ୍ଦୁ ଉପାସ୍ୟରେ ପରିଣତ କରିବା ପାଇଁ ଭରତ ବର୍ଷ ତଥା ମଗଧରେ ବହୁ ଚଞ୍ଚଳତା ଓ ଆଗ୍ରହ ଅନେକ ଶତାବ୍ଦୀ ଧରି ଚ୍ଲିଥିଲା । ଖାରବେଳଙ୍କର କେତେକ ଶତାବ୍ଦୀ ପୂର୍ବରୁ ମଗଧ ରଜା କଳିଙ୍ଗକୁ ଜିଣି ଏଇ ଜିନାସନଟି ଘେନି ଯାଇଥିଲେ । ସେ ତାକୁ ଫିଙ୍ଗି ଦେଇ ନ ଥିଲେ କି ଧ୍ୱଂସ କରି ଦେଇ ନଥିଲେ । ଖୁବ୍ ସମ୍ଭବ ହିନ୍ଦୁ ଦେବ ରୂପେ ପୂଜା କରିବା ତାଙ୍କର ଉଦ୍ଦେଶ୍ୟ ଥିଲା । କାରଣ ନନ୍ଦରଜା ଥିଲେ ହିନ୍ଦୁ । ସେ କାଳେ ଦେବ ମୂର୍ତ୍ତି ଭଙ୍ଗିଦେବା ବା ଧ୍ୱଂସ କରିବାର ରୀତି ନଥିଲା । ଦେବ ଦେବୀ ତଥା ସ୍ମାରକ କୀର୍ତ୍ତି ମାନଙ୍କର ସର୍ବତ୍ର ସମାନ ଆଦର ଥିଲା । ଏହା କେବଳ



Digitized by PPRACHIN, SOA

ଭାରତବର୍ଷ ନୁହେ, ପ୍ରାଚୀନ ସୁମେର, ବ୍ୟାବିଲୋନ, ଅସୁର ଦେଶ ପ୍ରଭୃତିରେ ଇତିହାସରେ ମଧ୍ୟ ଇତର ବିଶେଷ ଏହାଇ ଦେଖାଯାଏ ।

ଖାରବେଳ ସେଇ ଜିନାସନଟିକୁ ଜିଣି ଫେରାଇ ଆଣିବା ପାଇଁ ମଗଧକୁ ଜୈତ୍ରଯାତ୍ରା କରିଥିଲେ ଓ ସେଠାରେ ମଗଧ ସମ୍ରାଟଙ୍କୁ ଜିଣି ତାହା ପୁଣି ଓଡ଼ିଶାକୁ ଘେନି ଆସିଥିଲେ ।

ତୃତୀୟତଃ 'ଦେଉଳ ତୋଳା' ବୋଲି ଓଡ଼ିଶାରେ ଗୋଟିଏ ପରଂପରା ଓ ଲିଖିତ ଗ୍ରନ୍ଥ ମଧ୍ୟ ଅଛି । ସେ ଗ୍ରନ୍ଥ ଛପା ହୋଇଚି । ସେଇ ଗ୍ରନ୍ଥରୁ ଜଣାଯାଉଚି, ସେ ଅତି ପ୍ରାଚୀନ ଗ୍ରନ୍ଥ ହେଲେ ମଧ୍ୟ ଏବେ ଓଡ଼ିଆ ଛପା ବହିରେ ଲେଖାଯାଇଚି, ତାହା ଅର୍ବାଚୀନ ସ୍କନ୍ଦ ପୁରାଣରୁ ନିଆଯାଇଚି ବୋଲି । କିନ୍ତୁ ତା' ନୁହେ । ଯେ କୌଣସି ଲୋକ ସ୍କନ୍ଦ ପୁରାଣର କିମ୍ବଦନ୍ତୀ ସଙ୍ଗେ ତାକୁ ମିଳାଇ ଦେଖିଲେ ବୁଝି ପାରିବେ, ସ୍କନ୍ଦ ପୁରାଣ ସଙ୍ଗେ ତାହାର ସମ୍ପର୍କ ନାଇ । ସ୍କନ୍ଦ ପୁରାଣ ଏହାଠାରୁ ଅତି ଅର୍ବାଚୀନ । ସେ ବିଷୟକ କୌଣସି ତାଳପତ୍ର ଗ୍ରନ୍ଥ ମୁଁ ଏ ପର୍ଯ୍ୟନ୍ତ ପାଇନାଇ । ମାତ୍ର ସେ ବିଷୟରେ ବିଶେଷ ବିଚାର କରିବା ଏଠାରେ ଦରକାର ନାଇ ।

ସେଥିରେ ଅଛି, ଏବେ ଜଗନ୍ନାଥରେ ଯେଉଁ ମୂର୍ତ୍ତିମାନ ଅଛି ସେ ସବୁ କିଛି ସେଠାରେ ନ ଥିଲା । ସେ ସ୍ଥାନରେ 'ନୀଳମାଧବ' ବୋଲି କୌଣସି ଗୋଟିଏ ଉପାସ୍ୟ ଜିନିଷର ପୂଜା ଥିଲା । ଖୁବ୍ ସମ୍ଭବ ସେଇ ନୀଳମାଧବଟି ହେଉଚି, ଗୋଟିଏ କଳା ମୁଗୁନି ପଥର । କାହିଁକିନା, ଓଡ଼ିଶାର ପାଲଲହଡ଼ା ପ୍ରଭୃତି ରାଜ୍ୟମାନଙ୍କରେ ଏବେ ମଧ୍ୟ ଶବର ଶ୍ରେଣୀର ଲୋକେ ନୀଳମାଧବ ବୋଲି ଗୋଟିଏ କଳାପଥର ପୂଜା କରନ୍ତି ।

ଅବଶ୍ୟ ସେ ନୀଳମାଧବ ବିଷୟରେ ଏକ ସ୍ୱତନ୍ତ୍ର ଆଲୋଚନା ଦରକାର । ଏଠାରେ କେବଳ କହିବାର କଥା ଯେ ଏଇ ନୀଳମାଧବ ପ୍ରତିପତ୍ତି ଭାରତ ବର୍ଷରେ ଖୁବ୍ ପ୍ରଖ୍ୟାତ ଥିଲା । ଏଇ ଭାବରେ ପ୍ରଭାବିତ ହୋଇ ଭାରତ ବର୍ଷର ରାଜା, ସମ୍ରାଟମାନେ ଓ ବିଶିଷ୍ଟ ଲୋକେ ଏହାକୁ ନିଜର କରି ବିଷ୍ଣୁ ରୂପେ ପୂଜା କରିବାକୁ ଚଞ୍ଚଳ ହୋଇ ଉଠିଥିଲେ ଓ ସେଇ ସୂତ୍ରରେ ସେଇ ନୀଳମାଧବ ସଂପୂର୍ଣ୍ଣ ରୂପେ ବୈଷ୍ଣବ ଭାବରେ ବା



Digitized by PPRACHIN, SOA

ବିଷ୍ଣୁ ରୂପେ ପ୍ରଭବିତ ହୋଇ ଜଗନ୍ନାଥ ବୋଲି ପ୍ରତିଷ୍ଠିତ ହୋଇଥିଲେ । ଏଇ ଜଗନ୍ନାଥ ହେଉଚନ୍ତି ପୁରୁଷୋତ୍ତମ ।

ବୁଦ୍ଧଦନ୍ତର କିମ୍ବଦନ୍ତୀ ସଙ୍ଗେ ଏ ଜିନାସନ ନୀଳମାଧବର କି ସମ୍ପର୍କ, ଏ ଦୁଇଟି ସଙ୍ଗେ ପୁଣି ପୁରୁଷୋତ୍ତମ କିପରି ମିଶି ଜଗନ୍ନାଥରେ ପରିଣତ ହେଲେ, ସେ ସବୁ ଏବେ ମଧ୍ୟ ପଣ୍ଡିତ ମାନଙ୍କର ଗବେଷଣାର ବସ୍ତୁ ହୋଇ ରହିଚି । ଆଉ ଅଧିକ ଏ ବିଷୟରେ ବୟାନକଲେ କେବଳ କିମ୍ବ-ଦନ୍ତୀର ଉପାଖ୍ୟାନ ଉପରେ ଉପାଖ୍ୟାନ ଗଢ଼ିବାକୁ ହେବ ।

ଏବେ କିନ୍ତୁ ଆମର ଗୋଟିଏ କଥା ଦେଖିବାର ଅଛି । ସେ ହେଉଚି ଭରତକୁ ଦାନ — ଭରତ ସଂସ୍କୃତିରେ ଉତ୍କଳର ପ୍ରଭବ । ଯେଉଁ ପ୍ରାଚୀନ ପରଂପରର କଥା କୁହାଗଲା, ସେଥିରେ ଏ ପ୍ରଭବର କଥା ବହୁତ ଅନୁମାନ କରଯାଇ ପାରେ । ଏବେ ଇତିହାସରେ ସ୍ପଷ୍ଟ ପ୍ରମାଣ ମିଳୁଥିବା କଥାଟି ଟିକିଏ କହେ । ଗବେଷକମାନେ ମଧ୍ୟ ଏହାର ବିଶେଷ ବିଗ୍ଚର କରିବେ ।

ମୁସଲମାନ ବିଜୟରେ ୧୦୨୬ ଖ୍ରୀଷ୍ଟାବ୍ଦରେ ଗଜନୀର ସୁଲ୍‌ତାନ ମାମୁଦଙ୍କ ହସ୍ତେ ପଶ୍ଚିମ ଭରତରେ ସୋମନାଥ ପୀଠ ବିଧ୍ୱସ୍ତ ହେଲ । ସୋମନାଥ ଭରତରେ କି ବସ୍ତୁଥିଲ ତାହା ଜାଣିବା ସହଜ ନୁହେ । ସେଠାରେ ବହୁ ସହସ୍ର ଦେବଦାସୀ ଓ ତତୋଧିକ ସଂଖ୍ୟାରେ ପୁରେହିତ ଅତି ସମାରେହରେ ଭରତର ଧର୍ମଧ୍ୱଜା ଟେକି ରଖିଥିଲେ । ବହୁକୋଟି ଟଙ୍କା ବର୍ଷକୁ ଆମଦାନୀ ହେଉଥିଲ । ଯାତ୍ରୀ ସମାଗମ ବିଷୟରେ ଏବର ଜଗନ୍ନାଥ ତଥା ତିରୁପତି (ଭେଙ୍କଟେଶ୍ୱର) ଠାରୁ ସେଠାରେ ଆଉରି ସମ୍ଭାର ଓ ସମାରେହ ପ୍ରକାଶ ପାଇଥିଲ । କହିଲେ ଅତୁକ୍ତି ନୁହେ ଯେ ସମଗ୍ର ଭରତରେ ଏହାଥିଲ ସେ କାଳର ଯେପରିକି ଏକମାତ୍ର ହିନ୍ଦୁ ତୀର୍ଥ କ୍ଷେତ୍ର ।

ସେ ଗଲ ପ୍ରାୟ ଦୁଇ ଶତାବ୍ଦୀ ଭିତରେ ଭରତର ହିନ୍ଦୁ ଜଗତ ମୁସଲମାନଙ୍କ ବିଜୟ ଓ ବିଶେଷରେ ଦେବ ମନ୍ଦିର ଓ ପୀଠ ସାମଗ୍ରୀ ପ୍ରଭୃତିର ଧ୍ୱଂସରେ ଅତ୍ୟନ୍ତ ଜର୍ଜରିତ ହୋଇ ପଡ଼ିଲ । ଏଣେ ବକ୍ତିୟାର ଖିଲିଜିର ବଙ୍ଗ ବିଜୟଠାରୁ ତେଣେ ମଲ୍ଲିକ କାପୁରଙ୍କର ଦିଲ୍ଲୀରୁ କୁମାରିକା ପର୍ଯ୍ୟନ୍ତ ଜୈତ୍ର ଯାତ୍ରାର ତୀବ୍ର ତେଜରେ ହିନ୍ଦୁଙ୍କର ନିଶ୍ୱାସ ମାରିବାକୁ ଆଉ



Digitized by PPRACHIN, SOA

ସ୍ଥାନ ନଥିଲା । ଏତିକିବେଳେ ଓଡ଼ିଶାରେ ସାମ୍ରାଜ୍ୟ ବିସ୍ତାର କଲେ କଳିଙ୍ଗର ଗଙ୍ଗବଂଶୀମାନେ । ତାଙ୍କ ଭିତରେ ପ୍ରଧାନ ଓ ପ୍ରଥମ ସମ୍ରାଟ ହେଲେ ଗଙ୍ଗେଶ୍ୱର ଦେବ ବା ଚୋଡ଼ଗଙ୍ଗ ଦେବ । ସେ ଥିଲେ ଶୈବ, ହେଲେ ଘୋର ବୈଷ୍ଣବ ।

ହିନ୍ଦୁମାନଙ୍କର ପୀଠସ୍ଥଳୀ ଏଇ ପୁରୁଷୋତ୍ତମ କ୍ଷେତ୍ରରେ ସେ ଟେକିବାର ଆରମ୍ଭ କଲେ ଜଗନ୍ନାଥ ଦେବଙ୍କର ଏଇ ଉତ୍ତୁଙ୍ଗ ଦେବାଳୟ । ସେଇଠାରୁ ସର୍ବ ଭାରତର ଧର୍ମ ଧାରଣା ଈଶ୍ୱର ଭକ୍ତି ତଥା ବିଷ୍ଣୁ ଭକ୍ତି ଏଇ ପୁରୁଷୋତ୍ତମରେ ପର୍ଯ୍ୟବସିତ ଓ ପରିପୁଷ୍ଟ ହେଲା । ଭାରତରେ ପ୍ରଧାନ ସଂସ୍କୃତିର କେନ୍ଦ୍ର ମଧ୍ୟ ହେଲା ଏଇ ପୁରୁଷୋତ୍ତମ ପୁରୀ ବା ପୁରୀ । ଏହାର ଭାରତବ୍ୟାପୀ ପ୍ରଭାବ ଏବେ ମଧ୍ୟ ସାରା ଦେଶରେ ସୁବିଦିତ ।

ଏଇପରି ଭାରତକୁ ଉତ୍କଳର ଏ ଦାନ ଓ ଭାରତରେ କାଳେ କାଳେ ହୋଇଥିବା ଓଡ଼ିଶାର ଏଇ ଦାନ ଇତିହାସରେ ଗଭୀର ଗବେଷଣାର ବିଷୟ ହେଲେ ମଧ୍ୟ ଭାରତ ସଂସ୍କୃତିରେ ଏହା ସ୍ମରଣୀୟ ।



Digitized by PPRACHIN, SOA

# ୩. ଓଡ଼ିଶାରେ ଜୈନଧର୍ମ

ଡଃ ଲକ୍ଷ୍ମୀନାରାୟଣ ସାହୁ ଜୈନଧର୍ମ ସମ୍ବନ୍ଧରେ ଯାହା ଲେଖିଛନ୍ତି, ସେ ସମସ୍ତ ଅତ୍ୟନ୍ତ ଉପାଦେୟ ହେଲେ ମଧ୍ୟ ସେ ଜୈନଧର୍ମ ସମ୍ବନ୍ଧରେ ଯେଉଁ ବିଚାର ଓ ଆଲୋଚନା କରିଛନ୍ତି ତହିଁରୁ ଜୈନଧର୍ମ ସମ୍ବନ୍ଧରେ ସମସ୍ତ କଥାଟା ବୁଝାପଡ଼ି ନ ପାରେ । ଖାଲି ଓଡ଼ିଶାରେ ବା ଭାରତରେ କାହିଁକି, ପ୍ରାଚୀନ ସଭ୍ୟ ମାନବସମାଜରେ ଜୈନଧର୍ମର ପ୍ରତିଷ୍ଠା ଓ ପ୍ରତିପତ୍ତି ଖୁବ୍ ଥିଲା । ତାର ସଙ୍କେତ ଓ ନିଦର୍ଶନମାନ ଏବେ ମଧ୍ୟ ମିଳିବ । ଭାରତରେ ଏ 'ଧର୍ମର ପ୍ରତିଷ୍ଠା, ପ୍ରଭାବ ଓ ପ୍ରତିପତ୍ତି ଏବେ ମଧ୍ୟ ସମସ୍ତ ପ୍ରଚଳିତ ଧର୍ମ ମଧ୍ୟରେ ଖୁବ୍ ପ୍ରତିଷ୍ଠିତ ଓ ପ୍ରଚାରିତ ରହିଛି । ଅବଶ୍ୟ ଏ ପ୍ରତିଷ୍ଠା ନାନା କାରଣରୁ ପୁରା ଦେଖା ପଡ଼ିବାଭଳି ନୁହେଁ କିମ୍ବା ଏ ପ୍ରଚାର ଖ୍ରୀଷ୍ଟଧର୍ମ ବା ମୁସଲମାନ ଧର୍ମାଦିର ପ୍ରଚାର ପରି ସେତେ ଆଖି ଆଗରେ ପଡ଼ିବାଭଳି ବସ୍ତୁ ନୁହେଁ ।

## ଜୈନଧର୍ମ ବୋଲି ଏକ ସଂପ୍ରଦାୟ ଏବେ ମଧ୍ୟ ଭାରତରେ ଅଛନ୍ତି

ପୃଥିବୀର ଅନ୍ୟତ୍ର ଜୈନଧର୍ମ ଏବେ ଗୋଟିଏ ସ୍ୱତନ୍ତ୍ର ଧର୍ମଭାବରେ ନାହିଁ ସତ; କିନ୍ତୁ ଏଇପରି ଏହା ଭାରତରେ ଏବେ ବି ଅଛି । ପୁଣି ଏବେ ଭାରତରେ ଜୈନଧର୍ମ ବୋଲି ଯେଉଁ ଧର୍ମଟି ଅଛି, ତା ଅନେକ ପରିମାଣରେ ଆଦାନ ପ୍ରଦାନ ହେତୁ ଅନ୍ୟାନ୍ୟ ଧର୍ମପରି ହୋଇଯାଇଛି । ତେଣୁ ସେଥିରେ ମଧ୍ୟ ଜୈନଧର୍ମର ସ୍ୱରୂପ ବୋଲି ଲକ୍ଷ୍ମୀନାରାୟଣ ବାବୁ ଯାହା କହିଛନ୍ତି, ତାହା ସ୍ପଷ୍ଟ ଦେଖିବା କଷ୍ଟ । ତଥାପି ଭାରତରେ ଜୈନଧର୍ମଟି ଏବେ ମଧ୍ୟ ଚିରସ୍ଥାୟୀ ହୋଇ ରହିଛି ବୋଲି କୁହାଯାଇପାରେ । ବିଶେଷତଃ ଓଡ଼ିଶାରେ ପ୍ରାଚୀନ କଳିଙ୍ଗ କାଳରୁ ଏ ଧର୍ମ ମୁଖ୍ୟଭାବରେ ପ୍ରଭାବ ବିସ୍ତାର

Digitized by PPRACHIN, SOA

କରି ରହିଥିଲା । ତାର ନିଦର୍ଶନମାନ ବହୁତ ଅଛି । ଏବେ ମଧ୍ୟ ତାର ପୂର୍ବ ସଙ୍କେତମାନ ଜଗନ୍ନାଥରେ ଖୋଜାଯାଇ ପାରେ । ଏହାଛଡ଼ା ବୌଦ୍ଧ-ଧର୍ମ ବୋଲି ଯେଉଁ ଧର୍ମଟି ଜୈନଧର୍ମରୁ ଆଜିକୁ ପ୍ରାୟ ୨୫୦୦ ବର୍ଷ ତଳେ ବାହାରିଥିଲା, ତାର ମଧ୍ୟ ଏଇ ସମ୍ପର୍କରେ ବିଶେଷ ଆଲୋଚନା ଦରକାର । ସେଥିର କଳନାରେ ଆଜି ସୁଦ୍ଧା ପାଶ୍ଚାତ୍ୟ ତଥା ଭାରତୀୟ ପ୍ରାଚ୍ୟ ପ୍ରନବିତ୍-ମାନଙ୍କର ବହୁ ଭ୍ରମ ରହି ଆସିଚି । ପୁଣି ଖାରବେଳ ପ୍ରଭୃତିଙ୍କ ସମ୍ବନ୍ଧରେ ମନେରଖିବାକୁ ହେବ, ସେମାନେ ଓ ସେମାନଙ୍କ ଧର୍ମ ଓ ତାଙ୍କ ହଜାରେ ବର୍ଷ ପରର ଧର୍ମ ଜୈନ ନାମରେ କଥିତ ହେଲେ ମଧ୍ୟ ବିଶୁଦ୍ଧ ଜୈନଧର୍ମ ନ ହୋଇପାରେ । ବୌଦ୍ଧଧର୍ମର ପ୍ରଭବ ସେତେବେଳକୁ ଏଥିରେ ଖୁବ୍ ଥିବାପରି ମନେହୁଏ । ଓଡ଼ିଶାରେ ଜୈନଧର୍ମ ନାମରେ ଧର୍ମଟି ମୁଖ୍ୟତଃ ଚଳୁଥିଲେ ମଧ୍ୟ ହୀନଯାନ ବୌଦ୍ଧଧର୍ମ ସଙ୍ଗେ, ତାହା ହୁଏତ ଏକ ହୋଇ-ଯାଇଥିଲା । ବିଶେଷରେ ହୁଏନ୍‌ସାଙ୍କ ବେଳ କଥା ଓ ବୁଦ୍ଧ ଦନ୍ତର ସିଂହଳ ପରଂପରାରୁ ଏହା ଜଣା ପଡ଼େ ।

## ହୁଏନ୍‌ସାଙ୍କ ବେଳ କଥା

ହୁଏନ୍‌ସାଙ୍କ ବେଳକୁ ବୌଦ୍ଧଧର୍ମ ବୋଇଲେ ଚୀନୀୟ ତଥା ତଦ୍‌ବିତ୍ ପଣ୍ଡିତମାନେ ବୁଝୁଥିଲେ, ମହାଯାନ ବୌଦ୍ଧଧର୍ମ । ସେତେବେଳକୁ ପୂର୍ବଭାରତର ବଜ୍ରଯାନ ପର୍ଯ୍ୟନ୍ତ ହୁଏତ ବିକାଶ ପାଇ ସାରିଥିଲା । ତେଣୁ ବୌଦ୍ଧଧର୍ମ ବୋଇଲେ ସେମାନେ ବୁଝୁଥିଲେ ନିଗ୍ରହାନୁଗ୍ରହ ସମର୍ଥ ଭଗବାନ ବୁଦ୍ଧଙ୍କ ଧର୍ମ କିମ୍ବା ଶୂନ୍ୟବାଦୀ ଘୋର ବାମାଚ୍ଛରୀମାନଙ୍କ ଆଚ୍ଛର । ଯଥାର୍ଥ ମୌଳିକ ବୌଦ୍ଧଧର୍ମ ସେତେବେଳକୁ ହୀନଯାନ ବୌଦ୍ଧଧର୍ମରେ ପର୍ଯ୍ୟବସିତ ହୋଇଥିଲା । ପ୍ରାଚୀନ ଜୈନମାନଙ୍କ ମଧ୍ୟରୁ ଅନେକ ହୁଏତ ଏଇ ହୀନଯାନ ବୌଦ୍ଧରୂପେ ପରିଚିତ ହେଉଥିଲେ । ମନେହୁଏ ଓଡ଼ିଶାର ତତ୍କାଳିନ ହୀନଯାନୀମାନେ, ଯାହାଙ୍କୁ ନିଜ ଧର୍ମ ପ୍ରତିପାଦନ ପାଇଁ ହର୍ଷବର୍ଦ୍ଧନ ଲୋଡ଼ିଥିଲେ, ସେମାନେ ହେଉଛନ୍ତି ଜୈନ ।



Digitized by PPRACHIN, SOA

# ଜୈନଧର୍ମ ଓ ବୌଦ୍ଧଧର୍ମ

ଅତି ଦୁଃଖର କଥା, ଊନବିଂଶ ଶତାବ୍ଦୀର ଇଉରୋପୀୟ ପ୍ରତ୍ନତାତ୍ତ୍ୱିକମାନେ କଥାଟାକୁ ବଡ଼ ଭ୍ରମପୂର୍ଣ୍ଣ ଭାବରେ ବୁଝିଯାଇ ଭାରତ ପାଇଁ ତଥା ପୃଥିବୀ ପାଇଁ ଗୋଟିଏ ଅପପରଂପରା ତିଆରି କରି ଯାଇଛନ୍ତି । ବରାବର ଶୁଣାଯାଏ, ବୁଦ୍ଧ ବୋଲି ଜଣେ, ବୈଦିକ ଯାଗଯଜ୍ଞ ଓ ଜାତି-ଭେଦର ବିରୁଦ୍ଧରେ ପୂର୍ବ ଭାରତରେ ମୁଣ୍ଡ ଟେକି ଉଠିଥିଲେ । ଆଲୋଚନାଟା ସେଇ ବାଟେ ଚାଲିଲା । ସେତେବେଳେ ମନେ କରୁଥିଲେ ଜୈନଧର୍ମ ସେଇ ବୌଦ୍ଧ ଧର୍ମରୁ ବାହାରି ପଡ଼ିଥିଲା । ଜର୍ମାନ ପଣ୍ଡିତ ଜାକୋବି ଓ ତାଙ୍କ ମତର ଅନ୍ୟମାନେ କ୍ରମେ ସେ ଘଟଣାକୁ ଭାଙ୍ଗିଲେ । ସେମାନେ କହିଲେ ଜୈନଧର୍ମଟି ଆଗରୁ ଥିଲା । ତଥାପି ସେ ଧର୍ମ ବି ଠିକ୍ ଶାକ୍ୟମୁନି ବୁଦ୍ଧଙ୍କ ଧର୍ମ ପରି ଗୋଟିଏ ବୈଦିକ ଧର୍ମର ବିଦ୍ରୋହ । କିନ୍ତୁ ବୁଝିବାକୁ ହେବ, ଏ ଧାରଣା ଭୁଲ । ପଣ୍ଡିତ ଲକ୍ଷ୍ମୀନାରାୟଣ ମଧ୍ୟ ପାର୍ଶ୍ୱନାଥଂକ କଥା କହିଲା ବେଳେ ଓ ସେଇ ପାର୍ଶ୍ୱନାଥଂକ ସାଧନା ପ୍ରତି ସଙ୍କେତ ଦେଇ ଆଲୋଚନା କଲାବେଳେ ଜୈନ ଧର୍ମର ଏଇ ପ୍ରାଚୀନତା ତଥା ପରଂପରା ପ୍ରତି ଖୁବ୍ ସୂଚନା ଦେଇଛନ୍ତି । ବସ୍ତୁତଃ ଜୈନ ଧର୍ମଟି ପୃଥିବୀରେ ମୂଳ ଆଧ୍ୟାତ୍ମ ଧର୍ମ । ବୈଦିକ ଧର୍ମ ଏ ଦେଶକୁ ଆସିବାର ବହୁ ପୂର୍ବରୁ ଏଇ ଜୈନ ଧର୍ମ ଏ ଦେଶରେ ଥିଲା । ଖୁବ୍ ସମ୍ଭବ ପ୍ରାକ୍ ବୈଦିକମାନଙ୍କ ଭିତରେ, ବୋଧହୁଏ ଦ୍ରାବିଡ଼ମାନଙ୍କ ଭିତରେ ଥିଲା । ପରେ ଏଇ ଧର୍ମର ସାଧନାରେ ଏକ ଦିଗରେ ସମ୍ଭୋଗ ସ୍ପୃହା ନାଶ କରିବା ପାଇଁ ଗୋଟିଏ କୃଚ୍ଛ୍ର ସାଧନାର ମାର୍ଗ ଓ ଅନ୍ୟ ଦିଗରେ ସେହି ସମ୍ଭୋଗ ସ୍ପୃହା ଧ୍ୱଂସ କରିବା ପାଇଁ ଅତି ସମ୍ଭୋଗରେ ଚିଟା ହୋଇ ଛାଡ଼ିଦେବାର ଏକ ମାର୍ଗ ପ୍ରକାଶ ପାଇଥିଲା । ଶାକ୍ୟମୁନି ବୁଦ୍ଧ ଥିଲେ ଏଇ ଦୁଇଟିର ମଧ୍ୟପନ୍ଥାସେବୀ, ଶେଷ ଜୈନଧର୍ମ ସଂସ୍କାରକ । ଶାକ୍ୟମୁନି ନିଜେ କହିଚନ୍ତି, ସେ ହେଉଛନ୍ତି ଜଣେ ଜିନ ।

## ଶାକ୍ୟମୁନି କାହିଁକି ଏତେ ବଡ଼ ହେଲେ

ଜିନ ଶାକ୍ୟମୁନି ଏଇ ମଧ୍ୟପନ୍ଥା ଯୋଗୁଁ ହେଲେ ଲୋକପ୍ରିୟ । ଏଠାରେ କୁହାଯାଇ ପାରେ, ତାଙ୍କରି ସଂସ୍କୃତ ଜୈନଭାଗଟି ଗୀତା ମଧ୍ୟ ଗ୍ରହଣ କରିଛନ୍ତି । ଉଦାହରଣ ସ୍ୱରୂପ ଗୀତା କହିଚନ୍ତି :—



Digitized by PPRACHIN, SOA

"ଯୁକ୍ତାହର ବିହାରସ୍ୟ ଯୁକ୍ତ ଚେଷ୍ଟସ୍ୟ କର୍ମସୁ,
ଯୁକ୍ତ ସ୍ୱପ୍ନାବବୋଧସ୍ୟ ଯୋଗୋ ଭବତି ଦୁଃଖହା ।"

ଅର୍ଥାତ୍, ଯେ ଯେତିକି ଦରକାର, ସେତିକି ଆହାର ବିହାର କରେ, ଯେ ଯେତିକି ଦରକାର କର୍ମରେ ସେତିକି ଚେଷ୍ଟା କରେ, ଯେ ଯେତିକି ଦରକାର ସେତିକି ଶୁଏ ଓ ଜାଗେ, ତାରି ଏକା ଯୋଗ ଦୁଃଖ ହରଣ କରେ । ଏଥିରେ ଏକ ଦିଗରେ କୃଚ୍ଛ୍ର ସାଧନା ଓ କର୍ମରେ ଅତି ନିଷ୍କାମନା, ଅନ୍ୟ ଦିଗରେ ଭୋଗର ସ୍ୱଚ୍ଛନ୍ଦ ଆଚରଣ ବା ଯଥେଚ୍ଛାଚ୍ଚରମନା । ଏହାଇ ଶାକ୍ୟ ମୁନିଙ୍କ ଜୈନଧର୍ମ ବା ବୌଦ୍ଧଧର୍ମ । ମାତ୍ର ଏଇ ବୌଦ୍ଧଧର୍ମ ନାମରେ ସେଇ ସଂସ୍କୃତ ଜୈନଧର୍ମକୁ ଆଦରି ଥିଲେ, ମହାମହିମ ସମ୍ରାଟ ଅଶୋକ । ସେ ଦିନେ ଏ ଧର୍ମକୁ ସେ କାଳର ସମସ୍ତ ସଭ୍ୟ ଜଗତରେ ପ୍ରଚ୍ଚର କରି ଅହିଂସାର-ସାଧନା ମତାଇ ଦେଇଥିଲେ । ତେଣୁ ବୌଦ୍ଧଧର୍ମର ନାମ ପ୍ରବଳ ହୋଇ ଉଠିଥିଲା, ମାତ୍ର ଖ୍ରୀଷ୍ଟ ୫ମ ଶତାବ୍ଦୀ ପୂର୍ବରୁ ଏଇ ଆଧ୍ୟାତ୍ମ ବା ଆତ୍ମସ୍ୱରୂପ ସେବା ସଂସ୍କୃତ ଜୈନଧର୍ମ ବା ବୌଦ୍ଧଧର୍ମରେ ପଶିଥିଲା ପୂରାପୂରି ଭକ୍ତିଧର୍ମ । ତାରି ନାଆଁଟି ହେଉଛି ମହାଯାନ । ଏହା ପୂର୍ବରୁ ବୌଦ୍ଧଧର୍ମ ଯାହା ଥିଲା, ତାକୁ କହିଲେ ହୀନଯାନ ବୌଦ୍ଧଧର୍ମ । ମହାଯାନ ପୂର୍ବରୁ ଯେଉଁ ଜୈନମାନେ ଥିଲେ, ସେମାନେ ମଧ୍ୟ ଅନେକତଃ ଏଇ ହୀନଯାନୀ ନାମରେ ଅଭିହିତ ହୋଇଗଲେ ।

## ଏହାର ସ୍ପଷ୍ଟ ନିଦର୍ଶନ ପୁରୀର ଜଗନ୍ନାଥ

ଜଗନ୍ନାଥ କଥାଟି ଗୋଟିଏ ଜୈନ ଶବ୍ଦ । ଏହା ଋଷଭନାଥ ସଙ୍ଗେ ସମାନ । ଋଷଭନାଥ ବୋଇଲେ ସୂର୍ଯ୍ୟନାଥ ବା ଜଗତର ଜୀବନ ରୂପୀ ପୁରୁଷ । ଋଷଭ ବୋଇଲେ ସୂର୍ଯ୍ୟ । ଏହା ପ୍ରାଚୀନ ବ୍ୟାବିଲନର ଆବିଷ୍କାର । Prof. Sayce ନିଜର Hibber Lectures ( 1878 )ରେ ସ୍ପଷ୍ଟ ବୁଝାଇ କହିଚଂତି । ଏଇ ସୂର୍ଯ୍ୟକୁ ବାସଂତ ବିଷୁବରେ ଦେଖିଲେ ଲୋକେ ଜାଣୁଥିଲେ ହଳ କରିବାର ସମୟ ହୋଇଗଲା । ସେମାନେ ବୃଷଭରେ ହଳ କରୁଥିଲେ । ତେଣୁ କହିଲେ ବୃଷଭର ସମୟ ହୋଇଗଲା । ସେଇ ସ୍ଥାନଟି ହେଉଛି ବୃଷଭ ରାଶିର ଆଦ୍ୟ । ସେଥିରୁ ଲୋକ କଥାରେ ସୂର୍ଯ୍ୟଙ୍କ ନାମ



Digitized by PPRACHIN, SOA

ହୋଇ ଯାଇଥିଲା ବୃଷଭ ବା ଋଷଭ । ତା ପୂର୍ବରୁ ଏଇ ସୂର୍ଯ୍ୟ ଯେ ଜଗତର ଜୀବନ ଏ ଧାରଣାଟି ଲୋକରେ ବଦ୍ଧମୂଳ ହୋଇ ଯାଇଥିଲା । ଅତି ପ୍ରାଚୀନ ବୈଦ୍ଦିକ ମଂତ୍ରରେ ଅଛି, "ସୂର୍ଯ୍ୟ ଆତ୍ମା ଜଗତ-ସ୍ତସ୍ଥୁଷ ।" ସୂର୍ଯ୍ୟ ହେଉଚି ଏଇ ଜଗତର ଆତ୍ମା ବା ଜୀବନ । ଏଇ କଥାଟି ପୁଣି ବ୍ୟାବିଲନ ପାଖେ ସେକାଳେ ଥିବା ପ୍ରାଚୀନ ମିଟ୍‌ଟାନୀ ଦେଶରୁ ବାହାରିଥିଲା । ଏଇ ମିଟ୍‌ଟାନୀ ଦେଶ ରଜା ଥିଲେ ସେକାଳେ ଦଶରଥ । ତାଂକର ଭଉଣୀ ଓ କନ୍ୟା ଦୁହେଁ ମିଶରର ସମ୍ରାଟ ମାନଙ୍କୁ ବିଭା ହୋଇଥିଲେ । ସେମାନଂକ ପ୍ରଭାବରେ ପ୍ରଭାବିତ ହୋଇଥିବା ଚତୁର୍ଥ ଅମାନ ହେଟପ୍ ବା ଅକ୍ନେଟନ୍, ଅଂନ (ଆମୂନ୍ ?) ନାମରେ ଏଇ ସୂର୍ଯ୍ୟ ଧର୍ମ ପ୍ରଚାର କରିଥିଲେ ଓ ଏଇ ସୂର୍ଯ୍ୟ ବା ଜଗତର ଆତ୍ମା ହିଁ ପରମ ପୁରୁଷ ବା ପୁରୁଷୋତ୍ତମ ବୋଲି ପ୍ରଚାର କରି ଏକ ରକମ ଧର୍ମ ପାଗଳ ହୋଇ ସମସ୍ତ ସାମ୍ରାଜ୍ୟଟା ପଣ କରି ଥିବାର ପ୍ରମାଣ ଇତିହାସରେ ଅଛି । କଳିଂଗରେ ଖୁବ୍ ସଂଭବ ଦ୍ରାବିଡ଼ମାନଂକ ଭିତରେ ପ୍ରକାଶ ପାଇଥିଲେ ଏଇ ଜଗନ୍ନାଥ । ମିଶରୀୟ ପୁରୁଷୋତ୍ତମ ତଥା ପୁରୀର ପୁରୁଷୋତ୍ତମ ଦୁହେଁ ଏକ ଜୈନ ଧର୍ମର ଫଳ ।

## ଦାଠା ବଂଶ (ଦଂତର ଇତିହାସ)

ସିଂହଳରେ ଦାଠା ବଂଶ ବୋଲି ଗୋଟିଏ ପ୍ରାଚୀନ ଗ୍ରନ୍ଥ ଅଛି । ଏହା ପୁରୀରେ ଥିବା ବୁଦ୍ଧଦଂତର ଇତିହାସ । ଏଥିରେ ଅଛି ବୁଦ୍ଧଂକ ଚିତା ଭସ୍ମର ସଂଗୃହୀତ ବା ବିଷଦାଂତଟି ବୁଦ୍ଧ ଶିଷ୍ୟମାନେ ଖେମଂକ ହାତେ କଳିଂଗ ରଜ ବ୍ରହ୍ମଦତ୍ତଂକ ପାଖକୁ ପଠାଇ ଦେଇଥିଲେ । ବ୍ରହ୍ମଦତ୍ତ କଥାଟି ବୌଦ୍ଧ ସାହିତ୍ୟରେ ସାଧାରଣ ରଜ ନାମ । ସେକାଳର ବାରଣସୀ ପ୍ରଭୃତିରେ ମଧ୍ୟ ରଜାମାନଂକର ନାମ ବ୍ରହ୍ମଦତ୍ତ ଥିବାର ଦେଖାଯାଏ । ପୁଣି ବୁଦ୍ଧଂକ ଚିତା ଭସ୍ମରୁ ସଂଗୃହୀତ ହୋଇଥିବା ସ୍ମାରକମାନଂକ ମଧ୍ୟରେ ଏହି ବା ବିଶଦଂତ ସମ୍ବଂଧରେ କୌଣସି କଥା ଉତ୍ତର ଭାରତ, ବା ଚୀନ ଦେଶ ପ୍ରଭୃତିରେ ନାହିଁ । ସିଂହଳରେ ଏ ବିଷୟରେ ଗୋଟିଏ ବିରଟ ପରଂପରା ଅଛି । ଦାଠାବଂଶରେ ଅଛି, ଏହି ଦଂତକୁ ବ୍ରହ୍ମଦତ୍ତ ବହୁ



Digitized by PPRACHIN, SOA

ଆଦରରେ କଳିଂଗରେ ପ୍ରତିଷ୍ଠା କରିଥିଲେ । ଉତ୍ତର ଭାରତର ମଗଧର ପାଂଡୁରାଜ ଏହାକୁ ବହୁ ଚେଷ୍ଟାରେ ଅଧିକାର କରି ଦଂତର ଅଦ୍ଭୁତ କ୍ରିୟା ହେତୁରୁ ତାକୁ ଧ୍ୱଂସ କରିବାକୁ ଅକ୍ଷମ ହୋଇ ଶେଷକୁ ନିଜେ ଦଂତ ଭକ୍ତ ହୋଇଥିଲେ । ଏ ମଧ୍ୟରେ କ୍ଷୀରଧର ବୋଲି ଜଣେ ରଜା ଏଇ ଦଂତ ପାଇଁ ପାଡୁରଜାଂକୁ ଆକ୍ରମଣ କରି ନିହତ ହୋଇଥିଲେ । ଶେଷକୁ ରାଜ୍ୟ ତ୍ୟାଗ କରି ସନ୍ୟାସୀ ହେଲାବେଳକୁ ନିଜେ କଳିଂଗରାଜ ଗୁହଶିବଂକ ହାତେ ଏଇ ଦଂତକୁ କଳିଂଗ ଫେରାଇ ଦେଇଥିଲେ । ଗୁହଶିବ ନିଜେ ଏଇ ଦଂତ ପାଇଁ ପୁଣି କ୍ଷୀରଧରଂକ ପୁତ୍ରମାନଂକ ଦ୍ୱାରା ନିଜ ଦଂତପୁରରେ ଅବରୁଦ୍ଧ ହେଲେ । ଏଣେ ଉଜ୍ଜୟିନୀର ରାଜକୁମାର ଆସି କଳିଂଗ ରାଜାଂକ କନ୍ୟା ହେମମାଳାଙ୍କୁ ବିଭା ହେଲେ । ଗୁହଶିବ ଏଇ ଦୁଇଂକୁ ସେ ଦଂତର ଭାର ଦେଲେ । ଦୁହିଂକ ନାମ ହେଲା ଦଂତ କୁମାରୀ ଓ ଦଂତ କୁମାର । ଦୁହେଁ ଦଂତକୁ ଧରି ଜାହାଜରେ ସିଂହଳକୁ ଗଲେ । ହିସାବରେ ଦେଖା-ଯାଉଚି ଖ୍ରୀଷ୍ଟ ୩୧୧ ଅବ୍ଦରେ ଏଇ ଦଂତ ସିଂହଳରେ ପହଂଚିଥିଲା । ଏହା ମଧ୍ୟ ସିଂହଳରେ ଥିବା ଏକ ଶିଳାଲେଖରୁ ଜଣାପଡୁଛି ।

ତା'ପରେ ଦଂତର ବହୁତ ଇତିହାସ ଅଛି । ସେଇ ଇତିହାସରେ ଏଇ ଦଂତ ନାନା ସ୍ଥାନକୁ ଯାଇଚି । କଳିଂଗରୁ ସିଂହଳ, ସିଂହଳରୁ ବ୍ରହ୍ମଦେଶ, ତା'ପରେ ରୋମାନ୍ କ୍ୟାଥଲିକ୍ ମିଶନାରୀମାନଂକ ହାତକୁ ଓ ସେଠାରୁ ଗୋଆକୁ, ଗୋଆରେ ଏହା ମିଶନାରୀମାନଂକ ଦ୍ୱାରା ଲୋହି ଉପରେ ଚୁର ହୋଇ ଧ୍ୱଂସ ହୋଇଯାଇଚି ସମୁଦ୍ରକୁ । କିନ୍ତୁ ତଥାପି ପ୍ରତ୍ୟେକ କହନ୍ତି,- ଆମେ ଅସଲ ଦଂତଟି ଲୁଚାଇ ରଖିଚୁ । ଯେଉଁଠାକୁ ଯାଉଚି ବା ଯେ ନେଉଚି ସେଇଟି ସବୁବେଳେ ଗୋଟିଏ କୃତ୍ରିମ ଦଂତ । ତେଣୁ ଅନେକ ଲୋକଙ୍କର ବିଶ୍ୱାସ ଏବେ ମଧ୍ୟ ଅସଲ ଦଂତଟି କଳିଂଗରେ ବା ପୁରୀରେ ଅଛି । ଏହା ଜଗନ୍ନାଥଙ୍କ ପେଟରେ ବ୍ରହ୍ମରୂପେ ଅଛି । ଅବଶ୍ୟ ପୁରୀର ଏହି ଜଗନ୍ନାଥ ହେଉଛଂତି ଚତୁର୍ଦ୍ଧା ବା ସୁଦର୍ଶନକୁ ଛାଡ଼ିଦେଲେ ମଧ୍ୟ ଜଗନ୍ନାଥ, ବଡ଼ଠାକୁର ଓ ସୁଭଦ୍ରା । ଏଇ ତିନି ମୂର୍ତ୍ତିର ପେଟରେ ଦଂତଟି ତିନି ଭାଗ ହୋଇ ବ୍ରହ୍ମରୂପେ ଅଛି କି କଣ ହୋଇଛି ତା ଅବଶ୍ୟ କେହି କହନ୍ତି ନାହିଁ । ସେ ଯାହା ହେଉ, ଏ କଥାରୁ ବୁଝାପଡୁଚି, ଦକ୍ଷିଣ



Digitized by PPRACHIN, SOA

ଭାରତରେ ଏ ସିଂହଳୀ ଦଂତ ଗଳ୍ପଟି ହୁଏତ ଏକାବେଳକେ ବୁଦ୍ଧ ଦଂତର କଥା ନୁହେଁ । ଜୈନମାନଂକର କଳିଂଗରେ ଯେଉଁ ଜୀନାସନ ଥିବାର ହାତୀ ଗୁମ୍ଫାରେ ଥିବା ଖାରବେଳ ଲେଖରୁ ପ୍ରମାଣିତ ହେଉଛି ତାହାରି ଏ ହେଉଛି ବୌଦ୍ଧ ସଂସ୍କରଣ । ଏ ଜଗନ୍ନାଥ ପରମ୍ପରାଟି ମୂଳତଃ ସଂପୂର୍ଣ୍ଣ ଜୈନ । ନାଥ ଶବ୍ଦଟି ପୂରାପୂରି ଜୈନଧର୍ମର ନିଦର୍ଶନ । ଅବଶ୍ୟ ସଂସ୍କୃତରେ 'ନାଥ' ବୋଇଲେ ଯାହାକୁ ମାଗଂତି । ମନେ ହେଉଛି, ପ୍ରଥମେ ଏହାର ଅର୍ଥ ଥିଲା ଉପାସ୍ୟ ଆତ୍ମାରୂପୀ ପୁରୁଷ । କ୍ରମେ ପରବର୍ତ୍ତୀ କାଳରେ ଏହାକୁ ଭକ୍ତିଧର୍ମ ଅନୁସାରେ ଅର୍ଥ କରି ନିଆଯାଇଛି ।

## ଜୈନ ଧର୍ମଟି ଅଧ୍ୟାତ୍ମ ଧର୍ମ

ଜୈନଧର୍ମର କଥାଟି ବୁଝିବାରେ ଧର୍ମ କଥାଟି ଆଗ ବୁଝିବା ଦରକାର । ପୃଥିବୀରେ ଧର୍ମ ଦୁଇ ପ୍ରକାର । ଗୋଟିଏ ଭକ୍ତି ଧର୍ମ, ଗୋଟିଏ ଅଧ୍ୟାତ୍ମ ଧର୍ମ । ଭକ୍ତି ଧର୍ମଟି ଏକପ୍ରକାର ସ୍ୱାଭାବିକ ଧର୍ମ । ପ୍ରଥମେ ବେଶି ଶକ୍ତିଶାଳୀ ପୂର୍ବପୁରୁଷକୁ ଲୋକ ଭକ୍ତି କରୁଥିଲା । ସେଥିରୁ ବାହାରିଲା କ୍ରମେ କ୍ରମେ ସାମ୍ରାଜ୍ୟର ଭାବ । କ୍ରମେ ରାଜା ସମ୍ରାଟମାନଂକ ଅତ୍ୟାଚାର ବଢ଼ି ସେଥିରୁ କ୍ରମେ ପ୍ରକାଶ ପାଇଲା ଏକେଶ୍ୱରବାଦ ବୋଲି ଗୋଟିଏ ପ୍ରତିଷ୍ଠିତ କୁସଂସ୍କାର । ତା ଘେନି ଏ ପୃଥିବୀରେ ଯେ ବିବାଦ, ଦ୍ୱଂଦ୍ୱ ଓ ନରହତ୍ୟାର ଅବତାରଣା ତା ଆଜି ବୁଝାଇ କହିଲେ ଧର୍ମଧ୍ୱଜୀମାନେ ଯେ ମତାନ୍ଧତା ଓ ଅସହିଷ୍ଣୁତାରେ ନିଜର ଧର୍ମଭାବ ପ୍ରକାଶ କରିବେ, ତା ବର୍ଣ୍ଣନା କରିବା ଦରକାର ନାହିଁ, ଏହା ଅନୁମେୟ । ଏଇପରି ଦିନେ ଉଠିଥିଲେ ଅସୁର ଦେଶର ଅସୁରଦେବ । ସେଇ ହେଉଚନ୍ତି ଏକ ଦିଗରେ ଏ ଅତ୍ୟାଚାର ଓ ଅନ୍ୟ ଦିଗରେ ଏଇ ଏକେଶ୍ୱରବାଦର ପ୍ରତୀକ । ଲୋକେ ସବୁ ଉପୁଜାଇ ସେଇ ଅସୁରମାନଂକ ସମ୍ରାଟ ଅସୁରଦେବଂକୁ କରରୂପେ ପ୍ରାୟ ଦେଇ ପକାଉଥିଲେ । ନ ହେଲେ ତାଂକ ପ୍ରତି ଘୋର ଅତ୍ୟାଚାର ହେଉଥିଲା । ଏପରି କି ନାରୀ ଓ ଶିଶୁଂକୁ ଯଥେଚ୍ଛା ହାଣି କାଟି ଫିଂଗିଦେଇ ପ୍ରଧାନ ପୁରୁଷମାନଂକୁ ଜିଅଂତାରେ ଅସୁର ଛାଲ ଛଡ଼ାଇ ଦେଉଥିଲେ । ଯେ ତାଂକ ବିରୁଦ୍ଧରେ କଥା କହିଲା, ତାକୁ ଗୁଇଂଦା ଲଗାଇ



Digitized by PPRACHIN, SOA

ଉଡ଼ିଯାଇ ଧରୁଥିଲେ ଓ ଏଇପରି କରୁଥିଲେ । ଅସୁରଂକ ପାଖରେ ଥିଲେ ବ୍ୟାବିଲନର ପ୍ରଧାନ ଦେବ ମର୍ଦ୍ଦୁକ । ସେ ମଧ୍ୟ ଅସୁରଂକୁ ସହୁ ନଥିଲେ କି ଅସୁର ମଧ୍ୟ ତାଂକର ସଭ୍ୟତାର ଓ ସଂଯତତର ଆଚରଣ ସହିପାରୁ ନ ଥିଲେ । ଏ ଦୁହିଂକ ଭିତରେ ଘୋର ବିବାଦ ବହୁ କାଳ ଚାଲିଲା ପରେ ଜଣେ ପାରସିକ ମିତ୍ରସ ଆର୍ଯ୍ୟ ଯାରଥ୍ରୁଷ୍ଟ (ଯୋହାର ହଳଦିଆ ଓଟ) କହିଲେ ଅସୁର ଓ ମର୍ଦ୍ଦୁକ–ଏପରି ଦୁଇଟା ଈଶ୍ୱର ନୁହଂତି । ଈଶ୍ୱର ହେଉଛଂତି ଏକ । ସେ ହେଉଛଂତି ଅସୁର ମର୍ଦ୍ଦୁକ ବା ଅହୁର ମେଜଦା । ଏହି ଅହୁରମେଜଦାଂକ ଏକେଶ୍ୱରବାଦ ପାରସ୍ୟଠାରୁ ଭୂମଧ୍ୟସାଗରଯାଏ ପ୍ରାୟ ୨୦୦ ବର୍ଷରୁ ଅଧିକ କାଳ ବ୍ୟାପି ଯାଇଥିଲା । ଜିଉ ବା ଇହୁଦିମାନେ ଏଇ ରାଜ୍ୟରେ ଆସି ବଂଦୀ ହୋଇଥିଲେ । କେତେ କାଳ ପରେ ଏଇ ଜିଉମାନେ ଛାଡ଼ ପାଇଥିଲେ । ସେମାନଂକର ଜିଉହେ ବୋଲି ଜାତୀୟ ଦେବତା ଥିଲେ । ସେଇ ଜିଉମାନେ ନିଜେ ତାଂକ ଦିଅଁକ ପ୍ରିୟ ବୋଲି ବଡ଼ ଅହଂକାରୀ ଥିଲେ । ନିଜକୁ ବଡ଼ ଦେବଭକ୍ତ ବୋଲି ମନେ କରୁଥିଲେ । ଅହୁରମେଜଦାଂକ ପରେ ସେମାନେ ନିଜ ଦେବତାଂକୁ 'ଜିହୋବା' ବୋଲି ଜଗତର ଏକେଶ୍ୱରରେ ପରିଣତ କଲେ । ସେଥିରୁ ଯୀଶୁଖ୍ରୀଷ୍ଟ, ମହମ୍ମଦ ପ୍ରଭୃତି ପୁତ୍ର, ଦୂତ ଓ ଅବତାର ପ୍ରଭୃତି ବାହାରିଥିଲେ । ଫଳରେ ଆଜି ପୃଥିବୀରେ ଧର୍ମର ମତାଂଧତା ଓ ପ୍ରତିକ୍ରିୟା ବ୍ୟାପିଯାଇଛି ।

## ଏଇ ଧର୍ମର ପ୍ରତିକ୍ରିୟା

ଏଇପରି ଅତ୍ୟାଚାର ବିରୁଦ୍ଧରେ ଆତ୍ମଦାନ ଲୋକ ମୁଂଡ଼ ଟେକିବ ସ୍ୱାଭବିକ । ଲୋକେ ଭବିଲେ, ସଂଭୋଗ ସ୍ପୃହା ବା ତୃଷ୍ଣା ଛାଡ଼ିଦେଲେ ଏକା ଏଭଳି ରଜା ସମ୍ରାଟଂକ ଅଧୀନରେ ରହିବା ଦୁଃଖରୁ ତ୍ରାହି ମିଳିବ । ଏଇ ବିଦ୍ରୋହୀମାନେ ଜନସମାଜ ଛାଡ଼ିଦେଇ ତୃଷ୍ଣା ତ୍ୟାଗ କରି ବଣରେ ଯାଇ ଝରଣାରୁ ପାଣି ପିଇ ପଶୁପକ୍ଷୀମାନଂକ ସାହଚର୍ଯ୍ୟରେ ନିଶ୍ଚିଂତରେ ରହିଥିଲେ । ତାଂକରି କଥାକୁ ଲକ୍ଷ୍ୟକରି ଆମର ପ୍ରାଚୀନ ବଚନ ଅଛି–

"ସ୍ୱଚ୍ଛଂଦ ବନ ଜାତେନ ଶାକେନାପି ପ୍ରପୂର୍ଯତେ,
ଅସ୍ୟଦଗ୍‌ଧୋଦରସ୍ୟାର୍ଥେ କଃ କୂର୍ଯାତ୍ ପାତକଂ ମହତ୍ ।"



Digitized by PPRACHIN, SOA

ବୋଇଲେ, ସ୍ୱଚ୍ଛଂଦ ବନଜାତ ଶାଗପତ୍ରରେ ଯଦି ପେଟ ପୂରୁଚି, ତେବେ ସେଇ ପେଟ ପାଇଁ ଏତେ ପାତକ କରିବା ଦରକାର କଣ ? ଏଠାରେ ଉଦର ପୂରଣ ହେଉଚି ସମସ୍ତ ଭୋଗ ବା ବାସନା ପୂରଣ । ଏଇମାନେ ଏକା ଆତ୍ମସ୍ଥ ଓ ନିଜ ଭିତରେ ଯେଉଁ ଆତ୍ମା ବା ପୁରୁଷ ଅଛି, ତାହାରି ଉପାସନା କରଂତି । ତେଣୁ ଏହାଂକ ଧର୍ମ ହେଲ ଅଧ୍ୟାତ୍ମ ଧର୍ମ । ଏଇ ଅଧ୍ୟାତ୍ମ ଧର୍ମ ହେଉଛି ଜୈନଧର୍ମ । ଏଇ ଜୈନଧର୍ମ ସଂବଂଧରେ ପ୍ରସିଦ୍ଧ ଜୈନ ପଂଡିତ ଜଗମଂଦରଲଲ ଜୈନୀ କହିଚଂତି, "ଜୈନଧର୍ମ ମନୁଷ୍ୟକୁ ପୂର୍ଣ୍ଣ ସ୍ୱାଧୀନତା ଦେଇଚି । ଏହା ଅନ୍ୟ କୌଣସି ଧର୍ମରେ ନାହିଁ । ଆମେ ଯେଉଁ କର୍ମ କରୁ ଓ ସେଇ କର୍ମର ଫଳ, ଏ ଦୁହିଂକ ମଧ୍ୟରେ ଆଉ କିଛି ନାହିଁ । ଥରେ କରହେଲେ ସେମାନେ (ସେଇ କର୍ମମାନେ) ହୁଅନ୍ତି ଆମର ନିୟଂତା । ସେ ସବୁର ଫଳ ନିଶ୍ଚୟ ଫଳିବ । ମୋର ସ୍ୱାଧୀନତା ଯେପରି ଅତ୍ୟଂତ ମୂଲ୍ୟବାନ୍, ସେଇପରି ମୋର ଦାୟିତ୍ୱ ମଧ୍ୟ ତା ସଙ୍ଗେ ସମାନ ମୂଲ୍ୟବାନ୍ । ମୁଁ ଯେପରି ଇଚ୍ଛା ସେପରି ଜୀବନଯାପନ କରିପାରେ । କିନ୍ତୁ ଥରେ ବାଟ ବାଛିନେଲେ ଆଉ ଫେରିବାର ଉପାୟ ନାଇଁ । ମୁଁ ସେ କର୍ମ ବାଛି ନେବାର ଫଳକୁ ଆଉ ଅନ୍ୟଥା କରି ପାରିବି ନାଇଁ । ଏଇ ନୀତି ଜୈନଧର୍ମକୁ ଅନ୍ୟ ଧର୍ମମାନଂକରୁ ଯଥା ଖ୍ରୀଷ୍ଟଧର୍ମ, ମୁସଲମାନ ଧର୍ମ ଓ ହିଂଦୁ ଧର୍ମରୁ ବାରିଦେଉଚି । କୌଣସି ଈଶ୍ୱର ବା ତାଂକର ଅବତାର କିଂବା ତାଂକର ସ୍ୱଳାଭିଷିକ୍ତ କିଂବା ତାଂକ ପ୍ରିୟ ( ପୁତ୍ର ବା ପୟଗଂବର ) ମନୁଷ୍ୟ ହସ୍ତକ୍ଷେପ କରି ପାରିବେ ନାଇଁ । ଆତ୍ମା ଯାହା କରେ ସେଥିପାଇଁ ଆତ୍ମା ଏକା ସାକ୍ଷାତ ଭାବରେ ଓ ନିଶ୍ଚିତ ଭାବରେ ଦାୟୀ ।"

Jainism more than any other creed gives absolute religious independence and freedom to man. Nothing can intervene between the actions which we do and the fruits thereof. Once done, they become our masters and must fructify. As my independence is great, so my responsibility is co-extensive with it. I can leave as I like, but my



Digitized by PPRACHIN, SOA

choice is irrevocable, and I can not escape the consequences of it. This principle distinguishes Jainism from other religions, *e. g.*, Christianity, Muhammedanism, Hinduism. No God, or His prophet or deputy or beloved can interfere with human life. The soul, and it alone is directly and necessarily responsible for all that it does.

## ଇୟାବାଣୀ ଓ ଋଷ୍ୟଶୃଙ୍ଗ

ବ୍ୟାବିଲନ୍‌ର ପ୍ରାଚୀନ ଇରେକ ରାଜ୍ୟର ଇୟାବାଣୀ ଓ ଭାରତୀୟ ଅଂଗ ଦେଶର ଋଷ୍ୟଶୃଂଗଙ୍କ ଉପାଖ୍ୟାନ ଦିଓଟି ଏଇ ସଂବଂଧରେ ଉଲ୍ଲେଖଯୋଗ୍ୟ । ଏ ଦୁଇଟିଯାକ ଉପାଖ୍ୟାନରେ ଏଇ ବିଦ୍ରୋହର ଆଦି ଜୈନକୁ ଲକ୍ଷ୍ୟ କରଯାଇଛି । ତୃଷ୍ଣା ତ୍ୟାଗ ଓ ଇଂଦ୍ରିୟ ସଂଯମରେ ଏମାନଙ୍କର ଅତିମାନୁଷ ଆଧ୍ୟାତ୍ମିକ ଓ ଶାରୀରିକ ବଳ ପ୍ରକାଶ ପାଇଥିବା କଥା ଉପାଖ୍ୟାନ କହନ୍ତି । ଏ ଦୁହେଁ ଥିଲେ ବଣରେ । ଖାଉଥିଲେ ଫଳ-ମୂଳାଦି । ପିଉଥିଲେ ଝରଣାର ପାଣି । ରହୁଥିଲେ ପଶୁପକ୍ଷୀଙ୍କ ସାହଚର୍ଯ୍ୟରେ । ଦୁଇଟି ଗଳ୍ପରେ ଅଛି, ସ୍ଥାନୀୟ ରଜାମାନେ ଏହାଙ୍କୁ ସୁନ୍ଦରୀ ଲୋଭରେ ଭୁଲାଇ ନିଜ ସହଚରମାନଙ୍କୁ ଘେନି ଆସି ଅସାଧ୍ୟ ସାଧନମାନ କରିଥିଲେ । ଭାରତର ଋଷ୍ୟଶୃଙ୍ଗ ଗଳ୍ପଟି ଏଇ ଇୟାବାଣୀ (କେହି କେହି ପଢ଼ନ୍ତି 'ଏଂକିଡ଼ୋ') ଗଳ୍ପ ସଙ୍ଗେ ସମାନ ହେଲେ ମଧ୍ୟ ଋଷ୍ୟଶୃଙ୍ଗ ଗଳ୍ପଟି ପୁରାଣ ପରମ୍ପରାରେ ଅଛି । କିନ୍ତୁ ଇୟାବାଣୀ ଗଳ୍ପଟି ଅତି ପ୍ରାଚୀନ ଲେଖାରେ ମିଳେ । ସେଇ ହିସାବରେ ଏହା ଆଜିକି ପ୍ରାୟ ୫ ହଜାର ବର୍ଷରୁ ଅଧିକ କାଳର କଥା । ଏହା ସେକାଳ ସୁମେର ଦେଶର ଇରେକ ରାଜ୍ୟର କଥା ।

## ଥେର ସୁତ୍ତ

ଶାକ୍ୟମୁନି ବୁଦ୍ଧଙ୍କ ଧର୍ମରେ ବା ବୌଦ୍ଧଧର୍ମରେ 'ସଂଘ' ସବୁ ଫୁଟି-ଥିଲା । ଏଇ ସଂଘମାନଙ୍କରେ ଠିକ୍ ଜୈନସାଧକମାନଙ୍କ ପରି ଲୋକେ ସଂଘବଦ୍ଧଭାବରେ ସଂଘରେ ସମସ୍ତେ ସମାନ ହୋଇ ରହି ଲୋକସେବାରେ



Digitized by PPRACHIN, SOA

ଲଗୁଥିଲେ । ଔଷଧ ବ୍ୟବହାର ଓ ବଣ୍ଟନ ଏଇ ଲୋକ ସେବାର ପ୍ରଧାନ ଅବଲମ୍ବନ ଥିଲା । ଏଇ ସଂଘର ସାଧକ ଓ ସିଦ୍ଧମାନଙ୍କୁ ଥେର ବା ସ୍ଥବିର ବୋଲି କହୁଥିଲେ । ଥେର ବା ଥେର ପୁତ୍ର ବୋଇଲେ ସ୍ଥବିର ପୁତ୍ର ବା ସାଧୁ । ଥେର ପୁତ୍ର ଶବ୍ଦଟି ବୌଦ୍ଧ । ସାଧୁ ଶବ୍ଦଟି ଜୈନ । ସେଥିରୁ ହୋଇଚି ଓଡ଼ିଶାର ସାଧବ ଶବ୍ଦ । ବୌଦ୍ଧ ଧର୍ମର ପ୍ରସାର ପରେ ଏଇ ସାଧୁ-ମାନେ କ୍ରମେ ଦେଶବିଦେଶରେ ଥେର ପୁତ୍ର ନାମରେ ପରିଚିତ ହେଉଥିଲେ । ଖ୍ରୀଷ୍ଟପୂର୍ବ ୨ୟ, ୩ୟ ଶତାବ୍ଦୀ ବେଳକୁ ମିଶରରେ ଏଇ ଥେର ପୁତ୍ରମାନେ ସଂଘବଦ୍ଧ ହୋଇ ଅତି ଉଦାର ଜନସେବାରେ ଆତ୍ମନିୟୋଗ କରୁଥିବାର ପ୍ରମାଣ ମିଳେ । ଏମାନଙ୍କର ପ୍ରଧାନ ବ୍ୟବସାୟ ଥିଲା ଯତ୍ରତତ୍ର ଉପସ୍ଥିତ ହୋଇ ରୋଗୀ ସେବା କରିବା । ଇଂରାଜୀରେ Therapeutics (ଥେରାପିଉଟିକ୍ସ) ଅର୍ଥାତ୍, ଭେଷଜ ବିଦ୍ୟା କଥାଟି ତ ସମସ୍ତେ ଜାଣନ୍ତି । ଏଇ ଥେରାପିଉଟିକ୍ସ ଶବ୍ଦଟି ବାହାରିଚି ପ୍ରାକୃତ ଥେରପୁତ୍ର ଶବ୍ଦରୁ । ଏହା ଏଠାରେ ମନେରଖିବାର ଅଛି । ଏଉଟି ଗ୍ରୀକ୍ ଶବ୍ଦ, ସେକାଳ ମିଶରରୁ ବାହାରିଥିଲା ।

## ଏସୀନ୍ସ

ଏଇ ଥେରପୁତ୍ରମାନଙ୍କଭଳି ଲୋକେ ଦଳବଦ୍ଧ ହୋଇ ଖ୍ରୀଷ୍ଟଜନ୍ମ ପୂର୍ବରୁ ପ୍ୟାଲେଷ୍ଟାଇନ୍‌ର ଜିଉମାନଙ୍କ ଭିତରେ ଏସୀନ୍ସ ବୋଲି ମଧ୍ୟ ଦଳମାନ ଥିଲେ । ଏମାନେ ଠିକ୍ ତାଙ୍କରି ପରି । କିନ୍ତୁ ଏମାନଙ୍କ ସମ୍ବନ୍ଧରେ ଆଉ ଗୋଟିଏ ବିଶେଷତ୍ୱ ଏଠାରେ ଉଲ୍ଲେଖଯୋଗ୍ୟ । ଏମାନେ ଏକତ୍ର ଚାଷ କରୁଥିଲେ । କିନ୍ତୁ କାହାରି କୌଣସି ସମ୍ପତ୍ତି ବୋଲି ନିର୍ଦ୍ଦିଷ୍ଟ କିଛି ନ ଥିଲା । ସମସ୍ତଙ୍କ ଭାଗ ଥିଲା ସମାନ । ଏହା ଗୋଟିଏ ନିର୍ଦ୍ଦିଷ୍ଟ ଜୈନବିଧି । ଖୋର୍ଦ୍ଧାର ଭୋଇବଂଶୀୟ ରାଜାମାନେ ବହୁକାଳ ପରେ ମଧ୍ୟ ପୁରୀର ଶାସନମାନଙ୍କରେ ୧୫୯୦ ଖ୍ରୀଷ୍ଟାବ୍ଦଠାରୁ ସ୍ପଷ୍ଟଭାବରେ ଏଇ ନୀତି ଅବଲମ୍ବନ କରିଚନ୍ତି । ଏବେ ମଧ୍ୟ ଗ୍ରାମର କୋଠ ଓ ଦେବୋତ୍ତର ପ୍ରଭୃତିରେ ସେଇ ସାମ୍ୟ ଭାବର ସଙ୍କେତ ଜୀବନ୍ତ ଅଛି । ଗ୍ରାମ କୋଠରେ ବଡ଼ ସାନର ବିଚାର ନାହିଁ । ସମସ୍ତଙ୍କର ସମାନ ଭାଗ । ଗ୍ରାମ ବସିଲାବେଳେ



Digitized by PPRACHIN, SOA

ମଧ୍ୟ ପ୍ରତ୍ୟେକେ ଗୋଟିଏ ଗୋଟିଏ ଭଗ ପାଇଥିଲେ । ଏଇ ଭଗ ପାଇବାରେ ପୁଣି ସମସ୍ତେ ଥିଲେ ସମାନ । କାହାରି ବେଶି ନ ଥିଲ; କାହାରି କମ୍ ନ ଥିଲ । ଏଇ ଏସୀନ୍‌ସମାନେ ପୁଣି ବିଭ ହୋଇ ଗୃହସ୍ଥାଶ୍ରମ କରୁ ନ ଥିଲେ । ଏମାନେ ପୂରପରି ସନ୍ନ୍ୟାସୀ ଥିବାର ପ୍ରମାଣ ମିଳେ । ମାତ୍ର ବଂଶ ପରଂପର ରକ୍ଷା କରିବା ପାଇଁ ନୂତନ ଶିଷ୍ୟ ଗ୍ରହଣ କରି ଦଳ ବୃଦ୍ଧି କରୁଥିଲେ । ଏମାନେ ତଥା ମିଶରୀୟ ଥେରପୁତ୍ତମାନେ ଥିଲେ ନିରମିଷଭୋଜୀ । ଏଇ ନିରମିଷ ଭୋଜନଟି ବୈଦିକ ନୁହେଁ କିମ୍ବା ଅନ୍ୟ କୌଣସି ଧର୍ମର କର୍ମ ନୁହେଁ । ତୃଷ୍ଣା ତ୍ୟାଗର ସାଧନାରୁ ଏହା ଯେ ବାହାରିଚି, ଏଥିରେ ସନ୍ଦେହ ନାହିଁ ।

## ପାଇଥାଗୋରିଆନ୍‌ସ୍

ଏଇ ନିରମିଷ ଭୋଜନ ପ୍ରାଚୀନ ଗ୍ରୀସ୍‌ର ପାଇଥାଗୋରିୟାନ୍‌ସ ( ଖ୍ରୀଷ୍ଟପୂର୍ବ ୭ମ ଶତାବ୍ଦୀ ଶେଷ ) ଓ ଅରଫିକ ( ଖ୍ରୀଷ୍ଟପୂର୍ବ ୭ମ ଶତାବ୍ଦୀ ପ୍ରଥମାର୍ଦ୍ଧ ) ମାନଂକ ମଧ୍ୟରେ ପ୍ରତିଷ୍ଠିତ ଥିଲ । ଆଉରି ଗୋଟିଏ କଥା ଜଣାଯାଏ, ଏମାନଂକ ଭିତରେ ଧାରଣା ଥିଲ, ଆତ୍ମା ହେଉଛି ଅମର । କର୍ମ ଘେନି ଏଇ ଆତ୍ମାର ଜନ୍ମାଂତର ହୁଏ । ଏ ସବୁ ଜୈନଧର୍ମ ଛଡ଼ା ଆଉ କିଛି ନୁହେଁ । ପରେ ସକ୍ରେଟିସ, ପ୍ଲେଟୋ, ଆରିଷ୍ଟଟଲ ପ୍ରଭୃତି ଗ୍ରୀକ୍ ମନୀଷୀ ଓ ପଂଡ଼ିତମାନେ ଏଇ ପାଇଥାଗୋରିୟାନ ଓ ଅରଫିକ ଧର୍ମର ବଂଶଧର ଓ ଭୂୟୋବିକାଶର ଫଳ ମାତ୍ର । ବିଶେଷ ଦେଖିବାର ଅଛି, ସକ୍ରେଟିସ୍ ଓ ପ୍ଲେଟୋ ଆତ୍ମାର ଅମରତ୍ୱ ବିଷୟରେ ସ୍ପଷ୍ଟ ଧାରଣା ଦେଇ ଯାଇଛଂତି । ଆରିଷ୍ଟଟଲ କିନ୍ତୁ ନିଜର ଦର୍ଶନ ବୋଲି ଯାହା କହିଛଂତି, ସେଥିରେ ସଂଖ୍ୟାର ପୁରୁଷ ପ୍ରକୃତି ତଥା ଜୈନଂକ ଜୀବା ଜୀବର ଛାୟା ସ୍ପଷ୍ଟ ପଡ଼ିଛି । ଏଇ ଧର୍ମରୁ ପୁଣି ବାହାରିଥିଲ ଖ୍ରୀ:ପୂ: ୨ୟ ଶତାବ୍ଦୀବେଳକୁ ଗ୍ରୀସର ଷ୍ଟୋଇକ୍ ଓ ଏପିକ୍ୟୁରିୟାନ ଧର୍ମ । ଷ୍ଟୋଇକ ହେଉଛି ଜୈନ ସାଧକ ଓ ତପସ୍ୱୀ । ଏପିକ୍ୟୁରିୟାନ ପୁଣି ଜୈନର ଅପରିସୀମା, ଅର୍ଥାତ୍ ଲୋକାୟତର ଉପାଦାନରେ ନିର୍ମିତ ହୋଇଥିଲ ।



Digitized by PPRACHIN, SOA

## ଏ ସବୁ ଜୈନ ଧର୍ମର ଫଳ

ଜୈନଧର୍ମର ସବୁ ସଙ୍କେତ କଳନା କଲାବେଳେ ସ୍ପଷ୍ଟ ମନେହୁଏ, ଏ ଧର୍ମର ପ୍ରଭାବ ବ୍ୟାବିଲନଠାରୁ ଇଉରୋପ ଯାଏ କମ୍ ବ୍ୟାପି ନଥିଲା । ଯେଉଁ ଗ୍ରୀକ୍ ଜୀବନର ଉଦାହରଣ ଦିଆଗଲା, ସେ ପୁଣି ମୂଳତଃ ଥିଲା ଭିନ୍ନ ପ୍ରକାରର । ଏହା ଭିନ୍ନ ଉପାଦାନରେ ଗଢ଼ା ଥିଲା । ଏହା ଥିଲା ଭୋଗ ସର୍ବସ୍ୱ; ଅର୍ଥାତ୍ ଭୋଗଲାଳସା ଓ କାମନା ଚରିତାର୍ଥ କରିବା ଏଥିରେ ପୂରି ରହିଥିଲା । କିନ୍ତୁ ୭ମ ଶତାବ୍ଦୀ ବେଳକୁ ମନୀଷୀ ପାଇଥାଗୋରସ ବାହାରିଥିଲେ । ସେ ହେଉଛନ୍ତି ଜଣେ ଜୈନ ସାଧକ ଓ ଜୈନ ସନ୍ୟାସୀ । ସେ ଦେଶ ଏ ଦେଶର ସମ୍ପର୍କ ପୁଣି କେବଳ ଯେ ଇୟାବାଣୀ ତଥା ଋଷ୍ୟଶୃଂଗ ଉପାଖ୍ୟାନରୁ ଅନୁମାନ କରାଯାଇଛି, ସେତିକି ନୁହେ, ଅତି ପୁରାତନ କାଳରେ ବ୍ୟାବିଲନ କାପାଡ଼ୋସିୟା ପ୍ରଭୃତି (ଆଜିକାଲିର ଇରାକ, ତୁରସ୍କ) ପଶ୍ଚିମ ଦେଶ ଓ ଭାରତର ଦ୍ରାବିଡ଼, ଦୁହିଂକ ଭିତରେ ସମ୍ବଂଧ ଅତି ଘନିଷ୍ଠ ଥିଲା । ମନେହୁଏ, ଦୁହେଁ ଏକ ଜାତିର ଲୋକ ଥିଲେ ।

## ଦେବୀ ଧର୍ମ

ତା'ର ପ୍ରଧାନ ପ୍ରମାଣ ହେଉଛି ଦେବୀ ଧର୍ମ । ମା, ବୋଉ, ଅମ୍ମା ପ୍ରଭୃତି ମାତୃବାଚକ ଶବ୍ଦ ଦ୍ରାବିଡ଼ରେ ଚଳେ । ଏବେ ମଧ୍ୟ ଓଡ଼ିଶାରେ 'ମା'କୁ ବୋଉ କହନ୍ତି । 'ମା' ପୁଣି ବହୁ ପରେ ସଂସ୍କୃତରେ ଲକ୍ଷ୍ମୀବାଚକ ଶବ୍ଦ । ଏହା ସଂସ୍କୃତ ମାତୃଶବ୍ଦର ସମାନ ନୁହେଁ । ବୋଉ ଶବ୍ଦ ଓଡ଼ିଶା ଛଡ଼ା ଆସାମରେ ମଧ୍ୟ ଏବେ ଚଳେ । କିନ୍ତୁ ମାତୃଦେବୀଙ୍କ ଅର୍ଥରେ ଏଇସବୁ ଶବ୍ଦ ସେକାଳେ, ଅର୍ଥାତ୍ ଖ୍ରୀଷ୍ଟପୂର୍ବ ପ୍ରାୟ ୩ ହଜାର ବର୍ଷବେଳେ, ସେ ସବୁ ପଶ୍ଚିମ ରାଜ୍ୟରେ ଅତି ସାଧାରଣ ଥିଲା । କ୍ରୀଟ ଦ୍ୱୀପରୁ ମଧ୍ୟ ସିଂହବାହିନୀ ଦୁର୍ଗାଙ୍କ ପ୍ରସ୍ତର ଖୋଦିତ ମୂର୍ତ୍ତି ଏବେ ବାହାରୁଛି ।



Digitized by PPRACHIN, SOA

## ଉମା

ଏଇ ମାତୃଦେବୀଙ୍କ ସଙ୍ଗେ ଶିବଙ୍କର ମଧ୍ୟ ଆବିର୍ଭାବ ହୋଇଥିଲା । ତାହାର ବ୍ୟାଖ୍ୟା ଅତି ସ୍ୱାଭାବିକ ଓ ବୁଝିବାକୁ ସହଜ । ମହାଯୋନି ଓ ମହାଲିଙ୍ଗ ହେଉଚନ୍ତି ବିଶ୍ୱ ପ୍ରଜନନର ପ୍ରତୀକ । ପଶ୍ଚିମ ଭୂମିରେ ସେ କାଳରୁ ଏଇ ଭାବରେ ମାତୃଦେବୀଙ୍କ ପୂଜା ଥିଲା । ଭାରତରେ ଖ୍ରୀଷ୍ଟପୂର୍ବ ୨୦୦୦ ବର୍ଷରୁ ଅଧିକ କାଳ ତଳେ ଲିଙ୍ଗ ଉପାସନା ଥିବାର ମହେଞ୍ଜୋଦାରୋରୁ ପ୍ରମାଣ ମିଳେ । କିନ୍ତୁ ଏଇ ଲିଙ୍ଗ ଏ ଦେଶରେ ସମସ୍ତ ଦର୍ଶନର ପ୍ରତୀକ । ମାତୃଦେବୀ ମଧ୍ୟ 'ଉମା' ନାମରେ ହୈମବତୀ ଦେବୀରୂପେ ଦେବତାମାନଙ୍କୁ ବ୍ରହ୍ମବିଦ୍ୟା ଶିଖାଇଥିବା କଥା କେନୋପନିଷଦର ୩ୟ ଖଣ୍ଡରେ ଅଛି । ମନେହୁଏ ଅମ୍ବା ନାମଟି ଏଇ ଉମା ଶବ୍ଦରେ ପରିଣତ ହୋଇଥିଲା । ଏ ପୁଣି ହୈମବତୀ ଅର୍ଥାତ୍ ହିମାଳୟ କନ୍ୟା ବା ହିମାଳୟରେ ଆବିର୍ଭୂତ ହୋଇଥିବା ଦେବୀ ।

## ସେମିରାମିସ

ଏଇ ମାତୃଦେବୀଙ୍କ ସମ୍ପର୍କରେ ଖ୍ରୀଷ୍ଟପୂର୍ବ ପ୍ରାୟ ୧୫୦୦ରୁ ୨୦୦୦ ବର୍ଷ ପୂର୍ବେ ବ୍ୟାବିଲନର ଉତ୍ତରକୁ ଲାଗିଥିବା ଅସୁର ଦେଶରେ ରାଣୀ ସେମିରମିସ୍ ଉପାଖ୍ୟାନଟି ଅଦ୍ଭୁତ । ଦେବୀଙ୍କ ପ୍ରଜନନ ପରାୟଣତା ଓ ତତ୍‌ବିଧ କ୍ରିୟାରେ ଏହା ପୂର୍ଣ୍ଣ । ମନେହୁଏ, କୌଣସି ସାମାନ୍ୟ ସ୍ମୃତି ଉପରେ ଫୁଟି ଉଠିଥିବା ଏହା ଏକ ପୁରାଣ । ହେଲେହେଁ, ସେଥିରେ ଅଛି, ଦେବୀ ଏଇ କନ୍ୟାକୁ ଜନ୍ମ କରି ବଣରେ ଫିଙ୍ଗିଦେଇଗଲେ । ଅନେକ କପୋତ ପକ୍ଷୀମାନେ ଆସି ଏହାକୁ ହେପାଜତ କରି ବଂଚାଇ ରଖିଥିଲେ । ଜଣେ ମେଷପାଳକ ତାକୁ ଦେଖି ଘରକୁ ଘେନିଯାଇ ବଡ଼ କଲେ । ସେ ଥିଲେ ଅତି ସୁନ୍ଦରୀ ଓ ବୁଦ୍ଧିମତୀ । କଥାରେ ଅଛି, ବ୍ୟାବିଲନର ଇସ୍ତର ଦେବୀଙ୍କ ପରି ସେ ଖାଲି ଗୋଟାକୁ ଗୋଟା ବିଭା ହୁଅନ୍ତି ଓ ତାଙ୍କୁ ମାରି ପୁଣି ଅନ୍ୟକୁ ଆଦରି ବସନ୍ତି । ଏ ବିଷୟରେ ପରଂପରା ଏପରି ପ୍ରବଳ ଓ ପ୍ରତିଷ୍ଠିତ ଯେ, ଏବେ ମଧ୍ୟ ଲୋକେ ସେ ଅଞ୍ଚଳରେ ବଡ଼ ବଡ଼ ପାହାଡ଼ ସବୁ ଦେଖାଇ ଦେଇ କହନ୍ତି, ଏଇଠାରେ



Digitized by PPRACHIN, SOA

ସେମିରମିସଙ୍କ ପତିମାନେ ପୋତା ହୋଇଚନ୍ତି । ସେଇ ସେମିରମିସ ପୁଣି ଥିଲେ ମହାପରାକ୍ରମଶାଳୀ । କଥା ଅଛି, କେବଳ ଭାରତକୁ ଜିଣିବାକୁ ଆସି ପଞ୍ଜାବରେ ସେ ପରାଜିତ ହୋଇ ଫେରିଥିଲେ ।

## ଶକୁଂତଳା

ଶକୁନ୍ତଳା ଗଳ୍ପଟି ଦେବୀ ବା ସ୍ୱର୍ବେଶ୍ୟାଙ୍କ ପରିତ୍ୟକ୍ତ ସଦ୍ୟୋଜାତ ପିଲାଙ୍କୁ ବଣରେ ପକ୍ଷୀମାନେ ହେପାଜତ କରି ରଖିଥିବା ଓ କଣ୍ୱ ସେ ପିଲାଟି ପାଇ ଆଶ୍ରମକୁ ଘେନିଯାଇ ପାଳିଥିବା, ପରେ ସେଇ ପିଲାଟି ବହୁ ପତ୍ନୀଙ୍କ ରଜା ଦୁଷ୍ମନ୍ତଙ୍କୁ ଦେଖି ଆବେଗରେ ଆତ୍ମଦାନ କରିଥିବା ଓ ସେଥିରେ ଗର୍ଭିଣୀ ହୋଇଥିବା କଥା ସବୁ ସେମିରମିସ କଥା ସଙ୍ଗେ ବେଶ୍ ଆଲୋଚନା କରାଯାଇପାରେ । କିନ୍ତୁ ଏସବୁ ସତ୍ତ୍ୱେ ଭାରତୀୟ ଉପାଖ୍ୟାନରେ ସତୀତ୍ୱର ଆଦର୍ଶ ଫୁଟାଇ ଦିଆଯାଇଛି, ଏତିକି ମାତ୍ର ପ୍ରଭେଦ । ନଚେତ୍ ଲକ୍ଷ୍ୟ କରିବାର ଅଛି, ଏଇ ଶକୁନ୍ତଳାଙ୍କ ପୁତ୍ର ପ୍ରବଳ ପ୍ରତାପ ସମ୍ରାଟ ଭରତ । ତାଙ୍କରି ନାମ ଅନୁସାରେ ଏଇ ଦେଶର ନାମ ଭାରତବର୍ଷ ।

ଦ୍ରାବିଡ଼ଠାରୁ ରୋମ୍ ପର୍ଯ୍ୟନ୍ତ ଏକ ଥିଲା । ଏଇପରି ଦେଖାଯାଏ, ଦ୍ରାବିଡ଼ଠାରୁ ଗ୍ରୀସ୍, ରୋମ୍ ପର୍ଯ୍ୟନ୍ତ ସମସ୍ତ ଭୂମିଟି ଅତି ପ୍ରାଚୀନ କାଳରେ ଏକ ସମୟରେ ଏକାପରି ଥିଲା । ଏମାନଙ୍କର ଆଦାନ ପ୍ରଦାନରେ କୌଣସି ପ୍ରତ୍ୟବାୟ ବା ଅବରୋଧ ନ ଥିଲା । ଜୈନଧର୍ମ ସବୁଠାରେ ପ୍ରାକୃତ ଧର୍ମକୁ ପ୍ରଭାବିତ କରି ମାନବ ସମାଜକୁ ଭୋଗ ସଂଯମ ଉପରେ ପ୍ରତିଷ୍ଠିତ କରିଥିଲା । ହଲ ସାହେବ ସ୍ପଷ୍ଟ କହିବାକୁ ଚାହାନ୍ତି, ଏଇ ଦ୍ରାବିଡ଼ ସଙ୍ଗେ ବ୍ୟାବିଲନ ପ୍ରଭୃତି ଅଞ୍ଚଳ କେବଳ ସାମାନ୍ୟ ରାଜ୍ୟ ଥିଲା, ସେତିକି ନୁହେଁ, ଏଇ ଦ୍ରାବିଡ଼ ଲୋକମାନେ ଆଦିମ ସୁମେର ରାଜ୍ୟରେ ଯାଇ ଉପନିବେଶ କରିଥିଲେ । ପୁଣି ଅନେକ ପଣ୍ଡିତ ମଧ୍ୟ କହନ୍ତି ସୁମେରରେ ଯେଉଁମାନେ ଉପନିବେଶ କରିଥିଲେ ସେମାନେ ଆସିଥିଲେ କାଶ୍ମୀରର ଉତ୍ତର ପାମିର ମାଳଭୂମିର ପଶ୍ଚିମକୁ ଥିବା ପ୍ରଦେଶରୁ । ଏବେ ଜେକୋସ୍ଲୋଭକିଆ ଦେଶର ପ୍ରାଗ୍ (Prague) ନଗରୀର ଅଧ୍ୟାପକ ପ୍ରାଚ୍ୟ ପ୍ରତ୍ନତତ୍ତ୍ୱବିତ ପଣ୍ଡିତ ହ୍ରୋଜନୀ ସାହେବ "Ancient History of Western Asia, India and Crete" ବୋଲି ଅତି ଉପାଦେୟ ଓ ଗବେଷଣାପୂର୍ଣ୍ଣ



Digitized by PPRACHIN, SOA

ଗ୍ରନ୍ଥଟିଏ ଲେଖିଚନ୍ତି । ସେଥିରେ ସେ ପ୍ରମାଣ କରିଚନ୍ତି, ହିଂନ୍ଦ ଇଉରୋପୀୟମାନେ କ୍ୟାସ୍‌ପିୟାନ ହ୍ରଦର ପଶ୍ଚିମ କୂଳରୁ ବାହାରି ଇଉରୋପ ଏସିଆର ନାନା ସ୍ଥାନରେ ବ୍ୟାପ୍ତ ହେବାର ବହୁକାଳ ପୂର୍ବରୁ ଅନ୍ୟ ଏକ ସଭ୍ୟ ଜାତି ସେଇ କ୍ୟାସ୍‌ପିୟାନ ହ୍ରଦର ଦକ୍ଷିଣ କୂଳରୁ ବାହାରି ଏଣେ ଭାରତ, ତେଣେ ବ୍ୟାବିଲନ ପ୍ରଭୃତିରେ ବ୍ୟାପ୍ତ ହୋଇଥିଲେ । ଏଇମାନଙ୍କର ସଂପର୍କ ଓ ଆଦାନ ପ୍ରଦାନ ସେକାଳେ ବଡ଼ ଘନିଷ୍ଠ ଥିଲା ।

ବର୍ତ୍ତମାନ ଜଣାଯାଉଚି, ମାତୃ ଦେବୀଧର୍ମ ବା ଶକ୍ତିଧର୍ମ ପରି ପ୍ରାଚୀନ ଜୈନଧର୍ମଟି ପ୍ରଥମ ଅଧ୍ୟାତ୍ମ ଧର୍ମ ହେଲେ ମଧ୍ୟ, ସେଇମାନଙ୍କ କାର୍ଯ୍ୟ--ବିଶେଷରେ ଏଇ ଜୈନ ଆଦର୍ଶ ଓ ଜୈନ ସାଧନା ମାର୍ଗ ପ୍ରାଗ୍ ବୈଦିକ ଭାରତରୁ ଅର୍ଥାତ୍, ସେଇ ସଭ୍ୟ ଜାତି ଦ୍ରାବିଡ଼ ମାନଙ୍କ ମଧ୍ୟରୁ ବାହାରି ପୃଥିବୀରେ ବ୍ୟାପ୍ତ ହୋଇଥିଲା । ଲକ୍ଷ୍ମୀନାରାୟଣ ବାବୁ ଓଡ଼ିଶାର ତଥା ଭାରତର ଆଗ୍ରର ବ୍ୟବହାରରେ ଜୈନଧର୍ମର ପୂର୍ଣ୍ଣ ପ୍ରଭାବ ଥିବାର ବହୁତ ଆଗ୍ରର ବ୍ୟବହାର ଦେଖାଇଚନ୍ତି । ବିଶେଷରେ ଏଇ ସଂବଂଧରେ ତତ୍ତ୍ୱ ବ୍ୟାଖ୍ୟା କରିବାକୁ ଯାଇ ସେ ଜୈନ--ହରିବଂଶରୁ ନାରଦ ଓ ପର୍ବତଙ୍କ ଉପାଖ୍ୟାନଟି ଉଦାହରଣ ଦେଲାପରି ଦେଇଛନ୍ତି ।

## ଉପରିଚର ବସୁ

ଏଇ ଉପାଖ୍ୟାନଟି ଗୋଟିଏ ଅତି ପ୍ରଦର୍ଶକ ଉପାଖ୍ୟାନ । ନାରଦ ଏ ପର୍ବତଙ୍କର କଳି ଲାଗିଥିଲା, ଯଜ୍ଞରେ ବ୍ୟବହାର କରାଯାଉଥିବା 'ଅଜ' ଘେନି । ପର୍ବତ କହିଲେ ଅଜ ବୋଇଲେ ଛେଳି ବା ପଶୁ । ଅତଏବ ପଶୁ ବଧଇ ଯଜ୍ଞର ପ୍ରାଣ । ନାରଦ କହିଲେ ତା ନୁହେଁ । ଅଜ ବୋଇଲେ ଯହିଁରୁ ଜନ୍ମହୁଏ ନାହିଁ, ଅର୍ଥାତ୍ ପୁରୁଣା ଶସ୍ୟ । ଏଇଠାରେ ହିଂସା, ଅହିଂସାମୂଳକ ଆମିଷ ଓ ନିରାମିଷ ଖାଦ୍ୟର ପ୍ରଭେଦ କୀର୍ତ୍ତିତ ହୋଇଅଛି । ଧର୍ମ କେଉଁଟା ? ନିରାମିଷ ଭୋଜନ ବା ଆମିଷ ଭୋଜନ ? ଏ କଥା ଭାରତରେ ବୁଝାଇବା ଦରକାର ନାହିଁ । ଭାରତରେ ଆମିଷାଶୀ ଥିଲେ ମଧ୍ୟ ନିରାମିଷ ହେଉଛି ସମସ୍ତଙ୍କର ପବିତ୍ର ଧର୍ମସମ୍ମତ ଭୋଜନ । ମହାଭାରତର ନାରାୟଣୀୟ ଉପାଖ୍ୟାନରେ ରାଜା ଉପରିଚର ବସୁଙ୍କ କଥା ଅଛି । ଦେବତା ଓ ଋଷିମାନଙ୍କର ଏଇ କଳି ଲାଗିଥିଲା ।



Digitized by PPRACHIN, SOA

ଦେବତାମାନେ କହିଲେ ଅଜର ଅର୍ଥ ଛେଳି । ଋଷିଏ କହିଲେ, ତା ନୁହେଁ, ଅଜ ବୋଇଲେ ଶସ୍ୟ । ଉପରିଚର ବସୁ, ଯେ କି ଉପରେ ସଂଚରଣ କରିବାର ଶକ୍ତି ପାଇଥିଲେ, ସେ ସେବାଟେ ଯାଉଥିଲେ । ଦୁଇ ପକ୍ଷ ତାଙ୍କୁ ମଧ୍ୟସ୍ଥ ମାନିଲେ । ସେ ଆଗ ବୁଝିଲେ କେଉଁ ପକ୍ଷର ମତ କଣ ? ତା'ପରେ ପଶୁବଧ ଠିକ୍ ଅର୍ଥ ବୋଲି କହିଲେ । ଋଷିମାନେ ତାଙ୍କର ଏ ସ୍ପଷ୍ଟ ପକ୍ଷପାତିତା ଦେଖି ତାଙ୍କୁ ଅଭିଶାପ ଦେଲେ । ଅଭିଶପ୍ତ ଅବସ୍ଥାରେ ସେ ନାରାୟଣୀୟ ଧର୍ମ ବା ଐକାନ୍ତିକ ଧର୍ମର ଉପାସନା କରି ଶାପମୁକ୍ତ ହେଲେ । ଯେପରି ଜଣାଯାଏ, ଏଇ ଐକାନ୍ତିକ ଧର୍ମଟି ପାରସ୍ୟର ଧର୍ମ, ଖୁବ୍ ସମ୍ଭବ ଅହୁର ମେଜଦାଙ୍କ ଧର୍ମ । ସେଇ ଉପାଖ୍ୟାନଟିରେ ଏହାର ପ୍ରମାଣ ଅଛି । ଅବଶ୍ୟ ପରେ ସେଇ ଧର୍ମ ସେଆଡ଼େ ଖ୍ରୀଷ୍ଟଧର୍ମ ଓ ଏଆଡ଼େ ବୈଷ୍ଣବ ଧର୍ମରୂପେ ପ୍ରକାଶିତ ହୋଇଚି । ଖ୍ରୀଷ୍ଟଧର୍ମର ମୂଳରେ ଜୈନଧର୍ମର କିଛି ସାଧନା ଭଳି ତପସ୍ୟା ଓ ସଂଯମ ଅଛି । ତାହାର କାରଣ ଥେରପୁତିକ (Thera putac) ଓ ପାଲେଷ୍ଟାଇନ୍‌ର ସେ କାଳର ଏସୀନମାନେ । କିନ୍ତୁ ନିରମିଷ ସେବା ସେଥିରେ ଆଦୌ ସ୍ଥାୟୀ ହୋଇ ରହିପାରି ନାହିଁ । ଏଣେ ଏଇ ଐକାନ୍ତିକ ଧର୍ମ ହେଉଛି ବୈଷ୍ଣବ ଧର୍ମ ବା ଭକ୍ତି ଧର୍ମ । ଏବେ ମଧ୍ୟ ଏ ଦେଶର ଜୈନଧର୍ମ ଛଡ଼ା ବୈଷ୍ଣବମାନେ ହିଁ ହେଉଛନ୍ତି ନିରମିଷର ଉପାସକ । ଏ କଥା ଆଉ ବୁଝାଇବା ଦରକାର ନାହିଁ । ଏହା ଜୈନଧର୍ମର ପ୍ରଭବ । କେବଳ ଏଠାରେ କହିବାର ଅଛି ଯେ ଏଇ ବୈଷ୍ଣବ ଧର୍ମପରି ଧର୍ମ ବା ସଂପୂର୍ଣ୍ଣ ଆତ୍ମସମର୍ପଣ କରିବାର ଜୈନଧର୍ମ ଦର୍ଶନ ଉପରେ ପ୍ରତିଷ୍ଠିତ ନୁହେଁ । ଏହା ହୋଇ ନ ପାରେ । ତଥାପି ଜୈନ ଧର୍ମର ପ୍ରଭବ ଦେଖିବାରେ ଏହା ଅତ୍ୟନ୍ତ ଉପାଦେୟ । ଏଇପରି ଜୈନ ଧର୍ମ ପୃଥିବୀର ସମସ୍ତ ଧର୍ମ ଓ ମାନବିକ ଆତ୍ମବିକାଶର ମୂଳରେ ଅଛି । ଏହାରି ଉପରେ ମାନବ ସମାଜ ବିକାଶର ପ୍ରତିଷ୍ଠା କହିଲେ ଚଳେ ।

ଭୁବନେଶ୍ୱର
ତା ୯ । ୯ । ୫୮

ନୀଳକଂଠ ଦାସ



Digitized by PPRACHIN, SOA